# ସାମାଜିକ ବିଜ୍ଞାନ ଅଧ୍ୟୟନ : ଭାରତ ଓ ଆମ ପୃଥିବୀ

## ଅଷ୍ଟମ ଶ୍ରେଣୀ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା
କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱର

https://withteachers.in/

# ସାମାଜିକ ବିଜ୍ଞାନ ଅଧ୍ୟୟନ :
# ଭାରତ ଓ ଆମ ପୃଥିବୀ

## ଅଷ୍ଟମ ଶ୍ରେଣୀ

ପରୀକ୍ଷାମୂଳକ ସଂସ୍କରଣ-୨୦୨୬


**ସମ୍ପାଦକ ମଣ୍ଡଳୀ :**

ଡ. ଶିବ ଶଙ୍କର ସାହୁ
ଡ. ହେମନ୍ତ କୁମାର ପରିଡ଼ା
ଡ. ରାମଚନ୍ଦ୍ର ମାଝୀ
ଡ. ପ୍ରଦୀପ କୁମାର ମିଶ୍ର
ଡ. ଶାରଦାକାନ୍ତ ମିଶ୍ର
ମନୋଜ କୁମାର ଲେଙ୍କା
ଅମ୍ବିକା ପ୍ରସାଦ ଦାସ

**ସଂଯୋଜକ :**
ମାନସ ଚନ୍ଦ୍ର ରାଉତ

**ମୁଖ୍ୟ ସଂଯୋଜିକା :**
ଡ. ସବିତା ସାହୁ

**ସମୀକ୍ଷକ ମଣ୍ଡଳୀ :**

ଡ. ନିରଞ୍ଜନ ଦାଶ
ଡ. ହେମନ୍ତ କୁମାର ପରିଡ଼ା
ଡ. ପ୍ରଦୀପ କୁମାର ମିଶ୍ର
ମନୋଜ କୁମାର ଲେଙ୍କା
ଅରବିନ୍ଦ ଦାଶ

**ବିଷୟ ବିଶେଷଜ୍ଞ :**
ଡ. ଗଣେଶ୍ୱର ସ୍ୱାଇଁ
ଅମ୍ବିକା ପ୍ରସାଦ ଦାସ

**ପ୍ରକାଶକ :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ :** ୨୦୨୬

**ପ୍ରସ୍ତୁତି : ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର**

**ଡିଟିପି ଓ ଡିଜାଇନ୍ : ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଓଡ଼ିଶା, ଭୁବନେଶ୍ୱର**

**ମୁଦ୍ରଣ :** ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର




https://withteachers.in/

# ପ୍ରସ୍ତାବନା

ଜାତୀୟ ଶିକ୍ଷାନୀତି ୨୦୨୦ ଏକବିଂଶ ଶତାବ୍ଦୀର ପ୍ରଥମ ତଥା ପ୍ରମୁଖ ଶିକ୍ଷାନୀତି ଭାବେ ଦେଶରେ ଏକ ନୂତନ ଅଭିନବ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନା କରିଛି । ଭାରତର ନୀତି ଓ ଆଦର୍ଶ, ମାନବୀୟ ପ୍ରୟାସ ତଥା ଜ୍ଞାନ ବିକାଶର ସମସ୍ତ କ୍ଷେତ୍ରରେ ଭାରତୀୟ ପରମ୍ପରା ଏବଂ ସଭ୍ୟତାର ଉପଲବ୍ଧି ଉପରେ ଏହା ଆଧାରିତ ହୋଇଛି । ଏହା ସହିତ ସୃଜନାତ୍ମକ ଭାବେ ଚଳିତ ଶତାବ୍ଦୀର ସୁଯୋଗ, ସମ୍ଭାବନା ଓ ଆହ୍ୱାନ ସହିତ ଜଡ଼ିତ ହେବାପାଇଁ ଛାତ୍ରଛାତ୍ରୀମାନଙ୍କୁ ଅଭିପ୍ରେରିତ ତଥା ପ୍ରସ୍ତୁତ କରାଉଛି । ନୂତନ ଶିକ୍ଷାନୀତିର ଆକାଂକ୍ଷୀ ଦୃଷ୍ଟିକୋଣ ଆଧାରରେ ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ୨୦୨୩ର ରୂପରେଖ ଅନୁସାରେ ଓ ସବୁ ସ୍ତର ଓ ବିଷୟରେ ପାଠ୍ୟକ୍ରମ ସୁବ୍ୟବସ୍ଥିତ କରାଯାଇଛି । ମାନବ ଅସ୍ତିତ୍ୱର ସମସ୍ତ ପାଞ୍ଚଟି ସ୍ତର- ପଞ୍ଚକୋଷକୁ ସ୍ପର୍ଶ କରି ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ କ୍ଷମତାକୁ ମୌଳିକ ଏବଂ ପ୍ରସ୍ତୁତି ପର୍ଯ୍ୟାୟରେ ପୋଷଣ କରି ମଧ୍ୟମ ପର୍ଯ୍ୟାୟରେ ସେମାନଙ୍କର ଜ୍ଞାନଅଗ୍ରଗତି ପାଇଁ ପଥ ପ୍ରଶସ୍ତ କରିଛି । ଏହିପରି ଷଷ୍ଠ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ତିନି ବର୍ଷ ବ୍ୟାପୀ ମଧ୍ୟମ ପର୍ଯ୍ୟାୟଟି ପ୍ରସ୍ତୁତି ଏବଂ ମାଧ୍ୟମିକ ପର୍ଯ୍ୟାୟ ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରୁଛି ।

ବିଦ୍ୟାଳୟ ଶିକ୍ଷାପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା-୨୦୨୩ (NCF-SE-2023) ମଧ୍ୟମ ପର୍ଯ୍ୟାୟରେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଜୀବନରେ ଆଗକୁ ବଢ଼ିବା ସହ ଅଧିକ ବିକଶିତ କରିବା ପାଇଁ ଆବଶ୍ୟକ ଦକ୍ଷତା ସହିତ ସଂଯୋଜିତ କରିବା ଲକ୍ଷ୍ୟ ରଖିଛି । ଏହା ସେମାନଙ୍କର ବିଶ୍ଳେଷଣାତ୍ମକ, ବର୍ଣ୍ଣନାତ୍ମକ ଏବଂ ଆଲୋଚନାତ୍ମକ କ୍ଷମତାକୁ ବୃଦ୍ଧି କରିବା ଏବଂ ସେମାନଙ୍କୁ ଅପେକ୍ଷା କରିଥିବା ଆହ୍ୱାନ ଏବଂ ସୁଯୋଗ ପାଇଁ ପ୍ରସ୍ତୁତ କରିବାକୁ ପ୍ରୟାସ କରିଛି । ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ତିନୋଟି ଭାଷାରୁ ଅତିକମ୍‌ରେ ଦୁଇଟି ଭାରତୀୟ ଭାଷାରୁ ଆରମ୍ଭ କରି ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, କଳାଶିକ୍ଷା, ଶାରୀରିକ ଶିକ୍ଷା ଓ ସୁସ୍ଥତା ଏବଂ ବୃତ୍ତିଗତ ଶିକ୍ଷା ପର୍ଯ୍ୟନ୍ତ ନଅଟି ବିଷୟ ଅନ୍ତର୍ଭୁକ୍ତ କରି ଏକ ବିବିଧ ପାଠ୍ୟକ୍ରମର ପରିକଳ୍ପନା କରାଯାଇଛି । ଏପରି ଏକ ପରିବର୍ତ୍ତନଶୀଳ ଶିକ୍ଷା-ସଂସ୍କୃତି ପାଇଁ କିଛି ଅତ୍ୟାବଶ୍ୟକୀୟ ପରିସ୍ଥିତିର ଆବଶ୍ୟକତା ରହିଛି । ତନ୍ମଧ୍ୟରୁ ବିଭିନ୍ନ ପାଠ୍ୟକ୍ରମ କ୍ଷେତ୍ରରେ ଉପଯୁକ୍ତ ପାଠ୍ୟପୁସ୍ତକ ପ୍ରଣୟନ ଏକ ପ୍ରମୁଖ ଆବଶ୍ୟକତା । ଏହି ପାଠ୍ୟପୁସ୍ତକଗୁଡ଼ିକ ବିଷୟବସ୍ତୁ ଏବଂ ଶିକ୍ଷାଦାନ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ସିଧାସଳଖ ଶିକ୍ଷା ଏବଂ ତତ୍‌ସମ୍ବନ୍ଧୀୟ ଅନୁସନ୍ଧାନର ସୁଯୋଗ ମଧ୍ୟରେ ଏକ ବିଚାରପୂର୍ଣ୍ଣ ସନ୍ତୁଳନ ସ୍ଥାପନ କରିପାରିବ । ଅନ୍ୟାନ୍ୟ ସର୍ତ୍ତ ମଧ୍ୟରେ, ଶିକ୍ଷକ ପ୍ରସ୍ତୁତି ଏବଂ ଶ୍ରେଣୀଗୃହ ବ୍ୟବସ୍ଥାର ଉଭୟ ଆନ୍ତଃ ପାଠ୍ୟକ୍ରମ ଓ ବାହ୍ୟ ପାଠ୍ୟକ୍ରମ ମଧ୍ୟରେ ତାତ୍ତ୍ୱିକ ସଂଯୋଗ ସ୍ଥାପନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଜାତୀୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦକୁ ଅନୁସରଣ କରି ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଛାତ୍ରଛାତ୍ରୀମାନଙ୍କୁ ଏପରି ଉଚ୍ଚ - ଗୁଣବତ୍ତା ସମ୍ପନ୍ନ ପାଠ୍ୟପୁସ୍ତକ ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ । ବିଭିନ୍ନ ବିଷୟରେ



https://withteachers.in/

ପାଠ୍ୟକ୍ରମ ସମୂହ ଏକ ମହତ ଉଦ୍ଦେଶ୍ୟରେ ଗଠନ କରାଯାଇଛି । ଏଥିରେ ବିଷୟବସ୍ତୁ ବିଶେଷଜ୍ଞ, ବିଷୟଭିତ୍ତିକ ଶିକ୍ଷକ ଏବଂ ଅଭିଜ୍ଞ ଅଧ୍ୟାପକ ସଦସ୍ୟ ଭାବରେ ସମ୍ମିଳିତ ହୋଇ ଗୁଣବତ୍ତାପୂର୍ଣ୍ଣ ପାଠ୍ୟ ବିଷୟବସ୍ତୁ ସଂକଳନ ନିମନ୍ତେ ସମସ୍ତ ସମ୍ଭାବ୍ୟ ପ୍ରୟାସ କରିଛନ୍ତି ।

ଅଷ୍ଟମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ସାମାଜିକ ବିଜ୍ଞାନ ପୁସ୍ତକ "ସାମାଜିକ ବିଜ୍ଞାନ : ଭାରତ ଓ ଆମ ପୃଥିବୀ," ମଧ୍ୟମ ପର୍ଯ୍ୟାୟର ଦ୍ୱିତୀୟ ବର୍ଷ ନିମନ୍ତେ ପ୍ରସ୍ତୁତ କରାଯାଇଅଛି । ଏହା ଷଷ୍ଠ ଓ ସପ୍ତମ ଶ୍ରେଣୀର ବିଷୟବସ୍ତୁ ଏବଂ ଆଭିମୁଖ୍ୟକୁ ସ୍ୱତନ୍ତ୍ର ଧ୍ୟାନ ଦେଇ, ମୂଳ ଭାବଧାରା ଏବଂ ମହତ୍ତ୍ୱପୂର୍ଣ୍ଣ ବିକାଶ ଦିଗରେ ପାଠ୍ୟକ୍ରମର ଧ୍ୟାନ କେନ୍ଦ୍ରିତ କରେ। ଆକର୍ଷଣୀୟ ଡିଜାଇନ୍‌ର ଚିତ୍ରଣ, ମାନଚିତ୍ର ଓ ଚିତ୍ର ମାଧ୍ୟମରେ ଏହା ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷଣରେ ନିୟୋଜିତ କରିବାକୁ ଚେଷ୍ଟା କରେ। ଅନୁସନ୍ଧାନ, ଆବିଷ୍କାର ଏବଂ ବିଷୟବସ୍ତୁକୁ ସହଜରେ ବୁଝିବା ପାଇଁ ପାଠ୍ୟ ପୁସ୍ତକରେ ଅନେକ ପ୍ରତିଫଳନାତ୍ମକ ଅଭ୍ୟାସ ଏବଂ କାର୍ଯ୍ୟକଳାପ ସନ୍ନିବେଶିତ କରାଯାଇଛି । ବହୁବିଧ ଦିଗ ସହିତ ବିଷୟବସ୍ତୁ ଅନ୍ତର୍ନିହିତ ଆଭିମୁଖ୍ୟ ଛାତ୍ରଛାତ୍ରୀମାନଙ୍କୁ ଏ ସବୁ ଧାରଣାଗୁଡ଼ିକୁ ସାମଗ୍ରିକ ଭାବରେ ବୁଝିବାରେ ସାହାଯ୍ୟ କରିପାରିବ । ପାଠ୍ୟ ବିଷୟ ବସ୍ତୁ ଗୁଡ଼ିକ ଆମର ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବିକଶିତ କରିବାକୁ ଚାହୁଁଥିବା ମୂଲ୍ୟବୋଧଗୁଡ଼ିକୁ ଏକୀକୃତ କରି ଭାରତୀୟ ସାଂସ୍କୃତିକ ପ୍ରସଙ୍ଗର ମୂଳଉତ୍ସ ତଥା ବୟସ ଉପଯୋଗୀ ବିଶ୍ୱ ଦୃଷ୍ଟିକୋଣ ସହିତ ପରିଚିତ କରାଇବାରେ ସଫଳ ହୋଇପାରିବ । ବାସ୍ତବରେ ମୋ ମତରେ ପ୍ରଥମତଃ, ଉପଯୁକ୍ତ ବିଷୟବସ୍ତୁ ଚୟନ ମାଧ୍ୟମରେ ଶିକ୍ଷାର୍ଥୀଙ୍କ ମନରେ ସ୍ୱାଭାବିକ କୌତୁହଳ ବୃଦ୍ଧି କରିବା ଏବଂ ଦ୍ୱିତୀୟତଃ, ବିଦ୍ୟାଳୟ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା- ୨୦୨୩ (NCF - SE- ୨୦୨୩) ଏବଂ ଓଡ଼ିଶା ପାଠ୍ୟକ୍ରମ ଢାଞ୍ଚା- ୨୦୨୫ (OCF-2025) ଆଧାରରେ ଏକ ଶୈକ୍ଷିକ ପନ୍ଥା ଅନୁସରଣ ମାଧ୍ୟମରେ ଆମେ ଲକ୍ଷ୍ୟ ପଥରେ ସଫଳ ହୋଇପାରିବା।

ତେବେ, ଏହି ପାଠ୍ୟପୁସ୍ତକ ବ୍ୟତୀତ ଏହି ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କୁ ଅନ୍ୟାନ୍ୟ ଶିକ୍ଷଣ ସମ୍ବଳ ଅନୁସନ୍ଧାନ ପାଇଁ ପ୍ରୋତ୍ସାହିତ କରାଯିବା ଉଚିତ୍ । ଏଭଳି ସମ୍ବଳ ଉପଲବ୍ଧ କରାଇବାରେ ବିଦ୍ୟାଳୟ ପାଠାଗାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହା ବ୍ୟତୀତ ଛାତ୍ରଛାତ୍ରୀଙ୍କୁ ଏଥିପାଇଁ ମାର୍ଗଦର୍ଶନ ଓ ଉତ୍ସାହିତ କରିବାରେ ଅଭିଭାବକ ଓ ଶିକ୍ଷକଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

ଏହି ଅବସରରେ ଏହି ପାଠ୍ୟପୁସ୍ତକର ବିକାଶରେ ସମ୍ପୃକ୍ତ ଥିବା ସମ୍ପାଦକ ମଣ୍ଡଳୀ, ସମୀକ୍ଷକ ମଣ୍ଡଳୀ, ଡିଜାଇନର୍ ଓ ପ୍ରକାଶନ ସଂସ୍ଥା ଆଦିଙ୍କୁ ମୁଁ କୃତଜ୍ଞତା ଜଣାଉଛି ଏବଂ ଆଶା କରୁଛି ଯେ ଏହା ସମସ୍ତ ଅଂଶୀଦାରଙ୍କ ଆଶା ପୂରଣ କରିବ । ଏହା ସହିତ ଆଗାମୀ ବର୍ଷଗୁଡ଼ିକରେ ଉକ୍ତ ପୁସ୍ତକର ଅଧିକ ଉନ୍ନତି ପାଇଁ ମୁଁ ଏହାର ସମସ୍ତ ପାଠକଙ୍କ ଠାରୁ ପରାମର୍ଶ ଏବଂ ମତାମତ ମଧ୍ୟ ଆମନ୍ତ୍ରଣ କରୁଛି ।

**(ମନୋଜ କୁମାର ପାଢ଼ୀ)**
ନିର୍ଦ୍ଦେଶକ
ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ
ଓଡ଼ିଶା, ଭୁବନେଶ୍ୱର



https://withteachers.in/

# ଛାତ୍ରଛାତ୍ରୀଙ୍କୁ ପତ୍ର

**ପ୍ରିୟ ଛାତ୍ରଛାତ୍ରୀ ଗଣ,**

ତୁମେ ଏବେ ମଧ୍ୟମ ପର୍ଯ୍ୟାୟର ତୃତୀୟ ବା ଶେଷ ବର୍ଷରେ ପ୍ରବେଶ କରିଛ। ସାମାଜିକ ବିଜ୍ଞାନରେ, ଏହି ବର୍ଷ ଆମେ ପାଞ୍ଚଟି ବିଷୟବସ୍ତୁ ଯଥା - ଭାରତ ଏବଂ ବିଶ୍ୱ: ଭୂମି ଏବଂ ମାନବ, ଅତୀତର ସ୍ମୃତି ଫର୍ଦ୍ଦ, ଆମର ସାଂସ୍କୃତିକ ଐତିହ୍ୟ ଏବଂ ଜ୍ଞାନ ପରମ୍ପରା, ଶାସନ ଏବଂ ଗଣତନ୍ତ୍ର, ଏବଂ ଆମ ଚତୁଃପାର୍ଶ୍ୱରେ ଅର୍ଥନୈତିକ ଜୀବନକୁ ଆଧାର କରି ଆମ ଦେଶ ଭାରତ ବିଷୟରେ ଆହୁରି ଅଧିକ ଅନୁସନ୍ଧାନ କରିବା। ତୁମେ ଅତୀତରେ ବସବାସ କରୁଥିବା ବିଭିନ୍ନ ପ୍ରକାରର ଲୋକଙ୍କୁ ଭେଟିବ, ସେମାନଙ୍କର ସଫଳତା ଜାଣିବ ଏବଂ ଅର୍ଥନୀତି, ସମାଜ ଏବଂ ସଂସ୍କୃତି ଉପରେ ସେମାନଙ୍କର ପ୍ରଭାବ ଏବଂ ଆଜି ଆମ ପାଇଁ ସେମାନଙ୍କର କ'ଣ ମୂଲ୍ୟ ରହିଛି ସେ ବିଷୟରେ ଜାଣିବ। ଯେହେତୁ ତୁମେ ଏବେ କିଶୋର ବୟସରେ ପଦାର୍ପଣ କରିଛ, ପ୍ରତିଫଳିତ ଅଭ୍ୟାସ ଏବଂ କାର୍ଯ୍ୟକଳାପ ମାଧ୍ୟମରେ ଉଣାଧିକ ସ୍ୱାଧୀନ ପଠନ, ଲିଖନ ଏବଂ ତତସମ୍ବନ୍ଧୀୟ କିଛି ଛୋଟ ଛୋଟ ଗବେଷଣା ଓ ଅଧ୍ୟୟନ କାର୍ଯ୍ୟ ତୁମକୁ ଗ୍ରହଣ କରିବାକୁ ପଡିବ। ପୁସ୍ତକରେ ମଧ୍ୟ ଟିକିଏ ଅଧିକ ପାଠ୍ୟ ବିଷୟବସ୍ତୁ ଅଛି। ଷଷ୍ଠ ଏବଂ ସପ୍ତମ ଶ୍ରେଣୀ ପରି, ଆମେ ରଙ୍ଗୀନ ମାନଚିତ୍ର, ଚିତ୍ର ଏବଂ ଚିତ୍ରଣର ଅଧିକରୁ ଅଧିକ ବ୍ୟବହାର କରିଛୁ, ଯାହା ପାଠ୍ୟକୁ ଭଲ ଭାବରେ ହୃଦୟଙ୍ଗମ କରିବାରେ ସାହାଯ୍ୟ କରିବ ବୋଲି ଆମେ ଆଶା କରୁଛୁ।

ଉତ୍ତମ ବୁଝାମଣା ଏବଂ ପ୍ରତିଫଳନକୁ ପ୍ରୋତ୍ସାହିତ କରିବା ଉତ୍ତମ ଶିକ୍ଷାର ଲକ୍ଷ୍ୟ, ହୋଇଥିବାରୁ ତୁମପାଇଁ ଅନୁସନ୍ଧାନ, ଆବିଷ୍କାର, ଚିନ୍ତା, କଳ୍ପନା, ସୃଷ୍ଟି, ପ୍ରଶ୍ନ ପଚାରିବା, ଉତ୍ତର ଓ ପ୍ରସ୍ତାବ ଦେବାର ସୁଯୋଗ ଆମେ ସୃଷ୍ଟି କରିଛୁ।

ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ ଓ ଅର୍ଥନୀତି ପ୍ରତ୍ୟେକ କେବଳ ବିଷୟବସ୍ତୁ ଭିତ୍ତିକ ନୁହେଁ, ବରଂ କଳା, ସାହିତ୍ୟ ଏବଂ ବିଜ୍ଞାନ ସମ୍ପର୍କିତ ଅନେକ ବିଷୟରୁ ବିଭିନ୍ନ ଉଦ୍ଧୃତାଂଶ ଏକତ୍ରିତ କରାଯାଇଥିବା ଆମେ ଲକ୍ଷ୍ୟ କରିପାରିବା। ଏହା ଆମକୁ ବାସ୍ତବ ଜୀବନର ନିକଟତର କରିବା ସହିତ ସାମ୍ପ୍ରତିକ ଘଟଣାଗୁଡ଼ିକୁ ବୁଝିବାରେ ଖୁବ୍ ସାହାଯ୍ୟ କରିପାରିବ।

ସଂକ୍ଷେପରେ, ଅତୀତର ସୂତ୍ରଗୁଡ଼ିକ ଆଜିର ଐତିହ୍ୟ ସ୍ମୃତି ଫର୍ଦ୍ଦର ଅଂଶ ହୋଇ ରହିଛି ଏବଂ ଆସନ୍ତାକାଲିକୁ ସୁଦୃଢ଼ କରିବା ପାଇଁ ଆମକୁ ନକ୍ସା ପ୍ରଦାନ କରୁଛି ବୋଲି ତୁମେ ଦେଖିପାରିବ।



https://withteachers.in/

ଭାରତର ସମୃଦ୍ଧ ଅତୀତ ଏବଂ ଉଭୟ ଭୌଗୋଳିକ ଓ ବିଶାଳ ମାନବିକ ପରିସରକୁ ଦୃଷ୍ଟିରେ ରଖି ଆମେ ତୁମ ସହିତ ବହୁତ କିଛି ଅଂଶୀଦାର କରିବାକୁ ଆଗ୍ରହୀ ଅଛୁ। କ'ଣ ଅନ୍ତର୍ଭୁକ୍ତ କରାଯିବ ଏବଂ କ'ଣ ଛାଡି ଦିଆଯିବ, ତାହାର ନିଷ୍ପତ୍ତି ନେବା ତର୍କପୂର୍ଣ୍ଣ ଓ ଦ୍ୱନ୍ଦର କାରଣ ହୋଇଛ । କାରଣ ସମ୍ପୃକ୍ତ ସମସ୍ତ ଲେଖକ ତମମାନଙ୍କୁ ସର୍ବୋତ୍ତମ ଦେବାକୁ ଚାହିଁଛନ୍ତି। ଶେଷରେ, ଏତିକି କୁହାଯାଇପାରେ ଯେ, ଏହା ଏକ ସମୃଦ୍ଧ ଏବଂ ସନ୍ତୋଷଜନକ ଅଭିଜ୍ଞତା ହୋଇ ପାରିଛି। ଆମେ ଆଶା କରୁଛୁ, ଏହା ତୁମପାଇଁ ମଧ୍ୟ ଏକ ଉପଭୋଗ୍ୟ ଅଭିଜ୍ଞତା ହୋଇପାରିବ।

ଆମକୁ ଏକ ଗୁରୁତ୍ୱପୂର୍ଣ୍ଣ ବିବରଣୀ ଯୋଡିବାକୁ ପଡିବ। ଏହି ପାଠ୍ୟପୁସ୍ତକରେ ପ୍ରତ୍ୟେକ ଅଂଶ ମୂଲ୍ୟାୟନର ବିଷୟ ହୋଇପାରେ। ତାହା ହେଉଛି, ଏହାର ପାଠ୍ୟ, ପାର୍ଶ୍ୱ ବାକ୍ସ, ପ୍ରତିଛବି କିମ୍ବା ମାନଚିତ୍ର ଏବଂ ମୂଲ୍ୟାଙ୍କନ। ତଥାପି କେତୋଟି ବ୍ୟତିକ୍ରମ ରହିଛି। ତାହା ହେଉଛି .....

- ଅଧ୍ୟାୟର ପ୍ରଥମ ପୃଷ୍ଠାରେ ରହିଥିବା ଉଦ୍ଧୃତିଗୁଡିକ ମଧ୍ଯରୁ କେତେକ ସରଳ ଓ ସ୍ପଷ୍ଟ, ମାତ୍ର କେତେକ ଗଭୀର ଚିନ୍ତା ପ୍ରଦାନକାରୀ ଅଟନ୍ତି। ଯଦି ପ୍ରଥମ ପଢାରେ ସେଗୁଡ଼ିକୁ ବୁଝିପାରୁନାହଁ, ତେବେ ଚିନ୍ତା କର ନାହିଁ; ସେଗୁଡ଼ିକ ତୁମମାନଙ୍କୁ ଉତ୍ସାହିତ କରିବା କିମ୍ବା ତୁମମାନଙ୍କୁ ପ୍ରେରଣା ଦେବା ପାଇଁ ଉଦ୍ଦିଷ୍ଟ।
- "ତୁମେମାନେ ମନେରଖିବା ଆବଶ୍ୟକ ନାହିଁ" ବୋଲି ପୁସ୍ତକର କିଛି କିଛି ସ୍ଥାନରେ ଉଲ୍ଲେଖ ରହିଛି।
- କେତକ ସଂସ୍କୃତ ଶବ୍ଦରେ ବ୍ୟବହୃତ ମାତ୍ରା- ଏହି ପାଠ୍ୟପୁସ୍ତକ ମାଧ୍ୟମରେ ତୁମର ଯାତ୍ରା ଓ ତା ପରବର୍ତ୍ତୀ କିଛି ପୃଷ୍ଠାରେ ଆମେ କଣ କହିବାକୁ ଚାହୁଁଛୁ, ତାହା ବୁଝିବା ପାଇଁ ଉଦ୍ଦିଷ୍ଟ ଅଂଶ।

ଉପରୋକ୍ତ ପ୍ରସଙ୍ଗ ମୂଲ୍ୟାୟନ ଅନ୍ତର୍ଭୁକ୍ତ ହେବ ନାହିଁ।



https://withteachers.in/

# ଏହି ପୁସ୍ତକ ମାଧ୍ୟମରେ ତୁମର ଯାତ୍ରା

ବିଦ୍ୟାଳୟ ଶିକ୍ଷାର ମଧ୍ୟମ ପର୍ଯ୍ୟାୟରେ ଏହା ହେଉଛି ତୁମର ଶେଷ ବର୍ଷ – ଏହି ପର୍ଯ୍ୟାୟରେ ତୁମେ ନୂତନ ତଥ୍ୟ ଆବିଷ୍କାର କରିଛ, ପ୍ରଶ୍ନ ପଚାରିଛ ଏବଂ ତୁମ ଚତୁଃପାର୍ଶ୍ୱସ୍ଥ ପରିବେଶ ବିଷୟରେ ଅବଗତ ହୋଇଛ। ବର୍ତ୍ତମାନ ସୁଦ୍ଧା, ସାମାଜିକ ବିଜ୍ଞାନ ଅଧ୍ୟୟନ କରିବାରେ ତୁମେ ଅତ୍ୟନ୍ତ ଆତ୍ମବିଶ୍ୱାସୀ ହୋଇ ପାରିଛ ଏବଂ ଅଧିକରୁ ଅଧିକ ଅଧ୍ୟୟନ ପାଇଁ ପ୍ରସ୍ତୁତ ଅଛ। ଏହି ବର୍ଷ ଆମେ ପ୍ରାକୃତିକ ସମ୍ବଳର ଅନ୍ୱେଷଣ, ପ୍ରତିବିମ୍ବନ ଏବଂ ଏହାର ବ୍ୟବହାର ସମ୍ପର୍କରେ ଅଧ୍ୟୟନ କରିବା। ଏହା ସହିତ 'ଅତୀତର ସ୍ମୃତି ଫର୍ଦ୍ଦରେ' ଆମେ ରାଜନୈତିକ ଓ ସାଂସ୍କୃତିକ ପରିବର୍ତ୍ତନ ବିଷୟରେ ପଢ଼ିବା ସହିତ ନିର୍ବାଚନ ପ୍ରକ୍ରିୟା ମାଧ୍ୟମରେ ଗଣତନ୍ତ୍ରର କାର୍ଯ୍ୟପ୍ରଣାଳୀକୁ ସୁସଂଗଠିତ କରିବା ସମ୍ପର୍କରେ ମଧ୍ୟ ଶିଖିବା। ସମାଜଗୁଡ଼ିକ ନିଜକୁ କିପରି ସୁସଂଗଠିତ କରନ୍ତି, ସମ୍ବଳ କିପରି ଉତ୍ପାଦରେ ପରିଣତ ହୁଏ ଓ ନାଗରିକମାନଙ୍କର ଶାସନରେ ଅଂଶଗ୍ରହଣ ବିଷୟରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉତଥାପନ ମିଳିତ ଭାବେ ଜାରି ରଖିବା।

ଅନେକ ଆକର୍ଷଣୀୟ ବୈଶିଷ୍ଟ୍ୟ ଏହି ପୁସ୍ତକରେ ରହିଛି। ଯେତେବେଳେ ତୁମେ ପୃଷ୍ଠାଗୁଡ଼ିକୁ ଓଲଟାଇବ, ଅନେକ ରଙ୍ଗୀନଚିତ୍ର, ମାନଚିତ୍ର, ଫଟୋଚିତ୍ର ଭଳି ଅନେକ ଚିତ୍ର ଉଦାହରଣ ଦେଖିବାକୁ ପାଇବ। ଆସ ଆମେ ଏହି ପୁସ୍ତକ ଏବଂ ଏହାର ବୈଶିଷ୍ଟ୍ୟଗୁଡ଼ିକର ଏକ ବିହଙ୍ଗ ବଲୋକନ କରିବା। ଏଥିରେ ତୁମର ଶିକ୍ଷକ ମଧ୍ୟ ମାର୍ଗଦର୍ଶନ କରାଇବେ।

ପ୍ରସିଦ୍ଧ ବ୍ୟକ୍ତି ବା ପାଠ୍ୟରୁ ପ୍ରେରଣାଦାୟକ ଉଦ୍ଧୃତି ସହ ପ୍ରତ୍ୟେକ ଅଧ୍ୟାୟ ଆରମ୍ଭ ହୋଇଛି। ଏହାକୁ ପଢ଼ ଓ ଭଲଭାବେ ବୁଝ। ଏହି ଉଦ୍ଧୃତଗୁଡ଼ିକ ହେଉଛି ତତ୍ତ୍ୱମୂଳକ ଧାରଣା ବା ଚିନ୍ତନ। ଯଦି ତୁମେ ଏଗୁଡ଼ିକୁ ବୁଝିପାରୁନାହିଁ, ତେବେ ବ୍ୟଥିତ ହୁଅ ନାହିଁ। ତୁମେ ପରେ ସେଗୁଡ଼ିକ ପଢ଼ି ବୁଝିପାରିବ ଏବଂ ଶ୍ରେଣୀରେ ମଧ୍ୟ ସେଗୁଡ଼ିକ ଆଲୋଚନା କରାଯିବ। ଏଠାରେ ଏକ ଉଦାହରଣ ନିଆଯାଇପାରେ–

> ଭୂମି, ଶ୍ରମ ଓ ପୁଞ୍ଜିର ଅଧିକ କୁଶଳ ବ୍ୟବହାର ଦ୍ୱାରା ହିଁ ଭାରତପରି ଏକ ଦେଶରେ ଅଭିବୃଦ୍ଧି ଓ ଉତ୍ପାଦିକତାର ସର୍ବୋତ୍ତମ ଅବଦାନ ସମ୍ଭବ, ସୁତରାଂ ଏହି କାରକଗୁଡ଼ିକୁ ଅଧିକ କୁଶଳତାର ସହ ବ୍ୟବହାର କରାଯିବା ଉଚିତ।
>
> ବିବେକ ଦେବରାୟ
> ଅଧ୍ୟକ୍ଷ, ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ
> (୨୦୧୭–୨୦୨୪)

ମୁଖ୍ୟ ପାଠ୍ୟ ସରଳ ଭାଷାରେ ଲେଖାଯାଇଛି। ତୁମେ ଭାରତ ଏବଂ ବିଦେଶରେ ଥିବା ଲୋକ ଏବଂ ସ୍ଥାନ ବିଷୟରେ ଜାଣିବାକୁ ପାଇବ।



https://withteachers.in/

| ଜୈବବିବିଧତାର କ୍ଷତି :<br><br>ପୃଥିବୀରେ ଜୈବବିବିଧତାରେ ହ୍ରାସ | **ପ୍ରାକୃତିକ ସମ୍ବଳର ଦାୟିତ୍ୱସମ୍ପନ୍ନ ସୁବିନିଯୋଗ : ସୁରକ୍ଷିତ ପରିଚାଳନା**<br><br>ପୃଥିବୀରେ ଜୀବନ ତିଷ୍ଠିବା ପାଇଁ ଆମେ ପ୍ରକୃତିକୁ ସମ୍ମାନ କରିବା ଆବଶ୍ୟକ ଓ ପ୍ରାକୃତିକ ସମ୍ବଳର ସୁବ୍ୟବସ୍ଥିତ ଉପଯୋଗ ଦ୍ୱାରା ନବୀକରଣ ଯୋଗ୍ୟ ସମ୍ବଳର ପୁନରୁଦ୍ଧାର ଓ ପୁନଃସୃଷ୍ଟି ଓ ନବୀକରଣ ଅଯୋଗ୍ୟ ସମ୍ବଳର ଯଥୋଚିତ ଓ ଦାୟିତ୍ୱସମ୍ପନ୍ନ ବ୍ୟବହାର ସମ୍ଭବ ହେବ ।<br><br>ଏହି ବିଷୟରେ ଅଧ୍ୟୟନ କରୁଥିବା ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ ପ୍ରାକୃତିକ ସମ୍ବଳର ଦାୟିତ୍ୱହୀନ ବ୍ୟବହାର ଦ୍ୱାରା ପ୍ରଦୂଷଣ, ଜୈବ ବିବିଧତାରେ କ୍ଷତି ଓ ଜଳବାୟୁ ପରିବର୍ତ୍ତନ ଘଟୁଛି । ଆଜିକାଲି ଏହି ଘଟଣାମାନ ଅଧିକରୁ ଅଧିକ ଭାବେ ସଂଗଠିତ ହେଉଛି । |
|---|---|

ମୁଖ୍ୟ ପାଠ୍ୟର ଉଭୟ ପାର୍ଶ୍ୱରେ ପ୍ରାୟୋଗିକ ଶବ୍ଦଗୁଡ଼ିକୁ ବ୍ୟାଖ୍ୟା କରାଯାଇଛି । ଏହା ସହିତ ତୁମେ ଅପରିଚିତ ଥିବା କିଛି ଶବ୍ଦ ଆମେ ଅନ୍ତର୍ଭୁକ୍ତ କରିଛୁ । ଏଥିପାଇଁ ଶବ୍ଦକୋଷ ବା ଅଭିଧାନର ସାହାଯ୍ୟ ନେବାକୁ ପଡ଼ିବ ।

"ଆସ ଚିନ୍ତା କରିବା"ରେ ତିନୋଟିରୁ ପାଞ୍ଚଟି ପ୍ରଶ୍ନ ଦିଆଯାଇଛି ଯାହା ସେହି ଅଧ୍ୟାୟରେ ତୁମେ କ'ଣ ଅନୁସନ୍ଧାନ କରିବାକୁ ଯାଉଛ, ସେ ବିଷୟରେ ତୁମକୁ ଏକ ଧାରଣା ଦିଏ ।

**ଆସ ଚିନ୍ତା କରିବା ?**

୧. କେଉଁମାନେ ମରାଠା ଥିଲେ ? ବ୍ରିଟିଶମାନେ କ୍ଷମତା ଦଖଲ କରିବା ପୂର୍ବରୁ ସେମାନେ କିପରି ବିଶାଳ ଅଞ୍ଚଳରେ ନିଜର ପ୍ରଭୁତ୍ୱ ଜାହିର କରିପାରିଥିଲେ ?

୨. ସେମାନଙ୍କର ଶାସନର ବୈଶିଷ୍ଟ୍ୟ କ'ଣ ଥିଲା ?

୩. ଭାରତ ଇତିହାସରେ ମରାଠାମାନେ କି ପ୍ରକାର ପ୍ରଭାବ ପକାଇ ପାରିଥିଲେ ?

ତୁମେମାନେ ଅଧ୍ୟାୟଗୁଡ଼ିକରେ ଆଗକୁ ବଢ଼ିବା ସମୟରେ "ଆସ ଅନୁସନ୍ଧାନ କରିବା, ଏହା ବିଷୟରେ ଚିନ୍ତା କର, ଆସ ମନେରଖିବା" ଭଳି କିଛି ଉପବିଭାଗ ପାଇବ, ଯାହାଦ୍ୱାରା ପାଠ୍ୟାଭ୍ୟାସ, କାର୍ଯ୍ୟକଳାପ, ପୂର୍ବରୁ ଶିକ୍ଷାଲାଭ କରିଥିବା ଧାରଣାଗୁଡ଼ିକୁ ମନେରଖିବା ଓ ପ୍ରତିଛବି ସୃଷ୍ଟି କରିବାରେ ଏହା ସହାୟକ ହେବ । ଉଦାହରଣଭାବେ କେତେକ ଉଦ୍ଧୃତାଂଶ ଏଠାରେ ଦିଆଯାଇଛି ।

**ଆସ ଅନୁସନ୍ଧାନ କରିବା**

ପାଖାପାଖି ୩୪ ପ୍ରତିଶତ ଯୋଗ୍ୟ ମତଦାତା ୨୦୨୪ ମସିହାରେ ନିର୍ବାଚନରେ ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିନଥିଲେ । ଏପରି ଘଟିବାର କାରଣ କ'ଣ ବୋଲି ତୁମେ ଅନୁମାନ କରୁଛ ? ନିଜ ଅଧିକାର ସାବ୍ୟସ୍ତ ନିମନ୍ତେ ଲୋକମାନେ କେଉଁ ସବୁ ସମସ୍ୟାର ସମ୍ମୁଖୀନ ହେଉଥିଲେ ? ତୁମ ପରିବାର ଓ ପାଖପଡ଼ୋଶୀରେ ଥିବା ସାବାଳକମାନଙ୍କୁ ନେଇ ଏକ ସର୍ଭେ କର । ଗୃହୀତ ତଥ୍ୟକୁ ଅନୁଶୀଳନ କରି ଏକ ରିପୋର୍ଟ ଲେଖ ଏବଂ ସମସ୍ତଙ୍କ ମତଦାନ କିପରି ସୁନିଶ୍ଚିତ ହୋଇ ପାରିବ ମତାମତ ଦିଅ ।





https://withteachers.in/

## ଏହା ବିଷୟରେ ଚିନ୍ତା କର

→ ଉପରୋକ୍ତ ଘଟଣାରୁ ଯୁବ ଉଦ୍ୟୋଗୀମାନଙ୍କ ପାଇଁ ଏଥିରୁ କି ଶିକ୍ଷା ମିଳିବ ବୋଲି ତୁମେ ଭାବୁଛ ?

→ ଉଦ୍ୟୋଗୀମାନେ ପାଖରେ ଥିବା ନିଜସ୍ୱ ଜ୍ଞାନ ଦ୍ୱାରା ସେମାନେ ସମସ୍ୟାର ଆସନ୍ନ ସମାଧାନ କରି ପାରିବେ କି ? କିମ୍ବା ସେମାନେ ଏହାର ସମାଧାନ ପାଇଁ ଅନ୍ୟ ଉତ୍ସର ସାହାଯ୍ୟ ନେବେ ?

→ ଜଣେ ଉଦ୍ୟୋଗୀଙ୍କ ପାଇଁ 'ଲାଭ' ହିଁ ଏକମାତ୍ର ପ୍ରେରଣା କି ? ଯଦି 'ହଁ' କାହିଁକି ? ଯଦି 'ନା' କାହିଁକି ନୁହେଁ ?

→ ଜଣେ ସଫଳ ଉଦ୍ୟୋଗୀ ହେବା ପାଇଁ ଅନ୍ୟାନ୍ୟ ବ୍ୟକ୍ତିତ୍ୱ ଲକ୍ଷଣଗୁଡ଼ିକ କ'ଣ ହେବା ଆବଶ୍ୟକ ?

## ଆସ ମନେ ରଖିବା

ଭାରତରେ ସଂସଦୀୟ ଗଣତନ୍ତ୍ର ପ୍ରଚଳିତ । ଏଠାରେ ଜାତୀୟ ସ୍ତରରେ ଲୋକସଭା (ସଂସଦର ନିମ୍ନ ସଦନ) ନିମନ୍ତେ ନାଗରିକ ବା ମତଦାତାମାନେ ପ୍ରତିନିଧି ଚୟନ କରିଥାନ୍ତି । ମତାଦାତା ମାନେ ବିଭିନ୍ନ ରାଷ୍ଟ୍ରୀୟ/ଜାତୀୟ ସମସ୍ୟା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରି ମତଦାନ କରିଥାନ୍ତି । ଏଥି ସହିତ ମତଦାତାମାନେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ସେମାନଙ୍କ ନିଜ ନିର୍ବାଚନ ମଣ୍ଡଳୀ ନିମନ୍ତେ ମଧ୍ୟ ପ୍ରତିନିଧି ନିର୍ବାଚିତ କରଥାନ୍ତି । ଏଠାରେ ସେମାନେ ସାଧାରଣତଃ ଆଞ୍ଚଳିକ ବିଷୟବସ୍ତୁକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି ।

## ମନେରଖ

'ମନେରଖ' ଶିରୋନାମା ତୁମ ପାଇଁ କେତୋଟି ମଜାଳିଆ ତଥ୍ୟ ଆଣିଦେବ, ଯାହାଦ୍ୱାରା ତୁମ ମନରେ ଜିଜ୍ଞାସା ସୃଷ୍ଟି ହେବ ।

୧୯୯୦ ମସିହାରେ ଶ୍ରୀଯୁକ୍ତ ଟି.ଏନ୍. ଶେଷାନ୍ ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଭାବରେ ନିଯୁକ୍ତ ହୋଇଥିଲେ । ସେ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ନିମନ୍ତେ କେତେକ ବ୍ୟବସ୍ଥାରେ ସୁଧାର ଆଣିବାକୁ ଚେଷ୍ଟା କରିଥିଲେ । କେତେକ ନିୟମାବଳୀ ମଧ୍ୟରେ ନିର୍ବାଚନ ପ୍ରଚାର, ସଠିକ୍ ମତଦାତାଙ୍କ ପରିଚୟ ନିମନ୍ତେ ନିର୍ବାଚନ ପରିଚୟପତ୍ର ଏବଂ ପ୍ରତ୍ୟାଶୀଙ୍କର ସମସ୍ତ ନିର୍ବାଚନ ଖର୍ଚ୍ଚ ଉପରେ ତୀକ୍ଷଣ ନଜର ରଖିବା ଆଦି ତାହା ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା । ଟି.ଏନ୍. ଶେଷାନ୍ ମତଦାତାଙ୍କ ଅଧିକାର ସୁରକ୍ଷା ନିମନ୍ତେ କଠିନ ପରିଶ୍ରମ କରିଥିଲେ । ସେ ଭାରତୀୟ ନିର୍ବାଚନକୁ ଅବାଧ, ଭୟଶୂନ୍ୟ ଓ ସ୍ୱଚ୍ଛ କରିବା ନିମନ୍ତେ ସବୁ ସମୟରେ ଉଦାହରଣ ହୋଇ ରହିବେ ।



ଚିତ୍ର ୫.୩
ଶ୍ରୀଯୁକ୍ତ ଟି.ଏନ୍. ଶେଷାନ୍

## ଆମେ କ'ଣ ଶିଖିଲେ.....

→ ସବୁ ଧର୍ମର ପବିତ୍ର ସ୍ଥଳୀ ଭାରତରେ ରହିଛି । ବୌଦ୍ଧଧର୍ମ, ଜୈନଧର୍ମ ଓ ଶିଖ ଧର୍ମର ମହାମନିଷୀ ମାନଙ୍କ ସହିତ ସେହି ସ୍ଥାନ ଗୁଡ଼ିକର ସମ୍ପର୍କ ରହିଅଛି ।

→ ଭାରତର ସମସ୍ତ ଭୌଗୋଳିକ ଅଞ୍ଚଳରେ ହିନ୍ଦୁ ଧର୍ମର ଅନେକ ତୀର୍ଥସ୍ଥଳ ରହିଛି । ତୀର୍ଥଯାତ୍ରା ବ୍ୟବସ୍ଥା ସାଧାରଣ ଲୋକଙ୍କ ଜନଜୀବନ ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ; କାରଣ ଏହା ସେମାନଙ୍କର ସାଧାରଣ ଜୀବନ ସହିତ ଆଧ୍ୟାତ୍ମିକ ବିକାଶ ମଧ୍ୟ କରିଥାଏ । ଏଥିସହିତ ଏହା ସେମାନଙ୍କର ସାମାଜିକ ଆର୍ଥିକ ଦିଗ ନିମନ୍ତେ ବାଣିଜ୍ୟର ପ୍ରସାର ସହିତ ସାରା ଭାରତର ସାଂସ୍କୃତିକ ଅଖଣ୍ଡତା ରକ୍ଷା କରେ ।

→ ଅନେକ ହିନ୍ଦୁ ପରମ୍ପରା, ଜନଜାତି ଏବଂ ଲୋକ ପରମ୍ପରାରେ ବିଶ୍ୱାସ ରଖୁଥିବା ବ୍ୟକ୍ତିଙ୍କ ନିମନ୍ତେ ସେହି ସ୍ଥାନ ଗୁଡ଼ିକ ପବିତ୍ର ଭାବେ ବିବେଚନା କରାଯାଏ ।

→ ଆମର ହେୟ ମନୋବୃତ୍ତି ଯୋଗୁଁ ଆମ ପବିତ୍ରସ୍ଥଳୀ ସବୁ ପ୍ରଦୂଷିତ ହୋଇ ରହୁଛି । ସେହି ଜାତୀୟ ସ୍ମାରକୀ ଗୁଡ଼ିକୁ ସୁରକ୍ଷା ପ୍ରଦାନ ଆମ କର୍ତ୍ତବ୍ୟ ଅଟେ, ଯାହା ଆମର ପବିତ୍ର ସମ୍ବିଧାନ ବାରମ୍ବାର ମନେ ପକାଇ ଦେଉଛି ।

ପ୍ରତ୍ୟେକ ଅଧ୍ୟାୟର ଶେଷରେ ଆମେ କ'ଣ ଶିଖିଲେ-ଅଧ୍ୟାୟର ମୂଳ ଧାରଣାଗୁଡ଼ିକୁ ସଂକ୍ଷେପରେ ବୁଝାଇଥାଏ । ଏହା ପରେ କିଛି ଅଭ୍ୟାସକାର୍ଯ୍ୟ, ପ୍ରଶ୍ନ କିମ୍ବା ପ୍ରକଳ୍ପ ଦିଆଯାଇଥାଏ ।

ପାଠ୍ୟ ପୁସ୍ତକ ଅନୁସନ୍ଧାନର ଏହି ଯାତ୍ରାରେ ତୁମ ଶିକ୍ଷକ/ଶିକ୍ଷୟିତ୍ରୀ ତୁମ ସହିତ ରହିବେ । ଆମେ ଆଶା କରୁଛୁ ତୁମେ ଏହାର କିଛି ଅଂଶ ତୁମର ପିତାମାତା କିମ୍ବା ଅଭିଭାବକ ମାନଙ୍କ ସହିତ ମଧ୍ୟ ପଢ଼ିବ । ତୁମେ ସେମାନଙ୍କ ସହିତ କିଛି କାର୍ଯ୍ୟକଳାପ କରିବାକୁ ଚେଷ୍ଟା କରିପାର । ଆମେ ତୁମକୁ ସାମାଜିକ ବିଜ୍ଞାନ ମାଧ୍ୟମରେ ଏକ ଆନନ୍ଦଦାୟକ ଯାତ୍ରା, ମାନବ ଜୀବନ ଏବଂ ସମାଜ ବିଷୟରେ ଉନ୍ନତ ଅର୍ନ୍ତଦୃଷ୍ଟି ହାସଲ କରିବା ପାଇଁ କାମନା କରୁଛୁ ।



https://withteachers.in/

## ଭାରତୀୟ ସମ୍ବିଧାନ

ତୃତୀୟ ଭାଗ (ଧାରା ୧୨-୩୫)
(କେତେକ ସର୍ତ୍ତ, କିଛି ବ୍ୟତିକ୍ରମ ଏବଂ ଯୁକ୍ତିଯୁକ୍ତ ପ୍ରତିବନ୍ଧକ ଅଧୀନରେ)
ଏଗୁଡ଼ିକ ସୁନିଶ୍ଚିତ କରେ

# ମୌଳିକ ଅଧିକାର

**ସମାନତା ଅଧିକାର**

- ଆଇନ୍ ଆଗରେ ଏବଂ ଆଇନ୍‌ର ସମାନ ସୁରକ୍ଷା,
- ଧର୍ମ, ଜାତି, ବର୍ଣ୍ଣ, ଲିଙ୍ଗ କିମ୍ବା ଜନ୍ମସ୍ଥାନ ନିର୍ବିଶେଷରେ,
- ସାର୍ବଜନୀନ ସରକାରୀ ଚାକିରିରେ ସୁଯୋଗ,
- ଅସ୍ପୃଶ୍ୟତା ଏବଂ ଉପାଧି ଉଚ୍ଛେଦ ଦ୍ୱାରା ।

**ସ୍ୱାଧୀନତା ଅଧିକାର**

- ଅଭିବ୍ୟକ୍ତି, ସମାବେଶ, ସଙ୍ଗଠନ, ଆନ୍ଦୋଳନ, ବାସସ୍ଥାନ ଏବଂ ବୃତ୍ତି,
- ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହେବା ସମ୍ବନ୍ଧରେ କେତେକ ସୁରକ୍ଷା,
- ଜୀବନଧାରଣ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା,
- ୬ରୁ ୧୪ ବର୍ଷ ବୟସର ପିଲାଙ୍କ ପାଇଁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା,
- କେତେକ ମାମଲାରେ ଗିରଫ ଏବଂ ଅଟକ ରଖିବା ବିରୋଧରେ ସୁରକ୍ଷା ।

**ଶୋଷଣ ବିରୋଧରେ ଅଧିକାର**

- ମାନବ ଚାଲାଣ ନିଷେଧ ଏବଂ ବାଧ୍ୟତାମୂଳକ ଶ୍ରମ ପାଇଁ,
- ବିପଜ୍ଜନକ କାର୍ଯ୍ୟରେ ୧୪ ବର୍ଷରୁ କମ୍ ବୟସର ପିଲାଙ୍କୁ ନିଯୁକ୍ତି ଦେବା ଉପରେ କଟକଣା ।

**ଧର୍ମମତ ସ୍ୱାଧୀନତା ଅଧିକାର**

- ବିବେକର ସ୍ୱାଧୀନତା ଏବଂ ମୁକ୍ତ ବୃତ୍ତି, ଅଭ୍ୟାସ ଏବଂ ଧର୍ମର ପ୍ରଚାର
- ଧାର୍ମିକ ବ୍ୟାପାର ପରିଚାଳନା କରିବାର ସ୍ୱାଧୀନତା,
- କୌଣସି ନିର୍ଦ୍ଦିଷ୍ଟ ଧର୍ମର ପ୍ରଚାର ପ୍ରସାର ପାଇଁ ଟିକସ ପୈଠ ନ କରିବାର ସ୍ୱାଧୀନତା,
- ରାଜ୍ୟ ଦ୍ୱାରା ସମ୍ପୂର୍ଣ୍ଣ ଭାବରେ ପରିଚାଳିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଧାର୍ମିକ ଶିକ୍ଷା କିମ୍ବା ଧାର୍ମିକ ଉପାସନା ନ କରିବାର ସ୍ୱାଧୀନତା ।

**ସାଂସ୍କୃତିକ ଓ ଶିକ୍ଷାଗତ ଅଧିକାର**

- ସଂଖ୍ୟାଲଘୁଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସେମାନଙ୍କ ଭାଷା, ଲିପି ଓ ସଂସ୍କୃତିର ସଂରକ୍ଷଣ
- ସଂଖ୍ୟାଲଘୁମାନେ ନିଜ ପସନ୍ଦର ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଓ ପରିଚାଳନା କରିପାରିବେ ।

**ସାମ୍ବିଧାନିକ ପ୍ରତିକାର ଅଧିକାର**

- ଏହି ମୌଳିକ ଅଧିକାରଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସୁପ୍ରିମ କୋର୍ଟ ଏବଂ ହାଇକୋର୍ଟଙ୍କ ଦ୍ୱାରା ନିର୍ଦ୍ଦେଶନାମା କିମ୍ବା ଆଦେଶ କିମ୍ବା ରିଟ୍ ଜାରି କରିବା ।



https://withteachers.in/

# ଭାରତୀୟ ସମ୍ବିଧାନ

## ଚତୁର୍ଥ ଭାଗ-କ (ଧାରା ୫୧କ)

## ମୌଳିକ କର୍ତ୍ତବ୍ୟ

ଏହା ଭାରତର ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ହେବ-

(କ) ସମ୍ବିଧାନକୁ ପାଳନ କରିବା ଏବଂ ଏହାର ଆଦର୍ଶ ଏବଂ ଅନୁଷ୍ଠାନ, ଜାତୀୟ ପତାକା ଏବଂ ଜାତୀୟ ସଙ୍ଗୀତକୁ ସମ୍ମାନ ଦେବା

(ଖ) ସ୍ୱାଧୀନତା ପାଇଁ ଆମର ଜାତୀୟ ସଂଗ୍ରାମକୁ ପ୍ରେରଣା ଦେଇଥିବା ମହାନ ଆଦର୍ଶକୁ ସ୍ମରଣ କରିବା ଏବଂ ଅନୁସରଣ କରିବା

(ଗ) ଭାରତର ସାର୍ବଭୌମତ୍ୱ, ଏକତା ଏବଂ ଅଖଣ୍ଡତାକୁ ବଜାୟ ରଖିବା ଏବଂ ସୁରକ୍ଷିତ ରଖିବା

(ଘ) ଦେଶକୁ ରକ୍ଷା କରିବା ଏବଂ ଆହ୍ୱାନ ମିଳିଲେ ଜାତୀୟ ସେବା ପ୍ରଦାନ କରିବା

(ଙ) ଧାର୍ମିକ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ବିଭାଗୀୟ ବିବିଧତାକୁ ଅତିକ୍ରମ କରି ଭାରତର ସମସ୍ତ ଲୋକଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ଏବଂ ସାଧାରଣ ଭାଇଚାରାର ଭାବନାକୁ ପ୍ରୋତ୍ସାହିତ କରିବା; ନାରୀର ମର୍ଯ୍ୟାଦା ପ୍ରତି ଅପମାନଜନକ ଆଚରଣକୁ ତ୍ୟାଗ କରିବା

(ଚ) ଆମର ମିଳିତ ସଂସ୍କୃତିର ସମୃଦ୍ଧ ଐତିହ୍ୟକୁ ମୂଲ୍ୟ ଦେବା ଏବଂ ସଂରକ୍ଷଣ କରିବା

(ଛ) ଜଙ୍ଗଲ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା, ଉନ୍ନତି ଏବଂ ଜୀବଜନ୍ତୁଙ୍କ ପ୍ରତି ଦୟା କରିବା

(ଜ) ବୈଜ୍ଞାନିକ ମନୋଭାବ, ମାନବିକତାବାଦ ଏବଂ ଅନୁସନ୍ଧାନ ଓ ସଂସ୍କାର ଭାବନାର ବିକାଶ କରିବା

(ଝ) ସର୍ବସାଧାରଣ ସମ୍ପତ୍ତିକୁ ସୁରକ୍ଷିତ ରଖିବା ଏବଂ ହିଂସା ତ୍ୟାଗ କରିବା

(ଞ) ସ୍ୱତନ୍ତ୍ର ଏବଂ ସାମୂହିକ କାର୍ଯ୍ୟରେ ଶ୍ରେଷ୍ଠତା ଲାଭ କରିବା ନିମିତ୍ତ ଉଦ୍ୟମ କରିବା ଯାହାଦ୍ୱାରା ଦେଶ ଏକ ଉନ୍ନତ ସ୍ତରରେ ପହଞ୍ଚିପାରିବ

(ଟ) ୬ ରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ଶିଶୁ ମାନଙ୍କ ଶିକ୍ଷା ବାଧ୍ୟତାମୂଳକ କରିବା । (ଏହା ପିତାମାତାଙ୍କ ନିମନ୍ତେ)

ଟିପ୍ପଣୀ -

- ମୌଳିକ କର୍ତ୍ତବ୍ୟକୁ ବର୍ଣ୍ଣନା କରୁଥିବା ଧାରା-୫୧ କ, ୧୯୭୬ ମସିହା ସମ୍ବିଧାନ ସଂଶୋଧନ ଆଇନ୍ (୪୨ତମ ସଂଶୋଧନ) ଦ୍ୱାରା (୩ ଜାନୁୟାରୀ ୧୯୭୭ ମସିହା ଠାରୁ) ଅନ୍ତର୍ଭୁକ୍ତ ହୋଇଥିଲା ।
- ମୌଳିକ କର୍ତ୍ତବ୍ୟ (ଟ) ୨୦୦୨ ମସିହା ସମ୍ବିଧାନ ସଂଶୋଧନ ଆଇନ୍ (୮୬ ତମ ସଂଶୋଧନ) ଦ୍ୱାରା (୦୧ ଏପ୍ରିଲ ୨୦୧୦ ମସିହା ଠାରୁ) ଅନ୍ତର୍ଭୁକ୍ତ ହୋଇଥିଲା ।



https://withteachers.in/

# ସିଲାବସ୍ ଓ ପାଠ୍ୟପୁସ୍ତକ ସମୀକ୍ଷା ପାଇଁ କୋର୍ କମିଟି

| | | |
|---|---|---|
| ୧. | କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅଧ୍ୟକ୍ଷ |
| ୨. | ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ | ସଦସ୍ୟ |
| ୩. | ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୪. | ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୫. | ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା | ସଦସ୍ୟ |
| ୬. | ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୭. | ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୮. | ନିର୍ଦ୍ଦେଶକ, ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ | ସଦସ୍ୟ |
| ୯. | ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ | ସଦସ୍ୟ |
| ୧୦. | ନିର୍ଦ୍ଦେଶକ, ଓଡ଼ିଶା ଭାଷା ପ୍ରତିଷ୍ଠାନ | ସଦସ୍ୟ |
| ୧୧. | ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା | ସଦସ୍ୟ |
| ୧୨. | ଏନ୍ ସି ଇ ଆର ଟି ପ୍ରତିନିଧି | ସଦସ୍ୟ |
| ୧୩. | ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ୧୪. | ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳ ଏବଂ ଅଧ୍ୟକ୍ଷ, ଓ ସି ଏଫ, ଓଡ଼ିଶା | ସଦସ୍ୟ |
| ୧୫. | ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ, ସଂସ୍କୃତ ବିଭାଗ | ସଦସ୍ୟ |
| ୧୬. | ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ୍ (ବିଜ୍ଞାନ) | ସଦସ୍ୟ |
| ୧୭. | ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା, ଏନ ଏସ୍ ଟି ସି କାର୍ଯ୍ୟକ୍ରମ, ଏନ୍ ସି ଇ ଆର ଟି | ସଦସ୍ୟ |
| ୧୮. | ଡକ୍ଟର ସୁଶାନ୍ତ କୁମାର ଦାସ, ପୂର୍ବତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା | ସଦସ୍ୟ |
| ୧୯. | ଡକ୍ଟର ଲଳିତ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଏକାମ୍ର କଲେଜ, ଭୁବନେଶ୍ୱର | ସଦସ୍ୟ |
| ୨୦. | ଡକ୍ଟର ସରୋଜଲକ୍ଷ୍ମୀ ସିଂ, ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୧. | ଡକ୍ଟର ଖଗେଶ୍ୱର ଦାସ, ଇଂରାଜୀ ବିଶେଷଜ୍ଞ, ଅଧ୍ୟକ୍ଷ, ପଦ୍ମପୁର କଲେଜ, ବରଗଡ଼ | ସଦସ୍ୟ |
| ୨୨. | ଡକ୍ଟର ବଳରାମ ସାହୁ, ପ୍ରଫେସର ମାଇକ୍ରୋବାୟୋଲୋଜି, ସୋଆ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୩. | ଡକ୍ଟର ଗୌରାଙ୍ଗ ମହାନ୍ତି, ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ବ୍ରହ୍ମପୁର, ଗଞ୍ଜାମ | ସଦସ୍ୟ |
| ୨୪. | ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା | ସଦସ୍ୟ ସଚିବ |



https://withteachers.in/

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁ ଭାଷମୟୀ,  ଜନନୀ, ଜନନୀ, ଜନନୀ ।
ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ରତଟିନୀକୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।।

ଘନ ବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।।

ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ ।।

ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁକଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ ।।


ଉତ୍କଳ ସୁରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ ।।

କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା,
ଭୁବନବିଘୋଷିତ-କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ ।।

**(କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)**



https://withteachers.in/



# ଭାରତର ସମ୍ବିଧାନ

## ପ୍ରସ୍ତାବନା

ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ

- ସମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା;
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଆମର ସଂବିଧାନ ପ୍ରଣୟନ ସଭାରେ ଏତଦ୍ୱାରା ଏହି ସଂବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।



https://withteachers.in/

# ବିଷୟବସ୍ତୁ

ପ୍ରସ୍ତାବନା

ଛାତ୍ରଛାତ୍ରୀଙ୍କୁ ପତ୍ର

ଏହି ପୁସ୍ତକ ମାଧ୍ୟମରେ ତୁମର ଯାତ୍ରା

ଭାଗ 'କ'-ଭାରତ ଏବଂ ବିଶ୍ୱ : ଭୂମି ଓ ମାନବ

ଅଧ୍ୟାୟ-୧. ପ୍ରାକୃତିକ ସମ୍ବଳ ଓ ତା'ର ବ୍ୟବହାର ୦୧

ଭାଗ 'ଖ'-ଅତୀତର ସ୍ମୃତିଫର୍ଦ୍ଦ

ଅଧ୍ୟାୟ-୨. ଭାରତର ରାଜନୈତିକ ମାନଚିତ୍ରର ପୁନର୍ଗଠନ ୨୧

ଅଧ୍ୟାୟ-୩. ମରାଠା ସାମ୍ରାଜ୍ୟର ଉତ୍ଥାନ ୬୩

ଅଧ୍ୟାୟ-୪. ଭାରତରେ ଔପନିବେଶିକ ଯୁଗ ୮୫

ଭାଗ 'ଘ'-ଶାସନ ଏବଂ ଗଣତନ୍ତ୍ର

ଅଧ୍ୟାୟ-୫. ସାର୍ବଜନୀନ ମତଦାନ ଏବଂ ଭାରତର ନିର୍ବାଚନ ବ୍ୟବସ୍ଥା ୧୨୩

ଅଧ୍ୟାୟ-୬. ଭାରତର ସଂସଦୀୟ ବ୍ୟବସ୍ଥା : ବ୍ୟବସ୍ଥାପିକା ଏବଂ କାର୍ଯ୍ୟପାଳିକା ୧୪୫

ଭାଗ 'ଙ'-ଆମ ଚତୁଃପାର୍ଶ୍ୱର ଅର୍ଥନୈତିକ ଜୀବନ

ଅଧ୍ୟାୟ-୭. ଉତ୍ପାଦନର କାରକ ୧୬୯



https://withteachers.in/



ବସୁଧୈବ କୁଟୁମ୍ବକମ୍ :
ସମଗ୍ର ପୃଥିବୀ ଏକ ପରିବାର



https://withteachers.in/

ଅଧ୍ୟାୟ ୧

# ପ୍ରାକୃତିକ ସମ୍ବଳ ଓ ତା'ର ବ୍ୟବହାର

ପ୍ରକୃତି ସହିତ ସମନ୍ୱୟ ରକ୍ଷାକରି ଆମକୁ ଏକ ପୁନଃସୃଷ୍ଟିକାରୀ ଅର୍ଥନୀତି (Regenerative Economy) ଦିଗରେ ଅଗ୍ରସର ହେବାପାଇଁ ସମାଜବିଜ୍ଞାନୀମାନେ ସ୍ୱଷ୍ଟ ମତ ଦେଇଛନ୍ତି । ଏ ପ୍ରକାର ଅର୍ଥନୀତି ବ୍ୟବହୃତ ସମ୍ବଳଗୁଡ଼ିକର ପୁନଃ ଉପଯୋଗ, ଅପଚୟ ହ୍ରାସ ଏବଂ କ୍ଷୟପ୍ରାପ୍ତ ସମ୍ବଳଗୁଡ଼ିକର ପୁନଃ ଭରଣା କରେ । ଆମକୁ ପ୍ରକୃତିର ଅନ୍ତର୍ନିହିତ ଜ୍ଞାନକୁ ଫେରିଯିବାକୁ ପଡ଼ିବ -ଯାହା ସମସ୍ତ ସମ୍ବଳର ଅନ୍ତିମ ପୁନଃ ସୃଷ୍ଟିକାରୀ ଓ ପୁନଃ ଚକ୍ରକ୍ରାରୀ ଅଟେ ।

- ଖ୍ରୀଷ୍ଟିଆନ ଫିଗ୍ୟୁରେସ<br>ଓ<br>ଟମ୍ ରିଭେଟ୍-କାନାର୍କ<br>"ଆମ ପସନ୍ଦର ଭବିଷ୍ୟତ"



ଚିତ୍ର : ୧.୧ : ଭାରତର ଗୋଆସ୍ଥିତ ଦୁଧ୍ସାଗର ଜଳ ପ୍ରପାତ ଏବଂ ରେଳ ସେତୁ

## ଆସ ଚିନ୍ତା କରିବା ?

୧. ପ୍ରାକୃତିକ ସମ୍ବଳକୁ ଆମେ କିପରି ଶ୍ରେଣୀଭୁକ୍ତ କରିବା ?

୨. ପ୍ରାକୃତିକ ସମ୍ବଳର ବଣ୍ଟନ ଓ ଜୀବନର ବିଭିନ୍ନ ଦିଗ ମଧ୍ୟରେ କି ସମ୍ପର୍କ ରହିଛି ?

୩. ପ୍ରାକୃତିକ ସମ୍ବଳର ଅପବ୍ୟବହାର ମାତ୍ରାଧିକ ବ୍ୟବହାରର ପ୍ରଭାବଗୁଡ଼ିକ କ'ଣ ?

https://withteachers.in/



ଚିତ୍ର-୧.୨: ହିମାଚଳ ପ୍ରଦେଶର ଏକ କ୍ଷୁଦ୍ର ଜଳବିଦ୍ୟୁତ୍ କେନ୍ଦ୍ର – ପ୍ରବାହିତ ଜଳର ଶକ୍ତି ବିଦ୍ୟୁତ୍‌ରେ ପରିଣତ ହୁଏ।



ଚିତ୍ର-୧.୩: ତଟବର୍ତ୍ତୀ ସମୁଦ୍ର ତଳଭୂମି ଅଭ୍ୟନ୍ତରରୁ ତୈଳ ଉତ୍ତୋଳନକାରୀ ଯନ୍ତ୍ର ।

## ପ୍ରକୃତି କେତେବେଳେ ସମ୍ବଳରେ ପରିଣତ ହୁଏ ?

ମନୁଷ୍ୟ ଦ୍ୱାରା ସୃଷ୍ଟି ହୋଇନଥିବା ପରିବେଶ ଅନ୍ତର୍ଗତ ସମସ୍ତ ସଜୀବ ଓ ନିର୍ଜୀବ ପ୍ରରୂପଗୁଡ଼ିକର ସମାହାର ହିଁ ପ୍ରକୃତିର ଅନ୍ୟତମ ଅର୍ଥ। ପ୍ରକୃତି ସେତେବେଳେ 'ସମ୍ବଳ'ର ରୂପ ନିଏ, ଯେତେବେଳେ ମନୁଷ୍ୟ ବଞ୍ଚିବା ପାଇଁ ପ୍ରକୃତିରୁ ନୂତନ ଦ୍ରବ୍ୟ ସୃଷ୍ଟିକରେ ଓ ତାହାର ଉପଭୋଗ କରେ। ଉଦାହରଣ ସ୍ୱରୂପ, ବୃକ୍ଷଲତାଗୁଡ଼ିକ ପରିବେଶର ଅଂଶଭାବେ ମନୁଷ୍ୟ ବିନା ସ୍ୱାଧୀନଭାବେ ତିଷ୍ଠି ରହିଥାନ୍ତି। ଆମେ ଗଛକୁ କାଟି ତା'ର କାଠକୁ ବିଭିନ୍ନ ଗୃହଉପକରଣରେ ପରିଣତ କଲେ ହିଁ ଏହା ସମ୍ବଳରେ ପରିଣତ ହୁଏ।

ଅଧିକାଂଶ ସମୟରେ ଏହି ଉପାଦାନ (Entities) ଗୁଡ଼ିକ ସହଜରେ ଉପଲବ୍ଧ ହୋଇନଥାଏ। ଉଦାହରଣ ସ୍ୱରୂପ, ସମୁଦ୍ର ଶଯ୍ୟାର ବହୁତଳେ ଗଚ୍ଛିତ ଥିବା ପେଟ୍ରୋଲିୟମ୍ ଉତ୍ତୋଳନ ପାଇଁ ଆବଶ୍ୟକ ପ୍ରଯୁକ୍ତି ବିଦ୍ୟାର ଅଭାବ, ଉତ୍ତୋଳନ ଖର୍ଚ୍ଚର ଆଧିକ୍ୟ କିମ୍ବା ଦେବସ୍ଥଳୀ ଉଦ୍ୟାନ ଗୁଡ଼ିକରୁ ଗଛ କାଟିବା ସାଂସ୍କୃତିକ ଦୃଷ୍ଟିକୋଣରୁ ଗ୍ରହଣୀୟ ହୋଇନଥାଏ। ତେଣୁ ପ୍ରାଦ୍ୟୋଗିକ ଦୃଷ୍ଟିକୋଣରୁ ସୁଗମ୍ୟ, ଆର୍ଥନୀତିକ ଦୃଷ୍ଟିକୋଣରୁ ଯଥାର୍ଥ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ଗ୍ରହଣଯୋଗ୍ୟ ପଦାର୍ଥଗୁଡ଼ିକୁ ସମ୍ବଳ ଭାବେ ବିବେଚନା କରାଯାଇପାରେ।

ପୃଥିବୀ ସମ୍ବଳର ଏକ ଭଣ୍ଡାର, ମାତ୍ର ଅଧିକାଂଶ ସମ୍ବଳ ସୃଷ୍ଟି ପାଇଁ ଲକ୍ଷ ଲକ୍ଷ ବର୍ଷ ସମୟ ଲାଗିଛି। ମନୁଷ୍ୟ ଏଗୁଡ଼ିକୁ ନେଇ ବ୍ୟବହାର କରିବା ଶିଖିଛି। ଏଥିରେ ସହଜରେ ଉପଲବ୍ଧ ହେଉଥିବା ଜଳ, ବାୟୁ ଓ ମୃତ୍ତିକା ଏବଂ ସହଜରେ ଉପଲବ୍ଧ ହେଉନଥିବା କୋଇଲା, ପେଟ୍ରୋଲ, ମୂଲ୍ୟବାନ ପଥର, ଧାତବ ଖଣିଜ ଓ କାଠ ଇତ୍ୟାଦି ସମ୍ବଳ ଅନ୍ତର୍ଭୁକ୍ତ।



https://withteachers.in/



ଚିତ୍ର : ୧.୪ : ମୃଦୁ କର୍ଷଣଦ୍ୱାରା ଭୂମି ନିମ୍ନସ୍ଥ ପରିସଂସ୍ଥାରେ କମ୍ ବାଧା ସୃଷ୍ଟି ହୁଏ ଏବଂ ମାଟିର ଆର୍ଦ୍ରତା ବଜାୟ ରହେ ।



ଚିତ୍ର : ୧.୫ : ମହୁମାଛି ପ୍ରସ୍ତୁତ ମହୁଫେଣା

## ମନେରଖ

→ ପୃଥିବୀର ଅନେକ ଆଦିମ ଅଧିବାସୀ ପରମ୍ପରାରେ ପ୍ରକୃତିକୁ ପବିତ୍ର ବୋଲି ବିବେଚନା କରାଯାଇଥାଏ । ତୁମେ ଏ ବିଷୟରେ ଆଗରୁ ପଢ଼ିଛ । ଏସବୁ ପରମ୍ପରାରେ ପ୍ରକୃତି ହିଁ ପାଳକ ଓ ପୋଷକ ଅଟେ ।

→ ଏହାକୁ ପ୍ରତିବିମ୍ବିତ କରୁଥିବା କିଛି ପ୍ରଥା ବିଷୟରେ ତୁମେ ଜାଣ କି ?



ଚିତ୍ର : ୧.୬ : ସୁଖ ସମୃଦ୍ଧି ପାଇଁ ତୁଳସୀ ପୂଜା

## ଏହା ବିଷୟରେ ଚିନ୍ତା କର

ଅଳ୍ପ ବିରତି ନିଅ । ନିଜକୁ ଓ ନିଜ ଚତୁଃପାର୍ଶ୍ୱରେ ଥିବା ପଦାର୍ଥଗୁଡ଼ିକୁ ଦେଖ । ପ୍ରତ୍ୟେକ ପଦାର୍ଥର ଉତ୍ପତ୍ତି କିପରି ହୋଇଛି ? କୌଣସି ନା କୌଣସି ସମୟରେ ଏ ସମସ୍ତ ପଦାର୍ଥର ସୃଷ୍ଟି ପ୍ରକୃତିଗତ, ଏପରିକି ତୁମ ସାର୍ଟର ପ୍ଲାଷ୍ଟିକ ବୋତାମ ମଧ୍ୟ ପ୍ରକୃତିର ଦାନ ।

ସଂକ୍ଷେପରେ କହିବାକୁ ଗଲେ, ପ୍ରକୃତିରୁ ମିଳୁଥିବା ଓ ମନୁଷ୍ୟ ପାଇଁ ଉପଯୋଗୀ ସମସ୍ତ ମୂଲ୍ୟବାନ ସାମଗ୍ରୀ ବା ପଦାର୍ଥକୁ 'ପ୍ରାକୃତିକ ସମ୍ବଳ' କୁହାଯାଏ ।

## ପ୍ରାକୃତିକ ସମ୍ବଳର ପ୍ରକାର

ବିଜ୍ଞାନରେ ଆମେ ବିଭିନ୍ନ ପଦାର୍ଥର ନାମକରଣ ଓ ବର୍ଗୀକରଣର ଉପାଦେୟତା ବିଷୟରେ ଜାଣିଛେ । ବିଭିନ୍ନ ପଦାର୍ଥର ବର୍ଗୀକରଣ କଲାବେଳେ ଆମେ କିଛି ସାଧାରଣ ଲକ୍ଷଣକୁ ବିଚାରକୁ ନେଇ ବିଭିନ୍ନ ବର୍ଗର ନାମକରଣ ପାଇଁ ଏକ ଶବ୍ଦ ବା ବାକ୍ୟାଂଶ ବ୍ୟବହାର କରିଥାଉ । ଯେତେବେଳେ ଏହି ନାମ ବା ବାକ୍ୟାଂଶକୁ ଲୋକମାନଙ୍କ ଭିତରେ ବ୍ୟବହାର କରାଯାଏ, ସେତେବେଳେ ଏହାର ବ୍ୟାପକ ଅର୍ଥ ସହଜରେ ବୋଧଗମ୍ୟ ହୁଏ । ଏହାକୁ



https://withteachers.in/

ବାରମ୍ବାର ବୁଝେଇବାର ଆବଶ୍ୟକତା ପଡ଼ି ନଥାଏ ଏବଂ ଆମେ ମଧ୍ୟ ଏହାକୁ ଅଧିକ ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପନା କରିପାରିଥାଉ । ପୂର୍ବ ଶ୍ରେଣୀରେ ତୁମେ ସଜୀବ ଓ ନିର୍ଜୀବ ପଦାର୍ଥ ବିଷୟରେ ଜାଣିଛ । ଆମେ ଏସବୁ ଶବ୍ଦ ବ୍ୟବହାର କରିବା ମାତ୍ରେ, ଏହାର ଅର୍ଥ ଜଣାପଡ଼େ । ଏହାହିଁ ବର୍ଗୀକରଣର ଏକ ସରଳ ଉଦାହରଣ ।

ପ୍ରାକୃତିକ ସମ୍ବଳଗୁଡ଼ିକ କ୍ଷେତ୍ରରେ ଆମେ ସମାନଭାବେ ବର୍ଗୀକରଣ କରିଥାଉ ।

## ଏହା ବିଷୟରେ ଚିନ୍ତା କର

ପ୍ରାକୃତିକ ସମ୍ବଳଗୁଡ଼ିକୁ ବର୍ଗୀଭୂତ କରିବା ପାଇଁ ଆମେ କେଉଁ ସବୁ ମାନଦଣ୍ଡ ବ୍ୟବହାର କରିପାରିବା ?

ପ୍ରାକୃତିକ ସମ୍ବଳକୁ ବିଭିନ୍ନ ଆଧାରରେ ଶ୍ରେଣୀଭୁକ୍ତ କରାଯାଇପାରେ ଯଥା–ବଞ୍ଚିବାପାଇଁ ଆବଶ୍ୟକତା, ପଦାର୍ଥର ଉତ୍ସ ଓ ଶକ୍ତିର ଉତ୍ସ ଆଦି ଆଧାରକୁ ବିଚାରକୁ ନିଆଯାଇପାରେ ।

## ବଞ୍ଚିବା ପାଇଁ ଅତ୍ୟାବଶ୍ୟକ ସମ୍ବଳ

ନିଶ୍ୱାସ ପ୍ରଶ୍ୱାସ ପାଇଁ ଆବଶ୍ୟକ ବାୟୁ, ପିଇବା ପାଇଁ ପାଣି ଓ ଖାଇବା ପାଇଁ ଖାଦ୍ୟ ବିନା ଆମେ ପୃଥିବୀରେ ବଞ୍ଚିପାରିବା ନାହିଁ । ଆମେ ଏସବୁକୁ ବାୟୁମଣ୍ଡଳ, ନଦୀ ଓ ପୋଖରୀ ଏବଂ କୃଷିକାର୍ଯ୍ୟ ବା ଅନ୍ୟାନ୍ୟ ପ୍ରାଣୀମାନଙ୍କଠାରୁ ପାଇଥାଉ । ଆମେ ନିଶ୍ୱାସ ନେଉଥିବା ବାୟୁ, ପିଉଥିବା ପାଣି ଓ ଆମକୁ ଖାଦ୍ୟ ଯୋଗାଉଥିବା ମୃତ୍ତିକାକୁ ତିଆରି କରିପାରିବା ନାହିଁ ।

## ବିଭିନ୍ନ ସାମଗ୍ରୀ ପାଇଁ ସମ୍ବଳ

ପ୍ରକୃତିର ଉପହାରରୁ ମନୁଷ୍ୟ ଭୌତିକ ବସ୍ତୁ ସୃଷ୍ଟି କରିଛି । ଆମେ ସେଗୁଡ଼ିକୁ ଆମର ଉପଯୋଗୀତା ପାଇଁ କିମ୍ବା ସୌନ୍ଦର୍ଯ୍ୟ ସାମଗ୍ରୀ ତିଆରି କରିବା ପାଇଁ ବ୍ୟବହାର କରିଥାଉ । ଏହା ଆମ ଜୀବନ ତଥା ଅନ୍ୟମାନଙ୍କ ଜୀବନକୁ ସମୃଦ୍ଧ କରିଥାଏ । ଉଦାହରଣ ସ୍ୱରୂପ, ଗୋଟିଏ କାଠଖଣ୍ଡକୁ ଚଉକିରେ ରୂପାନ୍ତରିତ କରାଯାଇପାରିବ ଓ ଏହାକୁ ମଧ୍ୟ ଖୋଦିତ କରାଯାଇ ସୌଖିନ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇପାରିବ । ଭାରତର ଭୌଗୋଳିକ ବିବିଧତା ଆମକୁ କାଠ ଠାରୁ ଆରମ୍ଭ କରି ମାର୍ବଲ ଓ କୋଇଲା ଠାରୁ ଆରମ୍ଭ କରି ସୁନା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ପ୍ରାକୃତିକ ସମ୍ବଳ ପ୍ରଦାନ କରିଥାଏ ।

## ଶକ୍ତି ପାଇଁ ସମ୍ବଳ :

ଶକ୍ତି ଆଧୁନିକ ଜୀବନ ଶୈଳୀର ଆଧାର ଶିଳା– ଆମ ଗୃହ, ପରିବହନ ଓ ବିଭିନ୍ନ ପ୍ରକାର ଉତ୍ପାଦନ ପ୍ରକ୍ରିୟା ପାଇଁ ବିଦ୍ୟୁତ୍ ଶକ୍ତି ଆବଶ୍ୟକ ପଡ଼ିଥାଏ । କୋଇଲା, ଜଳ, ପେଟ୍ରୋଲିୟମ୍, ପ୍ରାକୃତିକ ଗ୍ୟାସ, ସୂର୍ଯ୍ୟକିରଣ, ପବନ ଆଦି ବିଭିନ୍ନ ପ୍ରାକୃତିକ ଉତ୍ସରୁ ଏହି ଶକ୍ତି ଆସିଥାଏ ।



https://withteachers.in/



ଚିତ୍ର : ୧.୭ : ହିମବାହ ଓ ଜଙ୍ଗଲ ଥିବା ପର୍ଯ୍ୟନ୍ତ ନଦୀଜଳ ଏକ ନବୀକରଣ ଯୋଗ୍ୟ ସମ୍ବଳ



ଚିତ୍ର : ୧.୮ : ଜଙ୍ଗଲକୁ ପୁନଃସୃଷ୍ଟିକାରୀ କରାଇବା ଦ୍ୱାରା ଆମେ ଏଠାରୁ ସୀମିତ ପରିମାଣର କାଠ ଦୀର୍ଘ ସମୟ ପାଇଁ ସଂଗ୍ରହ କରିପାରିବା ।

## ନବୀକରଣ ଯୋଗ୍ୟ ଓ ନବୀକରଣ ଅଯୋଗ୍ୟ ସମ୍ବଳ

ସମ୍ବଳଗୁଡ଼ିକ ପୁନଃସୃଷ୍ଟି ହୋଇପାରିବ କି ନାହିଁ, ତାହାକୁ ଆଧାର କରି ସେଗୁଡ଼ିକୁ ଅନ୍ୟ ପ୍ରକାରରେ ଶ୍ରେଣୀଭୁକ୍ତ କରାଯାଇପାରେ । ପୁନରୁଦ୍ଧାର କରିବା ଓ ପୁନଃସୃଷ୍ଟି କରିବା ପ୍ରକୃତିର ଏକ ସାଧାରଣ ନିୟମ । କୌଣସି ଦ୍ରବ୍ୟ ଯଦି ନଷ୍ଟ କିମ୍ବା କ୍ଷତିଗ୍ରସ୍ତ ହୋଇଥାଏ, ଏହାକୁ ପ୍ରାରମ୍ଭିକ ଅବସ୍ଥାକୁ ଫେରାଇ ଆଣିବାକୁ ପୁନରୁଦ୍ଧାର ପ୍ରକ୍ରିୟା କୁହାଯାଏ । ପ୍ରକୃତି ସମୟାନୁସାରେ ନିଜକୁ ସୁସ୍ଥ ଓ ନବୀକରଣ କରି ସ୍ଥିତାବସ୍ଥା ବଜାୟ ରଖେ । ତୁମ ଚର୍ମରେ କ୍ଷତି ହେଲେ ଏହା ସହଜରେ ଭଲ ହୋଇଯାଏ ଓ ସେହିପରି ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିଲେ ଏହା ପ୍ରାକୃତିକ ଉପାୟରେ ପୁନରୁଦ୍ଧାର ହୋଇଥାଏ । ପୁନରୁଦ୍ଧାରକୁ ଅତିକ୍ରମ କରି ପୁନଃସୃଷ୍ଟି ଆଗେଇ ଚାଲିଥାଏ ।

ନୂତନ ଜୀବନ ସୃଷ୍ଟି କରିବା ଓ ତିଷ୍ଠିବା ପାଇଁ ଉପଯୁକ୍ତ ପରିସ୍ଥିତି ପ୍ରସ୍ତୁତ କରିବାର ସାମର୍ଥ୍ୟ ପ୍ରକୃତିର ଅଛି । ଗୃହ ନିର୍ମାଣ ପାଇଁ ମାନବୀୟ ହସ୍ତକ୍ଷେପ ଜନିତ ଜଙ୍ଗଲ କ୍ଷୟ ହୋଇଥିବା ସ୍ଥାନଗୁଡ଼ିକରେ ଆମେ ବୃକ୍ଷରୋପଣ କରିଥାଉ । ସେଠାରେ ମୂଳତଃ ଜନ୍ମିଥିବା ବୃକ୍ଷଗୁଡ଼ିକର ପ୍ରତିରୋପଣ କରିବା ଦ୍ୱାରା ପରିସଂସ୍ଥାର ପୁନରୁଦ୍ଧାର ହୋଇଥାଏ । ବୃକ୍ଷଗୁଡ଼ିକ ବିଭିନ୍ନ ପକ୍ଷୀ, ଗୁଣ୍ଡୁଚି ମୂଷା ଓ ଅନ୍ୟାନ୍ୟ ପ୍ରାଣୀମାନଙ୍କୁ ଖାଦ୍ୟ ଓ ଆଶ୍ରୟ ପ୍ରଦାନ କରେ ଓ ଜୀବନ ପୁନଃ ସଞ୍ଚରିତ ହୁଏ ।

ପ୍ରକୃତିର ଚକ୍ରାକାର ଗତି କୌଣସି ଅପଚୟ ଘଟିବାକୁ ଦେଇନଥାଏ । ମନେକରାଯାଉ, ଜଙ୍ଗଲରେ ଏକ ଗଛ ମରିପଡ଼ିଛି । ଏହା ବ୍ୟାକ୍ଟେରିଆ, କବକ ଓ କୀଟପତଙ୍ଗମାନଙ୍କ ଦ୍ୱାରା ବିଘଟିତ ହୋଇ ମାଟିର ଏକ ଅଂଶ ହୋଇଯାଏ ଓ ମୃତ୍ତିକାକୁ ସମୃଦ୍ଧ କରେ । ପୁନଶ୍ଚ ମଞ୍ଜିରୁ ନୂତନ ଗଛ ସୃଷ୍ଟି ହୁଏ ଓ ବଡ଼ ହୁଏ... ଶେଷରେ କିଛି ଗଛ ପୁଣି ପଡ଼ିଯାଏ ଓ ଚକ୍ରଗତି ପୁର୍ନବାର ଆରମ୍ଭ ହୁଏ । ଏଗୁଡ଼ିକ ପୁନରୁଦ୍ଧାର ଏବଂ ପୁନଃସୃଷ୍ଟି ଜନିତ ପ୍ରଚଳିତ ନୀତିର ଉଦାହରଣ ।

## ନବୀକରଣ ଯୋଗ୍ୟ ସମ୍ବଳ

ସମୟାନୁକ୍ରମେ ନବୀକରଣ ଯୋଗ୍ୟ ସମ୍ବଳଗୁଡ଼ିକ ଉପରୋକ୍ତ ବୈଶିଷ୍ଟ୍ୟମାନ ସୂଚିତ କରେ । ଭାରତର ଅଧିକାଂଶ ସ୍ଥାନରେ ପ୍ରଚୁର ସୂର୍ଯ୍ୟକିରଣ ଉପଲବ୍ଧ ହୋଇଥାଏ । ନିୟମିତ ବର୍ଷା ଓ ହିମବାହ



https://withteachers.in/




ଚିତ୍ର : ୧.୯ : କୃତଜ୍ଞତା ସ୍ୱରୂପ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଅର୍ପଣ

ତରଳିବା ଯୋଗୁଁ ନଦୀଗୁଡ଼ିକରେ ଜଳ ପ୍ରବାହ, ଜଙ୍ଗଲର ପୁନଃସୃଷ୍ଟି ଓ ମୃତ୍ତିକାର ପୁନରୁଦ୍ଧାର ଇତ୍ୟାଦି ପ୍ରାକୃତିକ ପ୍ରକ୍ରିୟାରେ ସଂଗଠିତ ହୋଇଥାଏ ।

ସୌରଶକ୍ତି, ପବନ ଶକ୍ତି ଓ ପ୍ରବାହିତ ଜଳରୁ ଉତ୍ପନ୍ନ ଶକ୍ତି, ଜଙ୍ଗଲରୁ କାଠ ଆଦିର ଧାରଣୀୟ ପରିଚାଳନା ବିନା ସେଗୁଡ଼ିକ ନବୀକରଣ ଯୋଗ୍ୟ ସମ୍ବଳ ହୋଇପାରିବେ ନାହିଁ । ନବୀକରଣ ଯୋଗ୍ୟ ସମ୍ବଳ ନିମ୍ନୋକ୍ତ ସର୍ତ୍ତ ଉପରେ ପର୍ଯ୍ୟବସିତ, ଯଥା– ଏହା ପୁନରୁଦ୍ଧାର ଓ ପୁନଃସୃଷ୍ଟିର ପ୍ରାକୃତିକ ନିୟମକୁ ପ୍ରତିହତ କରୁନଥିବା ଆବଶ୍ୟକ । ଜଙ୍ଗଲରେ ଗଛ ସୃଷ୍ଟି ତୁଳନାରେ ଆମେ ଅଧିକରୁ ଅଧିକ କାଠ କାଟିଲେ, ଶେଷରେ ଜଙ୍ଗଲ ସମ୍ପୂର୍ଣ୍ଣ କ୍ଷୟ ହୋଇଯିବ । ମନୁଷ୍ୟର ଏହି ଦାୟିତ୍ୱହୀନ କାର୍ଯ୍ୟପାଇଁ ପ୍ରକୃତିରେ କିଭଳି ଅନେକ ଚକ୍ରାକାର ଗତି ବାଧାପ୍ରାପ୍ତ ହୋଇଛି ତାହା ବୈଜ୍ଞାନିକମାନେ ଲୋକଲୋଚନକୁ ଆଣିଛନ୍ତି ।

**ଅର୍ଘ୍ୟ (Arghyam) :** ସାଧାରଣତଃ ଜଳ ଅର୍ପଣ, ସୂର୍ଯ୍ୟଦେବତାଙ୍କୁ ସମ୍ମାନ ଓ କୃତଜ୍ଞତାର ପ୍ରତୀକ ଭାବେ କରାଯାଇଥାଏ ।

ଅନେକଗୁଡ଼ିଏ କାରକ ସମ୍ମିଳିତ ଭାବେ କାର୍ଯ୍ୟ କରୁଛନ୍ତି– ଆମେ ଅନୁଭବ କରୁଥିବା ଅତ୍ୟଧିକ ତାପମାତ୍ରା ବୃଦ୍ଧିର ଦୁଇଟି କାରଣ ରହିଛି ଯଥା– ଜୀବାଶ୍ମ ଇନ୍ଧନ ଭିତ୍ତିକ ଶିଳ୍ପାୟନ ଏବଂ କୃଷି ଓ ଅନ୍ୟାନ୍ୟ ଉଦ୍ଦେଶ୍ୟରେ ଜଙ୍ଗଲକ୍ଷୟ । ତାପବୃଦ୍ଧି କାରଣରୁ ହିମାଳୟର କେତେକ ସ୍ଥାନରେ ହିମବାହର ଗଳନ ହାର ବର୍ଷଣ ଦ୍ୱାରା ପୁନଃଭରଣାଠାରୁ ଅଧିକ ରହୁଛି । ଏହାର ପ୍ରଭାବ ହିମାଳୟ ଜଳଉତ୍ସ ଉପରେ ନିର୍ଭର କରୁଥିବା ସମତଳ ବାସିନ୍ଦାଙ୍କ ଉପରେ ପଡୁଛି ।



## ମନେରଖ

→ ସାଧାରଣତଃ ମାଛ ସଂଖ୍ୟାର ସୁରକ୍ଷା ପାଇଁ ପ୍ରଜନନ ଋତୁରେ ମାଛଧରିବାରୁ ନିବୃତ୍ତ ରହିବା ଭଳି ପ୍ରଥା ବିଭିନ୍ନ ଗୋଷ୍ଠୀମାନଙ୍କ ମଧ୍ୟରେ ପାରମ୍ପରିକ ଭାବେ ରହିଥିଲା । ମାତ୍ର ବାଣିଜ୍ୟିକ ଭିତ୍ତିରେ ମାଛଧରା ଯୋଗୁଁ ମତ୍ସ୍ୟ ସମ୍ପଦର ଅଧିକ ଶୋଷଣ ହେଲା । ଉଦାହରଣ ସ୍ୱରୂପ, ଟୁନା (Tuna) ପ୍ରଜାତି ମାଛ ସଂଖ୍ୟାର ଦ୍ରୁତ ହ୍ରାସ ଯୋଗୁଁ ଏହି ମାଛ ଧରିବା ଉପରେ ନିୟନ୍ତ୍ରଣ ଲାଗୁ ହେଲା । ତଥାପି ଛୋଟ ଛୋଟ ମାଛ ଓ ଚିଙ୍ଗୁଡ଼ିକୁ ଖାଦ୍ୟ ଭାବରେ ଗ୍ରହଣ କରି ସାମୁଦ୍ରିକ ପରିସଂସ୍ଥାକୁ ସନ୍ତୁଳିତ ରଖୁଥିବା ଏ ପ୍ରଜାତିର ମାଛ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି ।

→ ପ୍ରାକୃତିକ ପରିସଂସ୍ଥାରେ ସନ୍ତୁଳନ ରକ୍ଷା ପାଇଁ କିଛି ପାରମ୍ପରିକ ପ୍ରଥା ବିଷୟରେ ତୁମେ ଜାଣ କି ?




https://withteachers.in/

ଆମେ ବ୍ୟବହାର କରୁଥିବା ବିଭିନ୍ନ ସାମଗ୍ରୀ ଉତ୍ପାଦନ ପାଇଁ ଶିଳ୍ପର ଆବଶ୍ୟକତା ରହିଛି। ଶିଳ୍ପାୟନରୁ ଉତ୍ପନ୍ନ ବର୍ଜ୍ୟବସ୍ତୁ ମୁଖ୍ୟତଃ ନଦୀ ଓ ଅନ୍ୟାନ୍ୟ ଜଳାଶୟକୁ ନିଷ୍କାସିତ ହୋଇଥାଏ। ଅଧିକାଂଶ ସମୟରେ ଏହି ବର୍ଜ୍ୟବସ୍ତୁ ଅପଘଟିତ ହୋଇ ନପାରିବାରୁ କୌଣସି ଜୀବର ଖାଦ୍ୟଭାବେ ବ୍ୟବହୃତ ହୋଇନଥାଏ। ଫଳତଃ ପ୍ରକୃତିର ପୁନରୁଦ୍ଧାର ଏବଂ ପୁନଃସୃଷ୍ଟି ଚକ୍ରରେ ବ୍ୟାଘାତ ସୃଷ୍ଟି ହୁଏ। ନଦୀ ତଥା ଜଳାଶୟ ବିଷାକ୍ତ ହୋଇଯାଏ ଓ ଜୀବନ ପାଇଁ ଅନୁକୂଳ ହୋଇ ନ ଥାଏ।




ଚିତ୍ର : ୧.୧୦: ଅଧିକାଂଶ ସମୟରେ ଶିଳ୍ପ ବର୍ଜ୍ୟବସ୍ତୁଗୁଡ଼ିକୁ ଉପଯୁକ୍ତ ପ୍ରକ୍ରିୟାକରଣ ବିନା ଫିଙ୍ଗି ଦିଆଯାଏ।

## ଆସ ଅନୁସନ୍ଧାନ କରିବା



- → ତୁମ ଚତୁଃପାର୍ଶ୍ୱସ୍ଥ ପରିବେଶରେ ପ୍ରକୃତି ନିଜସ୍ୱ ପୁନରୁଦ୍ଧାର ଓ ପୁନଃସୃଷ୍ଟି କ୍ଷମତା ହରାଇବାପାଇଁ ଦାୟୀ ମାନବୀୟ କାର୍ଯ୍ୟକଳାପଗୁଡ଼ିକୁ ଚିହ୍ନଟ କର।
- → ପ୍ରକୃତି ଚକ୍ରକୁ ପୁନରୁଦ୍ଧାର କରିବା ପାଇଁ କି' କି' ପଦକ୍ଷେପ ନିଆଯାଇପାରିବ ?



## ମନେରଖ

- → **ପରିସଂସ୍ଥାର କାର୍ଯ୍ୟ ଓ ପରିସଂସ୍ଥାର ସେବା :** ପ୍ରକୃତି ନିଜସ୍ୱ ଅନ୍ତର୍ନିହିତ ଢଙ୍ଗରେ କାର୍ଯ୍ୟକରେ। ଉଦାହରଣ ସ୍ୱରୂପ, ବୃକ୍ଷମାନେ ପ୍ରାକୃତିକ ଭାବରେ ଅମ୍ଳଜାନ ଉତ୍ପାଦନ କରନ୍ତି। ଯେତେବେଳେ ଏହିଭଳି ପ୍ରାକୃତିକ ପ୍ରକ୍ରିୟାଗୁଡ଼ିକ ମଣିଷର କଲ୍ୟାଣ କରେ, ସେତେବେଳେ ଆମେ ତାକୁ 'ପରିସଂସ୍ଥା ସେବା' କହିଥାଉ। ଆମେ ଏହାକୁ ଏପରି ଭାବରେ ମଧ୍ୟ ଭାବି ପାରିବା– ଜଙ୍ଗଲ ପ୍ରାକୃତିକ ଭାବରେ ଜଳକୁ ସ୍ୱଚ୍ଛ କରେ, ମୃତ୍ତିକା କ୍ଷୟକୁ ରୋକେ, ପ୍ରାଣୀମାନଙ୍କ ପାଇଁ ବାସସ୍ଥାନ ଯୋଗାଇଥାଏ, ଆମେ ଏହାକୁ 'ପରିସଂସ୍ଥା କାର୍ଯ୍ୟ' କହୁ। ଯେତେବେଳେ ଆମେ ସେହି ଜଙ୍ଗଲ ଯୋଗୁଁ ସ୍ୱଚ୍ଛ ଜଳ, ଉର୍ବର ଚାଷଜମି ଏବଂ ପରାଗୀକୃତ ଫସଲରୁ ଉପକୃତ ହେଉ, ସେତେବେଳେ ଆମେ ପ୍ରକୃତିରୁ 'ପରିସଂସ୍ଥା ସେବା' ପାଇଥାଉ।
- → ଗୋଟିଏ ପରିପକ୍ୱ ବୃକ୍ଷ ଦୈନିକ ପ୍ରାୟ ୨୭୫ ଲିଟର ଅମ୍ଳଜାନ ଉତ୍ପାଦନ କରେ (ଏହି ଉତ୍ପାଦନ ବୃକ୍ଷର ପ୍ରକାର ଉପରେ ନିର୍ଭର କରି ଭିନ୍ନ ଭିନ୍ନ ହୋଇଥାଏ)। ଜଣେ ମନୁଷ୍ୟ ଦୈନିକ ପ୍ରାୟ ୩୫୦ ଲିଟର ଅମ୍ଳଜାନ ଆବଶ୍ୟକ କରିଥାଏ। (ଏହି ଆବଶ୍ୟକତା ମନୁଷ୍ୟର ପରିଶ୍ରମ, ଉଚ୍ଚତା ଓ ଓଜନ ଭିତ୍ତିରେ ଅଲଗା ହୋଇଥାଏ)।

**ପରିସଂସ୍ଥା (Ecosystem) :** କୌଣସି ପ୍ରାକୃତିକ ପରିବେଶ ଅନ୍ତର୍ଗତ ସଜୀବ ଓ ନିର୍ଜୀବ ଉପାଦାନ ଗୁଡ଼ିକର ପାରସ୍ପରିକ ସମ୍ପର୍କ ଓ ନିର୍ଭରଶୀଳତାକୁ ପରିସଂସ୍ଥା କୁହାଯାଏ।





https://withteachers.in/

## ଆସ ଅନୁସନ୍ଧାନ କରିବା



ତୁମ ଅଞ୍ଚଳର ବିଭିନ୍ନ ନବୀକରଣ ଯୋଗ୍ୟ ସମ୍ବଳର ମୂଲ୍ୟାୟନ କରିବା ପାଇଁ ଗୋଟିଏ ଛୋଟ ଗବେଷଣାତ୍ମକ ଅନୁଧ୍ୟାନ କର । ତୁମ ଅଧ୍ୟୟନର ଭୌଗୋଳିକ କ୍ଷେତ୍ର ଏବଂ ତୁମକୁ ଆବଶ୍ୟକ ସୂଚନାର ଉତ୍ସ ସମ୍ବନ୍ଧରେ ଶିକ୍ଷକଙ୍କ ସହ ଆଲୋଚନା କରିପାରିବ । ସମୟ ସହିତ ଏହି ସମ୍ବଳଗୁଡ଼ିକର ସ୍ଥିତିରେ କ'ଣ ପରିବର୍ତ୍ତନ ଆସିଛି ? ପରିବର୍ତ୍ତନର କାରଣ ସବୁକୁ ଚିହ୍ନଟ କର ଓ ଏକ ନିରାକରଣ ନିମନ୍ତେ କ'ଣ କରିହେବ, ଏହାର ସମ୍ବନ୍ଧରେ ଏକ ଛୋଟ ରିପୋର୍ଟ ପ୍ରସ୍ତୁତ କର ।

## ନବୀକରଣ ଅଯୋଗ୍ୟ ସମ୍ବଳ

ନବୀକରଣ ଅଯୋଗ୍ୟ ସମ୍ବଳ ସୃଷ୍ଟି ହେବା ପାଇଁ ବହୁବର୍ଷ ଲାଗିଥାଏ । ଆମେ ଯେଉଁ ହାରରେ ସେଗୁଡ଼ିକୁ ବ୍ୟବହାର କରୁଛେ, ସେଗୁଡ଼ିକର ସେହି ହାରରେ ପୁନଃଭରଣ ସମ୍ଭବ ନୁହେଁ । ଉଦାହରଣ ସ୍ୱରୂପ, ଜୀବାଶ୍ମ ଇନ୍ଧନ (କୋଇଲା ଓ ପେଟ୍ରୋଲିୟମ୍), ଲୁହା, ତମ୍ବା ଓ ସୁନା ଭଳି ଖଣିଜ ଏବଂ ଧାତୁଗୁଡ଼ିକ ଏହି ସମ୍ବଳର ଅନ୍ତର୍ଭୁକ୍ତ । ଭାରତରେ ଯଥେଷ୍ଟ ପରିମାଣର କୋଇଲା ଭଣ୍ଡାର ରହିଛି । ବର୍ଦ୍ଧିତ ଜନସଂଖ୍ୟାର ଶକ୍ତି ଆବଶ୍ୟକତା ପୂରଣ ପାଇଁ ଆମେ ଏହି କୋଇଲାର ଖନନ କରିଥାଉ । ତେବେ, ଭାରତରେ ଗଚ୍ଛିତ ଥିବା କୋଇଲା ଭଣ୍ଡାର ଆଉ ୫୦ ବର୍ଷ ପର୍ଯ୍ୟନ୍ତ ରହିପାରେ ବୋଲି ଆକଳନ କରାଯାଉଛି । କ୍ରମାଗତ ଜନସଂଖ୍ୟା ବୃଦ୍ଧି ଓ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବା ଯୋଗୁଁ ଦିନକୁ ଦିନ ବିଦ୍ୟୁତ୍ ଶକ୍ତିର ଚାହିଦା ବୃଦ୍ଧି ପାଇବାରେ ଲାଗିଛି । ଯେପର୍ଯ୍ୟନ୍ତ ଏହାର ସ୍ଥାୟୀ ବିକଳ୍ପ ବ୍ୟାପକ ଭାବରେ ଉପଲବ୍ଧ ହୋଇନାହିଁ, ସେ ପର୍ଯ୍ୟନ୍ତ ଆମେ ଗଚ୍ଛିତଥିବା କୋଇଲାର ଯଥୋଚିତ ବ୍ୟବହାର କରିବାକୁ ହେବ ।

## ଆସ ଅନୁସନ୍ଧାନ କରିବା




ତୁମେ ପ୍ରତିଦିନ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ବ୍ୟବହାର କରୁଥିବା ନବୀକରଣ ଅଯୋଗ୍ୟ ସମ୍ବଳଗୁଡ଼ିକ କ'ଣ ? ଏହି ସମ୍ବଳଗୁଡ଼ିକର ସମ୍ଭାବ୍ୟ ନବୀକରଣ ଯୋଗ୍ୟ ବିକଳ୍ପଗୁଡ଼ିକ କ'ଣ ? କେଉଁ ସବୁ ପଦକ୍ଷେପ ଦ୍ୱାରା ଏଗୁଡ଼ିକ ନବୀକରଣ ଯୋଗ୍ୟ ସମ୍ବଳରେ ରୂପାନ୍ତରିତ ହୋଇପାରିବ ?

## ପ୍ରାକୃତିକ ସମ୍ବଳଗୁଡ଼ିକର ବଣ୍ଟନ ଏବଂ ଏହାର ପ୍ରଭାବ :

ପ୍ରାକୃତିକ ସମ୍ବଳଗୁଡ଼ିକ ପୃଥିବୀର ବିଭିନ୍ନ ପ୍ରାନ୍ତରରେ କିମ୍ବା କୌଣସି ଦେଶ ଭିତରେ ସମାନ ଭାବରେ ବଣ୍ଟନ ହୋଇନାହିଁ । ଏହି ଅସମାନ ବଣ୍ଟନ ମାନବବସତି, ବାଣିଜ୍ୟର ପ୍ରକାରଭେଦ, ଆନ୍ତର୍ଜାତୀୟ ସମ୍ପର୍କ ଓ ସଂଘର୍ଷକୁ ରୂପ ଦେଇଥାଏ । ଏହି ପ୍ରାକୃତିକ ସମ୍ବଳ ଉପରେ ଅଧିକାର ସାବ୍ୟସ୍ତ କରିବା ପାଇଁ ଅତୀତରେ ଅନେକ ଯୁଦ୍ଧ ହୋଇଛି ଏବଂ ଏବେ ମଧ୍ୟ ଅନେକ ଯୁଦ୍ଧ ଜାରି ରହିଛି ।



https://withteachers.in/




ଚିତ୍ର : ୧.୧୧ : ମୁଖ୍ୟ ଖଣିଜ ଦ୍ରବ୍ୟର ବଣ୍ଟନ

## ଆସ ଅନୁସନ୍ଧାନ କରିବା


ଚିତ୍ର : ୧.୧୧ରେ ଥିବା ମାନଚିତ୍ରକୁ ଅନୁଧ୍ୟାନ କର । ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଅସମାନ ବଣ୍ଟନକୁ ଲକ୍ଷ୍ୟ କର । ତୁମ ଅଞ୍ଚଳରେ କେଉଁ ପ୍ରକାର ସମ୍ବଳ ଉପଲବ୍ଧ ? ସେଗୁଡ଼ିକ ବଣ୍ଟନ କିପରି ଭାବରେ ହୋଇଅଛି ?



ପ୍ରାକୃତିକ ସମ୍ବଳ ମିଳୁଥିବା ସ୍ଥାନରେ ସ୍ଥାପିତ ଶିଳ୍ପାନୁଷ୍ଠାନଗୁଡ଼ିକ ସ୍ଥାନୀୟ ଲୋକମାନଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରେ । ଏଗୁଡ଼ିକର ଚତୁଃପାର୍ଶ୍ୱରେ ସହର ଗଢ଼ିଉଠିଥାଏ, ଯାହାକି ଅନ୍ୟମାନଙ୍କ ପାଇଁ ଆର୍ଥିକ ସୁଯୋଗ ସୃଷ୍ଟି କରେ । ଆଧୁନିକ ସୁବିଧା ସୁଯୋଗ ଦ୍ୱାରା ଜୀବନଶୈଳୀ ଉନ୍ନତ ହୋଇଥାଏ । ସ୍ୱଳ୍ପକାଳୀନ ହେଉ ବା ଦୀର୍ଘକାଳୀନ ହେଉ, ଉନ୍ନତ ଜୀବନଶୈଳୀ ଖର୍ଚ୍ଚ ବହୁଳ ହୋଇଥାଏ । ଏହିପରି ବିକାଶ ନିମନ୍ତେ, ପୃଥିବୀର ସମ୍ବଳ ସମୃଦ୍ଧ ଅଞ୍ଚଳରୁ ମଧ୍ୟ ଲୋକମାନେ ବିସ୍ଥାପିତ ହେବାର ଅନେକ ଉଦାହରଣ ରହିଛି ।



https://withteachers.in/




ଚିତ୍ର : ୧.୧୨ : ବ୍ରହ୍ମପୁତ୍ର ନଦୀ ଜଳର ସହଭାଗୀତା

କେତେକ କ୍ଷେତ୍ରରେ ବିସ୍ଥାପିତମାନଙ୍କ ପବିତ୍ର ବାସଭୂମି ସଙ୍କଟାପନ୍ନ ଅବସ୍ଥାରେ ରହିଛି ଓ ଏଥିପାଇଁ ଅନେକ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି ।

କିନ୍ତୁ, ଶିଳ୍ପାୟନ ତଥା ମାନବ ଜ୍ଞାନଦକ୍ଷତାର ସମ୍ମନ୍ୱୟ ଯୋଗୁ ଅତି ଉଚ୍ଚମାନର ଉତ୍ପାଦମାନ ସୃଷ୍ଟି ହେଉଛି । ଉଜ୍ ଷ୍ଟିଲ୍ (Wootz Steel) ଭଳି ଉଚ୍ଚମାନର ଇସ୍ପାତ୍ ଏହାର ଏକ ଉଦାହରଣ । ଏହା ବ୍ୟତୀତ ପ୍ରାକୃତିକ ସମ୍ବଳର ଭୌଗୋଳିକ ସ୍ଥିତି ଉପରେ ନିର୍ଭର କରି ଜାତୀୟ ଓ ଆନ୍ତର୍ଜାତୀୟ ବାଣିଜ୍ୟ ପ୍ରଭାବିତ ହେଉଥାଏ । ଆମେ ଜାଣୁ ଯେ ଭାରତରେ ବୃହତ୍ ସାମ୍ରାଜ୍ୟର ବିକାଶକୁ ଅତୀତର ବାଣିଜ୍ୟହିଁ ଇନ୍ଧନ ଯୋଗାଇଥିଲା ।




## ଆସ ଅନୁସନ୍ଧାନ କରିବା

→ ଯେକୌଣସି ଦୁଇଟି ପ୍ରାକୃତିକ ସମ୍ବଳ ଚୟନ କର । ଭାରତର ବିଭିନ୍ନ ସ୍ଥାନରେ ସେଗୁଡ଼ିକର ଉପଲବ୍ଧତା ବିଷୟରେ ସୂଚନା ସଂଗ୍ରହ କରି, ଗୋଟିଏ ମାନଚିତ୍ରରେ ଚିହ୍ନିତ କର । ସେଗୁଡ଼ିକର ବଣ୍ଟନ ବିଷୟରେ କ'ଣ ଲକ୍ଷ୍ୟକରୁଛ ? ଏଗୁଡ଼ିକ ସହିତ କେଉଁ ପ୍ରକାରର ଆର୍ଥିକ କାର୍ଯ୍ୟକଳାପ ଜଡ଼ିତ ?

→ ସେ ସବୁ ସ୍ଥାନରୁ ପ୍ରାକୃତିକ ସମ୍ବଳର ଉତ୍ତୋଳନ, ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ି ଉପରେ କିପରି ପ୍ରଭାବ ପକାଇବ ଆଲୋଚନା କର । ପ୍ରକୃତିର ଏହି ଉପହାରକୁ ଆମେ କିପରି ଦାୟିତ୍ୱପୂର୍ଣ୍ଣଭାବେ ବ୍ୟବହାର କରିପାରିବା, ସେ ବିଷୟରେ ନିଜର ପ୍ରସ୍ତାବ ଦିଅ ।

ପ୍ରକୃତି ରାଜନୈତିକ ସୀମାକୁ ଧ୍ୟାନ ଦିଏ ନାହିଁ । ଏଥିପାଇଁ ବିଭିନ୍ନ ଦେଶ ଓ ରାଜ୍ୟ ମଧ୍ୟରେ ପ୍ରାକୃତିକ ସମ୍ବଳ ଅଂଶୀଦାରୀ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥାଏ । କର୍ଣ୍ଣାଟକ, ତାମିଲନାଡୁ, କେରଳ ଓ ପୁଡୁଚେରୀ ମଧ୍ୟରେ କାବେରୀ ନଦୀର ଜଳବଣ୍ଟନ ଏହାର ପ୍ରକୃଷ୍ଟ ଉଦାହରଣ । ଏହି ରାଜ୍ୟମାନଙ୍କ ମଧ୍ୟରେ ଆଲୋଚନା ଓ ଦକ୍ଷତାପୂର୍ଣ୍ଣ ପରିଚାଳନା ଦ୍ୱାରା ଶାନ୍ତି ବଜାୟ ରଖିବା ସହ ନ୍ୟାୟସଂଗତ ବଣ୍ଟନର ଆବଶ୍ୟକତା ରହିଛି । ଏହା ନିଶ୍ଚିତ ଯେ, ପଡ଼ୋଶୀ ଦେଶମାନଙ୍କ ମଧ୍ୟରେ ଏହିଭଳି ଚୁକ୍ତିନାମାରେ ପହଞ୍ଚିବା ଏତେ ସହଜ ସାଧ୍ୟ ବ୍ୟାପାର ନୁହେଁ ।



## ଆସ ଅନୁସନ୍ଧାନ କରିବା

ଆନ୍ତର୍ଜାତୀୟ ସ୍ତରରେ ସୃଷ୍ଟ ଏହିଭଳି ଏକ ବିବାଦକୁ ଖୋଜି ବାହାର କର । ଏହାର ନିଷ୍କର୍ଷ ତୁମ ଶ୍ରେଣୀରେ ଆଲୋଚନା କର ।



https://withteachers.in/




ଚିତ୍ର : ୧.୧୩ : କାବେରୀ ନଦୀ ଉପରେ ନିର୍ମିତ ତାମିଲନାଡୁର ମେଟୁର ବନ୍ଧ

## ପ୍ରାକୃତିକ ସମ୍ବଳର ବିଲକ୍ଷଣ (The "Natural Resource Curse")

ପ୍ରାକୃତିକ ସମ୍ବଳର ପ୍ରାଚୁର୍ଯ୍ୟ ଅର୍ଥନୈତିକ ସମୃଦ୍ଧିକୁ ସୁନିଶ୍ଚିତ କରି ନଥାଏ। କେତେକ ଅଞ୍ଚଳ ପ୍ରାକୃତିକ ସମ୍ବଳରେ ସମୃଦ୍ଧ ଥିବା ସତ୍ତ୍ୱେ ସେଠାରେ ଆର୍ଥିକ ଅଭିବୃଦ୍ଧି ଓ ବିକାଶର ଧାରା ମନ୍ଥର ହୋଇଥାଏ। ଫଳତଃ ଦେଶରେ ଅନେକ ସାମାଜିକ ଓ ଆର୍ଥିକ ସମସ୍ୟାମାନ ସୃଷ୍ଟି ହୁଏ। ଏହି ପରିସ୍ଥିତିକୁ ଅର୍ଥନୀତିଜ୍ଞମାନେ 'ପ୍ରାକୃତିକ ସମ୍ବଳର ବିଲକ୍ଷଣ' (Natural Resource Curse) କିମ୍ବା 'ପ୍ରଚୁରତାର ବିରୋଧାଭାସ' (Paradox of Plenty) ବୋଲି କହିଛନ୍ତି। ସରଳ ଭାବେ କହିଲେ, ପ୍ରଚୁର ପ୍ରାକୃତିକ ସମ୍ବଳ ରହିଥିବା ଦେଶକୁ ଧନୀ କୁହାଯାଇପାରିବ ନାହିଁ। ବହୁ କ୍ଷେତ୍ରରେ ସମ୍ବଳକୁ ଉଚ୍ଚମୂଲ୍ୟର ଉତ୍ପାଦନରେ ପରିଣତ କରିବାକୁ ଆବଶ୍ୟକ ଶିଳ୍ପ ବିକାଶ ଦେଶର ଆର୍ଥିକ ପରିସ୍ଥିତି ଯୋଗୁଁ ସମ୍ଭବ ହେଉନାହିଁ। ଏହି ପୁସ୍ତକର ଶେଷରେ ଦିଆଯାଇଥିବା "ଉତ୍ପାଦନର କାରକ" ଅଧ୍ୟାୟରେ ଏ ବିଷୟରେ ଅଧିକ ବୁଝିପାରିବ।

### ଆସ ଅନୁସନ୍ଧାନ କରିବା

ବିଭିନ୍ନ ଭୌଗୋଳିକ ଅଞ୍ଚଳରେ ଉପଲବ୍ଧ ପ୍ରାକୃତିକ ସମ୍ବଳକୁ ବ୍ୟବହାରକ୍ଷମ କରିବା ପାଇଁ କେଉଁ ସବୁ ନିବେଶ (Input) ଆବଶ୍ୟକ ବୋଲି, ତୁମେ ଭାବୁଛ ?



ସମ୍ବଳର ସଂଗ୍ରହଣ ଓ ଏହାର ଧାରଣୀୟତା (Substainability) ମଧ୍ୟରେ ସନ୍ତୁଳନ ରକ୍ଷା ତଥାପି ଏକ ଆହ୍ୱାନ ହୋଇ ରହିଛି। ପ୍ରାକୃତିକ ସମ୍ବଳ ସମ୍ବନ୍ଧରେ ଯଥାର୍ଥ ଜ୍ଞାନ ଓ ଏହାର ସୁପରିଚାଳନା ବିଷୟରେ ଆମେ ପ୍ରଥମେ ଜାଣିବା ଦରକାର। ତେବେ ମଣିଷର ବୋଧଶକ୍ତି, ସୁଶାସନ ଏବଂ ଉପଯୁକ୍ତ ଯୋଜନା ଉପରେ ହିଁ ଏହାର ସ୍ଥାୟୀ ଲାଭ ବା ତତ୍କାଳ ଲାଭ ନିର୍ଭର କରିଥାଏ।





https://withteachers.in/

## ପ୍ରାକୃତିକ ସମ୍ବଳର ଦାୟିତ୍ୱସମ୍ପନ୍ନ ସୁବିନିଯୋଗ : ସୁରକ୍ଷିତ ପରିଚାଳନା

**ଜୈବ ବିବିଧତାର କ୍ଷତି (Biodiversity Loss) :** ପୃଥିବୀରେ ଜୈବ ବିବିଧତାରେ ନିରନ୍ତର ହ୍ରାସ

ପୃଥିବୀରେ ଜୀବନ ତିଷ୍ଠିବା ପାଇଁ ଆମେ ପ୍ରକୃତିକୁ ସମ୍ମାନ କରିବା ଆବଶ୍ୟକ । ପ୍ରାକୃତିକ ସମ୍ବଳର ସୁବ୍ୟବସ୍ଥିତ ଉପଯୋଗ ଦ୍ୱାରା ନବୀକରଣ ଯୋଗ୍ୟ ସମ୍ବଳର ପୁନରୁଦ୍ଧାର ଓ ପୁନଃସୃଷ୍ଟି ଓ ନବୀକରଣ ଅଯୋଗ୍ୟ ସମ୍ବଳର ଯଥୋଚିତ ଓ ଦାୟିତ୍ୱସମ୍ପନ୍ନ ବ୍ୟବହାର ସମ୍ଭବ ହେବ ।

ଏହି ବିଷୟରେ ଅଧ୍ୟୟନ କରୁଥିବା ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ ପ୍ରାକୃତିକ ସମ୍ବଳର ଦାୟିତ୍ୱହୀନ ବ୍ୟବହାର ଦ୍ୱାରା ପ୍ରଦୂଷଣ, ଜୈବ ବିବିଧତାର କ୍ଷତି ଏବଂ ଜଳବାୟୁ ପରିବର୍ତ୍ତନ ଘଟୁଛି । ଆଜିକାଲି ଏହି ଘଟଣାମାନ ଅଧିକରୁ ଅଧିକ ଭାବେ ସଂଗଠିତ ହେଉଛି ।

## ନବୀକରଣ ଯୋଗ୍ୟ ସମ୍ବଳର ପୁନରୁଦ୍ଧାର ଓ ପୁନଃସୃଷ୍ଟି

କ୍ରମାଗତ ବ୍ୟବହାର ବୃଦ୍ଧି ଯୋଗୁଁ ପ୍ରାକୃତିକ ସମ୍ବଳକୁ ଆମେ କିପରି ପୁନଃ ସୃଷ୍ଟି କରିବାର କ୍ଷମତା ବାହାରକୁ ନେଇଯାଇଛେ, ତାହାର ଦୁଇଟି ଉଦାହରଣ ଏଠାରେ ଦିଆଯାଇଛି ।

ଆମ ଦେଶର ଅନେକ ଚାଷୀ ଜଳସେଚନ ଉଦ୍ଦେଶ୍ୟରେ ଭୂତଳ ଜଳ ଉତ୍ତୋଳନ କରନ୍ତି । ଅନେକ ରାଜ୍ୟରେ ଅଧିକ ପରିମାଣରେ ଉତ୍ତୋଳନ ହେବା କାରଣରୁ ଭୂତଳ ଜଳସ୍ତର ପୁନଃଭରଣ ତୁଳନାରେ ଅଧିକ ନିମ୍ନଗାମୀ ହେଉଛି । ସମୟାନୁକ୍ରମେ, ଭୂତଳ ଜଳର ଅଭାବ ବୃଦ୍ଧି ପାଇବାରେ ଲାଗିଛି ଏବଂ ଏହାର ଉପଲବ୍ଧତା ହ୍ରାସ ଯୋଗୁଁ ଜଳ ଉତ୍ତୋଳନ ବ୍ୟୟବହୁଳ ହେଉଛି । ପୂର୍ବାନୁମାନ କରାଯାଇଛି ଯେ, ଆମର ବର୍ଦ୍ଧିଷ୍ଣୁ ସହର ଗୁଡ଼ିକରେ ଭୂତଳ ଜଳ ଶୀଘ୍ର ଶେଷ ହୋଇଯିବ । ସୁତରାଂ ଭୂତଳ ଜଳସ୍ତର ବୃଦ୍ଧି ନିମନ୍ତେ ଅନେକ ପ୍ରତିକାରମୂଳକ ପଦକ୍ଷେପ ଆରମ୍ଭ କରାଯାଇଛି । ଏଥିପାଇଁ ଜଳ ଅମଳର ବିଭିନ୍ନ ପାରମ୍ପରିକ ପଦ୍ଧତି, ପୋଖରୀ, ଓ ବିଭିନ୍ନ ଜଳାଶୟ ଗୁଡ଼ିକର ପୁନରୁଦ୍ଧାର, ପାଣିର ଅପଚୟ ହ୍ରାସ, ପ୍ରକ୍ରିୟାକରଣ ଏବଂ ପୁନଃବ୍ୟବହାର ଭଳି କିଛି ରଣନୀତି ଗ୍ରହଣ କରାଯାଉଛି ।



ଚିତ୍ର : ୧.୧୪ : ରାସାୟନିକ ସାରର ଅନୁଚିତ ବ୍ୟବହାର ଜନିତ ଫସଲ କ୍ଷତି

ସେହିପରି, ରାସାୟନିକ ସାର ଏବଂ କୀଟନାଶକର ଅନୁପଯୁକ୍ତ ବ୍ୟବହାର ଦ୍ୱାରା ମୃତ୍ତିକା ଅବକ୍ଷୟ ହେଉଛି । ପାରମ୍ପରିକ କୃଷି ପଦ୍ଧତି ମୃତ୍ତିକାକୁ ପୃଥିବୀ ମାଆର ଅଂଶ ବୋଲି ବିବେଚନା କରୁଥିଲା । ସେ ସମୟରେ ଗୋବର ଓ ଅନ୍ୟାନ୍ୟ ପ୍ରାକୃତିକ ସାରର ବ୍ୟବହାର, ମୃତ୍ତିକା ଆଚ୍ଛାଦନ (mulching), ବହୁ ଫସଲ (multi-cropping) ଭିତ୍ତିକ କୃଷି ପଦ୍ଧତି ଆଦି ଅଭ୍ୟାସଗୁଡ଼ିକ ମୃତ୍ତିକା ପରିଚାଳନାକୁ



https://withteachers.in/

ବ୍ୟବସ୍ଥିତ କରିଥିଲା । ବର୍ତ୍ତମାନ ସମୟରେ ଆମକୁ ପୁନଶ୍ଚ ଏହି ପଦ୍ଧତିଗୁଡ଼ିକରୁ ଶିଖିବାକୁ ହେବ ଏବଂ ପ୍ରୟୋଗ କରିବାକୁ ପଡ଼ିବ । ଏହାଦ୍ୱାରା ମୃତ୍ତିକାକୁ ପୁନଃଭରଣ ଓ ପୁନଃର୍ଜୀବିତ କରି ଅବକ୍ଷୟରୁ ରୋକାଯାଇ ପାରିବ ।

## ଭୂତଳ ଜଳର ଅତ୍ୟଧିକ ବ୍ୟବହାର (Over expolitation)

## ପଞ୍ଜାବର ଏକ ଘଟଣା

ପଞ୍ଜାବର ଉର୍ବର ସମତଳ ଭୂମିରେ ଭୂତଳ ଜଳ ହ୍ରାସ ଯୋଗୁଁ ଉତ୍କଟ ଜଳ ସଙ୍କଟ ଦେଖା ଦେଇଛି । ଆମ ଜନସଂଖ୍ୟାର ଏକ ବୃହତ ଅଂଶକୁ ଖାଦ୍ୟ ଯୋଗାଉଥିବା ପଞ୍ଜାବ-ସବୁଜ ବିପ୍ଳବର ଅନ୍ତୁଡ଼ିଶାଳ । ଭାରତକୁ ଖାଦ୍ୟ ସ୍ୱାବଲମ୍ବୀ କରିବାରେ ଏହି ରାଜ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ଆଜି ସେହି ରାଜ୍ୟ ନିରନ୍ତର (Sustainability) ସମସ୍ୟାର ସମ୍ମୁଖୀନ ହେଉଛି । ପୁନଃସୃଷ୍ଟି ଓ ପୁନଃଭରଣ ତୁଳନାରେ ସାମୟିକ ପ୍ରଗତି ପାଇଁ ପ୍ରକୃତିକୁ ମାତ୍ରାଧିକ ବ୍ୟବହାର ଓ ଶୋଷଣ କରାଯାଉଛି । ଏହି ସମସ୍ୟା କେବଳ ପଞ୍ଜାବ ନୁହେଁ, ଅନ୍ୟ ବହୁ ରାଜ୍ୟକୁ ମଧ୍ୟ ପ୍ରଭାବିତ କରୁଛି ।

୧୯୬୦ ଦଶକରେ ପଞ୍ଜାବର ଚାଷୀମାନେ କୃଷିକ୍ଷେତ୍ରରେ ଗହମ ଓ ଧାନର ଉଚ୍ଚ ଅମଳକ୍ଷମ ବିହନ ବ୍ୟବହାର କରୁଥିଲେ । ଏହା ପାରମ୍ପରିକ ବିହନ ଅପେକ୍ଷା ଅଧିକ ଜଳ ଆବଶ୍ୟକ କରୁଥିଲା । ତେଣୁ ଚାଷୀମାନେ ଏହି ଆବଶ୍ୟକତା ପୂରଣ କରିବା ପାଇଁ ଅଧିକରୁ ଅଧିକ ଭୂତଳ ଜଳ ଉପରେ ନିର୍ଭର କଲେ । ଏହା ସହିତ ମାଗଣା ବିଦ୍ୟୁତ୍ ଯୋଗାଣ (ମଟର ପମ୍ପର ବ୍ୟବହାର ପାଇଁ) ଭୂତଳ ଜଳର ଅତ୍ୟଧିକ ଉତ୍ତୋଳନକୁ ତ୍ୱରାନ୍ୱିତ କଲା । (ଆଜି ମଧ୍ୟ ଭାରତର ଅଧିକାଂଶ ସ୍ଥାନରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି) । ଏହି ପ୍ରକାର ଆଧୁନିକ କୃଷି କୌଶଳ ପାଇଁ ଅଧିକରୁ ଅଧିକ କୀଟନାଶକ ଏବଂ ରାସାୟନିକ ସାରର ବ୍ୟବହାର ମଧ୍ୟ ହେଉଛି ।

ଉପରୋକ୍ତ କାରଣଗୁଡ଼ିକର ମିଳିତ ପ୍ରଭାବରେ ପଞ୍ଜାବର ଏକ ବଡ଼ ଅଞ୍ଚଳରେ (ଚିତ୍ର : ୧.୧୭ ଦେଖ) ଭୂତଳ ଜଳ ସ୍ତର ପ୍ରାୟ ୩୦ ମିଟର ତଳକୁ ଚାଲି ଗଲାଣି । ଏହି ଭୂତଳ ଜଳରେ କୀଟନାଶକ ଓ ସାରରୁ ରାସାୟନିକ ପଦାର୍ଥ ମିଶି ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରୁଛି ।



ଚିତ୍ର :୧.୧୫ : ଭୂତଳ ଜଳ ଉତ୍ତୋଳନ



ଚିତ୍ର ୧.୧୬ : ଆର୍ଦ୍ର ଧାନ କ୍ଷେତ






https://withteachers.in/

ପଞ୍ଜାବର ପ୍ରାୟ ୮୦ ପ୍ରତିଶତ ଅଞ୍ଚଳକୁ 'ଅତ୍ୟଧିକ ଶୋଷିତ' ଅଞ୍ଚଳ ଭାବରେ ଶ୍ରେଣୀଭୁକ୍ତ କରାଯାଇଛି । ଅନ୍ୟ ଅର୍ଥରେ କହିବାକୁ ଗଲେ ଆମେ ଭୂତଳ ଜଳର ପୁନରୁଦ୍ଧାର ଏବଂ ସମ୍ଭାବ୍ୟ ପୁନଃସୃଷ୍ଟି ଅପେକ୍ଷା ଅଧିକ ଜଳ ଉତ୍ତୋଳନ ଓ ବ୍ୟବହାର କରୁଛୁ ।

ଏଠାରେ ଆମେ ଦେଖିପାରୁଛେ ଯେ, ପଞ୍ଜାବରୁ ଆରମ୍ଭ ହୋଇଥିବା ଖାଦ୍ୟ ସୁରକ୍ଷା ସ୍ୱଳ୍ପ ସମୟ ପାଇଁ ଆମକୁ ନିଶ୍ଚିତ କରିପାରିଥିଲା । ତେବେ, ଦୀର୍ଘକାଳୀନ ପରିଣାମ ଓ ପ୍ରଭାବକୁ ସମାଧାନ କରିବା ପାଇଁ ଯଥେଷ୍ଟ ସମୟ ଓ ପ୍ରୟାସ ଲାଗିବ ।




ଚିତ୍ର ୧.୧୭ : ପଞ୍ଜାବ ଏବଂ ଚଣ୍ଡିଗଡ଼ର ଜଳସ୍ତର ଗଭୀରତାର ମାନଚିତ୍ର ଜୁନ୍ ୨୦୨୨ (ଭୂସ୍ତରରୁ ଜଳର ଗଭୀରତା ମିଟରରେ)




https://withteachers.in/



ଚିତ୍ର : ୧.୧୮ : ରାଜସ୍ଥାନର ଜୟସଲମେର ଦୁର୍ଗ। ଏହା ଏକ ଦ୍ୱାଦଶ ଶତାବ୍ଦୀର ମାଟିର ନିର୍ମାଣ ଏବଂ ପରେ ବାଲିପଥର ଦ୍ୱାରା ପୁନଃ ନିର୍ମାଣ।

## ସିମେଣ୍ଟ ପ୍ରସଙ୍ଗ

ସିମେଣ୍ଟ ବିନା ଜୀବନ ଅକଳ୍ପନୀୟ। ଆମ ଘର, ବିଦ୍ୟାଳୟ ଓ ଡାକ୍ତରଖାନା ଏବଂ ତତ୍‌ସହିତ ଅନ୍ୟାନ୍ୟ କୋଠା, ପୋଲ, ରାସ୍ତା ଏବଂ ବିମାନବନ୍ଦର ଆଦିର ନିର୍ମାଣ ପାଇଁ ସିମେଣ୍ଟ ଆବଶ୍ୟକ। ସିମେଣ୍ଟ ଶିଳ୍ପ ସବୁଠାରୁ ପ୍ରଦୂଷଣକାରୀ ଶିଳ୍ପ ମଧ୍ୟରୁ ଅନ୍ୟତମ ବୋଲି ତାଲିକାଭୁକ୍ତ କରାଯାଇଛି। ସିମେଣ୍ଟ ଉତ୍ପାଦନ ପ୍ରକ୍ରିୟାରେ କାରଖାନାରୁ ନିର୍ଗତ ସୂକ୍ଷ୍ମ ଧୂଳି ଆମର ତଥା ପଶୁମାନଙ୍କ ଫୁସ୍‌ଫୁସ୍‌ରେ ପ୍ରବେଶ କରି କ୍ଷତି ପହଞ୍ଚାଇଥାଏ। ଏହା ମଧ୍ୟ ଗଛର ପତ୍ର ଉପରେ ଜମା ହୋଇ ସେମାନଙ୍କର ଉତ୍ପାଦନ ହ୍ରାସ କରେ ଏବଂ ମୃତ୍ତିକା ଓ ଜଳ ପ୍ରଦୂଷଣ କରିଥାଏ। ପ୍ରଦୂଷଣକୁ ଅତି କମ୍ ବା ଦୂର କରିବା ପାଇଁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ସିମେଣ୍ଟ କାରଖାନା ନିମନ୍ତେ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଛନ୍ତି।

ଏହାବ୍ୟତୀତ ବିକଳ୍ପ ସାମଗ୍ରୀ ବ୍ୟବହାର ମାଧ୍ୟମରେ ପ୍ରଦୂଷଣ ହ୍ରାସ କରିବାପାଇଁ ପଦକ୍ଷେପ ନିଆଯାଉଛି। ଏଥିରେ ପଥର ଓ ମାଟି ବା କର୍ଦ୍ଦମ ପରି ପାରମ୍ପରିକ ସାମଗ୍ରୀ, ଉଦ୍ଭିଦ ଆଧାରିତ ନୂତନ ସାମଗ୍ରୀ ଏବଂ ବର୍ଜ୍ୟ ପ୍ଲାଷ୍ଟିକରୁ ସୃଷ୍ଟ ନୂତନ ସାମଗ୍ରୀର ବ୍ୟବହାର ଅନ୍ତର୍ଭୁକ୍ତ।



ଚିତ୍ର : ୧.୧୯ : ଆରୋଭିଲ୍ ଆର୍ଥ ଇନ୍‌ଷ୍ଟିଚ୍ୟୁଟ୍ (ମାଟିର ସ୍ଥାପତ୍ୟ ନିର୍ମାଣ ପାଇଁ ୟୁନେସ୍କୋ ଚେୟାର ଅଳଙ୍କୃତ କରିଥିବା) ଦ୍ୱାରା ନିର୍ମିତ ଅରୋଭିଲ୍‌ରେ ଏକ ଗୋଷ୍ଠୀ ଭବନ। ଏହି ଆଧୁନିକ କୋଠା ବିଶେଷ କୌଶଳ ବ୍ୟବହାର ଦ୍ୱାରା କାଦୁଅରେ ନିର୍ମିତ।



https://withteachers.in/

ଏବେ ପାରମ୍ପରିକ ଦ୍ରବ୍ୟ ଓ ପଦ୍ଧତିଗୁଡ଼ିକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସହିତ ମିଶାଇ କମ୍ ପ୍ରଦୂଷଣକାରୀ ଓ ଧାରଣୀୟ (Sustainable) ସାମଗ୍ରୀ ସୃଷ୍ଟି କରାଯାଉଛି । ଏହାଦ୍ୱାରା ସ୍ଥାନୀୟ ନିଯୁକ୍ତି ସୃଷ୍ଟି ହେବା ସହ ସେହି ସ୍ଥାନର ଜଳବାୟୁ ପ୍ରତି ଧ୍ୟାନ ଦିଆଯାଇପାରୁଛି ।

ବୃକ୍ଷାୟୁର୍ବେଦ (ବୃକ୍ଷ + ଆୟୁର୍ବେଦ) ଏକ ପ୍ରାଚୀନ ଭାରତୀୟ ଉଦ୍ଭିଦ ବିଜ୍ଞାନ । ଏଥିରେ ବୃକ୍ଷ ଓ ଉଦ୍ଭିଦ ସମ୍ବନ୍ଧରେ ଅଧ୍ୟୟନ ଏବଂ ଯତ୍ନ ଉପରେ ଗୁରୁତ୍ୱ ଦିଆଯାଇଥାଏ । ଏହି ଶବ୍ଦଟି ସଂସ୍କୃତରୁ ଆସିଛି । ବୃକ୍ଷର ଅର୍ଥ ହେଉଛି ଗଛ ଓ ଆୟୁର୍ବେଦ ଅର୍ଥ ହେଉଛି ଜୀବନ କିମ୍ବା ସ୍ୱାସ୍ଥ୍ୟର ବିଜ୍ଞାନ । ଏହି ପାରମ୍ପରିକ ଜ୍ଞାନ ପ୍ରଣାଳୀ ହଜାର ହଜାର ବର୍ଷ ପୁରୁଣା ଏବଂ ଏହା ପ୍ରାୟ ଦଶମ ଶତାବ୍ଦୀରେ ସୁରପାଳଙ୍କ ବୃକ୍ଷାୟୁର୍ବେଦ ଗ୍ରନ୍ଥରେ ଆନୁଷ୍ଠାନିକ ଭାବେ ପ୍ରକାଶିତ ହୋଇଥିଲା ।

ଏହି ଗ୍ରନ୍ଥରେ ନିର୍ଦ୍ଦିଷ୍ଟ ମୃତ୍ତିକା ଭିତ୍ତିରେ ଅଲଗା ଅଲଗା ଗଛ ଲଗାଇବା ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା କରାଯାଇଛି । ଏହାବ୍ୟତୀତ ଏଥିରେ ବିହନ ସଂଗ୍ରହ ଓ ସଂରକ୍ଷଣ ଏବଂ ପ୍ରାକ୍ ଚାରାରୋପଣ ଯତ୍ନ ସମ୍ପର୍କରେ ମଧ୍ୟ ଉଲ୍ଲେଖ ରହିଛି । ଋତୁଭିତ୍ତିରେ ଜଳସେଚନର କୌଶଳ, ଉଦ୍ଭିଦ ପ୍ରଜାତି ଓ ବୃଦ୍ଧିର ପର୍ଯ୍ୟାୟ ଆଦିର ବିସ୍ତୀର୍ଣ୍ଣ ବର୍ଣ୍ଣନା ପୁସ୍ତକରେ ରହିଛି । ଏକକାଳୀନ ପ୍ରାକୃତିକ ପ୍ରତିରୋଧକ ସହ ଚାରାରୋପଣ ଦ୍ୱାରା ଫସଲ ହାନିକାରକ କୀଟ ପରିଚାଳନା ରଣନୀତି ଏଥିରେ ରହିଛି ।

ଏହି ପ୍ରକାର ଧାରଣୀୟ କୃଷି (Sustainable agricultue) ମୃତ୍ତିକାର ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ପର୍ଯ୍ୟାୟଭିତ୍ତିକ ଓ ମିଶ୍ରିତ କୃଷିକୁ ପ୍ରୋତ୍ସାହିତ କରିଥାଏ । ମାଟିକୁ ହଳ କରିବାର ସଠିକ୍ ପଦ୍ଧତି ଦ୍ୱାରା ମାଟିର ଆର୍ଦ୍ରତା ବଜାୟ ରଖିବା ଓ ଏଥିରେ କବକ, ବ୍ୟାକ୍ଟେରିଆ, ଜିଆ ବା କେଞ୍ଚୁଆ ଭଳି ଜୀବନ୍ତ ପ୍ରାଣୀଙ୍କ ବୃଦ୍ଧିକୁ କିପରି ସହଜ କରାଯାଇପାରିବ, ତାହା ବୃକ୍ଷାୟୁର୍ବେଦ ପରାମର୍ଶ ଦେଇଛି ।

## ସିକିମ୍‌ର ଏକ ଘଟଣା



ଚିତ୍ର ୧.୨୦- ସିକିମ୍‌ରେ ଜୈବିକ କୃଷି

ସିକିମ୍‌ରେ ପେମାଙ୍କ ପାରିବାରିକ କୃଷିଫାର୍ମରେ ବ୍ୟୟବହୁଳ ରାସାୟନିକ ପଦାର୍ଥର ବ୍ୟବହାର ସତ୍ତ୍ୱେ ଅମଳ କ୍ରମଶଃ ହ୍ରାସ ପାଇଲା ଓ ଋଣଭାର ଯୋଗୁଁ ସେମାନେ ଚାପଗ୍ରସ୍ତ ହୋଇଥିଲେ । ରାଜ୍ୟ ସରକାର ସାରା ରାଜ୍ୟରେ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ନୀତି ଘୋଷଣା କଲା ପରେ, ପେମାଙ୍କ ପରିବାର ଏହି ପଦ୍ଧତିକୁ ଆପଣେଇବାକୁ ନିଷ୍ପତ୍ତି ନେଲେ । ପ୍ରଥମେ ପ୍ରଥମେ ଏହି ନୀତିକୁ ଆପଣେଇବା ତାଙ୍କପାଇଁ ଏତେଟା ସହଜ ନଥିଲା । କାରଣ ବର୍ଷ ବର୍ଷ ଧରି ରାସାୟନିକ ପଦାର୍ଥର ବ୍ୟବହାର ଜନିତ ଅବକ୍ଷୟଗତ ମୃତ୍ତିକାର ପୁନରୁଦ୍ଧାର ଧିରେ ଧିରେ ହେଉଥିଲା । ଫଳତଃ ଅମଳ ଆଶାନୁରୂପକ ହେଉନଥିଲା ।




https://withteachers.in/

ପେମାଙ୍କ ପରିବାର ଗୋବର ଖତ ଓ ନିମ, ରସୁଣ ଆଦିରୁ ପ୍ରସ୍ତୁତ ପ୍ରାକୃତିକ କୀଟନାଶକ ବ୍ୟବହାର କରି ବର୍ଷସାରା ଅନେକ ପ୍ରକାରର ଫଳ ଚାଷ କଲେ। ପ୍ରାୟ ପାଞ୍ଚ ବର୍ଷ ପରେ ପେମାଙ୍କ ଫାର୍ମ ପୁନଶ୍ଚ ଉତ୍ପାଦନକ୍ଷମ ହେଲା। ସେ ତାଙ୍କର ଅଳେଇଚ, ଅଦା ଏବଂ ପାରମ୍ପରିକ ପନିପରିବା ସଠିକ୍ ମୂଲ୍ୟରେ ବିକ୍ରିକରି ଲାଭବାନ ହେଲେ। ୨୦୧୬ ମସିହାରେ, ସମସ୍ତ ଚାଷଜମି ସ୍ୱୀକୃତ ବା ପ୍ରାମାଣିକ ଭାବେ ଜୈବିକ କୃଷି ଅନ୍ତର୍ଗତ ହେବାରୁ ସିକିମ୍ ଶତ ପ୍ରତିଶତ ଜୈବିକ କୃଷି ରାଜ୍ୟରେ ପରିଣତ ହେଲା।

ଏହର ପ୍ରଭାବରେ ସ୍ଥାନୀୟ ଜୈବ ବିବିଧତା ବୃଦ୍ଧି ପାଇଲା ଓ ଲାଭଦାୟକ କୀଟପତଙ୍ଗ ଏବଂ ପକ୍ଷୀ ପୁନଶ୍ଚ ଫେରି ଆସିଲେ। ଜୈବିକ କୃଷି ପଦ୍ଧତି ଦେଖିବା ପାଇଁ ପରିଦର୍ଶକମାନଙ୍କ ଆଗମନ ହେବା ସହିତ ପର୍ଯ୍ୟଟନ ବୃଦ୍ଧି ପାଇଲା ଏବଂ ଚାଷୀଙ୍କ ଆୟ ହାରାହାରି ୨୦ ପ୍ରତିଶତ ବୃଦ୍ଧି ଘଟିଥିଲା। ଆଜି, ସିକିମ୍ ବିଶ୍ୱରେ ଏକ ଆଦର୍ଶ କୃଷି ରାଜ୍ୟର ମାନ୍ୟତା ପାଇଛି। ଏଥିରୁ ସ୍ପଷ୍ଟ ଯେ, ଉଦ୍ୟମ ଦ୍ୱାରା ବିଭିନ୍ନ ଅଞ୍ଚଳରେ ସ୍ଥାୟୀ କୃଷି ପଦ୍ଧତିକୁ ସଫଳତାର ସହ ଆପଣେଇ ହେବ ଏବଂ ଏଥିସହ ପାରିବେଶିକ ଓ ଆର୍ଥିକ ଉନ୍ନତି ହୋଇପାରିବ।

## ସମ୍ବଳର ଦାୟିତ୍ୱପୂର୍ଣ୍ଣ ଓ ଯଥୋଚିତ ବ୍ୟବହାର

ନବୀକରଣ ଅଯୋଗ୍ୟ ସମ୍ବଳ କ୍ଷେତ୍ରରେ ଆମକୁ ଅଧିକ ସ୍ଥାୟୀ ବିକଳ୍ପ ସମ୍ବଳ ଖୋଜିବା ପର୍ଯ୍ୟନ୍ତ ଗଚ୍ଛିତ ସମ୍ବଳର ଦୀର୍ଘ ସ୍ଥାୟୀ ବ୍ୟବହାର ନିଶ୍ଚିତ କରିବାକୁ ପଡ଼ିବ। ଉଦାହରଣ ସ୍ୱରୂପ, ଆମକୁ ଯଥାସମ୍ଭବ ଅଧିକରୁ ଅଧିକ ଚାହିଦା ପୂରଣ କରିବା ନିମନ୍ତେ ନବୀକରଣୀୟ ଶକ୍ତିର ଉତ୍ସ ଉପରେ ନିର୍ଭର କରିବାକୁ ହେବ।



ଚିତ୍ର : ୧.୨୧ ରାଜସ୍ଥାନରେ ଅବସ୍ଥିତ ବିଶ୍ୱର ସର୍ବବୃହତ୍ ସୌର ପାର୍କ ମଧ୍ୟରୁ ଗୋଟିଏର ସାଟେଲାଇଟ୍ ପ୍ରତିଛବି। ଏହା ରାଜସ୍ଥାନର ବର୍ତ୍ତମାନ ଆବଶ୍ୟକତାର ପ୍ରାୟ ୧୫% ବିଦ୍ୟୁତ୍ ଉତ୍ପାଦନ କରିବା ପାଇଁ ସକ୍ଷମ।



https://withteachers.in/



ଚିତ୍ର ୧.୨୨ କର୍ଣ୍ଣାଟକର ରାଇଚୁର ନିକଟସ୍ଥ ସୌର ଫାର୍ମ

### ଆନ୍ତର୍ଜାତୀୟ ସୌର ମେଣ୍ଟ– ନବୀକରଣ ଯୋଗ୍ୟ ଶକ୍ତିରେ ଭାରତର ନେତୃତ୍ୱ

୨୦୧୫ ମସିହାରେ ଭାରତ ଓ ଫ୍ରାନସ୍ ମିଶି ସୌର ଶକ୍ତି ପାଇଁ ଏକ ଆନ୍ତର୍ଜାତୀୟ ମେଣ୍ଟ (IASE– International Alliance for Solar Energy) ଗଠନ କରିଥିଲେ । ସୌର ରଶ୍ମିରେ ସମୃଦ୍ଧ ଦେଶ ଗୁଡ଼ିକର ସୌରଶକ୍ତି ବ୍ୟବହାର ପାଇଁ ପ୍ରତିବଦ୍ଧତା ଏହି ମେଣ୍ଟର ଉଦ୍ଦେଶ୍ୟ ଥିଲା ।

ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ସୌର ପ୍ରକଳ୍ପର ଉନ୍ନତି ନିମନ୍ତେ ଭାରତ କୋଟି କୋଟି ଡଲାର ନିବେଶ ସହିତ ବୈଷୟିକ ସହାୟତା ପ୍ରଦାନ କରିଛି ଓ ଏହାଦ୍ୱାରା ସୁଲଭ ଆର୍ଥିକ ବିକଳ୍ପ ସୃଷ୍ଟି ହୋଇପାରିଛି । ଭାଡ଼ଲା ସୌର ପ୍ରକଳ୍ପ (Bhadla Solar Park) ଭାରତର ସୌର ମହତ୍ତ୍ୱାକାଂକ୍ଷାର ଏକ ଉଜ୍ଜ୍ୱଳ ପ୍ରତୀକ । ଆମ ଦେଶ କିପରି ପାରମ୍ପରିକ ଶକ୍ତି ଉତ୍ସରୁ ନବୀକରଣୀୟ ବିକଳ୍ପକୁ ପରିବର୍ତ୍ତିତ ହେଉଛି, ଏହା ଦର୍ଶାଉଛି । ଭାରତୀୟମାନଙ୍କ ପାଇଁ ଏହି ମେଣ୍ଟ ଉଭୟ ପରିବେଶଗତ ଦାୟିତ୍ୱ ଓ ଆର୍ଥିକ ସୁଯୋଗକୁ ପ୍ରତିନିଧିତ୍ୱ କରେ ।

ଜଳ ଓ ସ୍ୱଚ୍ଛ ବାୟୁ ଭଳି ମୌଳିକ ସମ୍ବଳଗୁଡ଼ିକର ବଣ୍ଟନ ଓ ସମସ୍ତଙ୍କ ପାଇଁ ସୁଲଭ୍ୟ କରିବା ସମୟରେ କେହି ଯେପରି ଏଥିରୁ ବଞ୍ଚିତ ନ ହୁଅନ୍ତି, ତାହାପ୍ରତି ସଚେତନ ହେବାକୁ ପଡ଼ିବ । ଅଧିକାଂଶ ସହରାଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳ ମିଳିନଥାଏ । ଶିଳ୍ପାୟନ ଓ ଜୀବାଶ୍ମ ଇନ୍ଧନର ବହୁଳ ବ୍ୟବହାର ଯୋଗୁଁ ବାୟୁମଣ୍ଡଳ ଅଧିକରୁ ଅଧିକ ପ୍ରଦୂଷିତ ହେଉଛି । ଏହିସବୁ ବିପତ୍ତିରୁ ନିଜକୁ ରକ୍ଷା କରିବାରେ ଅସମର୍ଥ ଲୋକମାନେ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି ।

ପ୍ରକୃତି ସହିତ ଆମର ନିବିଡ଼ ସମ୍ପର୍କ ଅତୀତରୁ ରହି ଆସିଛି । ତେଣୁ ପ୍ରାକୃତିକ ସମ୍ବଳର ସୁରକ୍ଷା, ସ୍ଥାୟୀତ୍ୱ, ପୁନଃସୃଷ୍ଟି, ପୁନରୁଦ୍ଧାର ଓ ପରିଚାଳନାରେ ଆମକୁ ଯତ୍ନବାନ ହେବାକୁ ପଡ଼ିବ ।



https://withteachers.in/

ମାନବ କଲ୍ୟାଣ ପାଇଁ ପ୍ରତ୍ୟେକ ନିଜର ବ୍ୟକ୍ତିଗତ ଇଚ୍ଛାକୁ ଅତିକ୍ରମ କରି ସମସ୍ତଙ୍କର ମଙ୍ଗଳ କରିବାର ଆବଶ୍ୟକତା ସମ୍ବନ୍ଧରେ ଭଗବତ୍ ଗୀତାର ଲୋକ ସଂଗ୍ରହରେ ଉଲ୍ଲେଖ ଅଛି । ଏହାକୁ ଗମ୍ଭୀରତାର ସହିତ ବିଚାର କରିବାର ସମୟ ଉପନୀତ ହୋଇନାହିଁ କି ?

## ଆମେ କ'ଣ ଶିଖିଲେ...



→ ପ୍ରକୃତିରେ ଦେଖାଯାଉଥିବା ସାମଗ୍ରୀ ଓ ପଦାର୍ଥ ଗୁଡ଼ିକ ପ୍ରାକୃତିକ ସମ୍ବଳ ଓ ଏଗୁଡ଼ିକ ମାନବ ଜାତି ପାଇଁ ମୂଲ୍ୟବାନ ।

→ ସମ୍ବଳଗୁଡ଼ିକ ବିଭିନ୍ନ ଭାବରେ ଶ୍ରେଣୀଭୁକ୍ତ କରାଯାଇପାରେ; ତନ୍ମଧ୍ୟରୁ ବ୍ୟବହାର ଦୃଷ୍ଟିକୋଣରୁ ନବୀକରଣଯୋଗ୍ୟ ଏବଂ ନବୀକରଣ ଅଯୋଗ୍ୟ ଏକ ଶ୍ରେଣୀ ବିଭାଗ ।

→ ପ୍ରଯୁକ୍ତି ବିଦ୍ୟା ଓ ଦକ୍ଷତା ବିକାଶ ମାଧ୍ୟମରେ ଆମେ "ସମ୍ବଳର ବିଲକ୍ଷଣ" ସମସ୍ୟାର ସମାଧାନ କରିପାରିବା ।

→ ଆମେ ନବୀକରଣ ଯୋଗ୍ୟ ସମ୍ବଳର ବ୍ୟବହାର ମାତ୍ରା ଯେପରି ଅଧିକ ନହୁଏ, ସେ ବିଷୟରେ ସତର୍କ ରହିବା ଦରକାର । ତତ୍‌ସହିତ ନବୀକରଣ ଅଯୋଗ୍ୟ ସମ୍ବଳର ଯଥୋଚିତ ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର କରିବାକୁ ହେବ, ଯାହାଦ୍ୱାରା ଏହା ବହୁବର୍ଷ ପର୍ଯ୍ୟନ୍ତ ମାନବ କଲ୍ୟାଣରେ ଲାଗି ପାରିବ ।

### ପ୍ରଶ୍ନ ଓ ଅଭ୍ୟାସ କାର୍ଯ୍ୟ

୧. ଆମେ ଆଜି ଯାହାକୁ ନବୀକରଣ ଯୋଗ୍ୟ ସମ୍ବଳ ବୋଲି ଭାବୁଛେ, ତାହା ଆସନ୍ତାକାଲିକୁ କିପରି ନବୀକରଣ ଅଯୋଗ୍ୟ ହୋଇଯିବ ? ଏହି ଘଟଣାକୁ ରୋକିବାପାଇଁ କେଉଁ କେଉଁ ପଦକ୍ଷେପ ନିଆଯାଇପାରିବ ଲେଖ ।

୨. ମନୁଷ୍ୟର ସେବାରେ ଆସୁଥିବା ପାଞ୍ଚଟି ପରିସଂସ୍ଥା କାର୍ଯ୍ୟାବଳୀର (ecosystem function) ନାମ କୁହ ।

୩. ନବୀକରଣ ଯୋଗ୍ୟ ସମ୍ବଳ ଗୁଡ଼ିକ କ'ଣ ? ସେଗୁଡ଼ିକ ନବୀକରଣ ଅଯୋଗ୍ୟ ସମ୍ବଳଠାରୁ କିପରି ଭିନ୍ନ ? ବର୍ତ୍ତମାନ ଏବଂ ଭବିଷ୍ୟତ ପିଢ଼ି ନିମନ୍ତେ ନବୀକରଣ ଯୋଗ୍ୟ ସମ୍ବଳର ଉପଲବ୍ଧି ନିଶ୍ଚିତ କରିବାପାଇଁ ଲୋକମାନେ କ'ଣ କରିପାରିବେ, ଏହାର ଦୁଇଟି ଉଦାହରଣ ଦିଅ ।

୪. ତୁମ ଘର ଏବଂ ଆଖପାଖରେ ପ୍ରାକୃତିକ ସମ୍ବଳ ବ୍ୟବହାର ସମ୍ପର୍କିତ ସଚେତନତାକୁ ସୂଚାଉଥିବା ସାଂସ୍କୃତିକ ଅଭ୍ୟାସଗୁଡ଼ିକୁ ଚିହ୍ନଟ କର ।

୫. ଆମର ଆବଶ୍ୟକ ସାମଗ୍ରୀ ଉତ୍ପାଦନ ସମୟରେ କେଉଁ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦେବା ଆବଶ୍ୟକ ?



https://withteachers.in/

## ଇତିହାସର ଅନ୍ଧକାରମୟ ସମୟ ଉପରେ ଏକ ଟିପ୍ପଣୀ

ଅନେକ ସମୟରେ ଇତିହାସ, ଯୁଦ୍ଧ ଓ ବିନାଶର ଗାଥାରେ ପରିପୂର୍ଣ୍ଣ ଭଳି ମନେହୁଏ। ଏହା ସତ୍ୟ ଯେ, ଶାନ୍ତି ଓ ସୌହାର୍ଦ୍ଦପୂର୍ଣ୍ଣ ସମୟର ଗାଥା ଉପରେ ଏହା କମ୍ ଧ୍ୟାନ ଦେଇଛି। ପ୍ରତ୍ୟେକ ଦେଶରେ ଏହିପରି ଶାନ୍ତିପୂର୍ଣ୍ଣ ଯୁଗ ଓ ଅନେକ ହିତୈଷୀ ଶାସକ ଥିଲେ ମଧ୍ୟ ଇତିହାସର ପୃଷ୍ଠା ଅଯୋଗ୍ୟ, ଦୁର୍ନୀତିଗ୍ରସ୍ତ ଓ ନିଷ୍ଠୁର ଶାସକମାନଙ୍କଦ୍ୱାରା ପରିପୂର୍ଣ୍ଣ। ଇତିହାସର ଏହି କ୍ରୁର ସମୟକୁ "ଅନ୍ଧକାରମୟ ସମୟ" କହିପାରିବା। କାରଣ ଏହି ସମୟରେ ଯୁଦ୍ଧ, ଲାଞ୍ଛନା, ଧର୍ମାନ୍ଧତା, ରକ୍ତପାତ ଇତ୍ୟାଦି ବିଭୀଷିକା ଭୂଭାଗକୁ କବଳିତ କରି ସମଗ୍ର ସମାଜ ବା ଦେଶ ଉପରେ ଦୁଃଖ-ଦୁର୍ଦ୍ଦଶାର ବାଦଲ ସୃଷ୍ଟି କରିଥିଲା।

ଆମେ ଏପରି ଅନ୍ଧକାରମୟ ସମୟ ପ୍ରତି କେତେ ଧ୍ୟାନ ଦେବା ଉଚିତ୍? ବିଶ୍ୱବ୍ୟାପୀ ଐତିହାସିକମାନେ ଏହି ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଛନ୍ତି। ଆମେ ଏହି ସମୟକୁ ଇତିହାସରୁ ସମ୍ପୂର୍ଣ୍ଣ ଭାବରେ ବାଦ୍ ଦେବା ଉଚିତ୍ ଅଥବା ସେଗୁଡ଼ିକରୁ କେତେକ ଘୃଣ୍ୟ ବିବରଣୀକୁ ବାଦ୍ ଦେଇ ଉଲ୍ଲେଖ କରିବା ଉଚିତ୍ ହେବ କି? ନତୁବା ସେଗୁଡ଼ିକୁ ସାମ୍ନା କରିବା ସହ ଏପରି ଘଟଣାକୁ ବିକଶିତ କରିବାରେ ସାହାଯ୍ୟ କରିଥିବା କାରକ ଏବଂ ଏଗୁଡ଼ିକର ପୁନରାବୃତ୍ତିକୁ ଏଡ଼ାଇବା ପାଇଁ ବିଶ୍ଳେଷଣ ଦ୍ୱାରା ନିଶ୍ଚିନ୍ତ କରିବା ଉଚିତ ହେବ? ଆମ ମତରେ, ଶେଷ ବା ତୃତୀୟ ବିକଳ୍ପଟି ହେଉଛି ସର୍ବୋତ୍ତମ। ତେବେ ଏହାକୁ ଯଥେଷ୍ଟ ନିରପେକ୍ଷତା ଓ ସମ୍ବେଦନଶୀଳତା ସହ ବର୍ଣ୍ଣନା କରିବା ଉଚିତ ହେବ। ଆମେ ଅତୀତକୁ ଜାଣିବା ଗୁରୁତ୍ୱପୂର୍ଣ୍ଣ, କାରଣ ଅତୀତ ଆମ ସହିତ ରହିଛି ଓ ବର୍ତ୍ତମାନକୁ ଜନ୍ମ ଦେଇଛି।

"ନିରପେକ୍ଷତା ଏବଂ ସମ୍ବେଦନଶୀଳତା" କହିଲେ ଆମେ କ'ଣ ବୁଝୁଛେ? ଏହାର ଅର୍ଥ ଏସବୁ ଦୁର୍ଘଟଣା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବଂଶଧରଙ୍କୁ ଦୋଷ ନଦେଇ ଏହି ଦୁଃଖଦ ଘଟଣାର ବୃଦ୍ଧି ପାଇଁ ଦାୟୀ କାରଣ ଗୁଡ଼ିକୁ ନିରପେକ୍ଷ ଭାବରେ ଅଧ୍ୟୟନ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ। ଉଦାହରଣ ସ୍ୱରୂପ, ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୧୯୪୫)ର ଭୟଙ୍କର ପରିଣାମ ସ୍ୱରୂପ ସାରା ବିଶ୍ୱରେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁବରଣ କରିଥିଲେ। ଏହା ତୁମେ ପରବର୍ତ୍ତୀ ଶ୍ରେଣୀରେ ପଢ଼ିବ। ସେତେବେଳେ ଜର୍ମାନୀ ଏକ ଘୃଣ୍ୟତମ ନିଷ୍ଠୁର ଚିନ୍ତାଧାରା ବା ଆଦର୍ଶ ('ନାଜିବାଦ' ନାମରେ ଜଣା) ଅନୁସରଣ କରି "ନୀଚ ଜାତି" (Inferior races)ର ବିନାଶରେ ବିଶ୍ୱାସ କରିବାକୁ ଲାଗିଲା। ଏହାଦ୍ୱାରା ସେହି ଦେଶରେ କିଛି ଜାତି ବା ସମ୍ପ୍ରଦାୟର ଜନସାଧାରଣଙ୍କ ପ୍ରତି ଅମାନବୀୟ ବ୍ୟବହାର ସହ ଅଧିକୃତ ରାଷ୍ଟ୍ରଗୁଡ଼ିକୁ ନିଷ୍ଠୁର ଭାବେ ଶାସନ କରାଯାଇଥିଲା। ଏଣୁ ଆଠ ଦଶନ୍ଧି ପୂର୍ବେ ଯାହା ଘଟିଥିଲା, ସେଥିପାଇଁ ଆଜିର ଜର୍ମାନମାନଙ୍କୁ ଦୋଷ ଦେବା ସ୍ପଷ୍ଟଭାବେ ଗ୍ରହଣଯୋଗ୍ୟ ନୁହେଁ। ବରଂ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, କେଉଁ କାରଣରୁ ନାଜି ଚିନ୍ତାଧାରାର ଉଦ୍ଭବ ହେଲା ଓ ଏ ପ୍ରକାର ଚିନ୍ତାଧାରାକୁ ଏବେ ବା ଭବିଷ୍ୟତରେ କିପରି ପ୍ରତିହତ କରିପାରିବା, ସେ ବିଷୟରେ ଅଧିକ ଜାଣିବାର ଆବଶ୍ୟକତା ରହିଛି।

ଏହି ପାଠ୍ୟପୁସ୍ତକରେ 'ଅତୀତର ସ୍ମୃତିଫର୍ଦ୍ଦ' ଅଧ୍ୟାୟରେ ଯୁଦ୍ଧର ବିଭୀଷିକା, ପଶୁତ୍ୱ ଓ ନିଷ୍ଠୁରତାର ଅନେକ ଉଦାହରଣ ରହିଛି। ସେଥିପାଇଁ ମଧ୍ୟ ଉପରୋକ୍ତ ନୀତି ପ୍ରଯୁଜ୍ୟ। ଯଦିବା ସେହି ଘଟଣାଗୁଡ଼ିକୁ ଅସ୍ୱୀକାର ବା ବାଦ୍ ଦିଆଯାଇ ପାରିବ ନାହିଁ, ସେଥିପାଇଁ ଆଜି କାହାକୁ ଦାୟୀ କରିବା ମଧ୍ୟ ଭୁଲ୍ ହେବ। ନିଷ୍ଠୁର ହିଂସା, ଦମନମୂଳକ କୁଶାସନ, ଦୁର୍ବାର କ୍ଷମତା ଲାଳସା ଆଦି ଅତୀତର ଯନ୍ତ୍ରଣା ଲାଘବ କରିବା ଓ ସମ୍ଭବତଃ, ଏସବୁ ଭବିଷ୍ୟତରେ ଯେପରି ସ୍ଥାନ ନ ପାଏ ସେଥିପାଇଁ ଉପରୋକ୍ତ ଐତିହାସିକ ଘଟଣାବଳୀର ଉତ୍ପତ୍ତିକୁ ଆମକୁ ବୁଝିବାକୁ ହେବ।

ଅଧ୍ୟାୟ ୨

# ଭାରତର ରାଜନୈତିକ ମାନଚିତ୍ରର ପୁନର୍ଗଠନ



ଚିତ୍ର : ୨.୧ : ଆକାଶରୁ କୁତବମିନାର, ଦିଲ୍ଲୀ ପରିସରର ଦୃଶ୍ୟ

## ଆସ ଚିନ୍ତା କରିବା ?

୧. ଏହି ସମୟରେ ବିଦେଶୀ ଆକ୍ରମଣ ଓ ନୂତନ ରାଜବଂଶର ଅଭ୍ୟୁଦୟ କିପରି ରାଜନୈତିକ ସୀମାରେଖାର ପୁର୍ନଗଠନ କରିଥିଲା ?

୨. ଭାରତୀୟ ସମାଜ ଏହି ଆକ୍ରମଣକୁ କିପରି ଗ୍ରହଣ କରିଥିଲା ? ଭାରତୀୟ ଅର୍ଥନୀତି ଏହି ରାଜନୈତିକ ଅସ୍ଥିରତା ସମୟରେ କିପରି ଉପଯୋଜିତ ହୋଇଥିଲା ?

୩. ଏହି ସମୟ ଲୋକଙ୍କ ଜୀବନ ଉପରେ କେଉଁ ସବୁ ପ୍ରଭାବ ପକାଇଥିଲା ?

https://withteachers.in/





ଚିତ୍ର : ୨.୨

ଏହି ଅଧ୍ୟାୟର କାଳଖଣ୍ଡ ଏବଂ ପର ସମୟକୁ ଭାରତୀୟ ଇତିହାସରେ ମଧ୍ୟଯୁଗର ପରବର୍ତ୍ତୀ ସମୟ ଭାବେ ବିବେଚନା କରାଯାଏ। 'ମଧ୍ୟଯୁଗ' ଶବ୍ଦଟି (ଦୁଇ ଯୁଗର ମଧ୍ୟାବସ୍ଥାକୁ ବୁଝାଏ) ଯାହା ୟୁରୋପର ଇତିହାସରେ ବ୍ୟବହୃତ ହୁଏ, ପ୍ରାୟତଃ ରୋମାନ୍ ସାମ୍ରାଜ୍ୟର ପରମ୍ପରାଠାରୁ (୫ମ ଶତାବ୍ଦୀ) ରୁ ନବଜାଗରଣ ଯାଏଁ (ଚତୁର୍ଦ୍ଦଶ– ଷୋଡ଼ଶ ଶତାବ୍ଦୀ ମଧ୍ୟରେ ୟୁରୋପର ସାଂସ୍କୃତିକ ଜାଗରଣ ଯାହା ଗ୍ରୀକ୍ ଏବଂ ରୋମାନ୍ କଳା ଓ ସାହିତ୍ୟ ପୁନଃ ଆବିଷ୍କାରକୁ ପରିପୁଷ୍ଟ କରିଥିଲା।) ଆଧୁନିକ ବିଜ୍ଞାନର ଉନ୍ନତି ପୂର୍ବରୁ ଏହାକୁ ଅନ୍ଧକାର ଯୁଗ ଭାବେ ବିବେଚନା କରାଯାଉଥିଲା। ଅବଶ୍ୟ ୟୁରୋପ ଓ ଭାରତର ଇତିହାସ ପୁରାପୁରି ଅଲଗା ଥିଲା, ଏଣୁ ଉଭୟ ଇତିହାସରେ 'ମଧ୍ୟଯୁଗର' ପ୍ରୟୋଗ ଉଚିତ ନୁହେଁ, ଏବଂ ଐତିହାସିକମାନେ ଏଥିରେ ସଦା ସହମତ ହୋଇପାରନ୍ତି ନାହିଁ; ଭାରତରେ ଏହା କେଉଁ ସମୟକୁ ଗ୍ରହଣ କରାଯାଏ ? ଆମେ ସମୟ ସମୟରେ ଏହି 'ମଧ୍ୟଯୁଗୀୟ' ଶବ୍ଦକୁ ବ୍ୟବହାର କରିବା ଯାହାର ସରଳ ଅର୍ଥ ୧୧ଶ ଶତାବ୍ଦୀରୁ ୧୭ଶ' ଶତାବ୍ଦୀ ମଧ୍ୟରେ କାଳାଂଶକୁ ବୁଝାଏ।

ଅତୀତ ଅଧ୍ୟାୟଗୁଡ଼ିକର ବୈଚିତ୍ର୍ୟମୟ ଫର୍ଦ୍ଦଗୁଡ଼ିକରେ ଆମେ ଯଥାସମ୍ଭବ କିଛି ତଥ୍ୟ ଦେବା ପାଇଁ ଚେଷ୍ଟା କରିଅଛୁ। ସେଗୁଡ଼ିକ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ସୂଚୀତ କରେ। ତୁମେ ବିଭିନ୍ନ ଅଧ୍ୟାୟର ସମୟ ରେଖାକୁ ଜାଣିବା ପାଇଁ ଏଗୁଡ଼ିକ ତୁମ ଲାଗି ସହାୟକ ହେବ। ମାନଚିତ୍ର ଅଧ୍ୟୟନରେ ଏ ସବୁ ତୁମର କଳ୍ପନା କରିବା ଓ ବୁଝିବାରେ ସାହାଯ୍ୟ କରିବ। ଏହା ତୁମକୁ ସେନା, ସାଧାରଣ ଲୋକ, ବ୍ୟବସାୟୀ, ପଣ୍ଡିତ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱଙ୍କ ଦ୍ୱାରା ପରିକ୍ରମା କରାଯାଇଥିବା ଭୂଗୋଳ ସହିତ ପରିଚିତ କରିବ।



https://withteachers.in/




ପାର୍ସିଲିପିକୁ ରୋମାନ୍ ଲିପିରେ ନକଲ କରିବା ଅସୁବିଧା କାରଣରୁ ତୁମେ କିଛି ବିକଳ୍ପ ବନାନ ବନ୍ଧନୀ ମଧ୍ୟରେ ଦେଖିପାରିବ। ଉଦାହରଣ ସ୍ୱରୂପ – 'ଖିଲିଜୀ' ବା 'ଖାଲଜି' ସମାନ ଅଟେ। ସେହିପରି ଆମେ ଏଠାରେ ମାନକ 'ମୋଗଲ' ବନାନ ବ୍ୟବହାର କରିଛୁ କିନ୍ତୁ ବିକଳ୍ପ ଭାବେ ନୂଆମାନଙ୍କ ବନାନ 'ମୋଘଲ୍' 'ମୁଘୋଲ' ଏ ପର୍ଯ୍ୟନ୍ତ ଅନେକ ସମୟରେ ବ୍ୟବହୃତ ହେଉଛି।


**ତୁର୍କୀ (Turkic) :** କେନ୍ଦ୍ରଏସିଆର ତୁର୍କୀ ଏବଂ ସାଇବେରିଆର ବିସ୍ତୃତ ଅଞ୍ଚଳର ଲୋକ ଭାଷା ଏବଂ ସଂସ୍କୃତି ସହ ଜଡ଼ିତ ଶବ୍ଦକୁ ସୂଚୀତ କରେ।

ଏକାଦଶ ଶତାବ୍ଦୀର ପ୍ରାରମ୍ଭରେ ଭାରତରେ ଏକ ନୂତନ ଯୁଗର ଆରମ୍ଭ ହୋଇଥିଲା। ହିନ୍ଦୁକୁଶ ପର୍ବତମାଳା ପାରହୋଇ ଯେଉଁ ବୈଦେଶିକ ଆକ୍ରମଣ ହେଲା ତାହା ଭାରତର ରାଜନୈତିକ ମାନଚିତ୍ରକୁ ନୂତନ ରୂପଦେଲା। ନିଃସନ୍ଦେହରେ କୁହାଯାଇପାରେ ଯେ ଭାରତ ପ୍ରାରମ୍ଭିକ ଅବସ୍ଥାରେ ବହୁ ଯୁଦ୍ଧ ଘନଘଟା ଦେଖି ଆସିଛି; କିନ୍ତୁ ବର୍ହି ଆକ୍ରମଣକାରୀମାନେ ଅଜଣା ଓ ଅତର୍କିତ ଭାବେ ଭାରତୀୟ ଉପମହାଦେଶକୁ ଆକ୍ରମଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅନେକ ଆକ୍ରମଣକାରୀ ମଧ୍ୟ ଏସିଆର ତୁର୍କୀ, କିମ୍ବା ଆଫଗାନୀ ଥିଲେ। ସେମାନେ ଯେ କେବଳ ଭାରତର ପର୍ଯ୍ୟାପ୍ତ ଧନ ଦୌଲତ ଦ୍ୱାରା ଆକର୍ଷିତ ହୋଇଥିଲେ ତାହା ନୁହେଁ, ଆବଶ୍ୟକସ୍ଥଳେ ହିଂସାତ୍ମକ କାର୍ଯ୍ୟକଳାପଦ୍ୱାରା ନିଜ ଧର୍ମର ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରିଥିଲେ।

ଏହି ଅଧ୍ୟାୟରେ ତ୍ରୟୋଦଶ ଶତାବ୍ଦୀ ଓ ପରବର୍ତ୍ତୀ ସମୟର ନିରନ୍ତର ପରିବର୍ତ୍ତନଶୀଳ ଭାରତର ଭୌଗୋଳିକ ରୂପ ଓ ସୀମାରେଖା ସମ୍ବନ୍ଧରେ ଆସ ଜାଣିବା।



https://withteachers.in/




ଚିତ୍ର : ୨.୩ : ତୋଗଲକ ଓ ଲୋଦୀ ଶାସନ କାଳର ଏକ ତୁଳନାତ୍ମକ ମାନଚିତ୍ର (ତ୍ରୟୋଦଶ ରୁ ପଞ୍ଚଦଶ ଶତାବ୍ଦୀ) ଓ ଦକ୍ଷିଣ ପୂର୍ବର ଆଞ୍ଚଳିକ ଶାସନ)





https://withteachers.in/




ଚିତ୍ର : ୨.୪ : କୁତବମିନାର, ଚିତ୍ର : ୨.୫ କ୍ୱାତ-ଉଲ-ଇସ୍‌ଲାମ (ଇସ୍‌ଲାମଙ୍କର ସର୍ବ ଶକ୍ତିମାନ) କୁତବମିନାର ପରିସରରେ ଥିବା ଏକ ମସ୍‌ଜିଦ୍। ଏହାର ନିର୍ମାଣ କାର୍ଯ୍ୟ ତ୍ରୟୋଦଶ ଶତାବ୍ଦୀ ଆରମ୍ଭରେ କୁତବୁଦ୍ଦିନ୍ ଆଇବାକ୍ ଆରମ୍ଭ କରିଥିଲେ ଯାହାକୁ ପରବର୍ତ୍ତୀ ସୁଲତାନମାନେ ଶେଷ କରିଥିଲେ। ଏଥିରେ ଥିବା ଏକ ଶିଳା ଲେଖ ସୂଚୀତ କରେ ଯେ ୨୭ଟି ହିନ୍ଦୁ ଏବଂ ଜୈନ ମନ୍ଦିରର ଶିଳାଖଣ୍ଡରେ ଏହା ନିର୍ମିତ ହୋଇଥିଲା; ଯାହା ତୁମେ ଏଠାରେ ଦେଖିପାରିବ।

## ଦିଲ୍ଲୀ ସୁଲତାନମାନଙ୍କର ଉତ୍‌ଥାନ ଓ ପତନ

ଭାରତର ଉତ୍ତର ପଶ୍ଚିମରେ ୧୧୯୨ ଖ୍ରୀଷ୍ଟାବ୍ଦରେ ଶାସନ କରୁଥିବା ପୃଥ୍ୱୀରାଜ ଚୌହାନଙ୍କ ପରାଜୟ ପରେ, ଦିଲ୍ଲୀ ସୁଲତାନଙ୍କର ଶାସନ କିପରି ଆରମ୍ଭ ହେଲା ସେ ବିଷୟରେ ଆମେ ଜାଣିବା। ତୁର୍କୀ ଆଫଗାନ ବଂଶଜ ୫ଟି ବୈଦେଶିକ ରାଜବଂଶ ଯଥା: ମାମୁଲକ୍ (ଦାସ ବଂଶ), ଖିଲିଜୀ (ଖାଲଜୀ), ତୁଘ୍‌ଲକ, ସୟଦ୍ ଏବଂ ଲୋଦୀ (ଲୋଧି) ବଂଶଗୁଡ଼ିକ ଦିଲ୍ଲୀକୁ କ୍ରମାଗତ ଭାବେ ଶାସନ କରିଥିଲେ। ଯେତେବେଳେ ଉତ୍ତର ଭାରତର କେତେକାଞ୍ଚଳ ଦିଲ୍ଲୀ ସୁଲତାନମାନଙ୍କ ନିୟନ୍ତ୍ରଣକୁ ଆସିଥିଲା, ଠିକ୍ ସେତିକିବେଳେ, ପୂର୍ବରେ ଗଙ୍ଗବଂଶ, ଦକ୍ଷିଣରେ ହୟଶାଳ ବଂଶ ପ୍ରଭୃତି ପଡ଼ୋଶୀ ରାଜ୍ୟଗୁଡ଼ିକ ସୁଲତାନଙ୍କୁ ପ୍ରତିରୋଧ କରିଥିଲେ ଏବଂ କଳା, ସଂସ୍କୃତି ଓ ଶାସନର ସମୃଦ୍ଧଶାଳୀ କେନ୍ଦ୍ରଭାବେ ନିଜକୁ ପ୍ରତିଷ୍ଠିତ କରିଥିଲେ। ଦିଲ୍ଲୀ ନଗରୀ ଉତ୍ତର ଭାରତର ରାଜନୈତିକ ଦୃଶ୍ୟପଟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା।

ଉତ୍ତର ଭାରତରେ ଦିଲ୍ଲୀ ଏକ ପ୍ରମୁଖ ଶାସନ କେନ୍ଦ୍ରସ୍ଥଳ ଭାବେ ପ୍ରତିଷ୍ଠା ପାଇଥିଲା। ସୁଲତାନ ମାନଙ୍କର ଶାସନକାଳ, ସାମ୍ରାଜ୍ୟବିସ୍ତାର ଓ ରାଜନୈତିକ ଅସ୍ଥିରତା ମଧ୍ୟରେ ଗତି କରିଥିଲା। ଫଳରେ ସେମାନଙ୍କ ସାମରିକ ଅଭିଯାନ ଯୋଗୁ ବହୁ ଗ୍ରାମ, ସହର, ଶିକ୍ଷାକେନ୍ଦ୍ର, ମନ୍ଦିର କ୍ଷତିଗ୍ରସ୍ତ ଓ ଲୁଣ୍ଠିତ ହେବା ସହ ଧ୍ୱଂସ ହୋଇଥିଲା।

**ସୁଲତାନାଟ୍ Sultanate :**
ଏହା ହେଉଛି ଏକ ଅଞ୍ଚଳ ଯାହା ଜଣେ 'ସୁଲତାନ'ଙ୍କ ଦ୍ୱାରା ଶାସିତ ଏବଂ ଏକ 'ପଦବୀ' ଏହା ଅନେକ ମୁସଲମାନଙ୍କ ଦ୍ୱାରା ଗୃହୀତ ହୋଇଥିଲା।




https://withteachers.in/




ଚିତ୍ର : ୨.୬ : ଆଲ୍ଲାଉଦ୍ଦିନ୍ ଖିଲିଜୀଙ୍କ ଦ୍ୱାରା ପ୍ରଚଳିତ ଏକ ମୁଦ୍ରା, ଯେଉଁଥିରେ ସିକନ୍ଦର ସାନୀ ବା ଦ୍ୱିତୀୟ ଆଲେକଜାଣ୍ଡାର ବୋଲି ପାର୍ସିଭାଷାରେ ଖୋଦିତ ହୋଇଛି ।

ଜଣେ ସୁଲତାନଙ୍କ ପରେ ପରବର୍ତ୍ତୀ ସୁଲତାନଙ୍କ ଶାସନ ଗ୍ରହଣ ଅନେକ ସମୟରେ ଭୟ ଓ ହିଂସାର ବାତାବରଣ ସୃଷ୍ଟି କରିଥିଲା । ତିନିଜଣ ସୁଲତାନଙ୍କ ମଧ୍ୟରୁ ଦୁଇଜଣ ସେମାନଙ୍କ ପୂର୍ବ ଶାସକଙ୍କୁ ବିତାଡ଼ିତପୂର୍ବକ କ୍ଷମତା ଅପହରଣ କରିନେଉଥିଲେ । ଫଳରେ ସେମାନଙ୍କ ଶାସନ କାଳ ଅତି ବେଶୀରେ ୯ ବର୍ଷରୁ ଅଧିକ ସମୟ ହୋଇପାରି ନଥିଲା ।



## ଆସ ଅନୁସନ୍ଧାନ କରିବା

ଚିତ୍ର (୨.୬) କୁ ଲକ୍ଷ୍ୟକର । ଆଲ୍ଲାଉଦ୍ଦିନ୍ ଖିଲିଜୀ ନିଜକୁ ଦ୍ୱିତୀୟ ଆଲେକଜାଣ୍ଡାର ବୋଲି ମନେ କରିବା କାରଣ କ'ଣ ବୋଲି ତୁମେ ଭାବୁଛ ?

ଚତୁର୍ଦ୍ଦଶ ଶତାବ୍ଦୀର ଶେଷବେଳକୁ ଆଲ୍ଲାଉଦ୍ଦିନ୍ ଖିଲିଜୀ ଉତ୍ତର ଏବଂ କେନ୍ଦ୍ର ଭାରତର ଅନେକ ଅଞ୍ଚଳରେ ସାମରିକ ଅଭିଯାନ ଆରମ୍ଭ କଲେ । ଅନେକ ସହରକୁ ଲୁଣ୍ଠନ ଓ ଧ୍ୱଂସ କରିବା ସହ ଭାରତକୁ ଶାସନାଧୀନ କରିବାକୁ ଚାହୁଁଥିବା ଆକ୍ରମଣକାରୀ ମୋଗଲମାନଙ୍କ ସାମରିକ ଅଭିଯାନକୁ ପ୍ରତିହତ କରିବା ସହ ଭାରତରୁ ବିତାଡ଼ିତ କରିବାକୁ ସକ୍ଷମ ହୋଇଥିଲେ । ତାଙ୍କ ଦାସ ଜେନେରାଲ୍ ମାଲିକାଫୁରଙ୍କୁ ଦାକ୍ଷିଣାତ୍ୟ ଯୁଦ୍ଧାଭିଯାନରେ ପଠାଇ ଅନ୍ୟ ରାଜ୍ୟ ଜୟ କରି ଅନେକ ଧନ ଦୌଲତ ଲୁଣ୍ଠନ କରିଥିଲେ ଯାହା ସୁଲତାନଙ୍କର ଆର୍ଥିକ ଶକ୍ତିକୁ ବୃଦ୍ଧି କରିବା ସହ ସାମରିକ ସରଞ୍ଜାମ ବୃଦ୍ଧିରେ ସହାୟକ ହୋଇଥିଲା । ସେ ବହୁ ହିନ୍ଦୁ ଧର୍ମ ସ୍ଥଳୀ ଯଥା– ଶ୍ରୀରଙ୍ଗମ୍, ମଦୁରାଇ, ଚିଦାମ୍ବରମ୍ ସମ୍ଭବତଃ ରାମେଶ୍ୱରମ୍‌କୁ ଆକ୍ରମଣ କରିଥିଲେ ।

## ଆସ ଅନୁସନ୍ଧାନ କରିବା



ସେହି ସମୟରେ ଏକ ସୈନ୍ୟବାହିନୀ ପରିଚାଳନା ଓ ଯୁଦ୍ଧ ଅଭିଯାନ ପାଇଁ କେଉଁ ପ୍ରକାର ସମ୍ବଳର ଆବଶ୍ୟକତା ଥାଏ ବୋଲି ତୁମେ ଭାବୁଛ ? ଅସ୍ତ୍ରଶସ୍ତ୍ରଠାରୁ ଆରମ୍ଭ କରି ସୈନ୍ୟ ତଥା ପଶୁଙ୍କ ଲାଗି ଖାଦ୍ୟ ପଦାର୍ଥ ଏବଂ ରାସ୍ତାଘାଟ ନିର୍ମାଣ ପାଇଁ ଆବଶ୍ୟକ ଥିବା ବିଭିନ୍ନ ଖର୍ଚ୍ଚ ସମ୍ପର୍କରେ ନିଜ ଦଳ ଭିତରେ ଆଲୋଚନା କର ।

କିଛି ଦଶନ୍ଧି ପରେ ମହମ୍ମଦ୍ ବିନ୍ ତୁଗଲକ୍ ଦିଲ୍ଲୀରେ ଶାସନ କରି ନିଜ ସାମ୍ରାଜ୍ୟକୁ ବୃଦ୍ଧି କରିବାକୁ ଲାଗିଲେ । ମୌର୍ଯ୍ୟ ସାମ୍ରାଜ୍ୟ ପରେ ପ୍ରଥମଥର ପାଇଁ ଭାରତୀୟ ଉପମହାଦେଶର ବହୁ ଅଞ୍ଚଳ ତାଙ୍କ ଶାସନାଧିନ ହେଲା । ଯଦିଓ ଏହା ଥିଲା ତାତ୍ପର୍ଯ୍ୟପୂର୍ଣ୍ଣ ତଥାପି ଥିଲା କ୍ଷଣସ୍ଥାୟୀ ।



https://withteachers.in/

ମହମ୍ମଦ ବିନ୍-ତୁଗଲକ୍‌ଙ୍କର ବହୁ ଉଚ୍ଚ ପରିକଳ୍ପନା ଥିଲା । କିନ୍ତୁ ସେ ସବୁର କାର୍ଯ୍ୟକାରିତା ଠିକ୍ ଭାବେ ହୋଇପାରି ନଥିଲା । ଏହିପରି ଏକ ଯୋଜନା ଥିଲା ଦିଲ୍ଲୀରୁ ଦୌଲତାବାଦ "ରାଜଧାନୀ ସ୍ଥାନାନ୍ତର" (ସେତେବେଳେ ଏହାକୁ ଦେବଗିରି କୁହାଯାଉଥିଲା, ଯାହା ଆଜିର ସାମ୍ଭାଜୀନଗର) । ନିଜ ଶାସନର ସୁପରିଚାଳନା ପାଇଁ ଏହି କେନ୍ଦ୍ରୀୟ ଅଞ୍ଚଳଟିକୁ ସେ ଉପଯୁକ୍ତ ମନେକରି ଥିଲେ । ସେ ଲୋକମାନଙ୍କୁ ୧୦୦୦ କି.ମି. ପଥ ଅତିକ୍ରମ କରି ଦୌଲତାବାଦରେ ପହଞ୍ଚିବା ପାଇଁ ବାଧ୍ୟ କରିଥିଲେ । କିଛି ବର୍ଷ ପରେ ଏହି ଯୋଜନା ତାଙ୍କର ବିଫଳ ହୋଇଥିଲା ଏବଂ ପୁନଶ୍ଚ ସେ ନିଜ ରାଜଧାନୀ ଦିଲ୍ଲୀକୁ ଫେରାଇ ନେଇଥିଲେ । ଏହି ଉଭୟ ସ୍ଥାନାନ୍ତର ଯୋଗୁ ବହୁଧନ ଜୀବନ ନଷ୍ଟ ହୋଇଥିଲା । କିଛି ସୂତ୍ରରୁ ଜଣାଯାଏ, ତାଙ୍କର ଆଉ ଏକ ଯୋଜନା ଥିଲା "ନୂତନ ମୁଦ୍ରାର ପ୍ରଚଳନ ।" ସୁନା ଓ ରୂପା ମୁଦ୍ରା



ଚିତ୍ର : ୨.୭ : ଆଲ୍ଲାଉଦ୍ଦିନ୍ ଖିଲିଜୀଙ୍କ ଦ୍ୱାରା ପ୍ରଚଳିତ ଏକ ମୁଦ୍ରା, ଯେଉଁଥିରେ ସିକନ୍ଦର ସାନୀ ବା ଦ୍ୱିତୀୟ ଆଲେକଜାଣ୍ଡାର ବୋଲି ପାର୍ସିଭାଷାରେ ଖୋଦିତ ହୋଇଛି ।

ପ୍ରତିବଦଳରେ ଶସ୍ତା ତମ୍ବା ମୁଦ୍ରାର ପ୍ରଚଳନ କରିଥିଲେ । ଫଳରେ ରାଜକୋଷକୁ ବହୁ ସ୍ୱର୍ଣ୍ଣ ଓ ରୌପ୍ୟ ମୁଦ୍ରା ଫେରିବ ବୋଲି ସେ ଚିନ୍ତା କରିଥିଲେ । ଯଦିଓ ଏହି ବିଚାର ପ୍ରଗତିଶୀଳ ଥିଲା କିନ୍ତୁ ଏହା ବାଣିଜ୍ୟିକ ବିଭ୍ରାନ୍ତି ସୃଷ୍ଟି କରିବା ସହ ତାମ୍ର ମୁଦ୍ରାକୁ ଜାଲ୍ କରିବା ଓ ନକଲି ତାମ୍ର ମୁଦ୍ରା ପ୍ରସ୍ତୁତ କରିବା ପାଇଁ ଲୋକମାନଙ୍କୁ ଏହା ଉତ୍ସାହିତ କରିଥିଲା ।

ସୁଲତାନ ଏବଂ ତାଙ୍କ ସମ୍ଭ୍ରାନ୍ତ ପାରିଷଦବର୍ଗ ବିଳାସମୟ ରାଜ ପ୍ରାସାଦରେ ବାସ କରି ଉତ୍ତମ ଖାଦ୍ୟ, ବସ୍ତ୍ର ଓ ଅଳଙ୍କାର ପରିଧାନ ସହ ଆମୋଦଦାୟକ ଜୀବନ ଅତିବାହିତ କରୁଥିଲେ । ଏହି ଅର୍ଥର ବହୁଭାଗ ସାମରିକ ଅଭିଯାନ ଦ୍ୱାରା ଲୁଣ୍ଠିତ ଅର୍ଥ, ସାଧାରଣ ଲୋକଙ୍କ ଉପରେ ପଡୁଥିବା କର, ବିଜିତ ଅଞ୍ଚଳରୁ ସଂଗୃହୀତ ଅର୍ଥ ଓ ଦାସ ବ୍ୟବସାୟରୁ (ମୁକ୍ତଶ୍ରମ ପାଇଁ ଲୋକମାନଙ୍କୁ ବ୍ୟବହାର କରି ଅର୍ଥ ରୋଜଗାର କରିବା ଲାଗି ସେତେବେଳେ ଲୋକମାନଙ୍କୁ କେନ୍ଦ୍ର ଏସିଆ



https://withteachers.in/

ଅଞ୍ଚଳକୁ ପଠାଯାଇଥିଲା ।) ଅର୍ଥ ସଂଗୃହୀତ ହେଉଥିଲା କିନ୍ତୁ ଏହି ଲୁଣ୍ଠନ ବାଣିଜ୍ୟ କାରବାର ଓ କୃଷି ଉତ୍ପାଦନକୁ ପ୍ରଭାବିତ କରିଥିଲା । ଏହି ସମୟ ଭିତରେ ବହୁ ପବିତ୍ର ହିନ୍ଦୁ, ଜୈନ ଓ ବୌଦ୍ଧ ମୂର୍ତ୍ତି ଉପରେ ଆକ୍ରମଣ ହୋଇଥିଲା । କେବଳ ଧନ ଦୌଲତ ଲୁଣ୍ଠନ ପାଇଁ ନୁହେଁ ବରଂ ମୂର୍ତ୍ତିପୂଜାକୁ ବିରୋଧ କରିବା ସହ ମୂର୍ତ୍ତିଗୁଡ଼ିକୁ ଧ୍ୱଂସ କରାଯାଉଥିଲା ।

**ମୂର୍ତ୍ତି ବିଦ୍ୱେଷୀ ବିଧ୍ୱଂସକାରୀ (Iconoclasm) :** ଧାର୍ମିକ ମୂର୍ତ୍ତି, ପ୍ରତିମା ଓ ମୂର୍ତ୍ତି ପୂଜକର ବିରୋଧ କିମ୍ବା ଧ୍ୱଂସକୁ ମୂର୍ତ୍ତି ବିଦ୍ୱେଷୀ ବିଧ୍ୱଂସକାରୀ କୁହାଯାଏ ।

## ଏହା ବିଷୟରେ ଚିନ୍ତା କର

ଆମେ କାହିଁକି ସାଧାରଣ ଶବ୍ଦ ମୂର୍ତ୍ତି (idol) କିମ୍ବା ପବିତ୍ର ଚିତ୍ର (Icon) ବଦଳରେ ପ୍ରତିମା (image) ଶବ୍ଦକୁ ବ୍ୟବହାର କରୁ ? 'ପବିତ୍ର ଚିତ୍ର' ଓ 'ମୂର୍ତ୍ତି' ଏହି ଦୁଇଟି ଶବ୍ଦ 'ଇହୁଦୀ', ଖ୍ରୀଷ୍ଟିଆନ୍ ଓ ଇସଲାମ୍ ଧର୍ମ ପ୍ରସଙ୍ଗରେ ଅପମାନଜନକ । ଏହି ରକ୍ଷଣଶୀଳ ସଂପ୍ରଦାୟ ମୂର୍ତ୍ତିପୂଜା କିମ୍ବା ପ୍ରତିମା ଓ ସଙ୍କେତ ଉପାସନକୁ ନିନ୍ଦା କରିଥାନ୍ତି ।

ଭାରତୀୟ ଶାସ୍ତ୍ରୀୟ ଭାଷାରେ ଏହି ଶବ୍ଦଗୁଡ଼ିକୁ 'ମୂର୍ତ୍ତି', 'ବିଗ୍ରହ', 'ପ୍ରତିମା', 'ରୂପ' ଇତ୍ୟାଦି ଭାବରେ ନାମିତ କରାଯାଏ ଯେଉଁ ମୂର୍ତ୍ତି ବା ପ୍ରତିମା ସବୁ ମନ୍ଦିର ଓ ଘରେ ପୂଜା ପାଆନ୍ତି । ଇଂରାଜୀରେ 'ପ୍ରତିମା' (Image) ଶବ୍ଦର ଅର୍ଥ ନିରପେକ୍ଷ ଅଟେ ।

**ବିଧର୍ମୀ (Infidel):** ଆକ୍ଷରିକ ଅର୍ଥରେ ଯିଏ ନିଜ ଧାର୍ମିକ ବିଶ୍ୱାସକୁ ବ୍ୟକ୍ତ ବା ପ୍ରକାଶ କରେ ନାହିଁ । ମଧ୍ୟଯୁଗର ଖ୍ରୀଷ୍ଟଧର୍ମାବଲମ୍ବୀଙ୍କ ପାଇଁ ମୁସଲିମ୍‌ମାନେ ବିଧର୍ମୀ କିମ୍ବା ମୁସଲମାନଙ୍କ ପାଇଁ ଖ୍ରୀଷ୍ଟିଆନମାନେ ବିଧର୍ମୀ କିମ୍ବା ଭାରତ ପରିପ୍ରେକ୍ଷୀରେ ହିନ୍ଦୁ, ବୌଦ୍ଧ ଓ ଜୈନମାନଙ୍କୁ ମଧ୍ୟ ଗ୍ରହଣ କରାଯାଇପାରେ ।

ଅଣ ମୁସଲମାନ୍ ଲୋକଙ୍କର ସୁରକ୍ଷା ତଥା ସାମରିକ ସେବାରେ ଯୋଗଦେବାକୁ ଅନିଚ୍ଛୁକ ଥିବା ଲୋକମାନଙ୍କ ଉପରେ କେତେକ ସୁଲତାନ 'ଜିଜିୟା' କର ବସାଇଥିଲେ । ଏହି ପକ୍ଷପାତିତା ଏକ ଆର୍ଥିକ ବୋଝ ଓ ଜନ ଅସନ୍ତୋଷ ସୃଷ୍ଟି କରିବା ସହ ଅନ୍ୟମାନଙ୍କୁ ମୁସଲମାନରେ ପରିଣତ କରିବା ପାଇଁ ଆର୍ଥିକ ଓ ସାମାଜିକ ପ୍ରୋତ୍ସାହନ ଥିଲା । ଚତୁର୍ଦ୍ଦଶ ଶତାବ୍ଦୀର ଶେଷ ବେଳକୁ ମଧ୍ୟ ଏସିଆର ତୈମୁର (ଟିମୁର) ଏକ ନୃଶଂସ ତୁର୍କୀ ମୋଗଲ ବିଜେତା ଭାରତର ଉତ୍ତର ପଶ୍ଚିମାଞ୍ଚଳରୁ ଆକ୍ରମଣ କରି ସମୃଦ୍ଧଶାଳୀ ଦିଲ୍ଲୀ ନଗରୀରେ ଧ୍ୱଂସର ବିପ୍ଳାତ ସୃଷ୍ଟି କରିଥିଲ । ସେ ନିଜ ରେଖାଚିତ୍ରରେ ଏହାର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ଉଲ୍ଲେଖ କରିଛନ୍ତି । ପ୍ରଥମତଃ ବିଧର୍ମୀଙ୍କ ସହ ଯୁଦ୍ଧ ଚଳାଇବା ଏବଂ ଦ୍ୱିତୀୟତଃ ବିଧର୍ମୀମାନଙ୍କ ଧନ ଦୌଲତ ଲୁଣ୍ଠନ କରି ଅର୍ଥ ଯୋଗାଡ଼ କରିବା । ସେ ବହୁ ଲୋକଙ୍କୁ ହତ୍ୟା କରିବା ସହ ଅନେକଙ୍କୁ କ୍ରୀତ ଦାସ ଭାବରେ ସଙ୍ଗରେ ନେଇ ଦିଲ୍ଲୀକୁ ଧ୍ୱଂସ କରି ଦେଇଥିଲେ । ତୈମୁର ଅବିଳମ୍ବେ ପ୍ରଚୁର ଲୁଣ୍ଠିତ ଧନଦୌଲତ ଧରି ଭାରତକୁ ଧ୍ୱଂସ ସ୍ତୂପରେ ସହ ପରିଣତ କରି ଫେରି ଯାଇଥିଲେ । ଏହାର ଫଳସ୍ୱରୂପ ଲୋଦୀ ରାଜବଂଶର ଅଭ୍ୟୁଦୟ ହେଲା । ଦିଲ୍ଲୀ ସୁଲତାନୀର ଶେଷ ରାଜବଂଶ ଭାବେ ଏମାନେ ପରିଚିତ ।

ପରେ ପରେ ଦେଶ ଭିତରେ ବିଭିନ୍ନ ରାଜ୍ୟ ଓ ରାଜବଂଶର ବିଦ୍ରୋହ ଓ ବିରୋଧ ଯୋଗୁ ବିରାଟ ସୁଲତାନୀ ସାମ୍ରାଜ୍ୟ ସଙ୍କୁଚିତ ହେବାକୁ ଲାଗିଲା । (୨.୩ ଚିତ୍ର ଦେଖ)



https://withteachers.in/

# ଦିଲ୍ଲୀ ସୁଲତାନୀକୁ ପ୍ରତିରୋଧ

ସମଗ୍ର ଶାସନ କାଳ ଭିତରେ ଦିଲ୍ଲୀ ସୁଲତାନୀ ବିଭିନ୍ନ ସ୍ତରରୁ ବହୁ ବିରୋଧର ସାମନା କରିଥିଲା । ବହୁ ରାଜ୍ୟ ଏହି ଜାଲରେ ଫସିଯାଇଥିଲେ । ଏହା କିନ୍ତୁ ପୂର୍ବାଞ୍ଚଳର ଗଙ୍ଗରାଜ୍ୟ (କଳିଙ୍ଗ)କୁ ଜୟ କରିବାରେ ବିଫଳ ହୋଇଥିଲା । (ଚିତ୍ର : ୨.୩ : ଦେଖ) ଏହା ଆଜିର ଓଡ଼ିଶା, ବଙ୍ଗଳା ଓ ଆନ୍ଧ୍ର ପ୍ରଦେଶର କିଛି ଅଂଶକୁ ନେଇ ଗଠିତ ହୋଇଥିଲା । ତ୍ରୟୋଦଶ ଶତାବ୍ଦୀର ମଧ୍ୟ ଭାଗରେ ନରସିଂହଦେବ-ପ୍ରଥମ ନିଜ ସାମରିକ ଶକ୍ତି ଓ ସାଂସ୍କୃତିକ ବିଚକ୍ଷଣତାରେ ନିଜ ସାମ୍ରାଜ୍ୟକୁ ସମୃଦ୍ଧ କରିପାରିଥିଲେ । ବିଭିନ୍ନ ପ୍ରକାର ଆକସ୍ମିକ ଆକ୍ରମଣକୁ ପ୍ରତିହତ କରିବା ସହ ସେ ବଙ୍ଗଳାରେ ଦିଲ୍ଲୀ ସୁଲତାନଙ୍କ ଗଭର୍ଣ୍ଣରଙ୍କୁ ପରାସ୍ତ କରିଥିଲେ । ଏହି ବିଜୟ ଉତ୍ସବ ପାଳନର ସ୍ମୃତିରେ ସେ କୋଣାର୍କଠାରେ ବିଖ୍ୟାତ ସୂର୍ଯ୍ୟମନ୍ଦିର ନିର୍ମାଣ କରିଥିଲେ ।



ଚିତ୍ର : ୨.୮ : ସିଂହାସନରେ ପରିଚାରିକା ଓ ସଙ୍ଗୀତଜ୍ଞଙ୍କ ମେଳରେ ବସିଥିବା ନରସିଂହ ଦେବଙ୍କର ଏକ ଖୋଦିତ ମୂର୍ତ୍ତି

### ଏହା ବିଷୟରେ ଚିନ୍ତା କର

ତୁଗଲକ୍‌ଙ୍କ ସମୟରେ ମୁସୁନୁରି ନାୟକ, ତେଲୁଗୁ ସଂପ୍ରଦାୟର ମୁଖ୍ୟ ଏମିତି ପ୍ରାୟ ୭୫ ଜଣ ଦଳପତି (ମୁଖ୍ୟ) ଏକାଠି ହୋଇ ସେ ଅଞ୍ଚଳରେ ଏକ ରାଷ୍ଟ୍ରସଂଘ ଗଢ଼ି ୧୩୩୦ରୁ ୧୩୩୬ ମଧ୍ୟରେ ଦିଲ୍ଲୀ ସୁଲତାନୀ ସେନାକୁ ପରାସ୍ତ କଲେ ଏବଂ ମହମ୍ମଦ ବିନ୍ ତଗଲକ୍‌ଙ୍କ ସୈନ୍ୟକୁ ଓ୍ୱାରାଙ୍ଗଲ (ଆଜିର ତେଲେଙ୍ଗାନା)ରୁ ବିତାଡ଼ିତ କଲେ । ତୁମେ କ'ଣ ଭାବୁଛ ସେ ସମୟରେ ୭୫ ଜଣ ଦଳପତି (ଜାତି ମୁଖିଆ)ଙ୍କୁ ଏକାଠି କରି ଏକ ରାଷ୍ଟ୍ର ସଂଘ ଗଢ଼ିବା ସହଜ କଥା ଥିଲା ?



https://withteachers.in/



ଚିତ୍ର : ୨.୯ : ହୟଶାଳ ମାନଙ୍କ ଦ୍ୱାରାନିର୍ମିତ ସୁନ୍ଦର ଓ ଭବ୍ୟମନ୍ଦିର ବେଲୁର୍ ଓ ହଲେବିଦୁ ଠାରେ ଦେଖିବାକୁ ମିଳେ।

ଆମେ ଆଗରୁ କହିଛୁ, ଆଲ୍ଲାଉଦ୍ଦିନ୍‌ଙ୍କ ଦକ୍ଷିଣକୁ ଯୁଦ୍ଧାଭିଯାନର ଏକମାତ୍ର ଲକ୍ଷ୍ୟ ଥିଲା ମୂଲ୍ୟବାନ ଧନ ଦୌଲତ ଲୁଣ୍ଠନ କରିବା। ସେହି ସମୟରେ ଦକ୍ଷିଣରେ 'ହୟଶାଳ' ରାଜବଂଶ ରାଜୁତି କରୁଥିଲେ । (ମୁଖ୍ୟତଃ ଆଜିର କର୍ଣ୍ଣାଟକ ଚିତ୍ର : ୨.୩ ଦ୍ରଷ୍ଟବ୍ୟ) ଦିଲ୍ଲୀ ସୁଲତାନୀର ବହୁ ଆକ୍ରମଣକୁ ପ୍ରତିହତ କରିପାରିଥିବା ଏହା ଏକମାତ୍ର ସ୍ୱାଧୀନ ରାଜ୍ୟଭାବେ ଦାକ୍ଷିଣାତ୍ୟରେ ତିଷ୍ଠି ରହି ପାରିଥିଲା। ପରେ ପରେ ଚତୁର୍ଦ୍ଦଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ସୁଲତାନମାନଙ୍କର କ୍ରମାଗତ (ବହିଃଶତ୍ରୁ) ଆକ୍ରମଣ ଓ ଆଭ୍ୟନ୍ତରୀଣ କଳହ ହୟଶାଳ ରାଜ୍ୟକୁ ଦୁର୍ବଳ କରିଦେଲା ଏବଂ ଏହା ପରେ ଦକ୍ଷିଣରେ ବିଜୟନଗର ରାଜ୍ୟ ସହ ମିଶିଯାଇଥିଲା।

### ମନେ ରଖ


ଚିତ୍ର : ୨.୯ : ପ୍ରସ୍ତର ମୂର୍ତ୍ତିକଳା ହୟଶାଳଙ୍କର ସ୍ମୃତି ଚିହ୍ନର କାହାଣୀ ପ୍ରକାଶ କରେ। କନ୍ନଡ଼ ଲୋକ କଥାର ବର୍ଣ୍ଣନାନୁସାରେ 'ଶାଳ' (ଜଣେ ଯୁବକ) 'ହୟ' (ମାରିବା)। ଯିଏ ନିଜ ଗୁରୁଙ୍କୁ ରକ୍ଷା କରିବା ପାଇଁ ସିଂହ ସହ ଲଢ଼ିଥିଲା ଏବଂ ଯାହା ଯୋଗୁ ପରବର୍ତ୍ତୀ ସମୟରେ ରାଜବଂଶର ନାମକରଣ ହୋଇଥିଲା।

**ରାଣା (Rana):** ଅନେକ ସମୟରେ ଏହି ଶିରୋନାମାଟି ରାଜପୁତ ରାଜାମାନଙ୍କ ପାଇଁ ବ୍ୟବହୃତ ହେଉଥିଲା।

ଦିଲ୍ଲୀ ସୁଲତାନୀ ମଧ୍ୟ ବହୁ ସ୍ୱାଧୀନ ଆଞ୍ଚଳିକ ସୁଲତାନମାନଙ୍କ ବିଦ୍ରୋହକୁ ସାମ୍ନା କରିଥିଲା। ଚତୁର୍ଦ୍ଦଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଦକ୍ଷିଣ ଭାରତରେ 'ବାହାମନୀ ସୁଲତାନୀ' କିଛି ସମୟ ପାଇଁ ବହୁ ଅଞ୍ଚଳ ନିଜ ନିୟନ୍ତ୍ରଣକୁ ଆଣିପାରିଥିଲା। ସେହି ସମୟରେ ଗୁଜୁରାଟ, ବଙ୍ଗଳା ଓ ଅନ୍ୟାନ୍ୟ ଅଞ୍ଚଳରେ ନିଜ ସ୍ୱାଧୀନ କ୍ଷମତାଶାଳୀ ସୁଲତାନମାନେ ମୁଣ୍ଡ ଟେକିଲେ, ଯେଉଁମାନେ ସ୍ୱାଧୀନ ଭାବରେ ପୁଣି କେତେବେଳେ ଏକତ୍ରିତ ହୋଇ ପରସ୍ପର ମଧ୍ୟରେ ଯୁଦ୍ଧ କରୁଥିଲେ। ରାଜସ୍ଥାନର ଅନେକ ଅଂଶ ଦିଲ୍ଲୀ ସୁଲତାନୀ କବଳରୁ ମୁକ୍ତ ଥିଲା; ପଞ୍ଚଦଶ ଶତାବ୍ଦୀବେଳକୁ ଦିଲ୍ଲୀ ସୁଲତାନୀ (ମେୱାର ରାଜ୍ୟର ଶାସକ) ରାଣାକୁମ୍ଭକ ଦ୍ୱାରା ଦୃଢ଼ ବିରୋଧୀର ସମ୍ମୁଖୀନ ହୋଇଥିଲା। ଯିଏ ପରବର୍ତ୍ତୀ ସୁଲତାନମାନଙ୍କୁ ସଫଳତାର ସହ ଏହି ଅଞ୍ଚଳରୁ ବିତାଡ଼ିତ କରିଥିଲେ।



https://withteachers.in/



ଚିତ୍ର : ୨.୧୦ : ଆରାବଳି ପର୍ବତ ଉପରେ ଥିବା କୁମ୍ଭାଲଗଡ଼ ଦୁର୍ଗର ଏକ ଦୃଶ୍ୟ

### ମନେରଖ

ପଞ୍ଚଦଶ ଶତାବ୍ଦୀରେ ମେୱାରର ଶାସକ ରାଣାକୁମ୍ଭ ଆରାବଳି ପର୍ବତ ଉପରେ 'କୁମ୍ଭାଲଗଡ଼ ଦୁର୍ଗ ନିର୍ମାଣ କରିଥିଲେ । ମେୱାର୍ ସେତେବେଳେ ଏକ ପ୍ରମୁଖ ରାଜପୁତ ରାଜ୍ୟ ଥିଲା ଏବଂ ଏହି ଦୁର୍ଗ ଥିଲା ସବୁଠୁ ସୁରକ୍ଷିତ ସ୍ଥାନ (ଯାହା ଆଜିର ରାଜସ୍ଥାନର କେନ୍ଦ୍ର ଓ ଦକ୍ଷିଣାଂଶରେ ରହିଥିଲା) । ଏହି ଦୁର୍ଗ ଗଡ଼ାଣିଆ ପାହାଚ ଓ ଜଙ୍ଗଲ ପରିବେଷ୍ଟିତ ଥିଲା । ଏହା ୩୬ କି.ମି. ଦୀର୍ଘ ଓ ବିରାଟ ପ୍ରାଚୀର ପାଇଁ ପ୍ରସିଦ୍ଧ ଥିଲା । ଏହା ପୃଥିବୀର ସୁଦୀର୍ଘ ପ୍ରାଚୀର ମଧ୍ୟରେ ଅନ୍ୟତମ ।

### ଆସ ଅନୁସନ୍ଧାନ କରିବା


ମଧ୍ୟଯୁଗରେ ଦୁର୍ଗ ନିର୍ମାଣ ପାଇଁ ଏଭଳି ସ୍ଥାନ କାହିଁକି ନିରୂପଣ ହେଉଥିଲା ବୋଲି ତୁମେ ଭାବୁଛ ? ଏହାର ବିଭିନ୍ନ ଦିଗ ଆଲୋଚନା କର । (ସୂଚନା : ସମସ୍ୟା, ରଣକୌଶଳ, ନିରାପତ୍ତା, ଭେଦ୍ୟ ରହସ୍ୟ ଇତ୍ୟାଦି)

## ବିଜୟନଗର ସାମ୍ରାଜ୍ୟ

ଯେତେବେଳେ ଦିଲ୍ଲୀ ସୁଲତାନୀ ରାଜନୈତିକ ଦୃଷ୍ଟିକୋଣରୁ ଅସ୍ଥିର ହୋଇଉଠିଲା, ସେତେବେଳେ ଦକ୍ଷିଣରେ ଏକ ନୂତନ କ୍ଷମତା କେନ୍ଦ୍ରର ଅଭ୍ୟୁଦୟ ହେଲା । ଚତୁର୍ଦ୍ଦଶ ଶତାବ୍ଦୀରେ ଦୁଇଭାଇ ହରିହର ଓ ବୁକ୍କା ଯେଉଁମାନେ ପ୍ରଥମେ ମହମ୍ମଦ ବିନ୍ ତୋଘଲକଙ୍କ ଅଧୀନରେ ପ୍ରାଦେଶିକ ଶାସକ ଥିଲେ, ସେମାନେ ପରିଶେଷରେ ଦିଲ୍ଲୀ ଶାସକଙ୍କ କ୍ଷମତାକୁ ଅସ୍ୱୀକାର କରି ଏକ ନୂତନ ରାଜ୍ୟର ସ୍ଥାପନା କଲେ ଯାହା ଦକ୍ଷିଣ ଭାରତରେ ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଭାବେ ଉଭା ହେଲା । ଏହା ହିଁ ବିଜୟନଗର ସାମ୍ରାଜ୍ୟର ଉତ୍‌ଥାନ ।



https://withteachers.in/



ଚିତ୍ର : ୨.୧୧ : ବିଜୟନଗର ସାମ୍ରାଜ୍ୟ ଧ୍ୱଂସାବଶେଷର କିଛି ଅଂଶ (ଆଜିର ହାମ୍ପି)ର ବୃହତ୍ତ କୋଠାଟି ହେଉଛି ବିରୂପାକ୍ଷ ମନ୍ଦିର।

### ମନେରଖ

ଜନପ୍ରିୟ ଲୋକକଥା ଅନୁସାରେ ହରିହର ଓ ବୁକ୍କା ଉଲ୍ଲେଖନୀୟ ହାମ୍ପି ସାମ୍ରାଜ୍ୟର (ଆଜିର କର୍ଣ୍ଣାଟକ) ସ୍ରଷ୍ଟା ଓ ସାକ୍ଷୀ। ଗୋଟିଏ ଠେକୁଆ ବୁଲିପଡ଼ି ଦଳେ ଶିକାରୀ କୁକୁର ପଛରେ ଗୋଡ଼ାଇବା ଦୃଶ୍ୟ ଅପ୍ରତ୍ୟାଶିତ ଶକ୍ତି ଓ ସାହସକୁ ସଂକେତ କରୁଛି। ସେମାନେ ଯେତେବେଳେ ଏହି ଘଟଣାକୁ ତାଙ୍କ ଗୁରୁ ବିଦ୍ୟାରଣ୍ୟଙ୍କୁ ବର୍ଣ୍ଣନା କରୁଥିଲେ, ସେ ଏହାକୁ ସାହସ, ନମ୍ରତା ପ୍ରତିରୋଧର ଚିହ୍ନ ବୋଲି ବ୍ୟାଖ୍ୟା କରିବା ସହ ହରିହର ଓ ବୁକ୍କାଙ୍କୁ ସେଠାରେ ରାଜଧାନୀ ସ୍ଥାପନ ପାଇଁ ଉପଦେଶ ଦେଲେ।


ବିଜୟନଗର ସାମ୍ରାଜ୍ୟର ଉତ୍ତରରେ (ଚିତ୍ର : ୨.୧୨) ସୁଲତାନ ଶାସିତ ବାହମନୀ ରାଜ୍ୟ ଥିଲା ମୁଖ୍ୟ ପ୍ରତିଦ୍ୱନ୍ଦୀ। ପରିଶେଷରେ ଏହା ପାଞ୍ଚ ଭାଗରେ ବିଭକ୍ତ ହୋଇ ସ୍ୱାଧୀନ ରାଜ୍ୟରେ ପରିଣତ ହେଲା। ଯାହାକୁ ଦାକ୍ଷିଣାତ୍ୟର ସୁଲତାନୀ କୁହାଗଲା। ରାଜ୍ୟଗୁଡ଼ିକ ହେଲା ବିଜାପୁର, ଗୋଲକୋଣ୍ଡା, ବେରାର, ଅହମ୍ମଦନଗର ଓ ବିଦର। ପ୍ରତ୍ୟେକ ରାଜ୍ୟ ଜଣେ ପୂର୍ବବର୍ତ୍ତୀ ପ୍ରାଦେଶିକ ଶାସକଙ୍କ (ତରଫଦାର) ଦ୍ୱାରା ଶାସିତ ହେଉଥିଲା, ଯେଉଁମାନେ ନିଜକୁ ସ୍ୱାୟତ୍ତ (Autonomy) ଘୋଷଣା କରିଥିଲେ। ବିଜୟନଗର ଶାସକଗଣ ବିଜାପୁର ଓ ଗୋଲ୍‌କୋଣ୍ଡା ସହ ଯୁଦ୍ଧ କରିବା ସହିତ ପୂର୍ବ ଭାରତର ଓଡ଼ିଶାର ଗଜପତି ରାଜାମାନଙ୍କ ସହ ମଧ୍ୟ ଯୁଦ୍ଧ କରିଥିଲେ।

### ଏହା ବିଷୟରେ ଚିନ୍ତା କର

'ଗଜପତି'ରେ ତୁମେ 'ପତି' ଶବ୍ଦଟିକୁ ଲକ୍ଷ୍ୟ କରିଛ କି ? ପତି ଅର୍ଥ 'ମୁନିବ' କିମ୍ବା 'ପ୍ରଭୁ' ଯାହା ବହୁ ରାଜବଂଶ ଦ୍ୱାରା ସେ ସମୟରେ ବ୍ୟବହୃତ ହୋଇ ଆସିଥିଲା, ତାହା କ୍ଷମତା ଓ ପ୍ରତିଷ୍ଠାକୁ ସୂଚୀତ କରେ। ବିଜୟ ନଗରର ରାଜାମାନଙ୍କୁ 'ନରପତି' କୁହାଯାଉଥିଲା। ବାହାମନୀ ରାଜ୍ୟର ସୁଲତାନୀ ଶାସକଙ୍କୁ 'ଅଶ୍ୱପତି' ଏବଂ ମରାଠା ଶାସକମାନଙ୍କୁ 'ଛତ୍ରପତି' କୁହାଯାଇଥିଲା। ପ୍ରତ୍ୟେକ ଉପାଧି ରାଜତ୍ୱ ଓ କ୍ଷମତାର ବିଭିନ୍ନ ଦିଗକୁ ସୂଚୀତ କରୁଥିଲା। ଏହି ତିନୋଟି ଶବ୍ଦର ଅର୍ଥ କ'ଣ ବୁଝାଉଛି ତୁମେ ଅନୁମାନ କରିପାରିବ କି ?



https://withteachers.in/




ଚିତ୍ର : ୨.୧୨ ଦାକ୍ଷିଣାତ୍ୟର ରାଜ୍ୟସମୂହ ଏବଂ ବିଜୟନଗର ସାମ୍ରାଜ୍ୟ



https://withteachers.in/

## କୃଷ୍ଣଦେବରାୟ

ଷୋଡ଼ଶ ଶତାବ୍ଦୀରେ, ବିଖ୍ୟାତ ଶାସକ କୃଷ୍ଣଦେବ ରାୟଙ୍କ ସମୟରେ ବିଜୟ ନଗର ରାଜ୍ୟ ବିକାଶର ଶୀର୍ଷରେ ପହଞ୍ଚିଥିଲା, ଯିଏ ଦାକ୍ଷିଣାତ୍ୟରେ ନିଜ ସୁରକ୍ଷିତ ସାମ୍ରାଜ୍ୟର ପ୍ରଭୁତ୍ୱ ବିସ୍ତାର କରିଥିଲେ । ତାଙ୍କ ଶାସନ କାଳରେ ସାମରିକ କ୍ଷମତା ଓ ସାଂସ୍କୃତିକ ନବଜାଗରଣର ବିଶେଷ ଉନ୍ନତି ଘଟିଥିଲା । ସେ ସଂସ୍କୃତ, ତେଲୁଗୁ ଓ କନ୍ନଡ଼ ଭାଷାର କବି ଓ ପଣ୍ଡିତମାନଙ୍କର ପୃଷ୍ଠପୋଷକତା କରିଥିଲେ ନିଜେ ସେ ତେଲୁଗୁ ଭାଷାରେ ଏକ ମହାକାବ୍ୟ 'ଆମୁକ୍ତ ମାଲ୍ୟଦା' ରଚନା କରିଥଲେ । ଏହା ତାମିଲ ସନ୍ଥକବି ଆନ୍ଦାଲାଙ୍କ ଜୀବନୀ ଉପରେ ଆଧାରିତ ଅଟେ । ଏହି ମହାକାବ୍ୟର ଗୋଟିଏ ଅଂଶ ହେଲା 'ରାଜନୀତି' ଯେଉଁଠି ସେ ଉତ୍ତମ ଶାସନ ନୀତିକୁ ପ୍ରତିପାଦନ କରିଛନ୍ତି । କୃଷ୍ଣଦେବ ରାୟ ବହୁ ମନ୍ଦିରରକୁ ଅର୍ଥ ପ୍ରଦାନ କରିଥିଲେ, ତନ୍ମଧ୍ୟରୁ ଆନ୍ଧ୍ରପ୍ରଦେଶର 'ତିରୁପତି ମନ୍ଦିର' ଓ ନିଜର ରାଜଧାନୀ ବିଜୟନଗରର 'ବିଠଲ ମନ୍ଦିର', ଯାହା ବହୁ ଭବ୍ୟ ମନ୍ଦିର, ପ୍ରାସାଦ ଓ ଅନ୍ୟ ସ୍ଥାପତ୍ୟକୁ ପ୍ରଦର୍ଶନ କରିଥାଏ ।



ଚିତ୍ର : ୨.୧୩ : ବିଠଲ ମନ୍ଦିରର ମହାମଣ୍ଡପ; ଯାହା ସ୍ଥାପତ୍ୟ କୋଟିକମ ସୌନ୍ଦର୍ଯ୍ୟର ପ୍ରତୀକ । ବିଶେଷ ଭାବେ ବହୁ ସ୍ତମ୍ଭ ବିଶିଷ୍ଟ ଏ ମନ୍ଦିର ସୁନ୍ଦର ଭାବେ ନିର୍ମିତ; ଏହାର ଛୋଟ ଗୋଲାକାର ସ୍ତମ୍ଭକୁ ଆଘାତ କଲେ ସଙ୍ଗୀତର ବିଭିନ୍ନ ସ୍ୱର ସୃଷ୍ଟି ହୋଇଥାଏ – ଏଣୁ ସ୍ତମ୍ଭଗୁଡ଼ିକୁ 'ସଙ୍ଗୀତ ସ୍ତମ୍ଭ' କୁହାଯାଏ ।



https://withteachers.in/

## ମନେରଖ

ବିଦେଶୀ ବେପାରୀମାନେ ବିଜୟ ନଗର ପରିଦର୍ଶନରେ ଆସିଥିଲେ ରାଜା ପର୍ତ୍ତୁଗୀଜମାନଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହ ଅଶ୍ୱବେପାର କରୁଥିବା ବ୍ୟବସାୟୀମାନେ ବାହାରକୁ ଯାଇ ଶତ୍ରୁରାଜ୍ୟକୁ ମୂଲ୍ୟବାନ ଅଶ୍ୱ ବିକନ୍ତୁ ନାହିଁ, ଏହା ସେ ଚାହୁଁ ଥିଲେ ।

ସେମାନଙ୍କ ଭିତରୁ ଜଣେ 'ଡୋମିନଗୋ ପଏସ', ବିଜୟ ନଗର ରାଜ୍ୟରେ ନିଜ ରହଣିକାଳର ଏକ ଦୀର୍ଘ  ଲିଖିତ ବିବରଣୀ ଛାଡ଼ି ଯାଇଛନ୍ତି । ଏହାର ଏକ ଉଦ୍ଧୃତି ଅଂଶ "ଏହି ସହର ବୃହତ ରୋମ ନଗରୀ ଭଳି ଦେଖାଯାଉଥିଲା । ଦୃଶ୍ୟ ସବୁ ମନୋରମ ଲାଗୁଥିଲା ବୃକ୍ଷଲତା, ଉପବନ ଶୋଭିତ ନଗର ଓ ଗୃହଉଦ୍ୟାନ ବେଶ୍ ଚିତ୍ତାକର୍ଷକ ଥିଲା । ପାଇପଦ୍ୱାରା ସହର ମଧ୍ୟରେ ଜଳ ଯୋଗାଣ ସହ ସ୍ଥାନେ ସ୍ଥାନେ କୃତ୍ରିମ ହ୍ରଦ ରହିଥିଲା । ଏହି ନଗରରେ ଅସଂଖ୍ୟ ଲୋକ ବାସ କରୁଥିଲେ । ଏହା ଥିଲା ପୃଥିବୀର ସର୍ବୋତ୍ତମ ସୁବିଧା ଉପଲବ୍ଧ ସହର । ସଡ଼କ ଓ ବଜାରରେ ପରିବହନପାଇଁ ବଡ଼ ବଡ଼ ବୋଝ ବୋହିବା ବଳଦ ଦେଖାଯାଉଥିଲେ । ତୁମେ ଖୋଜୁଥିବା ପ୍ରତ୍ୟେକ ଦ୍ରବ୍ୟର ପ୍ରାଚୁର୍ଯ୍ୟ ସେଠାରେ ପୂରି ରହିଥିଲା ।"



ଚିତ୍ର : ୨.୧୪: ବିଠଲ ମନ୍ଦିରର ଏକ ପ୍ୟାନେଲ୍ ଉପରେ ଖୋଦିତ ଚିତ୍ର

## ଆସ ଅନୁସନ୍ଧାନ କରିବା

ଚିତ୍ର : ୨.୧୪ରେ ତୁମେ କେଉଁ ଉପାଦାନଗୁଡ଼ିକ ଦେଖୁଛ ? ସେଗୁଡ଼ିକ ତୁମକୁ ସେ ସମୟର ଜୀବନ ବିଷୟରେ କ'ଣ କହେ ? (ସଙ୍କେତ : ଅସ୍ତ୍ରଶସ୍ତ୍ର, ପ୍ରାଣୀ ଓ କ୍ରିୟା କଳାପକୁ ନିରୀକ୍ଷଣ କର)





https://withteachers.in/

ପଡ଼ୋଶୀ ରାଜ୍ୟ ବିରୋଧରେ ବହୁ ଯୁଦ୍ଧରେ ଜୟଲାଭ କରିବା ପରେ କୃଷ୍ଣଦେବ ରାୟ ଅସୁସ୍ଥ ହୋଇ ୧୫୨୯ ଖ୍ରୀଷ୍ଟାବ୍ଦରେ ମୃତ୍ୟୁବରଣ କଲେ । ୧୫୬୫ରେ ଦାକ୍ଷିଣାତ୍ୟର ସୁଲତାନମାନେ ଏକତ୍ରିତ ହୋଇ ବିଜୟନଗର ରାଜାଙ୍କ ଜାମାତ ରାମାରାୟଙ୍କୁ ତାଲିକୋଟା ଯୁଦ୍ଧରେ ପରାସ୍ତ କଲେ । ମାସ ମାସ ଧରି ସେମାନେ ସହର ଲୁଣ୍ଠନ କଲେ ଘର, ଦୋକାନ, ମହଲ, ପ୍ରାସାଦ ଏବଂ ବହୁ ମନ୍ଦିରକୁ ଧ୍ୱଂସ କରିଥିଲେ । ଅନେକ ସାଧାରଣ ଜନତା ଏହି ଗଣହତ୍ୟାର ଶିକାର ହେଲେ । ସହରକୁ ଧ୍ୱଂସାବସ୍ଥାରେ ଛାଡ଼ି ଦିଆଗଲା । ଏହାପରେ ବିରାଟ ସାମ୍ରାଜ୍ୟ ଛୋଟ ଛୋଟ ପ୍ରଦେଶରେ ପରିଣତ ହୋଇଗଲା । ରାଜ୍ୟଗୁଡ଼ିକ କ୍ରମେ ନାୟକମାନଙ୍କ ଦ୍ୱାରା ଶାସିତ ହେଲା, ଯେଉଁମାନେ ପୂର୍ବରୁ ସାମରିକ ଶାସନକର୍ତ୍ତା ଥିଲେ । ସପ୍ତଦଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଏହି ସାମ୍ରାଜ୍ୟର ବିଲୟ ଘଟିଲା ।



ଚିତ୍ର : ୨.୧୫ : ବାବରନାମାରେ ବର୍ଣ୍ଣିତ ପାନିପଥ ଯୁଦ୍ଧର ଦୃଶ୍ୟ ଯେଉଁଠି ତୋପ ବ୍ୟବହାରର ଚିତ୍ର ଦେଖିବାକୁ ମିଳେ ।

## ମୋଗଲ (ମୋଘଲ)

ଦିଲ୍ଲୀ ସୁଲତାନୀ ଶାସନ ଦୁର୍ବଳ ହେବା ପରେ ବାବର ନାମକ ଜଣେ ତୁର୍କୀ ମୋଗଲ ସାମରିକ ଶାସକ ଓ ରଣକୌଶଳ ଧୂରୀଣ ବ୍ୟକ୍ତି ନିଜ ଭୂଖଣ୍ଡ ସମରକନ୍ଦ (ଆଧୁନିକ ଉଜ୍‌ବେକିସ୍ଥାନ)ରୁ ବିତାଡ଼ିତ ହେବା ପରେ; ଭାରତ ଆଡ଼କୁ ନଜର ପକାଇଲେ । ତିମୁର (ତୈମୁର)ର ଉତ୍ତରାଧିକାରୀ ବାବର ୧୫୨୬ରେ ପାନିପଥଠାରେ ଇବ୍ରାହିମ ଲୋଦୀଙ୍କୁ ପରାସ୍ତ କଲେ । ଏହାକୁ ପ୍ରଥମ ପାନିପଥ ଯୁଦ୍ଧ କୁହାଯାଏ । ଏହି ଯୁଦ୍ଧରେ ବହୁମାତ୍ରାରେ ବନ୍ଧୁକ, ତୋପ, ଗୋଳା ବାରୁଦ ବ୍ୟବହାର କରାଯାଇଥିଲା ଯାହା ପରବର୍ତ୍ତୀ ସମୟରେ ଭାରତୀୟ ଯୁଦ୍ଧ କାର୍ଯ୍ୟରେ ବ୍ୟବହାର କରାଯାଇଥିଲା । ଏହା ଦିଲ୍ଲୀ ସୁଲତାନୀ ଶାସନର ଅଧୋପତନ ଘଟାଇ ମୋଗଲ (ମୋଘଲ) ସାମ୍ରାଜ୍ୟର ଭିତ୍ତି ପ୍ରସ୍ତର ସ୍ଥାପନ କଲା ଏବଂ ବାବର ହେଲେ ଦିଲ୍ଲୀ ସିଂହାସନର ସର୍ବମୟ କର୍ତ୍ତା ।



https://withteachers.in/

## ବାବର ଏବଂ ଭାରତ

ବାବର ନିଜର ଏକ ସ୍ୱଷ୍ଟ ଆତ୍ମଜୀବନୀ 'ବାବରନାମା' (ବାବର ସ୍ମୃତିପାଞ୍ଜି) ଛାଡ଼ିଯାଇଛନ୍ତି ଯାହାର ଐତିହାସିକ ମୂଲ୍ୟ ବେଶ୍ ଅଧିକ। ଏହି ପୁସ୍ତକରେ ସେ ଜଣେ ସଂସ୍କୃତି ସଂପନ୍ନ, ବୁଦ୍ଧିମାନ କୌତୁହଳୀ ମଣିଷ ଭାବେ ନିଜକୁ ବର୍ଣ୍ଣନା କରିଛନ୍ତି; ଯାହାର ସ୍ଥପତି ବିଦ୍ୟା, କବିତା, ପଶୁପକ୍ଷୀ (ଦୀର୍ଘ ଓ ପ୍ରାଞ୍ଜଳ ତାଲିକା) ବନସ୍ପତି (ଫୁଲ ଓ ଫଳଗଛ) ପ୍ରତି ଶ୍ରଦ୍ଧା ଥିଲା। ଏ ସବୁର ସେ ଥିଲେ ମୁଗ୍ଧ ପ୍ରଶଂସକ। ଅନ୍ୟପଟେ ସେ ଥିଲେ ଅତି ନିଷ୍ଠୁର, ନିର୍ଦ୍ଦୟ ବିଜେତା। ପୁରା ନଗରର ଜନସାଧାରଣଙ୍କୁ ପଶୁପରି ହତ୍ୟା କରି ମହିଳା ଓ ଶିଶୁଙ୍କୁ ଦାସ କରି ରଖିବା ଏବଂ ଲୁଣ୍ଠିତ ସହରରେ କୁଡ଼ କୁଡ଼ 'ମୁଣ୍ଡ ମିନାର' (Tower of Sk[redacted]

ବାବର କେନ୍ଦ୍ର ଏସିଆର ସ୍ମୃତି ରୋମନ୍ଥନ କରି ଗର୍ବ ଅନୁଭବ କରିବା ସହ ଭାରତ ପ୍ରତି ମଧ ତାଙ୍କର ମୋହ ଥିଲା। ବିରାଟ ହିନ୍ଦୁ ସ୍ଥାନକୁ ସୁନା ଓ ରୂପାର ଏକ ଦେଶ ବୋଲି ସେ ଜାଣିଥିଲେ। ବର୍ଷା ଋତୁରେ ବାୟୁର ମାନ ଖୁବ୍ ଭଲ ଥିଲା। ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟର ଭୂଖଣ୍ଡ ଥିଲା ହିନ୍ଦୁସ୍ଥାନ। ବିଭିନ୍ନ ପ୍ରକାର ଅସଂଖ୍ୟ କଳାକାର ଓ କାରୀଗର ଭାରତରେ ଥିଲେ। ବୋଧହୁଏ ଶେଷ କାରଣ ଭାରତର 'ଧନଦୌଲତ' ବାବରଙ୍କୁ କେନ୍ଦ୍ରଏସିଆକୁ ଫେରିବା ଅପେକ୍ଷା ଭାରତରେ ସବୁଦିନ ଲାଗି ରହିଯିବାକୁ ବାଧ କରିଥିଲା।

### ଏହା ବିଷୟରେ ଚିନ୍ତା କର

ଭାରତ ସମ୍ପର୍କରେ ବାବରଙ୍କ ଧାରଣା ତୁମ ମନକୁ କେମିତି ଛୁଇଁଛି ? ଦଳ ଭିତରେ ଆଲୋଚନା କର।

୧୫୩୦ରେ ବାବରଙ୍କ ମୃତ୍ୟୁପରେ, ତାଙ୍କ ପୁଅ ହୁମାୟୁନ ନିଜ ସାମ୍ରାଜ୍ୟକୁ ଧରି ରଖିବା ପାଇଁ ସଂଘର୍ଷ କରିଥିଲେ। ଏହାର ସୁଯୋଗ ନେଇ ଶେରଶାହା ଶୁରୀ ନାମକ ଜଣେ ଶକ୍ତିଶାଳୀ ଆଫଗାନ୍ ନେତା ଉତ୍ତର ଭାରତର ବିରାଟ ଅଞ୍ଚଳରେ ଶେର୍ ସମ୍ରାଜ୍ୟ ପ୍ରତିଷ୍ଠା କଲେ। ସେ ଅନେକ ଦୀର୍ଘସ୍ଥାୟୀ ସଂସ୍କାର ପ୍ରଚଳନ କରିଥିଲେ। ଏହି ସାମ୍ରାଜ୍ୟ ସ୍ୱଳ୍ପସ୍ଥାୟୀ ଥିଲା। ଯା'ହେଉ ହୁମାୟୁନ ଅବିଳମ୍ବେ ହରେଇ ଥିବା ରାଜ୍ୟକୁ ପୁନର୍ବାର ଜୟ କରିଥିଲେ।

ଏ ଘଟଣା ଘଟିବା ପୂର୍ବରୁ, ହିମୁ (ହେମୁ) ଜଣେ କୁଶଳୀ ସାମରିକ ସେନାପତି ଓ ମୁଖ୍ୟମନ୍ତ୍ରୀ (ୱାଜିର) ଏବଂ ଶେଷ ଶୁରୀ ଶାସକ ଭାବେ ଦିଲ୍ଲୀ ଅଧିକାର କରି ଶାସନ କଲେ। ସେ 'ହେମଚନ୍ଦ୍ର ବିକ୍ରମାଦିତ୍ୟ' ରାଜକୀୟ ନାମରେ ସ୍ୱଳ୍ପ ସମୟ ଶାସନ କଲେ। ଯଦିଓ କିଛି ଦିନ ସାମରିକ ସଫଳତାକୁ ଉପଭୋଗ କଲେ, କିନ୍ତୁ ସେ ଦ୍ୱିତୀୟ ପାନିପଥ ଯୁଦ୍ଧରେ କ୍ଷତାକ୍ତ ହେଲେ, ଏହି ଯୁଦ୍ଧ ବାବରଙ୍କ ନାତି ଆକବର ଓ ହିମୁ ମଧ୍ୟରେ ହୋଇଥିଲା। କ୍ଷତାକ୍ତ ଅବସ୍ଥାରେ ହିମୁଙ୍କୁ ଆକବରଙ୍କ ସମ୍ମୁଖକୁ ଅଣାଯାଇ, ତାଙ୍କ ମସ୍ତକ ଛେଦନ କରାଗଲା ଓ ଆକବର ପୁନର୍ବାର ଦିଲ୍ଲୀ ଉଦ୍ଧାର କରି ମୋଗଲ ଶାସନକୁ ସୁଦୃଢ଼ କଲେ।



https://withteachers.in/

## ଆକବର

ହୁମାୟୁନଙ୍କ ଅକସ୍ମାତ ମୃତ୍ୟୁ ପରେ ୧୩ ବର୍ଷ ବୟସରେ ଆକବରଙ୍କୁ ଦିଲ୍ଲୀ ସମ୍ରାଟ ଭାବେ ଘୋଷଣା କରାଗଲା । ଆକବର ଭାରତୀୟ ଉପମହାଦେଶକୁ ଏକ ମୋଗଲ ଶାସନାଧୀନ କରିବା ପାଇଁ ଯାତ୍ରା ଆରମ୍ଭ କଲେ । ତାଙ୍କ ଶାସନ କାଳ ଥିଲା ନିଷ୍ଠୁରତା ଓ ସହନଶୀଳତାର ଏକ ସମ୍ମିଶ୍ରଣ ରୂପ । ପୁନଶ୍ଚ ଉଚ୍ଚାଭିଳାଷ ଓ ରଣକୌଶଳରେ ତାଙ୍କ ସାମ୍ରାଜ୍ୟ ସଂଗଠିତ ଥିଲା ।

ପୂର୍ବ ବିଜୟ ଗୁଡ଼ିକରେ ତାଙ୍କ ପୂର୍ବ ପୁରୁଷଙ୍କୁ ଅନୁସରଣ କରି ସେ ନିର୍ଦ୍ଦୟ ହୋଇ ଚିତୋର ଦୁର୍ଗ (ରାଜସ୍ଥାନର ଚିତ୍ତୋରଗଡ଼)କୁ ରାଜପୁତ ସୈନ୍ୟମାନଙ୍କର ପ୍ରବଳ ପ୍ରତିରୋଧ ସତ୍ତ୍ୱେ ପାଞ୍ଚ ମାସ ଧରି ଅବରୋଧ କରିଥିଲେ । ଏହି ସମୟରେ ରାଜପୁତ ସୈନ୍ୟମାନେ ମୋଗଲଙ୍କ ବହୁ କ୍ଷତି ଘଟାଇଲେ । ଶେଷରେ ଆକବର ଯୁଦ୍ଧର ନିୟମ ଭଙ୍ଗ କରିବାରୁ ବହୁ ସଂଖ୍ୟାରେ ରାଜପୁତ ସୈନିକ ମୃତ୍ୟୁବରଣ କଲେ । ଶତାଧିକ ରାଜପୁତ ରମଣୀ 'ଜହର ବ୍ରତ' ପାଳନ କଲେ । ତତକ୍ଷଣାତ୍ ଆକବର ଗଣହତ୍ୟାର ଆଦେଶ ଦେଲେ । ଫଳରେ ୩୦,୦୦୦ ସାଧାରଣ ନିରୀହ ଜନତା ମୃତ୍ୟୁବରଣ କଲେ । ଏହି ଆକ୍ରମଣରୁ ରକ୍ଷା ପାଇଯାଇଥିବା ନାରୀ ଓ ଶିଶୁଙ୍କୁ ଦାସ କରି ରଖିଲେ । ସେତେବେଳେକୁ ଆକବରଙ୍କୁ ମାତ୍ର ୨୫ ବର୍ଷ ବୟସ । ସେ ଏକ ବିଜୟ ଉଲ୍ଲାସର ବାର୍ତ୍ତା ପଠାଇଥିଲେ, ଯେଉଁଠି ସେ ଲେଖିଥିଲେ– "ଆମେ ବିଧର୍ମୀମାନଙ୍କର ବହୁ ଦୁର୍ଗ ଓ ସହରକୁ ଅଧିକାର କରି ସେଠାରେ ଇସଲାମ୍ ପ୍ରତିଷ୍ଠା କରିବାରେ ସଫଳ ହୋଇଛୁ । ଆମ ତୃଷାତୁର ତରବାରୀ ସାହାଯ୍ୟରେ ନାସ୍ତିକତାର ଚିହ୍ନକୁ ସେମାନଙ୍କ ମସ୍ତିଷ୍କରୁ ଆମେ ଲିଭାଇ ଦେଉଛୁ ସାରା ହିନ୍ଦୁସ୍ଥାନରେ ଆମେ ବହୁ ମନ୍ଦିର ଧ୍ୱଂସ କରିଛୁ ।"


### ଜହର କ'ଣ ?

ଯେତେବେଳେ ତୁର୍କୀ କିମ୍ବା ମୋଗଲ ସେନା କୌଣସି ରାଜ୍ୟ ଜୟ କରୁଥିଲେ ଅନେକ ସମୟରେ ସେମାନେ ନାରୀମାନଙ୍କୁ ଦାସୀ କରିବା କିମ୍ବା ଦୁର୍ବ୍ୟବହାର କରୁଥିଲେ । ଅନେକ ଐତିହାସିକ ଦୃଷ୍ଟାନ୍ତ ଏ ଦିଗରେ ଅଛି । ବହୁ ରାଜପୁତ ରମଣୀ ସେମାନଙ୍କ ହାତରେ ଧରା ପଡ଼ିବା କିମ୍ବା ଦୁର୍ବ୍ୟବହାରର ଶିକାର ହେବା ପୂର୍ବରୁ ନିଆଁକୁ ଡେଇଁ ଆତ୍ମହତ୍ୟା କରୁଥିଲେ । 'ଜହର'କୁ ଶେଷ ପ୍ରତିରୋଧ ଓ ଆତ୍ମସମ୍ମାନ ରକ୍ଷା କରିବାର ଏକ ବୀରତ୍ୱପୂର୍ଣ୍ଣ କର୍ମ ଭାବେ ବିବେଚନା କରାଯାଉଥିଲା । ଏଣୁ ଆକବର ଶେଷରେ ଯେତେବେଳେ ଚିତୋର ଦୁର୍ଗ ଭାଙ୍ଗି ଭିତରେ ପ୍ରବେଶ କଲେ ଶତାଧିକ ରାଜ ରମଣୀ, ସମ୍ଭ୍ରାନ୍ତ ମହିଳାମାନଙ୍କ ସହ ଅଗ୍ନିକୁ ଡେଇଁ ଆତ୍ମହତ୍ୟା କରିଥିଲେ ।

ଆକବର ନିଜ ପୂର୍ବଜମାନଙ୍କୁ ଏହି ବିଚାରରେ ଅନୁସରଣ କରିଥିଲେ । "ଜଣେ ମହାରାଜ ସର୍ବଦା ବିଜୟ ଅଭିଳାଷୀ ହେବା ଉଚିତ, ନଚେତ ତା'ର ଶତ୍ରୁଗଣ ତା' ବିରୋଧରେ ଅସ୍ତ୍ର ଉତ୍ତୋଳନ କରିବେ ।" ତାଙ୍କ ସାମ୍ରାଜ୍ୟ ଯେତିକି ବଢ଼ି ଚାଲିଲା (ଚିତ୍ର ୨.୧୬), ସେ ନିଜ ସାମ୍ରାଜ୍ୟର ସ୍ଥିରତା ପାଇଁ ଅଧିକରୁ ଅଧିକ ରାଜନୈତିକ ରଣକୌଶଳ ବ୍ୟବହାର କରିଥିଲେ । ସେ ପଡ଼ୋଶୀ ରାଜ୍ୟଗୁଡ଼ିକ ସହ ବୈବାହିକ ବନ୍ଧୁତା ସ୍ଥାପନ କରିବା ସହିତ ରାଜପୁତ ଓ ପ୍ରାଦେଶିକ ଶାସକମାନଙ୍କୁ ନିଜ ପ୍ରାସାଦରେ ସ୍ୱାଗତ କରୁଥିଲେ । ସେ ଜିଜିଆ କର ଉଚ୍ଛେଦ କରିବା ସହ ସୁଲହ-ଇ-କୁଲ (Sulh-e-kul) ମତବାଦ ପ୍ରଚଳନ କରିଥିଲେ ଯାହାର ଆକ୍ଷରିକ ଅର୍ଥ ହେଲା 'ସମସ୍ତଙ୍କ ସହ ଶାନ୍ତି' କିମ୍ବା ସବୁ ଧର୍ମ ବିଶ୍ୱାସ ପ୍ରତି ସହନଶୀଳତା, ଯାହା ବିଭିନ୍ନ



https://withteachers.in/




ଚିତ୍ର: ୨.୧୬ : ମୋଗଲ ଏବଂ ବିଭିନ୍ନ ସମୟରେ ଆଞ୍ଚଳିକ ଶକ୍ତିର ଅଭ୍ୟୁଦୟ

ଧର୍ମ ବିଶ୍ୱାସ ମଧ୍ୟରେ ବିଚାର ବିନିମୟ । ଉଚ୍ଚ ରାଜକାର୍ଯ୍ୟରେ ହିନ୍ଦୁମାନଙ୍କୁ ନିଯୁକ୍ତି ଦେବା ଏବଂ ଅନ୍ୟାନ୍ୟ ସାହସିକ ସଂସ୍କାର ଦ୍ୱାରା ଆକବର ତାଙ୍କ ସାମ୍ରାଜ୍ୟରେ ସ୍ଥିରତା ଆଣିପାରିଥିଲେ । ଏପରିକି ସେ ବହୁ ରାଜପୁତ ରାଜାମାନଙ୍କର ସମର୍ଥନ ହାସଲ କରିଥିଲେ । ତାଙ୍କ ପାରିଷଦର ଐତିହାସିକ ଓ ଜୀବନୀଲେଖକ ଆବୁଲ୍ ଫାଜଲ୍ ଏ କଥାକୁ ଏମିତି ଲିପିବଦ୍ଧ କରିଛନ୍ତି, "ପୂର୍ବେ ମୁଁ ଲୋକମାନଙ୍କୁ ଗତାନୁଗତିକ ନିୟମ ଅନୁସାରେ ଇସ୍‌ଲାମ୍ ଧର୍ମର ଆଧାରରେ ନିର୍ଯ୍ୟାତନା ଦେଉଥିଲି ।



https://withteachers.in/



ଚିତ୍ର : ୨.୧୭ : ଏହି ଚିତ୍ରରେ ଦର୍ଶାଯାଇଛି, ଆକବର ତାଙ୍କ ଦରବାରକୁ ପଣ୍ଡିତମାନଙ୍କୁ ସ୍ୱାଗତ କରୁଛନ୍ତି, ତନ୍ମଧ୍ୟରୁ ଦୁଇଜଣ ଖ୍ରୀଷ୍ଟୀୟ ସନ୍ନ୍ୟାସୀ (କଳାପୋଷାକ ପରିହିତ)

ଯେବେ ମୋର ଜ୍ଞାନ ବଢ଼ିଲା, ମୁଁ ଲଜ୍ଜାରେ ସମାହତ ହେଲି। ନିଜକୁ ମୁସଲମାନ୍ ଭାବେ ନୁହେଁ, ବରଂ ମଣିଷ ଭାବେ, ଅନ୍ୟକୁ ଇସଲାମ୍ ଧର୍ମ ଗ୍ରହଣ କରିବା ପାଇଁ ବାଧ୍ୟକରିବାକୁ ମୁଁ ଅନୁଚିତ ମଣିଲି । ବାଧ୍ୟବାଧକତାରେ ଧର୍ମାନ୍ତରିତ ବ୍ୟକ୍ତିଙ୍କଠାରୁ କି ନିଷ୍ଠା ଆଶା କରାଯାଇପାରିବ ? ଆକବରଙ୍କ ଶାସନ ପ୍ରାୟ ୫୦ ବର୍ଷ ତିଷ୍ଠି ରହିଥିଲା। (୧୫୫୬ ରୁ ୧୬୦୫) ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ। ତାଙ୍କ ଶାସନର ମଧ୍ୟବର୍ତ୍ତୀ ସମୟ ଶାନ୍ତିପୂର୍ଣ୍ଣ ଥିଲା। ଶେଷ ୧୫ ବର୍ଷ କାଶ୍ମୀର, ସିନ୍ଧୁ, ଦାକ୍ଷିଣାତ୍ୟ ଓ ଆଫଗାନରେ ସାମରିକ ଶିବିର ଥିଲା ଅନ୍ୟତମ। ଯାହା ସେହି ଅଞ୍ଚଳଗୁଡ଼ିକରେ ଅଶାନ୍ତି ଓ ଅସନ୍ତୋଷର କାରଣ ଥିଲା।


## ଏହା ବିଷୟରେ ଚିନ୍ତା କର

ପୂର୍ବ ଶାସକମାନେ ଯେତେବେଳେ ରାଜ୍ୟ ବିସ୍ତାର ଲାଗି ମୁଖ୍ୟତଃ ସାମରିକ ଶକ୍ତିକୁ ଗୁରୁତ୍ୱ ଦେଉଥିଲେ, ଆକବର ସାମ୍ରାଜ୍ୟ ବିସ୍ତାର ପାଇଁ କାହିଁକି ବିଭିନ୍ନ ପ୍ରକାର ରଣକୌଶଳ ବ୍ୟବହାର କରୁଥିଲେ ?



https://withteachers.in/

## ଆସ ଅନୁସନ୍ଧାନ କରିବା



ଚିତ୍ର : ୨.୩୨.୧୨ ଓ ୨.୧୬ (ମାନଚିତ୍ର)କୁ ତୁଳନା କର । ତୁମେ କେଉଁ ପାର୍ଥକ୍ୟ ସବୁ ଲକ୍ଷ୍ୟ କରୁଛ ? ମାନଚିତ୍ରରେ ଘଟିଥିବା ପୁନଃରୂପ ଗୁଡ଼ିକ କ'ଣ ?



ଚିତ୍ର : ୨.୧୮ ପାଞ୍ଚ ମହଲା ବିଶିଷ୍ଟ ଏହି 'ପଞ୍ଚ ମହଲ' ଫତେପୁର ସିକ୍ରିଠାରେ ଆକବର ନିର୍ମାଣ କରିଥିଲେ ଯାହା ଆଜିର ଆଗ୍ରା ନିକଟରେ ଅବସ୍ଥିତ ।

ଆକବର ନିରକ୍ଷର ସତ୍ତ୍ୱେ ପାରସିକ ଓ ଭାରତୀୟ ଗ୍ରନ୍ଥଗୁଡ଼ିକୁ ଜାଣିବା ପାଇଁ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରିଥିଲେ । ଅନେକ ସମୟରେ ତାଙ୍କ ଦରବାରକୁ ପଣ୍ଡିତମାନଙ୍କୁ ନିମନ୍ତ୍ରଣ କରୁଥିଲେ (ଚିତ୍ର : ୨.୧୭) । ସେ ଫତେପୁର ସିକ୍ରିଠାରେ 'ଅନୁବାଦ ସଦନ' (House of Translation) ପ୍ରତିଷ୍ଠା କରିଥିଲେ । ଯେଉଁଠି ସେ ବହୁ ଗୁରୁତ୍ୱପୂର୍ଣ୍ଣ ସଂସ୍କୃତ ଗ୍ରନ୍ଥକୁ ପାର୍ସି ଭାଷାରେ ଅନୁବାଦ କରିଥିଲେ, ତନ୍ମଧ୍ୟରୁ ମହାଭାରତ (ରାଜମ୍‌ନାମା ପାର୍ସୀରେ ବା ଯୁଦ୍ଧର ପୁସ୍ତକ), ରାମାୟଣ (୧୭୬ଟି ସୁନ୍ଦର ଓ କ୍ଷୁଦ୍ରାକୃତି ଚିତ୍ରର ସମାହାର), ଭଗବତ୍ ଗୀତା, ଏବଂ ପଞ୍ଚତନ୍ତ୍ର ଥିଲା ପ୍ରମୁଖ । ଆକବରଙ୍କ ପୁତ୍ର ଜାହାଙ୍ଗୀର ତାଙ୍କ ବାପାଙ୍କର କଳା ଓ ସ୍ଥାପତ୍ୟ ପ୍ରତି ଥିବା ଶ୍ରଦ୍ଧାକୁ ପାଥେୟ କରି ଦାକ୍ଷିଣାତ୍ୟରେ ସାମ୍ରାଜ୍ୟ ବିସ୍ତାର କଲେ । ତାଙ୍କ ପୁତ୍ର ଶାହାଜାହାନ୍ ବହୁ ବିଦ୍ରୋହ ବିରୋଧରେ ଯୁଦ୍ଧ କରିଥିଲେ । ତାଜମହଲର ନିର୍ମାତା ଭାବେ ସେ ଅଧିକନ୍ତୁ ସ୍ମରଣୀୟ । ଆଜି ବି ତାଜମହଲକୁ ସାରା ପୃଥିବୀରେ ମାର୍ବଲର ଏକ ମହାନ୍ ସ୍ଥାପତ୍ୟ ଭାବରେ



https://withteachers.in/

ଗଣାଯାଏ । ଏହି ସମୟରେ କଳା ସ୍ଥାପତ୍ୟର ସଫଳତା ଶୀର୍ଷକୁ ଛୁଇଁ ଥିଲା । ଏଥି ମଧ୍ୟରେ ଦିଲ୍ଲୀର 'ହୁମାୟୁନଙ୍କ ସମାଧିସ୍ଥଳ', 'ଲାଲକିଲ୍ଲା' ଏବଂ ଆଗ୍ରାର କିଲ୍ଲା ସମୂହ ଅନ୍ତର୍ଭୁକ୍ତ । ଭାରତର ଅନ୍ୟାନ୍ୟ ଶାସ୍ତ୍ରୀୟ କଳା ଓ ସଙ୍ଗୀତ ଏହି ସମୟରେ ସମୃଦ୍ଧ ହୋଇଥିଲା । ଏ ସମୟର ସୁନ୍ଦର ଲିପି ଓ କ୍ଷୁଦ୍ରାକୃତି ଚିତ୍ରକଳା ମଧ୍ୟ ଉଲ୍ଲେଖନୀୟ ।



ଚିତ୍ର : ୨.୧୯ରେ ଏକ କ୍ଷୁଦ୍ରାକାର ଚିତ୍ରରେ ପାର୍ସି ଭାଷାରେ ରାମାୟଣର ଏକ ଧାରାବାହିକ ଦୃଶ୍ୟ ଦେଖୁ ଯେଉଁଠି ରାମଚନ୍ଦ୍ର ସୁନାହରିଣ ପଛରେ ଗୋଡ଼ାଇବାର ଚିତ୍ରଣ କରାଯାଇଛି ।

## ଆଉରଙ୍ଗଜେବ

ଆମେ ଆଗରୁ ବର୍ଣ୍ଣନା କରିଛୁ ଯେ ସୁଲତାନଙ୍କ ଶାସନ କାଳରେ ନିରନ୍ତର ହିଂସା ଓ ରକ୍ତପାତ ହୋଇଛି । ଏହାର ପୁନରାବୃତ୍ତି ଶାହାଜାହାନଙ୍କ ସମୟରେ ହୋଇଥିଲା । ସେ ୧୬୫୭ରେ ଅସୁସ୍ଥ ହୋଇପଡ଼ିଲେ । ସେ ଇଚ୍ଛା କରିଥିଲେ ତାଙ୍କ ଜ୍ୟେଷ୍ଠପୁତ୍ର 'ଦାରା ଶିଖୋ' ସିଂହାସନ ଗ୍ରହଣ କରୁ କିନ୍ତୁ ଦାରାଙ୍କର କନିଷ୍ଠ ଭାଇ ଆଉରଙ୍ଗଜେବ୍ ଏକ ଭୟଙ୍କର ଯୁଦ୍ଧରେ ଦାରାଙ୍କୁ ପରାସ୍ତ କଲେ ଏବଂ ଶେଷରେ ତାଙ୍କୁ ଫାଶୀ ଦେଇ, କଟା ମୁଣ୍ଡକୁ ତାଙ୍କ ବାପାଙ୍କୁ ପ୍ରଦାନ କରିଥିଲେ ।



https://withteachers.in/

ଆଉରଙ୍ଗଜେବ୍ ତାଙ୍କର ଅନ୍ୟ ଦୁଇ ଭାଇଙ୍କୁ ବିତାଡ଼ିତ କଲେ। ଜଣକୁ ବନ୍ଦୀ ପୂର୍ବକ ଫାଶୀ ଦେଲେ ଏବଂ ଅନ୍ୟ ଜଣଙ୍କୁ ନିଜ ସାମ୍ରାଜ୍ୟରୁ ନିର୍ବାସିତ କଲେ। ତାଙ୍କ ପରବର୍ତ୍ତୀ ଶାସନର ଆହ୍ୱାନକୁ ମୁକାବିଲା କରିବା ପାଇଁ ଆଉରଙ୍ଗଜେବ୍ ନିଜ ପିତା ଶାହାଜାହାନଙ୍କୁ ଆଗ୍ରା ଦୁର୍ଗରେ ବନ୍ଦୀ କଲେ, ସେଠି ସେ ମୃତ୍ୟୁ ପର୍ଯ୍ୟନ୍ତ ରହିଲେ। ଆଉରଙ୍ଗଜେବ ୧୬୫୮ରେ ନିଜକୁ ସମ୍ରାଟ ଭାବେ ଘୋଷଣା କଲେ ଏବଂ ନିଜକୁ 'ଆଲମ୍‌ଗିର୍' ବା 'ବିଶ୍ୱବିଜେତା' ଭାବେ ଅଭିହିତ କଲେ। ସେ ପ୍ରାୟ ୪୯ ବର୍ଷ ଧରି ଶାସନ କରିଥିଲେ।

## ଏହା ବିଷୟରେ ଚିନ୍ତା କର


ଆମେ ଦେଖିଲେ ଯେ, ଦିଲ୍ଲୀ ସୁଲତାନଙ୍କର ହାରାହାରି ରାଜତ୍ୱକାଳ ପ୍ରାୟ ୯ ବର୍ଷ। ଏହା ମୋଗଲ ସମ୍ରାଟମାନଙ୍କ କ୍ଷେତ୍ରରେ ୨୭ ବର୍ଷ, ଆଉରଙ୍ଗଜେବ୍ ପର୍ଯ୍ୟନ୍ତ ଏବଂ ଆମେ ଯଦି ସବୁ ମୋଗଲ ଶାସକଙ୍କ ବିଷୟରେ ବିଚାର କରିବା ତେବେ ଏହା ୧୬ ବର୍ଷ। ଊନବିଂଶ ଶତାବ୍ଦୀର ଶେଷ ଯାଏଁ ତୁମେ ଏହି ରାଜତ୍ୱ କାଳର ବର୍ଷଗୁଡ଼ିକ ବିଷୟରେ କ'ଣ ଭାବୁଛ ?

ସାମରିକ ବିଦ୍ୟାରେ ଆଉରଙ୍ଗଜେବ୍ ଦକ୍ଷ ଥିଲେ। ମୁଖ୍ୟତଃ ଦାକ୍ଷିଣାତ୍ୟରେ ଅନେକ ସାମରିକ ଶିବିର ପରିଚାଳନା କରି ବହୁ ଅଞ୍ଚଳ ସେ ଜୟ କରିଥିଲେ। ତାଙ୍କ ରାଜତ୍ୱ କାଳରେ ମୋଗଲ ସାମ୍ରାଜ୍ୟ ସର୍ବାଧିକ ସଂପ୍ରସାରିତ ହୋଇଥିଲା।' (ଚିତ୍ର ୨.୧୬. ଦ୍ରଷ୍ଟବ୍ୟ) ଯଦିଓ ସେ ସବୁବେଳେ ଗୁରୁତ୍ୱପୂର୍ଣ୍ଣ ବିଦ୍ରୋହର ସମ୍ମୁଖୀନ ହୋଇଥିଲେ, ତନ୍ମଧ୍ୟରୁ କିଛି ବିଷୟ ଆମେ ପରବର୍ତ୍ତୀ ଅଧ୍ୟାୟରେ ଜାଣିବା। ଆଉରଙ୍ଗଜେବ୍ ତାଙ୍କ ଜୀବନର ଶେଷ ୨୫ ବର୍ଷକାଳ ଦାକ୍ଷିଣାତ୍ୟ (ଡେକାନ୍)ରେ ଗୋଟିଏ ପରେ ଗୋଟିଏ ଯୁଦ୍ଧ କରି ଚାଲିଥିଲେ। ସେହି ଯୁଦ୍ଧାଭିଯାନ ଲାଗି ବଡ଼ ବଡ଼ ସୈନ୍ୟବାହିନୀ ରଖିବା ପାଇଁ ରାଜକୋଷ ରୁ ବିପୁଳ ଅର୍ଥ ଖର୍ଚ୍ଚ ହେବା ଯୋଗୁ ପ୍ରଶାସନ ଉପରେ ଏକ ଆର୍ଥିକ ଚାପ ପଡ଼ିଲା। ଫଳରେ ୧୭୦୭ରେ ଆଉରଙ୍ଗଜେବ୍‌ଙ୍କ ମୃତ୍ୟୁ ପରେ ମୋଗଲ କ୍ଷମତାର ଦ୍ରୁତ ଅବକ୍ଷୟର କାରଣ ଭାବେ ଏହାକୁ ବିବେଚନା କରାଯାଏ।

ଆଉରଙ୍ଗଜେବ ଇସ୍‌ଲାମ୍ ସୁନ୍ନି ସଂପ୍ରଦାୟର ଥିଲେ। ସେ ଥିଲେ କଠୋର ଧାର୍ମିକ ବ୍ୟକ୍ତି, ଆକବରଙ୍କ ଭଳି ସମସ୍ତ ଧାର୍ମିକ ରୀତିନୀତି ଏବଂ ଅବସରକୁ ସେ ପାଳନ କରିବାକୁ ପସନ୍ଦ କରୁନଥିଲେ। ସଙ୍ଗୀତ, ନୃତ୍ୟ ଭଳି ଅଣ ଇସଲାମିକ୍ ଅଭ୍ୟାସ ଗୁଡ଼ିକୁ କ୍ରମେ ତାଙ୍କ ଦରବାରରେ ନିଷିଦ୍ଧ କରିଦେଲେ ଏବଂ ଅଣ ମୁସଲମାନଙ୍କ ଉପରେ 'ଜିଜିଆ କର' ଏବଂ ହିନ୍ଦୁମାନଙ୍କର ପବିତ୍ର ତୀର୍ଥ ସ୍ଥାନଗୁଡ଼ିକୁ ଯାତ୍ରା କରିବା ଉପରେ ପୁନଃ 'ତୀର୍ଥ ଯାତ୍ରା କର' ଲାଗୁ କରିଥିଲେ। (ଯାହା ଏକଦା ଆକବରଙ୍କ ଦ୍ୱାରା ଉଚ୍ଛେଦ ହୋଇଥିଲା)।



https://withteachers.in/



ଚିତ୍ର : ୨.୨୦: ନିଜ ଦରବାରରେ ଆଉରଙ୍ଗଜେବ୍ ନିଜ ପୁତ୍ର ସମ୍ମୁଖରେ ହାତରେ ଏକ ବାଜପକ୍ଷୀ ଧରି ଦଣ୍ଡାୟମାନ (୧୭ ଶ ଶତାବ୍ଦୀର ଏକ ଚିତ୍ର)

କିଛି ବିଦ୍ୱାନ ଯୁକ୍ତି କରନ୍ତି ଯେ ଆଉରଙ୍ଗଜେବ୍‌ଙ୍କ ଅଭିପ୍ରାୟ ମୁଖ୍ୟତଃ ରାଜନୈତିକ ଥିଲା । ଅର୍ଥାତ୍ ତାଙ୍କ ସାମ୍ରାଜ୍ୟର ଶକ୍ତି ଓ ପ୍ରଭାବ ପ୍ରତିଷ୍ଠା କରିବା; ଦେଉଥିବା କିଛି ମନ୍ଦିରକୁ ଅନୁଦାନ ଓ ସୁରକ୍ଷାର ପ୍ରତିଶ୍ରୁତି ଆଦି ଦୃଷ୍ଟାନ୍ତ ମଧ୍ୟ ସେମାନେ ଦେଇଥାନ୍ତି । ରାଜନୀତି ତାଙ୍କ ନିଷ୍ପତ୍ତି ଗ୍ରହଣରେ ପ୍ରଧାନ ଭୂମିକା ଗ୍ରହଣ କରୁଥିଲା । ଆଉରଙ୍ଗଜେବ୍‌ଙ୍କ ନିଜସ୍ୱ ଆଦେଶ ତାଙ୍କ ବ୍ୟକ୍ତିଗତ ଧାର୍ମିକ ଉଦ୍ଦେଶ୍ୟକୁ ସ୍ପଷ୍ଟ କରେ । ଉଦାହରଣ ସ୍ୱରୂପ ୧୬୬୯ ମସିହାରେ, ସେ ସମସ୍ତ ପ୍ରଦେଶର ଶାସକମାନଙ୍କୁ 'କାଫିର୍'ଙ୍କ ବିଦ୍ୟାଳୟ ଓ ମନ୍ଦିର ଭାଙ୍ଗି ଦେବାକୁ ଏବଂ ସେମାନଙ୍କ ଶିକ୍ଷା ଓ ଧାର୍ମିକ ଅଭ୍ୟାସଗୁଡ଼ିକୁ ନଷ୍ଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ବନାରସ (ବର୍ତ୍ତମାନର ବାରାଣସୀ) ମଥୁରା, ସୋମନାଥ ଓ ଅନ୍ୟାନ୍ୟ ଅନେକ ମନ୍ଦିର ଧ୍ୱଂସ କରାଗଲା । ଏହାସହ ଜୈନମନ୍ଦିର ଏବଂ ଶିଖ ଗୁରୁଦ୍ୱାର ଗୁଡ଼ିକୁ ମଧ୍ୟ ନଷ୍ଟ କରିଦିଆଗଲା । ଆଉରଙ୍ଗଜେବ୍‌ଙ୍କ ଏହି ଦିଗଟି ସୁଫି ସମେତ ଅନ୍ୟାନ୍ୟ ସଂପ୍ରଦାୟର ମୁସଲ୍‌ମାନ୍ ଏବଂ ଜୋରାଷ୍ଟ୍ରିୟନ୍ (ଭାରତରେ ମୂଳତଃ ପାରସ୍ୟରୁ ଆସିଥିବା ପାର୍ସିଧର୍ମୀ)ଙ୍କ ଉପରେ ତାଙ୍କ ଅତ୍ୟାଚାର ସ୍ପଷ୍ଟଭାବେ ଦେଖିବାକୁ ମିଳିଥିଲା ।



https://withteachers.in/

## ଆସ ଅନୁସନ୍ଧାନ କରିବା



ଆଉରଙ୍ଗଜେବ୍ ତାଙ୍କ ଶେଷ ଚିଠିରେ ତାଙ୍କ ଦୁଇପୁଅଙ୍କୁ ଲେଖିଥିଲେ, "ମୁଁ ଏକା ଆସିଥିଲି ଏବଂ ଏକା ଯାଉଛି । ମୁଁ ଜାଣିନାହିଁ ମୁଁ କିଏ ଏବଂ ମୁଁ କ'ଣ କରୁଛି ।... ମୁଁ ଦେଶ ଓ ଲୋକଙ୍କ ପାଇଁ ଭଲ କରିନାହିଁ ଏବଂ ଭବିଷ୍ୟତର କୌଣସି ଆଶା ନାହିଁ । ମୁଁ ଜୀବନରେ ଅସହାୟ ଥିଲି ଏବଂ ମୁଁ ଅସହାୟ ହୋଇଯାଉଛି ।" ଏହି ଶବ୍ଦଗୁଡ଼ିକ ଆମକୁ ଆଉରଙ୍ଗଜେବଙ୍କ ବିଷୟରେ କ'ଣ କୁହନ୍ତି ? ସେମାନଙ୍କ ବିଷୟରେ ତୁମେ କ'ଣ ଅନୁଭବ କର ?

## ଏହା ବିଷୟରେ ଚିନ୍ତାକର

ଉପରେ ଉଲ୍ଲେଖ କରାଯାଇଥିବା କିଛି ଆକ୍ରମଣକାରୀ ଏବଂ ଶାସକ ଭୟଙ୍କର ନୃଶଂସ କାର୍ଯ୍ୟ କରିଥିଲେ । ଆହୁରି ଅନେକ କଥା ବର୍ଣ୍ଣନା କରାଯାଇ ପାରିଥାନ୍ତା । ପୃଷ୍ଠା ୨୦ର ଟିପ୍ପଣୀ ଇତିହାସର ଅନ୍ଧକାର ଅଧ୍ୟାୟକୁ ସ୍ପଷ୍ଟ କରେ । ଆମକୁ ସ୍ମରଣ ରଖିବାକୁ ହେବ ଯେ ଏହା ଅତୀତ ଲୋକଙ୍କ ବିଷୟରେ, ଆଜିର ଲୋକଙ୍କ ବିଷୟରେ ନୁହେଁ । ଆମକୁ ଅତୀତର ସତ୍ୟ ଜାଣିବା ଆବଶ୍ୟକ ଏବଂ ଏହି ଅତ୍ୟାଚାରର ଶିକାର ହୋଇଥିବା ଲୋକମାନେ ଆମର ସ୍ମରଣୀୟ ଓ ସମ୍ମାନର ପାତ୍ର । ଏଠାରେ କିନ୍ତୁ ମନେ ରଖିବା ଗୁରୁତ୍ୱପୂର୍ଣ୍ଣ ଯେ ଶହ ଶହ ବର୍ଷ ପୂର୍ବେ ବ୍ୟକ୍ତିଗଣ କରିଥିବା କାର୍ଯ୍ୟ ପାଇଁ ଆଜି ଆମେ ଉତ୍ତରଦାୟୀ ନୁହଁ ।

## ମୋଗଲମାନଙ୍କୁ ପ୍ରତିରୋଧ

ଆସନ୍ତୁ ଆମେ କିଛି ପ୍ରମୁଖ ବିଦ୍ରୋହର ସର୍ବେକ୍ଷଣ କରିବା ଯାହା ମୋଗଲ ଶକ୍ତିକୁ ନଷ୍ଟ କରିଦେଇଥିଲା (ପରବର୍ତ୍ତୀ ଅଧ୍ୟାୟ ପାଇଁ ମରାଠା ମାନଙ୍କର ଅବଦାନକୁ ରଖାଯାଇଛି ।

ଶତାବ୍ଦୀ ଶତାବ୍ଦୀ ଧରି କୃଷକ ଗୋଷ୍ଠୀ, ନିର୍ମମ ଶୋଷଣ ବିରୋଧରେ ବିଦ୍ରୋହ କରିଥିଲେ । ୧୭ଶ ଶତାବ୍ଦୀରେ ଏପରି ଏକ ଘଟଣା ଜାଠ କୃଷକଙ୍କ ବିଦ୍ରୋହ ସହିତ ଜଡ଼ିତ (ବର୍ତ୍ତମାନର ପଶ୍ଚିମ ଉତ୍ତର ପ୍ରଦେଶ, ହରିଆଣା ଏବଂ ପୂର୍ବ ରାଜସ୍ଥାନ) ଯେଉଁମାନେ ଗୋଗଲ ପ୍ରଶାସନର ଜଣେ ଦମନକାରୀଙ୍କୁ ହତ୍ୟା କରିବାରେ ସଫଳ ହୋଇଥିଲେ । ପରବର୍ତ୍ତୀ ଯୁଦ୍ଧରେ ୨୦,୦୦୦ ଲୋକ ମୋଗଲ ସେନାର ମୁକାବିଲା କରିଥିଲେ ଏବଂ ବୀରତ୍ୱର ସହିତ ଲଢ଼ିଥିଲେ, କିନ୍ତୁ ସେମାନଙ୍କର ଜାଠ ନେତାଙ୍କୁ ହତ୍ୟା କରାଯାଇ ବିଦ୍ରୋହକୁ ଦମନ କରାଯାଇଥିଲା ।

ଅନେକ ଆଦିବାସୀ ଗୋଷ୍ଠୀ ଯଥା– ଭିଲ୍, ଗୋଣ୍ଡ, ସାନ୍ତାଳ ଓ କୋଚ ସେମାନଙ୍କ ଅଞ୍ଚଳକୁ ମିଶାଇବା କିମ୍ବା ସେମାନଙ୍କ ଉପରେ କର ଲାଗୁ କରିବା ବିରୋଧରେ ଲଢ଼ିଥିଲେ । ଏହି ଗୋଷ୍ଠୀଗୁଡ଼ିକ ମଧ୍ୟରୁ କିଛି ଗୋଷ୍ଠୀଙ୍କୁ ଦମନ କରାଯାଇଥିଲା କିମ୍ବା ଦିଲ୍ଲୀ ସୁଲତାନୀ ବା ମୋଗଲ



https://withteachers.in/

ସାମ୍ରାଜ୍ୟରେ ମିଶାଇ ଦିଆଯାଇଥିଲା । ବିଶେଷତଃ ଯେଉଁମାନେ ଘଞ୍ଚ ଜଙ୍ଗଲ, ପର୍ବତ ଓ ଦୂରବର୍ତ୍ତୀ ସ୍ଥାନରେ ବାସ କରୁଥିଲେ, କୌଣସି ମତେ ସେମାନେ କିଛି ସ୍ୱାଧୀନତା ରକ୍ଷା କରିପାରିଥିଲେ ।



ଚିତ୍ର ୨.୨୧ : ରାଣୀ ଦୁର୍ଗାବତୀ

ରାଣୀ ଦୁର୍ଗାବତୀଙ୍କୁ ଗଡ଼ ରାଜ୍ୟର ଜଣେ ବୀରା ରାଣୀ ଭାବେ ସ୍ମରଣ କରାଯାଏ (ମଧ୍ୟଭାରତର ଗୋଣ୍ଡ ରାଜ୍ୟ ମଧ୍ୟରେ) । ସେ ବୁଦ୍ଧିମତୀ ରାଣୀ ଭାବେ ଶାସନ କରି ତାଙ୍କ ରାଜ୍ୟକୁ ସମସ୍ତ ଦିଗରୁ ସମୃଦ୍ଧ କରିଥିଲେ । ସେ ୨୦,୦୦୦ ସୈନ୍ୟ ଏବଂ ୧୦୦୦ହସ୍ତୀ ବାହିନୀକୁ ନିଜ ପାଖରେ ରଖିଥିଲେ । ଯାହା ଫଳରେ ସେ ବାହ୍ୟ ଆକ୍ରମଣକୁ ପ୍ରତିହତ କରିପାରିଥିଲେ । ୧୫୬୪ ମସିହାରେ ଆକବରଙ୍କ ଦ୍ୱାରା ପ୍ରେରିତ ଜଣେ ସେନାପତି ତାଙ୍କ ରାଜ୍ୟ ଉପରେ ଆକ୍ରମଣ କରିଥିଲେ । ତାଙ୍କର ସୈନ୍ୟବଳ, ଅସ୍ତ୍ର, ଶସ୍ତ୍ର ଅଧିକ ଥିବା ସତ୍ତ୍ୱେ ସେ ନିଜେ ସୈନ୍ୟବାହିନୀର ନେତୃତ୍ୱ ନେଇ ସାହସର ସହିତ ଲଢ଼ିଥିଲେ । ବନ୍ଦୀହେବା ଆଗରୁ କ୍ଷତାକ୍ତହୋଇ ମାତ୍ର ୪୦ ବର୍ଷ ବୟସରେ ସେ ଯୁଦ୍ଧ ଭୂମିରେ ନିଜକୁ ନିଜେ ହତ୍ୟା କରିଥିଲେ । ତାଙ୍କ ତ୍ୟାଗ ଓ ବଳିଦାନ ଆଞ୍ଚଳିକ ଗର୍ବ ଓ ପ୍ରତିରୋଧର ପ୍ରତୀକ ହୋଇଗଲା ଏବଂ ଏଯାବତ୍ ସେ ଭାରତୀୟ ଇତିହାସରେ ଜଣେ ବୀରା ରମଣୀ ଭାବେ ପରିଚିତ ।

## ରାଜପୁତଙ୍କ ଉତ୍‌ଥାନ

ଉତ୍ତର ପଶ୍ଚିମ ଭାରତରେ ରାଜପୁତଙ୍କ ଅବସ୍ଥିତି ଏବଂ ସେମାନେ ପ୍ରତିହାର ବଂଶର ଉତ୍ତରଦାୟାଦ (ଯେଉଁ ପ୍ରତିହାରମାନେ କିଛି ଶତାବ୍ଦୀ ପୂର୍ବରୁ ସିନ୍ଧ୍‌ରେ ଆରବ ଆକ୍ରମଣକୁ ପ୍ରତିରୋଧ କରିଥିଲେ) ଭାବେ ପାଇଥିବା ବୀରତ୍ୱପୂର୍ଣ୍ଣ ପରମ୍ପରା ଯୋଗୁ ରାଜପୁତମାନେ ପ୍ରାୟତଃ ଉପମହାଦେଶର ସୁରକ୍ଷା ପାଇଁ ବାହ୍ୟ ଆକ୍ରମଣକାରୀମାନଙ୍କ ସହିତ ଲଢୁଥିଲେ । ଖିଲିଜୀଙ୍କ ପରେ ସେମାନେ ସେମାନଙ୍କ ରାଜ୍ୟର ପୁନଃନିର୍ମାଣ କରିଥିଲେ । ଏହି ପ୍ରକ୍ରିୟାରେ ମେୱାର ଓ ମାରୱାର ଅଞ୍ଚଳରେ ଦୁଇଟି ପ୍ରମୁଖ ରାଜବଂଶ ଉଭା ହୋଇଥିଲେ । ସେମାନଙ୍କ ବୀରତ୍ୱପୂର୍ଣ୍ଣ କାର୍ଯ୍ୟର ପ୍ରେରଣାଦାୟୀ କାହାଣୀ ବିଶେଷକରି ଲୋକପ୍ରିୟ ଗାଥା ଆଜି ମଧ୍ୟ କୁହାଯାଏ । ସେହି ପୂର୍ବପୁରୁଷଙ୍କ ବଂଶଧର ଭାବେ ପୂର୍ବରୁ ଆମେ ରାଣା କୁମ୍ଭଙ୍କୁ ଭେଟି ଥିଲୁ ।



https://withteachers.in/



ଚିତ୍ର: ୨.୨୩ : ଜଣେ ଚିତ୍ରକରର ତୂଳୀରେ ହଳଦୀଘାଟ ଯୁଦ୍ଧର ଚିତ୍ର (ଉଦୟପୁର ରାଜପ୍ରାସାଦରୁ ପ୍ରାପ୍ତ)

ରାଣା ସଂଘ (୧୬ଶ ଶତାବ୍ଦୀ ପୂର୍ବରୁ) ଅନେକ ରାଜପୁତ ବଂଶକୁ ଏକତ୍ରିତ କରିଥିଲେ। ସୁଲତାନମାନଙ୍କ ବିରୋଧରେ ବହୁ ଯୁଦ୍ଧରେ ସେ ବିଜୟ ଲାଭ କରିଥିଲେ। ଶେଷରେ ଖାନଓ୍ୱା ଯୁଦ୍ଧରେ ବାବରଙ୍କ ବିରୋଧରେ ଯୁଦ୍ଧକରି ପରାଜୟ ବରଣ କରିଥିଲେ।

**ଗରିଲା ଯୁଦ୍ଧ କୌଶଳ (Guerrilla warfare) :** ଯୁଦ୍ଧର ଏକ କୌଶଳ ଯେଉଁଠି ଛୋଟ ଛୋଟ ଦଳ ଲୁଚି ଛପି ଅଚାନକ ଆକ୍ରମଣ କରି ବିରାଟ ସୈନ୍ୟବାହିନୀକୁ ପରାସ୍ତ କରିପାରୁଥିଲେ।

ସେ ତାଙ୍କ ପୂର୍ବପୁରୁଷଙ୍କଠାରୁ ଏକ ଖଣ୍ଡବିଖଣ୍ଡିତ ରାଜ୍ୟ ଉତ୍ତରାଧିକାରୀ ଭାବରେ ପାଇଥିଲେ। ମେଓ୍ୱାର ଶାସକ ମହାରାଣା ପ୍ରତାପ ମୋଗଲ ଆଧିପତ୍ୟ ଗ୍ରହଣ କରିବାକୁ ମନା କରିଥିଲେ ଏବଂ ରାଜପୁତ ପ୍ରତିରୋଧର ମୁଖପାତ୍ର ପାଲଟି ଥିଲେ। ୧୫୭୬ରେ ଆରାବଳୀର ଗିରିପଥରେ ମୋଗଲ ସେନାଙ୍କ ସହ ମହାରାଣା ପ୍ରତାପଙ୍କ ମୁକାବିଲା ହୋଇଥିଲା। (ଚିତ୍ର : ୨.୨୩) ଯଦିଓ ମୋଗଲ ସେନା ଶକ୍ତିଶାଳୀ ଥିଲେ; ମହାରାଣା ପ୍ରତାପ ଖସି ପଳାଇ ଯାଇଥିଲେ ଏବଂ ବର୍ଷ ବର୍ଷ ଧରି ଆରାବଳୀ ପାହାଡ଼ରୁ ମୋଗଲମାନଙ୍କ ବିରୋଧରେ ଗରିଲା ଯୁଦ୍ଧ କରିଥିଲେ । ସେ କଠୋର ପରିସ୍ଥିତିରେ ଜୀବନଯାପନ କରିଥିଲେ। କିନ୍ତୁ ସେ ଥିଲେ ଦୃଢ଼ ସ୍ୱାଧୀନଚେତା। ଏହା ଉଲ୍ଲେଖନୀୟ ଯେ ମହାରାଣା ପ୍ରତାପ ଭିଲ୍‌ମାନଙ୍କଠାରୁ ଦୃଢ଼ ସମର୍ଥନ ପାଇଥିଲେ; ଯେଉଁମାନେ କେବଳ ଧନୁର୍ଦ୍ଧାରୀ ଭାବେ ତାଙ୍କ ସୈନ୍ୟ ବାହିନୀରେ ଯୋଗ ଦେଇ ନଥିଲେ ବରଂ ସେହି ଅଞ୍ଚଳ ବିଷୟରେ ସେମାନଙ୍କର ପର୍ଯ୍ୟାପ୍ତ ଜ୍ଞାନ ଥିଲା। ସେମାନଙ୍କର ସେବା (ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ) ହିଁ ସେମାନଙ୍କୁ ମେଓ୍ୱାରର ସାମରିକ ପରମ୍ପରାରେ ଏକ ସମ୍ମାନଜନକ ସ୍ଥାନ ପ୍ରଦାନ କରିଥିଲା ଯାହା ମେଓ୍ୱାରର ପ୍ରତୀକରୁ ଜଣାପଡ଼େ। ଚିତ୍ର : ୨.୨୨)



ଚିତ୍ର : ୨.୨୨ ବାମ ଭାଗରେ ଭିଲ୍ ଯୋଦ୍ଧା ଥିବା ମେଓ୍ୱାରର ପ୍ରତୀକ



https://withteachers.in/

ଯେତେବେଳେ କିଛି ରାଜପୁତ ରାଜ୍ୟ, ମୋଗଲମାନଙ୍କ ସହ ମେଣ୍ଟ କରିଥିଲେ ବିଶେଷତଃ କୂଟନୀତି ଓ ବିବାହ ବନ୍ଧନ ଦ୍ୱାରା, ମେୱାର କିନ୍ତୁ ମୋଗଲ ପ୍ରାଧାନ୍ୟକୁ ଗ୍ରହଣ କରିନଥିଲା। ଆଓରଙ୍ଗଜେବ୍‌ଙ୍କ ରାଜତ୍ୱ ସମୟରେ ଅନେକ ସମ୍ଭ୍ରାନ୍ତ ରାଜପୁତ ବିଦ୍ରୋହ କରିଥିଲେ, ସେମାନଙ୍କ ମଧ୍ୟରେ ମେୱାରର ଦୁର୍ଗାଦାସ ରାଠୋର ଥିଲେ ଅନ୍ୟତମ। ସେମାନେ ଯୋଧପୁରର ସ୍ୱାଧୀନତା ରକ୍ଷା ପାଇଁ ଲଢ଼ିଥିଲେ। ରାଜସ୍ଥାନରେ ତେଣୁ ମୋଗଲ କର୍ତ୍ତୃତ୍ୱ ସୀମିତ ରହିଥିଲା।

## ଅହୋମ୍ ରାଜ୍ୟ

ତ୍ରୟୋଦଶ ଶତାବ୍ଦୀରେ 'ଅହୋମ୍ ଜାତି'ର ଏକ ଗୋଷ୍ଠୀ ମିଆଁମାର (ବର୍ତ୍ତମାନର) ବ୍ରହ୍ମପୁତ୍ର ଉପତ୍ୟକାକୁ ସ୍ଥାନାନ୍ତରିତ ହୋଇଥିଲେ ଏବଂ ସେଠାରେ ଅହୋମ ରାଜ୍ୟ ଗଠନ କରିଥିଲେ।

ସୁଲତାନୀ ଓ ମୋଗଲଯୁଗ ଉଭୟ ସମୟରେ ଅହୋମ୍ ଶାସକମାନେ ଉତ୍ତର ପୂର୍ବରେ ସାମ୍ରାଜ୍ୟ ବିସ୍ତାର ପ୍ରୟାସକୁ ଦୃଢ଼ ପ୍ରତିରୋଧ କରିଥିଲେ। ସେମାନଙ୍କର ଅନନ୍ୟ 'ପାଇକ ବ୍ୟବସ୍ଥା' ଦ୍ୱାରା ପ୍ରତ୍ୟେକ ସମର୍ଥ ବ୍ୟକ୍ତିଙ୍କୁ ଭୂମି ଅଧିକାର ପ୍ରଦାନ କରା ଯାଇଥିଲା, ତା ବଦଳରେ ଶ୍ରମ କିମ୍ବା ସାମରିକ କର୍ତ୍ତବ୍ୟ ମାଧ୍ୟମରେ ସେମାନେ ରାଜ୍ୟକୁ ସେବା ଯୋଗାଇଦେବାକୁ ରାଜା ଆହ୍ୱାନ ଦେଇଥିଲେ। ଏହା ଶାସକମାନଙ୍କୁ ସାର୍ବଜନୀନ ଭିତ୍ତିଭୂମି ସୃଷ୍ଟି କରିବାକୁ ଏବଂ ସ୍ଥାୟୀ ସେନା ବିନା ମଧ୍ୟ ଏକ ଦୃଢ଼ ସାମରିକ ଶକ୍ତି ସୃଷ୍ଟି କରିଥିଲେ।

ସମୟ ସହିତ ଅହୋମ୍‌ମାନେ ସ୍ଥାନୀୟ ସଂସ୍କୃତିକୁ ଆତ୍ମୀକରଣ କରିଥିଲେ ଏବଂ ଆସାମର ସମୃଦ୍ଧ ପରମ୍ପରାରେ ଯୋଗଦାନ କରିଥିଲେ।

## ପୂର୍ବାଞ୍ଚଳର ଗଙ୍ଗସାମ୍ରାଜ୍ୟ (ଓଡ଼ିଶା)

ଅହୋମ୍ ସାମ୍ରାଜ୍ୟ ଭଳି ଦେଶର ପୂର୍ବାଞ୍ଚଳରେ ଗଙ୍ଗ ବଂଶର ରାଜାମାନେ ନିଜର ଶକ୍ତି ବଢ଼ାଇ ଚାଲିଥିଲେ। ଅହୋମ୍ ମାନଙ୍କ ଭଳି ସୈନ୍ୟମାନଙ୍କ ମଧ୍ୟରେ ପାଇକ ବୀରଙ୍କ ଗୁରୁତ୍ୱ ରହିଥିଲା। ତ୍ରୟୋଦଶ ଶତାବ୍ଦୀରେ ତୃତୀୟ ଅନଙ୍ଗଭୀମ ଦେବ ମୁସଲ୍‌ମାନ ଆକ୍ରମଣକାରୀଙ୍କ ସହ ଯୁଦ୍ଧକରି ସେମାନଙ୍କୁ ବିତାଡ଼ିତ କରିବା ସହ ସେହି ବିଜୟ ସ୍ମୃତିରେ ଭୁବନେଶ୍ୱରଠାରେ 'ମେଘେଶ୍ୱର ମନ୍ଦିର' ନିର୍ମାଣ କରିଥିଲେ। ପରବର୍ତ୍ତୀ ଶାସକ ପ୍ରଥମ ନରସିଂହ ଦେବ (ଲାଙ୍ଗୁଳା ନରସିଂହଦେବ) ଦକ୍ଷିଣ ବଙ୍ଗଳା (ଗୌଡ଼) ଅଧିକାର କରି ମୁସଲମାନମାନଙ୍କୁ ପରାସ୍ତ କରିଥିଲେ ଏବଂ ଏହି ବିଜୟ ସ୍ମୃତିରେ କୋଣାର୍କର ଚନ୍ଦ୍ରଭାଗା ନଦୀ ମୁହାଣରେ ବିଶ୍ୱବିଖ୍ୟାତ 'ସୂର୍ଯ୍ୟ ମନ୍ଦିର' ନିର୍ମାଣ କରିଥିଲେ। ଏହି ଗଙ୍ଗ ବଂଶର ରାଜୁତି କାଳରେ ହିନ୍ଦୁଧର୍ମ, କଳା ଓ ସଂସ୍କୃତିର ବିଶେଷ ଉନ୍ନତି ହୋଇଥିଲା। ଗଙ୍ଗ ବଂଶ ପରେ ପରେ ସୂର୍ଯ୍ୟବଂଶର ପ୍ରତିଷ୍ଠାତା ଗଜପତି କପିଳେନ୍ଦ୍ର ଦେବ ପାଇକସେନାଙ୍କୁ ଶକ୍ତିଶାଳୀ କରି ଶ୍ରୀଜଗନ୍ନାଥଙ୍କ ସମ୍ମାନାର୍ଥେ ରାଜ୍ୟ ପରେ ରାଜ୍ୟ ଜୟ କରିଥିଲେ । ଉତ୍ତରରେ ଝାଡଖଣ୍ଡଠାରୁ ଦକ୍ଷିଣରେ ରାମେଶ୍ୱରମ୍ ପଶ୍ଚିମରେ ମହାରାଷ୍ଟ୍ରର କିଛି ଅଂଶ ଓ ସମଗ୍ର ତେଲେଙ୍ଗାନା ସହ ବାହାମନୀର ରାଜଧାନୀ ବିଦାର ଓ ବିଜୟନଗର ରାଜଧାନୀ ହାମ୍ପିକୁ ଜୟକରି ପ୍ରଚୁର ଧନଦୌଲତ ଆଣି ଶ୍ରୀଜଗନ୍ନାଥଙ୍କ ରତ୍ନ



https://withteachers.in/


ଭଣ୍ଡାରକୁ ଦାନ କରିଥିଲେ । ତାଙ୍କ ସମୟରେ କଳା, ଶିକ୍ଷା, ସାହିତ୍ୟ ସଂସ୍କୃତି ଯଥେଷ୍ଟ ଉନ୍ନତି ହୋଇଥିଲା । ସାରଳାଦାସଙ୍କ ବିଶାଳ ମହାଭାରତ ତାଙ୍କ ସମୟରେ ରଚିତ ହୋଇଥିଲା । ସେ ପୁନଶ୍ଚ ବଙ୍ଗଳାର ଗୌଡ ଅଧିକାର କରିଥିଲେ । ଫଳରେ ସେ ନିଜକୁ ସୂର୍ଯ୍ୟବଂଶୀ 'ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର' ଭାବେ ପ୍ରତିଷ୍ଠା ଅର୍ଜନ କଲେ । ଗଜପତି କପିଳେନ୍ଦ୍ରଦେବଙ୍କ ସମୟ ଥିଲା ସାମରିକ ବିଦ୍ୟା, ଆର୍ଥିକ ସ୍ୱଚ୍ଛଳତା ସାମାଜିକ ସଂସ୍କାରର ଏକ ନବଜାଗରଣ; ଏଣୁ ତାଙ୍କ ଶାସନ କାଳକୁ ଉତ୍କଳ ଇତିହାସର 'ସୁବର୍ଣ୍ଣଯୁଗ' କୁହାଯାଏ । ସେତେବେଳକୁ ଭାରତୀୟ ସଭ୍ୟତାର ଏକ ପ୍ରକାର ବିପନ୍ନ ଅବସ୍ଥା ଆସିଯାଇଥିଲା। ହିନ୍ଦୁ ଗଣହତ୍ୟା, ଲୁଣ୍ଠନ, ପବିତ୍ର ସ୍ଥାନ ଓ ମନ୍ଦିରର ଧ୍ୱଂସ ସାଙ୍ଗକୁ ବଳପୂର୍ବକ ଧର୍ମାନ୍ତକରଣ ବେଳେ, ଏହ ଭୂଖଣ୍ଡ ମୁସ୍‌ଲମାନଙ୍କର ଦୃଢ଼ ପ୍ରତିରୋଧ କରିପାରିଥିଲା। ପ୍ରଥମ ନରସିଂହଦେବ ହେଉଛନ୍ତି ପ୍ରଥମ ଶାସକ ଯିଏ 'ଗଜପତି ଉପାଧି' ପ୍ରଥମେ ଧାରଣ କରିଥିଲେ।


କୋଣାର୍କ ମନ୍ଦିର


ମେଘେଶ୍ୱର ମନ୍ଦିର

## ଆସ ଅନୁସନ୍ଧାନ କରିବା

ଅହୋମ୍ ରାଜ୍ୟର ଲୋକମାନଙ୍କ ଦୈନନ୍ଦିନ ଜୀବନକୁ ପାଇକ ବ୍ୟବସ୍ଥା ଆହ୍ୱାନ ଓ ସୁଫଳ ଦୃଷ୍ଟିରୁ କିପରି ପ୍ରଭାବିତ କରିଥିଲା ଏବଂ ରାଜାଙ୍କୁ ସେବା ଏବଂ ଅର୍ଥନୀତି ଉଭୟ ପରିଚାଳନା କରିବାରେ କିପରି ସାହାଯ୍ୟ କରିଥିଲା ତାହା ଶ୍ରେଣୀରେ ଆଲୋଚନା କର।



ଦେଶର ବହୁ ଅଞ୍ଚଳରେ ନରସଂହାର, ଲୁଣ୍ଠନ ଓ ଧର୍ମାନ୍ତରଣ, ମନ୍ଦିରଧ୍ୱଂସ ଚାଲିଥିବା ବେଳେ, ଓଡ଼ିଶା ଭୂଖଣ୍ଡରେ ଗଙ୍ଗବଂଶର ଶାସକମାନେ କଳା, ଧର୍ମ ଓ ସଂସ୍କୃତିର କିପରି ବିକାଶ କରିଥିଲେ, ସେ ସମ୍ପର୍କରେ ଶ୍ରେଣୀରେ ଆଲୋଚନା କର।

କପିଳେନ୍ଦ୍ର ଦେବଙ୍କ ଶାସନକାଳ ଉତ୍କଳ ଇତିହାସର ସୁବର୍ଣ୍ଣଯୁଗ କାହିଁକି, ସେ ବିଷୟରେ ଶ୍ରେଣୀରେ ଆଲୋଚନା କର।

୧୭ଶ ଶତାବ୍ଦୀରେ ଯେତେବେଳେ ଆଉରଙ୍ଗଜେବ୍ ମୋଗଲ ସେନା ପଠାଇ ଅହୋମ୍ ରାଜଧାନୀ ଗଡ଼ଗାଓଁକୁ କିଛି ସମୟ ପାଇଁ ଦଖଲ କରିଥିଲେ, ସେତେବେଳେ ଅହୋମ୍‌ମାନେ ନିଜ ଅଞ୍ଚଳର ଘଞ୍ଚ ଅରଣ୍ୟ, ପର୍ବତମାଳା ଏବଂ ନଦନଦୀ ବିଷୟରେ ସମ୍ୟକ୍ ଜ୍ଞାନ ଥିବାରୁ ମୁସଲ୍‌ମାନ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଗରିଲା ରଣନୀତି ଅନୁସରଣ କରିଥିଲେ। ଯଦିଓ ଶତ୍ରୁ ପକ୍ଷରେ ଅଧିକ ସୈନ୍ୟ ଏବଂ ନଦୀଡଙ୍ଗାର ଏକ ବଡ଼ ନୌବାହିନୀ ଥିଲା ତଥାପି ଅହୋମ୍‌ମାନେ



https://withteachers.in/

ଉଲ୍ଲେଖନୀୟ ଦୃଢ଼ ଆତ୍ମବିଶ୍ୱାସର ସହ ଲଢ଼ିଥିଲେ । (୧୬୭୧) ସରେଇଘାଟ ଯୁଦ୍ଧରେ ବର୍ତ୍ତମାନର (ଗୌହାଟି ନିକଟବର୍ତ୍ତୀ ବ୍ରହ୍ମପୁତ୍ର ନଦୀରେ) ଉଭୟ ପକ୍ଷ ଲଢ଼ିଥିଲେ । ଅହୋମ୍ ସାମରିକ ସେନାପତି ଲଚିତ ବୋରଫୁକନ ଏବଂ ତାଙ୍କର ୧୦,୦୦୦ ସୈନ୍ୟ ମୋଗଲ ବାହିନୀକୁ ପରାସ୍ତ କରିଥିଲେ, ସୈନ୍ୟ ସଂଖ୍ୟା ଥିଲେ ୩୦,୦୦୦ । ଶେଷରେ ଅହୋମ୍‌ମାନେ ବିଜୟୀ ହେଲେ ଓ ନିଜ ସ୍ୱାଧୀନତା ବଜାର ରଖିପାରିଥିଲେ ।

## ମନେରଖ

ମୋଗଲ ସେନାପତି ରାମସିଂହ ଏହି ଅହୋମ ଯୋଦ୍ଧାମାନଙ୍କୁ ପ୍ରଶଂସା କରି କହିଥିଲେ, "ପ୍ରତ୍ୟେକ ଆସାମୀ ସୈନିକ ଡଙ୍ଗା ଚଳାଇବାରେ, ତୀର ମାରିବାରେ, ଖାତ ଖୋଳିବାରେ, ବନ୍ଧୁକ ଓ ତୋପ ଚଳାଇବାରେ ପାରଙ୍ଗମ ଥିଲେ । ମୁଁ ଭାରତର ଅନ୍ୟ କୌଣସି ସ୍ଥାନରେ ଏଭଳି ବହୁମୁଖୀ ପ୍ରତିଭାର ନିଦର୍ଶନ ଦେଖିନାହିଁ ।"

## ଆସ ଅନୁସନ୍ଧାନ କରିବା

ଅହୋମମାନେ କିପରି ଆସାମର ନଦୀ, ପାହାଡ଼ ଓ ଜଙ୍ଗଲକୁ ନିଜ ସୁବିଧା ପାଇଁ ବ୍ୟବହାର କରିଥିଲେ ? ତୁମେ କ'ଣ ଭାବୁଛ ଯେ ଭୌଗୋଳିକ ସ୍ଥିତି ସେମାନଙ୍କ ପ୍ରତିରକ୍ଷା ପ୍ରସ୍ତୁତି ଓ ଯୁଦ୍ଧ ଲଢ଼ିବାରେ ସାହାଯ୍ୟ କରିଥିଲା ?



ଚିତ୍ର : ୨.୨୪
ଏହି କାଠପଟାରେ ଖୋଦିତ ଚିତ୍ର ସରାଇଘାଟ ଯୁଦ୍ଧର ସ୍ମୃତି ବହନ କରେ ।
(ସରାଇଘାଟ ଯୁଦ୍ଧ ସ୍ମାରକୀ ପାର୍କ)




ଚିତ୍ର : ୨.୨୫
ସରେଇଘାଟ ଯୁଦ୍ଧ ସମୟରେ ଅହୋମ୍ ଯୋଦ୍ଧାମାନଙ୍କ ଚିତ୍ର ପ୍ରଦର୍ଶନ କରୁଥିବା ପ୍ରତିମୂର୍ତ୍ତି



https://withteachers.in/

## ଶିଖମାନଙ୍କର ଉତ୍‌ଥାନ

ପଞ୍ଚଦଶ ଶତାବ୍ଦୀରେ ପଞ୍ଜାବରେ ଗୁରୁ ନାନକ ସମାନତା, କରୁଣା ଏବଂ ଏକ ଈଶ୍ୱରବାଦ (ଇକ୍ ଓଙ୍କାର) ର ବାର୍ତ୍ତା ପ୍ରଚାର କରିଥିଲେ। ତାଙ୍କ ଅନୁଗାମୀମାନେ ଶିଖ ଭାବରେ ପରିଚିତ ଥିଲେ। ଯଦିଓ ଶିଖଧର୍ମ ସମ୍ପୂର୍ଣ୍ଣଭାବେ ଏକ ଆଧ୍ୟାତ୍ମିକ ଆନ୍ଦୋଳନ ରୂପରେ ଆରମ୍ଭ ହୋଇଥିଲା, ପରବର୍ତ୍ତୀ ଶିଖ୍‌ଗୁରୁମାନଙ୍କୁ କିଛି ମୋଗଲ ଶାସକଙ୍କ ଅଧିନରେ ବଢୁଥିବା ଅସହିଷ୍ଣୁତା ଓ ନିର୍ଯ୍ୟାତନା ବିରୋଧରେ ପ୍ରତିକ୍ରିୟା ପ୍ରକାଶ କରିବାକୁ ପଡ଼ିଥିଲା। ଯେତେବେଳେ ସମ୍ରାଟ ଜାହାଙ୍ଗୀର ଜାଣିବାକୁ ପାଇଲେ ଯେ ଗୁରୁ ଅର୍ଜ୍ଜୁନ ତାଙ୍କ ବିଦ୍ରୋହୀ ପୁଅକୁ ସମର୍ଥନ କରିଛନ୍ତି; ସେ ଗୁରୁ ଅର୍ଜ୍ଜୁନଙ୍କୁ ନିର୍ଯ୍ୟାତନ ସହିତ ମୃତ୍ୟୁଦଣ୍ଡ ଦେଇଥିଲେ। ଏହା ଗୁରୁ ଅର୍ଜ୍ଜୁନଙ୍କ ପୁତ୍ର ଏବଂ ଉତ୍ତରାଧିକାରୀ ଗୁରୁ ହରଗୋବିନ୍ଦଙ୍କୁ ଏକ ଶିଖ୍ ସେନା ଗଠନ କରି ସାମରିକ ତାଲିମ ପ୍ରଦାନ କରିବାକୁ ପ୍ରେରଣା ଦେଇଥିଲା। ଯାହା ପରେ ମୋଗଲ ବାହିନୀ ବିରୋଧରେ ଅନେକ ଯୁଦ୍ଧ କରିଥିଲା।



### ମନେରଖ


ଏହି ଅଧ୍ୟାୟ ପରିପ୍ରେକ୍ଷୀରେ 'ପଞ୍ଜାବ' କହିଲେ ଭାରତ ଓ ପାକିସ୍ଥାନ ଅନ୍ତର୍ଗତ ଏକ ବିଭାଜିତ ବିଶାଳ ଅଞ୍ଚଳକୁ ବୁଝାଏ।

ଶିଖ୍‌ମାନଙ୍କର ପବିତ୍ରଗ୍ରନ୍ଥ 'ଗୁରୁଗ୍ରନ୍ଥ ସାହେବ' ପ୍ରଥମେ ଗୁରୁ ଅର୍ଜ୍ଜୁନଙ୍କ ଦ୍ୱାରା ସଂକଳିତ କରାଯାଇଥିଲା; ଗୁରୁ ତେଗ୍ ବାହାଦୂରଙ୍କ ସ୍ତୁତିଗୁଡ଼ିକ ପରେ ଏହା ସହିତ ଯୋଡ଼ା ଯାଇଥିଲା। ଏହା ଗୁରୁତ୍ୱ ଦିଏ ଯେ ସମସ୍ତଙ୍କ ପାଇଁ ଜଣେ ଈଶ୍ୱର ଅଛନ୍ତି (ଯିଏ ଧର୍ମ ପାଇଁ ପୃଥିବୀକୁ ଏକ ଘର ଭାବରେ ପ୍ରତିଷ୍ଠା କରିଥଲେ) ଏବଂ ଶିଖମାନଙ୍କୁ ସତ୍ୟବାଦୀ, କରୁଣା, ନମ୍ରତା ଏବଂ ବିଭିନ୍ନ ମୂଲ୍ୟବୋଧ ଭିତରେ ଆତ୍ମ ନିୟନ୍ତ୍ରଣର ଅଭ୍ୟାସ କରିବାକୁ ନିର୍ଦ୍ଦେଶ ଦିଅନ୍ତି। ଉଦାହରଣ : 'ସତ୍ୟ ଉଚ୍ଚ କିନ୍ତୁ ସତ୍ୟବାଦୀ ଜୀବନ ଆହୁରି ଉଚ୍ଚ ଇତ୍ୟାଦି।'

୧୬୭୫ ମସିହାରେ କାଶ୍ମୀର ପଣ୍ଡିତମାନଙ୍କର ଏକ ଦଳ ଧାର୍ମିକ ନିର୍ଯ୍ୟାତନାରୁ ସୁରକ୍ଷା ପାଇବା ପାଇଁ ଗୁରୁ ତେଗ୍ ବାହାଦୂରଙ୍କ ପାଖକୁ ଯାଇଥିଲେ। ଗୁରୁ ସେମାନଙ୍କ ସହିତ ଠିଆ ହେବାକୁ ଓ ସହିଦ ହେବାକୁ ନିଷ୍ପତ୍ତି ନେଇଥିଲେ। ସେ ଗିରଫ ହୋଇଥିଲେ, ଆଉରଙ୍ଗଜେବ ତାଙ୍କୁ ଇସଲାମ୍‌ଧର୍ମ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଯ୍ୟାତନା ସତ୍ତ୍ୱେ ତାଙ୍କ ସମ୍ମୁଖରେ ତାଙ୍କର ଦୁଇ ଶିଷ୍ୟଙ୍କୁ ଅସହ୍ୟ ନିର୍ଯ୍ୟାତନା ସହିତ ମୃତ୍ୟୁଦଣ୍ଡ ଦେବା ଦୃଶ୍ୟ ଦେଖି ମଧ ଗୁରୁ ଇସଲାଧର୍ମ ଗ୍ରହଣକୁ ବାରମ୍ବାର ଅସ୍ୱୀକାର କରିଥିଲେ। ଆଉରଙ୍ଗଜେବଙ୍କ ନିର୍ଦ୍ଦେଶରେ ଦିଲ୍ଲୀର ଚନ୍ଦିନୀଚୌକରେ ସର୍ବସାଧାରଣଙ୍କ ଆଗରେ ତାଙ୍କ ମୁଣ୍ଡକାଟି ଦିଆଯାଇଥିଲା। ଏହାର ଜବାବରେ ତାଙ୍କର ପୁତ୍ର ଗୁରୁଗୋବିନ୍ଦ ସିଂହ, ଦଶମ ଏବଂ ଶେଷ ଗୁରୁ ଖାଲ୍‌ସା ପ୍ରତିଷ୍ଠା କରିଥିଲେ ତାହା ହେଲା ନ୍ୟାୟ, ସମାନତା ଏବଂ ଧର୍ମର ସୁରକ୍ଷା ପାଇଁ ଏକ ସାମରିକ ଭାରତର ପ୍ରତିବନ୍ଧକ। ଯାହା ପ୍ରାୟତଃ ଜୀବନର ବହୁ ମୂଲ୍ୟ ଦେଇ ମୋଗଲ ବାହନୀ ସହିତ ସତତ ସଂଘର୍ଷ ଜାରି ରଖିଥିଲା।



https://withteachers.in/



ଚିତ୍ର : ୨.୨୬ ଗୁରୁ ଗୋବିନ୍ଦ ସିଂହଙ୍କ ଏକ କ୍ଷୁଦ୍ର ଚିତ୍ର

## ମନେରଖ

ଦିଲ୍ଲୀର ପ୍ରସିଦ୍ଧ ବଜାର ଚନ୍ଦିନୀଚୌକରେ ଥିବା ଗୁରୁଦ୍ୱାର ସିସ୍‌ଗୁଞ୍ଜ ସାହିବ କ'ଣ ସୂଚୀତ କରୁଛି ତାହା ତୁମେ ଜାଣ କି ? ଶିଖ ଧର୍ମରେ ଗୋଟିଏ ଗୁରୁଦ୍ୱାର ହିଁ ଏକ ପୂଜାସ୍ଥଳ । ଏହା ସେହି ସ୍ଥାନକୁ ଚିହ୍ନଟ କରେ ଯେଉଁଠାରେ ୧୬୭୫ ମସିହାରେ ଆଉରଙ୍ଗଜେବ ନବମ ଶିଖ ଗୁରୁ ତେଗ୍‌ବାହାଦୁରଙ୍କ ମୁଣ୍ଡକାଟି ଦେଇଥିଲା । ଏହି ଐତିହାସିକ ଗୁରୁଦ୍ୱାରକୁ 'ଶିଖ ରେଜିମେଣ୍ଟ୍' ଦ୍ୱାରା ଅନନ୍ୟ ଭାବରେ ସମ୍ମାନିତ କରାଯାଇଛି । ଯେଉଁ ରେଜିମେଣ୍ଟ ୧୯୭୯ ମସିହାରୁ ପ୍ରତିବର୍ଷ ଗଣତନ୍ତ୍ର ଦିବସ ପ୍ୟାରେଡ୍‌ରେ ରାଷ୍ଟ୍ରପତିଙ୍କ ସମ୍ମୁଖରେ ସଲାମ୍ ଦେଇ ଆସୁଛନ୍ତି । ଏହା ଭାରତୀୟ ଇତିହାସରେ ବିଶ୍ୱାସ ଓ ବଳିଦାନର ଏକ ଶକ୍ତିଶାଳୀ ପ୍ରତୀକ ଭାବରେ ଦଣ୍ଡାୟମାନ ।



https://withteachers.in/

## ଏହା ବିଷୟରେ ଚିନ୍ତାକର

- → ତୁମେ କାହିଁକି ଭାବୁଛ ଯେ ତେଗ୍‌ବାହାଦୁର ଧର୍ମ ପ୍ରତିବଦଳରେ କରିବା ପରିବର୍ତ୍ତେ ନିର୍ଯ୍ୟାତନା ସହିଥିଲେ ? ସେ କାହିଁକି ଭାବୁଥିଲେ ଯେ ତାଙ୍କ ବଳିଦାନ ନିଶ୍ଚିତ କିଛି ପରିବର୍ତ୍ତନ ଆଣିବ ?
- → ଶିଖଗୁରୁ ଏବଂ ଖାଲସା କେଉଁ ମୂଲ୍ୟବୋଧକୁ ଗ୍ରହଣ କରିଥିଲେ ?
- → ଆଜିର ଦିନରେ ସେମାନେ କେତେ ପ୍ରାସଙ୍ଗିକ ?

ମୋଗଲ ସାମ୍ରାଜ୍ୟର ଅବନ୍ନତି ସହ ମରାଠାମାନଙ୍କର ଭୟଙ୍କର ଆକ୍ରମଣ (ପରବର୍ତ୍ତୀ ଅଧ୍ୟାୟ ଦେଖ) ପରେ ପଞ୍ଜାବ ଅଞ୍ଚଳରେ ଅନେକ ଶିଖ ସଂଘର ଉଦୟ ହୋଇଥିଲା। ଊନବିଂଶ ଶତାବ୍ଦୀର ଆରମ୍ଭରେ ମହାରାଜା ରଣଜିତ ସିଂହଙ୍କ ପ୍ରୟାସରେ ନିଜକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଶିଖମାନେ ଏକଜୁଟ ହୋଇଥିଲେ। ରଣଜିତ ସିଂହଙ୍କ ସାମରିକ ତୀକ୍ଷ୍ଣ ବୁଦ୍ଧି, କୂଟନୈତିକ




ଚିତ୍ର : ୨.୨୭: ଏହି ଅଧ୍ୟାୟରେ ଥିବା ପ୍ରମୁଖ ରାଜବଂଶଗୁଡ଼ିକର ରୈଖିକ ସାରାଂଶ ଯାହା ସେଗୁଡ଼ିକର ଭୌଗୋଳିକ ଅବସ୍ଥିତିକୁ ମୋଟାମୋଟି ଭାବରେ ଦର୍ଶାଉଛି।



https://withteachers.in/

ଦକ୍ଷତା ଏବଂ ଧାର୍ମିକ ସହିଷ୍ଣୁତା ତାଙ୍କୁ ଏକ ଦୃଢ଼ କେନ୍ଦ୍ରୀୟ ଶିଖ୍ ସାମ୍ରାଜ୍ୟ ପ୍ରତଷ୍ଠା କରିବାରେ ସାହାଯ୍ୟ କରିଥିଲା; ଯାହା ଉତ୍ତର ପଶ୍ଚିମର ବହୁଦୂର ଏପରିକି କାଶ୍ମୀର କିଛି ଅଂଶ ପର୍ଯ୍ୟନ୍ତ ବ୍ୟାପିଥିଲା । ଊନବିଂଶ ଶତାବ୍ଦୀର ମଧ୍ୟଭାଗ ଯାଏଁ ଏହି ସାମ୍ରାଜ୍ୟ ଉଭୟ ମୋଗଲ ସାମ୍ରାଜ୍ୟର ଅବଶେଷ ଓ ପରବର୍ତ୍ତୀ ଇଂରେଜ ସାମ୍ରାଜ୍ୟ ବିସ୍ତାରକୁ ପ୍ରତିରୋଧ କରିପାରିଥିଲା ।

# ଭାରତରେ ପ୍ରଶାସନ

## ଦିଲ୍ଲୀରେ ସୁଲତାନୀ ଶାସନ

ଦିଲ୍ଲୀ ସୁଲତାନୀ ଏକ କୈନ୍ଦ୍ରିକ ରାଜନୈତିକ ବ୍ୟବସ୍ଥା ପ୍ରଚଳନ କରିଥିଲା ଯେଉଁଥିରେ ସୁଲତାନ୍ ରାଜନୈତିକ ଏବଂ ସାମରିକ ମୁଖ୍ୟ ଭାବରେ ସମ୍ପୂର୍ଣ୍ଣ କ୍ଷମତାର ଅଧିକାରୀ ଥିଲେ । ସମସାମୟିକ ବିବରଣୀ ଅନୁଯାୟୀ ତାଙ୍କର କର୍ତ୍ତବ୍ୟ ଥିଲା "ସମ୍ଭାବ୍ୟ ଆକ୍ରମଣ ବିରୁଦ୍ଧରେ ଇସଲାମର ଅଞ୍ଚଳଗୁଡ଼ିକୁ ରକ୍ଷା କରିବା । ପାଉଣା ଓ କର ସଂଗ୍ରହ କରିବା ଏବଂ ବ୍ୟକ୍ତିଗତ ଯୋଗାଯୋଗ ଦ୍ୱାରା ସାର୍ବଜନୀନ ବ୍ୟାପାର ଏବଂ ଲୋକଙ୍କ ଅବସ୍ଥା ସହିତ ଯୋଗାଯୋଗ ରଖିବା ।" ତଥାପି ସୁଲତାନଙ୍କୁ ଏକ ମନ୍ତ୍ରୀ ପରିଷଦ ସାହାଯ୍ୟ କରୁଥିଲା ଯେଉଁମାନେ ସୁଲତାନୀର ବିଭିନ୍ନ ବିଭାଗ ଦାୟିତ୍ୱରେ ଥିଲେ ।

ପ୍ରଶାସନର ଏକ ମାଧ୍ୟମ ଥିଲା 'ଇକ୍ତା' ବ୍ୟବସ୍ଥା, ଯଦ୍ୱାରା ସଂପୃକ୍ତ ଅଞ୍ଚଳଗୁଡ଼ିକରୁ କର ସଂଗ୍ରହ ପାଇଁ ସମ୍ଭ୍ରାନ୍ତ ବ୍ୟକ୍ତି (ଇକ୍ତାଦାର)ଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା; ଖର୍ଚ୍ଚକୁ ବାଦଦେବା ପରେ ଅବଶିଷ୍ଟ କର ସୁଲତାନଙ୍କ କୋଷାଗାରକୁ ଯାଉଥିଲା, ଯାହା ସେନାର ପରିପରିଚଳନା ପାଇଁ ଆବଶ୍ୟକତା ଥିଲା । ଏହି ବ୍ୟବସ୍ଥା ସ୍ଥାନୀୟ ପ୍ରଶାସକମାନଙ୍କର ଏକ ଶୃଙ୍ଖଳ (Network) ସୃଷ୍ଟି କରିଥିଲା । ଯାହା କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କ ପ୍ରତି ବିଶ୍ୱସନୀୟତାର ଅଂଶ ଥିଲା, କିନ୍ତୁ ସେମାନଙ୍କର ପଦବୀ ବଂଶାନୁକ୍ରମିକ ନଥିଲା । ପ୍ରତ୍ୟେକ ପର୍ଯ୍ୟାୟରେ ବାଣିଜ୍ୟ ଉପରେ କର ଲାଗୁ ହେଉଥିଲେ ମଧ୍ୟ ଚାଷୀମାନଙ୍କ ଉପରେ ବୋଝ ସବୁଠାରୁ ଅଧିକ ପଡ଼ିଥିଲା । କିଛି ବିବରଣୀରୁ ଜଣାଯାଏ ବହୁ ନିଷ୍ଠୁରତାର ସହ ସେମାନଙ୍କର ଭୂମିରୁ ରାଜସ୍ୱ ଆଦାୟ କରାଯାଉଥିଲା ।

## ମୋଗଲ ପ୍ରଶାସନିକ ଢାଞ୍ଚା


ଦକ୍ଷତା ଓ ଉତ୍ତମ ନିୟନ୍ତ୍ରଣକୁ ଲକ୍ଷ୍ୟକରି ଆକବର ତାଙ୍କ ପ୍ରଶାସନିକ କଳକୁ ପୁନଃ ସଂଗଠିତ କରିଥିଲେ । 'ଦ୍ୱିୱାନ' (ଦେୱାନ୍) ଆର୍ଥିକ ବ୍ୟବସ୍ଥାର ଦେଖାରଖା କରୁଥିଲେ । 'ମୀରବକ୍ସି' ସାମରିକ ମାମଲାର ଦେଖାଶୁଣା କରୁଥିଲେ । 'ଖାନ୍ ଇ ସମ୍ମାନ' ରାଜକୀୟ ପରିବାର ଦାୟିତ୍ୱ ସହ ସାଧାରଣ କାର୍ଯ୍ୟ, ବାଣିଜ୍ୟ, ଶିଳ୍ପ ଏବଂ କୃଷିର ତଦାରଖ କରୁଥିଲେ । 'ସଦର' ନ୍ୟାୟ, ଧାର୍ମିକ ଏବଂ ଶିକ୍ଷାଗତ ମାମଲାର ଦାୟିତ୍ୱରେ ଥିଲେ । ଏହି ମନ୍ତ୍ରୀଗଣ ପ୍ରତ୍ୟେକ ବାରଟି ପ୍ରଦେଶ (ସୁବା) ପାଇଁ ନିଯୁକ୍ତ ହୋଇଥିଲେ । ଏହାକୁ ଆହୁରି ଅଧିକ ବିଭକ୍ତ କରାଯାଇ ସରକାରୀ ଅଧିକାରୀମାନଙ୍କ ଦ୍ୱାରା ପ୍ରଭାବଶାଳୀ ଯାଞ୍ଚ ଓ ସନ୍ତୁଳନ ରକ୍ଷା କରାଯାଉଥିଲା । ଗ୍ରାମାଞ୍ଚଳରେ ପାରମ୍ପରିକ ସ୍ୱାୟତ୍ତଶାସନ ଗୁଣ ଅଧିକେ ପ୍ରଚଳିତ ଥିଲା ।



https://withteachers.in/

ଆକବର 'ମାନ ସବଦାରୀ' ପ୍ରଥା ପ୍ରଚଳନ କରିଥିଲେ। ଆବୁଲ ଫଜଲ ତାଙ୍କ ଆଇନ-ଇ-ଆକବରୀରେ ଏହା ଲିପିବଦ୍ଧ କରିଛନ୍ତି, ଯେଉଁଥିରେ ଆକବରଙ୍କ ପ୍ରଶାସନର ବର୍ଣ୍ଣନା କରାଯାଇଛି। ମାନ ସବଦାର (ଅଫିସର) ସେମାନଙ୍କ ମାନସବ (ପଦବୀ) ଅନୁସାରେ ରାଜ୍ୟପାଇଁ ହାତୀ, ଘୋଡ଼ା, ଓଟ ଏବଂ ସୈନ୍ୟଙ୍କର ଏକ ସଠିକ ସଂଖ୍ୟା ବଢ଼ାଇ ରଖିବାକୁ ପଡୁଥିଲା। ଏହା ସ୍ଥାନୀୟ କେନ୍ଦ୍ରୀୟ ସେନା ପରିଚାଳନା ବିନା ଏକ ସଂକ୍ଷିପ୍ତ ସୂଚନାରେ ସେନା ସଂଗ୍ରହକୁ ସହଜ ଓ ସମ୍ଭବ କରି ଏହି ଅନୁପାଳନକୁ ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥାକୁ ନିୟମିତ ଯାଞ୍ଚ କରାଯାଉଥିଲା। ମାନ ସବଦାରମାନଙ୍କୁ ସାଧାରଣତଃ ଜମି (ଜାଗିର) ପ୍ରଦାନ କରି ଦରମା ଦିଆଯାଉଥିଲା ଏବଂ ସେମାନଙ୍କୁ ଜାଗିରଦାର ଭାବେ ଗଣା ଯାଉଥିଲା।

ଆକବରଙ୍କ ବିଭିନ୍ନ ଧର୍ମ ପ୍ରତି ବଢୁଥିବା ସହିଷ୍ଣୁତା ସତ୍ତ୍ୱେ, ପ୍ରଶାସନର ଉଚ୍ଚ ପଦରେ ଅଣ ମୁସଲମାନଙ୍କୁ ସଂଖ୍ୟାଲଘୁ ଭାବରେ ରଖାଯାଉଥିଲା। ଉଦାହରଣ ସ୍ୱରୂପ ତାଙ୍କ ପ୍ରଶାସନରେ ଅଣମୁସଲମାନ୍ ଅଧିକାରୀ ସଂଖ୍ୟା ମୋଟ ମୁସଲମାନ୍ ଅଧିକାରୀଙ୍କ ସଂଖ୍ୟାର ଏକ ତୃତୀୟାଂଶରୁ କ୍ୱଚିତ ଅଧିକ ଥିଲା ବା ପ୍ରାୟତଃ ସେମାନଙ୍କ ସଂଖ୍ୟା କମ୍ ଥିଲା।



ଚିତ୍ର : ୨.୨୮ : ଆବୁଲ ଫାଜଲଙ୍କ ଚିତ୍ରିତ ପାଣ୍ଡୁଲିପିରେ ସେ ଅଗଣାରେ ପୂର୍ଣ୍ଣ ବିବରଣୀ ସହ ସମ୍ମୁଖରେ ବସିଛନ୍ତି।

ଆକବରଙ୍କ ଅର୍ଥମନ୍ତ୍ରୀ ତୋଡ଼ରମଲ୍ଲ ଏକ ଦକ୍ଷ ରାଜସ୍ୱ ବ୍ୟବସ୍ଥା ପ୍ରଚଳନ କରିଥିଲେ। ସେ ଫସଲ ଉତ୍ପାଦନ ଏବଂ ମୂଲ୍ୟ ପାଇଁ ଏକ ବିସ୍ତୃତ ସର୍ଭେକ୍ଷଣ କରିଥିଲେ ଏବଂ ସେହି ସୂଚନା ଆଧାରରେ ପ୍ରତ୍ୟେକ ଫସଲ ପାଇଁ ମୂଲ୍ୟ ନିର୍ଣ୍ଣୟ କରିଥିଲେ। ସେ ସାରା ମୋଗଲ ସାମ୍ରାଜ୍ୟରେ ଜମିର ଏକ



https://withteachers.in/

ପଦ୍ଧତିଗତ ସର୍ଭେ ମଧ୍ୟ ଆରମ୍ଭ କରିଥିଲେ ଯାହା ରାଜସ୍ୱ ସଂଗ୍ରହ ବୃଦ୍ଧି କରିବା ସହ ରାଷ୍ଟ୍ର ଶାସନକୁ ମଜବୁତ କରିଥିଲା ।

## ଲୋକଙ୍କ ଜୀବନ

ତ୍ରୟୋଦଶ ଏବଂ ସପ୍ତଦଶ ଶତାବ୍ଦୀ ମଧ୍ୟରେ ରାଜନୈତିକ କ୍ଷମତା ପରିବର୍ତ୍ତନ ସତ୍ତ୍ୱେ, ଭାରତ ଏହାର କୃଷି ଭିତ୍ତିଭୂମି, ସମୃଦ୍ଧ କାରିଗର ଶିଳ୍ପ, ସଂପ୍ରଦାୟ-ଭିତ୍ତିକ ମନ୍ଦିର-ଭିତ୍ତିକ ଅର୍ଥନୀତି ଏବଂ ବ୍ୟାପକ ବାଣିଜ୍ୟ ନେଟ୍‌ୱାର୍କ ଯୋଗୁ ଏକ ଉଜ୍ଜ୍ୱଳ ଆର୍ଥିକ କାର୍ଯ୍ୟକଳାପକୁ ଦେଖିଥିଲା । ଶ୍ରେଣୀସଂଘ, ଜାତି ଭିତ୍ତିକ ବୃତ୍ତି, ଋଣ ପାଇଁ ବ୍ୟବସ୍ଥା ଭଳି ବିକେନ୍ଦ୍ରୀକରଣ ଅର୍ଥନୀତି ଏବଂ ସାମାଜିକ ବ୍ୟବସ୍ଥା ଉପରେ ନିର୍ମିତ ଏହାର ଅର୍ଥନୀତି ଏହି ଉପମହାଦେଶକୁ ବିଶ୍ୱରେ ସବୁଠାରୁ ଧନୀ ଅଞ୍ଚଳ ଭିତରୁ ଗୋଟିଏରେ ପରିଣତ କରିଥିଲା ।

ସୁଲତାନ ଶାସନ କାଳରେ ନୂତନ ସହର ସୃଷ୍ଟି ବ୍ୟତୀତ, ବିଶେଷକରି ଉତ୍ତର ଭାରତରେ ରାସ୍ତା, ସେତୁ, କେତୋଟି କେନାଲ ଓ ଅନ୍ୟାନ୍ୟ ଜଳସେଚନ କାର୍ଯ୍ୟରେ ବିଶେଷ ଉନ୍ନତି ହୋଇଥିଲା । ଏହାସବୁ ମୋଗଲ ଶାସନ କାଳରେ ଯଥେଷ୍ଟ ବିସ୍ତାର ଲାଭ କରିଥିଲା । ବିଭିନ୍ନ ଧାତୁର ମୁଦ୍ରା ବିଭିନ୍ନ ମୂଲ୍ୟରେ ପ୍ରଚଳନ କରାଯାଇଥିଲା । ମୋଗଲମାନେ ଏକ ଭିନ୍ନ ବ୍ୟବସ୍ଥା ବ୍ୟବହାର କରିଥିଲେ ଯେଉଁଥିରେ ରୂପାର ଏକ ରୂପୟା ଓ ତମ୍ବାର ଏକ ଦାମ୍ ରହିଥିଲା ।



ଚିତ୍ର : ୨.୨୯ : ଏକ ପାରସିକ ଚକ ଦ୍ୱାରା କୂଅରୁ ପାଣି କାଢ଼ି ଜମିରେ ଜଳସେଚନ ପାଇଁ ବ୍ୟବହୃତ ହେଉଥିବାର ଦୃଶ୍ୟ ।

କୃଷି ଭାରତୀୟ ଅର୍ଥନୀତିର ମୁଖ୍ୟ ଆଧାର ଥିଲା । ଆମେ ପୂର୍ବରୁ ଦେଖିଛୁ ଯେ କିପରି ଶାସକମାନେ ସେମାନଙ୍କର ପ୍ରଶାସନ ଓ ସାମରିକ ବ୍ୟବସ୍ଥାକୁ ବଜାଇ ରଖିବା ପାଇଁ କୃଷି ରାଜସ୍ୱ ଉପରେ ନିର୍ଭର କରୁଥିଲେ ।

ସାଧାରଣତଃ ଉତ୍ପାଦିତ ଦ୍ରବ୍ୟର ଏକ ପଞ୍ଚମାଂଶ ରାଜସ୍ୱ ଭାବରେ ଆଦାୟ କରାଯାଉଥିଲା, ଯଦିଓ କିଛି ସୁଲତାନ ଏହାକୁ ଅଧା ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ ।



https://withteachers.in/

ଜଳସେଚନ ବ୍ୟବସ୍ଥାର ପ୍ରସାର କୃଷି ଉତ୍ପାଦନକୁ ବୃଦ୍ଧି କରିଥିଲା । ବହୁବିଧ ଶସ୍ୟର ଉତ୍ପାଦନ ଖାଦ୍ୟ (ଚାଉଳ, ଗହମ, ଯବ, ବାଲି, ଆଖୁ, ମସଲା ଇତ୍ୟାଦି) ସମେତ ଅଣଖାଦ୍ୟ ସାମଗ୍ରୀ (କପା ଯାହା ବସ୍ତ୍ର ଉତ୍ପାଦନକୁ ଖୋରାକ ଦେଇଥିଲା, ରେଶମ, ପଶମ, ରଙ୍ଗ କାଠ, ଝୋଟ ଇତ୍ୟାଦି) ଫସଲ ଉତ୍ପାଦନ ହୋଇଥିଲା। ଆସ ଆମେ ଦେଖିବା ଯେ ଅଞ୍ଚଳ ଅନୁସାରେ କୃଷି ଉତ୍ପାଦନ ସମୟ ସମୟରେ କିପରି ଭିନ୍ନ ଭିନ୍ନ ଥିଲା । ଏହି ସମୟରେ



ଚିତ୍ର : ୨.୩୦ : ବିଜୟନଗରର ଭୂମି ଅନୁଦାନ, ଏକ ତମ୍ବା ଫଳକରେ ଲେଖାଯାଇଥିଲା ଯାହା ଆଧୁନିକ ଯୁଗରେ ସମ୍ପତ୍ତି କିଣାବିକାର ସମକକ୍ଷ ଥିଲା ।

କୃଷକମାନେ ଅନେକ ଭୟଙ୍କର ଦୁର୍ଭିକ୍ଷର ସମ୍ମୁଖୀନ ହୋଇଥିଲେ, ଯେଉଁଥିରୁ ମୁକ୍ତି ପାଇବା, ନିର୍ଦ୍ଦିଷ୍ଟ ଶାସକଙ୍କ ଦାନଶୀଳତା ଉପରେ ନିର୍ଭର କରୁଥିଲା ।

ବସ୍ତ୍ର ବ୍ୟତୀତ କାରିଗରମାନେ ଅସ୍ତ୍ରଶସ୍ତ୍ରଠାରୁ ବାସନକୁସନ ଏବଂ ଅଳଙ୍କାର ସାମଗ୍ରୀ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଦ୍ରବ୍ୟ ତିଆରି କରୁଥିଲେ ।

ନଦୀ ଓ ସମୁଦ୍ରରେ ବାଣିଜ୍ୟ କରିବା ପାଇଁ ଜାହାଜ ନିର୍ମାଣ ଏ ସମୟରେ ଯଥେଷ୍ଟ ବିକଶିତ ହୋଇଥିଲା । ଭାରତୀୟ ସାମଗ୍ରୀ କାଲିକଟ, ମାଙ୍ଗାଲୋର, ସୁରଟ, ମଛଲିପଟ୍ଟନମ୍ କିମ୍ବା ହୁଗୁଳି ଭଳି ଉପକୂଳ ଏବଂ ନଦୀକୂଳ ସହର ମାଧ୍ୟମରେ ରପ୍ତାନି କରାଯାଇଥିଲା । ଭାରତ ରପ୍ତାନି ତୁଳନାରେ ବହୁତ କମ୍ ଆମଦାନି କରୁଥିଲା । ଆମଦାନି ଉତ୍ପାଦଗୁଡ଼ିକରେ ରେଶମ, ଘୋଡ଼ା, ଧାତୁ ଏବଂ ସମସ୍ତ ପ୍ରକାରର ବିଳାସପୂର୍ଣ୍ଣ ସାମଗ୍ରୀ ଅନ୍ତର୍ଭୁକ୍ତ ଥିଲା ।

ଆରବ, ପାରସ୍ୟ (ବର୍ତ୍ତମାନ ଇରାନ୍) ଏବଂ ମଧ୍ୟ ଏସିଆର ବ୍ୟବସାୟୀମାନେ ଭାରତୀୟ ବନ୍ଦର ଗୁଡ଼ିକ ନିକଟରେ ବସତି ସ୍ଥାପନ କରିଥିଲେ । ଏଗୁଡ଼ିକର ବ୍ୟସ୍ତବହୁଳ ବାଣିଜ୍ୟ କାରବାରରେ ବିଶେଷ ଅବଦାନ ଥିଲା ।

'ହୁଣ୍ଡି' ବ୍ୟବସ୍ଥା ବ୍ୟବସାୟୀମାନଙ୍କୁ ମୁଦ୍ରା ପରିବହନ ନକରି ରାଜନୈତିକ ସୀମା ପାରକରି ପାଣ୍ଠି ହସ୍ତାନ୍ତର କରିବାକୁ ସକ୍ଷମ କରିଥିଲା । ଫଳରେ ବାଣିଜ୍ୟ ପଥରେ ଲୁଣ୍ଠନ କରିବା ଏତେ ସହଜ ନଥିଲା । ମାରୱାଡ଼ି ଭଳି ବ୍ୟବସାୟୀ ସଂପ୍ରଦାୟ, ବିଭିନ୍ନ ରାଜନୈତିକ ଶାସନ ବ୍ୟବସ୍ଥାରେ କାର୍ଯ୍ୟ କରିବାରେ ଦକ୍ଷ ହୋଇଗଲେ । ସରକାରୀ ଢାଞ୍ଚାଠାରୁ ସ୍ୱାଧୀନ ଭାବରେ କାର୍ଯ୍ୟ କରୁଥିବା ଋଣ ଏବଂ ବିଶ୍ୱାସର ସମାନ୍ତରାଳ ବ୍ୟବସ୍ଥା ସେମାନେ ବିକଶିତ କଲେ ।





https://withteachers.in/



## ମନେରଖ

'ହୁଣ୍ଡି' ଜଣେ ବ୍ୟକ୍ତିଙ୍କୁ ଦେୟଦେବା ପାଇଁ ଏକ ଲିଖିତ ନିର୍ଦ୍ଦେଶନାମା ଥିଲା। ଏହାକୁ ରାଜନୈତିକ ସୀମା ପାରିକରି ନିଆଯାଇପାରିବ ଏବଂ ଆଧୁନିକ ବ୍ୟାଙ୍କ ବ୍ୟବସ୍ଥାର ପୂର୍ବବର୍ତ୍ତୀ ଧାରା ଯାହା ମୁଦ୍ରା ବହନ ନ କରି ଆର୍ଥିକ କାରବାରକୁ ସକ୍ଷମ କରାଇ ପାରୁଥିଲା। ଏହି ବ୍ୟବସ୍ଥାଗୁଡ଼ିକରେ ଶାସକ ବର୍ଗଙ୍କ ଅଂଶ ଗ୍ରହଣ ବିନା ବାଣିଜ୍ୟ ନେଟ୍‌ୱାର୍କ କାମ କରୁଥିଲା।

### ମନ୍ଦିରଗୁଡ଼ିକ ଅର୍ଥନୈତିକ କାର୍ଯ୍ୟକଳାପର କେନ୍ଦ୍ର

ଅନେକ ମନ୍ଦିର ଉପାସନା, ଅତିରିକ୍ତ ଶିକ୍ଷା, ସାମାଜିକ, ପାରସ୍ପରିକ କ୍ରିୟାକଳାପ, ପ୍ରଦର୍ଶନ କଳାର କେନ୍ଦ୍ର ଥିଲା। ସେମାନେ ବ୍ୟସ୍ତ ବହୁଳ ବଜାର ସହିତ ସାମାଜିକ 'ପରିସଂସ୍ଥା' ସୃଷ୍ଟି କରିଥିଲେ। ଶାସକବର୍ଗ ମନ୍ଦିର ଦେବାଦେବୀଙ୍କୁ ଜମି ଓ ଧନ ଦାନ କରୁଥିଲେ ଯାହା ମନ୍ଦିର ପରିଚାଳକମାନଙ୍କ ଦ୍ୱାରା ବିଶ୍ୱାସରେ ରଖାଯାଇଥିଲା। ସେମାନେ ଗୋଷ୍ଠୀ ଭିତ୍ତିଭୂମି (ଜଳସେଚନ ବ୍ୟବସ୍ଥା, ପୋଖରୀ ଇତ୍ୟାଦି) ଏବଂ ତୀର୍ଥଯାତ୍ରୀଙ୍କ ପାଇଁ ଆଶ୍ରୟସ୍ଥଳ (ଧର୍ମଶାଳା ଏବଂ ଛତ୍ରମ୍) ସ୍ଥାପନ କରିଥିଲେ। ମନ୍ଦିରଗୁଡ଼ିକ ବ୍ୟବସାୟୀମାନଙ୍କୁ ଋଣ ପ୍ରଦାନ କରୁଥିଲେ ଏବଂ ଅଭ୍ୟନ୍ତରୀଣ ଓ ସାମଗ୍ରିକ ବାଣିଜ୍ୟ ପାଇଁ ପାଣ୍ଠି ଯୋଗାଉଥିଲେ।

ପ୍ରାରମ୍ଭିକ ସମୟ ସମୃଦ୍ଧ ହୋଇଥିବାବେଳେ ଷୋଡ଼ଶ ଦଶକର ଶେଷ ଭାଗରେ ଆର୍ଥିକ ଚାପ ଦେଖାଯାଇଥିଲା। ମଧ୍ୟସ୍ଥି ପକ୍ଷମାନଙ୍କୁ କର ଏବଂ ଦେୟ ଦେବାପରେ କୃଷକମାନେ ପ୍ରାୟତଃ ସେମାନଙ୍କ ଉତ୍ପାଦର ଏକ ଛୋଟ ଅଂଶ ପାଉଥିଲେ। ଏହାଦ୍ୱାରା ଅନେକ ଲୋକ ସେମାନଙ୍କର ଜମି ହରାଇ ବନ୍ଧକ ଶ୍ରମିକ ହୋଇଗଲେ।

ଐତିହାସିକମାନେ ମତ ଦିଅନ୍ତି ଯେ କାରିଗର ଏବଂ ଶ୍ରମିକମାନେ ମଧ୍ୟ ପ୍ରାୟତଃ କଠିନ ଆର୍ଥିକ ପରିସ୍ଥିତିର ସମ୍ମୁଖୀନ ହେଉଥିଲେ। ଏଯାବତ୍ ଭାରତ ପ୍ରାଚୁର୍ଯ୍ୟର ଦେଶ ଥିଲା ଯାହା ଅନେକ ଆରବୀୟ ଓ ୟୁରୋପୀୟ ପରିବ୍ରାଜକଙ୍କ ଦ୍ୱାରା ପ୍ରମାଣିତ, କିନ୍ତୁ ଧନ ସମ୍ପତ୍ତି ମୁଖ୍ୟତଃ ଶାସକ, ଦରବାରର ଉଚ୍ଚ ଅଧିକାରୀ ଏବଂ ବ୍ୟବସାୟୀ ଶ୍ରେଣୀଙ୍କ ହାତରେ କେନ୍ଦ୍ରିତ ଥିଲା। ଏହା ସହିତ ବାରମ୍ବାର ଯୁଦ୍ଧ ଜନସଂଖ୍ୟାକୁ ବାଧ୍ୟତାମୂଳକ ବିସ୍ଥାପନ କରାଇଥିଲା।

ସାଧାରଣ ଲୋକଙ୍କ ସ୍ତରରେ ସଂଘର୍ଷ ଉଦାହରଣ ଥିଲା, ବିଶେଷକରି ଶାସକଙ୍କ ସମ୍ମତିରେ ପବିତ୍ର ସ୍ଥଳଗୁଡ଼ିକ ଅନେକ ସମୟରେ ଆକ୍ରମଣ ଯୋଗୁ ଧ୍ୱଂସ ଓ ଅପବିତ୍ର ହୋଇପଡ଼ିଥିଲା।

କିନ୍ତୁ ମୋଟାମୋଟି ଭାବରେ ବିଭିନ୍ନଧର୍ମ ଏବଂ ସମ୍ପ୍ରଦାୟର ଲୋକମାନେ ପରସ୍ପର ଉପରେ ଆର୍ଥିକ ଭାବରେ ନିର୍ଭରଶୀଳ ହୋଇ ଶାନ୍ତିପୂର୍ଣ୍ଣ ଭାବରେ ସହାବସ୍ଥାନ କରୁଥିଲେ।



https://withteachers.in/

ଭାରତର ଅଧିକାଂଶ ଶାସକ କଳାକୁ ପୃଷ୍ଠପୋଷକତା ଦେଇଥିଲେ ମଧ୍ୟ ସମ୍ପ୍ରଦାୟଗୁଡ଼ିକ ସେମାନଙ୍କର ପରମ୍ପରାକୁ ବଜାଇ ରଖିବା କିମ୍ବା ପୁନର୍ଜୀବିତ କରିବାକୁ ଚେଷ୍ଟା କରିଥିଲେ, ଯାହାଫଳରେ ଅନେକ ପରିବର୍ତ୍ତିତ ପରିସ୍ଥିତି ସହିତ ଖାପଖୁଆଇ ପାରିଥିଲେ। ସେହି ସାଂସ୍କୃତିକ ପରମ୍ପରାଗୁଡ଼ିକ ମଧ୍ୟରେ ଏକ ସମାନ ପରିମାଣର ପାରସ୍ପରିକ କ୍ରିୟା ଏକ ସହଭାଗିତାର ଐତିହ୍ୟ ସୃଷ୍ଟି କରିଥିଲା।

ଏସବୁ ଭିତରେ ଭାରତ ସାମଗ୍ରିକ ଭାବରେ ଅର୍ଥନୈତିକ ସମୃଦ୍ଧି ସହ ରାଜନୈତିକ ଅସ୍ଥିରତାକୁ ସହ୍ୟ କରିଥିଲା। ରାଜନୈତିକ ମାନଚିତ୍ର ବାରମ୍ବାର ବଦଳିବା ସହିତ ବିଭିନ୍ନ ପ୍ରକାର ଆହ୍ୱାନକୁ ସାମ୍ନା କରି ତିଷ୍ଠି ରହିଥିଲା। ଏହା କେବଳ ଯାତନାର କାହାଣୀ ନୁହେଁ ବରଂ ସହିଷ୍ଣୁତା ଓ ନମ୍ରତାର କାହାଣୀ। ଯେତେବେଳେ ଖଣ୍ଡାର ଚାହିଦା ବେଶୀ ଥିଲା ସେତେବେଳେ ଭାରତ କଳା, ସାହିତ୍ୟ, ଆଧ୍ୟାତ୍ମିକତା ଓ କଳାଜୟୀ ମୂଲ୍ୟବୋଧର ସର୍ଜନା କରିଚାଲିଥିଲା।



## ମନେରଖ



### ଓଡ଼ିଶାର କେତୋଟି ଗୁରୁତ୍ୱପୂର୍ଣ୍ଣ ଐତିହାସିକ କୀର୍ତ୍ତି

୧. **ପୁଷ୍ପଗିରି ବିଶ୍ୱବିଦ୍ୟାଳୟ :** ପ୍ରାଚୀନ ଭାରତରେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ବୌଦ୍ଧ ଧର୍ମ ଓ ସଂସ୍କୃତିର ମୁଖ୍ୟ ଶିକ୍ଷଣ କେନ୍ଦ୍ର ଥିଲା ଖ୍ରୀ.ପୂ. ୨ୟ ଶତାବ୍ଦୀରୁ ଖ୍ରୀ.ଅ. ୧୦ମ ଶତାବ୍ଦୀ ଯାଏଁ ଏହା ଏକ ବିକଶିତ ଶିକ୍ଷାକେନ୍ଦ୍ର ଭାବରେ ବିଶ୍ୱରେ ଖ୍ୟାତିଲାଭ କରିଥିଲା। ଏହା ତତ୍କାଳୀନ କଳିଙ୍ଗର (ଆଧୁନିକ ଓଡ଼ିଶା) ଯାଜପୁର ନିକଟବର୍ତ୍ତୀ 'ଲାଙ୍ଗୁଡ଼ି' ପର୍ବତାଞ୍ଚଳରେ ଅବସ୍ଥିତ ଥିଲା। ଏଠାରେ ବୌଦ୍ଧ ସନ୍ନ୍ୟାସୀମାନଙ୍କ ଲାଗି ଅନେକ ବିହାର ଥିଲା। ଖ୍ରୀ.ଅ. ୬୩୯ରେ ଚୀନ ପରିବ୍ରାଜକ ହୁଏଂସା ଏଠାକୁ ଆସି ଅତ୍ୟନ୍ତ ମୁଗ୍ଧ ହୋଇ ନିଜ ବିବରଣୀରେ ଏହାର ଭୂୟସୀ ପ୍ରଶଂସା କରିଛନ୍ତି। ତାଙ୍କ ପ୍ରେରଣାରେ ବହୁ ବିଦେଶୀ ଛାତ୍ର ଏଠାରେ ଆସି ଅଧ୍ୟୟନ କରିଥିଲେ। ସଂପ୍ରତି ଏହି ଅଞ୍ଚଳକୁ ଓଡ଼ିଶାର 'ହୀରକ ତ୍ରିଭୁଜ' କୁହାଯାଏ। ପୃଷ୍ଠପୋଷକତା ଅଭାବରୁ ଏକାଦଶ ଶତାବ୍ଦୀ ବେଳକୁ ଏହି ବିଶ୍ୱବିଖ୍ୟାତ ବିଶ୍ୱବିଦ୍ୟାଳୟର ବିଲୟ ଘଟିଥିଲା।




୨. **ଜଉଗଡ଼ :** ଜଉଗଡ଼ ସମ୍ରାଟ ଅଶୋକଙ୍କ ଶିଳା ଅନୁଶାସନର ସ୍ମୃତିପୀଠ ଅଟେ। ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ନିକଟରେ ଋଷିକୂଲ୍ୟା ନଦୀ ତଟରେ ଏହା ଅବସ୍ଥିତ। କଳିଙ୍ଗ ଯୁଦ୍ଧର ସ୍ମୃତି



https://withteachers.in/

ଲିପି ଏବେ ବି ଏଠାରେ ପଥର ଦେହରେ ରହି ଏ ମାଟିର ବୀରତ୍ୱ ଓ ଐତିହ୍ୟକୁ ପ୍ରଦର୍ଶନ କରୁଛି । କଳିଙ୍ଗ ସାମ୍ରାଜ୍ୟର ରାଜଧାନୀ ଜଉଗଡ଼ ଏକଦା ଏକ ସୁରକ୍ଷିତ ଦୁର୍ଗ ଭାବେ ମୌର୍ଯ୍ୟ ଶାସକ ଅଶୋକଙ୍କ ସାମ୍ରାଜ୍ୟ ଅଧୀନରେ ଥିଲା । ଏଠାରେ ଅଶୋକଙ୍କ ପ୍ରଶାସନିକ ନୀତି ଓ ଆଦର୍ଶର ବହୁ କଥା ଏକ ବୃହତ୍ ଶିଳାଖଣ୍ଡରେ ଖୋଦିତ ହୋଇଥିବା ଦେଖିବାକୁ ମିଳେ । ସଂପ୍ରତି ସରକାରଙ୍କ ତରଫରୁ ଏହାର ରକ୍ଷଣାବେକ୍ଷଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି ।



୩. **କ୍ଷୀରଚୋରା ଗୋପୀନାଥ ମନ୍ଦିର :** କ୍ଷୀରଚୋରା ଗୋପୀନାଥ ମନ୍ଦିର, ବାଲେଶ୍ୱର ଜିଲ୍ଲାର ରେମୁଣାଠାରେ ଅବସ୍ଥିତ । ମନ୍ଦିରରେ ପୂଜା ପାଉଥିବା ଗୋପୀନାଥ କଳା ମୁଗୁନି ପଥରରେ ନିର୍ମିତ ହୋଇଥିବାରୁ ଅତ୍ୟନ୍ତ ରମଣୀୟ (ରେମୁଣା) ଦେଖାଯାଆନ୍ତି । ତ୍ରୟୋଦଶ ଶତାବ୍ଦୀରେ ଲାଙ୍ଗୁଳା ନରସିଂହଦେବ, କାରୁକାର୍ଯ୍ୟ ଖଚିତ ଏହି ସୁନ୍ଦର ମନ୍ଦିରଟି ନିର୍ମାଣ କରିଥିଲେ । କ୍ଷୀରଚୋରା ଗୋପୀନାଥଙ୍କୁ ଉତ୍ତର ଭାରତର ଚିତ୍ରକୂଟରୁ ଆଣି ଏହି ଭବ୍ୟ ମନ୍ଦିରରେ ସ୍ଥାପନ କରିଥିଲେ ।



୪. **ମାଣିଆବନ୍ଧ :** ସଂସ୍କୃତି ଓ ଐତିହ୍ୟର ଆଉ ଏକ ଗୌରବମୟ ସ୍ଥାନ ହେଲା କଟକ ଜିଲ୍ଲାର କ୍ଷୁଦ୍ରଗ୍ରାମ 'ମାଣିଆବନ୍ଧ' । କଟକରୁ ବାଙ୍କୀ ଦେଇ ଗଲେ ଏହି ଛୋଟ ଗାଁଟି ପଡ଼େ । ଏହା କେବଳ ମାଣିଆବନ୍ଧ ପାଟଶାଢ଼ୀ ପାଇଁ ପ୍ରସିଦ୍ଧ ନୁହେଁ ବରଂ ଅନେକ ଐତିହାସିକ ସ୍ମୃତି ଓ କୀର୍ତ୍ତି ଏଠାରେ ରହିଛି । ଏକଦା ବୌଦ୍ଧ ଧର୍ମ ଓ ଦର୍ଶନର ଚର୍ଚ୍ଚା ଏଠାରେ ହେଉଥିଲା । ଅନେକ ବୌଦ୍ଧ ବିହାରର ଧ୍ୱଂସାବଶେଷ ଏଠାରେ ଦେଖିବାକୁ ମିଳେ । ହୁଏନଂସା ଏହି ସ୍ଥାନ ପରିଦର୍ଶନ କରି ଗ୍ରାମର ସୌନ୍ଦର୍ଯ୍ୟ ଓ ଗୁରୁତ୍ୱକୁ ନିଜ ବିରଣୀରେ ବର୍ଣ୍ଣନା କରଛନ୍ତି । ପ୍ରତିବର୍ଷ ଏହି ଗ୍ରାମରେ ବୁଦ୍ଧଜୟନ୍ତୀ ମହାସମାରୋହରେ ପାଳିତ ହୁଏ । ଚୀନ୍, ଜାପାନ୍, କୋରିଆ, ତିବ୍ବତ ଓ ଇଣ୍ଡୋନେସିଆରୁ ବହୁ ପର୍ଯ୍ୟଟକ ଏହି ଗ୍ରାମକୁ ବୁଲିବାକୁ ଆସନ୍ତି ।



୫. **ପୋତାଗଡ଼ :** ଓଡ଼ିଶାର ଅନ୍ୟ ଏକ ଐତିହ୍ୟ ପର୍ଯ୍ୟଟନ କ୍ଷେତ୍ର 'ପୋତାଗଡ଼' ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମ ପୁର ନିକଟରେ ତାରାତାରିଣୀ ପୀଠରୁ ୫ କି.ମି. ଦୂରରେ



https://withteachers.in/

ରଷିକୂଲ୍ୟା ମୁହାଣରେ ଅବସ୍ଥିତ। ପଞ୍ଚତାରକା ଆକୃତିର ଏହି ଦୁର୍ଗ ୧୭୬୮ ମସିହାରେ ଏଡଓ୍ୱାର୍ଡ କୋଷ୍ଟାଫୋର୍ଡ୍‌ଙ୍କ ନେତୃତ୍ୱରେ ସଂପନ୍ନ ହୋଇଥିଲା। ଏହି ଦୁର୍ଗ ମୁସଲମାନ୍ ଓ ଫରାସୀ ଶାସକଙ୍କ ଅଧୀନରେ କିଛିଦିନ ରହିଥିଲା। ଏହି ଦୁର୍ଗର ସ୍ଥାପତ୍ୟ ଓ ନିର୍ମାଣ ଶୈଳୀ ବେଶ୍ ଆକର୍ଷଣୀୟ। ୧୭୬୫ ବେଳକୁ ଇଂରେଜମାନେ ଏହାକୁ ଅଧିକାର କରି, ଗଞ୍ଜାମ ଜିଲ୍ଲାର ପ୍ରଥମ ଜିଲ୍ଲାପାଳଙ୍କ ପ୍ରଶାସନିକ କୋଠି ଭାବେ ଏହାକୁ ବ୍ୟବହାର କରିଥିଲେ। ଏଠାରୁ ରଷିକୂଲ୍ୟା ନଦୀ ଦେଇ ବଙ୍ଗୋପସାଗରରେ ଜଳଯାତ୍ରା କରିବା ଲାଗି ଏହାକୁ ଇଂରେଜମାନେ ଉପଯୁକ୍ତ ମଣିଥିଲେ।

## ଆମେ କ'ଣ ଶିଖିଲେ...

→ ଏହି ସମୟ ଦେଖିଥିଲା-ତୁର୍କୀ, ଆଫଗାନ ଏବଂ ମୋଗଲ ବୈଦେଶିକଙ୍କ କ୍ରମାଗତ ଆକ୍ରମଣ ଯାହା ବ୍ୟାପକ ବିନାଶ, ପୁରୁଣା ରାଜବଂଶର ପତନ ଏବଂ ବହୁ ରାଜ୍ୟ ଓ ସାମ୍ରାଜ୍ୟର ଉତ୍‌ଥାନ ପତନ। ନିରନ୍ତର ଯୁଦ୍ଧ, ସନ୍ଧି (ମେଣ୍ଟ) ଏବଂ ବିଜୟ ଭାରତର ରାଜନୈତିକ ସୀମାକୁ ପୁନଃ ନିର୍ଦ୍ଧାରଣ କରିଥିଲା।

→ ଏ ସମୟରେ ଧାର୍ମିକ ଅସହିଷ୍ଣୁତାର ଅନେକ ଦୃଷ୍ଟାନ୍ତ ଥିଲା। ବୌଦ୍ଧ, ଜୈନ, ହିନ୍ଦୁ, ଶିଖ, ଜୋରାଷ୍ଟ୍ରୀୟ ଏବଂ ଆଦିବାସୀମାନେ ଅନେକ ସମୟରେ କଠୋର ନିର୍ଯ୍ୟାତନା ଭୋଗ କରିଥିଲେ, ଯଦିଓ କିଛି ଶାସକ ଅନ୍ୟମାନଙ୍କ ତୁଳନାରେ ଅଧିକ ଉଦାର ମନୋଭାବର ଥିଲେ।

→ କୃଷି ଓ ବାଣିଜ୍ୟର ବିସ୍ତାର ହୋଇଥିଲା, ଯାହା ଭାରତର ବୈଭବ ଓ ବିଶ୍ୱ ସହିତ ଯୋଗାଯୋଗକୁ ବୃଦ୍ଧି କରିଥିଲା। ତଥାପି ସାଧାରଣ ପ୍ରଜାଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ ଥିଲା।

→ ଭାରତୀୟ ସମାଜ, ସହର, ନଗର, ମନ୍ଦିର ଅର୍ଥନୀତିର ଅନ୍ୟାନ୍ୟ ଦିଗଗୁଡ଼ିକର ପୁନଃ ନିର୍ମାଣରେ ଅନୁକୂଳ ମନୋଭାବ ଓ ନମନୀୟତାକୁ ପ୍ରଦର୍ଶନ କରିଥିଲା। ସେହି ସମୟରେ ସାଂସ୍କୃତିକ ପରମ୍ପରାର ସଂରକ୍ଷଣ କରିବା ଏବଂ ନୂତନ ସାଂସ୍କୃତକ ଅଭିବ୍ୟକ୍ତି ସୃଷ୍ଟି କରିବା ପାଇଁ ସ୍ୱଦେଶୀ ଓ ବିଦେଶୀ ଉପାଦାନଗୁଡ଼ିକୁ ମିଶ୍ରଣ କରିବାର ଉପାୟ ପାଇଲା। କଳା ଏବଂ ସଂସ୍କୃତିର ଅନେକ ରୂପ, ସ୍ଥାପତ୍ୟ, ସଙ୍ଗୀତ ଓ ଚିତ୍ରକଳାରେ ଏ ସମୟ ସମୃଦ୍ଧ ହୋଇଥିଲା।



https://withteachers.in/

## ପ୍ରଶ୍ନ ଓ ଅଭ୍ୟାସ କାର୍ଯ୍ୟ

୧. ଦିଲ୍ଲୀ ସୁଲତାନ ଏବଂ ମୋଗଲମାନଙ୍କର ରାଜନୈତିକ ରଣନୀତି ତୁଳନା କର । ସେମାନଙ୍କ ମଧ୍ୟରେ କ'ଣ ସମାନତା ଏବଂ ପାର୍ଥକ୍ୟ ଥିଲା ?

୨. ବିଜୟନଗର ସାମ୍ରାଜ୍ୟ, ଅହୋମ ରାଜ୍ୟ ଓ କଳିଙ୍ଗ ସାମ୍ରାଜ୍ୟ ଭଳି ରାଜ୍ୟ ଅନ୍ୟମାନଙ୍କ ତୁଳନାରେ କାହିଁକି ଦୀର୍ଘ ସମୟ ଧରି ବିଜୟକୁ ରକ୍ଷା କରିପାରିଥିଲେ ? ସେମାନଙ୍କ ସଫଳତାରେ କେଉଁ ଭୌଗୋଳିକ, ସାମରିକ ଏବଂ ସାମାଜିକ କାରଣ ଯୋଗଦାନ ଦେଇଥିଲା ?

୩. କଳ୍ପନା କର ଯେ ତୁମେ ଆକବର କିମ୍ବା କୃଷ୍ଣଦେବ ରାୟଙ୍କ ଦରବାରରେ ଜଣେ ବିଦ୍ୱାନ । ତୁମେ ଦେଖୁଥିବା, ରାଜନୀତି, ବାଣିଜ୍ୟ, ସଂସ୍କୃତି ଏବଂ ସମାଜ ବିଷୟରେ ବର୍ଣ୍ଣନା କରି ଜଣେ ବନ୍ଧୁଙ୍କୁ ଏକ ଚିଠି ଲେଖ ।

୪. ଯୁବାବସ୍ଥାରେ ଜଣେ ନିଷ୍ଠୁର ବିଜେତା ଆକବର କିଛି ବର୍ଷ ପରେ କିପରି ସହନଶୀଳ ଏବଂ ଦୟାଳୁ ହୋଇଗଲେ ? ଏହି ପରିବର୍ତ୍ତନର କାରଣ କ'ଣ ହୋଇପାରେ ?

୫. ଯଦି ବିଜୟନଗର ସାମ୍ରାଜ୍ୟ ତାଳିକୋଟ ଯୁଦ୍ଧରେ ବିଜୟୀ ହୋଇଥାନ୍ତା ତେବେ ଫଳାଫଳ କ'ଣ ହୋଇଥାନ୍ତା ? କଳ୍ପନା କର ଏବଂ ବର୍ଣ୍ଣନା କର ଯେ ଏହା ଦକ୍ଷିଣ ଭାରତର ରାଜନୈତିକ ଏବଂ ସାଂସ୍କୃତିକ ଇତିହାସକୁ କିପରି ପରିବର୍ତ୍ତନ କରିଥାନ୍ତା ?

୬. ସମାନତା, ସେବା ଓ ନ୍ୟାୟ ସମେତ ପ୍ରାରମ୍ଭିକ ଶିଖ ଧର୍ମଦ୍ୱାରା ପ୍ରୋତ୍ସାହିତ ଅନେକ ମୂଲ୍ୟବୋଧର ଆଜି ବି ପ୍ରାସଙ୍ଗିକତା ରହିଛି । ଏହି ମୂଲ୍ୟବୋଧଗୁଡ଼ିକ ମଧ୍ୟରୁ ଗୋଟିଏ ବାଛ ଏବଂ ସମସାମୟିକ ସମାଜରେ ଏହା କିପରି ପ୍ରାସଙ୍ଗିକ ରହିଛି ତାହା ଆଲୋଚନା କର ।

୭. କଳ୍ପନା କର ଯେ ତୁମେ ଏକ ବନ୍ଦର ନଗରୀ (ସୁରତ, କାଲିକଟ୍ କିମ୍ବା ହୁଗୁଳି)ର ବ୍ୟବସାୟୀ । ତୁମ ସାମଗ୍ରୀ, ତୁମେ ଯେଉଁ ଲୋକଙ୍କ ସହ ବାଣିଜ୍ୟ କରୁଛ ଓ ଜାହାଜର ଗତିବିଧି ଇତ୍ୟାଦିର ଦୃଶ୍ୟଗୁଡ଼ିକ ବର୍ଣ୍ଣନା କର ।



https://withteachers.in/

ଅଧ୍ୟାୟ ୩

# ମରାଠା ସାମ୍ରାଜ୍ୟର ଉତ୍ଥାନ

"ପର୍ତ୍ତୁଗୀଜ, ଇଂରେଜ, ଡଚ୍, ଫରାସୀ ଏବଂ ଡାନିସ୍‌ମାନଙ୍କ (ଦିନାମାର) ପରି ପଗଡ଼ି ପିନ୍ଧା ବା ଟୋପିପିନ୍ଧା ଜାତି ଅନ୍ୟମାନଙ୍କ ପରି ବ୍ୟବସାୟ ବାଣିଜ୍ୟ ମଧ୍ୟ କରୁଥିଲେ। କିନ୍ତୁ ସେମାନେ ଅନ୍ୟ ବ୍ୟବସାୟୀଙ୍କ ପରି ନ ଥିଲେ। ଏହି ଭୂମିରେ ପ୍ରବେଶ କରି ସେମାନଙ୍କର ଅଧିକୃତ ପରିସର ବୃଦ୍ଧି କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଧର୍ମପ୍ରଚାର କରିବାର ମୂଳ ଲକ୍ଷ୍ୟ ରଖିଥିଲେ। ସେମାନେ ଜିଦିଖୋର ଥିଲେ ଏବଂ ନୌସେନା ଓ ଗୋଳାବାରୁଦ ସେମାନଙ୍କର ପ୍ରଧାନ ଅସ୍ତ୍ର ଥିଲା। ସେମାନଙ୍କର ଯାତାୟାତକୁ ନିୟନ୍ତ୍ରଣ କରବା ସହିତ ସେମାନଙ୍କର ସୁଦୃଢ଼ କୋଠାବାଡ଼ି ନିର୍ମାଣକୁ ଅନୁମତି ଦେବାର ନଥିଲା।"

ରାମଚନ୍ଦ୍ର ପନ୍ଥ ଅମାତ୍ୟ, ଆଦ୍‌ନ୍ୟାପାତ୍ର (୧୭୧୫)



ଚିତ୍ର : ୩.୧ : ବିଶାଳ ପ୍ରବେଶ ଦ୍ୱାର ସହିତ ମହାରାଷ୍ଟ୍ରର ରାୟଗଡ଼ ଦୁର୍ଗ, ଯେଉଁଠାରେ ଛତ୍ରପତି ଶିବାଜୀଙ୍କର ୧୬୭୪ ମସିହାରେ ରାଜାଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା ଏବଂ ସେଠାରୁ ତାଙ୍କର ଆନୁଷ୍ଠାନିକ ଭାବରେ ମରହଟ୍ଟା ସାମ୍ରାଜ୍ୟର ଶାସନ ଆରମ୍ଭ ହୋଇଥିଲା।


## ଆସ ଚିନ୍ତା କରିବା ?

୧. କେଉଁମାନେ ମରାଠା ଥିଲେ ? ବ୍ରିଟିଶମାନେ କ୍ଷମତା ଦଖଲ କରିବା ପୂର୍ବରୁ ସେମାନେ କିପରି ବିଶାଳ ଅଞ୍ଚଳରେ ନିଜର ପ୍ରଭୁତ୍ୱ ଜାହିର କରିପାରିଥିଲେ ?

୨. ସେମାନଙ୍କର ଶାସନର ବୈଶିଷ୍ଟ୍ୟ କ'ଣ ଥିଲା ?

୩. ଭାରତ ଇତିହାସରେ ମରାଠାମାନେ କି ପ୍ରକାର ପ୍ରଭାବ ପକାଇ ପାରିଥିଲେ ?

https://withteachers.in/




ଚିତ୍ର : ୩.୨

**ସାହିତ୍ୟିକ ଇତିହାସ (Literary History) :** ଏକ ନିର୍ଦ୍ଦିଷ୍ଟ ଭାଷାରେ ପଦ୍ୟ ବା ଗଦ୍ୟରେ ଲିଖିତ ଐତିହାସିକ କୃତି

## କେଉଁମାନେ ମରାଠା ?

ବର୍ତ୍ତମାନର ମହାରାଷ୍ଟ୍ର ତଥା ଦାକ୍ଷିଣାତ୍ୟ ମାଳଭୂମିରେ ବସବାସ କରୁଥିବା ଏକ ଜନସମୂହ ବା ଲୋକମାନଙ୍କୁ ମରାଠା ବୋଲି କୁହାଯାଇଥାଏ । ସେମାନଙ୍କର ଭାଷା ମରାଠୀ ପାଇଁ ସେମାନେ ବେଶ ପରିଚିତ । ଦ୍ୱାଦଶ ଶତାବ୍ଦୀରୁ ଏହି ଭାଷାର ସାହିତ୍ୟିକ ଇତିହାସ ବେଶ ସମୃଦ୍ଧ ହୋଇ ଆସିଅଛି । ଏହି ଅଧ୍ୟାୟରେ ଆମେ ଜାଣିବା ସେମାନଙ୍କର ରାଜନୈତିକ ଶକ୍ତିବୃଦ୍ଧି ଘଟି କିପରି ପରବର୍ତ୍ତୀ ସମୟରେ ଭାରତ ଇତିହାସକୁ ପ୍ରଭାବିତ କରିଥିଲା ।



ଚିତ୍ର : ୩.୩ : ସନ୍ଥ ରାମଦାସ





ଚିତ୍ର : ୩.୪ : ଡାକଟିକଟରେ ସନ୍ଥ ତୁକାରାମ

ତ୍ରୟୋଦଶ ଶତାବ୍ଦୀ ବେଳକୁ ମହାରାଷ୍ଟ୍ରର ଅଧିକାଂଶ ଅଞ୍ଚଳ ଯାଦବ ରାଜବଂଶଦ୍ୱାରା ଶାସିତ ହେଉଥିଲା ଏବଂ ଦେବଗିରି (ବର୍ତ୍ତମାନର ଦୌଲତାବାଦ) ଏହାର ରାଜଧାନୀ ଥିଲା ।



https://withteachers.in/





ଚତୁର୍ଦ୍ଦଶ ଶତାବ୍ଦୀର ଆରମ୍ଭ ବେଳକୁ ଦିଲ୍ଲୀର ଖିଲ୍‌ଜୀ ସୁଲତାନମାନଙ୍କ ଦ୍ୱାରା ଯାଦବ ରାଜବଂଶର ଶାସକମାନେ କ୍ଷମତାଚ୍ୟୁତ ହୋଇଥିଲେ ।

ଏହିସବୁ ରାଜନୈତିକ ପରିବର୍ତ୍ତନ ମଧ୍ୟରେ ସାଂସ୍କୃତିକ ପରମ୍ପରା ବଜାୟ ରହିଥିଲା । ବିଶେଷକରି ଭକ୍ତି ଭାବନା ବା ନିର୍ଦ୍ଦିଷ୍ଟ ଏକ ଦେବାଦେବୀଙ୍କୁ ଉପାସନା କରିବାର ଧାରା ସମାଜରେ ସୃଷ୍ଟି ହୋଇଥିଲା । ସପ୍ତମ ଶତାବ୍ଦୀରୁ ସପ୍ତଦଶ ଶତାବ୍ଦୀ ମଧ୍ୟରେ ସମାଜରେ ଆଧ୍ୟାତ୍ମିକତାର ବିକାଶ ନିମନ୍ତେ ଅନେକ ସନ୍ଥ ଓ ସାଧକମାନେ ଭକ୍ତିମାର୍ଗକୁ ସର୍ବଶ୍ରେଷ୍ଠ ମାର୍ଗ ବୋଲି ଅଭିହିତ କରିଥିଲେ । ସମାଜର ବିଭିନ୍ନ କ୍ଷେତ୍ରରୁ ଏବଂ ସଂପ୍ରଦାୟରୁ ଆସିଥିବା ସାଧୁସନ୍ଥ ତଥା ସମାଜ ସଂସ୍କାରକ ମାନଙ୍କର ଆଧ୍ୟାତ୍ମିକ ସଙ୍ଗୀତ ଓ କବିତାଗୁଡ଼ିକ ଆଞ୍ଚଳିକ ଭାଷା ମାଧ୍ୟମରେ ପ୍ରକାଶିତ ହେବାରୁ ଦେଶର ସର୍ବତ୍ର ଆଦୃତ ଓ ଲୋକପ୍ରିୟତା ଲାଭ କଲା ।

## ଆସ ଅନୁସନ୍ଧାନ କରିବା

ତୁମେ କେବେ ଭକ୍ତି ଶବ୍ଦ ସମ୍ପର୍କରେ ଶୁଣିଛ ? ତୁମେ ଏହାର ଅର୍ଥ କ'ଣ ବୁଝୁଛ ? ଭାରତର ଯେକୌଣସି ଅଂଶର ଜଣେ ଭକ୍ତି ସନ୍ଥଙ୍କୁ ଚୟନକର । ତାଙ୍କର ଜୀବନୀ, ବାଣୀ ଓ ସେ ସମାଜକୁ ଦେଇଥିବା ବାର୍ତ୍ତା ସମ୍ପର୍କରେ ଅନୁଧ୍ୟାନ କର । ତାଙ୍କର କବିତା ବା ଭଜନଗୁଡ଼ିକ ମଧ୍ୟରୁ ଗୋଟିକୁ ବାଛ ଓ ସାଙ୍ଗମାନଙ୍କ ସହିତ ଆଲୋଚନା କର ।





https://withteachers.in/

ଏହି ସମୟରେ ଜ୍ଞାନେଶ୍ୱର, ନାମଦେବ, ତୁକାରାମ ଏବଂ ରାମଦାସଙ୍କ ପରି ମହାରାଷ୍ଟ୍ରର ଅନେକ ସନ୍ଥ ବହୁତ ଲୋକପ୍ରିୟତା ହାସଲ କରିଥିଲେ । ସେମାନେ ଉପନିଷଦ ଏବଂ ଭଗବତ୍ ଗୀତା ପରି ଗୁରୁତ୍ୱପୂର୍ଣ୍ଣ ପୁସ୍ତକଗୁଡ଼ିକର ମରାଠୀ ଅନୁବାଦ କରିବା ଫଳରେ ସେମାନଙ୍କର ଦର୍ଶନ ଓ ଚିନ୍ତାଧାରା ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ପାରିଥିଲା । ସେମାନଙ୍କ ମଧ୍ୟରୁ ଅନେକ ଶିଖଗୁରୁମାନଙ୍କ ପରି ସାମାଜିକ ସଂଗଠନ ଓ ରାଜନୀତିକ ସଚେତନତା ପାଇଁ ଗୁରୁତ୍ୱ ଆରୋପ କରିଥିଲେ । ଯାହାର ଫଳସ୍ୱରୂପ ପରବର୍ତ୍ତୀ ସମୟରେ ମରାଠାମାନେ ଏକ ରାଜନୈତିକ ଶକ୍ତିରୂପେ ନିଜକୁ ସଂଗଠିତ କରିପାରିଥିଲେ । ସପ୍ତଦଶ ଶତାବ୍ଦୀ ବେଳକୁ କେତେକ ମରାଠା ମୁଖ୍ୟ ନିଜର ସାର୍ବଭୌମତ୍ୱ ପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ଶିବାଜୀ ମରାଠାମାନଙ୍କୁ ଏକତ୍ର କରି କ୍ଷମତା ଆହରଣ ପର୍ଯ୍ୟନ୍ତ ସଫଳ ହୋଇପାରି ନଥିଲେ ।

**ଜାଗିର (Jagir) :** ଜାଗିର୍ ହେଉଛି ଖଣ୍ଡିଏ ଜମି ଯାହାକୁ ଜଣେ ରାଜା ବା ଶାସକ ଜଣେ ସାମନ୍ତ ବା ସୈନିକଙ୍କୁ ନିଜର କର୍ତ୍ତବ୍ୟ ପାଇଁ ପୁରସ୍କାର ସ୍ୱରୂପ ଦେଇଥାନ୍ତି । ଜାଗିର ପାଇଥିବା ବ୍ୟକ୍ତି ସେହି ଜମିରୁ କର ସଂଗ୍ରହ କରି ନିଜ ବ୍ୟବହାରରେ ଲଗାଇଥାନ୍ତି ଓ ଆବଶ୍ୟକ ସମୟରେ ରାଜାଙ୍କୁ ସାହାଯ୍ୟ ମଧ୍ୟ କରିଥାନ୍ତି ।

## ମରାଠା ଶକ୍ତିର ପ୍ରତିଷ୍ଠା ଓ ଶିବାଜୀଙ୍କର ଉତ୍ଥାନ

୧୬୩୦ ଖ୍ରୀଷ୍ଟାବ୍ଦରେ ଶିବାଜୀ ଭୋନ୍‌ସଲେ ପରିବାରରେ ପିତା ସାହଜୀ ଓ ମାତା ଜୀଜାବାଈଙ୍କ ଠାରୁ ଜନ୍ମଲାଭ କରିଥିଲେ । ସେହି ସମୟରେ ସାହଜୀ ଦାକ୍ଷିଣାତ୍ୟ ସୁଲତାନତ୍‌ରେ କାର୍ଯ୍ୟ କରୁଥିଲେ ଓ ଅନେକ ସମୟରେ ପରିବାରଠାରୁ ଦୂରରେ ରହୁଥିଲେ । ସେତେବେଳେ ପୁନେଠାରେ ଥିବା ତାଙ୍କର ଜାଗିର ସ୍ଥାନରେ ଶିବାଜୀ ନିଜ ମାତା ଜୀଜାବାଈଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଢ଼ିବା ସଙ୍ଗେ ସଙ୍ଗେ କେତେକ ବିଶ୍ୱସ୍ତ କର୍ମଚାରୀଙ୍କଠାରୁ ମୂଲ୍ୟବୋଧ ଓ ଉତ୍ତମ ଶିକ୍ଷା ଲାଭ କରିବାକୁ ସକ୍ଷମ ହୋଇପାରିଥିଲେ । ଏହା ସହିତ ପୁନେର ଅଞ୍ଚଳ ସବୁ ନିୟମିତ ଭାବରେ ଦକ୍ଷିଣର ସୁଲତାନଙ୍କ (ଯେଉଁମାନଙ୍କ ଅଧୀନରେ ମରାଠାମାନେ କାର୍ଯ୍ୟ କରୁଥିଲେ) ମଧ୍ୟରେ ସୃଷ୍ଟି ହେଉଥିବା ବିବାଦ ଓ ଯୁଦ୍ଧ ସାଧାରଣ ଜନତାଙ୍କୁ ଅକଥନୀୟ ଦୁଃଖ ଓ ଦୁର୍ଦ୍ଦଶା ଦେଉଥିଲା ।



ଚିତ୍ର : ୩.୫ : ବ୍ରିଟିଶ ସଂଗ୍ରହାଳୟରେ ଥିବା ୧୬୮୦ ଶତକରେ ଚିତ୍ରିତ ହୋଇଥିବା ଶିବାଜୀଙ୍କର ଏକ ଚିତ୍ରକଳା

ଶିବାଜୀଙ୍କୁ ଯେତେବେଳେ ମାତ୍ର ୧୬ ବର୍ଷ ବୟସ ହୋଇଥିଲା ସେ ସାମରିକ ଅଭିଯାନ ଆରମ୍ଭ କରିଥିଲେ । ପ୍ରଥମେ ସେ ଅବହେଳିତ ଓ ଅନଧିକୃତ ଦୁର୍ଗଗୁଡ଼ିକୁ ଅଧିକାର କରି ସେଗୁଡ଼ିକର ସୁରକ୍ଷାକୁ ସୁଦୃଢ଼ କରିବା ସହିତ ନିଜ ଅଧିକୃତ ପୁନେର ଅଞ୍ଚଳଗୁଡ଼ିକୁ ଏକତ୍ରୀକରଣ କଲେ । ରାଜନୈତିକ, ଅର୍ଥନୈତିକ ଓ ସାଂସ୍କୃତିକ ବିକାଶକୁ ଗୁରୁତ୍ୱ ଦେବା ସହିତ ତାଙ୍କର 'ସାର୍ବଭୌମତ୍ୱ ରାଜ୍ୟ' ବା 'ସ୍ୱରାଜ୍ୟ'ର ଦୂର ଦୃଷ୍ଟିକୁ ବର୍ଷ ବର୍ଷ ଧରି ଜୀବିତ ରଖିଥିଲା, ଯାହାକୁ ଆମେ ଏହି ଅଧ୍ୟାୟରେ ଆଲୋଚନା କରିବା ।



https://withteachers.in/



ଚିତ୍ର ୩.୬: ମହାରାଷ୍ଟ୍ର-ଗୋଆ ସୀମାନ୍ତରେ ଥିବା 'ସିନ୍ଧୁଦୁର୍ଗ' ଯାହା ମରାଠାମାନେ ନିର୍ମାଣ କରିଥିବା ଦୁର୍ଗମାନଙ୍କ ମଧ୍ୟରୁ ଗୋଟିଏ।

ଶିବାଜୀଙ୍କର ରାଜ୍ୟ ଖୁବ୍ ଶୀଘ୍ର ଭାରତର ପଶ୍ଚିମ ଉପକୂଳ ଆଡ଼କୁ ପ୍ରସାରିତ ହେଲା ଏବଂ ଉପକୂଳ ଅଞ୍ଚଳର ସମ୍ପଦକୁ ଅକ୍ତିଆର କରିବା ଲକ୍ଷ୍ୟରେ ତାଙ୍କୁ ଏକ ନୌସେନା ଗଠନ କରିବାର ଆବଶ୍ୟକ ପଡ଼ିଲା। ବାସ୍ତବରେ ସେହି ସମୟରେ ଶିବାଜୀଙ୍କର ଏହା ଥିଲା ଏକ ବୈପ୍ଲବିକ ପଦକ୍ଷେପ। ତୁଳନାତ୍ମକ ଦୃଷ୍ଟିରୁ ଦେଖିଲେ, ବିଜାପୁରର ଆଦିଲ ଶାହୀ ସୁଲତାନେତ୍ ବାଣିଜ୍ୟିକ ଜାହାଜଗୁଡ଼ିକ ରଖିଥିଲେ ମଧ୍ୟ ଉପକୂଳକୁ ସୁରକ୍ଷା ଦେବାପାଇଁ ଏକ ନିୟମିତ ନୌସେନାର ବ୍ୟବସ୍ଥା କରିପାରିନଥିଲେ। ଏପରିକି ମୋଗଲ ସାମ୍ରାଜ୍ୟ ଦ୍ୱାରା ନିଯୁକ୍ତ ନୌଶକ୍ତି ଅତ୍ୟନ୍ତ ସ୍ୱଳ୍ପ ଥିଲା। ତେଣୁ ମରାଠା ନୌବାହିନୀ ଗଠନ ଏକ ନୂତନ ଦିଗନ୍ତ ସୃଷ୍ଟି କରିଥିଲା।

ନିଜର ଲୋକମାନଙ୍କୁ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ଶିବାଜୀ ଏକ ଅଭିନବ ଯୁଦ୍ଧ ବିଦ୍ୟା 'ଗରିଲା' ରଣ କୌଶଳ ଆରମ୍ଭ କରିଥିଲେ। ଯେଉଁଥିରେ କେତେକ ଲୋକଙ୍କୁ ଛୋଟ ଛୋଟ ଦଳରେ ବିଭକ୍ତ କରାଯାଇ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ନିୟୋଜିତ କରାଯାଇଥାଏ। ସେମାନେ ନିର୍ଦ୍ଦିଷ୍ଟ ଏକ ସ୍ଥାନରେ ଲୁଚି ରହି ଅତର୍କିତ ଭାବରେ ଖୁବ୍ ଦ୍ରୁତ ଗତିରେ ଶତ୍ରୁ ଉପରେ ଆକ୍ରମଣ କରି ପରାସ୍ତ କରିଥାନ୍ତି। ଶିବାଜୀଙ୍କର ସଫଳତା ଖୁବ୍ ଶୀଘ୍ର ବିଜାପୁର ସୁଲତାନ୍‌ଙ୍କର କ୍ରୋଧର କାରଣ ହେଲା। ଯାହାର ଫଳସ୍ୱରୂପ ବିଜାପୁର ସୁଲତାନ ତାଙ୍କର ଦକ୍ଷ ସେନାପତି ଆଫଜଲ୍ ଖାଁଙ୍କୁ ଶିବାଜୀଙ୍କ ବିରୁଦ୍ଧରେ ପ୍ରେରଣ କରିଥିଲେ। ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ପ୍ରତାପଗଡ଼ ଦୁର୍ଗରେ ପରସ୍ପର ସାମ୍ନାସାମ୍ନି ସାକ୍ଷାତ କରିବା ପାଇଁ ଶିବାଜୀ ଓ ତାଙ୍କର ପରାମର୍ଶଦାତାମାନେ ଆଫଜଲ ଖାଁଙ୍କୁ ମନେଇ ପାରିଥିଲେ। ସେଠାରେ ଶିବାଜୀ ଆଫଜଲ୍ ଖାଁଙ୍କୁ ବାଘନଖ ଦ୍ୱାରା ହତ୍ୟା କରିଥିଲେ ଏବଂ ପାହାଡ଼ରେ ଲୁଚିରହିଥିବା ସୈନ୍ୟମାନେ ଗରିଲା ଯୁଦ୍ଧରେ ଆଫଜଲ ଖାଁଙ୍କ ସୈନ୍ୟଙ୍କର ମୂଳୋତ୍ପାଟନ କରିଥିଲେ।

### ଏହା ବିଷୟରେ ଚିନ୍ତା କର

ଯଦି ତୁମେ ସମୟ ଯାତ୍ରା କରି ଶିବାଜୀଙ୍କ ସହିତ ସାକ୍ଷାତ କର, ତେବେ କେଉଁ ତିନୋଟି ପ୍ରଶ୍ନ ତୁମେ ତାଙ୍କୁ ପଚାରିବ ଓ କାହିଁକି ?



https://withteachers.in/

## ମନେରଖ

ବାଘନଖ ହେଉଛି ଏକ କ୍ଷୁଦ୍ର ଅସ୍ତ୍ର ଯାହା ବାଘର ପଞ୍ଝାପରି ଦେଖାଯାଇଥାଏ। ଶିବାଜୀ ଏହି ବାଘନଖ ଦ୍ୱାରା ଆଫଜଲ ଖାଁକୁ ହତ୍ୟା କରିଥିଲେ।


ଚିତ୍ର : ୩.୭ : ବାଘନଖ ବା ବାଘର ପଞ୍ଝା

## ଆସ ଅନୁସନ୍ଧାନ କରିବା

ଗରିଲା ଯୁଦ୍ଧ କୌଶଳ ସମ୍ପର୍କରେ ଅଧିକ ଜାଣିବାକୁ ଚେଷ୍ଟା କର। ପୃଥିବୀର ଅନ୍ୟ କେଉଁ ଦେଶ ଏ ପ୍ରକାର ଯୁଦ୍ଧ କୌଶଳ ଅନୁସରଣ କରିଛନ୍ତି ? ଏହି ଯୁଦ୍ଧ କୌଶଳ ଅନୁସରଣ କରିବା ପାଇଁ କେଉଁ ପ୍ରକାର ଭୌଗୋଳିକ ଅବସ୍ଥା ବିଶେଷ ଫଳପ୍ରଦ ? ତୁମର ଚିନ୍ତାଧାରା ଦଳ ଭିତରେ ଆଲୋଚନା କର।

**ଲକ୍ଷ୍ୟଭେଦୀ ଆକ୍ରମଣ (Surgical Strike) :**

ଏହା ହେଉଛି ଏକ ସାମରିକ ଆକ୍ରମଣ ଯେଉଁଥିରେ ଏକ ନିର୍ଦ୍ଦିଷ୍ଟ ବସ୍ତୁ ବା ଅଞ୍ଚଳର ଧ୍ୱଂସ ସାଧନ କରାଯାଇଥାଏ। ବିନା କ୍ଷତି ବା ସାମାନ୍ୟ ପରିମାଣ ଧନ, ଜୀବନ ନଷ୍ଟ କରିଥାଏ।

ପରବର୍ତ୍ତୀ ସମୟରେ ମୋଗଲ ସେନାପତି ସାୟସ୍ତ ଖାଁ ଏକ ବିଶାଳ ସୈନ୍ୟବାହିନୀ ଦ୍ୱାରା ଦୀର୍ଘ ତିନି ବର୍ଷ କାଳ ଶିବାଜୀଙ୍କ ରାଜ୍ୟକୁ ଆକ୍ରମଣ କଲେ। ଶେଷରେ ମାତ୍ର ଅଳ୍ପ କେତେକ ସୈନ୍ୟଙ୍କ ସହାୟତାରେ ଶିବାଜୀ ରାତି ସମୟରେ ସାୟସ୍ତ ଖାଁଙ୍କ ଶିବିର ଉପରେ ଆକ୍ରମଣ କଲେ। ଏହି ଆକ୍ରମଣରେ ସାୟସ୍ତ ଖାଁ ନିଜର କେତୋଟି ଅଙ୍ଗୁଳି ହରାଇବା ସହିତ ଅଳ୍ପକେ ଖସିଗଲେ ଏବଂ ଖୁବ୍ ଶୀଘ୍ର ମହାରାଷ୍ଟ୍ର ପରିତ୍ୟାଗ କଲେ। ଶିବାଜୀଙ୍କର ଏହି ଅତର୍କିତ ଆକ୍ରମଣକୁ ଆଜିର ସମୟରେ ସର୍ଜିକାଲ ଷ୍ଟ୍ରାଇକ୍ ବା ଲକ୍ଷ୍ୟଭେଦୀ ଆକ୍ରମଣ ବୋଲି କୁହାଯାଏ।

ଦୀର୍ଘ ତିନି ବର୍ଷ ଧରି ଲଗାତର ଆକ୍ରମଣାତ୍ମକ କାର୍ଯ୍ୟକଳାପ ଯୋଗୁଁ ମୋଗଲ ସାମ୍ରାଜ୍ୟର ଏକ ଧନଶାଳୀ ସହର ସୁରତ୍ (ବର୍ତ୍ତମାନର ଗୁଜୁରାଟରେ)କୁ ନିଜ ଅକ୍ତିଆରକୁ ଆଣିଥିଲେ। ସେଠାରୁ ସେ ଏକ କୋଟିରୁ ଅଧିକ ଅର୍ଥ ଲାଭ କରିଥିଲେ ଯାହା ସେତେବେଳର ଏକ ବୃହତ୍ ପରିମାଣର ସମ୍ପଦ। କିନ୍ତୁ ସେ କୌଣସି ଧାର୍ମିକ ସ୍ଥାନକୁ ଆକ୍ରମଣ କରିନଥିଲେ, ଏପରିକି ମୋହନ ଦାସ ପାରେଖ ନାମକ ଜଣେ ଦାନୀ ବ୍ୟକ୍ତଙ୍କ ଗୃହକୁ ମଧ୍ୟ ଏହି ଆକ୍ରମଣରୁ ବାଦ୍ ଦେଇଥିଲେ। କିଛି ବର୍ଷ ପରେ ସେ ପୁନର୍ବାର ସୁରତ ଅଧିକାର କରିଥିଲେ। ଏହି ଘଟଣା ସେତେବେଳେ ଏତେ ଖ୍ୟାତିଲାଭ କରିଥିଲା ଯେ ଇଂରାଜୀ ସମ୍ବାଦପତ୍ର 'ଲଣ୍ଡନ ଗେଜେଟ୍' ରେ ଏହା ପ୍ରକାଶ ପାଇଥିଲା। ତାଙ୍କୁ ଯଦି ଯଥାଶୀଘ୍ର ଅର୍ଥ ପ୍ରଦାନ କରାନଯାଏ, ତେବେ ସେ ପୁନର୍ବାର ସୁରତ ସହରକୁ ଅଧିକାର କରି ଧ୍ୱଂସ କରି ଦେବେ ବୋଲି ୟୁରୋପୀୟ କୂଟନୈତିକ ପ୍ରତିନିଧିମାନଙ୍କୁ ଚିଠି ଲେଖିଥିଲେ।

ସୁରତ ସହରକୁ ଅଧିକାର କରିବା ଶକ୍ତିଶାଳୀ ମୋଗଲ ସାମ୍ରାଜ୍ୟ ପ୍ରତି ଅତ୍ୟନ୍ତ ଅପମାନଜନକ ଥିଲା। ତେଣୁ ମୋଗଲ ବାଦଶାହା ଆଉରଙ୍ଗଜେବ ଶିବାଜୀଙ୍କୁ ପରାସ୍ତ କରିବା ପାଇଁ ବିଶିଷ୍ଟ ରାଜପୁତ୍ ସେନାପତି ଜୟ ସିଂହଙ୍କୁ ପଠାଇଥିଲେ। ଶିବାଜୀ ପରାଜିତ ହେବାପରେ ୧୬୬୫ ଖ୍ରୀଷ୍ଟାବ୍ଦରେ ପୁନେ ନିକଟବର୍ତ୍ତୀ ପୁରନ୍ଦର ଦୁର୍ଗରେ ଜୟସିଂହଙ୍କ ସହିତ ଏକ ଚୁକ୍ତି ସ୍ୱାକ୍ଷରିତ କରିଥିଲେ। ଶିବାଜୀ ତାଙ୍କ ରାଜ୍ୟର ଏକ ବୃହତ୍ତମ ଅଂଶ ଦେବା ସହିତ ତାଙ୍କର ପୁତ୍ର ସାମ୍ଭାଜୀଙ୍କୁ ମୋଗଲ ଶାସନ କାର୍ଯ୍ୟରେ ନିୟୋଜିତ ହେବାକୁ ପଡ଼ିଥିଲା।


https://withteachers.in/

ଆଗ୍ରାସ୍ଥିତ ମୋଗଲ ଦରବାରକୁ ପରିଦର୍ଶନ କରିବା ପାଇଁ ଜୟ ସିଂହ ଶିବାଜୀଙ୍କୁ ପ୍ରବର୍ତ୍ତାଇଥିଲେ । ସେଠାରେ ଶିବାଜୀଙ୍କୁ ଆଉରଙ୍ଗଜେବ ଓ ପୂର୍ବରୁ ତାଙ୍କଦ୍ୱାରା ପରାଜିତ ହୋଇଥିବା ମୋଗଲ ସେନାପତିଙ୍କ ସମ୍ମୁଖରେ ଠିଆ ହେବାକୁ କୁହାଯାଇଥିଲା । ଶିବାଜୀ ଅପମାନରେ କ୍ରୋଧିତ ହୋଇ ଆଉରଙ୍ଗଜେବଙ୍କ ଦରବାରରୁ ବାହାରକୁ ଚାଲି ଆସିଲେ, କିନ୍ତୁ ଆଉରଙ୍ଗଜେବ ତାଙ୍କୁ ଗୃହବନ୍ଦୀରେ ରଖିଥିଲେ । ଏଥିରୁ ମୁକ୍ତି ପାଇବା ପାଇଁ ଶିବାଜୀ ଏକ ରଣକୌଶଳ ପ୍ରସ୍ତୁତ କଲେ । ସେ ଧାର୍ମିକ ବ୍ୟକ୍ତି, ସାଧୁ ସନ୍ଥ ଓ ମୋଗଲ ସେନାପତିମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଉପହାର ବଣ୍ଟନ କରିବାକୁ ଆରମ୍ଭ କଲେ । ଏହିସବୁ ଉପହାର ମୁଖ୍ୟତଃ ବିଭିନ୍ନ ଫଳ, ମିଠା ଓ ଲଡୁ ଥିଲା ଯାହା ବଡ଼ ବଡ଼ ଟୋକେଇରେ ଭର୍ତ୍ତି କରାଯାଇଥିଲା । ପ୍ରଥମେ ପ୍ରଥମେ ସୁରକ୍ଷାକର୍ମୀ ବା ଜଗୁଆଳୀମାନେ ଏହିସବୁ ଉପହାର ଭର୍ତ୍ତି ଟୋକୋଇଗୁଡ଼ିକୁ ତନଖି କରୁଥିଲେ, କିନ୍ତୁ ପରବର୍ତ୍ତୀ ସମୟରେ ଆଉ ସେପରି କଲେ ନାହିଁ । ଏହାରି ସୁଯୋଗରେ ଶିବାଜୀ ଏବଂ ତାଙ୍କର ପୁତ୍ର ସାମ୍ଭାଜୀ ଟୋକେଇ ଭିତରେ ପଶି ବାହାରକୁ ଖସି ଚାଲିଯାଇଥିଲେ । ଆଉରଙ୍ଗଜେବ ପୁନର୍ବାର ଶିବାଜୀଙ୍କୁ ବନ୍ଦୀ କରିପାରି ନଥିଲେ ।



ଚିତ୍ର : ୩.୮ : ଶିବାଜୀଙ୍କର ରାଜ ଦରବାରର ଏକ ଦୃଶ୍ୟ ଯେଉଁଠାରେ ଶିବାଜୀ ସିଂହାସନରେ ବସିଛନ୍ତି ଏବଂ ଦର୍ଶକମାନଙ୍କୁ ସ୍ୱାଗତ କରୁଛନ୍ତି

କିଛି ବର୍ଷ ପରେ ୧୬୭୪ ମସିହାରେ ବୈଦିକ ରୀତିନୀତି ଅନୁସାରେ ସୁଦୃଢ଼ ପାର୍ବତ୍ୟ ଦୁର୍ଗ ରାୟଗଡ଼ଠାରେ ଶିବାଜୀଙ୍କର ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଅଭିଷେକ ପରେ ଶିବାଜୀ ତାଙ୍କ ପାରମ୍ପରିକ ପଦବୀ 'ଶ୍ରୀରାଜା ଶିବ ଛତ୍ରପତି' ଗ୍ରହଣ କରିବା ସହିତ ପୂର୍ବ ଶାସକମାନଙ୍କ ପରି ଏକ ନୂତନ ଅବ୍ଦ "ରାଜ୍ୟାଭିଷେକ ଶକ" ପ୍ରଚଳନ କରିଥିଲେ ।


ଏହାପରେ ଶିବାଜୀ ତାଙ୍କର ଦାକ୍ଷିଣାତ୍ୟ ବିଜୟରେ ଅଗ୍ରସର ହୋଇଥିଲେ ଯାହାକୁ 'ଦକ୍ଷିଣ-ଦିଗ୍‌ବିଜୟ' ବୋଲି କୁହାଯାଏ । ଏଥିରେ ସେ ବର୍ତ୍ତମାନର ଉତ୍ତର ତାମିଲନାଡୁ ଏବଂ କର୍ଣ୍ଣାଟକର କେତେକ ଗୁରୁତ୍ୱପୂର୍ଣ୍ଣ ତଥା ଅସୁରକ୍ଷିତ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରିଥିଲେ (ଚିତ୍ର: ୩.୯ ଦେଖ) । ଶିବାଜୀଙ୍କର ଏହି ଦାକ୍ଷିଣାତ୍ୟ ଅଭିଯାନ ପରବର୍ତ୍ତୀ ସମୟରେ ମରାଠାମାନଙ୍କୁ ଶକ୍ତିଶାଳୀ ମୋଗଲ ଆକ୍ରମଣ ବିରୁଦ୍ଧରେ ରଣକୌଶଳ ପାଇଁ ବିଶେଷ ସହାୟକ ହୋଇଥିଲା ।



https://withteachers.in/

## ମନେରଖ

ଶିବାଜୀ ଦକ୍ଷିଣରେ ଥିବାବେଳେ ଡଚ୍‌ମାନଙ୍କ ଦ୍ୱାରା କରାଯାଉଥିବା 'କ୍ରୀତଦାସ' ବ୍ୟବସାୟକୁ ବନ୍ଦ କରାଇଥିଲେ। ସେତେବେଳେ ଅଧିକାଂଶ ୟୁରୋପୀୟ ଭାରତୀୟମାନଙ୍କୁ ବନ୍ଦୀକରି କ୍ରୀତଦାସ ଭାବରେ ବିକ୍ରୟ କରୁଥିଲେ ଏବଂ ଶିବାଜୀ ଏହାର ପ୍ରତିବାଦ କରିବା ପୂର୍ବରୁ କୌଣସି ଭାରତୀୟ ଶକ୍ତି ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିନଥିଲେ। ଏପରି ଘୃଣ୍ୟ କାର୍ଯ୍ୟ ବିରୁଦ୍ଧରେ ଶିବାଜୀଙ୍କର ପ୍ରତିବାଦ ତାଙ୍କର ପ୍ରଜାମାନଙ୍କ ପ୍ରତି ଥିବା ଗଭୀର ଭଲ ପାଇବା ଓ ମାନବିକତାର ଜ୍ୱଳନ୍ତ ଉଦାହରଣ।




ଚିତ୍ର : ୩.୯ : ପ୍ରାୟତଃ ୧୬୮୦ ମସିହାରେ ଶିବାଜୀଙ୍କର ରାଜ୍ୟ
(ଏକୋଜୀଙ୍କ ଶାସନ ସମ୍ପର୍କରେ ଏହି ଅଧ୍ୟାୟର ଶେଷ ଆଡ଼କୁ ବର୍ଣ୍ଣନା କରାଯାଇଛି।)




https://withteachers.in/

ପଚାଶ ବର୍ଷ ବୟସରେ ଜ୍ୱର ଯୋଗୁଁ ଶିବାଜୀଙ୍କର ମୃତ୍ୟୁ ହୋଇଥିଲା । ସେ ଥିଲେ ବାସ୍ତବରେ ଜଣେ ପ୍ରକୃତ ଦୂରଦ୍ରଷ୍ଟା ଓ ଦକ୍ଷ ରଣନୀତିଜ୍ଞ । ଜୀବନକାଳ ମଧ୍ୟରେ ତାଙ୍କର କାର୍ଯ୍ୟକଳାପ ଆଜି ଭାରତ ତଥା ଭାରତ ବାହାରେ କିମ୍ବଦନ୍ତୀ ରୂପ ନେଇଛି । ୟୁରୋପୀୟମାନେ ଶିବାଜୀଙ୍କୁ ପ୍ରାଚୀନ ଯୋଦ୍ଧା ଗ୍ରୀକ୍‌ବୀର ଆଲେକଜାଣ୍ଡାରଙ୍କ ସହିତ ତୁଳନା କରିଥାନ୍ତି । ବୁନ୍ଦେଲ ରାଜକୁମାର ଛତ୍ରଶାଲ୍ ମୋଗଲମାନଙ୍କ ବିରୁଦ୍ଧରେ ଶିବାଜୀଙ୍କ ରଣନୀତି ଦ୍ୱାରା ଏପରି ଭାବରେ ପ୍ରଭାବିତ ହୋଇଥିଲେ ଯେ ପରବର୍ତ୍ତୀ ସମୟରେ ଏକ ସ୍ୱାଧୀନ ବୁନ୍ଦେଲଖଣ୍ଡ ରାଜ୍ୟ (ବର୍ତ୍ତମାନର ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶର ଅଂଶ) ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଥିଲେ । ପ୍ରଖ୍ୟାତ ହିନ୍ଦୀ କବି ଭୂଷଣ ବିଶେଷକରି ଶିବାଜୀଙ୍କୁ ଦେଖା କରିବାକୁ ମହାରାଷ୍ଟ୍ର ଆସିଥିଲେ ଏବଂ ତାଙ୍କୁ ପ୍ରଶଂସା କରି ଅନେକ କବିତା ରଚନା କରିଥିଲେ ଯାହା ଆଜି ମଧ୍ୟ ଲୋକପ୍ରିୟ ହୋଇପାରିଛି ।

**ଆସ ଅନୁସନ୍ଧାନ କରିବା**

ଶିବାଜୀଙ୍କ ଜୀବନର କୌଣସି ଏକ ଘଟଣାକୁ ନିଅ ଏବଂ ଶ୍ରେଣୀରେ ସାଙ୍ଗମାନଙ୍କ ସହିତ ଏହାକୁ ଅଭିନୟ କର ।



## ଶିବାଜୀଙ୍କ ପରେ ମରାଠା

ସାମ୍ଭାଜୀ ଓ ରାଜାରାମ ନାମରେ ଶିବାଜୀଙ୍କର ଦୁଇଟି ପୁତ୍ର ଥିଲେ । ଶିବାଜୀଙ୍କ ମୃତ୍ୟୁପରେ ସାମ୍ଭାଜୀ 'ଛତ୍ରପତି' ହେଲେ । ସେତେବେଳେ ଦକ୍ଷିଣରେ କେବଳ ମରାଠାମାନେ ହିଁ ମୋଗଲମାନଙ୍କର ପ୍ରତିରୋଧ କରୁଥିଲେ । ଆଉରଙ୍ଗଜେବ ଦାକ୍ଷିଣାତ୍ୟ ଆକ୍ରମଣକରି ବିଜାପୁର (ଆଦିଲ ସାହି) ଏବଂ ଗୋଲକୋଣ୍ଡା (କୁତବ ସାହି) ଅଧିକାର କରିଥିଲେ । ତା'ପରେ ସେ ସାମ୍ଭାଜୀଙ୍କୁ ବନ୍ଦୀ କରିଥିଲେ ଏବଂ ତାଙ୍କୁ ଅମାନୁଷିତ ଯନ୍ତ୍ରଣାଦେଇ ହତ୍ୟା କରିଥିଲେ । ଏହାପରେ ସେ ମରାଠାର ରାଜଧାନୀ ରାୟଗଡ଼କୁ ଅଧିକାର କରିଥିଲେ ।

ସାମ୍ଭାଜୀଙ୍କ ପରେ ରାଜାରାମ ଛତ୍ରପତି ହେଲେ ଏବଂ ଗିଙ୍ଗୀ (ବର୍ତ୍ତମାନର ତାମିଲନାଡୁ)କୁ ପଳାୟନ କଲେ । ଫଳରେ ମୋଗଲ-ମରାଠା ବିବାଦ ଦକ୍ଷିଣ ଭାରତକୁ ବ୍ୟାପି ଯାଇଥିଲା । ମରାଠାମାନେ ଦୃଢ଼ ଭାବରେ ସେମାନଙ୍କର ଦୁର୍ଗଗୁଡ଼ିକୁ ସୁରକ୍ଷା ଦେଇଥିଲେ ଏବଂ ଯୁଦ୍ଧ ବା ଲଢ଼େଇରେ ମୋଗଲ ବାହିନୀକୁ ଶକ୍ତ ଜବାବ ଦେଇଥିଲେ । ତେଣୁ ଆଉରଙ୍ଗଜେବ ଦାକ୍ଷିଣାତ୍ୟକୁ ଛାଡ଼ି ଯାଇପାରିଲେ ନାହିଁ ଏବଂ ମୃତ୍ୟୁବରଣ କରିବା ପର୍ଯ୍ୟନ୍ତ ମରାଠାମାନଙ୍କୁ ଦମନ କରିବାକୁ ସକ୍ଷମ ହୋଇପାରିନଥିଲେ । ଫଳରେ ଦାକ୍ଷିଣାତ୍ୟରେ ମରାଠାମାନେ ମୋଗଲମାନଙ୍କର ପ୍ରମୁଖ ଦାବୀଦାର ହୋଇ ଉଭା ହେଲେ । ରାଜାରାମଙ୍କ ରାଣୀ ତାରାବାଈଙ୍କ ନେତୃତ୍ୱରେ ମରାଠାମାନେ ମୋଗଲ ଶାସିତ ଅଞ୍ଚଳମାନଙ୍କରେ ନିଜ ଆଧିପତ୍ୟ ବିସ୍ତାର କରିବା ସଂଗେ ସଂଗେ ଭାରତର ଅନେକ ଅଂଚଳକୁ ନିଜ ଅଧିକାରକୁ ଆଣି ପାରିଥିଲେ ।

ଦ୍ରୁତ ସାମ୍ରାଜ୍ୟ ବିସ୍ତାର ସହିତ ମରାଠାମାନେ ସଂରଚନାତ୍ମକ ପରିବର୍ତ୍ତନ ପ୍ରତି ବିଶେଷ ଧ୍ୟାନ ଦେଇଥିଲେ । ଶିବାଜୀଙ୍କ ସମୟରୁ ନାମକୁ ମାତ୍ର ଛତ୍ରପତିଙ୍କଠାରେ କେନ୍ଦ୍ରୀଭୂତ ହୋଇଥିବା ରାଜ୍ୟ ଅଧିକ ବିକେନ୍ଦ୍ରୀକରଣ ପାଇଁ ବାଟ ଦେଖାଇଲା । କିନ୍ତୁ ମୁଖ୍ୟ ଶାସକଙ୍କୁ ଅଧିକ କ୍ଷମତା ପ୍ରଦାନ



https://withteachers.in/



ଚିତ୍ର : ୩.୧୦ : ଛତ୍ରପତି ସାହୁ ମହାରାଜ (ସାମ୍ଭାଜୀଙ୍କ ପୁତ୍ର) ଡାହାଣକୁ ବସିଛନ୍ତି, ଉପରେ ବାଜପକ୍ଷୀର ପ୍ରଦର୍ଶନ ଏବଂ ନାନାସାହେବ ପେଶୱା ଉପସ୍ଥିତ ଅଛନ୍ତି ।

କଲା । ବିଶେଷକରି ପେଶୱା (ଏକ ପାରସ୍ୟ ଶବ୍ଦ ଯାହା ପ୍ରଧାନମନ୍ତ୍ରୀଙ୍କ ନିମନ୍ତେ ବ୍ୟବହୃତ ହୋଇଥାଏ) ଛତ୍ରପତିଙ୍କଠାରୁ ଅଧିକ ପ୍ରଭାବ ବିସ୍ତାର କଲେ । ମୁଖ୍ୟତଃ ପେଶୱା ବାଜିରାଓ ୧ମ ଏବଂ ତାଙ୍କର ପୁତ୍ର ନାନାସାହେବ ପେଶୱା ସର୍ବଭାରତୀୟ ମରାଠା ଶାସନ ପ୍ରସାରରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

ମରାଠମାନେ ଭାରତର ଏକ ବୃହତ୍ ଅଞ୍ଚଳକୁ ନଜ ନିୟନ୍ତ୍ରଣକୁ ନେବା ସହିତ ସେଠାରେ ସୁଶାସନ ପ୍ରଣୟନ କରିପାରିଥିଲେ । କିନ୍ତୁ ଆଞ୍ଚଳିକ ଶାସକମାନେ ଅଧିକ କ୍ଷମତା ଓ ସ୍ୱାଧୀନତା ଲାଭ କରିବାରୁ ଅନେକ ସମୟରେ ଅନୁଶାସନର ଅଭାବ ପରିଲକ୍ଷିତ ହେଲା, ଯାହା ଶିବାଜୀଙ୍କ ଶାସନର ମୂଲ୍ୟବୋଧର ବିପରୀତ ଥିଲା । ଉଦାହରଣ ସ୍ୱରୂପ ବଙ୍ଗଳାରେ ମରାଠାମାନଙ୍କର ଦଶବର୍ଷର ଯୁଦ୍ଧ ଅଭିଯାନ ସମୟରେ ସାଧାରଣ ଜନତାଙ୍କ ଉପରେ ଅନେକ ବର୍ବରତା ଓ ଧ୍ୱଂସର ଦମନଲୀଳା ଦେଖିବାକୁ ମିଳିଥିଲା ।

ସେମାନଙ୍କର ଉତ୍ତରାଭିମୁଖୀ ଅଭିଯାନ ସମୟରେ ମରାଠାମାନେ ଲାହୋର, ଆଟକ୍ ଏବଂ ଏପରିକି ପେଶୱାର (ଆଧୁନିକ ପାକିସ୍ଥାନ) ଆଦି ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ଆଣିପାରିଥିଲେ । ସେମାନେ ଆଫଗାନ୍‌ମାନଙ୍କ ସହିତ ସଂଘର୍ଷ କରିଥିଲେ ଏବଂ ୧୭୬୧ରେ ପାନିପଥ ଯୁଦ୍ଧରେ ଶୋଚନୀୟ ପରାଜିତ ହୋଇଥିଲେ ମଧ୍ୟ ପେଶୱା ମାଧବରାଓ ୧ମଙ୍କ ସମୟରେ ପୁଣି ନିଜକୁ ସୁଦୃଢ଼ କରିପାରିଥିଲେ । ମହାଦ୍‌ଜୀ ସିନ୍ଦେ (ମହାଦ୍‌ଜୀ ସିନ୍ଧିଆ)ଙ୍କ ନେତୃତ୍ୱରେ ୧୭୭୧ ମସିହାରେ ମରାଠାମାନେ ପୁନର୍ବାର ଦିଲ୍ଲୀ ଅଧିକାର ନିମିତ୍ତ ଅଗ୍ରସର ହୋଇଥିଲେ ଏବଂ ତିନି ଦଶନ୍ଧି ପରେ ଇଂରେଜମାନେ ଏହାକୁ ଅଧିକାର କରିବା ପର୍ଯ୍ୟନ୍ତ ଦିଲ୍ଲୀ ମରାଠାମାନଙ୍କ ନିୟନ୍ତ୍ରଣରେ ରହିଥିଲା ।

ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗ ବେଳକୁ ଭାରତରେ ଇଂରେଜମାନଙ୍କର ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ ଭାବରେ ମରାଠାମାନେ ହିଁ ଉଭା ହୋଇଥିଲେ । ୧୭୭୫ରୁ ୧୮୧୮ ଖ୍ରୀ:ଅ: ମଧ୍ୟରେ ଘଟିଯାଇଥିଲା ତିନୋଟି ଆଙ୍ଗ୍ଲୋ-ମରାଠା (ଇଂରେଜ-ମରାଠା) ଯୁଦ୍ଧ ଇଂରେଜ ଓ ମରାଠାମାନଙ୍କ ଦ୍ୱାରା ସଂଗଠିତ ହୋଇଥିଲା । ମରାଠାମାନଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ତଥା ଇଂରେଜମାନଙ୍କର ସାଙ୍ଗଠନିକ ଓ ବୈଷୟିକ ଦକ୍ଷତା ଯୋଗୁଁ ସେମାନେ ମରାଠା ଶକ୍ତି ଉପରେ ବିଜୟ ଲାଭ ସହିତ ସେମାନଙ୍କ ଶକ୍ତିକୁ ସମାପ୍ତ କରିବାରେ ସକ୍ଷମ ହୋଇପାରିଥିଲେ । ଏହା ଫଳରେ ଇଂରେଜମାନେ ମୋଗଲ ଓ ଅନ୍ୟାନ୍ୟ ଶକ୍ତିମାନଙ୍କ ଅପେକ୍ଷା ମରାଠାମାନଙ୍କଠାରୁ ଭାରତର ଅଧିକ ଅଞ୍ଚଳ ଅକ୍ତିଆର କରିଥିଲେ ।



https://withteachers.in/




ଚିତ୍ର : ୩.୧୧ : ୧୭୫୯ ଖ୍ରୀ:ଅ:ରେ ମରାଠା ସାମ୍ରାଜ୍ୟର ପରିସର





https://withteachers.in/

## ମନେରଖ

ତୁମେ ଜାଣିଥିଲକି ପେଶବାଙ୍କ ଅଧିନସ୍ଥ ଜଣେ କ୍ଷମତାଶାଳୀ ଅଧିକାରୀ ନାନା ଫଡ଼ନାବିଶ୍ ଯାହାଙ୍କୁ ପ୍ରଥମ ଅଖିଳ ଭାରତୀୟ ବ୍ରିଟିଶ ବିରୋଧୀ ମେଣ୍ଟ କରିଥିବାର ଶ୍ରେୟ ଦିଆଯାଇଥାଏ ? ସେ ମଧ୍ୟ ମୈଶୁରର ହାଇଦର ଅଲ୍ଲୀ ଏବଂ ହାଇଦ୍ରାବାଦର ନିଜାମଙ୍କ ପରି ପୂର୍ବର ବ୍ରିଟିଶ ବିରୋଧୀମାନଙ୍କୁ ଏକତ୍ରିତ କରିବାରେ ସକ୍ଷମ ହୋଇପାରିଥିଲେ ।



ଚିତ୍ର : ୩.୧୨ : ପ୍ରଥମ ଇଂରେଜ–ମରାଠା ଯୁଦ୍ଧ ପରେ ଜଣେ ବ୍ରିଟିଶ ଅଧିକାରୀ ନାନା ଫଡ଼ନାବିଶ୍ ଓ ମହାଦ୍‌ଜୀ ସିନ୍ଦେଙ୍କ ନିକଟରେ ଆତ୍ମ ସମର୍ପଣ କରୁଛନ୍ତି ।

## ମରାଠା ଶାସନ : ସାଧାରଣ ପ୍ରଶାସନ

ଶିବାଜୀ ତାଙ୍କର ରାଜ୍ୟପାଇଁ ଅପେକ୍ଷାକୃତ ଏକ କେନ୍ଦ୍ରୀୟ ଶାସନ ପ୍ରତିଷ୍ଠା କରିଥିଲେ । ସୁଲତାନ ଓ ମୋଗଲମାନଙ୍କ ଦ୍ୱାରା ପ୍ରଚଳିତ ବଂଶାନୁକ୍ରମିକ ସରକାରୀ ପଦବୀ ତଥା ଜାଗିରୀ ବ୍ୟବସ୍ଥାକୁ ଉଚ୍ଛେଦ କରି ରାଜକୋଷରୁ କର୍ମଚାରୀମାନଙ୍କୁ ବେତନ ଦେବାର ବ୍ୟବସ୍ଥା କରିଥିଲେ । ଅନେକ ଅଧିକାରୀଙ୍କୁ ସମୟାନୁକ୍ରମେ ବିଭିନ୍ନ ସ୍ଥାନକୁ ବଦଳି କରାଯାଉଥିଲା, ଯାହାଫଳରେ ବିଭିନ୍ନ ସମୟରେ ରାଜାଙ୍କ ସହିତ ଅଧିକାରୀମାନେ କୌଣସି ସର୍ତ୍ତ ରଖିବାର ସୁଯୋଗ ପାଉନଥିଲେ ।



ଚିତ୍ର: ୩.୧୩ : ଶିବାଜୀ ନିଜର ସାର୍ବଭୌମତ୍ୱର ନିଦର୍ଶନ ସ୍ୱରୂପ ନିଜ ନାମରେ ସ୍ୱର୍ଣ୍ଣ ଓ ରୌପ୍ୟ ମୁଦ୍ରା ପ୍ରଚଳନ କରିଥିଲେ । ଏଥିରେ ଖୋଦିତ ଦେବନାଗରୀ ଲିପି ତାଙ୍କର ସାଂସ୍କୃତିକ ବୈଶିଷ୍ଟ୍ୟର ପରିଚୟ ଦେଉଥିଲା ।



https://withteachers.in/

## ଏହା ବିଷୟରେ ଚିନ୍ତା କର

ରାଜ୍ୟର କୌଣସି ପ୍ରଜାଙ୍କୁ ଖରାପ ବ୍ୟବହାର କରିବା କିମ୍ବା ବଳପୂର୍ବକ କାହାଠାରୁ ତୃଣ ପତ୍ରଟିଏ ମଧ୍ୟ ନ ନେବା ପାଇଁ ଶିବାଜୀ ସରକାରୀ କର୍ମଚାରୀମାନଙ୍କୁ କଠୋର ଭାବରେ ନିର୍ଦ୍ଦେଶ ଦେଇଥିଲେ। ତାଙ୍କର ରାଜକର୍ମଚାରୀମାନଙ୍କୁ ଏକ ପତ୍ରରେ ଶିବାଜୀ ନିର୍ଦ୍ଦେଶ ଦେଇଥିଲେ:

"ନୌସେନା ପାଇଁ ସାଗୁଆନ ପରି ବଡ଼ ବଡ଼ ବୃକ୍ଷର ଆବଶ୍ୟକତା ରହିଛି। ଯଦି ଆବଶ୍ୟକ ପଡ଼େ ତେବେ ଜଙ୍ଗଲ ବିଭାଗର ଅନୁମତି ନେବା ପରେ ଏପରି ବୃକ୍ଷ କାଟିବାକୁ ହେବ। ଆମ୍ବ ଓ ପଣସ ପରି ଗଛଗୁଡ଼ିକ ମଧ୍ୟ ଅତ୍ୟନ୍ତ ଦରକାରୀ କିନ୍ତୁ ସେସବୁକୁ ଆଦୌ ହାତ ଦେବା ଠିକ୍ ନୁହେଁ। କାରଣ ଏହିସବୁ ବୃକ୍ଷ ପରିପକ୍ୱ ବା ପୂର୍ଣ୍ଣ ବିକଶିତ ହେବା ପାଇଁ ବହୁବର୍ଷ ଲାଗିଯାଇଥାଏ ଏବଂ ଲୋକମାନେ ନିଜ ସନ୍ତାନମାନଙ୍କ ପରି ତାହାର ଯତ୍ନ ନେଇଥାନ୍ତି। ଯଦି ତୁମେ ସେଗୁଡ଼ିକୁ କାଟିଦିଅ, ତେବେ ସେହି ଲୋକମାନଙ୍କର ଦୁଃଖ କ'ଣ ସବୁଦିନ ପାଇଁ ଦୂର ହୋଇଯିବ? କାହାକୁ ଦମନ କରି ବା ଦୁଃଖ ଦେଇ ଯେଉଁ ସଫଳତା ହାସଲ କରାଯାଇଥାଏ, ତାହା ଦମନକାରୀ ସହିତ ସେହି ସଫଳତାର ଶୀଘ୍ର ବିଲୟ ଘଟିଥାଏ। ଠିକ୍ ସେହିପରି ଏହିସବୁ ବୃକ୍ଷର ଅନୁପସ୍ଥିତିରେ ଭୟଙ୍କର ପରିଣାମ ଘଟିଥାଏ। ତେଣୁକରି କୌଣସି ପରିସ୍ଥିତିରେ କେବେହେଲେ ବଳ ପ୍ରୟୋଗ କରିବା ଉଚିତ ନୁହେଁ।"

ଶିବାଜୀଙ୍କ ପତ୍ରକୁ ଭିତ୍ତିକରି ତାଙ୍କର ମୂଲ୍ୟବୋଧ ଉପରେ ଜଣେ ଶାସକ ଭାବରେ ତୁମେ କ'ଣ କହିପାରିବ?

ଚିତ୍ର : ୩.୧୪ : ଶାସନ କାର୍ଯ୍ୟରେ ସହଯୋଗ କରିବା ପାଇଁ ଶିବାଜୀ ତାଙ୍କ ମନ୍ତ୍ରୀମଣ୍ଡଳରେ ଆଠଜଣ ମନ୍ତ୍ରୀଙ୍କୁ ନିଯୁକ୍ତି ଦେଇଥିଲେ ଯାହାଙ୍କୁ "ଅଷ୍ଟ ପ୍ରଧାନ ମଣ୍ଡଳ" ବା "ଅଷ୍ଟ ମନ୍ତ୍ରୀ ପରିଷଦ' ବୋଲି କୁହାଯାଉଥିଲା।




ଚିତ୍ର ୩.୧୪



https://withteachers.in/

ମରାଠାମାନେ ଅନେକ ସମୟରେ ଚୌଥ (ଶହେ ଭାଗରୁ ପଚିଶ ଭାଗ) ଏବଂ ସରଦେଶମୁଖୀ (ଚୌଥକୁ ଛାଡ଼ି ଅତିରିକ୍ତ ଦଶଭାଗ) ନାମକ ଦୁଇ ପ୍ରକାର କର ଆଦାୟ କରୁଥିଲେ। ଦକ୍ଷିଣ ଓ ଉତ୍ତରର କେତେକ ଅଞ୍ଚଳ ସହିତ ଯେଉଁସବୁ ପ୍ରଦେଶ ବା ରାଜ୍ୟ ମରାଠା ସାମ୍ରାଜ୍ୟ ସହିତ ପ୍ରତ୍ୟକ୍ଷ ଭାବରେ ସଂଯୁକ୍ତ ନଥିଲା, ସେହିସବୁ ଅଞ୍ଚଳରେ ପ୍ରଜାମାନଙ୍କଠାରୁ ଏହି ପ୍ରକାର କର ଆଦାୟ କରାଯାଉଥିଲା। ପରିଣାମରେ ମରାଠାମାନେ ଏହିସବୁ ରାଜ୍ୟର ସୁରକ୍ଷା ପ୍ରତି ଧ୍ୟାନ ଦେବା ସହିତ ସେମାନଙ୍କର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରୁନଥିଲେ। ମୋଗଲମାନେ ମଧ୍ୟ ବିଭିନ୍ନ ଚୁକ୍ତି ମାଧ୍ୟମରେ ଏହି ବ୍ୟବସ୍ଥାକୁ ଅନୁମୋଦନ କରୁଥିଲେ। ପରବର୍ତ୍ତୀ ସମୟରେ ଏମାନଙ୍କ ମଧ୍ୟରୁ କେତେକ ରାଜ୍ୟ ବା ପ୍ରଦେଶ ମରାଠା ସାମ୍ରାଜ୍ୟଭୁକ୍ତ ହୋଇଥିଲା।

**ମନେରଖ**

ଅଷ୍ଟାଦଶ ଶତାବ୍ଦୀରେ ନିଜର ଲୋକପ୍ରିୟତା ପାଇଁ ମରାଠାମାନେ ଅନେକ ସମୟରେ ମୋଗଲ ମୁଦ୍ରା ନିର୍ମାଣ କୌଶଳକୁ ଅନୁକରଣ କରିଥିଲେ ମଧ୍ୟ ଏଥିରେ ନିଜର ସାଂସ୍କୃତିକ ସଙ୍କେତକୁ ବ୍ୟବହାର କରୁଥିଲେ। ଉଦାହରଣ ସ୍ୱରୂପ ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ "ଗଣପତି-ପନ୍ତ ପ୍ରଧାନ ରୁପି" ନାମକ ଏହି ମୁଦ୍ରା ପଟ୍ଟବର୍ଦ୍ଧନ (ପେଶୱାଙ୍କ ଅଧିନସ୍ଥ ସେନାପତି)ଙ୍କ ଦ୍ୱାରା ପ୍ରଣିତ ହୋଇଥିଲା। ଏଥିରେ ଦେବନାଗରୀ ଓ ପାର୍ସୀ– ଦୁଇଟି ଲିପିରେ ଖୋଦିତ ହୋଇଛି।



ଚିତ୍ର : ୩.୧୫

ଏହାର ଗୋଟିଏ ପାର୍ଶ୍ୱରେ ଗଣପତି (ଗଣେଶ)ଙ୍କ ମଙ୍ଗଳାଚରଣ କରାଯାଇଥିବାବେଳେ ଅନ୍ୟ ପାର୍ଶ୍ୱରେ ପେଶୱା (ମରାଠୀରେ ପନ୍ତ ପ୍ରଧାନ କୁହାଯାଇଥାଏ)ଙ୍କ ପ୍ରତି ବିଶ୍ୱାସ ଓ ପ୍ରତିବଦ୍ଧତା ଦର୍ଶାଯାଇଥାଏ।

## ସାମରିକ ଶାସନ :


ମରାଠା ସଶସ୍ତ୍ର ବାହିନୀକୁ ତିନି ଭାଗରେ ଯଥା– ପଦାତିକ ବାହିନୀ, ଅଶ୍ୱବାହିନୀ ଓ ନୌବାହିନୀରେ ବିଭକ୍ତ କରାଯାଇଥିଲା। ଅଶ୍ୱ ବାହିନୀକୁ ପୁନର୍ବାର ବର୍ଗୀ ଓ ଶିଲାଦାରରେ ବିଭକ୍ତ କରାଯାଇଥିଲା। ଯେଉଁମାନେ ବର୍ଗୀ ଶ୍ରେଣୀର, ସେମାନଙ୍କର ଅଶ୍ୱ ଓ ଅନ୍ୟାନ୍ୟ ଉପକରଣ ଖର୍ଚ୍ଚ ରାଜ୍ୟବହନ କରୁଥିଲା ଏବଂ ଯେଉଁମାନେ ଶିଲାଦାର, ସେମାନଙ୍କର ଅଶ୍ୱ ଓ ଅନ୍ୟାନ୍ୟ ଉପକରଣ ଖର୍ଚ୍ଚ ସେମାନେ ନିଜେ ବହନ କରୁଥିଲେ। ଅଷ୍ଟାଦଶ ଶତାବ୍ଦୀରେ ମରାଠାମାନେ ୟୁରୋପୀୟମାନଙ୍କର ସୈନ୍ୟବାହିନୀ ଓ ତୋପଖାନାର ସୁବ୍ୟବସ୍ଥିତ ପରିଚାଳନା ସମ୍ପର୍କରେ ଅବଗତ ହେଲେ ଏବଂ ସେମାନେ ସେହପରି ସୈନ୍ୟବାହିନୀ ଗଠନ କରିବାକୁ ଉଦ୍ୟମ କଲେ। ନିର୍ଦ୍ଦିଷ୍ଟ ଭାବରେ ମହାଦ୍‌ଜୀ ସିନ୍ଧେ ୟୁରୋପୀୟ ଢାଞ୍ଚାରେ ଏକ ବିଶାଳ ସୈନ୍ୟବାହିନୀ ଗଠନ କରିଥିଲେ।

ଖଣ୍ଡା ଓ ବର୍ଚ୍ଛା ମରାଠାମାନଙ୍କର ଅତି ପ୍ରିୟ ଅସ୍ତ୍ର ଥିଲା। ଏହା ସତ୍ତ୍ୱେ ଅତି ସ୍ୱଳ୍ପ ପରିମାଣର ବନ୍ଧୁକ ମଧ୍ୟ ସେମାନେ ବ୍ୟବହାର କରୁଥିଲେ। ଶିବାଜୀଙ୍କ ସମୟରେ ସାମରିକ ଅଭିଯାନବେଳେ ରକେଟ୍‌ର ବ୍ୟବହାର କରାଯାଉଥିଲା। ୧୭୭୦ ଖ୍ରୀଷ୍ଟାବ୍ଦ ବେଳକୁ ଧାତୁ ନିର୍ମିତ ରକେଟ୍‌ର ବ୍ୟବହାର ହୋଇଥିବାର ଜଣାଯାଏ।



https://withteachers.in/

ଆମେ ପୂର୍ବରୁ ଜାଣିଛନ୍ତି ଯେ ମରାଠା ଶକ୍ତିର ମୂଳ ଆଧାର ଥିଲା ଫୋର୍ଟ ବା ଦୁର୍ଗ । ଶିବାଜୀ ଅନେକ ଦୁର୍ଗ ନିର୍ମାଣ କରି ସେଗୁଡ଼ିକୁ ନିଜ ନିୟନ୍ତ୍ରଣରେ ରଖିଥିଲେ । କାରଣ ସେ ଜାଣିଥିଲେ ଗରିଲା ଯୁଦ୍ଧ ସମୟରେ ସୈନ୍ୟମାନଙ୍କର ରହଣୀ ଓ ଜଙ୍ଗଲ ମଧ୍ୟରେ ନିର୍ଦ୍ଦିଷ୍ଟ ପଥ ନିର୍ବାଚନରେ ଦୁର୍ଗଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଶିବାଜୀଙ୍କର ଅର୍ଥମନ୍ତ୍ରୀ ରାମଚନ୍ଦ୍ର ପନ୍ତ ଅମାତ୍ୟଙ୍କର ଆଦ୍‌ନ୍ୟାପାତ୍ର (ରାଜାଙ୍କ ଘୋଷଣାନାମା)ରେ ଉଲ୍ଲେଖ ଅଛି:



ଚିତ୍ର : ୩.୧୬ : ମରାଠାମାନଙ୍କ ଦ୍ୱାରା ବ୍ୟବହୃତ କେତୋଟି ଅସ୍ତ୍ରଶସ୍ତ୍ର

"ଦୁର୍ଗଗୁଡ଼ିକ ରାଜ୍ୟର ମୂଳ ଭାଗ ବା କେନ୍ଦ୍ର ଥିଲା । ଦୁର୍ଗଗୁଡ଼ିକ ନଥିଲେ ସାମରିକ ଅଭିଯାନର ପ୍ରବେଶ ପଥରେ ସ୍ଥଳଭାଗ ଧ୍ୱଂସସ୍ତୁପରେ ପରିଣତ ହୋଇଯାଇଥାଏ । ତେଣୁକରି ପୂର୍ବର ରାଜାମାନେ ନିଜ ଦେଶକୁ ସୁରକ୍ଷିତ ରଖିବା ନିମନ୍ତେ ଅଧିକରୁ ଅଧିକ ଦୁର୍ଗ ନିର୍ମାଣକୁ ଗୁରୁତ୍ୱ ଦେଉଥିଲେ । ମରାଠା ରାଜ୍ୟର ପ୍ରତିଷ୍ଠାତା ମହାନ ଗୁରୁ ଶିବାଜୀ କେବଳ ଦୁର୍ଗୁଡ଼ିକୁ ନେଇ 'ମରାଠା ରାଜ୍ୟ'ର ଭିତ୍ତିଭୂମି ସ୍ଥାପନ କରିଥିଲେ । ଆଉରଙ୍ଗଜେବଙ୍କ ପରି ବଡ଼ ବଡ଼ ଦୁର୍ଦ୍ଧଷ ଶତ୍ରୁମାନେ ଏହି ରାଜ୍ୟକୁ ଆକ୍ରମଣ କରିଛନ୍ତି, ବିଜାପୁର ଓ ଭାବନଗର ପରି ବିଶାଳ ସାମ୍ରାଜ୍ୟକୁ ଅଧିକାର କରିଛନ୍ତି କିନ୍ତୁ ଦଶନ୍ଧି ଦଶନ୍ଧି ଧରି ଆକ୍ରମଣର ଶିକାର ହୋଇଥିଲେ ବି କେବଳ ଦୁର୍ଗଗୁଡ଼ିକ ପାଇଁ ମରାଠା ରାଜ୍ୟ ତିଷ୍ଠି ରହିପାରିଥିଲା ।"


## ସାମୁଦ୍ରିକ ପ୍ରଭୁତ୍ୱ (ପ୍ରାଧାନ୍ୟତା)

ଆମେ ଦେଖିଲେ ପଶ୍ଚିମ ଉପକୂଳର ସୁରକ୍ଷା ନିମିତ୍ତ ଶିବାଜୀ ଏକ ନୌବାହିନୀ ଗଠନ କରିଥିଲେ । ଅଷ୍ଟାଦଶ ଶତାବ୍ଦୀରେ କାହ୍ନୋଜୀ ଆଙ୍ଗ୍ରେଙ୍କ ମାର୍ଗ ଦର୍ଶନରେ ମରାଠାମାନେ ଅନେକ ନୌଯୁଦ୍ଧରେ ବିଜୟ ଲାଭ କରିଥିଲେ । ଯଦିଓ ୟୁରୋପୀୟମାନଙ୍କ ପରି ମରାଠାମାନଙ୍କର ଯୁଦ୍ଧ ତରୀଗୁଡ଼ିକ ବୈଷୟିକ ଜ୍ଞାନ ଦୃଷ୍ଟିକୋଣରୁ ଏତେ ଶକ୍ତିଶାଳୀ ନଥିଲା କିନ୍ତୁ ଭୌଗୋଳିକ ସ୍ଥିତି ଓ ଯୁଦ୍ଧ କୌଶଳକୁ ଅତି ଚତୁର ଭାବରେ ବିନିଯୋଗ କରି ସେମାନେ ଯୁଦ୍ଧରେ ବିଜୟଲାଭ କରିପାରୁଥିଲେ ।

ସେତେବେଳେ ୟୁରୋପୀୟମାନଙ୍କର ପ୍ରମୁଖ ଶକ୍ତି ଓ ସାମର୍ଥ୍ୟ ସେମାନଙ୍କର ନୌବାହିନୀ ଉପରେ ନିର୍ଭର କରୁଥିଲା । ସେମାନେ ସେମାନଙ୍କର ନୌବାଣିଜ୍ୟ ପ୍ରବେଶ ପତ୍ର (ପର୍ତ୍ତୁଗୀଜରେ କାର୍ତାଜ)ଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ମୂଲ୍ୟରେ କିଣିବା ପାଇଁ ଭାରତୀୟମାନଙ୍କୁ ବାଧ୍ୟ କରୁଥିଲେ । ବିନା ପ୍ରବେଶ ପତ୍ରରେ ଆସୁଥିବା ଜାହାଜଗୁଡ଼ିକୁ ବାଜ୍ୟାପ୍ତ କରି ନିଆଯାଉଥିଲା । ମରାଠାମାନେ ଏହି ବ୍ୟବସ୍ଥାକୁ ଦୃଢ଼ ବିରୋଧ କଲେ ଏବଂ କାହ୍ନୋଜୀ ଆଙ୍ଗ୍ରେଙ୍କୁ ଜଣେ 'ଜଳ ଦସ୍ୟୁ' କହି ନିଜର ହତାଶା ଭାବକୁ ପ୍ରକଟ କରୁଥିବା ଇଂରେଜମାନଙ୍କଠାରୁ ସେମାନଙ୍କର ପରିଚୟ ପତ୍ର ଦାବି କଲେ ।



https://withteachers.in/



ଚିତ୍ର : ୩.୧୭ : ଇଂରେଜ ଜାହାଜକୁ ମରାଠା ଜାହାଜଗୁଡ଼ିକ ସମୁଦ୍ର ମଧ୍ୟରେ ଆକ୍ରମଣ କରୁଥିବାର ଦୃଶ୍ୟ

### ମନେରଖ

୧୬୬୫ ମସିହାରେ ଶିବାଜୀଙ୍କ ଜାହାଜ ମଧ୍ୟରୁ ଚାରୋଟି ଜାହାଜ ଓମାନ୍‌ର ରାଜଧାନୀ ମୁସ୍‌କାଟ୍‌ରେ ପହଞ୍ଚିଲା । ସେଠାକାର ଶାସକ ଜାହାଜଗୁଡ଼ିକୁ କବ୍‌ଜା କରିନେଲେ ଏବଂ ସେଥିରେ ଥିବା ପୁରୁଷମାନଙ୍କୁ ବନ୍ଦୀ କଲେ । ଆହୁରି ମଧ୍ୟ ଶିବାଜୀଙ୍କ ଅଧିକୃତ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳଗୁଡ଼ିକ ଉପରେ ଆକ୍ରମଣ ପାଇଁ ସେ କେତେଗୁଡ଼ିଏ ଜାହାଜକୁ ପ୍ରସ୍ତୁତ କଲେ । କିନ୍ତୁ ଶିବାଜୀଙ୍କ ନୌବାହିନୀରେ ଶତାଧିକ ଜାହାଜ ଥିବାର ଜାଣି, ସେଠାକାର ଶାସକ ନିଜର ଜାହାଜଗୁଡ଼ିକୁ ବନ୍ଦର ବାହାରକୁ ନେଇଯାଇଥିଲେ ।

## ବିଚାର ବ୍ୟବସ୍ଥା

ମରାଠାମାନେ ଏକ ସୁଦୃଢ଼ ଏବଂ ଫଳପ୍ରଦ ବିଚାର ବ୍ୟବସ୍ଥା ପ୍ରଣୟନ କରିଥିଲେ । ମୃତ୍ୟୁଦଣ୍ଡ ପରି ସର୍ବୋଚ୍ଚ ଦଣ୍ଡବ୍ୟବସ୍ଥା ଅତି ସୁଚାରୁରୂପେ କାର୍ଯ୍ୟକାରୀ ହୋଇପାରିଥିଲା । କେତେକ ସ୍ଥାନୀୟ କର୍ମଚାରୀଙ୍କ ସହିତ ପ୍ରମୁଖ ବ୍ୟକ୍ତିଙ୍କୁ ନେଇ ଗଠିତ ହୋଇଥିବା ପଞ୍ଚାୟତ (ଆଧୁନିକ ସମୟରେ ସରକାରୀ ସଂସ୍ଥା 'ପଞ୍ଚାୟତ' ନୁହେଁ) ବିଭିନ୍ନ ଅପରାଧର ବିଚାର କରି ଦଣ୍ଡବିଧାନ କରୁଥିଲେ । କୌଣସି ବିଚାରରେ ଅସନ୍ତୋଷ ଦେଖାଦେଲେ ମରାଠା ମୁଖ୍ୟ ବା ମୁଖ୍ୟ ଶାସକଙ୍କ ନିକଟରେ ଅଭିଯୋଗ କରାଯାଇ ପାରୁଥିଲା । ଏଥିସହିତ ପୁନେ, ଇନ୍ଦୋର ପରି ବଡ଼ବଡ଼ ସହର ମାନଙ୍କରେ ନିଯୁକ୍ତ କୋଟ୍‌ୱାଲ ବା ପୋଲିସମାନେ ଆଇନ ବ୍ୟବସ୍ଥାର ତଦାରଖ କରୁଥିଲେ ।



https://withteachers.in/

## ବାଣିଜ୍ୟିକ ସମ୍ପର୍କ

ଶିବାଜୀ ବ୍ୟବସାୟ ବାଣିଜ୍ୟକୁ ଉତ୍ସାହିତ କରୁଥିଲେ ଏବଂ ନିଜେ ବୈଦେଶିକ ସାମୁଦ୍ରିକ ବାଣିଜ୍ୟରେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ । ତାଙ୍କର ଏବଂ ତାଙ୍କ କର୍ମଚାରୀମାନଙ୍କର ନିଜର ଜାହାଜସବୁ ରହିଥିଲା ଯାହା ନିୟମିତ ଭାବରେ ୟେମେନ୍‌ର ମୋଚ୍ଚ, ଓମାନ୍‌ର ମୁସକାଟ୍ ଏବଂ ମାଲେସିଆର ମାଲାକା ଆଦି ଦେଶର ବନ୍ଦରଗୁଡ଼ିକୁ ପଠାଯାଉଥିଲା । ଏମାନଙ୍କ ଭିତରୁ କେତେକ ଜାହାଜ ମୂଲ୍ୟବାନ ବସ୍ତ୍ର ଏବଂ ସ୍ୱର୍ଣ୍ଣ ଇତ୍ୟାଦି ଦ୍ରବ୍ୟ ନେଇ ଯାତ୍ରା କରୁଥିଲେ । ରାସ୍ତା ନିର୍ମାଣ ଓ ଏହାର ରକ୍ଷଣା ବେକ୍ଷଣ ହେଉଥିଲା । ଅଷ୍ଟାଦଶ ଶତାବ୍ଦୀରେ ଓଡ଼ିଶାରେ ଫେରି ସାହାଯ୍ୟରେ ଜଳ ପଥରେ ବାଣିଜ୍ୟ କାରବାର ହେଉଥିଲା । ନଦୀ ଓ ଝରଣା ଉପରେ ପୋଲମାନ ନିର୍ମାଣ କରାଯାଇଥିଲା ।

## ସାଂସ୍କୃତିକ ପୁନରୁତ୍ଥାନ

ଭାରତର ସାଂସ୍କୃତିକ ବିକାଶରେ ମରାଠାମାନଙ୍କର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ସଂସ୍କୃତରେ ଲିଖିତ ଏକ ପ୍ରଚଳିତ ପର୍ସିଆନ୍ ସିଲ୍ ଅଭିଲେଖରେ ଶିବାଜୀଙ୍କର 'ସ୍ୱରାଜ୍ୟ' ସମ୍ପର୍କିତ ଚିନ୍ତାଧାରା ପ୍ରକଟିତ ହୋଇଛି । ଏଥିରେ ଲେଖାଅଛି–

"ସାହଜୀଙ୍କ ପୁତ୍ର ଶିବାଜୀଙ୍କର ଏହି ସିଲ୍‌ଟି ଅମାବାସ୍ୟା ପରେ ବୃଦ୍ଧି ପାଉଥିବା ଚନ୍ଦ୍ରମା ପରି ଜନମଙ୍ଗଳକାରୀ ଶାସନ ପାଇଁ ସାରା ବିଶ୍ୱଦ୍ୱାରା ଗୃହୀତ ଓ ସମ୍ମାନୀତ ହୋଇଛି ।


ଚିତ୍ର : ୩.୧୮ : ଶିବାଜୀଙ୍କର ସିଲ୍

ଶିବାଜୀ "ରାଜ୍ୟ–ବ୍ୟବହାର କୋଷ" ନାମକ ଗ୍ରନ୍ଥ ରଚନା କରିଥିଲେ ଯେଉଁଥିରେ ସେ ମରାଠୀ ଭାଷାର ପ୍ରୋତ୍ସାହନକୁ ଅଗ୍ରାଧିକାର ଦେଇଥିଲେ । କୂଟନୈତିକ ଆଦାନ ପ୍ରଦାନ କ୍ଷେତ୍ରରେ ପ୍ରଚଳିତ ପର୍ସିଆନ୍ ଶବ୍ଦ ପାଇଁ ଏହା ସଂସ୍କୃତର ବିକଳ୍ପ ଭାବରେ କାର୍ଯ୍ୟ କରିଥିଲା । ଯାହାଫଳରେ ମରାଠା ରାଜନୀତିରେ ବ୍ୟବହୃତ ହେଉଥିବା ବିଦେଶୀ ଶବ୍ଦର ମାତ୍ରାଧିକ ବ୍ୟବହାର ବହୁ ପରିମାଣରେ କମିଯାଇଥିଲା । ଶିବାଜୀ ହିନ୍ଦୁ ଧର୍ମାବଲମ୍ବୀ ହୋଇଥିଲେ ମଧ୍ୟ ଅନ୍ୟ ସମସ୍ତ ଧର୍ମକୁ ସମ୍ମାନ ଜଣାଉଥିଲେ । ତାଙ୍କର କେଶର ରଙ୍ଗର ଧ୍ୱଜା ବା ପତାକାକୁ ସମସ୍ତ ମରାଠା ଶାସକ ଗ୍ରହଣ କରିଥିଲେ । ସେ ଅନେକ ଭଗ୍ନ ଅବସ୍ଥାରେ ଥିବା ମନ୍ଦିରକୁ ପୁନଃ ନିର୍ମାଣ କରାଇଥିବାବେଳେ ସଂସ୍କୃତ ଓ ମରାଠୀ ସାହିତ୍ୟ; ବିଭିନ୍ନ ଧର୍ମାନୁଷ୍ଠାନ ଏବଂ ପାରମ୍ପରିକ ଚିତ୍ରକଳାର ପୃଷ୍ଠପୋଷକତା କରିଥିଲେ । ପ୍ରାଚୀନ ଭାରତୀୟ ସଂସ୍କୃତି ଏବଂ ମୂଲ୍ୟବୋଧର ପୁନରୁତ୍ଥାନ ପାଇଁ ତାଙ୍କର ଅବଦାନ ସର୍ବୋତ୍କୃଷ୍ଟ ଥିଲା । ସେ ଲୋକମାନଙ୍କୁ ବିଭିନ୍ନ ପ୍ରଦର୍ଶନ ମାଧ୍ୟମରେ ବୁଝାଇଥିଲେ ଯେ ଶକ୍ତିଶାଳୀ ରାଜ୍ୟ ବା ସାମ୍ରାଜ୍ୟଗୁଡ଼ିକ ପରାଜିତ ହୋଇପାରନ୍ତି କିନ୍ତୁ ମରାଠାମାନେ ସେମାନଙ୍କ ନିଜ ସାମ୍ରାଜ୍ୟର ପରିଚାଳନା, ପ୍ରସାର ଓ ଶାସନ କରିବାରେ ନିଜେ ହିଁ ସକ୍ଷମ ।



https://withteachers.in/

## ଶକ୍ତିଶାଳୀ ମରାଠା ମହିଳା

**ତାରାବାଈ :** ତାରାବାଈ ଥିଲେ ଜଣେ ନିର୍ଭୟା ମରାଠା ବୀର ରମଣୀ ଯିଏ ଅଷ୍ଟାଦଶ ଶତାବ୍ଦୀ ଆରମ୍ଭରେ ନିଜର ସ୍ୱାମୀ ରାଜାରାମଙ୍କ ମୃତ୍ୟୁପରେ ଶାସନ ଦାୟିତ୍ୱ ଗ୍ରହଣ କରିଥିଲେ । ଯେତେବେଳେ ସେ ଜାଣିଲେ ଯେ ଆଉରଙ୍ଗଜେବ ଏବଂ ତାଙ୍କର ମୋଗଲ ବାହିନୀ ଦାକ୍ଷିଣାତ୍ୟରେ ଡେରା ପକାଇଛନ୍ତି ଏବଂ ଉତ୍ତର ଭାରତ ଅସୁରକ୍ଷିତ ରହିଛି, ସେ ନିଜର ବିଶାଳ ମରାଠା ବାହିନୀକୁ ସଂଗଠିତ କରି ଉତ୍ତରରେ ଥିବା ମୋଗଲ ଅଞ୍ଚଳଗୁଡ଼ିକୁ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଲେ । ତାଙ୍କର ରଣନୀତି ଓ ଦୃଢ଼ ମନୋବଳ ମୋଗଲ ସାମ୍ରାଜ୍ୟକୁ ପ୍ରତିହତ କରିବା ସହିତ ଗୁରୁତ୍ୱପୂର୍ଣ୍ଣ ସମୟରେ ମରାଠା ସ୍ୱାଧୀନତାକୁ ସୁରକ୍ଷିତ ରଖିଥିଲା ।



ଚିତ୍ର : ୩.୧୯ ଯୁଦ୍ଧ କ୍ଷେତ୍ରରେ ତାରାବାଈ ।
(ଏମ୍.ଭି. ଧୁରନ୍ଧରଙ୍କ ଦ୍ୱାରା ଅଙ୍କିତ ଏକ ଚିତ୍ର ।

## ଅହଲ୍ୟାବାଈ ହୋଲ୍‌କାର

ଅହଲ୍ୟାବାଈ ହୋଲକାର ଥିଲେ ହୋଲକାର ରାଜବଂଶର ବଂଶଜ ଏବଂ ଉତ୍ତର ଭାରତରେ ମରାଠା ଶକ୍ତିର ପ୍ରସାରରେ ଯେଉଁ କେତୋଟି ପରିବାରର ପ୍ରମୁଖ୍ୟ ଭୂମିକା ରହିଥିଲା, ସେମାନଙ୍କ ଭିତରେ ସେ ଥିଲେ ମୁଖ୍ୟ ସୂତ୍ରଧର । ଅଷ୍ଟାଦଶ ଶତାବ୍ଦୀରେ ଏହି ରାଜବଂଶ ମଧ୍ୟ ଭାରତର ଅଧିକାଂଶ ଅଞ୍ଚଳ ବିଶେଷକରି ବର୍ତ୍ତମାନର ଇନ୍ଦୋର ନିକଟବର୍ତ୍ତୀ ଅଞ୍ଚଳରେ ଶାସନ କରୁଥିଲେ । ଏପରିକି ନିଜର ସ୍ୱାମୀ ଓ ପୁତ୍ରଙ୍କ ମୃତ୍ୟୁପରେ ଅତି ସାହସର ସହତ ଦୀର୍ଘ ତିରିଶ ବର୍ଷ ଧରି ରାଜ୍ୟ ଶାସନ କରିବା ସହିତ ସାଧାରଣ ଜନତାଙ୍କ ସ୍ୱାର୍ଥକୁ ଅତି ବିଜ୍ଞତାର ସହିତ ଧ୍ୟାନ ଦେଇଥିଲେ ।




ଚିତ୍ର : ୩.୨୦ : ଅହଲ୍ୟାବାଈ ହୋଲକାରଙ୍କ ସମ୍ମାନାର୍ଥେ ପ୍ରକାଶିତ ଏକ ଡାକ୍ ଟିକିଟ୍

ଅହଲ୍ୟାବାଈ ଜଣେ ଧର୍ମପ୍ରାଣା ମହିଳା ଥିଲେ ଏବଂ ଉତ୍ତରରେ କେଦାରନାଥଠାରୁ ଦକ୍ଷିଣରେ ରାମେଶ୍ୱରମ୍ ପର୍ଯ୍ୟନ୍ତ ଶହ ଶହ ମନ୍ଦିର ନିର୍ମାଣ ଓ ପୁନରୁଦ୍ଧାର ସହିତ ସମଗ୍ର ଭାରତରେ ଅନେକ ଘାଟ, କୂପ ଏବଂ ରାସ୍ତା ନିର୍ମାଣ କରାଇଥିଲେ ।


ସବୁଠାରୁ ଉଲ୍ଲେଖନୀୟ ଘଟଣା ହେଉଛି କାଶୀ ବିଶ୍ୱନାଥ ମନ୍ଦିରର ପୁନଃନିର୍ମାଣ ଯାହାକୁ ଆଉରଙ୍ଗଜେବ ଧ୍ୱଂସ କରିଥିଲେ ଏବଂ ଅନ୍ୟଟି ହେଉଛି ଗୁଜୁରାଟର ସୋମନାଥ ମନ୍ଦିର ଯାହାକୁ ଗଜନୀର ମାମୁଦ ଧ୍ୱଂସବିଧ୍ୱସ୍ତ କରିଦେଇଥିଲେ । ଏଥି ସହିତ ମଧ୍ୟ ପ୍ରଦେଶର ମହେଶ୍ୱର ବୟନ ଶିଳ୍ପର ବିକାଶ ନିମନ୍ତେ ପ୍ରୋତ୍ସାହନ ଦେବାର ଶ୍ରେୟ ଅହଲ୍ୟାବାଈ ହୋଲକାରଙ୍କୁ ଦିଆଯାଇଥାଏ, ଯାହା ଆଜି ମଧ୍ୟ ପାରମ୍ପରିକ ହସ୍ତତନ୍ତକୁ ଏକ ନୂତନ ଦିଗନ୍ତ ଦେବାରେ ସକ୍ଷମ ହୋଇଛି ।



https://withteachers.in/

## ମନେରଖ

ମୋଦି ଲିପି (ଦେବନାଗରୀର ଏକ କରଣୀ ରୂପ) ମରାଠାମାନେ ସେମାନଙ୍କର ପତ୍ରାଳାପ ପାଇଁ ବ୍ୟବହାର କରୁଥିବା ଏକ ଲିପି।



ଚିତ୍ର : ୩.୨୧ : ଛତ୍ରପତି ସାହୁ ମହାରାଜାଙ୍କର ହାତ ଲେଖା ମୋଦି ଲିପିର ଏକ ଉଦାହରଣ।

ଶିବାଜୀଙ୍କର ଉଦାହରଣ ତାଙ୍କର ଉତ୍ତରାଧିକାରୀମାନଙ୍କୁ ପ୍ରେରଣା ଦେଉଥିଲା। ଉଦାହରଣ ସ୍ୱରୂପ, ନାଗପୁରର ଭୋନ୍‌ସଲେମାନେ ସ୍ଥାନୀୟ ସଂସ୍କୃତି ଓ ପରମ୍ପରାର ଉତ୍ସାହୀ ସମର୍ଥକ ଥିଲେ। ଓଡ଼ିଶାର ପୁରୀରେ ଜଗନ୍ନାଥଙ୍କର ପୂଜା ଯାହା ମୋଗଲମାନଙ୍କ ସମୟରେ ବାଧାପ୍ରାପ୍ତ ହୋଇଥିଲା, ତାହା ମରାଠାମାନଙ୍କ ସମର୍ଥନରେ ପୁନର୍ଜୀବିତ ହୋଇପାରିଥିଲା। କିନ୍ତୁ ବୋଧହୁଏ ସବୁଠାରୁ ବଡ଼ ପ୍ରଭାବଶାଳୀ ଅବଦାନ କିଛି ପ୍ରଭାବଶାଳୀ ଉଲ୍ଲେଖନୀୟ ମରାଠା ମହିଳାମାନଙ୍କଠାରୁ ଆସିଥିଲା। ଆସ ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ବିଷୟରେ ଜାଣିବା (ପୂର୍ବ ପୃଷ୍ଠା ଦେଖ)।

## ତାଞ୍ଜାବୁର ସମ୍ପର୍କରେ

ସାଂସ୍କୃତିକ ଅବଦାନର ଆଉ ଏକ ଉଦାହରଣ ଦେଖିବା ପାଇଁ ଆସ ଦକ୍ଷିଣାଂଶକୁ ଯିବା। ଶିବାଜୀଙ୍କର ସାବତ ଭାଇ ଏକୋଜୀ ସପ୍ତଦଶ ଶତାବ୍ଦୀ ଶେଷ ଭାଗରେ ତାଞ୍ଜାବୁର ଅଞ୍ଚଳ (ବର୍ତ୍ତମାନର ତାମିଲନାଡୁରେ) ବିଜୟ କରିଥିଲେ, ତାହା ଏହି ଅଞ୍ଚଳରେ ମରାଠା ଶାସନର ଆରମ୍ଭକୁ ଚିହ୍ନିତ କରିଥିଲା। ତାଞ୍ଜାବୁରର ମରାଠାମାନେ ବିଶେଷ ଭାବରେ ସମନ୍ୱୟବାଦୀ ସଂସ୍କୃତିକୁ ଏକ ସମନ୍ୱୟ ସୃଷ୍ଟିକରିବାରେ ସାହାଯ୍ୟ କରିଥିଲେ ଯାହା ଏକ ସମୃଦ୍ଧ ଏବଂ ନୂତନତ୍ୱରେ ପରିପୂର୍ଣ୍ଣ ଥିଲା। ସେମାନେ କଳାର ମହାନ ପୃଷ୍ଠପୋଷକ ଥିଲେ ଏବଂ ଅନେକ ଶାସକ ନିଜେ କବି ଓ ନାଟ୍ୟକାର ଥିଲେ।



ଚିତ୍ର : ୩.୨୨ : ଏକ ପାରମ୍ପରିକ ତାଞ୍ଜାବୁର ଶୈଳୀର ଚିତ୍ରକଳା, ଯାହାକୁ ସୁନା ଫଏଲ ଦ୍ୱାରା ଆବରଣ କରାଯାଇ ଏକ ସମୃଦ୍ଧ, ଉଜ୍ଜ୍ୱଳ ଦୃଶ୍ୟ ପ୍ରଦାନ କରାଯାଇଛି। ଏହି ଶୈଳୀ ମରାଠାମାନଙ୍କ ପୃଷ୍ଠପୋଷକତାରେ ସୃଷ୍ଟି ହୋଇଥିଲା।




https://withteachers.in/



## ଆସ ଅନୁସନ୍ଧାନ କରିବା

ତୁମେ 'ଭାରତନାଟ୍ୟମ୍' ନୃତ୍ୟ ରୂପ ସମ୍ପର୍କରେ ଶୁଣିଛି କି ? ତୁମେ କ'ଣ ଜାଣିଛ ଯେ ଏହି ନୃତ୍ୟ ରୂପ ସହିତ ମରାଠାମାନଙ୍କର ଗଭୀର ସମ୍ପର୍କ ରହିଛି ? ତୁମେ କ'ଣ ଜାଣିପାରିବ ଯେ ଏହି ସମ୍ପର୍କ କ'ଣ ଥିଲା ?

ତାଞ୍ଜାବୁରର ସମସ୍ତ ମରାଠା ଶାସକମାନଙ୍କ ମଧ୍ୟରୁ ସେରଫୋଜୀ ଦ୍ୱିତୀୟଙ୍କର ଅବଦାନ ସବୁଠାରୁ ଉଲ୍ଲେଖନୀୟ ଥିଲା। ସେ ଅନେକ ଭାରତୀୟ ଏବଂ ୟୁରୋପୀୟ ଭାଷାକୁ ଜାଣିଥିଲେ ଏବଂ 'ଦେବେନ୍ଦ୍ର କୁରଭାଞ୍ଜି' ନାମକ ଏକ ମରାଠୀ ନାଟକ ରଚନା କରିଥିଲେ। ଏଥିରେ ସେ ସେତେବେଳର ପୃଥିବୀର ଭୂଗୋଳକୁ ବିସ୍ତାରିତ ଭାବରେ ବର୍ଣ୍ଣନା କରିଥିଲେ। ସେରଫୋଜୀ ଅନେକ ପ୍ରତିଭାଶାଳୀ ସଙ୍ଗୀତମାନଙ୍କର ପୃଷ୍ଠପୋଷକତା କରିଥିଲେ ଏବଂ ତାଙ୍କ ସମୟରେ ଆଧୁନିକ କର୍ଣ୍ଣାଟକୀ ସଙ୍ଗୀତ ସ୍ୱତନ୍ତ୍ର ରୂପ ନେଇଥିଲା, ଯେପରିକି ପ୍ରସିଦ୍ଧ ଶାସ୍ତ୍ରୀୟ ନୃତ୍ୟ ଭାରତନାଟ୍ୟମ୍‌ର ପ୍ରାରମ୍ଭିକ ପର୍ଯ୍ୟାୟର ରୂପ ହୋଇଥିଲା।



ଚିତ୍ର : ୩.୨୩: ଭୋନ୍ସଲେ ପରିବାରର ଇତିହାସକୁ ରେକର୍ଡ଼ କରୁଥିବା ବୃହଦୀଶ୍ୱର ମନ୍ଦିରର ଏକ କାନ୍ଥରେ ମରାଠୀ ଶିଳାଲେଖ।

ସେରଫୋଜୀ ଔଷଧପତ୍ର ପ୍ରତି ବହୁତ ଆଗ୍ରହୀ ଥିଲେ ଏବଂ ଧନ୍ୱନ୍ତରୀ ମହଲ ପ୍ରତିଷ୍ଠା କରିଥିଲେ, ଯାହା ଏକ ଚିକିତ୍ସା କେନ୍ଦ୍ର ଥିଲା ଏବଂ ଉଭୟ ଭାରତୀୟ ଓ ପାଶ୍ଚାତ୍ୟ ଔଷଧ ବ୍ୟବହାର କରି ମାଗଣା ଚିକିତ୍ସା ପ୍ରଦାନ କରୁଥିଲା। ସେ ଏକ ମୁଦ୍ରଣାଳୟ ମଧ୍ୟ ଆରମ୍ଭ କରିଥିଲେ ଯାହା ଜଣେ ସ୍ୱଦେଶୀ ଶାସକଙ୍କ ଦ୍ୱାରା ଭାରତରେ ପ୍ରଥମ ଥିଲା। ସେ ତାଞ୍ଜାଭୁରର ବୃହଦିଶ୍ୱର ମନ୍ଦିରର କାନ୍ଥରେ ଭୋନ୍ସଲେ ପରିବାରର ଇତିହାସ ଲିପିବଦ୍ଧ କରିଥିଲେ ଯାହା ଭାରତର ସବୁଠାରୁ ବଡ଼ ଏକକ ଶିଳାଲେଖ ହେବା ସହିତ ଭବିଷ୍ୟତ ପାଇଁ ଏକ ରେକର୍ଡ଼ ଥିଲା। ତାଞ୍ଜାଭୁରର ସାଂସ୍କୃତିକ



https://withteachers.in/

ପରିବେଶ ବିଭିନ୍ନ ପ୍ରଭାବର ମିଶ୍ରଣ ସହିତ ବହୁଭାଷୀ ଥିଲା । ସ୍ଥାନୀୟ ତାମିଲ ସଂସ୍କୃତି, ପୂର୍ବତନ ଶାସକଙ୍କ ତେଲୁଗୁ ସଂସ୍କୃତି ଏବଂ ବର୍ତ୍ତମାନର ଶାସକଙ୍କର ମରାଠା ସଂସ୍କୃତି ପରସ୍ପର ସହିତ ମୁକ୍ତ ଭାବରେ କାର୍ଯ୍ୟ କରୁଥିଲେ ।

## ମରାଠା ଐତିହ୍ୟ

ଇଂରେଜମାନେ ଭାରତ ଉପମହାଦେଶ ଅଧିକାର କରିବା ପୂର୍ବରୁ ମରାଠା ଶାସନ, ମୋଗଲ ପ୍ରାଧାନ୍ୟକୁ ପ୍ରତିହିତ କରିବା ସହିତ ସର୍ବବୃହତ ଭାରତୀୟ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲା ଏବଂ କେନ୍ଦ୍ରୀୟ ଓ ଉତ୍ତର ଭାରତର ଅଧିକାଂଶ ଅଞ୍ଚଳ ନିଜ ନିୟନ୍ତ୍ରଣରେ ରଖିପାରିଥିଲା । ସେମାନେ ଏକ ଦକ୍ଷ ପ୍ରଶାସନ ସହିତ ଶାସନ କରିବାର ଏକ ନୂତନ ଉପାୟ ସ୍ଥାପନ କରି ଧାର୍ମିକ ଭେଦଭାବ ବିନା ସ୍ଥାନୀୟ ହିନ୍ଦୁ ପରମ୍ପରାକୁ ପୁନର୍ଜୀବିତ କରିଥିଲେ ।

ଦୃଢ଼ ସ୍ୱରାଜ୍ୟର ଭାବଧାରାରେ ଅନୁପ୍ରାଣୀତ ହୋଇ ସେମାନେ ଦମନକାରୀ ଶାସନ ଏବଂ ବିଦେଶୀ ଶକ୍ତି ବିରୁଦ୍ଧରେ ଲଢ଼େଇ ଜାରି ରଖିଥିଲେ । ପରେ ଏହା ଅନେକ ଭାରତୀୟଙ୍କୁ ବିଶ୍ୱାସ କରିବାକୁ ପ୍ରେରଣା ଦେଇଥିଲା ଯେ ସେମାନେ ନିଜକୁ ଶାସନ କରିପାରିବେ । ଏହି ଭାବନା ପରବର୍ତ୍ତୀ ସମୟରେ ଭାରତର ସ୍ୱାଧୀନତା ଆନ୍ଦୋଳନର ପ୍ରାରମ୍ଭିକ ବୀଜ ବପନ କରିଥିଲା ।

## ଆମେ କ'ଣ ଶିଖିଲେ...



- ଛତ୍ରପତି ଶିବାଜୀ ମହାରାଜ ସପ୍ତଦଶ ଶତାବ୍ଦୀରେ ମରାଠା ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ଦୀର୍ଘ ଦଶନ୍ଧି ଧରି ମୋଗଲମାନଙ୍କର ପ୍ରତିରୋଧ ଏବଂ ଏଥିରୁ ଲାଭ କରିଥିବା ଅଭିଜ୍ଞତା ଅଷ୍ଟାଦଶ ଶତାବ୍ଦୀର ସର୍ବ-ଭାରତୀୟ ସାମ୍ରାଜ୍ୟ ବିସ୍ତାରରେ ସହାୟକ ହୋଇଥିଲା ।
- ଇଂରେଜମାନେ ଅନ୍ୟ କୌଣସି ଭାରତୀୟ ଶକ୍ତି ଅପେକ୍ଷା ମରାଠାମାନଙ୍କ ଠାରୁ ଅଧିକ ଦକ୍ଷତାର ସହିତ କ୍ଷମତା ଅକ୍ତିଆର କରିଥିଲେ ।
- ଦୁର୍ଗଗୁଡ଼ିକ ଥିଲା ମରାଠା ରାଜ୍ୟର ମୂଳ ଶକ୍ତି । ଶହଶହ ଦୁର୍ଗକୁ ନିଜ ନିୟନ୍ତ୍ରଣକୁ ଆଣି ଏହି ସବୁ ଅଞ୍ଚଳ ଉପରେ ସେମାନଙ୍କର ଆଧିପତ୍ୟ ବିସ୍ତାର କରିବାରେ ସକ୍ଷମ ହୋଇଥିଲେ ।
- ସେତେବେଳର ସର୍ବଶେଷ ପ୍ରଯୁକ୍ତିବିଦ୍ୟାର ଅଭାବ ସତ୍ତ୍ୱେ ମରାଠା ନୌସେନା ଶକ୍ତିଶାଳୀ ୟୁରୋପୀୟ ନୌସେନାକୁ ଦୀର୍ଘ ସମୟ ଧରି ପ୍ରତିରୋଧ କରି ଆସିଥିଲା ।
- ମରାଠାମାନେ ବିଭିନ୍ନ ଅଞ୍ଚଳର ଭାରତୀୟମାନଙ୍କ ମଧ୍ୟରେ ଏକ ନୂତନ ସାଂସ୍କୃତିକ ଆତ୍ମବିଶ୍ୱାସ ଜାଗରଣ କରିବା ସହିତ ସାଂସ୍କୃତିକ ପୁନରୁଦ୍ଧାର ଓ ନବସୃଜନରେ ସହାୟକ ହୋଇଥିଲେ ।



https://withteachers.in/

## ପ୍ରଶ୍ନ ଓ ଅଭ୍ୟାସ କାର୍ଯ୍ୟ

୧. ଭୂଗୋଳ (ବିଶେଷକରି ପର୍ବତ ଏବଂ ଉପକୂଳ) କିପରି ମରାଠା ସାମରିକ ରଣନୀତି ଏବଂ ରାଜ୍ୟ ଗଠନକୁ ମାର୍ଗଦର୍ଶନ କରିଥିଲା ଆଲୋଚନା କର ।

୨. ମନେକର ଯେ ତୁମେ ଛୋଟ ପିଲାମାନଙ୍କ ପାଇଁ ଜଣେ ମରାଠା ନେତାଙ୍କର ଏକ ସଂକ୍ଷିପ୍ତ ଜୀବନୀ ପ୍ରସ୍ତୁତ କରୁଛ । କାହ୍ନୋଜୀ, ଆଙ୍ଗ୍ରେ, ବାଜିରାଓ ପ୍ରଥମ, ମହାଦ୍‌ଜୀ ସିନ୍ଦେ, ଅହଲ୍ୟାବାଇ ହୋଲକାର କିମ୍ବା ତାରାବାଇଙ୍କ ମଧ୍ୟରୁ ଜଣଙ୍କୁ ବାଛ ଏବଂ କ'ଣ ସେମାନଙ୍କୁ ପ୍ରେରଣାଦାୟୀ କରିପାରିଛି, ତାହା ଉପରେ ଆଲୋକପାତ କରି ୩–୪ଟି ଅନୁଚ୍ଛେଦରେ ଲେଖ । ସେମାନେ ସମ୍ମୁଖୀନ ହୋଇଥିବା ବିଭିନ୍ନ ଆହ୍ୱାନ ମଧ୍ୟରୁ ଗୋଟିକ ବିଷୟରେ ଆଲୋଚନା କର ।

୩. ଆଜିକାର ଗୋଟିଏ ମରାଠା ଦୁର୍ଗ (ଯେପରିକି ରାୟଗଡ଼, ସିନ୍ଧୁ ଦୁର୍ଗ, ଜିଞ୍ଜି କିମ୍ବା ପ୍ରତାପଗଡ଼) ଯଦି ତୁମେ ପରିଦର୍ଶନ କରିବ, ତେବେ କେଉଁଟିକୁ ତୁମେ ବାଛିବ ଓ କାହିଁକି ? ଏହାର ଇତିହାସ, ସ୍ଥାପତ୍ୟ ଏବଂ ରଣକୌଶଳ ଗୁରୁତ୍ୱ ଅନୁସନ୍ଧାନ କର । ଶ୍ରେଣୀରେ ଡିଜିଟାଲ ଉପସ୍ଥାପନା କିମ୍ବା ପୋଷ୍ଟର ମାଧ୍ୟମରେ ତୁମର ନିଷ୍କର୍ଷଗୁଡ଼ିକୁ ଉପସ୍ଥାପନା କର ।

୪. ଏହି ଅଧ୍ୟାୟରେ କୁହାଯାଇଛି ଯେ "ବ୍ରିଟିଶମାନେ ମୋଗଲ କିମ୍ବା ଅନ୍ୟ କୌଣସି ଶକ୍ତି ଅପେକ୍ଷା ମରାଠାମାନଙ୍କଠାରୁ ଭାରତର ଅଧିକ ଅଂଶ ଅଧିକୃତ କରିଥିଲେ" । ତୁମେ ଏହାର ଅର୍ଥ କ'ଣ ଭାବୁଛ ? ଏହି ଅଧ୍ୟାୟର କେଉଁ ପ୍ରମାଣ ଏହି ଧାରଣାକୁ ସମର୍ଥନ କରୁଛି ?

୫. ଶିବାଜୀ ଏବଂ ପରବର୍ତ୍ତୀ ମରାଠାମାନେ ଧାର୍ମିକ ସ୍ଥାନ ଓ ବିଭିନ୍ନ ଧର୍ମର ଲୋକଙ୍କ ସହିତ କିପରି ବ୍ୟବହାର କରୁଥିଲେ ତୁଳନା କର । ଏହି ଅଧ୍ୟାୟରୁ କେଉଁ ପ୍ରମାଣ ଧାର୍ମିକ ବିବିଧତା ପ୍ରତି ସେମାନଙ୍କର ଆଭିମୁଖ୍ୟକୁ ଦର୍ଶାଉଛି ?

୬. ଏହି ଅଧ୍ୟାୟରେ ଆଲୋଚନା କରାଯାଇଛି ଯେ, ଦୁର୍ଗଗୁଡ଼ିକ କିପରି ମରାଠାମାନଙ୍କ ପାଇଁ 'ରାଜ୍ୟର ମୂଳ' ଥିଲା । ସେଗୁଡ଼ିକ କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ଥିଲା ? ସେହି ଦୁର୍ଗଗୁଡ଼ିକ କିପରି ମରାଠାମାନଙ୍କୁ ବଡ଼ ବଡ଼ ଶତ୍ରୁମାନଙ୍କ କବଳରୁ ରକ୍ଷା କରିବାରେ ସାହାଯ୍ୟ କରିଥିଲା ?

୭. ମନେକର ତୁମକୁ ମରାଠା ମୁଦ୍ରାର ମୁଖ୍ୟ ଡିଜାଇନର ଭାବରେ ନିଯୁକ୍ତି କରାଯାଇଛି । ମରାଠା ସଫଳତା ଏବଂ ମୂଲ୍ୟବୋଧକୁ ପ୍ରତିନିଧିତ୍ୱ କରୁଥିବା ଏକ ମୁଦ୍ରା ପ୍ରସ୍ତୁତ କର । ତୁମେ ବାଛିଥିବା ପ୍ରତୀକଗୁଡ଼ିକୁ ବ୍ୟାଖ୍ୟା କର ।

୮. ମରାଠାଯୁଗର ଏହି ପରିଚୟ ପରେ ତୁମେ କ'ଣ ଭାବୁଛ ଯେ ଭାରତୀୟ ଇତିହାସରେ ସେମାନଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ କ'ଣ ଥିଲା ? ଅଧ୍ୟାୟରୁ ଉଦାହରଣ ସହିତ ତୁମର ମତାମତକୁ ସମର୍ଥନ କରି ଏକ ଅନୁଚ୍ଛେଦ ଲେଖ । ଏହାପରେ ସହପାଠୀମାନଙ୍କ ସହିତ ତୁମର ଧାରଣାଗୁଡ଼ିକରୁ ଅଂଶୀଦାର କରି ଆଲୋଚନା କର ।



https://withteachers.in/

ଅଧ୍ୟାୟ ୪

# ଭାରତରେ ଔପନିବେଶିକ ଯୁଗ

"ପ୍ରାୟତଃ ଦୁଇ ଶତାବ୍ଦୀ ପୂର୍ବରୁ ପ୍ରାରମ୍ଭିକ ଇଂରେଜମାନେ ବଙ୍ଗ ଓ ଅନ୍ୟାନ୍ୟ ପ୍ରଦେଶଗୁଡ଼ିକର ଲୋକ ଓ ଅଞ୍ଚଳକୁ ନିଜର ନ୍ୟାର୍ଯ୍ୟ କ୍ରୀଡ଼ାଭୂମି ଭାବରେ ମନେ କରି ଆସିଥିଲେ। ପରବର୍ତ୍ତୀ ଇଂରେଜମାନେ ଶାସକ ଭାବରେ ଏହି ଲୁଣ୍ଠନ ପ୍ରକ୍ରିୟାକୁ ନିଷ୍ଠୁର ଅତ୍ୟାଚାରୀ ରୂପରେ ପୂର୍ବାପେକ୍ଷା ଅଧିକ ତ୍ୱରାନ୍ୱିତ କରିଛନ୍ତି। ଆଧୁନିକ ଇଂଲଣ୍ଡ ଭାରତର ସମ୍ପଦରେ ସମୃଦ୍ଧି ହୋଇଛି... ସର୍ବଦା ବଳବାନର ଶକ୍ତି ଓ ପାରଦର୍ଶିତା ଦ୍ୱାରା ଅପହୃତ ହୋଇଛି।"

ୱିଲିୟମ୍ ଡିଗ୍‌ବୀ (୧୯୦୧)



ଚିତ୍ର: ୪.୧.୧୭୭୮ ମସିହାରେ ସ୍ପିରିଡ଼ିଅନ୍ ରୋମା ନାମକ ଜଣେ ଗ୍ରୀକ୍ ଚିତ୍ରକରଙ୍କ ଦ୍ୱାରା ଅଙ୍କିତ "ପୂର୍ବ ନିଜର ସମ୍ପଦ ବ୍ରିଟାନିଆକୁ ଅର୍ପଣ କରୁଛି" ଶୀର୍ଷକ ଏକ ଚିତ୍ରକଳା।

## ଆସ ଚିନ୍ତା କରିବା ?


୧. ଉପନିବେଶବାଦ କ'ଣ ?

୨. କ'ଣ ୟୁରୋପୀୟ ଶକ୍ତିଗୁଡ଼ିକୁ ଭାରତକୁ ଆକର୍ଷିତ କରିଥିଲା ?

୩. ଔପନିବେଶିକ ଯୁଗ ସମୟରେ ଏବଂ ପୂର୍ବରୁ ଭାରତର ଅର୍ଥନୈତିକ ଓ ଭୌଗୋଳିକ ସ୍ଥିତି କ'ଣ ଥିଲା ?

୪. ଭାରତର ବ୍ରିଟିଶ ଔପନିବେଶିକ ଆଧିପତ୍ୟ କିପରି ଦେଶକୁ ପ୍ରଭାବିତ କରିଥିଲା ?

https://withteachers.in/




ଚିତ୍ର ୪.୨

ପୂର୍ବ ଅଧ୍ୟାୟରେ ଆମେ ଜାଣିଲେ ଯେ ଉନବିଂଶ ଶତାବ୍ଦୀର ପ୍ରାରମ୍ଭରେ ବ୍ରିଟିଶ ଶକ୍ତି ନିକଟରେ ଆତ୍ମସମର୍ପଣ କରିବା ପୂର୍ବରୁ ମରାଠାମାନେ ମୋଗଲ ସାମ୍ରାଜ୍ୟକୁ ଅନେକାଂଶରେ ଦୁର୍ବଳ କରିଦେଇଥିଲେ। ପ୍ରକୃତରେ ଇଂରେଜମାନଙ୍କର ସାମରିକ ଅଭିଯାନଗୁଡ଼ିକ ଭାରତକୁ ଏକ ବୃହତ ଉପନିବେଶ କରି ଗଢ଼ି ତୋଳିବା ସହିତ ଏହାକୁ 'ବ୍ରିଟିଶ ସାମ୍ରାଜ୍ୟର ମଣି' ରୂପେ ଅଭିହିତ କରିଥିଲା।


## ଉପନିବେଶବାଦର ଯୁଗ :

ଉପନିବେଶବାଦ ଯୁଗକୁ ଯିବା ପୂର୍ବରୁ ଆମକୁ ଏ ବିଷୟରେ ଟିକେ ବିଚାର ବିମର୍ଷ କରିବାକୁ ପଡ଼ିବ। ଉପନିବେଶବାଦର ସାଧାରଣ ସଂଜ୍ଞା ହେଉଛି, ଗୋଟିଏ ଦେଶ ଅନ୍ୟ ଏକ ଦେଶର ଅଞ୍ଚଳକୁ ଅଧିକାର କରି ସେଠାରେ ନିଜର ବସତି ସ୍ଥାପନ କରିବା ସହିତ ନିଜର ରାଜନୈତିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ବିଚାର ଧାରାକୁ ପ୍ରୟୋଗ କରିବା। ଏହା ଏକ ସାଂପ୍ରତିକ ଘଟଣା ନୁହେଁ। ଖ୍ରୀଷ୍ଟପୂର୍ବ ପ୍ରଥମ ସହସ୍ରାବ୍ଦରୁ ଆରମ୍ଭ କରି ଖ୍ରୀଷ୍ଟୀୟ ପ୍ରଥମ ସହସ୍ରାବ୍ଦ ମଧ୍ୟରେ ଏହାର ପରିପ୍ରକାଶ ଦେଖିବାକୁ ମିଳିଥିଲା। ଖ୍ରୀଷ୍ଟଧର୍ମ ଓ ଇସଲାମ ଧର୍ମର ପ୍ରସାର ଯୋଗୁଁ ନୂତନ ଧର୍ମରେ ଦୀକ୍ଷିତ ଅଞ୍ଚଳମାନଙ୍କରେ ଉପନିବେଶଗୁଡ଼ିକ ଗଢ଼ି ଉଠିଥିଲା।





https://withteachers.in/




ଔପନିବେଶିକ ଯୁଗ କହିଲେ ସାଧାରଣତଃ ପଞ୍ଚଦଶ ଶତାବ୍ଦୀରୁ ୟୁରୋପର ପ୍ରସାରକୁ ବୁଝାଏ ଯାହା ଅଳ୍ପ କେତୋଟି ଶତାବ୍ଦୀ ମଧ୍ୟରେ ସମଗ୍ର ବିଶ୍ୱର ଅଧିକାଂଶ ଅଞ୍ଚଳକୁ ବ୍ୟାପି ଯାଇଥିଲା । ପରବର୍ତ୍ତୀ ଉଚ୍ଚ ଶ୍ରେଣୀମାନଙ୍କରେ ଅଧ୍ୟୟନ କଲାବେଳେ ତୁମେମାନେ ଜାଣିପାରିବ ଯେ, ମୁଖ୍ୟତଃ ସ୍ପେନ୍, ପର୍ତ୍ତୁଗାଲ, ବ୍ରିଟେନ୍, ଫ୍ରାନ୍ସ ଓ ନେଦରଲାଣ୍ଡ ପରି ୟୁରୋପୀୟ ଶକ୍ତିମାନେ କିପରି ଆଫ୍ରିକା, ଏସିଆ, ଆମେରିକା, ଅଷ୍ଟ୍ରେଲିଆ ଏବଂ ଅନେକ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପମାନଙ୍କରେ ନିଜ ନିଜର ଆଧିପତ୍ୟ ବିସ୍ତାର କରି ପୃଥିବୀର ଅଧିକାଂଶ ଅଞ୍ଚଳରେ ଉପନିବେଶ ସ୍ଥାପନ କରିବାକୁ ସକ୍ଷମ ହୋଇଥିଲେ । ଅନେକ ସମୟରେ ସାମରିକ ଅଭିଯାନ ମାଧ୍ୟମରେ ନର ସଂହାର କରି ବା ସ୍ଥାନୀୟ ଅଧିକାରୀମାନଙ୍କୁ କ୍ରୀତଦାସ କରି ଏହି ଆଧିପତ୍ୟ ବିସ୍ତାର କରାଯାଉଥିଲା ।

ଦାସତ୍ୱ **(Enslavement):** କୌଣସି ଜଣେ ବ୍ୟକ୍ତିକୁ ଦାସ କରି ରଖିବା ।

ସେହିସବୁ ଦେଶମାନେ ଏପରି ସାମରିକ ଅଭିଯାନ କରିବା ପାଇଁ କେଉଁଠୁ ପ୍ରେରଣା ପାଉଥିଲେ ? ୟୁରୋପୀୟ ଶକ୍ତିମାନଙ୍କ ମଧ୍ୟରେ ରାଜନୈତିକ ପ୍ରତିଯୋଗିତା ବିଶ୍ୱରେ ପ୍ରଭାବ ଓ ଆଞ୍ଚଳିକ ପ୍ରସାର ପାଇଁ ଏକ ଦୌଡ଼ ସୃଷ୍ଟି କରିଥିଲା । ଆଞ୍ଚଳିକ ପ୍ରସାର ନିଶ୍ଚିତ ଭାବରେ ଅନେକ ଆର୍ଥିକ ସୁବିଧାସୁଯୋଗ ପ୍ରଦାନ କରିଥିଲା । ନୂତନ ପ୍ରାକୃତିକ ସମ୍ପଦକୁ ଅକ୍ତିଆର କରିବା ସହିତ ନୂତନ ବଜାର ଓ ନୂତନ ବାଣିଜ୍ୟପଥ ଅଧିକାରକୁ ଆସିଲା ଏବଂ ଲୁଣ୍ଠନ କରିବାର ଉପାୟ ସହଜ ହୋଇଥିଲା । ସ୍ଥାନୀୟ ଅଧିକାରୀମାନଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରାଇବା ଥିଲା ସେମାନଙ୍କର ଅନ୍ୟ ଏକ ଶକ୍ତିଶାଳୀ ପ୍ରେରଣା । ଏହାଛଡ଼ା ଉପନିବେଶ ସ୍ଥାପନ କରିବାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ଥିଲା ବୈଜ୍ଞାନିକ ଅନୁସନ୍ଧିତ୍ସା । ପୃଥିବୀର ବିଭିନ୍ନ ଭାଗରେ ଥିବା ନୂତନ ଭୌଗୋଳିକ



https://withteachers.in/

ଏବଂ ପ୍ରାକୃତିକ ଇତିହାସ ସମ୍ପର୍କରେ ଜ୍ଞାନ ଆହରଣ କରିବା ଥିଲା ଏହାର ଅନ୍ୟ ଉଦ୍ଦେଶ୍ୟ ।

**ରାକ୍ଷସ ପ୍ରତିପାଦନ (Demonise):** ଜଣେ ବ୍ୟକ୍ତି ବା ଗୋଷ୍ଠୀକୁ ଅତି ନକରାତ୍ମକ ଭାବରେ ମିଥ୍ୟା ରୂପରେ ଚିତ୍ରଣ କରିବା

ଅନେକ ସମୟରେ ଉପନିବେଶିକମାନେ ଦାବି କରୁଥିଲେ ଯେ ବର୍ବର, ଆଦିମ ଓ ଅସଭ୍ୟ ଭାବରେ ଚିତ୍ରଣ କରାଯାଉଥିବା ଉପନିବେଶିତ ଅଧିବାସୀମାନଙ୍କର ପ୍ରଗତି ପାଇଁ ସେମାନଙ୍କର 'ସଭ୍ୟତା ମିଶନ' ମାଧ୍ୟମରେ କାର୍ଯ୍ୟ କରୁଛନ୍ତି । କିନ୍ତୁ ପ୍ରକୃତରେ ବାସ୍ତବତା ଥିଲା ଭିନ୍ନ । ଉପନିବେଶିକମାନଙ୍କର ସ୍ୱାଧୀନତାକୁ ଛଡ଼ାଇ ନେବା ସହିତ ସେମାନଙ୍କର ପ୍ରାକୃତିକ



ଚିତ୍ର : ୪.୩


ଏହା ଏକ କାର୍ଟୁନ ଚିତ୍ର, ଯେଉଁଥିରେ ଜଣେ ମହାନ ବ୍ରିଟିଶ ବ୍ୟବସାୟୀ ଟେଲିଗ୍ରାଫ ତାର ଧରି ଆଫ୍ରିକାରେ ବୁଲୁଛନ୍ତି । (ଏଡ୍‌ୱାର୍ଡ଼ ଲିନଲି ସାମ୍ବୋନ, ପଞ୍ଚପତ୍ରିକା, ଲଣ୍ଡନ, ୧୮୯୨)

ସମ୍ବଳକୁ ଶୋଷଣ କରାଯାଉଥିଲା ଏବଂ ସେମାନଙ୍କର ପାରମ୍ପରିକ ଜୀବନଶୈଳୀକୁ ନଷ୍ଟ କରାଯାଇ ବିଦେଶୀ ସଂସ୍କୃତିର ମୂଲ୍ୟବୋଧକୁ ବାଧ୍ୟକରି ସେମାନଙ୍କ ଉପରେ ଲଦି ଦିଆଯାଉଥିଲା । ଏକଥା ସତ ଯେ ଔପନିବେଶିକ ଯୁଗ ବିଶ୍ୱକୁ ଏକାଠି କରିଥିଲା ଏବଂ ଅର୍ଥନୀତି ଓ ପ୍ରଯୁକ୍ତିବିଦ୍ୟାରେ ଦ୍ରୁତ ଅଭିବୃଦ୍ଧି ଆଣିଥିଲା । କିନ୍ତୁ ପ୍ରକୃତ ପକ୍ଷରେ ଉପନିବେଶିକମାନେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଉପଭୋଗ କରୁଥିଲେ । ଉପନିବେଶିତ ଲୋକମାନେ ସହ୍ୟ କରିଥିବା ଅନେକ ଦୁଃଖ ଦୁର୍ଦ୍ଦଶା ସମ୍ପର୍କରେ ବିଭିନ୍ନ ଐତିହାସିକ ଗବେଷଣାରୁ ଜଣାପଡ଼େ ।



https://withteachers.in/

### ଆସ ଅନୁସନ୍ଧାନ କରିବା



କାର୍ଟୁନ ଚିତ୍ରଟି କ'ଣ ପ୍ରକାଶ କରିବାକୁ ଚାହୁଁଛି ବୋଲି ତୁମେ ଭାବୁଛ ? (ଚିତ୍ର: ୪.୩) (ମନେରଖ, ଟେଲିଗ୍ରାଫ ପ୍ରଥମ ଥର ପାଇଁ ତୁରନ୍ତ ଯୋଗାଯୋଗ କରିବାରେ ସକ୍ଷମ ହୋଇଥିଲା ଏବଂ ସେତେବେଳର ସମୟ ପାଇଁ ତାହା ଏକ ନୂତନ ଉଦ୍ଭାବନ ଥିଲା) । ଚିତ୍ରଟିର ବିଭିନ୍ନ ଉପାଦାନ ବିଷୟରେ ବିଶ୍ଳେଷଣ କର ।

ଅନେକ ଉପନିବେଶ ଅଞ୍ଚଳରେ ଉପନିବେଶକାରୀଙ୍କ ବିରୁଦ୍ଧରେ ଦୃଢ଼ ପ୍ରତିରୋଧ ସୃଷ୍ଟି ହୋଇଥିଲା । ବିଂଶ ଶତାବ୍ଦୀର ମଧ୍ୟ ଭାଗରେ ବିଶେଷକରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଉପନିବେଶବାଦର ପ୍ରଭାବ ହ୍ରାସ ପାଇବାକୁ ଲାଗିଲା । ଅଧିକାଂଶ ଉପନିବେଶିତ ଦେଶ ସ୍ୱାଧୀନତା ହାସଲ କରିବା ସହିତ ଅନ୍ୟାନ୍ୟ ବହୁ କାରଣ ବିଶ୍ୱବ୍ୟାପୀ ଉପନିବେଶୀକରଣକୁ ଦ୍ରୁତ ଗତିରେ ପତନାଭିମୁଖୀ କରାଇଥିଲା । ଏଠାରେ ଆମେ ସ୍ୱତନ୍ତ୍ର ଭାବରେ ଭାରତ କଥା ଆଲୋଚନା କରିବା ।

## ଭାରତରେ ୟୁରୋପୀୟ :

ଦୀର୍ଘ ଦୁଇ ସହସ୍ର ବର୍ଷରୁ ଅଧିକ କାଳ ଧରି ଭାରତ, ଗ୍ରୀକ୍ ଓ ରୋମ୍ ସହିତ ବାଣିଜ୍ୟ କାରବାର କରି ଆସୁଥିଲା । ବିଶ୍ୱର ଭୂମଧ୍ୟସାଗରୀୟ ଅଞ୍ଚଳରେ ଭାରତର ରପ୍ତାନୀ ଦ୍ରବ୍ୟ ଯଥା– ମସଲା, କପା, ହାତୀଦାନ୍ତ, ମୂଲ୍ୟବାନ ରତ୍ନ, ଚନ୍ଦନକାଠ, ଶାଗୁଆନ କାଠ ଏବଂ ୱୁଟଜ୍ ଇସ୍ପାତର ବହୁଳ ଚାହିଦା ଥିଲା । ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ, ଯେତେବେଳେ ୟୁରୋପୀୟ ଶକ୍ତିମାନେ ଭାରତୀୟ ଉପମହାଦେଶକୁ ଜଳଯାତ୍ରା ଅରମ୍ଭ କଲେ, ସେତେବେଳ ଭାରତ ଏକ ସକ୍ରିୟ ଅର୍ଥନୈତିକ ଓ ସାଂସ୍କୃତିକ ଶକ୍ତି କେନ୍ଦ୍ର ରୂପେ ଉଭା ହୋଇଥିଲା । ଐତିହାସିକ ଆକଳନ (ବିଶେଷକରି ଅର୍ଥନୀତିଜ୍ଞ ଆଙ୍ଗସ୍ ମ୍ୟାଡ଼ିସନଙ୍କ ମତରେ) ଅନୁସାରେ ଏହି ସମଗ୍ର ସମୟ ମଧ୍ୟରେ ବିଶ୍ୱ ଜିଡିପି ବା ମୋଟ ଘରୋଇ ଉତ୍ପାଦକୁ ଭାରତର ଅବଦାନ ଥିଲା ଏକ–ଚତୁର୍ଥାଂଶ ଯାହା ଚୀନ ସହିତ ଭାରତ ଥିଲା ବିଶ୍ୱର ଦୁଇ ବୃହତ ଅର୍ଥନୀତି ମଧ୍ୟରୁ ଗୋଟିଏ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଷୋଡ଼ଶ ଶତାବ୍ଦୀ ପରବର୍ତ୍ତୀ ସମୟରେ ଭାରତକୁ ଭ୍ରମଣରେ ଆସିଥିବା ପରିବ୍ରାଜକମାନେ ଏହି ଦେଶକୁ 'ବିକାଶମୁଖୀ' ବୋଲି ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଭାରତର ଉତ୍ପାଦନ କ୍ଷମତା, ବିବିଧ କୃଷି ଉତ୍ପାଦନ ଏବଂ ବ୍ୟାପକ ଅନ୍ତଃ ଓ ବର୍ହି ବାଣିଜ୍ୟ କାରବାରକୁ ପ୍ରଶଂସା କରିଛନ୍ତି । ଏକଥା ସତ ଯେ ଭାରତର ଅର୍ଥନୈତିକ ସମୃଦ୍ଧି ୟୁରୋପୀୟମାନଙ୍କର ଉପନିବେଶବାଦୀ ଆକାଂକ୍ଷାକୁ ଅଧିକ ମାତ୍ରାରେ ଆକର୍ଷିତ କରିଥିଲା ।

**ଜି.ଡି.ପି. (GDP):** ମୋଟ ଘରୋଇ ଉତ୍ପାଦର ସଂକ୍ଷିପ୍ତ ଅର୍ଥ । ଏକ ଦେଶ ବା ବିଶ୍ୱର ଗୋଟିଏ ବର୍ଷରେ ଉତ୍ପାଦିତ ସାମଗ୍ରୀ ଏବଂ ସେବା ମୂଲ୍ୟର ଏକ ମାପ ।

ଆସ ଭାରତରେ ୟୁରୋପର ପ୍ରଥମ ଉପନିବେଶବାଦୀ ଶକ୍ତିମାନଙ୍କ ସମ୍ପର୍କରେ ଆଲୋଚନା କରିବା ।

## ପର୍ତ୍ତୁଗୀଜ : ବାଣିଜ୍ୟ ଏବଂ ଅତ୍ୟାଚାର

୧୪୯୮ ମସିହା ମେ ମାସରେ ପର୍ତ୍ତୁଗୀଜ୍ ଆବିଷ୍କାରକ ଓ ନାବିକ ଭାସ୍କୋଡ଼ାଗାମାଙ୍କ କାପଡ଼ (କେରଳର କୋଜିକୋଡ଼୍ ନିକଟ)ଠାରେ ପଦାର୍ପଣ ଭାରତରେ ୟୁରୋପୀୟମାନଙ୍କର



https://withteachers.in/




କିଛି ଶତାବ୍ଦୀ ପୂର୍ବରୁ ବନ୍ଦର ସହର ଉଲ୍ଲାଲ (ବର୍ତ୍ତମାନର ଦକ୍ଷିଣ କର୍ଣ୍ଣାଟକ), ରାଣୀ ଅବକ୍କା ଦେବୀ ପ୍ରଥମଙ୍କ ନିୟନ୍ତ୍ରଣରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ କେନ୍ଦ୍ର ଥିଲା। ଷୋଡ଼ଶ ଶତାବ୍ଦୀର ଶେଷ ଭାଗରେ ପର୍ତ୍ତୁଗୀଜମାନେ ବାରମ୍ବାର ଉଦ୍ୟମ କରିଥିଲେ ଏହି ବନ୍ଦର ସହରକୁ ନିଜ ଅକ୍ତିଆରକୁ ନେବା ପାଇଁ କିନ୍ତୁ ରାଣୀ ଅବକ୍କା ଦେବୀ ପ୍ରଥମ ପଡ଼ୋଶୀ ରାଜ୍ୟମାନଙ୍କ ସହିତ ସାମରିକ ମେଣ୍ଟ ଗଠନକରି ପର୍ତ୍ତୁଗୀଜମାନଙ୍କର ଏହି ପ୍ରୟାସକୁ ବିଫଳ କରି ଦେଇଥିଲେ। ଶେଷରେ ସେ ଯୁଦ୍ଧ କରି ବନ୍ଦୀ ହୋଇଥିଲେ ଏବଂ ଜେଲରେ ମୃତ୍ୟୁବରଣ କରିଥିଲେ। ତାଙ୍କର ଉତ୍ତରାଧିକାରୀ ରାଣୀ ଅବକ୍କା ଦ୍ୱିତୀୟ ନଡ଼ିଆ ଖୋଳରେ ଅଗ୍ନିଗୋଳା (ଫାୟାର ବଲ୍) ତିଆରି କରି ପର୍ତ୍ତୁଗୀଜମାନଙ୍କର ଜାହାଜକୁ ନିକ୍ଷେପ ପୂର୍ବକ ଅନେକ ଜାହାଜକୁ ପୋଡ଼ି ଦେଇଥିବାର ଜଣାଯାଏ। ସେମାନଙ୍କର ଏହି ପ୍ରେରଣାଦାୟକ କାହାଣୀ ଆଜି ମଧ୍ୟ ପାରମ୍ପରିକ 'ଯକ୍ଷଗଣ' ନୃତ୍ୟ–ନାଟକ ମାଧ୍ୟମରେ ଲୋକମୁଖରେ ପ୍ରଚରିତ।

ଉପନିବେଶୀକରଣର ମୂଳଦୁଆ ପକାଇଥିଲା। ଯଦିଓ ତାଙ୍କୁ ସମ୍ମାନର ସହିତ ସ୍ୱାଗତ କରାଯାଇଥିଲା କିନ୍ତୁ ତାଙ୍କର ଆକ୍ରମଣାତ୍ମକ ଉପାୟ ଯୋଗୁଁ ସେ ସ୍ଥାନୀୟ ଶାକସମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ କରିପାରିନଥିଲେ। ଚାରିବର୍ଷ ପରେ ତାଙ୍କର ଦ୍ୱିତୀୟ ଜଳଯାତ୍ରା ସମୟରେ ସେ ଭାରତୀୟ ବ୍ୟବସାୟୀମାନଙ୍କୁ ଧରି ନିର୍ଯ୍ୟାତନା ଦେଇଥିଲେ ଏବଂ ହତ୍ୟା ମଧ୍ୟ କରିଥିଲେ। ଏପରିକି ସମୁଦ୍ରରେ ଥାଇ କାଲିକଟ ଉପରେ ବୋମାମାଡ଼ ମଧ୍ୟ କରିଥିଲେ। ପର୍ତ୍ତୁଗୀଜମାନେ ୧୫୧୦ ମସିହାରେ ଗୋଆ ସମେତ କେତେକ ସାମରିକ ବନ୍ଦରଗୁଡ଼ିକୁ ଅଧିକାର କରିଥିଲେ ଏବଂ ପରବର୍ତ୍ତୀ ସମୟରେ ଗୋଆକୁ ସେମାନେ ସେମାନଙ୍କର ଉପନିବେଶର ରାଜଧାନୀ କରିଥିଲେ। ଏଥିସହିତ ମାଲବାର ଓ କରମଣ୍ଡଳ ଉପକୂଳର ଅନେକ ବାଣିଜ୍ୟ କେନ୍ଦ୍ରକୁ ନିଜ ଅଧୀନକୁ ଆଣିଥିଲେ।

**ବିଧର୍ମୀ ଦମନ ସଂଘ (Inquisition) :**
ରୋମୀୟ କ୍ୟାଥୋଲିକ ଚର୍ଚ୍ଚର ଚିନ୍ତାଧାରା ବିରୁଦ୍ଧରେ ମତ ପୋଷଣ କରୁଥିବା ଖ୍ରୀଷ୍ଟଧର୍ମୀମାନଙ୍କର ବିଚାର ପାଇଁ ପ୍ରତିଷ୍ଠିତ ଏକ ଅଦାଲତ। ପ୍ରାୟ ୬୦୦ ବର୍ଷ ଧରି ୟୁରୋପରେ ହଜାର ହଜାର ତଥାକଥିତ ଧର୍ମବିରୋଧୀମାନଙ୍କୁ ଏହି ଅଦାଲତଦ୍ୱାରା ନିର୍ଯାତନା ଓ ମୃତ୍ୟୁଦଣ୍ଡ ଦିଆଯାଇଥିଲା।

ପର୍ତ୍ତୁଗୀଜ୍‌ମାନେ କାର୍ତ୍ତାଜ୍ (ପାସ୍) ନାମକ ଏକ ଅନୁପତ୍ର ବ୍ୟବସ୍ଥା ପ୍ରଚଳନ କରିଥିଲେ ଯାହାଦ୍ୱାରା ଆରବ ସାଗରରେ ନୌଚାଳନା କରୁଥିବା ସମସ୍ତ ଜାହାଜକୁ ଏହି ପର୍ତ୍ତୁଗୀଜ ଅନୁମତି ପତ୍ର କିଣିବାକୁ ବାଧ୍ୟ କରାଯାଉଥିଲା। ଏହି ପରମିଟ୍ ବା ଅନୁମତି ପତ୍ର ନଥିବା ଜାହାଜଗୁଡ଼ିକୁ ଜବତ କରାଯାଉଥିଲା। ସେମାନଙ୍କର ଏହି ନୌସୈନିକ ପ୍ରଭୁତ୍ୱ ପ୍ରାୟ ଏକ ଶତାବ୍ଦୀ ଧରି ଭାରତ ଓ ୟୁରୋପ ମଧ୍ୟରେ ଥିବା ମସଲା ବ୍ୟବସାୟକୁ ଏକଚାଟିଆ କରି ରଖିଥିଲା।




ଚିତ୍ର : ୪.୪ : ୧୪୯୮ ମସିହାରେ ଭାସ୍କୋଡ଼ାଗାମା କୋଜିକୋଡ଼ରେ ପଦାର୍ପଣ କରିଥିବାର ଏକ ଫଳକ

ଭାରତରେ ବାଣିଜ୍ୟିକ ଶୋଷଣ କରିବା ସଙ୍ଗେ ସଙ୍ଗେ ପର୍ତ୍ତୁଗୀଜମାନେ ପଶ୍ଚିମ ଭାରତରେ ଧାର୍ମିକ ନିର୍ଯାତନା ମଧ୍ୟ ଦେଉଥିଲେ। ୧୫୬୦ ମସିହାରେ ଗୋଆରେ ସେମାନେ ବିଧର୍ମୀ ଦମନ ସଂଘ ବା ଧାର୍ମିକ ବିଚାର ଅଦାଲତ ପ୍ରତିଷ୍ଠା କଲେ ଯେଉଁଠାରେ ହିନ୍ଦୁ,


https://withteachers.in/

ମୁସଲମାନ, ୟୁହୁଦୀ ଏବଂ ଖ୍ରୀଷ୍ଟଧର୍ମକୁ ପରିବର୍ତ୍ତିତ ହୋଇଥିବା ଏବଂ ମୂଳଧର୍ମର ରୀତିନୀତିକୁ ଛାଡ଼ି ନଥିବା ସନ୍ଦେହୀ ଲୋକମାନଙ୍କୁ ଏହି ଅଦାଲତରେ କଠୋର ନିର୍ଯାତନା ଦିଆଯାଉଥିଲା । ଏହି ପ୍ରକାର ଦମନ ଲୀଳା ସହିତ ବଳପୂର୍ବକ ଖ୍ରୀଷ୍ଟଧର୍ମକୁ ପରିବର୍ତ୍ତନ ଏବଂ ଅନେକ ହିନ୍ଦୁ ମନ୍ଦିର ଧ୍ୱଂସ ସହିତ ସ୍ଥାନୀୟ ଲୋକମାନଙ୍କୁ ବିଭିନ୍ନ ପ୍ରକାର ନିର୍ଯାତନା ଦିଆଯାଉଥିଲା । (ଗୋଆ ଧାର୍ମିକ ଅଦାଲତକୁ ୧୮୧୨ ମସିହାରେ ବନ୍ଦ କରି ଦିଆଯାଇଥିଲା ।)

## ଡଚ୍ : ବାଣିଜ୍ୟ ଓ ପ୍ରତିଯୋଗିତା

ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ ଡଚ୍‌ମାନେ ଭାରତରେ ପଦାର୍ପଣ କଲେ । ସେମାନେ ପର୍ତ୍ତୁଗୀଜମାନଙ୍କ ପରି ନଥିଲେ । ପ୍ରଥମତଃ ବାଣିଜ୍ୟିକ ପ୍ରାଧାନ୍ୟତା ସହିତ ମୁଖ୍ୟତଃ ମସଲା ବ୍ୟବସାୟ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସେମାନେ ଏକ ଡଚ୍ ଇଷ୍ଟଇଣ୍ଡିଆ କମ୍ପାନୀ ପ୍ରତିଷ୍ଠା ସହିତ ପଶ୍ଚିମ ଉପକୂଳସ୍ଥ ସୁରତ୍, ଭାରୁଚ, କୋଚିନ୍ (କୋଚି) ଏବଂ ପୂର୍ବ ଉପକୂଳସ୍ଥ ନାଗାପଟ୍ଟନମ୍ ଏବଂ ମାସୁଲପଟ୍ଟନମ (ବର୍ତ୍ତମାନର ମଛଲିପଟ୍ଟନମ) ସମେତ ଭାରତର ବିଭିନ୍ନ ସ୍ଥାନରେ ବାଣିଜ୍ୟ କେନ୍ଦ୍ରମାନ ପ୍ରତିଷ୍ଠା କରିଥିଲେ । ସେମାନଙ୍କର ପ୍ରମୁଖ ଉପସ୍ଥିତି ଥିଲା କେରଳର ମାଲବାର ଅଞ୍ଚଳରେ ଯେଉଁଠାରେ ସେମାନେ ପର୍ତ୍ତୁଗୀଜମାନଙ୍କର ଅନେକ ବାଣିଜ୍ୟ କେନ୍ଦ୍ରକୁ ବେଦଖଲ କରିଥିଲେ ।



ଚିତ୍ର : ୪.୫ : ୧୭୪୧ ମସିହାରେ କୋଲାଚେଲ ଯୁଦ୍ଧ ପରେ ଟ୍ରାଭାଙ୍କୋରର ରାଜା ମାର୍ଥଣ୍ଡ ବର୍ମାଙ୍କ ନିକଟରେ ଡଚ୍ ସେନାର ଆତ୍ମ ସମର୍ପଣର ଏକ ଦୃଶ୍ୟ । (ପଦ୍ମନାଭପୁରମ୍ ରାଜ ପ୍ରାସାଦ) ।



https://withteachers.in/

ଭାରତରେ ଡଚ୍‌ମାନଙ୍କର ଉପସ୍ଥିତି ସୀମିତ ଥିଲା । ୧୭୪୧ ମସିହାରେ କୋଲାଚେଲ ଯୁଦ୍ଧରେ ପରାଜୟ ପରେ ସେମାନଙ୍କର ଶକ୍ତି ବହୁ ମାତ୍ରାରେ ହ୍ରାସ ପାଇଥିଲା । ରାଜା ମାର୍ଥଣ୍ଡ ବର୍ମାଙ୍କ ଅଧୀନରେ ଟ୍ରାଭାଙ୍କୋରର ସୈନ୍ୟମାନେ ଉଭୟ ସ୍ଥଳ ଓ ସମୁଦ୍ରରେ ନିର୍ଣ୍ଣାୟକ ଭାବରେ ଡଚ୍‌ମାନଙ୍କୁ ପରାସ୍ତ କରିଥିଲେ । ଟ୍ରାଭାଙ୍କୋର ରାଜ୍ୟ ବର୍ତ୍ତମାନର କେରଳ ରାଜ୍ୟର ଦକ୍ଷିଣ ଭାଗରେ ଥିଲା) । ଏହି ଯୁଦ୍ଧ ଏକ ବିରଳ ଉଦାହରଣ ଥିଲା ଯେଉଁଥିରେ ଏକ ଏସୀୟ ଶକ୍ତି ସଫଳତାର ସହିତ ଏକ ୟୁରୋପୀୟ ଉପନିବେଶବାଦୀ ଶକ୍ତିକୁ ପ୍ରତିହତ କରିପାରିଥିଲା ।

## ଫରାସୀ : ଉପନିବେଶବାଦୀ ଅଭିଳାଷ :

ଫରାସୀମାନେ ଭାରତରେ ପ୍ରବେଶ କରି ୧୬୬୮ ମସିହାରେ ସେମାଙ୍କର ପ୍ରଥମ ବାଣିଜ୍ୟ କେନ୍ଦ୍ର ସୁରତରେ ପ୍ରତିଷ୍ଠା କଲେ ଏବଂ ପରବର୍ତ୍ତୀ ସମୟରେ ୧୬୭୪ ମସିହାରେ ପଣ୍ଡିଚେରୀ (ବର୍ତ୍ତମାନର ପୁଡୁଚେରୀ)ଠାରେ ସେମାନେ ଇଷ୍ଟଇଣ୍ଡିଆ କମ୍ପାନୀ ସ୍ଥାପନ କଲେ ଏବଂ ଭାରତରେ ଏକ ଫରାସୀ ସାମ୍ରାଜ୍ୟ ଗଠନ କରିବାର ଅଭିଳାଷ ପୋଷଣ କରିଥିଲେ ।


୧୭୪୨ରୁ ୧୭୫୪ ମସିହା ପର୍ଯ୍ୟନ୍ତ ଡୁପ୍ଲେକ୍ସ ଫରାସୀ ଭାରତର ଗଭର୍ଣ୍ଣର ଜେନେରାଲ ଭାବରେ କାର୍ଯ୍ୟ କରିଥିଲେ ଏବଂ ତାଙ୍କର ଉପନିବେଶବାଦୀ ରଣକୌଶଳ ପରବର୍ତ୍ତୀ ସମୟରେ ଇଂରେଜମାନେ ମଧ୍ୟ ଗ୍ରହଣ କରିଥିଲେ । ବିଶେଷକରି ସେ ଭାରତୀୟ ସୈନ୍ୟମାନଙ୍କୁ ୟୁରୋପୀୟ ସାମରିକ ଢାଞ୍ଚାରେ ତାଲିମ ପ୍ରଦାନ କରିଥିଲେ, ଯାହାଫଳରେ ସିପାହୀ ନାମରେ ଜଣାଶୁଣା ଶୃଙ୍ଖଳିତ ପଦାତିକ ସୈନ୍ୟମାନେ ସୃଷ୍ଟିହୋଇ ପାରିଥିଲେ । ସ୍ଥାନୀୟ ଉତ୍ତରାଧୀକାର ବିବାଦରେ ହସ୍ତକ୍ଷେପ ଦ୍ୱାରା ନିଯୁକ୍ତ ହୋଇଥିବା ନିୟନ୍ତ୍ରଣାଧୀନ ଶାସକମାନଙ୍କ ଜରିଆରେ ସେ ଏକ ପରୋକ୍ଷ ଶାସନ ନୀତି ପ୍ରୟୋଗ କରିଥିଲେ ।

୧୭୪୬ ରୁ ୧୭୬୩ ମଧ୍ୟରେ ବ୍ରିଟେନ୍ ଓ ଫରାସୀ ମଧ୍ୟରେ ସୃଷ୍ଟି ହୋଇଥିବା ଧାରାବାହିକ କର୍ଣ୍ଣାଟକ ଯୁଦ୍ଧ ଦ୍ୱାରା ଫରାସୀ ଉପନିବେଶବାଦୀ ଅଭିଳାଷ ଶେଷରେ ପ୍ରତିହତ ହୋଇଥିଲା । ୧୭୪୬ ମସିହାରେ ଡୁପ୍ଲେକ୍ସ ମାଡ୍ରାସ (ବର୍ତ୍ତମାନର ଚେନ୍ନାଇ) ଅଧିକାର କରି ପ୍ରାରମ୍ଭିକ ସଫଳତା ହାସଲ କରିଥିଲେ ମଧ୍ୟ ଶେଷରେ ଫରାସୀମାନେ ବ୍ରିଟିଶମାନଙ୍କଠାରୁ ପରାଜିତ ହୋଇଥିଲେ ଏବଂ ସେମାନଙ୍କର ଉପନିବେଶ କେବଳ ପଣ୍ଡିଚେରୀ ଓ ଅଳ୍ପ କେତେକ ଛୋଟ ଛୋଟ ଅଞ୍ଚଳ ମଧ୍ୟରେ ସୀମିତ ଥିଲା ।

ଡଚ୍ ଓ ପର୍ତ୍ତୁଗୀଜ୍‌ମାନଙ୍କ ପରି ଫରାସୀ ଉପନିବେଶବାଦୀ ଶକ୍ତିମାନେ ଭାରତୀୟମାନଙ୍କର ସାମାଜିକ ଓ ଧାର୍ମିକ ଜୀବନରେ ବିଶେଷ ହସ୍ତକ୍ଷେପ କରିନଥିଲେ । ୧୭୪୮ ମସିହାରେ ପଣ୍ଡିଚେରୀର ଜେସୁଇଟ୍ ପୂଜାରୀ ଓ ଡୁପ୍ଲେକ୍ସଙ୍କ ନିଜ ପତ୍ନୀଙ୍କ ବାରମ୍ବାର ଅନୁରୋଧ କ୍ରମେ ପଣ୍ଡିଚେରୀର ବୃହତ୍ ବେଦପୁରୀଶ୍ୱରନ ମନ୍ଦିରକୁ ଧ୍ୱଂସ କରାଯାଇଥିଲା, ଯାହା ଖ୍ରୀଷ୍ଟ ଧର୍ମର ପ୍ରାଧାନ୍ୟତାକୁ ଦର୍ଶାଉଥିଲେ । ଏହା ଫରାସୀମାନଙ୍କର ଏକ ବିରଳ ବ୍ୟତିକ୍ରମ ଥିଲା । ସାଧାରଣତଃ ଫରାସୀମାନଙ୍କୁ ଭାରତରେ ସୀମିତ ପରିମାଣର ବାଣିଜ୍ୟ କାରବାରରେ ସନ୍ତୁଷ୍ଟ ହେବାକୁ ପଡୁଥିଲା ।



https://withteachers.in/




ଚିତ୍ର : ୪.୬ : ୧୭୬୪ ମସିହାରେ ଏକ ଯୋଜନାବଦ୍ଧ ବ୍ୟବସ୍ଥା ଯେଉଁଥିରେ ପଣ୍ଡିଚେରୀ ସହରକୁ ଦୁର୍ଗ ଏବଂ ଗ୍ରୀଡ଼ ଦ୍ୱାରା ପରିବେଷ୍ଟିତ କରାଯାଇଛି । ସମୁଦ୍ର ଆଡ଼କୁ ମୁହଁ କରିଥିବା (ତଳ ଆଡ଼କୁ) ବୃହତ ସଂରଚନାଟି ଦୁର୍ଗ ଥିଲା । ଯୋଜନାର ଉପର ଅଂଶଟି ପଶ୍ଚିମ ଆଡ଼କୁ ଇଙ୍ଗିତ କରୁଛି ।

## ବ୍ରିଟିଶମାନଙ୍କ ଆଗମନ :

ପ୍ରାୟ ଦୁଇ ଶତାବ୍ଦୀ ଧରି ବ୍ରିଟେନ୍ ଭାରତୀୟ ଉପମହାଦେଶରେ ପ୍ରାଧାନ୍ୟ ବିସ୍ତାର କରିଥିଲା । ଏହା କିପରି ଘଟିଲା ? ଅନେକ ପୁସ୍ତକରେ ବ୍ରିଟିଶ ଶାସକମାନଙ୍କର ଶାସନ ପଦ୍ଧତି ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଆମେ ଏଠାରେ ସମସ୍ତ ବିଷୟକୁ ଉପସ୍ଥାପିତ କରୁନାହୁଁ, କେବଳ ଭାରତରେ ସେମାନଙ୍କର ଉପନିବେଶବାଦୀ ପ୍ରମୁଖ ଦିଗ ଉପରେ ଆଲୋଚନା କରିବୁ ।




https://withteachers.in/

## ବ୍ୟବସାୟୀରୁ ଶାସକ ପର୍ଯ୍ୟନ୍ତ :

ଏକ ବାଣିଜ୍ୟିକ କମ୍ପାନୀ କିପରି ଏକ ସାମ୍ରାଜ୍ୟବାଦୀ ଶକ୍ତି ରୂପରେ ପରିଣତ ହୋଇପାରିଲା, ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ବ୍ରିଟିଶମାନଙ୍କର ଭାରତ ବିଜୟ । କୌଣସି ପାରମ୍ପରିକ ବିଜୟ ବା ସାମରିକ ଅଭିଯାନ ପରିବର୍ତ୍ତେ ଅତି ଚତୁରତାର ସହିତ ଛଦ୍ମ ବ୍ୟବସାୟିକ ଉଦ୍ୟୋଗ ବଳରେ ଇଂରେଜମାନେ ଧୀରେ ଧୀରେ ସମଗ୍ର ଭାରତକୁ କରାୟତ କରିଥିଲେ ।

ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ଏକ ବ୍ୟବସାୟିକ କମ୍ପାନୀ ରୂପେ ପ୍ରତିଷ୍ଠିତ ହୋଇଥିଲା । ରାଣୀ ଏଲିଜାବେଥ୍ ପ୍ରଥମଙ୍କଠାରୁ ରାଜକୀୟ ସନନ୍ଦ ଲାଭକରି ବ୍ୟକ୍ତିଗତ ବା ଘରୋଇ ସେନାବାହିନୀ ଗଠନ ପାଇଁ ଅନୁମତି ଲାଭ କରିଥିଲା । ଏହାର ଏଜେଣ୍ଟ ବା ପ୍ରତିନିଧିମାନେ ପ୍ରଥମେ କେବଳ ବାଣିଜ୍ୟ କରିବାର ଛଳନା କରିଥିଲେ । ସପ୍ତଦଶ ଶତାବ୍ଦୀରେ ସେମାନଙ୍କୁ ଭାରତର ଉପକୂଳରେ ପାଦ ରଖିବାକୁ ଅନୁମତି ମିଳିଲା ଏବଂ ସର୍ବନିମ୍ନ ପ୍ରତିରୋଧରେ ସେମାନେ ପ୍ରଥମେ ସୁରତ, ମାଡ୍ରାସ, ବମ୍ବେ ଏବଂ କଲିକତା ଆଦି ସ୍ଥାନରେ ବସତି ସ୍ଥାପନ କଲେ । ସ୍ଥାନୀୟ ଶାସକମାନେ ସାଧାରଣତଃ ବିଦେଶୀ ବାଣିଜ୍ୟକୁ ସ୍ୱାଗତ କରୁଥିବାରୁ ସେମାନଙ୍କ ବାଣିଜ୍ୟ କୋଠୀ ନିର୍ମାଣକୁ ବିଶେଷ ଧ୍ୟାନ ଦେଇନଥିଲେ । ଆମକୁ ଜାଣିବାକୁ ହେବ ଯେ ପରବର୍ତ୍ତୀ ସମୟରେ ସେମାନଙ୍କର ଏହି ବାଣିଜ୍ୟ କୋଠୀ ନିର୍ମାଣ ଏକ ଦୀର୍ଘ ଦିନର ଅଭ୍ୟାସରେ ପରିଣତ ହୋଇଥିଲା । ସେମାନଙ୍କର ଏହି ସାଧାରଣ ଆରମ୍ଭ ମଧ୍ୟରେ କମ୍ପାନୀର ଦୀର୍ଘକାଳୀନ ଅଭିଳାଷ ଲୁଚିକରି ରହିଥିଲା ।



### ଆସ ଅନୁସନ୍ଧାନ କରିବା

ତୁମେ ଆଗକୁ ଯିବା ପୂର୍ବରୁ ଏହି ଅଧ୍ୟାୟର ପ୍ରଥମ ପୃଷ୍ଠାରେ ଥିବା ଚିତ୍ରଟିକୁ ଭଲ ଭାବରେ ଲକ୍ଷ୍ୟ କର । ସ୍ୱତନ୍ତ୍ର ଭାବରେ ଏହା ଇଷ୍ଟଇଣ୍ଡିଆ କମ୍ପାନୀର ଲଣ୍ଡନ ମୁଖ୍ୟ କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ଏହାର ଦୈର୍ଘ୍ୟ ତିନି ମିଟରରୁ ଅଧିକ ରହିଥିଲା । ଏହାର ପ୍ରତ୍ୟେକ ଦିଗ ଯଥା– ଏଥିରେ ଥିବା ଲୋକ, ବସ୍ତୁ, ସଙ୍କେତ ଏବଂ ଦୃଷ୍ଟିଭଙ୍ଗୀକୁ ଅନୁଧ୍ୟାନ କର । ଚାରି କିମ୍ବା ପାଞ୍ଚଜଣ ଛାତ୍ରଙ୍କୁ ନେଇ ଗୋଟିଏ ଗୋଟିଏ ଦଳ ତିଆରି କର ଏବଂ ପ୍ରତ୍ୟେକ ଦଳ ଚିତ୍ରଟି ପ୍ରଦାନ କରୁଥିବା ବାର୍ତ୍ତା ସମ୍ପର୍କରେ ମତାମତ ଦେବାକୁ କୁହ ।

(ଆମେ ଯେତେବେଳେ ଚିତ୍ରଟି ବିଷୟରେ ଆଲୋଚନା କରିବୁ, ତୁମେମାନେ କେତୋଟି ପୃଷ୍ଠା ପରେ ଆମର ଉତ୍ତର ପାଇବ କିନ୍ତୁ ବର୍ତ୍ତମାନ ସେଗୁଡ଼ିକୁ ଦେଖ ନାହିଁ ।)

## 'ବିଭାଜନ ଓ ଶାସନ' କୌଶଳ :

ବ୍ୟବସାୟୀର ଦୃଷ୍ଟିକୋଣକୁ ବଜାୟ ରଖି କେତେକ ସ୍ଥାନୀୟ ଶାସକମାନଙ୍କର ପ୍ରତିଦ୍ୱନ୍ଦୀଙ୍କ ବିପକ୍ଷରେ ସାମରିକ ସହଯୋଗ ପ୍ରଦାନ କରି କମ୍ପାନୀର ଏଜେଣ୍ଟମାନେ ରାଜନୈତିକ ସମ୍ପର୍କ ରକ୍ଷା କରିବାକୁ ସକ୍ଷମ ହୋଇଥିଲେ । ଫଳରେ ସେମାନେ ନିଜକୁ ଭାରତୀୟ ରାଜନୈତିକ ସମସ୍ୟା ସହିତ ଜଡ଼ିତ କରିବା ସଙ୍ଗେ ସଙ୍ଗେ ବିଦେଶୀ ଆକ୍ରମଣକାରୀ ପରିବର୍ତ୍ତେ ଶକ୍ତି ଦଲାଲ ଭାବରେ ଉଭା ହୋଇଥିଲେ । ଆଞ୍ଚଳିକ ଶାସକମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଏବଂ



https://withteachers.in/

ଉତ୍ତରାଧିକାରୀତ୍ୱ ବିବାଦ ଉପରେ ସମସ୍ୟା ସୃଷ୍ଟିକରି 'ବିଭାଜନ ଓ ଶାସନ' ନୀତି ଅନୁସାରେ ନିଜର ଫାଇଦା ହାସଲ କରୁଥିଲେ। ତତ୍କାଳୀନ ବିଭାଜିତ ଭାରତୀୟ ସମାଜକୁ ଶୋଷଣ କରିବାର କୌଶଳ ଇଂରେଜମାନଙ୍କୁ ଭଲ ଭାବରେ ଜଣାଥିଲା। ଉଦାହରଣ ସ୍ୱରୂପ ଧାର୍ମିକ ସଂପ୍ରଦାୟ ମଧ୍ୟରେ ବିଭେଦ ଓ ଉତ୍ତେଜନା ସୃଷ୍ଟି କରିବାକୁ ପ୍ରୋତ୍ସାହିତ କରୁଥିଲେ। ୧୭୫୭ ମସିହାର ପଲାସୀ ଯୁଦ୍ଧ ଏହି ନୀତିର ଏକ ବଳିଷ୍ଠ ଉଦାହାରଣ। ଯେତେବେଳେ ବଙ୍ଗର ନବାବ ସିରାଜ-ଉଦ୍-ଦୌଲା ଏବଂ ରବର୍ଟ କ୍ଲାଇବ୍ ନେତୃତାଧୀନ ଇଷ୍ଟଇଣ୍ଡିଆ କମ୍ପାନୀ ମଧ୍ୟରେ ଉତ୍ତେଜନା ଦେଖାଦେଲା, ସେତେବେଳେ ରବର୍ଟ କ୍ଲାଇବ୍, ନବାବଙ୍କ ଦରବାରର ଅସନ୍ତୋଷ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିଥିଲେ। କ୍ଲାଇବ୍ ନବାବଙ୍କ ସେନାପତି ମିର୍‌ଜାଫରଙ୍କ ସହତ ଏକ ଷଡ଼ଯନ୍ତ୍ର କରିଥିଲେ ଏବଂ ତାଙ୍କର ବିଶ୍ୱାସଘାତକତା ପାଇଁ ନୂତନ ନବାବ ଭାବରେ ତାଙ୍କୁ ନିଯୁକ୍ତି ମିଳିବ ବୋଲି କ୍ଲାଇବ୍ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନର କଲିକତାଠାରୁ ୧୫୦ କିଲୋମିଟର ଦୂରସ୍ଥ ପଲାସୀ ନାମକ ସ୍ଥାନରେ ଏହି ଯୁଦ୍ଧ ସଂଗଠିତ ହୋଇଥିଲା। ଏହି ଯୁଦ୍ଧରେ କିଛି ଫରାସୀ ସୈନ୍ୟ ନବାବଙ୍କ ସପକ୍ଷରେ ଯୁଦ୍ଧ କରିଥିଲେ କିନ୍ତୁ ନବାବଙ୍କର ଅଧିକାଂଶ ସୈନ୍ୟ ମିର୍‌ଜାଫରଙ୍କ ସପକ୍ଷରେ ଥିବାରୁ କ୍ଲାଇବ୍‌ଙ୍କର ଅଳ୍ପ ସଂଖ୍ୟକ ସୈନ୍ୟ ଯୁଦ୍ଧରେ ବିଜୟ ଲାଭ କରିଥିଲେ। ଆଜି ମଧ୍ୟ ଭାରତରେ 'ମିରଜାଫର' ବିଶ୍ୱାସଘାତକତାର ଏକ ପ୍ରତିଶବ୍ଦ ହୋଇ ରହିଆସିଛି।




ଚିତ୍ର : ୪.୭

ନିଜକୁ ଏକ 'ରାଜା ନିର୍ମାତା' ପଦବୀରେ ଅବସ୍ଥାପିତ କରି ଇଷ୍ଟଇଣ୍ଡିଆ କମ୍ପାନୀ ଧିରେ ଧିରେ ଭାରତର ବୃହତ ଅଞ୍ଚଳରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଲାଗିଲା। ଊନବିଂଶ ଶତାବ୍ଦୀରେ ଏହା ଆଉ ପାଦେ ଆଗକୁ ଯାଇ ଏକ କୁଖ୍ୟାତ 'ରାଜସ୍ୱତ୍ୱ ଲୋପନୀତି' ପ୍ରଚଳନ କଲା, ଯାହାଫଳରେ କୌଣସି ସାମନ୍ତ ରାଜ୍ୟର ରାଜାଙ୍କର ଯଦି କୌଣସି ପୁରୁଷ ଉତ୍ତରାଧିକାରୀ ବିନା ମୃତ୍ୟୁ ହୋଇଯାଏ, ତେବେ ଉକ୍ତ ରାଜ୍ୟ ବ୍ରିଟିଶ ଶାସନାଧୀନ ରାଜ୍ୟମାନଙ୍କ ସହିତ ସଂଲଗ୍ନ



https://withteachers.in/

କରାଯାଉଥିଲା । ଭାରତୀୟ ରାଜକୀୟ ପରମ୍ପରାରେ ପୌଷ୍ୟପୁତ୍ର ଗ୍ରହଣ ଏକ ବୈଧ ନିୟମ ଥିବାବେଳେ ଇଂରେଜମାନେ ଜାଣିଶୁଣି ଏହି ପରମ୍ପରାକୁ ଅଣଦେଖା କରିଥିଲେ ।



## ମନେରଖ

ଭାରତୀୟ ପରିପ୍ରେକ୍ଷୀରେ ଏକ ଦେଶୀୟ ରାଜ୍ୟ ଭାରତର ଜଣେ ରାଜକୁମାର, ମହାରାଜା ବା ନବାବଙ୍କ ଅଧୀନରେ ରହିଥିଲା କିନ୍ତୁ ଆଭ୍ୟନ୍ତରୀଣ ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମିତ୍ତ ବ୍ରିଟିଶମାନଙ୍କର ସୁରକ୍ଷା ଓ ମାର୍ଗ ଦର୍ଶନକୁ ଗ୍ରହଣ କରିଥିଲା । ହାଇଦାବାଦ, ମହୀଶୂର, ଟ୍ରାଭାଙ୍କୋର ଓ ଜାମ୍ମୁକାଶ୍ମୀର ପରି ବଡ଼ ବଡ଼ ରାଜ୍ୟ ସହିତ ଶହ ଶହ ସଂଖ୍ୟାର ଛୋଟ ଛୋଟ ରାଜ୍ୟ ମଧ୍ୟ ଏହିପରି ଦେଶୀୟ ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ଏପରିକି ଭାରତର ସ୍ୱାଧୀନତା ସମୟରେ ଉପମହାଦେଶର ପ୍ରାୟ ୪୦ ଭାଗ ଅଞ୍ଚଳରେ ୫୦୦ ରୁ ଅଧିକ ଦେଶୀୟ ରାଜ୍ୟ ରହିଥିଲେ ।

'ରାଜସ୍ୱତ୍ୱ ଲୋପ ନୀତି' ଦ୍ୱାରା ଅନେକ ରାଜ୍ୟ ବ୍ରିଟିଶ ସାମ୍ରାଜ୍ୟଭୁକ୍ତ ହେଲା ଯାହାଦ୍ୱାରା ବ୍ରିଟିଶର ଆଞ୍ଚଳିକ ନିୟନ୍ତ୍ରଣର ପରିସର ବୃଦ୍ଧି ପାଇଲା । ଏହା ଭାରତୀୟ ସମାଜର ବିଭିନ୍ନ ବର୍ଗ ମଧ୍ୟରେ ଅସନ୍ତୋଷ ସୃଷ୍ଟିକଲା ଏବଂ ଏହାର ଫଳସ୍ୱରୂପ ୧୮୫୭ର ବିଦ୍ରୋହର ସୂତ୍ରପାତ ହୋଇଥିଲା (ଏ ବିଷୟରେ ଆମେ ପରବର୍ତ୍ତୀ ସମୟରେ ଜାଣିବା) ।

ବ୍ରିଟିଶମାନଙ୍କର ଅନ୍ୟ ଏକ କପଟ ଉପାୟ ଥିଲା 'ସାମନ୍ତ ସନ୍ଧି' । ଏହାଦ୍ୱାରା ଜଣେ ବ୍ରିଟିଶ ପ୍ରତିନିଧି ରାଜଦରବାରରେ ଅବସ୍ଥାପିତ ହେଉଥିଲେ ଯିଏକି ରାଜ୍ୟର ଆଭ୍ୟନ୍ତରୀଣ ଓ ବାହ୍ୟ ବିପଦ ସମୟରେ ରାଜାଙ୍କୁ ସହାୟତା କରିବେ ଏବଂ ବଦଳରେ ରାଜ୍ୟମାନେ ନିଜ ଖର୍ଚ୍ଚରେ ଏକ ବ୍ରିଟିଶ ସୈନ୍ୟବାହିନୀକୁ ପରିଚାଳନା କରିବେ ଓ ତତ୍ ସଙ୍ଗେ ସଙ୍ଗେ ବ୍ରିଟିଶ ମାଧ୍ୟମରେ ସେମାନେ ସେମାନଙ୍କର ବୈଦେଶିକ ନୀତି ଅବଲମ୍ବନ କରିବେ । ଦେଶୀୟ ରାଜ୍ୟମାନଙ୍କର ସାର୍ବଭୌମତ୍ୟର ସୁରକ୍ଷା କଥା ଆସିବା ବେଳକୁ ଏହି ବ୍ୟବସ୍ଥା ଦ୍ୱାରା ପ୍ରକୃତ କ୍ଷମତା ବ୍ରିଟିଶମାନଙ୍କ ହାତକୁ ଚାଲି ଯାଇଥିଲା । ବଦଳରେ ଦେଶୀୟ ରାଜାମାନେ ନିଜର ପରାଧୀନତା ପାଇଁ ସମସ୍ତ ବୋଝ ନିଜେହିଁ ବହନ କରିଥିଲେ ।

ହାଇଦ୍ରାବାଦର ଶାସକ (ନିଜାମ) ହେଉଛନ୍ତି ପ୍ରଥମ ଯିଏ ୧୭୯୮ ମସିହାରେ ଏହି ସାମନ୍ତ ସନ୍ଧିକୁ ଗ୍ରହଣ କରିଥିଲେ । ଏହା ପରେ ପରେ ଅନ୍ୟ କେତେକ ଶାସକ ଏହି ନୀତିକୁ ଆପଣେଇ ଥିଲେ । ଏହି ତଥାକଥିତ 'ସାମନ୍ତ ସନ୍ଧି' ବ୍ରିଟିଶମାନଙ୍କୁ ପ୍ରତ୍ୟକ୍ଷ ଶାସନର ବିନା ପ୍ରଶାସନିକ ଖର୍ଚ୍ଚରେ ବିସ୍ତୃତ ଅଞ୍ଚଳରେ ନିୟନ୍ତ୍ରଣ କରିବାର ସୁଯୋଗ ଦେଇଥିଲା, ଯାହାକୁ କୁହାଗଲା 'ଶସ୍ତାରେ ଗୋଟିଏ ସାମ୍ରାଜ୍ୟ' ଲାଭ । ଥରେ ଏହି ସନ୍ଧିରେ ପ୍ରବେଶ କରିବା ପରେ ଏଥିରୁ ମୁକୁଳିବା ଅସମ୍ଭବ ଥିଲା । କାରଣ ଏଥିରୁ ମୁକ୍ତ ହେବା ପାଇଁ ପ୍ରୟାସ କରୁଥିବା ରାଜ୍ୟମାନଙ୍କୁ ବ୍ରିଟିଶ ସାମରିକ ପ୍ରତିକ୍ରିୟାର ସମ୍ମୁଖୀନ ହେବାକୁ ପଡୁଥିଲା ।



https://withteachers.in/

## ସ୍ୱର୍ଗରୁ ନର୍କକୁ ?

### ବିନାଶକାରୀ ଦୁର୍ଭିକ୍ଷ

ପଲାସୀ ବିଜୟର କିଛି ବର୍ଷ ପରେ, ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତର କେତେକ ସମୃଦ୍ଧ ଅଞ୍ଚଳ ଯଥା– ବଙ୍ଗଳା, ବିହାର ଏବଂ ଓଡ଼ିଶାରେ ରାଜସ୍ୱ ସଂଗ୍ରହ କରିବାର ଅଧିକାର ଲାଭକଲା । କ୍ଲାଇବ୍ ବଙ୍ଗଳାକୁ 'ପୃଥିବୀର ସ୍ୱର୍ଗ' ଭାବରେ ବର୍ଣ୍ଣନା କରିଥିଲେ । କମ୍ପାନୀର ଏଜେଣ୍ଟମାନେ ଶାସନ ଓ ବିକାଶ ନିମନ୍ତେ ସର୍ବନିମ୍ନ ବିନିଯୋଗ କରି ସର୍ବାଧିକ ରାଜସ୍ୱ ଆଦାୟ କରିବା ଫଳରେ ସାଧାରଣ ଜନତା ସର୍ବସ୍ୱାନ୍ତ ହୋଇଥିଲେ ।

**ସ୍ୱର୍ଗ (Paradise) :** ଧାର୍ମିକ ଭାବନାରେ ସ୍ୱର୍ଗର ବର୍ଣ୍ଣନା ରହିଛି । ଏଠାରେ ଆଦର୍ଶ, ସମ୍ପଦ ଏବଂ ବାସ୍ତବ ଖୁସିର ଏକ ସ୍ଥାନ ।


୧୭୭୦–୧୭୭୨ ମସିହା ବେଳକୁ ଲଗାତର ଦୁଇବର୍ଷ ଫସଲ ଅମଳରେ ଅତ୍ୟଧିକ ହ୍ରାସ ହୋଇଥିଲା । କିନ୍ତୁ ତାହାକୁ ଅଣଦେଖା କରି, ଫସଲ ଉତ୍ପାଦନର ପରିମାଣକୁ ଭ୍ରୂକ୍ଷେପ ନକରି, ଏକ କଠୋର ରାଜସ୍ୱ ଆଦାୟ ଲକ୍ଷ୍ୟରେ ଇଷ୍ଟ ଇଣ୍ଡିଆ କମ୍ପାନୀ ବଙ୍ଗଳାର କୃଷକମାନଙ୍କ ଉପରେ ଅତ୍ୟଧିକ କର ବସାଇଥିଲା । ଯାହା ଫଳରେ ସେଠାକାର ଏକ ତୃତୀୟାଂଶ ବା ପ୍ରାୟ ୧୦ ନିୟୁତ ଲୋକଙ୍କ ମୃତ୍ୟୁର କାରଣ ସାଜି ଥିଲା । ଏପରିକି ଦୁର୍ଭିକ୍ଷ ସମୟରେ ମଧ୍ୟ ଭୂମି ଖଜଣା ହାର ବୃଦ୍ଧି କରାଯାଇଥିଲା । ପରବର୍ତ୍ତୀ ସମୟରେ, କେବଳ ଭାରତୀୟ ବ୍ୟକ୍ତିତ୍ୱ ନୁହନ୍ତି ବରଂ କେତେକ ବ୍ରିଟିଶ ଅଧିକାରୀ ଓ ବୁଦ୍ଧିଜୀବୀ (ଯେପରିକି ୱିଲିଅମ୍ ଡିଗ୍‌ବି ଯାହାଙ୍କ ଉଦ୍ଧୃତି ଆମର ଏହି ଅଧ୍ୟାୟ ଆରମ୍ଭରେ ଲେଖାଅଛି) ଏହି ନିର୍ଦ୍ଦୟ ବ୍ୟବସ୍ଥାକୁ ଘୃଣା କରିଥିଲେ । ଉଦାହରଣ ସ୍ୱରୂପ ଏକ ଶତାବ୍ଦୀ ପରେ ଡବ୍ଲ୍ୟୁ.ଡବ୍ଲ୍ୟୁ ହଣ୍ଟର, ଯେ କି ଜଣେ ଅଧିକାରୀ ଲେଖିଥିଲେ:

> "ଯେତେବେଳେ ବର୍ଷ ବର୍ଷ ଧରି ଦେଶ ସମ୍ପୂର୍ଣ୍ଣ ନିସ୍ୱ ହେଉଥିଲା, ଇଂରେଜ ସରକାର ନିୟମିତ ଭାବରେ ଭୂ–ରାଜସ୍ୱ ବୃଦ୍ଧି କରିବାରେ ଲାଗିଥିଲେ । ୧୭୭୦ ମସିହାର ଶ୍ୱାସରୁଦ୍ଧ ଗ୍ରୀଷ୍ମ ଋତୁରେ ଲୋକମାନେ ମରିବାକୁ ଲାଗିଲେ । କୃଷକମାନେ ସେମାନଙ୍କ ପଶୁ ସମ୍ପଦ ଓ କୃଷି ଉପକରଣ ବିକିବାକୁ ଲାଗିଲେ । ଅଭାବରେ ପଡ଼ି କୃଷି ବିହନ ସବୁ ଖାଇଦେଲେ, ସେମାନଙ୍କ ପୁତ୍ର ଓ କନ୍ୟାମାନଙ୍କୁ ବିକିବାରେ ଲାଗିଲେ, ତଥାପି ପିଲାମାନଙ୍କୁ ଖରିଦ କରିବାକୁ କେହି କ୍ରେତା ମିଳିଲେ ନାହିଁ, ଶେଷରେ ସେମାନେ ଘାସ ଓ ପତ୍ର ସବୁ ଖାଇଲେ.... ଦୁର୍ଭିକ୍ଷ ଓ ରୋଗ ପ୍ରପୀଡ଼ିତ ଲୋକଙ୍କର ସ୍ରୋତ ପ୍ରତିଦିନ ବଡ଼ ବଡ଼ ସହର ଆଡ଼କୁ ପ୍ରବାହିତ ହେଲା ।"


ଏପରି ଦୁଃଖଦ ଦୁର୍ଭିକ୍ଷ, ସମଗ୍ର ବ୍ରିଟିଶ ଶାସନାଧୀନ ଭାରତରେ ବାରମ୍ବାର ଘଟୁଥିଲା । ଉଦାହରଣ ସ୍ୱରୂପ ୧୮୭୬ ରୁ ୧୮୭୮ ମଧ୍ୟରେ ଭୟଙ୍କର ଦୁର୍ଭିକ୍ଷରେ, ମୁଖ୍ୟତଃ ଡେକାନ ମାଳଭୂମି ଅଞ୍ଚଳରୁ ପ୍ରାୟ ଆଠ ନିୟୁତ ଭାରତୀୟ ମୃତ୍ୟୁବରଣ କରିଥିଲେ ।



https://withteachers.in/



ଚିତ୍ର : ୪.୮ : ଖାଦ୍ୟାଭାବରେ ଅସଂଖ୍ୟ ଲୋକ ମୃତ୍ୟୁବରଣ କରୁଥିବା ସମୟରେ, ମାଡ୍ରାସ ସମୁଦ୍ର କୂଳରେ ରପ୍ତାନୀ ପାଇଁ ରଖା ଯାଇଥିବା ଖାଦ୍ୟ ଶସ୍ୟ ଭରା ବସ୍ତା।



ଚିତ୍ର : ୪.୯ ୧୮୭୨ ମସିହା ଦୁର୍ଭିକ୍ଷ ସମୟରେ ରିଲିଫ୍ ଖାଦ୍ୟ ଅପେକ୍ଷାରେ ଥିବା ବାଙ୍ଗାଲୋର ଅଧିବାସୀଗଣ। (ଲଣ୍ଡନ ନ୍ୟୁଜ୍‌ରେ ବର୍ଣ୍ଣିତ)

ସେହି ସମୟରେ ଖାଦ୍ୟ ସଙ୍କଟର ଭୟାବହତାକୁ ଅଣଦେଖା କରି କେତେକ ଭାରତୀୟ ବ୍ୟବସାୟୀ ମଧ୍ୟ ପରବର୍ତ୍ତୀ ସମୟରେ ମୂଲ୍ୟ ବୃଦ୍ଧି ସମ୍ଭାବନାରେ ଓ ଅଧିକ ଲାଭ ଆଶାରେ ସେମାନଙ୍କ ପାଖରେ ଗଚ୍ଛିତ ଖାଦ୍ୟଶସ୍ୟ ଦ୍ୱାରା କୃତ୍ରିମ ଅଭାବ ସୃଷ୍ଟି କରିଥିଲେ ଏବଂ ବ୍ରିଟିଶ ସରକାର ବିଦେଶକୁ ରପ୍ତାନୀ ଜାରି ରଖିଥିଲେ। ତିନିବର୍ଷ ମଧ୍ୟରେ ପାଖାପାଖି ଏକ ନିୟୁତ ଟନ୍ ଚାଉଳ ପ୍ରତିବର୍ଷ ରପ୍ତାନୀ କରାଯାଉଥିଲା (ଚିତ୍ର: ୪.୮) । ଏତଦ୍ ବ୍ୟତୀତ, ବ୍ରିଟିଶ ଅର୍ଥନୀତିର ମୁକ୍ତ ବଜାର ବ୍ୟବସ୍ଥା ଜିନିଷପତ୍ରର ଦରଦାମକୁ ଅସ୍ଥିର କରୁଥିଲା, ଯାହା ଦୁର୍ଭିକ୍ଷର ଭୟାବହତା ବୃଦ୍ଧି କରିବାରେ ସହାୟକ ହୋଇଥିଲା। ଭାରତର ତତ୍କାଳୀନ ଭାଇସ୍‌ରଏ ଲର୍ଡ଼ ଲିଟନ୍ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ, "ଖାଦ୍ୟ ସାମଗ୍ରୀର ଦର ହ୍ରାସ କରିବା ଲକ୍ଷ୍ୟରେ ସରକାରଙ୍କ ତରଫରୁ କୌଣସି ପ୍ରକାର ହସ୍ତକ୍ଷେପ କରାଯିବ ନାହିଁ।"

ସେହି ସମୟରେ, ୧୮୭୬ ମସିହାରେ, ଦୁର୍ଭିକ୍ଷର ଏହି ମହା ସଙ୍କଟ ସମୟରେ, ଏକ ବ୍ୟୟବହୁଳ ଦରବାର ଆୟୋଜନ କରି, ଲିଟନ୍ ଦିଲ୍ଲୀଠାରେ ଅଠଶଠୀ ହଜାର ସରକାରୀ ଅଧିକାରୀ, ସୁବେଦାର ଓ ମହାରାଜାମାନଙ୍କୁ





https://withteachers.in/

ନେଇ ସପ୍ତାହ ବ୍ୟାପି ଭୋଜିର ବନ୍ଦୋବସ୍ତ କରିଥିଲେ ।

ବ୍ରିଟିଶ ଶାସନ କାଳରେ ଏପରି ଭୟଙ୍କର ଦୁର୍ଭିକ୍ଷ ପାଖାପାଖି ୧୮ ରୁ ୨୦ ଥର ଅନୁଭୂତ ହୋଇଥିଲା । କେତେକ ଦୁର୍ଭିକ୍ଷ ଆୟୋଗ ଓ ଅନ୍ୟାନ୍ୟ ରିପୋର୍ଟ ଆଧାରରୁ ପ୍ରକାଶ ଯେ ସେହି ସମୟରେ ପ୍ରଭାବିତ ଓ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା ୫୦ ରୁ ୧୦୦ ନିୟୁତ ମଧ୍ୟରେ ଅନୁମାନ କରାଯାଏ, ଯାହା ଦ୍ୱିତୀୟ ବିଶ୍ୱଯୁଦ୍ଧ ମୃତ୍ୟୁ ସଂଖ୍ୟା ସହ ପାଖାପାଖି ସମାନ । (ଏତଦ୍‌ ବ୍ୟତୀତ ଅସଂଖ୍ୟ ଗୋରୁଗାଈ ଓ ପଶୁମାନେ ମଧ୍ୟ ମୃତ୍ୟୁବରଣ କରିଥିଲେ ।)

କେତେକ ସହରରେ (ଚିତ୍ର : ୪.୯) ବ୍ରିଟିଶ ପ୍ରଶାସନ ତରଫରୁ ଦୁର୍ଭିକ୍ଷ ରିଲିଫ୍‌ ବା ସହାୟତା ଶିବିର ସ୍ଥାପନ କରାଯାଇଥିଲେ ମଧ୍ୟ ତାହା ନଗଣ୍ୟ ଓ ଅପର୍ଯ୍ୟାପ୍ତ ଥିଲା । କେତେକ ଅଧିକାରୀଙ୍କ ମତ ଥିଲା ଯେ ଦୁର୍ଭିକ୍ଷ ସହାୟତା ସର୍ବନିମ୍ନ ରହିବା ଉଚିତ । ଉଦାହରଣ ସ୍ୱରୂପ ୧୮୭୮–୧୮୮୦ ମସିହାର ଦୁର୍ଭିକ୍ଷ ଆୟୋଗ କହିଥିଲେ, "ଦୁର୍ଭିକ୍ଷ ସମୟରେ ଗରୀବ ଲୋକଙ୍କମାନଙ୍କୁ ସହାୟତା ଦାବି ସିଦ୍ଧାନ୍ତ.... ଏହାକୁ ସେମାନଙ୍କର ଏକ ପୂର୍ଣ୍ଣକାଳୀନ ଅଧିକାର ଆଡ଼କୁ ନେଇଯାଇପାରେ ।"

ଆମକୁ ଏଠାରେ ମନେ ରଖିବାକୁ ହେବ ଯେ, ଭାରତରେ ଅନେକ ବାର ଦୁର୍ଭିକ୍ଷ ପଡ଼ିଅଛି ଯାହା ମରୁଡ଼ି, ବନ୍ୟା, ସାମରିକ ଅଭିଯାନ ବା ଅନ୍ୟ ପରିସ୍ଥିତିରୁ ସୃଷ୍ଟ । କିନ୍ତୁ ଏପରି ପ୍ରଳୟଙ୍କରୀ କେବେ ହୋଇନଥିଲା । ଉପନିବେଶ ଯୁଗରେ, ଭାରତ, ବିଶେଷତଃ ଗ୍ରାମାଞ୍ଚଳ ଏପରି ଦାରିଦ୍ର୍ୟରେ ବୁଡ଼ିଗଲା ଯେ ତାହା ପୁନରୁଦ୍ଧାର ହୋଇ ପାରିଲା ନାହିଁ ।

## ଭାରତର ସମ୍ପତ୍ତି ହରଣ

ଆମେ ଆଗରୁ ଜାଣିଛନ୍ତି, କେବଳ ଆର୍ଥିକ ଶୋଷଣହିଁ ବ୍ରିଟିଶ ଉପନିବେଶ ନୀତିର ମୂଳଦୁଆ ଥିଲା । ୧୮୯୫ ମସିହାରେ, ଆମେରିକୀୟ ଐତିହାସିକ ଏବଂ ରାଜନୀତି ବିଶାରଦ ବ୍ରୁକ୍‌ସ ଆଡାମସ୍‌ ଲେଖିଥିଲେ;

> "ପଲାସୀ ଯୁଦ୍ଧ ପରେ ପରେ, ବଙ୍ଗଳାରୁ ଲୁଣ୍ଠନର ପ୍ରଭାବ ତୁରନ୍ତ ଲଣ୍ଡନରେ ଦେଖିବାକୁ ମିଳିଲା । ସମସ୍ତ ଅଧିକାରୀଗଣ ସହମତ ହେଲେ ଯେ, ୧୭୬୦ ମସିହାରୁ ଆରମ୍ଭ ହୋଇଥିବା ଶିଳ୍ପ ବିପ୍ଳବ ଏତେ ପରିମାଣରେ ଲାଭ ଦେଇ ପାରିନଥିଲା ଯାହା କେବଳ ଭାରତ ଲୁଣ୍ଠନରୁ ହିଁ ମିଳିଥିଲା ।"

ଅନ୍ୟ ଭାବରେ କହିଲେ, ଆଡାମଙ୍କ ମତରେ ବ୍ରିଟେନର ଶିଳ୍ପ ବିପ୍ଳବ ଯାହା ପର୍ଯ୍ୟାପ୍ତ ପରିମାଣର ପୁଞ୍ଜି ନିବେଶ ଆବଶ୍ୟକ କରୁଥିଲା, କେତେକାଂଶରେ ଭାରତରୁ ଚୋରୀ କରାଯାଇଥିବା ସମ୍ପତ୍ତି ଦ୍ୱାରାହିଁ ସମ୍ଭବ ହୋଇଥିଲା । (ଏହି ଉକ୍ତିଟି ଆମେରିକୀୟ ଐତିହାସିକ ଉଇଲ୍‌ ଦୁରାନ୍ତଙ୍କର ଅଟେ ।)



https://withteachers.in/

ହାଉସ ଅଫ କମନସ୍ (House of Commons) :(ନିମ୍ନ ସଦନ) ଯୁକ୍ତରାଜ୍ୟ ଦ୍ୱିସଦନୀୟ ବ୍ୟବସ୍ଥାପିକା ସଭାର ଏହା ହେଉଛି ନିମ୍ନ ସଦନ। ଦାଦାଭାଇ ନାରୋଜୀ ଏହି ସଭାକୁ ପ୍ରଥମ ଭାରତୀୟ ରୂପେ ନିର୍ବାଚିତ ହୋଇଥିଲେ।

ଆଡାମସ୍ ଓ ଦିଗବିଙ୍କ ପରି ଶିକ୍ଷା ନବୀସଙ୍କ ଦ୍ୱାରା ପ୍ରଭାବିତ ହୋଇ ଭାରତର ଖ୍ୟାତନାମା ରାଜନେତା ଦାଦାଭାଇ ନାରୋଜୀ ୧୯୦୧ ମସିହାରେ "ଦାରିଦ୍ର୍ୟ ଓ ଭାରତରେ ଅଣ-ବ୍ରିଟିଶ ଶାସନ" (Poverty and Un-British Rule in India) ନାମରେ ଏକ ପୁସ୍ତକ ରଚନା କରିଥିଲେ। ଏହି ପୁସ୍ତକରେ ସେ ବ୍ରିଟିଶ ରିପୋର୍ଟଗୁଡ଼ିକରୁ ତଥ୍ୟ ସଂଗ୍ରହ କରି ଭାରତରୁ ହରଣ କରାଯାଇଥିବା ସମ୍ପତ୍ତିର ପରିମାଣ ଆକଳନ କରିଥିଲେ। ସେହି ସମୟରେ ରମେଶ ଚନ୍ଦ୍ର ଦତ୍ତ ନାମରେ ଅନ୍ୟ ଜଣେ ଐତିହାସିକ, 'ଭାରତର ଅର୍ଥନୈତିକ ଇତିହାସ' (Economic History of India) ନାମକ ପୁସ୍ତକରେ ସମାନ କଥାର ଅବତାରଣା କରିଥିଲେ। ଏହିସବୁ ଚିନ୍ତାଶୀଳ ଲେଖାରୁ ଜଣାଯାଏ ଉପନିବେଶବାଦୀ ଦେଶଗୁଡ଼ିକ ଭାରତରୁ ନିୟୁତ ନିୟୁତ ପାଉଣ୍ଡର (ଇଂଲଣ୍ଡ ମୁଦ୍ରା) ହରଣ କରିଛନ୍ତି। ଅପେକ୍ଷାକୃତ ନିକଟ ଅତୀତରେ କରାଯାଇଥିବା (ଉତ୍ସା ପଟ୍ଟନାୟକଙ୍କ ଦ୍ୱାରା) ତଥ୍ୟ ଅନୁଯାୟୀ ୧୭୬୫ ମସିହାଠାରୁ ୧୯୩୮ ମସିହା ମଧ୍ୟରେ, ପ୍ରାୟ ୪୫ ଟ୍ରିଲିଅନ ଆମେରିକୀୟ ଡଲାର (ବର୍ତ୍ତମାନର ମୂଲ୍ୟ ଅନୁଯାୟୀ) ବା ୨୦୨୩ ମସିହାର ବ୍ରିଟେନ GDP (ମୋଟ ଘରୋଇ ଉତ୍ପାଦ ୧୩ ଗୁଣା ସମ୍ପତ୍ତି ହରଣ କରାଯାଇଥିଲା। ଏହା କେବଳ ଟିକସ ମାଧ୍ୟମରେ ନୁହେଁ, ବରଂ ରେଳବାଇ, ଟେଲିଗ୍ରାଫ୍ ଓ ଯୁଦ୍ଧ ସମୟରେ କରାଯାଇଥିବା ଖର୍ଚ୍ଚର ଉପନିବେଶବାଦୀ ଅଂଶ ରୂପେ ଭାରତୀୟମାନଙ୍କ ଠାରୁ ଆଦାୟ କରାଯାଉଥିଲା।

ଯଦି ସେହି ସମ୍ପତ୍ତି ଭାରତରେ ବିନିଯୋଗ ହୋଇଥାନ୍ତା, ତେବେ ସ୍ୱାଧୀନତା ପ୍ରାପ୍ତି ବେଳକୁ ଭାରତ ଏକ ଭିନ୍ନ ଓ ସ୍ୱତନ୍ତ୍ର ଦେଶ ରୂପେ ପରିଗଣିତ ହୋଇଥାନ୍ତା।

## ଆସ ଅନୁସନ୍ଧାନ କରିବା

ଭାରତରେ ଅଣବ୍ରିଟିଶ ଶାସନ ବୋଲି ଦାଦାଭାଇ ନାରୋଜୀ କାହାକୁ ଲକ୍ଷ୍ୟ କରି କହିଥିଲେ ବୋଲି ତୁମେ ଭାବୁଛ ? (ସୂଚନା: ସେ ୧୮୯୨ ମସିହାରେ ଯୁକ୍ତ ରାଜ୍ୟର ହାଉସ ଅଫ୍ କମନସ୍‌ର ସଦସ୍ୟ ଥିଲେ)।



ଚିତ୍ର : ୪.୧୦. ବ୍ରୁକସ୍ ଆଡାମସ୍



ଚିତ୍ର : ୪.୧୧. ଉଇଲିୟମ ଡିଗବି



ଚିତ୍ର : ୪.୧୨. ଦାଦାଭାଇ ନାରୋଜୀ



ଚିତ୍ର : ୪.୧୩ : ଆର୍.ସି. ଦତ୍ତ

## ଏହା ବିଷୟରେ ଚିନ୍ତା କର

ଆସ ଏଥର (ଚିତ୍ର : ୪.୧୪) ଏହି ଚିତ୍ରପଟ୍ଟକୁ ଫେରିବା କିନ୍ତୁ କେତେକ ପ୍ରତୀକାତ୍ମକ ସୂଚନା ସହିତ। ଦେଖ, ବ୍ରିଟାନିଆ କିପରି ନିଜ ଉପନିବେଶଠାରୁ ଉଚ୍ଚ ସ୍ଥାନରେ ବସିଅଛି।



https://withteachers.in/




ଚିତ୍ର : ୪.୧୪: ପୃଥିବୀର ପୂର୍ବଦେଶଗୁଡ଼ିକ
ବ୍ରିଟାନିଆକୁ ନିଜର ଧନସମ୍ପତ୍ତି ପ୍ରଦାନ କରୁଛନ୍ତି।

ଉପନିବେଶଗୁଡ଼ିକର ନିମ୍ନ ଅବସ୍ଥିତି ଓ ନଇଁବା ଅବସ୍ଥା ଦର୍ଶାଉଛି ଯେ ବ୍ରିଟାନିଆ ଉଚ୍ଚ କ୍ଷମତା ସମ୍ପନ୍ନ ଅଟେ। ସେମାନେ କ'ଣ ସତରେ ସେମାନଙ୍କ ସମ୍ପତ୍ତି ପ୍ରଦାନ କରିଦେଉଥିଲେ ? ଅଥବା ବ୍ରିଟେନ୍ ସେଗୁଡ଼ିକୁ ବଳପୂର୍ବକ ଅକ୍ତିଆର କରୁଛି ? ଆହୁରି ମଧ୍ୟ ଭାରତୀୟମାନଙ୍କ କଳା ଶରୀରକୁ ଦେଖ (ଯାହା ବ୍ରିଟାନିଆ ଠାରୁ ପୃଥକ) ଏହା ଗୋରା ଲୋକମାନଙ୍କର, କଳା ଲୋକମାନଙ୍କ ଅପେକ୍ଷା ଉତ୍କୃଷ୍ଟ ଅବସ୍ଥାର ବିଶ୍ୱାସ ଜନ୍ମାଉଛି।

## ପରିବର୍ତ୍ତିତ ଦୃଶ୍ୟପଟ୍ଟ

କ୍ରମ ବର୍ଦ୍ଧିଷ୍ଣୁ ଉପନିବେଶ ଶାସନ ବ୍ୟବସ୍ଥା ଭାରତୀୟ ଜୀବନଯାତ୍ରାର ସମସ୍ତ ଦିଗକୁ ପ୍ରଭାବିତ କରିଥିଲା। କାରଣ ଆମ ଶାସକମାନେ ଗ୍ରହଣ କରି ନେଇଥିଲେ ଯେ, ସେମାନଙ୍କର ଉତ୍କୃଷ୍ଟ ଅବଧାରଣା ଭାରତକୁ ପୁନଗଠିତ କରିବାରେ ସହାୟକ ହେବ। ଏଥର ଆସ ସେ ସମ୍ପର୍କିତ କେତେକ ପ୍ରଭାବ ଦେଖିବା।



https://withteachers.in/

## ଭାରତର ସ୍ୱଦେଶୀ ଶିଳ୍ପର ଅବନତି

ଖୋଦିତ / ଅଙ୍କିତ **(Embossed) :** କପଡ଼ା ଉପରେ ଅଙ୍କିତ ଏକ ଛବି ଯାହା ଲୁଗାକୁ ସ୍ୱତନ୍ତ୍ର ସ୍ଥାନ ଦେଇଥାଏ।

ଅଷ୍ଟାଦଶ ଶତାବ୍ଦୀ ପୂର୍ବରୁ ଭାରତ ନିଜର ଉତ୍ପାଦନ କ୍ଷମତା ନିମନ୍ତେ ପ୍ରସିଦ୍ଧ ଥିଲା। ଏହା ମୁଖ୍ୟତଃ, ସୂତା, ଶିଲ୍କ, ଉଲ୍, ଝୋଟ ଏବଂ କତା ପ୍ରସ୍ତୁତ ଦ୍ରବ୍ୟ ଥିଲା। ଭାରତର ସୂତା ବୁଣା ଲୁଗା, ଏହାର ସମୃଦ୍ଧ ଓ ସୂକ୍ଷ୍ମ କାରୁକାର୍ଯ୍ୟ, ଉଜ୍ଜ୍ୱଳ  ରଙ୍ଗ ଏବଂ ମସଲିନ୍ ଠାରୁ ଆରମ୍ଭ କରି ମୁଦ୍ରାଙ୍କିତ କପଡ଼ାର ମସୃଣ ଅନୁଭବ ଯୋଗୁଁ ପୃଥିବୀର ବିଭିନ୍ନ ଭାଗରେ ଅଧିକ ଚାହିଦା ଯୁକ୍ତ ଥିଲା।



### ଆସ ଅନୁସନ୍ଧାନ କରିବା

ଭାରତୀୟ ବୟନ ଶିଳ୍ପକୁ ବର୍ଣ୍ଣନା କରିବା ନିମନ୍ତେ ଉପରେ ବର୍ଣ୍ଣିତ ତାଲିକାଗୁଡ଼ିକୁ ତୁମେ ବୁଝି ପାରିଲ କି ? ଯଦି ନୁହେଁ, ତେବେ ଚାରି ବା ପାଞ୍ଚଟି ଦଳରେ ବିଭାଜିତ ହୋଇ ଏହାକୁ ଆଲୋଚନା କର ଏବଂ ପରସ୍ପରର ଆବିଷ୍କାରକୁ ତୁଳନା କର। ଦରକାର ପଡ଼ିଲେ ଶିକ୍ଷକଙ୍କ ସାହାଯ୍ୟ ନିଅ।

ବ୍ରିଟିଶ ନୀତି ଅନୁଯାୟୀ ବ୍ରିଟେନ୍ ଭାରତରୁ ଆମଦାନୀ କରୁଥିବା ବସ୍ତ୍ର ଉପରେ ଅତ୍ୟଧିକ କର ବସାଇଥିବା ବେଳେ ବ୍ରିଟେନରୁ ଭାରତକୁ ରପ୍ତାନୀ କରୁଥିବା ଦ୍ରବ୍ୟ ଉପରେ ସର୍ବନିମ୍ନ କର ବସାଇବାକୁ ବାଧ କରୁଥିଲା। ଏଥିସହିତ, ସେହି ସମୟରେ ବ୍ରିଟେନ୍ ଅଧିକାଂଶ ବାଣିଜ୍ୟ ଓ ମୁଦ୍ରା ବିନିମୟକୁ ନିୟନ୍ତ୍ରିତ କରୁଥିବାରୁ ଭାରତୀୟ ବ୍ୟବସାୟୀମାନେ ଅଧିକ ରପ୍ତାନୀ କରିବାକୁ କଷ୍ଟକର ଅନୁଭବ କଲେ। ଫଳରେ ଭାରତୀୟ ବୟନ ଶିଳ୍ପ ଧ୍ୱଂସ ହେବାକୁ ଲାଗିଲା। ଊନବିଂଶ ଶତାବ୍ଦୀ ବେଳକୁ ଭାରତର ବୟନ ରପ୍ତାନୀ ଅଶାତୀତ ଭାବେ ହ୍ରାସ ପାଉଥିବା ବେଳେ ବ୍ରିଟେନରୁ ଭାରତକୁ ଆମଦାନୀ ଅନେକ ମାତ୍ରାରେ ବଢ଼ି ଚାଲିଲା। କୁଶଳୀ କାରିଗର ସମ୍ପ୍ରଦାୟ ଯେଉଁମାନେ ପୁରୁଷ ପୁରୁଷ ଧରି ହସ୍ତଶିଳ୍ପରେ ନିପୁଣ ଥିଲେ, ଦାରିଦ୍ର୍ୟର ତାଡ଼ନାରେ ବାଧ ହୋଇ ଜୀବନ ବିକଳରେ କୃଷି କାର୍ଯ୍ୟ ଆରମ୍ଭ କଲେ। ମାତ୍ର ତାହା ମଧ ଅତ୍ୟଧିକ କରଯୁକ୍ତ ଥିଲା। ତତ୍କାଳୀନ ଗଭର୍ଣ୍ଣର ଜେନେରାଲ ୱିଲିୟମ୍ ବେଣ୍ଟିଙ୍କ ୧୮୩୪ ମସିହାରେ ଅନୁଭବ କଲେ ଯେ, "ବୁଣାକାରଙ୍କ ଅସ୍ଥି ସାରା ଭାରତର ସମତଳ ଭୂମିକୁ ଧଳା ରଙ୍ଗରେ ପରିଣତ କରି ଦେଇଛି।"

ଭାରତୀୟ ଶିଳ୍ପ ଜଗତର ଅନ୍ୟ ଦିଗ ଗୁଡ଼ିକରେ ଯଥା– ଲୁହା, ଷ୍ଟିଲ, କାଗଜ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ମଧ ସମାନ ଅବସ୍ଥା ଦେଖିବାକୁ ମିଳିଲା। ବିଶ୍ୱ ବଜାରରେ ଭାରତର ଅଂଶ ଧନ ନିମ୍ନଗାମୀ ହେବାକୁ ଲାଗିଲା, ଉପନିବେଶ ସମୟରେ ଏହା ଏତେ କମିଗଲା ଯେ ଭାରତ ସ୍ୱାଧୀନତା ବେଳକୁ ତାହା ପାଞ୍ଚ ଶତାଂଶରୁ ମଧ କମ୍ ଥିଲା। ଦୁଇ ଶତାବ୍ଦୀରୁ କମ୍ ସମୟରେ ପୃଥିବୀର ବୈଭବଶାଳୀ ଅଞ୍ଚଳ ଏକ ଦରିଦ୍ର ଅଞ୍ଚଳରେ ପରିଣତ ହୋଇଗଲା।

## ପାରମ୍ପରିକ ଶାସନ ଢାଞ୍ଚାର ବିନାଶ

ବ୍ରିଟିଶ ଉପନିବେଶ ପୂର୍ବରୁ ଭାରତରେ ଏକ ସୁସଗଠିତ ସ୍ଥାନୀୟ ଶାସନ ବ୍ୟବସ୍ଥା ରହିଥିଲା। ଗୋଷ୍ଠୀଗତ ଜୀବନ ଶୈଳୀ, ବିବାଦର ସମାଧାନ, ଜଳସେଚନ ଓ ରାସ୍ତା ନିର୍ମାଣ ଆଦି



https://withteachers.in/

ସର୍ବସାଧାରଣ କାର୍ଯ୍ୟସମୂହ ଗ୍ରାମ୍ୟ ପରିଷଦ ଦ୍ୱାରା ପରିଚାଳିତ ହେଉଥିଲା । ସ୍ଥାନୀୟ ଆବଶ୍ୟକତା ଓ ଅବସ୍ଥା ଭିତ୍ତିରେ, ଆଞ୍ଚଳିକ ରାଜ୍ୟଗୁଡ଼ିକ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ଏକ ଦୃଢ଼ ପ୍ରଶାସନିକ ବ୍ୟବସ୍ଥା ଗ୍ରହଣ କରିଥିଲେ । ନିଜର ଏକ ଗୁରୁତ୍ୱପୂର୍ଣ୍ଣ ମତାମତରେ ୧୮୩୦ ମସିହାରେ ସେ ସମୟର କାର୍ଯ୍ୟକାରୀ ଗଭର୍ଣ୍ଣର ଜେନେରାଲ ଚାର୍ଲସ ମେଟକାଫ୍ ଲେଖିଥିଲେ,

> "ଗ୍ରାମ୍ୟ ସମାଜ ଏକ ଛୋଟ ଗଣରାଜ୍ୟ ପରି ଥିଲା, ଯେଉଁଠି ଲୋକଙ୍କ ପ୍ରାୟ ସମସ୍ତ ଆବଶ୍ୟକତା ନିଜ ନିଜ ମଧ୍ୟରେ ପୂରଣ ହେଉଥିଲା । ସେମାନେ ସେଠାରେ ବଞ୍ଚି ରହୁଥିଲେ ଯେଉଁଠାରେ ଅନ୍ୟ କେହି ବଞ୍ଚିବା ପାଇଁ ଅସମର୍ଥ । ଶାସକଙ୍କ ପରେ ଶାସକଙ୍କର ପତନ ହୋଇଛି, ଗୋଟିଏ ବିପ୍ଲବ ପରେ ଅନ୍ୟ ବିପ୍ଲବ ଆସିଛି, କିନ୍ତୁ ଗ୍ରାମ୍ୟ ସମାଜ ସେହିପରି ତିଷ୍ଠି ରହିଛି । ପ୍ରତ୍ୟେକ କ୍ଷୁଦ୍ର ରାଜ୍ୟର ନିଜସ୍ୱ ସ୍ଥିତି ମଧ୍ୟରେ ଗ୍ରାମ୍ୟ ସମାଜର ଏକତା ସୂଚାଇ ଦିଏ ଯେ ତାହାହିଁ ଭାରତୀୟମାନଙ୍କ ନିରବଚ୍ଛିନ୍ନ ସ୍ଥିତିର ମୁଖ୍ୟ ଆଧାର ।"

ଭାରତର ଏହି ନିଜସ୍ୱ ମୌଳିକ ଶାସନ ବ୍ୟବସ୍ଥା ସୁନିଶ୍ଚିତ ଭାବରେ ବ୍ରିଟିଶ ଶାସନ ସମୟରେ ଧ୍ୱଂସ କରିଦିଆଗଲା । ଶାସନରେ ବିକଳ୍ପ ଭାବରେ ଏକ କେନ୍ଦ୍ରୀଭୂତ ଅମଲାତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରବର୍ତ୍ତନ କରାଗଲା ଯାହା ଜନତାଙ୍କ ମଙ୍ଗଳ ପରିବର୍ତ୍ତେ ମୁଖ୍ୟତଃ ଟିକସ ଆଦାୟ ଓ ଆଇନ ଶୃଙ୍ଖଳା ରକ୍ଷାକୁ ଗୁରୁତ୍ୱ ଦେଉଥିଲା । ଏହି ପରିବର୍ତ୍ତନ ଭାରତରେ ଶତାବ୍ଦୀ ଶତାବ୍ଦୀ ବ୍ୟାପି ପ୍ରଚଳିତ ସାମାଜିକ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ଟାଣି ଦେଲା ।

ବ୍ରିଟିଶ ଆଇନ ସଂହିତା ପ୍ରଚଳନ ମାଧ୍ୟମରେ ଭାରତରେ ପୁରୁଷ ପୁରୁଷ ଧରି ଚାଲି ଆସୁଥିବା ଶାସନଗତ ଅଭ୍ୟାସ ଓ ଆଇନ ଆଦିକୁ ଅବମାନନା କରାଗଲା । ଆଧୁନିକତା ନାମରେ ଏପରି ଏକ ବିଦେଶୀ ଶାସନ ବ୍ୟବସ୍ଥାର ଜବରଦସ୍ତି ପ୍ରଣୟନ ଭାରତ ନିମନ୍ତେ ଗ୍ରହଣୀୟ ନଥିଲା । ଏହାଦ୍ୱାରା ସାଧାରଣ ଭାରତୀୟଙ୍କୁ ନ୍ୟାୟିକ ପ୍ରକ୍ରିୟାରୁ ଦୂରେଇ ରଖି, ନ୍ୟାୟାଳୟକୁ ଏକ ବିଦେଶୀ ଭାଷା ମାଧ୍ୟମରେ ପରିଚାଳନା କରି, ସମୟ ସାପେକ୍ଷ ଓ ଖର୍ଚ୍ଚାନ୍ତ କରାଇଥିଲା ।

## ଭାରତୀୟ ଶିକ୍ଷାର ରୂପାନ୍ତରୀକରଣ :

### 'ବାଦାମୀ ଇଂରେଜୀ'ର ସୃଷ୍ଟି

ଶିକ୍ଷାକୁ ଏକ ବଳିଷ୍ଠ ମାଧ୍ୟମ ରୂପେ ବ୍ୟବହାର କରି ଇଂରେଜ ସରକାର ଭାରତୀୟମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ଶ୍ରେଣୀ ସୃଷ୍ଟି ସହିତ ନିଜ ସ୍ୱାର୍ଥପୂରଣ କରିବାରେ ଲାଗିଲେ । ପୂର୍ବରୁ ଭାରତରେ ଏକ ବିବିଧ ଶିକ୍ଷା ପରମ୍ପରା ଯଥା– ପାଠଶାଳା, ମଦ୍ରାସା, ବିହାର ଏବଂ ବିଭିନ୍ନ ପ୍ରକାରର ଶିକ୍ଷାର୍ଥୀ ଶିକ୍ଷା ବ୍ୟବସ୍ଥା ରହିଥିଲା । ସେହି ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ବ୍ୟବହାରିକ ଜ୍ଞାନ ନୁହେଁ ବରଂ ସାଂସ୍କୃତିକ ମୂଲ୍ୟବୋଧ ଓ ପରମ୍ପରା ସମ୍ପର୍କିତ ଶିକ୍ଷା ପ୍ରଦାନ କରୁଥିଲେ । ଏପରିକି ଊନବିଂଶ ଶତାବ୍ଦୀର ବ୍ରିଟିଶ ରିପୋର୍ଟ ପ୍ରକାଶ କରିଥିଲା ଯେ ସାରା ଭାରତର ବିଭିନ୍ନ ଗ୍ରାମାଞ୍ଚଳରେ ଲକ୍ଷ ଲକ୍ଷ ଗ୍ରାମ ବିଦ୍ୟାପୀଠ




https://withteachers.in/

ରହିଅଛି (ଉଦାହରଣ ସ୍ୱରୂପ ୧୦୦, ୦୦୦ ରୁ ୧୫୦,୦୦୦ କେବଳ ବଙ୍ଗଳାରେ ଏବଂ ପ୍ରାୟ ୧୮୩୦ ବିହାରରେ ଅବସ୍ଥିତ)।

"ଯେଉଁଠାରେ ସ୍ଥାନୀୟ ଯୁବକମାନଙ୍କୁ ପଢ଼ିବା, ଲେଖିବା ଏବଂ ଗଣିତ ଶିକ୍ଷା ଦିଆଯାଏ। ଏହି ବ୍ୟବସ୍ଥା ମିତବ୍ୟୟୀ, ସରଳ ଏବଂ ପ୍ରଭାବଶାଳୀ ଥିଲା।"

୧୮୩୫ ମସିହାରେ ବ୍ରିଟିଶ ଐତିହାସିକ ଓ ରାଜନୀତି ବିଶାରଦ ଥୋମାସ୍ ବି.ମାକ୍‌ଲେଙ୍କ "ଭାରତୀୟ ଶିକ୍ଷା ସମ୍ବନ୍ଧରେ ପଦେ" (Minute on Indian Education) ଆଲୋଚନା ଭାରତୀୟ ଶିକ୍ଷା ବ୍ୟବସ୍ଥାର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଦେଇଥିଲା। ସେଠାରେ ସେ ସ୍ୱୀକାର କରିଥିଲେ ଯେ, ତାଙ୍କର "ଆରବୀୟ କିମ୍ବା ସଂସ୍କୃତ ଜ୍ଞାନ ନାହିଁ।" ତଥାପି ସେ ବିଶ୍ୱାସ କରୁଥିଲେ ଯେ ୟୁରୋପର ଜ୍ଞାନ, ଭାରତୀୟ ଜ୍ଞାନଠାରୁ ଅଧିକ ଉନ୍ନତ। ସେ ଲେଖିଥିଲେ, "ମୁଁ ସେମାନଙ୍କ ମଧ୍ୟରୁ (ପ୍ରାଚ୍ୟରୁ) ଜଣଙ୍କୁ ବି ଦେଖିଲି ନାହିଁ ଯିଏ ଏକଥା ମାନିବ ନାହିଁ ଯେ ୟୁରୋପର ଭଲ ଲାଇବ୍ରେରୀର ଏକ ଥାକର ମହତ୍ତ୍ୱ ସାରା ଭାରତ ଓ ଆରବୀୟ ସ୍ଥାନୀୟ ସମସ୍ତ ଲେଖନ କୃତୀଠାରୁ ଅଧିକ ମହତତର।" ତେଣୁ ଭାରତୀୟମାନଙ୍କୁ ବ୍ରିଟିଶ ଶିକ୍ଷାର ଆବଶ୍ୟକତା ଅଛି; ଯାହାର ଲକ୍ଷ୍ୟ ହେଉଛି ଭାରତୀୟଙ୍କ ମଧ୍ୟରେ ଏପରି ଏକ ଶ୍ରେଣୀ ସୃଷ୍ଟି କରିବା ଯିଏ, "ରକ୍ତ ଓ ରଙ୍ଗରେ ଭାରତୀୟ ହୋଇଥିବେ, କିନ୍ତୁ, ଜ୍ଞାନ ମତାମତ, ନୈତିକତା ଓ ଗ୍ରହଣୀୟତାରେ ଇଂରେଜ ପରି ହୋଇଥିବେ।"

ଯଦିଓ ଅଳ୍ପ କେତେକ ପ୍ରାଚ୍ୟ ବିଶାରଦ ଯୁକ୍ତି କରିଥିଲେ ଯେ, ଭାରତୀୟ ଛାତ୍ରମାନଙ୍କୁ ସେମାନଙ୍କ ମାତୃଭାଷାରେ ଶିକ୍ଷା ଦିଆଯିବା ଆବଶ୍ୟକ, ମାକଲେଙ୍କ ନୀତି ଅଧିକ ଗ୍ରହଣ ଯୋଗ୍ୟ ହୋଇଥିଲା ଏବଂ ଭାରତର ପାରମ୍ପରିକ ବିଦ୍ୟାଳୟଗୁଡ଼ିକ ଧିରେ ଧିରେ ଅପସରିଗଲା। ସେହି ସମୟରେ ଇଂରାଜୀ ଏକ ସମ୍ମାନବୋଧକ ଭାଷା ରୂପେ ଉପନିବେଶକାରୀ ମୁନିବଙ୍କ ଭାଷା ହୋଇ ରହିବା ଫଳରେ ଭାରତୀୟ ସମାଜକୁ ଦୁଇ ଭାଗରେ ବିଭାଜିତ କଲା ଯଥା– ଇଂରାଜୀ ପାଠୁଆ ଉଚ୍ଚବର୍ଗ ଓ ସାଧାରଣ ଜନତା।

ନୂତନ ଶିକ୍ଷା ନୀତି ଉପନିବେଶଗତ ଏକାଧିକ ଲକ୍ଷ୍ୟ ପୂରଣରେ ସାହାଯ୍ୟ କରିଥିଲା। ଏହା ଭାରତୀୟମାନଙ୍କ ମଧ୍ୟରୁ କେତେ ଜଣଙ୍କୁ କିରାଣୀ ଏବଂ କ୍ଷୁଦ୍ର କର୍ମଚାରୀ ସୃଷ୍ଟି କରାଇଥିଲା, ଯେଉଁମାନଙ୍କ ନିମନ୍ତେ ପ୍ରଶାସନ ବ୍ରିଟିଶ କର୍ମଚାରୀଙ୍କ ଅନୁପାତରେ ଅତି କମ୍ ଖର୍ଚ୍ଚ କରୁଥିଲା। ଏଥି ସହିତ ଏହା ମଧ୍ୟ ପାରମ୍ପରିକ ଶିକ୍ଷାର ମୂଳ ଉତ୍ସରୁ ଭାରତୀୟମାନଙ୍କୁ ଦୂରେଇ ରଖି ଏପରି ଏକ ପିଢ଼ିର ସୃଷ୍ଟି କରିବାରେ ସଫଳ ହେଲା ଯେଉଁମାନେ ନିଜ ସଂସ୍କୃତିଠାରୁ ଦୂରେଇ ଗଲେ।

### ଏହା ବିଷୟରେ ଚିନ୍ତା କର

ସେ ଲେଖିଥିବା "ୟୁରୋପର ଏକ ଭଲ ଲାଇବ୍ରେରୀର ଏକ ଥାକର ମହତ୍ତ୍ୱ ଭାରତ ଓ ଆରବୀୟ ସମସ୍ତ ଲେଖନ କୃତୀ ସହିତ ସମାନ" ମାଧ୍ୟମରେ ମାକଲେ କ'ଣ ଦର୍ଶାଇବାକୁ ଚାହୁଁଥିଲେ ? ସେ କାହିଁକି ଭାରତୀୟମାନଙ୍କୁ, "ଜ୍ଞାନ, ମତାମତ, ନୈତିକତା ଓ



https://withteachers.in/

ଗ୍ରହଣୀୟତାରେ ଇଂରେଜଙ୍କ ପରି" ହେବାକୁ ଚାହୁଁ ନଥିଲେ ? ଏହା କିପରି ସଭ୍ୟତା ମିଶନ୍ ସହିତ ଜଡ଼ିତ ହୋଇପାରିବ ? ତୁମ ଶ୍ରେଣୀ ଶିକ୍ଷକଙ୍କୁ କହି ଏକ ତର୍କର ଆୟୋଜନ କର ।

## ସାମ୍ରାଜ୍ୟବାଦ ଆବଶ୍ୟକତା ପୂରଣ ନିମନ୍ତେ ଆର୍ଥିକ ଢାଞ୍ଚାର ପୁନର୍ଗଠନ

ଏକ କୃଷିଭିତ୍ତିକ ଏବଂ ହସ୍ତଶିଳ୍ପ ଓ ଉତ୍ପାଦନଭିତ୍ତିକ ସ୍ୱୟଂ ସମ୍ପୂର୍ଣ୍ଣ ଭାରତୀୟ ଅର୍ଥନୀତିକୁ ବଦଳାଇ ଦେଇ ବ୍ରିଟିଶ ଶାସକମାନେ ଭାରତକୁ ଏକ କଞ୍ଚାମାଲ ରପ୍ତାନୀକାରୀ ଏବଂ ବ୍ରିଟିଶ କଳକାରଖାନା ଉତ୍ପାଦିତ ଦ୍ରବ୍ୟର ପଣ୍ୟ ବଜାରରେ ପରିଣତ କରିଥିଲେ । ଏହି ଆର୍ଥିକ ପରିବର୍ତ୍ତନର ଗଭୀରତାକୁ ନଯାଇ ଚାଲ ଆମେ ଭାରତର ବିସ୍ତୃତ ରେଳବାଇ ନେଟୱାର୍କ ନିର୍ମାଣର ଉଦାହରଣ ଆଲୋଚନା କରିବା, ଯାହାକୁ ସାଧାରଣ ଭାବରେ ଔପନିବେଶିକ ଆଶୀର୍ବାଦ ବୋଲି କୁହାଯାଇଥାଏ । ଯଦିଓ ରେଳବାଇ ବ୍ୟବସ୍ଥାର ପ୍ରଚଳନ ଲୋକମାନଙ୍କୁ ଅଧିକ ନିକଟତର କରି ଭାରତର ଆଭ୍ୟନ୍ତରୀଣ ବଜାରକୁ ଏକୀକୃତ କରିଥିଲା, ବାସ୍ତବରେ ଏହାର ମୂଳଲକ୍ଷ୍ୟ ରହିଥିଲା ଆମ ମାଟିତଳେ ଗଚ୍ଛିତ କଞ୍ଚାମାଲକୁ ଆଭ୍ୟନ୍ତରୀଣ ଅଞ୍ଚଳରୁ ନେଇ ବନ୍ଦର ଅଞ୍ଚଳରେ ପହଞ୍ଚାଇବା ଏବଂ ବ୍ରିଟିଶ ଉତ୍ପାଦିତ ଦ୍ରବ୍ୟ ଗୁଡ଼ିକୁ ଆଣି ସାରା ଭାରତରେ ପହଞ୍ଚାଇବା । ଏହି ରେଳପଥ ଭାରତର ପ୍ରତିଷ୍ଠିତ ବ୍ୟାପାରକୁ ଅଣଦେଖା କରି ଔପନିବେଶକ ଆର୍ଥିକ ସ୍ୱାର୍ଥକୁ ପାଳନ କରିଥିଲା ।



ଚିତ୍ର : ୪.୧୫ : ମାଡ୍ରାସ ରେଳବାଇର ଏକ ବାଷ୍ପୀୟ ଇଞ୍ଜିନ । ୧୮୬୦ ମସିହା
(ଭାରତରେ ରେଳପଥ ବିସ୍ତାର କରିଥିବା ଏକ କମ୍ପାନୀ)




https://withteachers.in/

ଏହି ରେଳପଥ ସୃଷ୍ଟିର ଅନ୍ୟ ଆବଶ୍ୟକତା ଥିଲା ବିଦ୍ରୋହ କିମ୍ବା ଯୁଦ୍ଧ ସମୟରେ ସୈନିକମାନଙ୍କୁ କାଣ୍ଟନମେଣ୍ଟ (ସାମରିକ ଛାଉଣି)ରୁ ଆଣିବା ଓ ଯୁଦ୍ଧ କ୍ଷେତ୍ର ନିକଟରେ ପହଞ୍ଚାଇବା ।

ଏତଦବ୍ୟତୀତ, ଏହି ରେଳବାଇ ବ୍ୟବସ୍ଥା ବ୍ରିଟିଶ ସରକାରଙ୍କଠାରୁ ଭାରତକୁ ଏକ ଉପହାର ନଥିଲା । ଏହି ବ୍ୟବସ୍ଥାରେ ହୋଇଥିବା ସମସ୍ତ ଖର୍ଚ୍ଚ ଭାରତୀୟମାନଙ୍କ ଉପରେ ବସା ଯାଇଥିବା ଟିକସରୁ ଭରଣା କରାଯାଇଥିଲା । ଅର୍ଥାତ୍ ଏହା ଜନତାଙ୍କ ଆବଶ୍ୟକତା ଅପେକ୍ଷା ବ୍ରିଟିଶ ସରକାରଙ୍କ ବାଣିଜ୍ୟିକ ସ୍ୱାର୍ଥକୁ ଗୁରୁତ୍ୱ ଦେଇଥିଲା । ଭାରତରେ ଟେଲିଗ୍ରାଫ୍ ବିକାଶର ଇତିହାସ ମଧ୍ୟ ସେହିପରି ହୋଇଥିଲା ।

ଏପରିକି ସେ ସମୟରେ ପ୍ରଶାସନିକ ଖର୍ଚ୍ଚସବୁ ଭାରତୀୟମାନଙ୍କ ଦ୍ୱାରା ବହନ କରାଯାଉଥିଲା । ଉପନିବେଶର ପ୍ରଶାସନିକ ଉପକରଣ, ସାମରିକ ପ୍ରତିଷ୍ଠାନ ଏବଂ ଭାରତରେ ରହୁଥିବା ବ୍ରିଟିଶ ଅଧିକାରୀମାନଙ୍କର ରାଜକୀୟ ଜୀବନଯାପନ ଶୈଳୀ ଆଦି ଭାରତରୁ ଆଦାୟ କରାଯାଉଥିବା ବିଭିନ୍ନ ଟିକସରୁ ବହନ କରାଯାଉଥିଲା । ସଂକ୍ଷେପରେ କହିବାକୁ ଗଲେ, ଭାରତୀୟମାନେ ନିଜେ ନିଜର ପରାଧିନତାର ପାଣ୍ଠି ଯୋଗାଉଥିଲେ ।

## ପ୍ରତିବାଦର ପ୍ରାରମ୍ଭିକ ଆନ୍ଦୋଳନ: ଔପନିବେଶିକ କର୍ତ୍ତୃପକ୍ଷଙ୍କୁ ଏକ ଆହ୍ୱାନ

ଭାରତ ଥିଲା ବ୍ରିଟିଶମାନଙ୍କ ପାଇଁ ବିପୁଳ ଧନ, ପ୍ରାକୃତିକ ଓ ମାନବ ସମ୍ବଳର ଉତ୍ପତ୍ତି ସ୍ଥଳ । ସେମାନେ ଭାରତକୁ 'ବ୍ରିଟିଶ ସାମ୍ରାଜ୍ୟର ମୁକୁଟ ମଣି' କହୁଥିଲେ । ସେମାନେ ଦୃଢ଼ ଥିଲେ ଯେ ଭାରତ ଚିରଦିନ ଲାଗି ବ୍ରିଟିଶ ସାମ୍ରାଜ୍ୟର ଅଂଶ ହୋଇ ରହିବ, ଯେଉଁଠି କେବେ ସୂର୍ଯ୍ୟାସ୍ତ ହୁଏ ନାହିଁ ।

### ଏହା ବିଷୟରେ ଚିନ୍ତା କର

"ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟ କେବେ ଅସ୍ତ ହୁଏ ନାହିଁ"ର ଅର୍ଥ କ'ଣ ?

ତୁମେ କ'ଣ ଭାବୁଛ ଏ ଉକ୍ତିଟି ଠିକ୍ ?

ତଥାପି ବ୍ରିଟିଶ ଭାରତ ବିଜୟର ଆରମ୍ଭରୁ ଆତ୍ମ ଘୋଷିତ ଅତିଥିଙ୍କୁ ପ୍ରତିହତ କରିବାପାଇଁ ପ୍ରତିବାଦର ଆନ୍ଦୋଳନ ପ୍ରକାଶ ପାଇଥିଲା । ଆମେ ସଂକ୍ଷେପରେ ଏଭଳି କିଛି ଆନ୍ଦୋଳନର ସର୍ବେକ୍ଷଣ କରିବା, କିନ୍ତୁ ଏହା କରିବା ପୂର୍ବରୁ ଆମେ ବ୍ରିଟିଶ ଭାରତୀୟ ସାମ୍ରାଜ୍ୟର ମାନଚିତ୍ର (ଚିତ୍ର : ୪.୧୬) ଉପରେ ଦୃଷ୍ଟିପାତ କରିବା । ଲାଲ ଏବଂ ଗୋଲାପୀ ଅଂଶଗୁଡ଼ିକ ହେଉଛି ସିଧାସଳଖ ବ୍ରିଟିଶ ଶାସନ ଅଧୀନରେ ଥିବା ଅଞ୍ଚଳ, ଯେତେବେଳେ ହଳଦିଆ ଅଞ୍ଚଳଗୁଡ଼ିକ ହେଉଛି ଆମେ ଆଗରୁ ଆଲୋଚନା କରିଥିବା ରାଜକୀୟ ରାଜ୍ୟ (କଳା ରେଖାଗୁଡ଼ିକ ରେଳପଥକୁ ବୁଝାଏ)



https://withteachers.in/




ଚିତ୍ର : ୪.୧୬. ୧୯୦୯ରେ ବ୍ରିଟିଶ ଭାରତୀୟ ସାମ୍ରାଜ୍ୟର ମାନଚିତ୍ରର ଏକ ଚିତ୍ର

### ଆସ ଅନୁସନ୍ଧାନ କରିବା

ମାନଚିତ୍ରକୁ ଦେଖ। ସୀମା ଏବଂ ନାମ ଉଭୟ ଦୃଷ୍ଟିରୁ ଆଜିର ଭାରତର ମାନଚିତ୍ର ସହିତ ଏହି ମାନଚିତ୍ରର ମୁଖ୍ୟ ପାର୍ଥକ୍ୟ କ'ଣ ?



## ସନ୍ନ୍ୟାସୀ–ଫକୀର ସଂଗ୍ରାମ

ପ୍ରାରମ୍ଭିକ ସଂଗଠିତ ଆନ୍ଦୋଳନଗୁଡ଼ିକ ମଧ୍ୟରୁ ଏହା ଗୋଟିଏ ଆନ୍ଦୋଳନ ଯାହାକୁ ସନ୍ନ୍ୟାସୀ (କିମ୍ବା ସନ୍ନ୍ୟାସୀ-ଫକୀର) ସଂଗ୍ରାମ କୁହାଯାଏ। ୧୭୭୦ର ଭୟଙ୍କର ଦୁର୍ଭିକ୍ଷ ପରେ ଏହା ବଙ୍ଗଳାରେ ଆରମ୍ଭ ହୋଇଥିଲା।



https://withteachers.in/

ଗୋଟିଏ ସନ୍ନ୍ୟାସୀ ଦଳ (ହିନ୍ଦୁ ତପସ୍ୱୀ) ଏବଂ ଫକୀର (ମୁସଲମାନ ତପସ୍ୱୀ) ଗଣ ପାରମ୍ପରିକ ଭାବେ ତୀର୍ଥଯାତ୍ରା ଓ ଦାନାଦି କର୍ମ ପାଇଁ ମୁକ୍ତଭାବେ ଭ୍ରମଣ କରୁଥିଲେ । ବ୍ରିଟିଶ ପୂର୍ବ ଭାରତ କମ୍ପାନୀ ଦ୍ୱାରା ବିଶେଷକରି ନୂତନ ଭୂମି ଓ କରନୀତି ଦ୍ୱାରା ତାଙ୍କ ଗତିବିଧି ଉପରେ ପ୍ରତିବନ୍ଧକ ରଖାଗଲା । ସନ୍ନ୍ୟାସୀ ଓ ଫକୀରମାନଙ୍କର ସଠିକ୍ ପ୍ରେରଣା ବିଷୟରେ ବିତର୍କ ହୋଇଛି । କିନ୍ତୁ ପରବର୍ତ୍ତୀ ତିନି ଦଶନ୍ଧି ଧରି ସେମାନେ ବ୍ରିଟିଶ କୋଷାଗାରର କର ସଂଗ୍ରହ କାରଣରୁ ଆକ୍ରମଣ କରିଥିଲେ । ବ୍ରିଟିଶମାନେ ସେମାନଙ୍କୁ 'ଦସ୍ୟୁ' ବୋଲି କହୁଥିଲେ । ସେମାନଙ୍କ ମଧ୍ୟରୁ କେତେକଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ ଓ ସେମାନଙ୍କୁ ପରାସ୍ତ କରିବା ପାଇଁ ଶେଷରେ ସେମାନଙ୍କର ସର୍ବୋଚ୍ଚ କ୍ଷମତା ବ୍ୟବହାର କରିଥିଲେ । ଏହି ବିଦ୍ରୋହ ପରେ ବଙ୍ଗଳା ଲେଖକ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଉପନ୍ୟାସ ଆନନ୍ଦମଠ (୧୮୮୨)କୁ ପ୍ରେରଣା ଦେଇଥିଲା । ଏଥିରେ 'ବନ୍ଦେ ମାତରମ୍' ଗୀତ ଥିଲା ଯାହା ବିଂଶ ଶତାବ୍ଦୀର ଆରମ୍ଭରେ ସ୍ୱାଧୀନତା ସଂଗ୍ରାମରେ ଭାରତୀୟମାନଙ୍କୁ ଅନୁପ୍ରାଣିତ କରିବା ସହ ସ୍ୱାଧୀନତା ପରେ ଭାରତର ଜାତୀୟ ସଙ୍ଗୀତ ହୋଇଗଲା ।

## ଜନଜାତୀୟ ସଂଗ୍ରାମ


ଭାରତୀୟ ଜନଜାତି ଗୋଷ୍ଠୀ ସେତେବେଳେ ଏକ ଅଦ୍ୱିତୀୟ ବିପଦର ସାମ୍ନା କରିଥିଲେ ଯେତେବେଳେ ବ୍ରିଟିଶମାନେ ବଣ ପାହାଡ଼ ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର କରି ସେମାନଙ୍କ ପାରମ୍ପରିକ ଜୀବନ ଶୈଳୀକୁ ବାଧା ଦେଇଥିଲେ (ଭାଙ୍ଗି ଦେଇଥିଲେ) । ବ୍ରିଟିଶମାନେ ଜନଜାତିକୁ 'ଆଦିମ' ଭାବେ ବର୍ଣ୍ଣନା କରିଥିଲେ, ଜଙ୍ଗଲ ଓ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ତାଙ୍କ ଅଧିକାରକୁ ସୀମିତ କରିଥିଲେ । ଅନେକ ସମୟରେ ଜନଜାତିଙ୍କ ଜମିକୁ ଅଧିଗ୍ରହଣ କରିଥିଲେ କିମ୍ବା ଏହାକୁ ବ୍ୟକ୍ତିଗତ ସମ୍ପତ୍ତିରେ ପରିଣତ କରିଥିଲେ । ଏହା ଉପରେ ନଗଦ କର ଲାଗୁ କରିଥିଲେ, ସେମାନଙ୍କୁ ଋଣ ଯନ୍ତାରେ ପକାଉଥିଲେ । ସେମାନଙ୍କର ପାରମ୍ପରିକ ଜନଜାତି ପରିଷଦକୁ ବ୍ରିଟିଶ ଆଇନ ବ୍ୟବସ୍ଥା ସହିତ ବଦଳାଇ ଦେଉଥିଲେ ଏବଂ ମିଶନାରୀଙ୍କୁ 'ସଭ୍ୟ' କହି ଜନଜାତିକୁ ଖ୍ରୀଷ୍ଟିଆନ ଧର୍ମରେ ପରିବର୍ତ୍ତନ କରିବାକୁ ଉତ୍ସାହିତ କରିଥିଲେ । ଏହା ବ୍ୟତୀତ ଏକ ଉପନିବେଶବାଦୀ ଆଇନ ଶହଶହ ଜନଜାତି ଗୋଷ୍ଠୀକୁ 'ଅପରାଧୀ ଜନଜାତି' ଭାବରେ ଶ୍ରେଣୀଭୁକ୍ତ କରିଥିଲା ଯାହା ସେମାନଙ୍କୁ ଅନ୍ୟାୟ ଭାବରେ ଦଶନ୍ଧି ଦଶନ୍ଧି ଧରି ଉତ୍ପୀଡ଼ନ କରି ଚାଲିଥିଲା ।

ଉପରୋକ୍ତ କିଛି ଆଇନର ଅପବ୍ୟବହାର କେତେକ ଜନଜାତିକୁ ଉପନିବେଶବାଦୀ ଶକ୍ତି ବିରୁଦ୍ଧରେ ସଂଗ୍ରାମ କରିବାକୁ ବାଧ୍ୟ କରିଥିଲା । ଏପରି ଘଟଣାଗୁଡ଼ିକ ମଧ୍ୟରେ ପ୍ରଥମେ ଛୋଟ ନାଗପୁର (ବର୍ତ୍ତମାନର ଝାଡ଼ଖଣ୍ଡ)ରେ କୋହ୍ଲ ସଂଗ୍ରାମ (୧୮୩୧–୧୮୩୨) ରେ ଆରମ୍ଭ ହୋଇଥିଲା । ସେତେବେଳେ ବ୍ରିଟିଶମାନେ ମୂଳ ଜନଜାତିଙ୍କ ଅପେକ୍ଷା ବାହାର ଲୋକଙ୍କୁ ସୁହାଇଲାଭଳି ଭୂମିନୀତି ପ୍ରଚଳନ କରିଥିଲେ । କୋହ୍ଲ ଜନଜାତି (ଯାହା ମଧ୍ୟରେ ମୁଣ୍ଡା ଏବଂ ଓରାଓଁ ଅନ୍ତର୍ଭୁକ୍ତ ଥିଲେ), ବ୍ରିଟିଶ ସେନା ଦ୍ୱାରା ପରାସ୍ତ ହେବା ପୂର୍ବରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଅସ୍ଥାୟୀ ଭାବରେ ସେମାନଙ୍କର ନିୟନ୍ତ୍ରଣ ସ୍ଥାପନ କରିଥିଲେ । ୧୮୫୫–୧୮୫୬ ମସିହାର ସାନ୍ତାଳ ସଂଗ୍ରାମ, ଯାହା ବର୍ତ୍ତମାନର ଝାଡ଼ଖଣ୍ଡ, ବିହାର ଓ ପଶ୍ଚିମ ବଙ୍ଗର କିଛି ଅଂଶରେ ସାନ୍ତାଳ ଲୋକମାନଙ୍କର ଏକ ମହା ସଂଗ୍ରାମ ଆରମ୍ଭ ହୋଇଥିଲା ସେହି ଜନଜାତିର



https://withteachers.in/

ଦୁଇଭାଇ ସିଧୁ ମୁର୍ମୁ ଏବଂ କାହ୍ନୁ ମୁର୍ମୁ ଏହାର ନେତୃତ୍ୱ ନେଇଥିଲେ । ବ୍ରିଟିଶ ସମର୍ଥନରେ ସେମାନଙ୍କ ପୈତୃକ ଜମି ଛଡ଼ାଇ ନେଉଥିବା ମହାଜନ ଓ ଜମିଦାରଙ୍କ ବିରୋଧରେ ସାନ୍ତାଳମାନେ ସଂଗ୍ରାମ କରିଥିଲେ । ସାନ୍ତାଳମାନେ ଶେଷ ରକ୍ତ ବିନ୍ଦୁ ଥିବା ଯାଏ ସରକାରଙ୍କ ବିରୋଧରେ ସଂଗ୍ରାମ କରିବାକୁ ଶପଥ ନେଇଥିଲେ । ବ୍ରିଟିଶ ପ୍ରତିକ୍ରିୟା କିନ୍ତୁ ପାଶବିକ ଥିଲା । ବ୍ରିଟିଶମାନଙ୍କର କିଛି ପ୍ରାରମ୍ଭିକ କ୍ଷତି ପରେ ସେମାନେ ସଂଗ୍ରାମୀମାନଙ୍କର ଗାଁଗୁଡ଼ିକୁ ପୋଡ଼ି ଦେଲେ ଏବଂ ସଂଗ୍ରାମୀ ନେତାମାନଙ୍କ ସମେତ ହଜାର ହାଜର ସାନ୍ତାଳୀଙ୍କୁ ହତ୍ୟା କଲେ । ତଥାପି ସାହସୀ ସାନ୍ତାଳ ସଂଗ୍ରାମ ଅନ୍ୟ ଜନଜାତି ସଂପ୍ରଦାୟକୁ ଉପନିବେଶବାଦୀ ଶାସନ ବିରୋଧରେ ଲଢ଼େଇ କରିବାକୁ ପ୍ରେରଣା ଦେଇଥିଲା ।



ଚିତ୍ର : ୪.୧୭: ସାନ୍ତାଳ ସଂଗ୍ରାମୀ ଏବଂ ବନ୍ଧୁକଧାରୀ ସିପାହୀଙ୍କ ମଧ୍ୟରେ ଏକ ଅସମାନ ମୁକାବିଲାର ଚିତ୍ର ଯାହା ଇଲଷ୍ଟ୍ରେଟେଡ୍ ଲଣ୍ଡନ ନ୍ୟୁଜ୍‌ରେ ୧୮୫୬ ମସିହାରେ ଅଙ୍କିତ ସ୍କେଚ୍ ।

## ଓଡ଼ିଶାର ଜନଜାତୀୟ ସଂଗ୍ରାମ

ଓଡ଼ିଶାରେ ଖୋର୍ଦ୍ଧା ପାଇକ ବିଦ୍ରୋହ (୧୮୧୭) ପୂର୍ବରୁ ଦକ୍ଷିଣ ଓଡ଼ିଶାରେ ପାରଳାଖେମୁଣ୍ଡି, ଘୁମୁସର, ମହୁରୀ, ବଡ଼ଖେମୁଣ୍ଡି, ଖଲ୍ଲିକୋଟ ପ୍ରଭୃତି ଜମିଦାରୀ ଅଞ୍ଚଳରେ ଇଂରେଜ-ଶାସନ ବିରୋଧରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଥିଲା । ଗଞ୍ଜାମର ମାଳ ଅଞ୍ଚଳର ଆଦିବାସୀ ଶବର, କନ୍ଧ ଓ କୋରାପୁଟର ବିଭିନ୍ନ ଜନଜାତି ଶୋଷଣରେ ଅତିଷ୍ଠ ହୋଇ ସଂଗଠିତ ହୋଇଥିଲେ । ପଶ୍ଚିମାଞ୍ଚଳରେ ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ଜନଜାତି ଅନେକ ଦିନ ଯାଏଁ ଗରିଲା ଯୁଦ୍ଧ କରିଥିଲେ । ୧୮୧୭ ଖ୍ରୀ:ଅ: ମାର୍ଚ୍ଚ ମାସ ୨୯ ତାରିଖରେ ପ୍ରାୟ ୪୦୦ କନ୍ଧ ଘୁମୁସରରୁ ଆସି ବକ୍ସି ଜଗବନ୍ଧୁଙ୍କ ପାଇକ ସେନାବାହିନୀ ସହିତ ମିଳିତ ହୋଇଥିଲେ । ପାରଳାଖେମୁଣ୍ଡିର ରାଧାକୃଷ୍ଣ ଦଣ୍ଡସେନାଙ୍କ ନେତୃତ୍ୱରେ ଶବର ସୈନ୍ୟ, ଚକ୍ରା ବିଷୋୟୀ ଓ ଦୋରା ବିଷୋୟୀଙ୍କ ନେତୃତ୍ୱରେ କନ୍ଧସୈନ୍ୟ କ୍ରମାଗତ ବିଦ୍ରୋହରେ ମାତିଥିଲେ । ସ୍ୱାଧୀନତା ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଇଂରେଜମାନଙ୍କ ବିରୋଧରେ ଜନଜାତିଙ୍କ ବିଦ୍ରୋହ ବେଶ୍ ଉଲ୍ଲେଖନୀୟ । ଏହି ଜନଜାତି ବୀରଙ୍କ ମଧ୍ୟରେ ଲକ୍ଷ୍ମଣ ନାୟକ (କୋରାପୁଟ), ରତ୍ନାକର ନାୟକ (କେଉଁଝର), ନବଘନ କହଁର



https://withteachers.in/

(ବୌଦ୍ଧ), ଦୟାନିଧି ଧାରୁଆ (ମୟୂରଭଞ୍ଜ), ମାଧୋ ସିଂ (ସମ୍ବଲପୁର), ରିଣ୍ଡୋ ମାଝୀ (କଳାହାଣ୍ଡି), ହନୁ ପ୍ରଧାନ (ଗଜପତି), ତାମା ଦୋରା (ମାଲକାନଗିରି), ଧରଣୀଧର ନାୟକ (କେଉଁଝର), ସୋନୁ ମାଝୀ ଓ ବଗା ପୂଜାରୀ (ନବରଙ୍ଗପୁର) ଇତ୍ୟାଦିଙ୍କ ଯୋଗଦାନ, ଓଡ଼ିଶା ଜନଜାତି ବିଦ୍ରୋହର ଏକ ଉଜ୍ଜ୍ୱଳ ଅଧ୍ୟାୟ । ପାପଡ଼ାହାଣ୍ଡି ଗୁଳିକାଣ୍ଡର ଲୋମହର୍ଷଣ କାହାଣୀ ମୁକ୍ତି ସଂଗ୍ରାମରେ ଜନଜାତିଙ୍କର ଅପୂର୍ବ ସାହସ ଓ ବଳିଦାନର ଉଜ୍ଜ୍ୱଳ ଦୃଷ୍ଟାନ୍ତ ।


ରକ୍ତତୀର୍ଥ ଇରମ (ଶହୀଦ ସ୍ମୃତିସ୍ତମ୍ଭ)

## ଜନଜାତିର ରକ୍ତତୀର୍ଥ ପାପଡ଼ାହାଣ୍ଡି :

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଯୋଗଦାନ ଏବଂ ଅବିଭକ୍ତ କୋରାପୁଟ ଜନଜାତିଙ୍କର ତ୍ୟାଗ ଓ ବୀରତ୍ୱର କାହାଣୀ ଜାଣିବା ପାଇଁ 'ପାପଡ଼ାହାଣ୍ଡି ଗୁଳିକାଣ୍ଡ' ବିଷୟରେ ଆମକୁ ଜାଣିବାକୁ ହେବ । ୧୯୪୨ ମସିହା ଅଗଷ୍ଟ ୨୪ ତାରିଖ ଦିନ ଏକ ବିରାଟ ଜନ ଆନ୍ଦୋଳନ ପାପଡ଼ାହାଣ୍ଡିଠାରେ ସଂଗଠିତ ହୋଇଥିଲା । ଯେଉଁମାନେ ଏଥିରେ ପ୍ରତ୍ୟକ୍ଷ ଭାବେ ସଂପୃକ୍ତ ଥିଲେ ସେମାନେ ହେଲେ– ରାଧାକୃଷ୍ଣ ବିଶ୍ୱାସ ରାୟ, ରାଧାମୋହନ ସାହୁ, ଲକ୍ଷ୍ମୀଚନ୍ଦ୍ର ଦାଶ, ରବି ସିଂ ମାଝୀ, ବଗା ପୂଜାରୀ, ସଦାଶିବ ତ୍ରିପାଠୀ, ମହମ୍ମଦ ବାଜୀ, ସୀମାଞ୍ଚଳ ବେହେରା, ସନୁ ମାଝୀ, ଜଗନ୍ନାଥ ତ୍ରିପାଠୀ, ସଦାନନ୍ଦ ମହାନ୍ତି ମାଧବ ପ୍ରଧାନଙ୍କ ନେତୃତ୍ୱରେ ଝୁରୀ ନଦୀକୂଳରେ ଜନଜାତି ଇଂରେଜ ସରକାର ବିରୋଧରେ ଏକାଠି ହେଲେ । ତା' ପୂର୍ବରୁ ଅଗଷ୍ଟ ୨୦ ତାରିଖରେ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ମାଥିଲି ଥାନା ଉପରେ ତ୍ରିରଙ୍ଗା ପତାକା ଉଡ଼ାଇବା ଯୋଗୁଁ ଇଂରେଜମାନଙ୍କ ଗୁଳିରେ ୫ ଜଣ ଟଳିପଡ଼ିଲେ । ଅଗଷ୍ଟ ୧୬ ତାରିଖରେ ମାଧବ ପ୍ରଧାନୀଙ୍କ ନେତୃତ୍ୱରେ ୨୦୦ କର୍ମୀ ଚିକିଲି କାଠ ପୋଲ ଭାଙ୍ଗିଥିଲେ । ଅଗଷ୍ଟ ୨୦ ତାରିଖ ଦିନ କୁସୁମାବନ୍ଧର ସନୁ ମାଝୀଙ୍କ ନେତୃତ୍ୱରେ ୭୦୦ ଜନଜାତି ସଂଗ୍ରାମୀ ସରାଗୁଡ଼ା କାଠପୋଲ ଭାଙ୍ଗିଥିଲେ ଏବଂ ଅଗଷ୍ଟ ୨୩ ତାରିଖ ଦିନ ତାରାଗାଁ ଗୁମ୍ମାଗୁଡ଼ାଠାରେ ବିରାଟ ସଭାବସି ୨୪ ତାରିଖ ଦିନ ଶହ ଶହ ସଂଗ୍ରାମୀ ହାତରେ ଟାଙ୍ଗିଆ, ଧନୁ, ତୀର ଓ ତ୍ରିରଙ୍ଗା ପତାକା ଧରି ଝୁରୀ ନଦୀ କୂଳରେ ରକ୍ତମୁଖା ହୋଇ ପହଞ୍ଚିଲେ । ପ୍ରଥମେ ଇଂରେଜ ସେନାଙ୍କ ସହ ଧସ୍ତାଧସ୍ତି ପାଟି ତୁଣ୍ଡ ଭିତରେ ଜଣେ ଇଂରେଜ ମୃତ୍ୟାଲୁର କାନ ସଂଗ୍ରାମୀଙ୍କ ଟାଙ୍ଗିଆ ଚୋଟରେ କଟିବା ପରେ ଲାଠି ଚାଳନା, ପଛେ ପଛେ ପୁଲିସ ଡି.ଏସ୍.ଆଇ. କେ ଗୌଡ଼ ଗୁଳିଚାଳନାର ଆଦେଶ ଦେଲେ । ୧୧ ଜଣ ଏଥିରେ ଟଳି ପଡ଼ିଲେ । ବହୁ ଜନଜାତି ସଂଗ୍ରାମୀ ନଈକୁ ଡେଇଁ ପଡ଼ିଲେ,



ପାପଡ଼ାହାଣ୍ଡି ଶହୀଦ ସ୍ମୃତିସ୍ତମ୍ଭ



https://withteachers.in/

ଅନେକ ଛତ୍ରଭଙ୍ଗଦେଲେ, ପୁଲିସ ଗୁଳିରେ ରହୁଁ ରହୁଁ ଝୁରୀ ନଈର ଜଳ ରକ୍ତାକ୍ତ ହୋଇଗଲା । ୧୦୦ ଜଣ କର୍ମୀ ଆହତ ହେଲେ, ୮ ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଶହୀଦ ହେଲେ । ୧୪୦ ଜଣଙ୍କୁ ଗିରଫ କରି ପୋଲିସ ଅମାନୁଷିକ ଭାବରେ ନବରଙ୍ଗପୁର ଯାଏଁ ରାସ୍ତାରେ ଚଲାଇ ଚଲାଇ ନେଲା । ଅନେକଙ୍କର ଖୋଜ ଖବର ମିଳିଲା ନାହିଁ । ୯୨ ଜଣ ସଂଗ୍ରାମୀଙ୍କୁ ୬ ରୁ ୯ ମାସ ପର୍ଯ୍ୟନ୍ତ ଜେଲଦଣ୍ଡ ମିଳିଲା । ଯେଉଁମାନେ ଏ ଗୁଳି କାଣ୍ଡରେ ଶହୀଦ ହୋଇଥିଲେ ସେମାନଙ୍କ ମଧ୍ୟରେ ଅଧିକାଂଶ ଥିଲେ ଜନଜାତିର । ସେମାନେ ହେଲେ– ବସ୍ତରିଆ ଭତ୍ରା, ସନୁ ଭତ୍ରା, ବଳି ସଉରା, ବୁଦ୍ଧୁ ଅମାନାତ୍ୟ, ରତନ ରନ୍ଧାରି, ଶୁକ୍ର ମୁଦୁଲି, ଖଗପତି ଅମାନାତ୍ୟ, ଭରତ ପୂଜାରୀ, ରାମଚନ୍ଦ୍ର ଅମାନାତ୍ୟ, ଘାସି ଜାନୀ, ଦୀନବନ୍ଧୁ ଜାନୀ, ଜଗବନ୍ଧୁ ଅମାନାତ୍ୟ, ସହଦେବ ପୂଜାରୀ, ମଙ୍ଗୁ ଭତ୍ରା, ଆନନ୍ଦ ଗୌଡ଼, ପରମାନନ୍ଦ ସଉରା, ଭଗବାନ ଭତରା, ଶ୍ୟାମ ସୁନ୍ଦର ଗୌଡ଼ ଓ ବୁଦ୍ଧୁ ଅମାନାତ୍ୟ (ତୁରୁଞ୍ଜିଆ) । ଏମାନଙ୍କର ତ୍ୟାଗ ଓ ବଳିଦାନ ପାଇଁ ସେଠାରେ ଆଜି ଠିଆହୋଇଛି ଭବ୍ୟ ଶହୀଦ ମିନାର, ଯେଉଁଠି ପ୍ରତିବର୍ଷ ରାଷ୍ଟ୍ରସ୍ତରୀୟ ଶହୀଦ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି ।

### ଆସ ଅନୁସନ୍ଧାନ କରିବା



ଜଣେ କଳାକାରଙ୍କ କଳ୍ପନାରୁ ଉତ୍ପନ୍ନ ୧୫୮୬ ମସିହାର ଏକ ସ୍କେଚ୍ (ଚିତ୍ର : ୪.୧୭)ରେ ସାନ୍ତାଳମାନଙ୍କୁ କିପରି ଚିତ୍ରିତ କରାଯାଇଛି ତାହା ଲକ୍ଷ୍ୟକର । ସେମାନଙ୍କର ରଙ୍ଗ, ପୋଷାକ, ଅସ୍ତ୍ରଶସ୍ତ୍ରକୁ ପର୍ଯ୍ୟବେକ୍ଷଣ କର ଏବଂ ଏହି ଚିତ୍ରଟି ବ୍ରିଟେନ୍‌ର ଲୋକମାନଙ୍କ ମନରେ କି ପ୍ରକାର ପ୍ରତିଛବି ସୃଷ୍ଟି କରିଥିବ, ତା'ର ନିଷ୍କର୍ଷ ଆଲୋଚନା କରି ପ୍ରକାଶ କର ।

## ଆର୍ଥିକ ଶୋଷଣ ବିରୋଧରେ କୃଷକ ସଂଗ୍ରାମ

ବିନା ଦୁର୍ଭିକ୍ଷରେ ମଧ୍ୟ କୃଷକମାନେ ଅନ୍ୟାୟ ବ୍ରିଟିଶ ରାଜସ୍ୱ ସଂଗ୍ରହର ଶିକାର ହୋଇଥିଲେ । ସେ ସମୟର ମହାଜନ କିମ୍ବା ନୂତନ ଜମିଦାରଙ୍କ ପାଖରେ ସେମାନଙ୍କ ଜମି ହରାଇଥିଲେ ।

**ନୀଳଚାଷ ବିଦ୍ରୋହ** (ଇଣ୍ଡିଗୋ ବିଦ୍ରୋହ ୧୮୫୯–୧୮୬୨) ଶୋଷଣର କଥାକୁ ଦର୍ଶାଏ । ୟୁରୋପୀୟ ବଗିଚାର ମାଲିକମାନେ ବଙ୍ଗର ଉତ୍ତର ଭାଗରେ ଚାଷୀମାନଙ୍କୁ ଖାଦ୍ୟ ଶସ୍ୟ ଚାଷ ପରିତ୍ୟାଗ କରି ଲାଭଜନକ ନୀଳ ଚାଷ କରିବାକୁ ବାଧ୍ୟ କରିଥିଲେ, କାରଣ ସେତେବେଳେ ୟୁରୋପରେ ନୀଳ ରଙ୍ଗର ବହୁତ ଚାହିଦା ଥିଲା । ଚାଷୀଠୁ ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରଚୁର ଲାଭ ପାଉଥିଲେ, କିନ୍ତୁ କୃଷକମାନେ ଏଥିରୁ ବାଦ୍ ପଡ଼ିଥିଲେ । କେବଳ କିଛି ଅର୍ଥ ରୋଜଗାର କରୁ କରୁ ଋଣଯନ୍ତାରେ ସେମାନେ ଫସିଗଲେ । ଯେତେବେଳେ ସେମାନେ ନୀଳଚାଷ କରିବାକୁ ମନା କଲେ, ସେତେବେଳେ ସେମାନେ ଇଂରେଜମାନଙ୍କ ଦ୍ୱାରା ଜେଲଦଣ୍ଡ, ନିର୍ଯ୍ୟାତନା ଭୋଗିବା ସହ ନିଜ ଗୃହ ବାଡ଼ି ହରାଇଲେ ।


ସେମାନଙ୍କ ସଂଗ୍ରାମ ମୁଖ୍ୟତଃ ବଗିଚା ମାଲିକଙ୍କ ବିରୋଧରେ ଥିଲା । ଯେଉଁମାନେ କୃଷକମାନଙ୍କ ଉପରେ ଆକ୍ରମଣ କରିବାପାଇଁ ଭଡ଼ାଟିଆ ସୈନିକମାନଙ୍କୁ ନିଯୁକ୍ତି ଦେଇ ପ୍ରତିଶୋଧ ନେଇଥିଲେ ।



https://withteachers.in/

## ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରଥମ ବିଦ୍ରୋହ: ଓଡ଼ିଶାର ପାଇକ ସଂଗ୍ରାମ

ଭାରତରେ ସ୍ୱାଧୀନତା ସଂଗ୍ରାମ ଆଗରୁ ଓଡ଼ିଶାରେ ପାଇକମାନଙ୍କର ସଂଗ୍ରାମର କାହାଣୀ ଏକ ଗୌରବମୟ ଅଧ୍ୟାୟ । ଏହି ସଂଗ୍ରାମ ଥିଲା ପୂର୍ବ ଭାରତ ଇଷ୍ଟଇଣ୍ଡିଆ କମ୍ପାନୀର ଅତ୍ୟାଚାରୀ ଶାସନ ବିରୋଧରେ ଏକ ସୁସଂଗଠିତ ସଂଘର୍ଷ । ଇଂରେଜମାନେ ସାରା ଦେଶକୁ ଅଧିକାର କରିବା ପରେ ତାଙ୍କର ନଜର ପଡ଼ିଥିଲା ଓଡ଼ିଶା ଉପରେ । ସେତେବେଳର ଓଡ଼ିଶା କହିଲେ ଘୁମୁସର, ପାରଳାଖେମୁଣ୍ଡି, ଖୋର୍ଦ୍ଧା, ପୁରୀ, କଟକ ଓ ବାଲେଶ୍ୱରର କିଛି ଅଧିକ ଅଞ୍ଚଳକୁ ବୁଝାଉଥିଲା । ଓଡ଼ିଶା ଅଧିକାର ପରେ ଏଠାରେ ଇଂରେଜ ଶାସନର ପ୍ରତିଷ୍ଠା ଓ ଇଂରେଜ ଶକ୍ତିର ବୃଦ୍ଧି ପାଇଁ ଉଦ୍ୟମ କରିଥିଲେ । ଓଡ଼ିଆ ଜାତିର ମଉଡ଼ମଣି ଶ୍ରୀଜଗନ୍ନାଥ ମନ୍ଦିର ଓ ଠାକୁର ରାଜାଙ୍କୁ ନିୟନ୍ତ୍ରଣ କରିବା ପାଇଁ ଷଡ଼ଯନ୍ତ୍ର କଲେ ଏବଂ ଶ୍ରୀଜଗନ୍ନାଥ ମନ୍ଦିରର ପରିଚାଳନା ଭାର ନିଜ ହାତକୁ ନେଲେ । ଏଥିରେ ସନ୍ଦେହ ପ୍ରକାଶ କରି ନାବାଳକ ଠାକୁର ରାଜା ମୁକୁନ୍ଦ ଦେବ ଦୁଇ ହଜାର ପାଇକ ସେନାଙ୍କ ସହ ତାଙ୍କ ପ୍ରଧାନ ସେନାପତି ଓ ଦେୱାନ୍ ଜୟକୃଷ୍ଣ ରାଜଗୁରୁ (ଜୟୀ ରାଜଗୁରୁ)ଙ୍କୁ ପଠାଇଲେ ୧୮୦୪ ଖ୍ରୀ:ଅ: ମାର୍ଚ୍ଚ ମାସରେ । ହାରକୋର୍ଟ ସାହେବଙ୍କ ନିକଟରେ ସେ ତିନୋଟି ମୁଖ୍ୟ ଦାବି ରଖିଥିଲେ ଯଥା: (କ) ୫୦ ହଜାର ଟଙ୍କା ଦେବାର ପ୍ରତିଶ୍ରୁତି ରଖନ୍ତୁ (ଖ) ଖୋର୍ଦ୍ଧାର ବାର୍ଷିକ ପେସକସ୍ ଭାର କମାନ୍ତୁ (ଗ) ରାହାଙ୍ଗ ଓ ଲେମ୍ବାଇ ସମେତ ୪ଟି ମହଲକୁ ଖୋର୍ଦ୍ଧାକୁ ପ୍ରତ୍ୟାର୍ପଣ କରାଯାଉ । ଜୟୀ ରାଜଗୁରୁଙ୍କ ପ୍ରଥମ ଦାବିକୁ ହାରକୋର୍ଟ ଗ୍ରହଣ କରିଥିଲେ ହେଁ ଅଞ୍ଚଳ ଫେରାଇବା ବଦଳରେ ପୁରା ଖୋର୍ଦ୍ଧା ଅଧିକାର କରିବା ପାଇଁ ବ୍ୟଗ୍ରହୋଇ ଉଠିଲେ । ଫଳରେ ଏ କଥା ଜାଣିପାରି ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ଗଜପତି ନିଜର ସେନାବହିନୀର ଶକ୍ତି ବୃଦ୍ଧି କରିଚାଲିଲେ । କିଛି ମରହଟ୍ଟା ସର୍ଦ୍ଦାରଙ୍କୁ ନୌସେନାବାହିନୀର ନିଯୁକ୍ତ କରିବା ସହ ନାଗପୁର ରାଜାଙ୍କ ସହ ଗୁପ୍ତ ମନ୍ତ୍ରଣା କଲେ ଏବଂ ମରହଟ୍ଟା ସନ୍ନ୍ୟାସୀ ଶମ୍ଭୁ ଭାରତୀଙ୍କୁ ସାହାଯ୍ୟ ଦେଲେ । ଇତ୍ୟବସରରେ ଗଡ଼ଜାତ ରାଜ୍ୟର ରାଜାମାନଙ୍କୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ ଇଂରେଜ ସରକାର ଏକ ଉଦାର ସର୍ତ୍ତ ସମ୍ବଳିତ ଚୁକ୍ତିପତ୍ର ପ୍ରସ୍ତୁତ କଲେ ଏବଂ ନିଃସର୍ତ୍ତରେ ପ୍ରାୟସବୁ ରାଜା ଏହାକୁ ଗ୍ରହଣ କରିନେଲେ, କେବଳ ବିଳମ୍ବ କଲେ ଖୋର୍ଦ୍ଧାରାଜା । ବହୁ ବାଦବିବାଦ ପରେ ଯଦିଓ ସେ ସ୍ୱାକ୍ଷର କଲେ କିନ୍ତୁ ନିଜ ନିରାପତ୍ତା ପାଇଁ ସୈନ୍ୟବଳ ବଢ଼ାଇ ଚାଲିଲେ । ଏହା ଭିତରେ ହାରକୋର୍ଟ ବାରବାଟୀ ଦୁର୍ଗ ଅଧିକାର ପରେ ଇଂରେଜ ଓ ଗଜପତିଙ୍କ ମଧ୍ୟରେ ତିକ୍ତତା ବଢ଼ିଲା । କାଳେ ବିଳମ୍ବ କଲେ ଅନ୍ୟ ଗଡ଼ଜାତ ରାଜାମାନେ ଗଜପତିଙ୍କୁ ସମ୍ପର୍ଥନ କରିବେ ଭାବି ଖୋର୍ଦ୍ଧା ଉପରେ ସାମରିକ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଲେ । କିନ୍ତୁ ଭାରତର ବଡ଼ଲାଟ ଲର୍ଡ଼ ୱେଲେସେଲିଙ୍କ ସମର୍ଥନ ଏଥିରେ ନଥିଲା । ଫଳରେ ହାରକୋର୍ଟ କୂଟନୀତି ଅବଲମ୍ବନ କରି ମରହଟ୍ଟା ସନ୍ନ୍ୟାସୀ ଶମ୍ଭୁ ପ୍ରସାଦଙ୍କୁ ବନ୍ଦୀ କଲେ; ଜୟୀ ରାଜଗୁରୁଙ୍କୁ କର୍ଯ୍ୟରୁ ବହିଷ୍କାର ପାଇଁ ଚାପ ପକାଇଲେ । ତାହା ବିଫଳ ହେବାରୁ ହାରକୋର୍ଟଙ୍କ ନିର୍ଦ୍ଦେଶରେ ପିପିଲିଠାର ଥିବା ଇଂରେଜ ସେନାପତି କ୍ୟାପଟେନ୍ ହିକ୍ ଲେଣ୍ଡ ୧୮୦୪ ଖ୍ରୀ. ନଭେମ୍ବର ୨୨ରେ ଅଚାନକ ଖୋର୍ଦ୍ଧା ଆକ୍ରମଣ କରି ପାଇକ ସେନାବାହିନୀକୁ ବିପର୍ଯ୍ୟସ୍ତ କଲେ । ଏ ସମୟରେ ହାରକୋର୍ଟ ବରୁଣେଇ ପାହାଡ଼ ଉପରେ ଥିବା ଦୁର୍ଗ ଉପରେ ଅତର୍କିତ ଆକ୍ରମଣ କଲେ । ତିନି ସପ୍ତାହ ଯୁଦ୍ଧ ପରେ ବରୁଣାଇ ଦୁର୍ଗର ପତନ ହେଲା ।



ରାଜା ଅନୁଚରଙ୍କ ସହ ଆତ୍ମଗୋପନ କଲେ ଏବଂ ୧୮୦୫ ଜାନୁଆରୀ ୩ ତାରିଖରେ ଧରା ପଡ଼ିଲେ । ତାଙ୍କୁ ପ୍ରଥମେ କଟକ ଓ ପରେ ମେଦିନୀପୁର ଜେଲକୁ ପଠାଇଦେଲେ । ବିଷ୍ଣୁପୁର, ହରିପୁର, ମାରୀଚପୁର କୁଜଙ୍ଗପୁର, କନିକାର ରାଜାମାନେ ଗଜପତିଙ୍କୁ ସାହାଯ୍ୟ କରିଥିବାରୁ ଦଣ୍ଡ ପାଇଲେ । ଯଦିଓ ୧୮୦୭ରେ ରାଜା ମୁକ୍ତି ପାଇଲେ, କେବଳ ନାମକୁ ମାତ୍ର ଠାକୁର ରାଜାଭାବେ ବାଲିସାହି ନଅରରେ ରହିଲେ । ଖୋର୍ଦ୍ଧା ରାଜ୍ୟ ଇଂରେଜ ଅଧିନରେ ରହିଲା, ଫ୍ଲେଚର ହେଲେ ଖୋର୍ଦ୍ଧାର ସର୍ବେସର୍ବା ।



https://withteachers.in/

ମଧ୍ୟଯୁଗୀୟ ଓଡ଼ିଶାରେ ପାଇକ ନାମରେ ଏକ କୃଷକ ସୈନିକ ଶ୍ରେଣୀ ରାଜାଙ୍କ ଶକ୍ତିବୃଦ୍ଧିରେ ସାହାଯ୍ୟ କରୁଥିଲେ । ରାଜା ବା ସାମନ୍ତଙ୍କ ଅଧିନରେ ନିଷ୍କର ଜମି/ଜାଗିରୀ ଲାଭ କରି କୃଷି କାର୍ଯ୍ୟ ସହ ଯୁଦ୍ଧ ବେଳେ ଦକ୍ଷ ସୈନିକଭାବେ ଯୁଦ୍ଧ କ୍ଷେତ୍ରରେ ନିଜ ପରାକ୍ରମ ପାଇଁ ପ୍ରସିଦ୍ଧି ଲାଭ କରିଥିଲେ । ଢାଲ, ଧନୁଶର, ଖଣ୍ଡା, ପରେ ବନ୍ଧୁକ ଚାଳନାରେ ସେମାନେ ଦକ୍ଷ ଥିଲେ । ତାଙ୍କ ଶରୀର ତେଲ ଓ ହଳଦୀ ରଞ୍ଜିତ, ବ୍ୟାଘ୍ରଚର୍ମ ପରିହିତ ବିଶାଳ ବପୁ, କପାଳରେ ସିନ୍ଦୂର ଟୋପା, ମସ୍ତକରେ ପଗଡ଼ି ଯୋଗୁଁ ଯୁଦ୍ଧ ଭୂମିରେ ଶତ୍ରୁସୈନିକ ଭିତରେ ଭୟ ସଂଚାର କରୁଥିଲା । ପାଇକମାନଙ୍କ ନେତା ଦଳାଇ, ଦଳବେହେରା ଓ ପାଇକରାୟ ଉପାଧି ପାଉଥିଲେ । ତାଙ୍କର ସର୍ବୋଚ୍ଚ ନେତା ଥିଲେ ପ୍ରଧାନ ସେନାପତି ବା ବକ୍ସି ।



ଜୟୀ ରାଜଗୁରୁଙ୍କୁ ନିଷ୍ଠୁର ଭାବେ ବରଗଛ ଡାଳରେ ସର୍ବସାଧାରଣରେ ଫାଶୀ ଦେବା ପରେ ଇଂରେଜମାନେ ଭାବୁଥିଲେ ପାଇକ ଜାତି ଦୁର୍ବଳ ହୋଇଯିବ କିନ୍ତୁ ପ୍ରକାରାନ୍ତରେ ଏହାହିଁ ପାଇକଙ୍କ ଭିତରେ ପ୍ରତିଶୋଧର ବହ୍ନି ହୋଇ ଜଳିବାକୁ ଲାଗିଲା ।

## ଗୋଟିଏ ଟଙ୍କା ପାଇଁ ଦେଢ଼ ଟଙ୍କାର କଉଡ଼ି ଦେବାକୁ ପଡୁଥିଲା

ଫ୍ଲେଚରଙ୍କ ଆଦେଶରେ ପାଇକମାନଙ୍କୁ ତାଙ୍କ ନିଷ୍କର ଜମିରୁ ଉଚ୍ଛେଦ କରିବା ସହ କଉଡ଼ି ବଦଳରେ ଟଙ୍କା ଆକାରରେ ଜମିକର ଦେବା ପାଇଁ ବାଧ୍ୟ କରାଗଲା । ଫଳରେ ପାରମ୍ପରିକ ଶସ୍ୟ ବା କଉଡ଼ି ବଳଦରେ ଟଙ୍କା ଯୋଗାଡ଼ କରିବା ପାଇଁ ସେମାନଙ୍କୁ ଅଧିକ ଶସ୍ୟ ବ୍ୟବସାୟୀଙ୍କୁ ଦେଇ ଟଙ୍କା ଆଣି ଇଂରେଜମାନଙ୍କୁ ପୈଠ କରିବାକୁ ପଡୁଥିଲା । ଦାରିଦ୍ର୍ୟ ଓ ଖାଦ୍ୟାଭାବରେ ଯେମିତି ସେମାନଙ୍କୁ ପାଇକମାନଙ୍କର ବୀରତ୍ୱ ଓ ଦେଶପ୍ରେମକୁ ନଷ୍ଟ କରାଯିବ ସେଥିପାଇଁ ଇଂରେଜ ସରକାର ସବୁ ଷଡ଼ଯନ୍ତ୍ର କଲେ । ପାଇକମାନଙ୍କୁ ଅଧିକ ବାଧିଲା ବ୍ରିଟିଶର 'ଲବଣ ନୀତି' । ଅଧିକାଂଶ ପାଇକ ୬ ମାସ କୃଷି ଏବଂ ଶୀତ ପରେ ପରେ ଆଉ ୬ ମାସ ଲୁଣମାରି ବ୍ୟବସାୟ କରି ଲାଭବାନ ହେଉଥିଲେ । ଏଥିରୁ ବି ସେମାନଙ୍କୁ 'ଲବଣ ଆଇନ' ଦ୍ୱାରା ବଞ୍ଚିତ କରାଗଲା । ଏଥିପାଇଁ ପାଇକମାନେ ସଂଗଠିତ ହେବା ପାଇଁ ସୁଯୋଗ ଖୋଜୁଥିଲେ ।

ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ (ବକ୍ସି ଜଗବନ୍ଧୁ) ଖୋର୍ଦ୍ଧା ରାଜାଙ୍କର ବକ୍ସି ବା ପ୍ରଧାନ ସେନାପତି ଥିଲେ । ଏହି ପଦବୀ ଥିଲା ବଂଶାନୁକ୍ରମିକ । ଗଜପତିଙ୍କର ବକ୍ସି ରୂପେ ସେ ପୁରୀ ଜିଲ୍ଲାର ବ୍ରହ୍ମଗିରି ନିକଟସ୍ଥ ଗଡ଼ ରୋଡ଼ଙ୍ଗ କିଲ୍ଲା ଓ ନିଷ୍କର ଜମି ସାମାନ୍ୟ ରାଜସ୍ୱ ଦେଇ ଉପଭୋଗ କରି ଆସୁଥିଲେ । ୧୮୦୩ ମସିହାରେ ଇଂରେଜମାନଙ୍କର ଓଡ଼ିଶା ଅଧିକାର ପରେ କୃଷ୍ଣଚନ୍ଦ୍ର ସିଂହ ନାମକ ଏକ ପ୍ରଭାବଶାଳୀ ବଙ୍ଗାଳୀ (ଇଂରେଜ କଲେକ୍ଟରଙ୍କ ଦେଓ୍ୱାନ) ରୋଡ଼ଙ୍ଗ କିଲ୍ଲା ଅଧିକାର ପାଇଁ ଉଦ୍ୟମ କଲେ । ତାଙ୍କ ଭାଇ ଗୌରହରି ସିଂ ପୁରୀର ତହସିଲଦାର ଭାବେ ରାହାଙ୍ଗ ସମେତ କିଛି ପରଗଣାର ରାଜସ୍ୱ ଆଦାୟ ଦାୟିତ୍ୱରେ ଥିଲେ । କୃଷ୍ଣଚନ୍ଦ୍ର ସିଂହ ୧୮୧୦ରେ ପରଗଣାକୁ କିଣି ନେଲେ । ବଙ୍ଗାଳୀମାନଙ୍କର ବିଭିନ୍ନ ଷଡ଼ଯନ୍ତ୍ରର ଶିକାର ହୋଇ ଜଗବନ୍ଧୁ ନିଜ ଜମି ଜାଗିରୀ ହରାଇ ନିଃସ୍ୱ ହୋଇପଡ଼ିଲେ ଏବଂ ଶେଷରେ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ କରିବା ପାଇଁ ନିଜକୁ ପ୍ରସ୍ତୁତ କଲେ । ଘୁମୁସର ନିକଟରେ ଥିବା ଗଞ୍ଜାମର ଶେରଗଡ଼ ରାଜାଙ୍କ ସହ ଜଗବନ୍ଧୁଙ୍କର ବୈବାହିକ ସମ୍ପର୍କ ଥିଲା । ତେଣୁ ୧୮୧୭ ଖ୍ରୀ: ମାର୍ଚ୍ଚ ୨୯



https://withteachers.in/

ତାରିଖରେ ପ୍ରାୟ ୪୦୦ କନ୍ଧ ଘୁମୁସରରୁ ଆସି ଜଗବନ୍ଧୁଙ୍କ ପାଇକ ବାହିନୀ ସହ ଯୋଗଦେବା ପରେ ଏହି ଐତିହାସିକ ସଂଗ୍ରାମ ଆରମ୍ଭ ହେଲା। ବାଣପୁରଠାରୁ ଆରମ୍ଭ କରି ସାରା ପାର୍ବତ୍ୟାଞ୍ଚଳରେ, ଖୋର୍ଦ୍ଧା ଓ ପୁରୀରେ ବନାଗ୍ନି ଭଳି ଏ ବିପ୍ଳବର ନିଆଁ ଜଳି ଉଠିଲା। ତାପଙ୍ଗର ଦଳବେହେରାଙ୍କ ସହଯୋଗ ବି ଏଥିରେ କମ୍ ନଥିଲା।

କଟକରେ ଅବସ୍ଥିତ ଇଂରେଜ ସାହେବ କେତେକ ସୈନ୍ୟ ସହ କମାଣ୍ଡିଂ ମାଜିଷ୍ଟ୍ରେଟଙ୍କୁ ଖୋର୍ଦ୍ଧା ପଠାଇଲେ। ସେ କିନ୍ତୁ ଖୋର୍ଦ୍ଧାରେ ପହଞ୍ଚିବା ଆଗରୁ କନ୍ଧ ଓ ପାଇକମାନେ ମିଶି ସେଠାରେ ସରକାରୀ ଗୃହଗୁଡ଼ିକୁ ଧ୍ୱଂସ କରି ରାଜ୍ୟକୋଷ ଲୁଣ୍ଠନ କରି ସାରିଥିଲେ । ଫଳରେ ସରକାରୀ କର୍ମଚାରୀ ଭୟଭୀତ ହୋଇ ପଳାୟନ କଲେ। ଖୋର୍ଦ୍ଧାଠାରୁ ପ୍ରାୟ ୩ ମାଇଲ ଦୂର ଗଙ୍ଗପଡ଼ାଠାରେ ମାଜିଷ୍ଟ୍ରେଟ ଡେରାପକାଇ ସୈନ୍ୟ ଓ ଲୋକ ସଂଗ୍ରହ କରିବାକୁ ଚେଷ୍ଟା କଲାବେଳେ ଚାରିଆଡୁ ବିଦ୍ରୋହୀଙ୍କ ଆକ୍ରମଣ ହେଲା ଏବଂ ମାଜିଷ୍ଟ୍ରେଟ୍ ସେଠାରୁ ପ୍ରାଣ ବିକଳରେ ଖସି ଚାଲିଗଲେ । ଫଳରେ ଖୋର୍ଦ୍ଧାଞ୍ଚଳରେ ପାଇକମାନଙ୍କର ମନୋବଳ ବଢ଼ିଲା ଓ ଅଧିକ ସଂଖ୍ୟାରେ ଏ ବିପ୍ଳବରେ ମାତି ଉଠିଲେ । ଫଳରେ ଇଂରେଜ ଶାସନ ସଂସ୍ଥା ଖୋର୍ଦ୍ଧାଅଞ୍ଚଳରୁ ଏକ ପ୍ରକାର ଭୁଷୁଡ଼ି ପଡ଼ିଲା। ପାଇକମାନେ ଖୋର୍ଦ୍ଧା ଅଞ୍ଚଳ ଓ ପିପିଲିରେ ଥିବା ସୈନ୍ୟମାନଙ୍କୁ ହତ୍ୟାକଲେ । ପିପିଲି ଥାନାରେ ସଂଗ୍ରାମୀମାନେ ନିଆଁ ଲଗାଇଦେଲେ ଗଙ୍ଗପଡ଼ାଠାରେ ବ୍ରିଟିଶ କମାଣ୍ଡର ନିହତ ହେଲେ । ଫଳରେ ଅବଶିଷ୍ଟ ଇଂରେଜ ସୈନ୍ୟ, ପ୍ରାଣ ବଞ୍ଚାଇ କଟକ ଫେରିଯିବାକୁ ବାଧ୍ୟ ହେଲେ। ଏହା ସାରା ଭାରତରେ ଲୋକମାନଙ୍କ ଭିତରେ ଅପୂର୍ବ ଜାଗରଣ ଆଣିଦେଲା। ଭାରତରେ ପ୍ରଥମ ସ୍ୱାଧୀନତା ସଂଗ୍ରାମର ୪୦ ବର୍ଷ ପୂର୍ବରୁ ଓଡ଼ିଶାରେ ଘଟିଥିବା ପାଇକ ସଂଗ୍ରାମରେ ଏ ମାଟିର ତ୍ୟାଗ, ବୀରତ୍ୱ ଓ ବଳିଦାନର ଗାଥା ପରବର୍ତ୍ତୀ ସଂଗ୍ରାମୀମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ ବଳ ଯୋଗାଇ ଥିଲା।

ଏହି ବିଦ୍ରୋହ ପରେ କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ବ୍ୟାପୀ ଯାଇଥିଲା। କନିକା ଓ କୁଜଙ୍ଗରେ ଏହା ଉଗ୍ରରୂପ ନେଲା। ଏହି ଦୁଇ ରାଜ୍ୟର ପାଇକମାନେ ନାରାୟଣ ପରମଗୁରୁ ଓ ବାମଦେବ ପଟ୍ଟଯୋଶୀଙ୍କ ନେତୃତ୍ୱରେ ସଂଗଠିତ ହେଲେ । ୧୮୧୭ ସେପ୍ଟେମ୍ବର ୧୩ କ୍ୟାପ୍ଟେନ କେନେଟ୍ ନିଜ ସୈନ୍ୟଙ୍କୁ ନେଇ ସେମାନଙ୍କୁ ପରାସ୍ତ କଲେ । ଉଭୟ ନେତାଙ୍କୁ ବନ୍ଦୀ କରି ଦ୍ୱୀପାନ୍ତର ଦଣ୍ଡ ଦେଲେ ଓ କୁଜଙ୍ଗ ରାଜାଙ୍କୁ ବାରବାଟୀ ଦୁର୍ଗରେ ବନ୍ଦୀ କଲେ। କରୁଣାକର ସର୍ଦ୍ଦାରଙ୍କୁ ଗୋପଠାରେ ଗିରଫ କଲେ। କିନ୍ତୁ ବକ୍ସି ଜଗବନ୍ଧୁ ଏବଂ ତାଙ୍କ ସହକର୍ମୀ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ, ମଧୁସୂଦନ ମଙ୍ଗରାଜ, ଗୋପାଳ ଛୋଟରାୟ ବଣଜଙ୍ଗଲରେ ଲୁଚି ଛପି ଇଂରେଜମାନଙ୍କୁ ଆକ୍ରମଣ କଲେ। ଘୁମୁସର ରାଜା ଶ୍ରୀକର ଭଞ୍ଜ ଅନେକ ସମୟରେ ବକ୍ସି ଜଗବନ୍ଧୁଙ୍କୁ ଗୁପ୍ତରେ ସାହାଯ୍ୟ କରୁଥିଲେ। ନୟାଗଡ଼ ରାଜା ବିନାୟକ ସିଂହ ମାନ୍ଧତା ମଧ୍ୟ ବକ୍ସି ଜଗବନ୍ଧୁଙ୍କୁ ସାହାଯ୍ୟ କରିଥିଲେ ୧୮୧୮ ସେପ୍ଟେମ୍ବର ମାସରେ ଦଶପଲ୍ଲା ରାଜାଙ୍କ ଯୋଗୁଁ ଜଗବନ୍ଧୁ ଏକ ମହାବିପତ୍ତିରୁ ରକ୍ଷା ପାଇ ପୁନଶ୍ଚ ସଂଗ୍ରାମକୁ ଜାରି ରଖିଲେ। ନୟାଗଡ଼ ରାଜା ବିନାୟକ ସିଂହଙ୍କ ମୃତ୍ୟୁ ପରେ (୧୮୨୩) ନୟାଗଡ଼ର ନୂତନ ରାଜା ବ୍ରଜବନ୍ଧୁ ସିଂହ ମାନ୍ଧାତା ଇଂରେଜମାନଙ୍କର ଅନୁଚର ଥିବା ହେତୁ ସାହାଯ୍ୟ ପାଇବା ଦୂରର କଥା ବରଂ ବକ୍ସି ଜଗବନ୍ଧୁ ଧରାପଡ଼ିବା ଆଶଙ୍କାରେ ନିଜକୁ ବିପଦ ମଣିଲେ। ଏତିକି ବେଳେ ଇଂରେଜ ସରକାରଙ୍କର ଦୃଢ଼ ଦମନ ମୂଳକ ନୀତି ଯୋଗୁଁ ବହୁ ସଂଗ୍ରାମୀ ଗିରଫ ହୋଇ ଦଣ୍ଡ ପାଇଲେ। ଧିରେ ଧିରେ ସଂଗ୍ରାମର




https://withteachers.in/

ଗତି ଧିମେଇ ଗଲା । ଜନସାଧାରଣଙ୍କ ଗୁପ୍ତ ସମର୍ଥନ କମି କମି ଆସିଲା । ଇଂରେଜ ସରକାରଙ୍କ ନିକଟରେ ଆତ୍ମ ସମର୍ପଣ କଲେ କ୍ଷମା ପ୍ରଦାନ କରାଯିବ ବୋଲି ଘୋଷଣା କଲା ପରେ ଅନେକ ସଂଗ୍ରାମୀ, ଆତ୍ମସର୍ମପଣ କଲେ । ଶେଷରେ ବାଧ୍ୟ ହୋଇ ବକ୍ସି ଜଗବନ୍ଧୁ ୧୮୨୫ ଖ୍ରୀ: ମେ ୨୭ ତାରିଖ ଦିନ କଟକରେ ସରକାରଙ୍କ ନିକଟରେ ଆତ୍ମସମର୍ପଣ କରି ଏକ ଚୁକ୍ତିନାମାରେ ସ୍ୱାକ୍ଷର କଲେ । ମାସିକ ୧୫୦ଟଙ୍କା ପେନସନ ଦେଇ ଇଂରେଜମାନେ ତାଙ୍କୁ ନଜର ବନ୍ଦୀରେ ରଖିଲେ । ଶେଷରେ ପାଇକ ବିପ୍ଳବର ମହାନାୟକ ସଂଗ୍ରାମର ଶେଷ ଦୀପଶିଖା ୧୮୨୯ ଜାନୁଆରୀ ୨୪ ତାରିଖ ଦିନ ସ୍ତ୍ରୀ ଓ ନାବାଳକ ପୁତ୍ରକୁ ଛାଡ଼ି ଆଖି ବୁଜିଲେ । ମହାସଂଗ୍ରାମର ମହାନାୟକ ଭାବେ ଯେଉଁ ସଂଗ୍ରାମର ମଶାଲ ଜାଳି ଦେଇଗଲେ ତାହା, ୪୦ ବର୍ଷ ପରେ ଉତ୍ତର ଭାରତରେ ସିପାହୀ ବିଦ୍ରୋହ ନାମରେ ମୁଣ୍ଡ ଟେକି ସାରା ଦେଶରେ ଇଂରେଜ ସାମ୍ରାଜ୍ୟକୁ ଦୋହଲାଇ ଦେଲା । ଏହି ମାଟିର ତ୍ୟାଗ, ବୀରତ୍ୱ ଓ ବଳିଦାନର ରକ୍ତାକ୍ତ କାହାଣୀ ଆଜିବି ଏ ଜାତିର ପ୍ରାଣରେ ଯେଉଁ ସ୍ୱାଭିମାନ ସ୍ପନ୍ଦନ ତୋଳେ ତା'ର ପଟାନ୍ତର ନାହିଁ । ଏହା ହିଁ ଆମ ଗୌରବ ଗାଥା ଯାହା ପରବର୍ତ୍ତୀ ସମୟରେ ସାରା ରାଜ୍ୟର ସ୍ୱାଧୀନତା ସଂଗ୍ରାମକୁ ପ୍ରେରଣା ଦେଇ ସଂଗ୍ରାମୀଙ୍କ ମନୋବଳକୁ ବହୁଗୁଣିତ କରିଥିଲା । ସମସ୍ତ ପ୍ରକାର ଜନଜାତିଙ୍କଠାରୁ ଆରମ୍ଭ କରି ସାଧାରଣ ଜନତା ପର୍ଯ୍ୟନ୍ତ ଏ ବିଦ୍ରୋହରେ ଆପଣାର ଧନ ଜୀବନକୁ ଉତ୍ସର୍ଗ କରି ଦେଶପାଇଁ ଲଢ଼ିଥିଲେ ।

### ଆସ ଅନୁସନ୍ଧାନ କରିବା

ନୀଳ ହେଉଛି କପଡ଼ା ରଙ୍ଗାଇବାରେ ବ୍ୟବହୃତ ହେଉଥିବା ଏକ ଗାଢ଼ ନୀଳ ରଙ୍ଗର ଦ୍ରବ୍ୟ । ତୁମେ ଅନ୍ୟ ପ୍ରାକୃତିକ ପଦାର୍ଥ ବିଷୟରେ ଚିନ୍ତା କର ଯାହା ଭାରତରେ ପାରମ୍ପରିକ ଭାବରେ କପଡ଼ା ରଙ୍ଗ କରିବା ପାଇଁ ବ୍ୟବହୃତ ହୋଇ ଆସୁଛି ।



ସାରା ଉପମହାଦେଶ ଭାରତରେ ସଂଗ୍ରାମର ଆହୁରି ଅନେକ ଉଦାହରଣ ଅଛି, ଯାହା ବ୍ରିଟିଶ ଶାସନର ଅନ୍ୟାନ୍ୟ ଦିଗ ସହିତ ପୂର୍ବରୁ ଆମେ ଦେଖିଥିଲୁ । ଏହା ଊନବିଂଶ ଶତାବ୍ଦୀର ସବୁଠୁ ବଡ଼ ସଂଗ୍ରାମକୁ ଜନ୍ମ ଦେଇଥିଲା । ଆସ ସେହି ବିଷୟ ଉପରେ ଆଲୋଚନା କରିବା ।

## ୧୮୫୭ ର ମହାସଂଗ୍ରାମ

ବ୍ରିଟିଶମାନେ ଉକ୍ତ ସଂଗ୍ରାମକୁ 'ସିପାହୀ ବିଦ୍ରୋହ' ବୋଲି କହିଥିଲେ । ଆସ ସେ ବିଷୟରେ ମନେପକାଇବା । ଦେଶ ସ୍ୱାଧୀନ ହେବା ପରେ ଐତିହାସିକମାନେ 'ସିପାହୀ ବିଦ୍ରୋହ'କୁ ୧୮୫୭ ମସିହାର 'ମହାନ୍ ସଂଗ୍ରାମ' ବୋଲି ନାମିତ କରିଥିଲେ । ଏହା ପ୍ରକୃତରେ କ'ଣ ଓ କିପରି ଘଟିଥିଲା ?


### ଆସ ଅନୁସନ୍ଧାନ କରିବା

ଭାରତ ସ୍ୱାଧୀନତା ଲାଭ କରିବା ପରେ 'ସିପାହୀ ବିଦ୍ରୋହ' ଶବ୍ଦକୁ କାହିଁକି ପ୍ରତ୍ୟାଖ୍ୟାନ କରାଯାଇଥିଲା ବୋଲି ତୁମେ ଭାବୁଛ ? ଏହାର କାରଣ ବ୍ୟାଖ୍ୟା କରି ତୁମେ ଏକ ଅନୁଚ୍ଛେଦ ଲେଖ ।





https://withteachers.in/



ଚିତ୍ର : ୪.୧୮ : ମିରଟରେ ସିପାହୀ ସଂଗ୍ରାମର ଏକ କାଳ୍ପନିକ ଚିତ୍ର
ଚିତ୍ର ଲଣ୍ଡନ ସମାଚାର – ୧୮୫୭

ଏହା ପୂର୍ବରୁ ସିପାହୀମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ୧୮୦୬ ମସିହାରେ ଦେଖା ଦେଇଥିଲା ଯାହା 'ଭେଲୋର ସଂଗ୍ରାମ' ନାମରେ ପରିଚିତ । ବ୍ରିଟିଶମାନେ ଉଭୟ ହିନ୍ଦୁ ଓ ମୁସଲମାନଙ୍କ ପାଇଁ ନୂତନ ସମାନ ୟୁନିଫର୍ମ ନିୟମ' ପ୍ରଚଳନ କରିଥିଲେ ଯାହା ସେମାନଙ୍କ ଧାର୍ମିକ ପ୍ରଥାକୁ ଉଲ୍ଲଙ୍ଘନ କରିଥିଲା । ଉଦାହରଣ ସ୍ୱରୂପ ହିନ୍ଦୁ ସୈନ୍ୟମାନଙ୍କୁ କପାଳରେ ଧାର୍ମିକ ଚିହ୍ନ ବା ତିଳକ ପିନ୍ଧିବାକୁ ବାରଣ କରାଯାଇଥିଲା ଏବଂ ମୁସଲମାନ ସୈନିକମାନଙ୍କୁ ଦାଢ଼ି କାଟିବାକୁ ବାଧ୍ୟ କରାଯାଇଥିଲା । ଏହାର ପ୍ରତିବାଦ କରି ସିପାହୀମାନେ ଭେଲୋର ଦୁର୍ଗ (ତାମିଲନାଡୁରେ) ଦଖଲ କରି, ବହୁ ବ୍ରିଟିଶ ଅଧିକାରୀ ଓ ବ୍ରିଟିଶ ସୈନ୍ୟଙ୍କୁ ହତ୍ୟା କରିଥିଲେ । ତଥାପି ବ୍ରିଟିଶମାନେ ବିଦ୍ରୋହକୁ ଦମନ କରିଥିଲେ । ଶହଶହ ସିପାହୀଙ୍କୁ ହତ୍ୟା କରିଥିଲେ କିମ୍ବା ମୃତ୍ୟୁଦଣ୍ଡ ଦେଇଥିଲେ ।

ଅନ୍ୟ ଏକ ଘଟଣାକୁ ଆମକୁ ମନେପକାଇବାକୁ ହେବ । ସେ ସମୟର ଅଧିକାଂଶ ସିପାହୀ କୃଷି ପରିବାରରୁ ଆସିଥିଲେ, ଯେଉଁମାନେ ବ୍ରିଟିଶମାନଙ୍କର ଭୁଲ ଭୂ-ରାଜସ୍ୱ ନୀତି ଯୋଗୁଁ ବହୁ କଷ୍ଟ ଭୋଗୁଥିଲେ । ଦଶନ୍ଧି ଦଶନ୍ଧି ଧରି ବଢୁଥିବା ଅସନ୍ତୋଷ ପରେ ୧୮୫୭ ମସିହାରେ ଉତ୍ତର ଓ ମଧ୍ୟ ଭାରତରେ ସୈନ୍ୟମାନଙ୍କ ଭିତରେ ଗୁଜବ ବ୍ୟାପିଗଲା ଯେ, ରାଇଫଲ କାର୍ଟ୍ରିଜ୍‌ରେ ଗାଈ ଓ ଘୁଷୁରୀ ଚର୍ବି ଲଗାଯାଇଥିଲା ଯାହା ହିନ୍ଦୁ ଓ ମୁସଲମାନଙ୍କର ଭାବାବେଗକୁ ଆଘାତ ଦେଇଥିଲା । ବାରାକପୁର (ପଶ୍ଚିମବଙ୍ଗରେ) ରେଜିମେଣ୍ଟର ସିପାହୀ ମଙ୍ଗଳ ପାଣ୍ଡେ ବ୍ରିଟିଶ ଅଧିକାରୀମାନଙ୍କୁ ଆକ୍ରମଣ କରିଥିଲେ । ପରେ ଇଂରେଜମାନେ ତାଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ ଯାହା ସିପାହୀଙ୍କ



https://withteachers.in/

ମଧ୍ୟରେ ଅଧିକ ଅସନ୍ତୋଷ ସୃଷ୍ଟି କରିଥିଲା । ମିରଟରେ (ଉତ୍ତର ପ୍ରଦେଶରେ) ସେମାନଙ୍କ ମଧ୍ୟରୁ କିଛି ଲୋକ ସେମାନଙ୍କର ବ୍ରିଟିଶ ଅଧିକାରୀମାନଙ୍କୁ ହତ୍ୟାକରି ଦିଲ୍ଲୀ ଅଭିମୁଖେ ଯାତ୍ରା କଲେ ଓ ଯେଉଁଠାରେ ସେମାନେ ବୃଦ୍ଧ ଓ ରାଜନୈତିକ ଭାବରେ ଶକ୍ତିହୀନ ମୋଗଲ ସମ୍ରାଟ ବାହାଦୁର ଶାହା ଜାଫରଙ୍କୁ ସେମାନଙ୍କ ନେତା ଭାବରେ ଘୋଷଣା କଲେ । ତାଙ୍କର ସାମ୍ରାଜ୍ୟ ଦିଲ୍ଲୀର ଏକ ଛୋଟ ଅଞ୍ଚଳ ମଧ୍ୟରେ ସୀମିତ ଥିଲା ତଥାପି ସାମରିକ ନିଷ୍ପତ୍ତି କମାଣ୍ଡରମାନେ ନେଇଥିଲେ । ଏହି ବିଦ୍ରୋହ ଅତିଶୀଘ୍ର ଉତ୍ତର ଓ ମଧ୍ୟ ଭାରତରେ ବ୍ୟାପିଗଲା । ସିପାହୀମାନେ କାନପୁର, ଲକ୍ଷ୍ନୌ ଏବଂ ଝାନ୍ସୀ ଭଳି ପ୍ରମୁଖ ସହରଗୁଡ଼ିକୁ ଦଖଲ କଲେ । କାନପୁରରେ ନାନା ସାହେବଙ୍କ ନେତୃତ୍ୱରେ ବିଦ୍ରୋହୀ ବାହିନୀ ପ୍ରଥମେ ବ୍ରିଟିଶ ନାଗରିକମାନଙ୍କୁ ନିରାପଦର ଆଶ୍ୱାସନା ଦେଇଥିଲେ କିନ୍ତୁ ପରେ ୨୦୦ ରୁ ଅଧିକ ପୁରୁଷ, ମହିଳା ଓ ଶିଶୁଙ୍କୁ ହତ୍ୟା କରାଯାଇଥିଲା ଯାହାର କାରଣ ଏ ପର୍ଯ୍ୟନ୍ତ ବିତର୍କିତ ।

ବ୍ରିଟିଶ ପ୍ରତିକ୍ରିୟା ଏ ଦିଗରେ ବ୍ୟବସ୍ଥିତ ଓ ଅତ୍ୟନ୍ତ ନିଷ୍ଠୁର ଥିଲା । ୧୮୫୭ରେ ଦିଲ୍ଲୀ ପୁନର୍ବାର ଦଖଲ କରିବା ସହିତ ବ୍ରିଟିଶ ସେନା ଘରେ ଘରେ ପଶି ଗଣହତ୍ୟା ଆରମ୍ଭ କରିଥିଲେ । କାନପୁରରେ ସେମାନେ ଜନସାଧାରଣରେ ଆତଙ୍କ ସୃଷ୍ଟି କରିବା ପାଇଁ ଯୋଜନାବଦ୍ଧ ଗଣହତ୍ୟା କରିଥିଲେ । ଏକ ଦୀର୍ଘ ଦଣ୍ଡମୂଳକ ଅଭିଯାନ ସ୍ୱରୂପ ସେମାନେ ବହୁ ଗାଁ ପୋଡ଼ିଲେ, ଫସଲ ନଷ୍ଟ କଲେ ଯାହା ବିଦ୍ରୋହୀଙ୍କ ଦ୍ୱାରା ହୋଇଥିବା ମୃତ୍ୟୁ ଅପେକ୍ଷା ଅଗଣିତ ମୃତ୍ୟୁର ତାଣ୍ଡବ ସୃଷ୍ଟି କରିଥିଲା ।

ଅନେକ ବୀର ନେତା ଥିବା ସତ୍ତ୍ୱେ କିଛି ଐତିହାସିକଙ୍କ ମତରେ ଏହି ମହାନ ସଂଗ୍ରାମ ବିଫଳ ହେବାର କାରଣ ସିପାହୀଙ୍କ ମଧ୍ୟରେ ଦୃଢ଼ ମନୋବଳ, ଏକତା ଓ ନିର୍ଦ୍ଦିଷ୍ଟ ରଣ ନୀତର ଅଭାବ ରହିଥିଲା ।

ସଂଗ୍ରାମ ବିଫଳ ହୋଇଥିଲା ସତ କିନ୍ତୁ ଏହା ଏକ ଭିନ୍ନ ମୋଡ଼ ନେଇଥିଲା । ବିଶେଷତଃ ବିଦେଶୀ ପ୍ରଭୁତ୍ୱ ଗ୍ରହଣୀୟ ନୁହେଁ ବୋଲି ଭାରତୀୟଙ୍କ ମନରେ ଏକ ବୀଜପବନ କଲା । ବିଂଶ ଶତାବ୍ଦୀ ପ୍ରାରମ୍ଭରେ ଏହି ବୀଜ ସ୍ୱାଧୀନତା ପାଇଁ ବିଭିନ୍ନ ବାଟରେ ସଂଗ୍ରାମର ମହାଦ୍ରୁମରେ ପରିଣତ ହେଲା । ୧୮୫୮ ମସିହାରେ ବ୍ରିଟିଶ ରାଜ ଇଷ୍ଟଇଣ୍ଡିଆ କମ୍ପାନୀଠାରୁ ଭାରତର ଶାସନ ଭାର ନିଜ ନିୟନ୍ତ୍ରଣକୁ ନେଲା । ଏହା ପରେ ବ୍ରିଟିଶ ଶାସନ ଆକ୍ରମଣାତ୍ମକ ନୀତିରୁ ଓହରି ଶାସନ ଧାରାକୁ ନିୟନ୍ତ୍ରଣାତ୍ମକ କରିବା ପାଇଁ ଚେଷ୍ଟା କରିଥିଲା । ଭବିଷ୍ୟତରେ ଏଭଳି ସଂଘବଦ୍ଧ ପ୍ରତିରୋଧକୁ ରୋକିବା ପାଇଁ ବିଦେଶୀ ଶାସନ ଭାରତୀୟ ସେନାଙ୍କୁ ପୁନଃସଂଗଠିତ କରିଥିଲେ ।

## ଭାରତରେ ୟୁରୋପୀୟ ଉପନିବେଶବାଦର ପରମ୍ପରା

ୟୁରୋପୀୟ (ବ୍ରିଟିଶ)ମାନଙ୍କର ଭାରତ ଅଧିକାର ଓ ଭାରତରେ ଶାସନ 'ସଭ୍ୟତା ପ୍ରସାରଣ ଅଭିଯାନ' ନଥିଲା । ୟୁରୋପ ଅପେକ୍ଷା ଭାରତର ସଭ୍ୟତା ଥିଲା ଅଧିକ ପ୍ରାଚୀନ ଓ ନିଜସ୍ୱ । ପରାଧୀନତାର ଏହା ଥିଲା ଏକ ପ୍ରକ୍ରିୟା ଏବଂ ଆବଶ୍ୟକସ୍ଥଳେ ନିଷ୍ଠୁର ଦମନ ନୀତି ପ୍ରୟୋଗ




https://withteachers.in/

## ଦୁଇ ବୀର ରମଣୀ

**ରାଣୀ ଲକ୍ଷ୍ମୀବାଈ :** ଝାନ୍ସୀର ରାଣୀ ଲକ୍ଷ୍ମୀବାଈ ନିଜ ରାଜ୍ୟକୁ ବ୍ରିଟିଶ କବଳରୁ ରକ୍ଷା କରିବା ପାଇଁ ଅତି ସାହସର ସହିତ ଯୁଦ୍ଧ କରିଥିଲେ। ନାନା ସାହେବଙ୍କ ସାମରିକ ପରାମର୍ଶଦାତା ତାତିଆ (ତାନ୍ତିଆ) ତୋପେଙ୍କ ସହାୟତାରେ ରାଣୀ ଲକ୍ଷ୍ମୀବାଈ ବ୍ରିଟିଶମାନଙ୍କ ଝାନ୍ସୀ ଘେରାବନ୍ଦୀରୁ ଖସିଯିବାକୁ ସକ୍ଷମ ହେବା ସଙ୍ଗେ ସଙ୍ଗେ ଗ୍ୱାଲିୟର ଦୁର୍ଗକୁ ଜୟ କରିଥିଲେ ଏବଂ ରାଜକୋଷ ଓ ଅସ୍ତ୍ରାଗାରକୁ ନିଜ ଅକ୍ତିଆରକୁ ନେଇ ପାରିଥିଲେ। ୧୮୫୮ ମସିହା ଜୁନ୍ ୧୮ ତାରିଖରେ ଯୁଦ୍ଧ କ୍ଷେତ୍ରରେ ତାଙ୍କୁ ହତ୍ୟା କରାଯାଇଥିଲା। ଝାନ୍ସୀ ଉପରେ ବ୍ରିଟିଶ ସେନାଙ୍କ ଆକ୍ରମଣର ନେତୃତ୍ୱ ନେଇଥିବା ବ୍ରିଟିଶ ସେନା ଅଧିକାରୀ ଉଲ୍ଲେଖ କରିଥିଲେ, ଯେ "ରାଣୀ ତାଙ୍କର ସୌନ୍ଦର୍ଯ୍ୟ, ଚତୁରତା ଓ ସାହସିକତା ପାଇଁ ପ୍ରଶଂସନୀୟ ହେବା ସହିତ ତାଙ୍କ ଅଧିନସ୍ଥମାନଙ୍କ ପ୍ରତି ଅତ୍ୟନ୍ତ ଉଦାରଭାବ ପୋଷଣ କରୁଥିଲେ। ଏହି ସବୁ ଗୁଣ ତାଙ୍କର ସମ୍ମାନ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ବିଦ୍ରୋହୀ ନେତାମାନଙ୍କ ମଧ୍ୟରେ ସେ ସବୁଠାରୁ ବିପଦଜନକ ଥିଲେ। କହିବାକୁ ଗଲେ ସେ ଥିଲେ ସବୁଠାରୁ ସାହସୀ ଓ ଉତ୍ତମ ବିଦ୍ରୋହୀ।" ତାନ୍ତିଆ ତୋପେ ୧୮୫୯ ମସିହା ପର୍ଯ୍ୟନ୍ତ ଲଢ଼େଇ ଚଳୁ ରଖିଥିଲେ। କିନ୍ତୁ ତାଙ୍କ ପ୍ରତି ବିଶ୍ୱାସଘାତକତା କରାଯାଇ ବ୍ରିଟିଶମାନଙ୍କ ହାତରେ ଧରାଇ ଦିଆଯାଇଥିଲା ଏବଂ ପରେ ତାଙ୍କୁ ଫାଶୀରେ ଝୁଲାଇ ଦିଆଯାଇଥିଲା।



**ବେଗମ୍ ହଜରତ ମହଲ :** ଅଓ୍ୱଧର ବେଗମ୍ ହଜରତ ମହଲଙ୍କ ରାଜ୍ୟ ବ୍ରିଟିଶମାନେ ଅଧିକାର କରିବା ପରେ ସେ ବ୍ରିଟିଶମାନଙ୍କର ପ୍ରତିରୋଧ କରିଥିଲେ। ୧୮୫୭ରେ ସେ ବିଦ୍ରୋହୀମାନଙ୍କ ସହିତ ଯୋଗ ଦେଇଥିଲେ ଏବଂ ବ୍ରିଟିଶମାନେ ଯେତେବେଳେ ଲକ୍ଷ୍ନୌ ସହରକୁ ପୁନର୍ବାର ଦଖଲ କରିବାକୁ ଉଦ୍ୟମ କରିଥିଲେ ସେ ଏହାର ପ୍ରତିରକ୍ଷା କରିଥିଲେ। ବ୍ରିଟିଶମାନଙ୍କ ନିକଟରେ ଆତ୍ମ ସମର୍ପଣ କଲେ ତାଙ୍କୁ ନିରାପତ୍ତା ଯୋଗାଇ ଦିଆଯିବା ପ୍ରସ୍ତାବକୁ ହଜରତ ମହଲ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ବାଧ୍ୟହୋଇ ତାଙ୍କୁ ନିକଟସ୍ଥ ନେପାଳରେ ଆଶ୍ରୟ ନେବାକୁ ପଡ଼ିଥିଲା। ୧୮୫୮ ମସିହା ନଭେମ୍ବର ମାସରେ ରାଣୀ ଭିକ୍ଟୋରିଆ ଘୋଷଣା କଲେ ଯେ, ଭାରତରୁ ଇଷ୍ଟ ଇଣ୍ଡିଆ କମ୍ପାନୀର ଶାସନ ଲୋପପାଇଲା। ଆହୁରି ମଧ୍ୟ ସେ ପ୍ରତିଶୃତିନେଇ ଥିଲେ ଯେ ଭାରତୀୟମାନଙ୍କ ଧାର୍ମିକ ବ୍ୟାପାରରେ ଆଉ ହସ୍ତକ୍ଷେପ କରାଯିବ ନାହିଁ ଓ ପ୍ରଶାସନିକ କ୍ଷେତ୍ରରେ ଭାରତୀୟମାନଙ୍କୁ ଅଧିକ ସଂଖ୍ୟାରେ ଅନ୍ତର୍ଭୁକ୍ତ କରାଯିବ। ବେଗମ୍ ହଜରତ ମହଲ ରାଣୀ ଭିକ୍ଟୋରିଆଙ୍କର ଏହି ଘୋଷଣାର ପ୍ରତ୍ୟୁତ୍ତରରେ ଭାରତୀୟମାନଙ୍କୁ ସତର୍କ କରାଇଦେଇ କହିଥିଲେ, ଯେ "ଏହି ପ୍ରତିଶ୍ରୁତିରେ ଆଦୌ ବିଶ୍ୱାସ କରିବା ଠିକ୍ ନୁହେଁ। କାରଣ ଏହା ହେଉଛି ଇଂରେଜମାନଙ୍କର ଏକ ଅପରିବର୍ତ୍ତନୀୟ ପ୍ରଥା ଯେ ସେମାନେ ବଡ଼ ହେଉ ବା ଛୋଟ କୌଣସି ଦୋଷକୁ କ୍ଷମା କରିବେ ନାହିଁ।"





https://withteachers.in/

ଦ୍ୱାରା ଶୋଷଣ ନୀତିକୁ ବ୍ୟବସ୍ଥିତ ଭାବରେ କାର୍ଯ୍ୟକାରୀ କରାଯାଇଥିଲା। ଭାରତର ଏକ କ୍ଷୁଦ୍ର ଶିକ୍ଷିତ ଗୋଷ୍ଠୀ ଇଂରେଜମାନଙ୍କର ଆବଶ୍ୟକତାକୁ ଗୁରୁତ୍ୱ ଦେଇଥିଲେ। କିନ୍ତୁ ବିଶ୍ୱର ଅନେକ ଉପନିବେଶିତ ଜନତାଙ୍କ ଭାଗ୍ୟ ପରି ଭାରତୀୟମାନେ ବିଭିନ୍ନ ଶୋଷଣ, ହିଂସା ଓ ଉତ୍ପୀଡ଼ନ ଭଳି ନିର୍ଯାତନାର ଶିକାର ହୋଇଥିଲେ।

ଠିକ୍ ସେହି ସମୟରେ ଉପନିବେଶବାଦୀ ଶାସନର କିଛି ମୁଖ୍ୟ ଅନିଚ୍ଛାକୃତ ପରିଣାମ ଥିଲା। ଏହା ଭାରତକୁ ବିଶ୍ୱ ପାଇଁ ଏବଂ ବିଶ୍ୱକୁ ଭାରତ ପାଇଁ ଉନ୍ମୁକ୍ତ କଲା ବା ପୁନଃ ଉନ୍ମୁକ୍ତ କଲା। ବିଶେଷକରି ଇଂରେଜମାନେ ଏବଂ ଅଳ୍ପ କେତେକ ଫରାସୀ ଏ ଦେଶର ଭୌଗୋଳିକ ଦୃଷ୍ଟିକୋଣରୁ ସେମାନଙ୍କର ସମସ୍ତ ଅଭିଯାନ ଓ ବିଜୟକୁ ସୁଚାରୁରୂପେ ଲିପିବଦ୍ଧ କରି ରଖୁଥିଲେ। ସେମାନେ ସମସ୍ତ ଜାତିଗତ ଗୋଷ୍ଠୀର ଏକ ପ୍ରଭାବଶାଳୀ ତାଲିକା ସୃଷ୍ଟି କରିଥିଲେ କିନ୍ତୁ ଅବୈଜ୍ଞାନିକ ତଥା ପ୍ରଚଳିତ ଧାରଣା ଯୋଗୁଁ ଏହି ତାଲିକା ତ୍ରୁଟିପୂର୍ଣ୍ଣ ଥିଲା। ସେମାନେ ଭାରତୀୟ ସ୍ମାରକଗୁଡ଼ିକର କଳା ଓ ସ୍ଥାପତ୍ୟକୁ ଅନୁଧ୍ୟାନ କରି ତଥ୍ୟ ସଂଗ୍ରହ କରିଥିଲେ। ଭଗ୍ନ ଅବସ୍ଥାରେ ଥିବା କେତେକ ସ୍ମାରକର ପୁନରୁଦ୍ଧାର ସହିତ ପ୍ରତ୍ନତତ୍ତ୍ୱ ପାଠ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ପ୍ରକ୍ରିୟା ମଧ୍ୟରେ ସେମାନଙ୍କ ସହିତ ଅନ୍ୟ ୟୁରୋପୀୟ ଉପନିବେଶବାଦୀ ଶକ୍ତିଗୁଡ଼ିକ ଭାରତର ହଜାର ହଜାର ସଂଖ୍ୟାର ମୂର୍ତ୍ତି, ଚିତ୍ରକଳା, ଅଳଙ୍କାର, ପାଣ୍ଡୁଲିପି ଏବଂ ଅନ୍ୟାନ୍ୟ ସାଂସ୍କୃତିକ କଳାକୃତି ଚୋରାଇ ନେଇ ୟୁରୋପର ବିଭିନ୍ନ ସଂଗ୍ରହାଳୟ ତଥା ବ୍ୟକ୍ତିଗତ ସଂଗ୍ରହାଳୟଗୁଡ଼ିକୁ ପଠାଇଥିଲେ। ଯଦିଓ ଏହାଦ୍ୱାରା ଭାରତର ପ୍ରଭୁତ ସାଂସ୍କୃତିକ କ୍ଷତି ଘଟିଥିଲା ଏବଂ ଭାରତର ଐତିହ୍ୟ ଓ ପରମ୍ପରାରର ପରିପନ୍ଥୀ ଥିଲା, ତଥାପି ଏହାଦ୍ୱାରା ୟୁରୋପୀୟ ସମାଜରେ ଭାରତୀୟ କଳା ଓ ସଂସ୍କୃତିର ପ୍ରଭୁତ ଆଦର ଓ ପ୍ରଶଂସା ବଢ଼ି ଯାଇଥିଲା। ଏହିପରି ବଡ଼ ଧରଣର କଳା ଓ ସାଂସ୍କୃତିକ ଅପହରଣ ବିଶ୍ୱର ଅଧିକାଂଶ ଉପନିବେଶିତ ଦେଶରେ ଦେଖାଦେଇଥିଲା। ଏହିସବୁ ଅପହୃତ ସାଂସ୍କୃତିକ ସମ୍ପଦ ମଧ୍ୟରୁ କେତେକ ସେମାନଙ୍କର ମୂଳ ଦେଶକୁ ଫେରାଇ ଦେବା ପାଇଁ ତର୍କବିତର୍କ ଓ ପ୍ରୟାସ ଜାରି ରହିଛି।

## ଆସ ଅନୁସନ୍ଧାନ କରିବା




→ ଏହା ଉନ୍ମୁକ୍ତ କଲା (ପୁନଃ ଉନ୍ମୁକ୍ତ କଲା) ଭାରତକୁ ବିଶ୍ୱ ପାଇଁ ଓ ବିଶ୍ୱକୁ ଭାରତ ପାଇଁ ବାକ୍ୟରେ 'ପୁନଃ ଉନ୍ମୁକ୍ତ କଲା' ଯୋଡ଼ିଛୁ ବୋଲି ତୁମେ କାହିଁକି ଭାବୁଛ ?

→ କେତେକ ଯୁକ୍ତି କରନ୍ତି ଯେ ଅପହୃତ ବା ଚୋରୀ ହୋଇଥିବା ସାଂସ୍କୃତିକ ଐତିହ୍ୟଗୁଡ଼ିକ ଭାରତ ଅପେକ୍ଷା ବିଦେଶରେ ଭଲ ଭବରେ ସୁରକ୍ଷିତ ରହିଛି। ଏଗୁଡ଼ିକର ପ୍ରତ୍ୟର୍ପଣ ସମ୍ପର୍କରେ ତୁମର ମତ କ'ଣ ? ତୁମ ଦଳ ଭିତରେ ଆଲୋଚନା କର।

ପରିଶେଷରେ ଯଦିଓ ବ୍ରିଟିଶ ବିଦ୍ୱାନମାନେ ସଂସ୍କୃତ ଭାଷାରେ ନିପୁଣତା ହାସଲ କରିଥିବା ପ୍ରଥମ ୟୁରୋପୀୟ ନଥିଲେ, ତଥାପି ସେମାନେ ପ୍ରଥମେ କିଛି ସଂସ୍କୃତ ପୁସ୍ତକକୁ ୟୁରୋପୀୟ ଭାଷାରେ ଅନୁଦିତ କରି ପ୍ରକାଶ କରିଥିଲେ। ପରବର୍ତ୍ତୀ ସମୟରେ ଫରାସୀ, ଜର୍ମାନ ଓ



https://withteachers.in/


THE

BHĂGVĂT-GEĒTĀ,

OR

DIALOGUES

OF

*KRĔĔSHNĂ* AND *ĂRJŎŎN*;

IN EIGHTEEN LECTURES;

WITH

NOTES.

TRANSLATED FROM THE ORIGINAL, IN THE *Sănskrĕĕt*, OR ANCIENT LANGUAGE OF THE *Brāhmăns*,

BY

CHARLES WILKINS,

SENIOR MERCHANT IN THE SERVICE OF THE HONOURABLE THE EAST INDIA COMPANY, ON THEIR BENGAL ESTABLISHMENT.

LONDON:

PRINTED FOR C. NOURSE,
OPPOSITE CATHARINE-STREET, IN THE STRAND.

M.DCC.LXXXV.

ଚିତ୍ର : ୪.୨୧ : ୧୭୮୫ ମସିହାର ପ୍ରଥମ ସଂସ୍କୃତ ପୁସ୍ତକର ଇଂରାଜୀ ଅନୁବାଦର ଶୀର୍ଷକ ପୃଷ୍ଠା– ଭଗବଦଗୀତାର କୃଷ୍ଣ ଏବଂ ଅର୍ଜୁନଙ୍କ ମଧ୍ୟରେ ସଂଳାପ (ଆଧୁନିକ ବନାନ ବ୍ୟବହାର କରାଯାଇଛି)। ଅନୁବାଦକ ଥିଲେ ଚର୍ଲ୍ସ ୱିଲକିନ୍ସ।

ଅନ୍ୟମାନେ ଏହି ଧାରାକୁ ଅନୁସରଣ କରିଥିଲେ। ଏହି ଅଭିପ୍ରେରଣା ମିଶ୍ରିତ ଥିଲା। କେତେକ ବିଦ୍ୱାନ ଭାରତୀୟ ପ୍ରାଚୀନ ସଂସ୍କୃତିର ପ୍ରକୃତ ଗବେଷକ ବା ପ୍ରଶଂସକ ଥିବାବେଳେ ଅନ୍ୟମାନେ ବିଶ୍ୱାସ କରୁଥିଲେ ଯେ ଭାରତୀୟ ଭାଷା ଏବଂ ପୁସ୍ତକ ଅଧ୍ୟୟନ କରିବା ଦ୍ୱାରା ଖ୍ରୀଷ୍ଟଧର୍ମର ଶ୍ରେଷ୍ଠତା ପ୍ରତିପାଦନ କରିବା ସହଜ ହୋଇଯିବ।



ଜର୍ମାନ ଦାର୍ଶନିକ ଜର୍ଜ ହେଗେଲଙ୍କ ଭାଷାରେ ୟୁରୋପରେ ସଂସ୍କୃତ ଅଧ୍ୟୟନ ଓ ଗ୍ରନ୍ଥର ପ୍ରସାର (ପରେ ଅନ୍ୟ ଭାରତୀୟ ଭାଷାଗୁଡ଼ିକ ଦ୍ୱାରା ଅନୁକରଣ) ଏକ ନୂତନ ମହାଦେଶର ଆବିଷ୍କାର ପରି ଥିଲା। ୟୁରୋପୀୟ ଦାର୍ଶନିକ, ଲେଖକ, କବି, କଳାକାର ଏବଂ ବେଳେବେଳେ ରାଜନେତାମାନଙ୍କ ଉପରେ ଭାରତୀୟ ଗ୍ରନ୍ଥଗୁଡ଼ିକର ବହୁତ ପ୍ରଭାବ ପଡ଼ିଥିଲା। ଏହି ପ୍ରଭାବ ପରବର୍ତ୍ତୀ ସମୟରେ ଊନବିଂଶ ଶତାବ୍ଦୀରେ ଯୁକ୍ତରାଷ୍ଟ୍ର ଆମେରିକା ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା। ଏହା ସ୍ମରଣ ଯୋଗ୍ୟ ଯେ ରାଜନୈତିକ ପ୍ରଭୁତ୍ୱ ଗୋଟିଏ ଦିଗରେ ପ୍ରବାହିତ ହୋଇଥିବା ବେଳେ ଅନ୍ୟ ଦିଗରେ ସାଂସ୍କୃତିକ ପ୍ରଭାବ ପ୍ରବାହିତ ହେଉଥିଲା।



https://withteachers.in/

## ଆମେ କ'ଣ ଶିଖିଲେ...

→ ଭାରତର ପ୍ରଚୁର ସମ୍ପଦ ପର୍ତ୍ତୁଗୀଜ, ଡଚ୍, ଫରାସୀ ଓ ଇଂରେଜମାନଙ୍କୁ ଭାରତକୁ ଆକର୍ଷିତ କରିଥିଲା । ଏହି ଉପମହାଦେଶରେ ନିଜର ପ୍ରାଧାନ୍ୟ ପାଇଁ ସେମାନେ ପରସ୍ପର ମଧ୍ୟରେ ଲଢ଼ିଥିଲେ ଏବଂ ଯେଉଁଥିରେ ଇଂରେଜମାନେ ସଫଳତା ହାସଲ କରିଥିଲେ ।

→ ଇଂରେଜମାନଙ୍କର ନିଷ୍ଠୁର କର ନୀତି ଲୋକଙ୍କୁ ବହୁତ ଦୁଃଖ କଷ୍ଟ ଦେଇଥିଲା । ଭୟଙ୍କର ଦୁର୍ଭିକ୍ଷ ଯୋଗୁଁ ଲକ୍ଷଲକ୍ଷ ଲୋକ ମୃତ୍ୟୁ ମୁଖରେ ପଡ଼ିଥିଲେ । ଉଦ୍ଦେଶ୍ୟମୂଳକ ଭାବେ ଭାରତରେ ଇଂରେଜମାନଙ୍କର ଶିଳ୍ପହ୍ରାସକରଣ ନୀତି ଏ ଦେଶର ଉତ୍ପାଦନ କ୍ଷେତ୍ରକୁ ଧ୍ୱଂସ କରିଦେଇଥିଲା ।

→ ଇଂରେଜମାନେ ଧୀରେ ଧୀରେ ଭାରତୀୟ ସମାଜ ଉପରେ ସମ୍ପୂର୍ଣ୍ଣରୂପେ ଉପନିବେଶବାଦୀ ନିୟନ୍ତ୍ରଣକୁ ସୁନିଶ୍ଚିତ କରିବା ପାଇଁ ସେମାନଙ୍କର ପ୍ରଶାସନିକ ଗଠନ, ଆଇନଗତ ବ୍ୟବସ୍ଥା ଏବଂ ଶିକ୍ଷାନୁଷ୍ଠାନ ପ୍ରଚଳନ ପ୍ରଭୃତି ଆରମ୍ଭ କରିଦେଇଥିଲେ ।

→ ପର୍ତ୍ତୁଗୀଜମାନେ ଗୋଆରେ ଧାର୍ମିକ ଓ ସାଂସ୍କୃତିକ ପରିବର୍ତ୍ତନ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ ଯାହା ଦୀର୍ଘସ୍ଥାୟୀ ସାମାଜିକ ବିଭାଜନ ସୃଷ୍ଟି କରିଥିଲା । ଫରାସୀମାନଙ୍କର ସମନ୍ୱୟ ନୀତି ପଣ୍ଡିଚେରୀରେ ଏକ ଛୋଟ 'ଫରାସୀ-ଭାରତୀୟ' ଶିକ୍ଷିତ ସାଂସ୍କୃତିକ ଗୋଷ୍ଠୀ ସୃଷ୍ଟି କରିଥିଲା ।

→ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗକୁ ଅନେକ ବିଦ୍ରୋହର ସୂତ୍ରପାତ ହୋଇଥିଲା । ବିଶେଷକରି ୧୮୫୭ର ମହାନ ସିପାହୀ ବିଦ୍ରୋହ ଭାରତରେ ଉପନିବେଶବାଦୀ ଶାସନକୁ କିଛି ସମୟ ପାଇଁ ବିପଦରେ ପକାଇଥିଲା । ଏହିସବୁ ବିଦ୍ରୋହଗୁଡ଼ିକୁ ଇଂରେଜମାନେ ଅତି ନିର୍ମମ ଭାବରେ ଦମନ କରିଥିଲେ ।

→ ଊନବିଂଶ ଶତାବ୍ଦୀରେ ଭାରତର ପ୍ରାଚୀନ ସଂସ୍କୃତି ବିଶେଷ ଭାବରେ ସଂସ୍କୃତ ପୁସ୍ତକଗୁଡ଼ିକର ଅନୁବାଦିତ ରୂପ ପାଶ୍ଚାତ୍ୟ ସଭ୍ୟତାର ଦୀର୍ଘକାଳୀନ ପ୍ରଭାବ ପକାଇ ପାରିଥିଲା ।

## ପ୍ରଶ୍ନ ଓ ଅଭ୍ୟାସ କାର୍ଯ୍ୟ :

୧. ଉପନିବେଶବାଦ କ'ଣ ? ଏହି ଅଧ୍ୟାୟକୁ ଭିତ୍ତିକରି କିମ୍ବା ତୁମ ନିଜ ଜ୍ଞାନରୁ ଏ ସମ୍ପର୍କୀତ ତିନୋଟି ସଂଜ୍ଞା ପ୍ରଦାନ କର ।

୨. ଉପନିବେଶବାଦୀ ଶାସକମାନେ ପ୍ରାୟତଃ ଦାବୀ କରୁଥିଲେ ଯେ ଉପନିବେଶର ଶାସିତ ଲୋକମାନଙ୍କୁ 'ସଭ୍ୟ' କରିବା ଆମର ଲକ୍ଷ୍ୟ । ଏହି ଅଧ୍ୟାୟ ଆଧାରରେ ତୁମେ ଚିନ୍ତାକର ଯେ ଏହି ଉକ୍ତି କ'ଣ ଭାରତ ପାଇଁ ଠିକ୍ ଥିଲା ? କାହିଁକି ବା କାହିଁକି ନୁହେଁ ?



https://withteachers.in/

୩. ଭାରତକୁ ଉପନିବେଶ କରିବାରେ କିପରି ବ୍ରିଟିଶ ଆଭିମୁଖ୍ୟ ପର୍ତ୍ତୁଗୀଜ ଓ ଫରାସୀମାନଙ୍କଠାରୁ ଭିନ୍ନ ଥିଲା ?

୪. ଭାରତୀୟମାନେ ସେମାନଙ୍କର ନିଜସ୍ୱ ପରାଧୀନତା ପାଇଁ ଇଂରେଜମାନଙ୍କୁ ପାଣ୍ଠି ଯୋଗାଇଥିଲେ । ବ୍ରିଟିଶମାନଙ୍କର ଭାରତରେ ରେଳ ଓ ଟେଲଗ୍ରାଫ ପରି ଭିତ୍ତିଭୂମି ଓ ପ୍ରକଳ୍ପର ଅର୍ଥ କ'ଣ ?

୫. 'ବିଭାଜନ ଓ ଶାସନ' ବାକ୍ୟାଂଶର ଅର୍ଥ କ'ଣ ? ଭାରତରେ ବ୍ରିଟିଶମାନେ କିପରି ଏହାର ବ୍ୟବହାର କରିଥିଲେ ଉଦାହରଣ ଦିଅ ।

୬. କୃଷି, ଶିକ୍ଷା, ବାଣିଜ୍ୟ କିମ୍ବା ଗ୍ରାମୀଣ ଜୀବନ ମଧ୍ୟରୁ ଭାରତୀୟ ଜୀବନର ଯେକୌଣସି ଗୋଟିଏ କ୍ଷେତ୍ରକୁ ବାଛ । ଉପନିବେଶିକ ଶାସନ ଦ୍ୱାରା ଏହା କିପରି ଭାବରେ ପ୍ରଭାବିତ ହୋଇଥିଲା ? ସେହି ପରିବର୍ତ୍ତନ ଆଜି ମଧ୍ୟ ସମାଜରେ ଦେଖିପାରୁଛ କି ? ଗୋଟିଏ ଛୋଟ ପ୍ରବନ୍ଧ, କବିତା ବା ଚିତ୍ର ମାଧ୍ୟମରେ ତୁମ ମନର ଭାବ ପ୍ରକାଶ କର ।

୭. କଳ୍ପନା କର ଯେ ତୁମେ ୧୮୫୭ର ଜଣେ ସମ୍ବାଦଦାତା । ଝାନ୍ସୀର ରାଣୀ ଲକ୍ଷ୍ମୀବାଈଙ୍କ ପ୍ରତିରୋଧ ସଂମ୍ପର୍କରେ ଏକ ଛୋଟ ସମ୍ବାଦ ଲେଖ । ମୁଖ୍ୟ ଘଟଣାବଳୀ ଏବଂ ନେତାମାନଙ୍କୁ ଗୁରୁତ୍ୱ ଦେଇ ବିଦ୍ରୋହ କିପରି ଆରମ୍ଭ, ପ୍ରସାରିତ ଓ ସମାପ୍ତ ହେଲା, ଏକ ସମୟରେଖା ବା ଷ୍ଟୋରି ବୋର୍ଡ଼ (ଗଳ୍ପ ଫଳକ) ମାଧ୍ୟମରେ ଦର୍ଶାଅ ।

୮. ଭାରତ କେବେ ୟୁରୋପୀୟ ଶକ୍ତିମାନଙ୍କଦ୍ୱାରା ଉପନିବେଶିତ ହୋଇନଥିଲା ମନେକରି ଏକ ବିକଳ୍ପ ଇତିହାସ କଳ୍ପନା କର । ଭାରତ କିପରି ନିଜ ବାଟରେ ବିକଶିତ ହୋଇଥାଇ ପାରିଥାନ୍ତା, ସେ ସମ୍ପର୍କରେ ୩୦୦୦ ଶବ୍ଦ ମଧ୍ୟରେ ଏକ ସଂକ୍ଷିପ୍ତ କାହାଣୀ ଲେଖ ।

୯. ଅଭିନୟ ମାଧ୍ୟମରେ : ଭାରତରେ ବ୍ରିଟିଶ ଉପନିବେଶବାଦୀ ଶାସନ ଉପରେ ଜଣେ ବ୍ରିଟିଶ ଅଧିକାରୀ ଏବଂ ଦାଦାଭାଇ ନାରୋଜୀଙ୍କ ପରି ଜଣେ ଭାରତୀୟ ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଏକ ଐତିହାସିକ କଥୋପକଥନ ପ୍ରଦର୍ଶନ କର ।

୧୦. ଉପନିବେଶବାଦୀ ଶାସନ ସମୟରେ ତୁମ ରାଜ୍ୟ ବା ଅଞ୍ଚଳର ଏକ ପ୍ରତିରୋଧ ଆନ୍ଦୋଳନ (ଆଦିବାସୀ, କୃଷକ କିମ୍ବା ରାଜକୀୟ) ବିଷୟରେ ଚିନ୍ତା କର । ନିମ୍ନଲିଖିତ ବିଷୟଗୁଡ଼ିକ ଉପରେ ବର୍ଣ୍ଣନା କରି ଏକ ବିବରଣୀ ପ୍ରସ୍ତୁତ କର:

- ପ୍ରମୁଖ କାରଣ କ'ଣ ଥିଲା (ଯଦି ଥାଏ) ?
- ଆନ୍ଦୋଳନର ନେତୃତ୍ୱ କିଏ ନେଇଥିଲେ ?
- ସେମାନଙ୍କର ଦାବୀ କ'ଣ ଥିଲା ?
- ଏଥିପ୍ରତି ବ୍ରିଟିଶମାନଙ୍କର ପ୍ରତିକ୍ରିୟା କିପରି ଥିଲା ?
- ଆଜି ଏହି ଘଟଣାକୁ କିପରି ମନେ ରଖାଯାଇଛି । (ଯଥା– ସ୍ଥାନୀୟ ପର୍ବପର୍ବାଣୀ, ନୃତ୍ୟ, ଗୀତ ବା ସ୍ମାରକୀ ମାଧ୍ୟମରେ ।)



https://withteachers.in/

ଅଧ୍ୟାୟ ୫

# ସାର୍ବଜନୀନ ମତଦାନ ଏବଂ ଭାରତର ନିର୍ବାଚନ ବ୍ୟବସ୍ଥା

"ଗଣତନ୍ତ୍ରର ସଫଳ ରୂପାୟନ ନିମନ୍ତେ ଓ ଜନସାଧାରଣଙ୍କ ଉପରେ ପୂର୍ଣ୍ଣ ଭରସା ପ୍ରତିପାଦନ କରି (ଭାରତ) ସାର୍ବଜନୀନ ସାବାଳକ ମତଦାନ ନୀତି ଗ୍ରହଣ କଲା... ଯାହା ଏତେ ଦୃଢ଼ତାର ସହିତ ପୃଥିବୀ ଇତିହାସରେ ପୂର୍ବରୁ କେବେ ଗ୍ରହଣ କରାଯାଇ ନଥିଲା।"

ଆଲ୍ଲାଦି କୃଷ୍ଣସ୍ୱାମୀ ଆୟାର
ନଭେମ୍ବର ୧୯୪୯, ସମ୍ବିଧାନ ପ୍ରଣୟନ ସଭା ବିତର୍କ




ଚିତ୍ର : ୫.୧- ଲୋକ ସଭା ନିର୍ବାଚନ ୨୦୨୪ ସମୟରେ, ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ କେତେକ ପ୍ରମୁଖ ଘଟଣାବଳୀ

## ଆସ ଚିନ୍ତା କରିବା ?

୧. ସାର୍ବଜନୀନ ସାବାଳକ ମତଦାନ କ'ଣ ?
୨. ନିର୍ବାଚନ ବ୍ୟବସ୍ଥା କ'ଣ ?
୩. ଭାରତର ନିର୍ବାଚନ ବ୍ୟବସ୍ଥା କିପରି କାର୍ଯ୍ୟ କରେ ?

https://withteachers.in/




ଚିତ୍ର ୫.୨

## ସାର୍ବଜନୀନ ସାବାଳକ ମତଦାନ

**ମତଦାନ**
ଏହାକୁ ଇଂରାଜୀରେ (Franchise) କିମ୍ବା Suffrage କୁହାଯାଏ । ଏହା ସମ୍ବିଧାନ ପ୍ରଦତ୍ତ ଏକ ଅଧିକାର ।

ପ୍ରଥମରୁ ହିଁ ଭାରତର ସମ୍ବିଧାନ ପ୍ରଣେତାମାନେ ସାର୍ବଜନୀନ ସାବାଳକ ମତଦାନ ବ୍ୟବସ୍ଥାକୁ ଭାରତୀୟ ଗଣତନ୍ତ୍ରର ଏକ ଉପାଦାନ ବା ବୈଶିଷ୍ଟ୍ୟ ରୂପେ ରଖିବାକୁ ନିଷ୍ପତ୍ତି ନେଇଥିଲେ । ଏହାର ଅର୍ଥ ହେଉଛି ନିର୍ବାଚନ ସମୟରେ ସମସ୍ତ ସାବାଳକ ମତଦାତା ବା ନାଗରିକ ନିଜର ଗୋଟିଏ ମତ ପ୍ରଦାନ କରିପାରିବେ ଏବଂ ସମସ୍ତ ମତଦାନର ମୂଲ୍ୟ ସମାନ ଅଟେ । ଅର୍ଥାତ୍, ୧୮ ବର୍ଷ ବା ତଦୁର୍ଦ୍ଧ୍ୱ ପ୍ରତ୍ୟେକ ଭାରତୀୟ ନାଗରିକ ମତଦାନ କରିବାର ଅଧିକାର– ଜାତି, ବର୍ଣ୍ଣ, ଧର୍ମ, ଲିଙ୍ଗ, ଶିକ୍ଷାଗତ ଯୋଗ୍ୟତା, ଆର୍ଥିକ ସ୍ଥିତି ଇତ୍ୟାଦି ନିର୍ବିଶେଷରେ ପାଇଛନ୍ତି । ସାର୍ବଜନୀନ ଶବ୍ଦ ଏହାହିଁ ସୂଚୀତ କରେ ।

### ଆସ ଅନୁସନ୍ଧାନ କରିବା

୧୯୮୮ ମସିହାରେ ଭାରତରେ ସର୍ବନିମ୍ନ ମତଦାନ ବୟସକୁ ୨୧ ବର୍ଷରୁ କମାଇ ୧୮ ବର୍ଷ କରାଗଲା । ଏହା ଭଲ ପଦକ୍ଷେପ ଥିଲା ନା ନୁହେଁ ଆଲୋଚନା କର ।

ସାର୍ବଜନୀନ ମତଦାନ ଭାରତୀୟ ଗଣତନ୍ତ୍ରର ମୂଳଦୁଆ ଅଟେ । ଲୋକସଭା, ପ୍ରତ୍ୟେକ ରାଜ୍ୟ ବିଧାନସଭା ଏବଂ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସ୍ୱାୟତ୍ତଶାସନ ନିମନ୍ତେ ନିର୍ବାଚନ, ସାର୍ବଜନୀନ ମତଦାନ ମାଧ୍ୟମରେ ସମ୍ପାଦନ କରାଯାଏ (ସମ୍ବିଧାନର ଧାରା ୩୨୬ ଅନୁଯାୟୀ) । ମନେରଖ ଯେ ଜଣେ ବ୍ୟକ୍ତି ନିମନ୍ତେ ଅନ୍ୟ ଜଣେ ମତଦାନ କରିପାରିବେ ନାହିଁ ।

→ ତୁମେ ମତଦାନ ନିମନ୍ତେ ଆଉ କେତେଦିନ ଅପେକ୍ଷା କରିବ ହିସାବ କରି ପାରିବ କି ?

→ ତୁମ ଅଧିକାର ସାବ୍ୟସ୍ତ ନିମନ୍ତେ, ତୁମକୁ ପ୍ରଥମେ ନିଜ ନିର୍ବାଚନ ମଣ୍ଡଳୀର (ଅଞ୍ଚଳ) ମତଦାତା ବା ନାଗରିକ ରୂପେ ପଞ୍ଜିକରଣ କରିବା ଆବଶ୍ୟକ । ଅବଶ୍ୟ କେତେକ ଗୁରୁତର ଅପରାଧରେ ଅଭିଯୁକ୍ତ ନାଗରିକଙ୍କୁ ଏହି ମତଦାନ ପ୍ରକ୍ରିୟାରୁ ବାରଣ କରାଯାଇଥାଏ ।



https://withteachers.in/

ତୁମର ମନେ ଅଛି କି ୨୦୨୪ ମସିହା ଗ୍ରୀଷ୍ମ କାଳରେ ଭାରତରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ? ଏଥିରେ ୯୮୦ ନିୟୁତ ମତଦାତା ଲୋକସଭାର ୫୪୩ଟି ନିର୍ବାଚନ ମଣ୍ଡଳୀ ନିମନ୍ତେ ମତଦାନ କରିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ ।

**ନିର୍ବାଚନ ମଣ୍ଡଳୀ (Constituency) :** ଏକ ଅଞ୍ଚଳ ଯେଉଁଠାରୁ ମତଦାତା ସେମାନଙ୍କ ପ୍ରତିନିଧିଙ୍କୁ ବ୍ୟବସ୍ଥାପିକା ସଭାକୁ ନିର୍ବାଚନ କରିଥାନ୍ତି ।

## ମନେରଖ

ସମଗ୍ର ଭାରତରେ ୩.୧ ନିୟୁତ ନିର୍ବାଚିତ ପ୍ରତିନିଧି ଅଛନ୍ତି (ସେମାନଙ୍କ ମଧ୍ୟରୁ ୧.୩ ନିୟୁତ ମହିଳା ଅଟନ୍ତି) ସେମାନେ ସାରା ଭାରତରେ ୨୫୦,୦୦୦ ସ୍ଥାନୀୟ ସରକାରରେ ପ୍ରତିନିଧିତ୍ୱ କରିଥାନ୍ତି । ସେମାନେ ଗଣତାନ୍ତ୍ରିକ ଉପାୟରେ ସାର୍ବଜନୀନ ସାବାଳକ ମତଦାନ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ।

ଏହି ବ୍ୟାପକ କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ଏବଂ ସ୍ୱାଧୀନ ଓ ସ୍ୱଚ୍ଛ ନିର୍ବାଚନ ସୁନିଶ୍ଚିତ କରିବା ନିମନ୍ତେ ଆମକୁ ଏକ ବିସ୍ତୃତ ଓ ସୁସଂହତ ନିର୍ବାଚନି ବ୍ୟବସ୍ଥା ଆବଶ୍ୟକ ଅଟେ । ଏହି ଅଧ୍ୟାୟରେ ସଂକ୍ଷେପରେ ଆମେ ଆଲୋଚନା କରିବା– କିଏ ମତଦାନ କରିବାକୁ ଯୋଗ୍ୟ, ଆମେ ଗ୍ରହଣ କରିଥିବା କେତେକ ମତଦାନ ବ୍ୟବସ୍ଥା ଏବଂ ଏହା କିପରି ଆୟୋଜନ କରାଯାଏ ।

**ବ୍ୟବସ୍ଥା (System) :** ସର୍ବସାଧାରଣ କାର୍ଯ୍ୟ ନିମନ୍ତେ ଗଠିତ ଏକ ଗୋଷ୍ଠୀ ଯିଏ ପରସ୍ପର ଉପରେ ନିର୍ଭରଶୀଳ ।

## ମନେରଖ

→ ସ୍ୱାଧୀନତା ପୂର୍ବରୁ ମାତ୍ର ୧୩ ପ୍ରତିଶତ ଭାରତୀୟ ମତଦାନ କରିବାକୁ ଅନୁମତି ପାଇଥିଲେ ଏବଂ ମତଦାନ ସାର୍ବଜନୀନ ନଥିଲା । ଏ ବିଷୟରେ ଆମେ ପୁସ୍ତକର ଅନ୍ୟ ଭାଗରେ ଅଧିକ ଆଲୋଚନା କରିବା ।

→ ପୃଥିବୀର ଅନ୍ୟ ଦେଶମାନଙ୍କ ଠାରୁ ଆଗରେ ରହି ଭାରତ ମହିଳାମାନଙ୍କୁ ଭୋଟ ବା ମତଦାନ ଦେବାର ବ୍ୟବସ୍ଥା ସୁନିଶ୍ଚିତ କରିଥିଲା ।



ଚିତ୍ର : ୫.୩ : ମହିଳା ମତଦାନ ପରେଡ୍, ଯୁକ୍ତରାଷ୍ଟ୍ର ଆମେରିକା, ୧୯୧୩ ମସିହା

ଉଦାହରଣ ସ୍ୱରୂପ ସୁଇଜରଲ୍ୟାଣ୍ଡରେ ୧୯୭୧ ମସିହାରେ ମହିଳାମାନଙ୍କୁ ମତଦାନ ଅଧିକାର ପ୍ରଦାନ କରାଗଲା । ଏହି ମୌଳିକ ଅଧିକାର ହାସଲ ନିମନ୍ତେ ମହିଳାମାନେ ଅନେକ ଦିନ କଷ୍ଟ ସହ୍ୟ କରି ଆନ୍ଦୋଳନ କରିଥିଲେ । ଅପର ପକ୍ଷରେ ଏକ ପ୍ରଗତିଶୀଳ ସାମ୍ବିଧାନିକ ଦୂରଦୃଷ୍ଟି ଏବଂ ପ୍ରାଚୀନ ଭାରତରେ ଦୃଶ୍ୟମାନ ହୋଇଥିବା ଦୃଢ଼ ଗଣତାନ୍ତ୍ରିକ ମୂଲ୍ୟବୋଧ ଆଦି ଭାରତୀୟ ମହିଳାଙ୍କ ନିମନ୍ତେ ମତଦାନ ଅଧିକାର ପ୍ରଥମରୁହିଁ ସୁନିଶ୍ଚିତ କରିଥିଲା ।






https://withteachers.in/



## ଆସ ଅନୁସନ୍ଧାନ କରିବା

୧୯୪୭ ମସିହାରେ ଭାରତର ସାକ୍ଷରତା ହାର ପାଖାପାଖି ୧୪ ପ୍ରତିଶତ ଥିଲା, ତନ୍ମଧ୍ୟରୁ ମହିଳା ସାକ୍ଷରତା ହାର ସଂଖ୍ୟା ମାତ୍ର ୮ ପ୍ରତିଶତ ଥିଲା । କେତେକ ମତ ଦିଅନ୍ତି ଯେ, ମତଦାନ ଅଧିକାର କେବଳ ଶିକ୍ଷିତ ଲୋକଙ୍କୁ ଦେବା ଉଚିତ । ଆମ ସମ୍ବିଧାନ ପ୍ରଣେତାମାନେ ସ୍ୱାଧୀନତା ସମୟରୁହିଁ କାହିଁକି ସାର୍ବଜନୀନ ମତଦାନ ବ୍ୟବସ୍ଥା ସପକ୍ଷରେ ମତ ରଖିଥିଲେ ତୁମ ଦଳ ମଧ୍ୟରେ ଆଲୋଚନା କର ।

ସାର୍ବଜନୀନ ମତଦାନ କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ତାହାର ଅନେକ କାରଣମାନ ରହିଛି । ତନ୍ମଧ୍ୟରୁ କେତେକ ନିମ୍ନରେ ଦର୍ଶାଗଲା । ତୁମେ ଅନ୍ୟ କିଛି ଚିନ୍ତା କରିପାରିବ କି ?




ଚିତ୍ର : ୫.୪ : ଏକ ଗଣତନ୍ତ୍ରରେ ସାର୍ବଜନୀନ ମତଦାନର ଗୁରୁତ୍ୱ ।
ଖାଲିଥିବା ସ୍ଥାନରେ ଥିବା ଦୁଇଟି ଅନ୍ୟ କାରଣ (ଗୁରୁତ୍ୱ) ଲେଖ ।

## ପ୍ରତିବନ୍ଧକର ଉଚ୍ଛେଦ, ଅଂଶଗ୍ରହଣର ସୁନିଶ୍ଚିତତା

ସାର୍ବଜନୀନ ମତଦାନ ନିର୍ବାଚନ ପଦ୍ଧତିରେ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ଅବାଧ ଓ ମୁକ୍ତ ଅଂଶଗ୍ରହଣ ଗଣତନ୍ତ୍ରକୁ ସଫଳ କରାଏ । ନିଜ ମତକୁ ପ୍ରକାଶ କରିବାରେ ମତଦାନ ହେଉଛି ନିର୍ବାଚନର ଏକ ବଳିଷ୍ଠ ମାଧ୍ୟମ । ଏହା ଭାରତରେ କିପରି କାର୍ଯ୍ୟକାରୀ କରାଯାଏ ?



https://withteachers.in/

ଭାରତ ହେଉଛି ବିବିଧତା ଓ ଜଟିଳତା ଭରା ଏକ ବୃହତ୍ ଦେଶ । ଆୟତନରେ ଏହା ଫ୍ରାନ୍ସ ଦେଶ ଆୟତନର ଛ' ଗୁଣ । ଏହାର ମତଦାତାଙ୍କ ସଂଖ୍ୟା ଯୁକ୍ତରାଜ୍ୟ ଜନସଂଖ୍ୟାର ୧୫ ଗୁଣ ଅଟେ । ଭୌଗୋଳିକ ବିବିଧତା ମଧ୍ୟ ଏହାର ଅନ୍ୟ ଏକ ସମସ୍ୟା । ଏହି ସବୁ ଜଟିଳତାକୁ ଆଧାର କରି ଭାରତରେ ନିର୍ବାଚନ ବ୍ୟବସ୍ଥା ସଂଗଠିତ ହେବା ଆବଶ୍ୟକ ।

ଭାରତର ନିର୍ବାଚନ ଆୟୋଗ, ଭାରତରେ ନିର୍ବାଚନ ଆୟୋଜନ କରିଥାନ୍ତି (ଆମେ ଏ ବିଷୟରେ ପରବର୍ତ୍ତୀ ଅଧ୍ୟାୟରେ ଅଧିକ ପଢ଼ିବା) । ମତଦାନ ସାବ୍ୟସ୍ତର ସମସ୍ତ ପ୍ରତିବନ୍ଧକ ଦୂର କରିବା ଓ କୌଣସି ମତଦାତା ଯେପରି ମତଦାନ ଅଧିକାରରୁ ବଞ୍ଚିତ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବାରେ ଭାରତର ନିର୍ବାଚନ ଆୟୋଗ ଅନେକ ନୂତନ ପଦକ୍ଷେପମାନ ଗ୍ରହଣ କରିଛନ୍ତି ।

ଦୂର ଓ ଦୁର୍ଗମ ଅଞ୍ଚଳକୁ ଗସ୍ତ କରି ନିର୍ବାଚନ ଅଧିକାରୀମାନେ ପ୍ରତ୍ୟେକ ନାଗରିକଙ୍କ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବା ସୁନିଶ୍ଚିତ କରିଥାନ୍ତି । ୨୦୨୪ ମସିହା ନିର୍ବାଚନରେ ପ୍ରଥମ ଥର ନିମନ୍ତେ ବୟସ୍କ ଓ ଦିବ୍ୟାଙ୍ଗ ନାଗରିକମାନେ ନିଜ ଘରେ ବସି ମତଦାନ ସାବ୍ୟସ୍ତ କରିଥିଲେ । ଏଥିସହିତ କେତେକ ବିଶେଷ ବର୍ଗ ମତଦାତାଙ୍କ ନିମନ୍ତେ ଡାକଦ୍ୱାରା ମଧ୍ୟ ମତଦାନ ବ୍ୟବସ୍ଥା କରାଯାଇଥିଲା । ସହାୟକ ଯନ୍ତ୍ର ଭାବରେ ବ୍ରେଲିଯୁକ୍ତ ଭୋଟର କାର୍ଡ଼, ଆପ୍ ଯୁକ୍ତ ସହାୟତା ଅନୁରୋଧ, ହ୍ୱିଲ୍ ବା ଚକଲଗା ଚୌକି ଓ ରାମ୍ପ୍ ବା ଖସଡ଼ା ଆଦି ଅନେକ ସୁବିଧା ମଧ୍ୟ ପ୍ରଦାନ କରାଯାଇଥିଲା ।

## ଆସ ଅନୁସନ୍ଧାନ କରିବା



ଦଳଗତ ଭାବେ ଆଲୋଚନା କର– ଏହି ପ୍ରଣାଳୀଗୁଡ଼ିକ ଗଣତନ୍ତ୍ରରେ କିପରି ଭୂମିକା ନିର୍ବାହ କରେ ? ଏହି ଉନ୍ନତ ସୁବିଧା ଗୁଡ଼ିକର ସୁଯୋଗ କେହି ଉପଲବ୍ଧ କରିଥିବା ତୁମେ ଜାଣିଛ କି ? ଏହା ତୁମ ଅଞ୍ଚଳର ନିର୍ବାଚନ (ଭୋଟର) ଅଂଶ ଗ୍ରହଣରେ ବୃଦ୍ଧି ଘଟାଇପାରିଛି କି ? ବୈଷୟିକ ଜ୍ଞାନ କୌଶଳ ଏଠାରେ କିପରି ସାହାଯ୍ୟ କରିବ ?

ଯଦି ତୁମ ପାଖରେ ଇଣ୍ଟରନେଟ୍ ଯୋଗାଯୋଗ ସୁବିଧା ଥିବ ଇସିଆଇ ୱେବସାଇଟ୍ (https://www.eci.gov.in/persons with disabilities) ସର୍ଚ୍ଚ କର ।

ଇସିଆଇ ଗ୍ରହଣ କରିଥିବା ଅନେକ ସୁବଧା ଯାହା ଭିନ୍ନକ୍ଷମଙ୍କୁ ସୁବିଧା ପ୍ରଦାନ କରେ ତାହା ପଢ଼ ଏବଂ ଚିହ୍ନଟ କର ।




ଚିତ୍ର : ୫.୫



https://withteachers.in/




ଚିତ୍ର : ୫.୬ : ଭାରତର ନିର୍ବାଚନ ବ୍ୟବସ୍ଥା ପ୍ରତ୍ୟେକ ନାଗରିକଙ୍କ ମତଦାନ ସୁନିଶ୍ଚିତ କରେ। ଏକାକିନୀ ମହିଳା, ଡାକ ମାଧ୍ୟମରେ ମତଦାନ ଏବଂ ଚକଲଗା ଚୌକି ସହାୟତା ଆଦି ପଦକ୍ଷେପମାନ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ।




https://withteachers.in/

## ଆସ ଅନୁସନ୍ଧାନ କରିବା



ପାଖାପାଖି ୩୪ ପ୍ରତିଶତ ଯୋଗ୍ୟ ମତଦାତା ୨୦୨୪ ମସିହା ନିର୍ବାଚନରେ ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରି ନଥିଲେ । ଏପରି ଘଟିବାର କାରଣ କ'ଣ ବୋଲି ତୁମେ ଅନୁମାନ କରୁଛ ? ନିଜ ଅଧିକାର ସାବ୍ୟସ୍ତ ନିମନ୍ତେ ଲୋକମାନେ କେଉଁ ସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ? ତୁମ ପରିବାର ଓ ପାଖ ପଡ଼ୋଶୀରେ ଥିବା ସାବାଳକମାନଙ୍କୁ ନେଇ ଏକ (ଅନୁସନ୍ଧାନ) ସର୍ଭେ କର । ଗୃହୀତ ତଥ୍ୟକୁ ଅନୁଶୀଳନ କରି ଏକ ରିପୋର୍ଟ ଲେଖ ଏବଂ ସମସ୍ତଙ୍କ ମତଦାନ କିପରି ସୁନିଶ୍ଚିତ ହୋଇପାରିବ ମତାମତ ଦିଅ ।



## ମନେରଖ

୧୦ମ ଶତାବ୍ଦୀର ଉତ୍ତରମେରୁର୍ (ଦକ୍ଷିଣ ଭାରତରେ ଏକ ସ୍ଥାନ) ଶିଳାଲେଖ ବର୍ଣ୍ଣନା କରେ ସେ ସମୟର ପ୍ରତିନିଧି ଚୟନର ସ୍ୱଚ୍ଛତା । ଯୋଗ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ନାମ ସବୁ ତାଳପତ୍ରରେ ଲେଖାଯାଇ ଏକ ପାତ୍ର ମଧ୍ୟରେ ମୁଦଦେଇ ରଖାଯାଉଥିଲା । ଚୟନ ହେଉଥିବା ଦିନ ଏହା ସର୍ବ ସମ୍ମୁଖରେ ଖୋଲାଯାଇ ଥାଏ ଏବଂ ଜଣେ ବାଳକ ଦ୍ୱାରା ସେହି ତାଳପତ୍ର ଗୁଡ଼ିକୁ ଗୋଟିକ ପରେ ଗୋଟିଏ ବିନା କ୍ରମରେ ବାହାର କରାଯାଏ । ଜଣେ ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତି ନିଜର ମୁକ୍ତ ହସ୍ତ ଦେଖାଇବା ପରେ ଚୟନ କରାଯାଇଥିବା ପ୍ରତିଦ୍ୱନ୍ଦ୍ୱୀଙ୍କ ନାମ ସବୁ ପାଠ କରିଥାନ୍ତି ।

### ଶ୍ରେଣୀ ପ୍ରତିନିଧିଙ୍କ ନିର୍ବାଚନ – ଗ୍ରେଡ୍ ୮, ରେଭେନ୍ସା ବାଳିକା ବିଦ୍ୟାଳୟ

ଶ୍ରେଣୀ ପ୍ରତିନିଧିଙ୍କ ବାର୍ଷିକ ନିର୍ବାଚନ ସମୟ ଉପନୀତ । ଶ୍ରେଣୀ ପ୍ରତିନିଧି, ଶିକ୍ଷକଙ୍କ ସହିତ ଆଲୋଚନା ଓ ଯୋଗାଯୋଗ, ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ନିମନ୍ତେ ଶ୍ରେଣୀ ତରଫରୁ ସ୍କୁଲ ଅଧିକାରୀମାନଙ୍କ ସହିତ ଏକ ସେତୁ ବା ମାଧ୍ୟମ ରୂପେ କାର୍ଯ୍ୟ କରିଥାନ୍ତି । ତିନିଜଣ ଛାତ୍ରୀ ସବିତା, ପୂଜା ଓ ପ୍ରିୟଙ୍କା ଏହି ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରିବାକୁ ସ୍ଥିର କଲେ । ଏଥି ନିମନ୍ତେ ଶ୍ରେଣୀ ଶିକ୍ଷୟିତ୍ରୀ ମିସ୍ ଉଷା ନିର୍ବାଚନ ଅଧିକାରୀ ରୂପେ ନିଯୁକ୍ତ ହେଲେ ଯିଏ ଶ୍ରେଣୀ ପ୍ରତିନଧି ନିର୍ବାଚନରେ ସମସ୍ତ ନିୟମ ପାଳନ ସହିତ, ମୁକ୍ତ ଓ ସ୍ୱଚ୍ଛତା ସୁନିଶ୍ଚିତ କରିବେ ।



ଚିତ୍ର ୫.୭





https://withteachers.in/

## ଏଠାରେ ପ୍ରତ୍ୟେକ ପ୍ରତିଦ୍ୱନ୍ଦୀଙ୍କର ଏକ ସଂକ୍ଷିପ୍ତ ପରିଚୟ ଦିଆଗଲା :

ସବିତା ଶ୍ରେଣୀଗୃହ ଓ ଖେଳପଡ଼ିଆର ସ୍ୱଚ୍ଛତା ବୃଦ୍ଧି ନିମନ୍ତେ ପ୍ରତିଜ୍ଞା କଲେ ।

ପୂଜା ନିଜର ସମସ୍ତ ସହପାଠୀଙ୍କ ଶିକ୍ଷାର ଉନ୍ନତି ନିମନ୍ତେ ଆଗ୍ରହୀ ଥିଲେ । ସେ ଏକ ସହପାଠୀ ଶିକ୍ଷା ଓ ପାରସ୍ପରିକ ସହଯୋଗ ନିମନ୍ତେ ବ୍ୟବସ୍ଥାଗତ ଢାଞ୍ଚା ପ୍ରସ୍ତୁତ କରିବା ନିମନ୍ତେ ପ୍ରସ୍ତାବ ରଖିଲେ ।

ପ୍ରିୟଙ୍କା ଶ୍ରେଣୀ ସମୟ ସାରଣୀରେ ସଙ୍ଗୀତ, ନାଟକ ଓ ଦୃଶ୍ୟକଳା ଆଦି ନିମନ୍ତେ ଅଧିକ ସମୟ ସପକ୍ଷରେ ନୂଆ କଳାତ୍ମକ ପାଠ୍ୟକ୍ରମ ପ୍ରସ୍ତାବ ଦେଲେ ।




ଚିତ୍ର: ୫.୮

## ନିର୍ବାଚନ ପ୍ରଚାର

ସବିତା ପୋଷ୍ଟର ମାଧ୍ୟମରେ, ପୂଜା ନୋଟିସ୍‌ବୋର୍ଡ଼ ଓ ସହପାଠୀଙ୍କ ସହିତ ବାର୍ତ୍ତାଳାପ ମାଧ୍ୟମରେ ଅନ୍ୟ ସାଥୀମାନଙ୍କୁ ପ୍ରଭାବିତ କରୁଥିବା ବେଳେ ପ୍ରିୟଙ୍କା ଖାଇବା ସମୟରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରି ନିଜ ମତାମତ ସପକ୍ଷରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ । ନିର୍ବାଚନ ଅଧିକାରୀ ଉଷା କୁମାରୀ ଏକ ମୁକ୍ତ ଓ ଅବାଧ ନିର୍ବାଚନ ନିମନ୍ତେ ସମସ୍ତଙ୍କୁ ଆଇନଗତ ସୂଚନା ଦେଲେ ଏବଂ ସମସ୍ତଙ୍କୁ ନିଜ ମତାମତକୁ ଗୁପ୍ତ ରଖିବାକୁ ପରାମର୍ଶ ଦେଲେ । କାରଣ ଏହା ଏକ ଗୁପ୍ତ ଓ ସ୍ୱଚ୍ଛ ପ୍ରକ୍ରିୟା ଅଟେ । ସେ ଶ୍ରେଣୀ ଗୃହର ଏକ କୋଣରେ ନିର୍ବାଚନ ବୁଥ୍ ସ୍ଥାପନା କଲେ ଯେଉଁଠାରେ ମତଦାନର ଗୋପନୀୟତା ରକ୍ଷା କରାଯାଇପାରିବ ।

## ନିର୍ବାଚନ ଦିବସ

ନିର୍ବାଚନ ଧାର୍ଯ୍ୟ ଦିନ ପ୍ରତ୍ୟେକ ଛାତ୍ରୀଙ୍କୁ ବାଲଟ କାଗଜ ଦିଆଗଲା ଯେଉଁଥିରେ ସମସ୍ତ ତିନି ପ୍ରତିଦ୍ୱନ୍ଦୀଙ୍କ ନାମ ଉଲ୍ଲେଖ ଥିଲା । ନିଜ ପସନ୍ଦର ଛାତ୍ରୀଙ୍କ ନାମ କଡ଼ରେ '×' ଚିହ୍ନ ଦେବାକୁ ସମସ୍ତଙ୍କୁ କୁହାଗଲା । ନେହା ନିମନ୍ତେ ଏକ ବ୍ରେଲୀଯୁକ୍ତ ବାଲଟର ବ୍ୟବସ୍ଥା କରାଯାଇଥିଲା । ସମସ୍ତେ ମତଦାନ କରି ସାରିବା ପରେ ଉଷା କୁମାରୀ ସେଗୁଡ଼ିକ ଏକାଠି କରି ଏକ ବାକ୍ସ ମଧ୍ୟରେ ମୁଦ ଦେଇ ରଖିଲେ । ପରେ ତାହା ଗଣତି କରାଯିବ ।



https://withteachers.in/

## ନିର୍ବାଚନ ଫଳାଫଳ (ଭୋଟ ଗଣତି)

ସମସ୍ତ ୩୩ଟି ମତଦାନ ସରିବା ପରେ ଉଷା କୁମାରୀ ପାଖ ଶ୍ରେଣୀରୁ ଶିବା କୁମାରୀଙ୍କୁ ଭୋଟ ଗଣତିରେ ସାକ୍ଷୀ ରୂପେ ଚୟନ କଲେ। ଗୋଟିଏ ବାଲଟ କାଗଜରେ କୌଣସି ଚିହ୍ନ ଦିଆଯାଇ ନଥିଲା, ତେଣୁ ତାହାକୁ ଅସିଦ୍ଧ ଘୋଷଣା କରାଗଲା। ଫଳାଫଳ ଘୋଷଣାରୁ ଜଣାଗଲା ସବିତା ୮ଟି ଭୋଟ୍, ପୂଜା ୧୩ଟି ଭୋଟ୍ ଏବଂ ପ୍ରିୟଙ୍କା ୧୧ଟି ଭୋଟ୍ ପାଇଛନ୍ତି। ସର୍ବାଧିକ ଭୋଟ ପାଇଁ ପୂଜା ଶ୍ରେଣୀ ପ୍ରତିନିଧି ରୂପେ ନିର୍ବାଚିତ ହେଲା। ସେ ତା' ସହପାଠୀଙ୍କୁ ଧନ୍ୟବାଦ ଦେବା ସହିତ ନିଜ ପ୍ରତିଶ୍ରୁତି ପାଳନ କରିବାକୁ ପ୍ରତିଜ୍ଞାବଦ୍ଧ ହେଲା। ସମସ୍ତେ ତାକୁ ଅଭିନନ୍ଦନ ଦେବା ସହିତ ସହଯୋଗ କରିବାକୁ ପ୍ରତିଜ୍ଞା କଲେ।

### ଆସ ଅନୁସନ୍ଧାନ କରିବା



- → ଏହି ନିର୍ବାଚନ ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡ଼ିକ କ'ଣ ଥିଲା ?
- → ଗୁପ୍ତ ମତଦାନର ଆବଶ୍ୟକତା କ'ଣ ?
- → ନିଜ ମତଦାନ ସମୟରେ ଛାତ୍ରୀମାନେ କେଉଁ ସବୁ ଦିଗଗୁଡ଼ିକୁ ଗୁରୁତ୍ୱ ଦେଇଥିବେ ?
- → ତୁମେ ଭାବୁଛ କି ପୂଜା ନିର୍ବାଚିତ ହେବା ପରେ ମଧ୍ୟ ଅନ୍ୟ ଛାତ୍ରୀମାନଙ୍କର ଅନେକ ଦାୟିତ୍ୱ ରହିଛି ? ଯଦି ହଁ ସେଗୁଡ଼ିକ କ'ଣ ?
- → ଉଷା କୁମାରୀ କେଉଁ ଭୂମିକା ତୁଲାଇ ଥିଲେ ? ତାହା କାହିଁକି ଗୁରୁତ୍ୱପୂର୍ଣ୍ଣ ?
- → ନେହା ପାଇଁ ବ୍ରେଲି ବାଲଟ କାଗଜ ପ୍ରସ୍ତୁତ କରିବା ଉଷା କୁମାରୀଙ୍କ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ ଥିଲା ?
- → ଯଦି ଅନେକ ଛାତ୍ରୀ କାହାକୁ ବାଛି ନଥାନ୍ତେ କ'ଣ ହୋଇଥାନ୍ତା ?



### ମନେରଖ

ଅନୁମାନ କର ଯଦି ଜଣେ ଛାତ୍ରୀ ସବିତା, ପୂଜା କିମ୍ବା ପ୍ରିୟଙ୍କାଙ୍କ ମଧ୍ୟରୁ କାହାକୁ ମତଦାନ କରି ନଥାନ୍ତା, ତାଙ୍କ ପାଖରେ କ'ଣ ବିକଳ୍ପ ଥିଲା ? ଭାରତ ପରି କେତେକ ଦେଶରେ 'ନୋଟା' ବା 'କେହି ପସନ୍ଦ ନୁହନ୍ତି' ନାମରେ ଏକ ବିକଳ୍ପ ଅଛି। ଏହା ସମସ୍ତ ପ୍ରତିଦ୍ୱନ୍ଦୀଙ୍କୁ ତ୍ୟାଗ କରିବାକୁ ମତଦାତାଙ୍କୁ ସୁଯୋଗ ଦିଏ। ଯଦିଓ ଏହା ଫଳାଫଳକୁ ପ୍ରଭାବିତ କରେ ନାହିଁ ତଥାପି ଏକ ବାର୍ତ୍ତା ଦେଇଥାଏ ଯେ ମତଦାତା ଅଧିକ ବିକଳ୍ପ ଚାହାନ୍ତି। 'ନୋଟା' ବା 'କେହି ପସନ୍ଦ ନୁହନ୍ତି' ଭାରତୀୟ ଗଣତନ୍ତ୍ରର ଏକ ଶକ୍ତିଶାଳୀ ଚିନ୍ତନ ଅଟେ।





https://withteachers.in/

## ଭାରତର ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ଭୂମିକା


ଭାରତର ବିଶାଳତା ଓ ବିବିଧତା କଥା ଆମେ ଜାଣିଲେ, ଏହାକୁ ମନେରଖି ଦେଶର ନିର୍ବାଚନ ଆୟୋଜନ ନିମନ୍ତେ ଏକ ସଂସ୍ଥା ଗଠନ କରାଗଲା। ଏହି ପର୍ଯ୍ୟାୟରେ ନିର୍ବାଚନ ଆୟୋଗ, ଆୟୋଜନ ଏବଂ ପରିଦର୍ଶନ କରୁଥିବା ବିଭିନ୍ନ ପ୍ରକାର ନିର୍ବାଚନ ସମ୍ବନ୍ଧରେ ଆଲୋଚନା କରିବା।



### ଆସ ମନେରଖିବା

ଭାରତରେ ସଂସଦୀୟ ଗଣତନ୍ତ୍ର ପ୍ରଚଳିତ। ଏଠାରେ ଜାତୀୟ ସ୍ତରରେ ଲୋକସଭା (ସଂସଦର ନିମ୍ନ ସଦନ) ନିମନ୍ତେ ନାଗରିକ ବା ମତଦାତାମାନେ ପ୍ରତିନିଧି ଚୟନ କରିଥାନ୍ତି। ମତାଦାତା ମାନେ ବିଭିନ୍ନ ରାଷ୍ଟ୍ରୀୟ/ଜାତୀୟ ସମସ୍ୟା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରି ମତଦାନ କରିଥାନ୍ତି। ଏଥି ସହିତ ମତଦାତାମାନେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ସେମାନଙ୍କ ନିଜ ନିର୍ବାଚନ ମଣ୍ଡଳୀ ନିମନ୍ତେ ମଧ୍ୟ ପ୍ରତିନିଧି ନିର୍ବାଚିତ କରଥାନ୍ତି। ଏଠାରେ ସେମାନେ ସାଧାରଣତଃ ଆଞ୍ଚଳିକ ବିଷୟବସ୍ତୁକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି।

ଏହି ଦୁଇଟି ନିର୍ବାଚନ ଇସିଆଇଙ୍କ ଦ୍ୱାରା ଆୟୋଜନ ଓ ପରିଚାଳନା କରାଯାଇଥାଏ। ସେ ସମ୍ବନ୍ଧରେ ଆମେ ପରେ ବିଶଦ ଆଲୋଚନା କରିବା। ଅବଶ୍ୟ ନିର୍ବାଚନ ପରିଚାଳନାର ଝଲକ ପାଇବା ଆଗରୁ ଆସ ତୁମକୁ ଭାରତର ନିର୍ବାଚନ ଆୟୋଗଙ୍କ ସହିତ ପରିଚୟ କରାଇବା, ଯିଏ ଏହି ନିର୍ବାଚନ ସବୁ ତଦାରଖ କରିଥାନ୍ତି।



### ଆସ ମନେରଖିବା

ଷଷ୍ଠ ଶ୍ରେଣୀରେ ଆମେ ଗ୍ରାମ ପଞ୍ଚାୟତ ଓ ସହରାଞ୍ଚଳ ସ୍ଥାନୀୟ ସରକାର ବିଷୟରେ ପଢ଼ିଥିଲେ। ରାଜ୍ୟ ନିର୍ବାଚନ ଆୟୋଗ ଏହାକୁ ପରିଚାଳନା କରିଥାନ୍ତି।

## ଭାରତର ନିର୍ବାଚନ ଆୟୋଗ – ଏକ ସଂକ୍ଷିପ୍ତ ପରିଚୟ

ଭାରତର ନିର୍ବାଚନ ଆୟୋଗ (ଇସିଆଇ) ଏକ ସ୍ୱାଧୀନ ସାମ୍ବିଧାନିକ ଅନୁଷ୍ଠାନ ଯିଏ ଦେଶରେ ସ୍ୱାଧୀନ ଓ ସ୍ୱଚ୍ଛ ନିର୍ବାଚନ ପରିଚାଳନା କରିଥାନ୍ତି। ଏହା ୧୯୫୦ ମସିହାରେ ସ୍ଥାପିତ ହୋଇଥିଲା। ଭାରତରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ସଂସଦ (ରାଜ୍ୟସଭା ଏବଂ ଲୋକସଭା) ଏବଂ ରାଜ୍ୟ ବିଧାନ ସଭା ଗୁଡ଼ିକ ନିମନ୍ତେ ଏହା ନିର୍ବାଚନ କାର୍ଯ୍ୟ ସମ୍ପାଦନ କରିଥାଏ। ସ୍ୱାଧୀନ ଭାରତର ପ୍ରଥମ ସାଧାରଣ ନିର୍ବାଚନ ୧୯୫୧–୧୯୫୨ ମସିହାରେ ଅନୁଷ୍ଠିତ ହୋଇଥିଲା।



https://withteachers.in/


ଭାରତର ନିର୍ବାଚନ ଆୟୋଗଙ୍କର କେତେକ ପ୍ରମୁଖ କାର୍ଯ୍ୟ।




ଚିତ୍ର : ୫.୯ ନିର୍ବାଚନ ଆୟୋଗଙ୍କର କେତେକ କାର୍ଯ୍ୟ




ଚିତ୍ର : ୫.୧୦ : ଦିଲ୍ଲୀ ସ୍ଥିତ ଭାରତର ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ





ଚିତ୍ର : ୫.୧୧ ଭାରତ ନିର୍ବାଚନ ଆୟୋଗର ଗଠନ କ୍ରମ




https://withteachers.in/


## ନିର୍ବାଚନ ପରିଚାଳନା ପଦ୍ଧତି

ଭାରତରେ ନିର୍ବାଚନ ପରିଚାଳନା କରିବା ଏକ ବୃହତ୍ ତଥା ମହତ୍ କାର୍ଯ୍ୟ ଅଟେ। ଆଧୁନିକ ଭାରତରେ ଏକ ଅବାଧ ଓ ମୁକ୍ତ ନିର୍ବାଚନ ପରିଚାଳନା ନିମନ୍ତେ ନିର୍ବାଚନ ଆୟୋଗ ସମୟ ସହିତ ତାଳଦେଇ ନିଜ କାର୍ଯ୍ୟକାରିତାକୁ ନିରନ୍ତର ଉନ୍ନତ କରାଉଛନ୍ତି। ଏକ ବ୍ୟାପକ ନିର୍ବାଚନ ବ୍ୟବସ୍ଥା ଦକ୍ଷତାର ସହିତ କାର୍ଯ୍ୟ ପରିଚାଳନା ଆବଶ୍ୟକ କରେ। ଏହାକୁ ବୁଝିବା ନିମନ୍ତେ ଆମେ ଲୋକସଭା ନିର୍ବାଚନର ଉଦାହରଣ ନେବା। ମନେ ରଖଯେ, ରାଜ୍ୟ ବିଧାନ ସଭା ନିର୍ବାଚନ ନିମନ୍ତେ ମଧ୍ୟ ସମାନ ପଦ୍ଧତି ଅନୁସରଣ କରାଯାଏ। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏବଂ ଭିନ୍ନ ଭିନ୍ନ ସମୟରେ ଭାରତର ନିର୍ବାଚନ ଅନୁଷ୍ଠିତ ହୋଇଥାଏ। ତେଣୁ ପ୍ରାୟ ପ୍ରତ୍ୟେକ ବର୍ଷ, ଯେତେବେଳେ ସମୟ ଉପଯୁକ୍ତ, ଦେଶର ବିଭିନ୍ନ ଭାଗରେ ନିର୍ବାଚନ ଚାଲୁ ରହିଥାଏ।




ଚିତ୍ର : ୫.୧୨: ୨୦୨୪ ମସିହାର ଲୋକ ସଭା ନିର୍ବାଚନ ସଂକ୍ରାନ୍ତୀୟ କେତେକ ତଥ୍ୟ

ଏବେ ତୁମେ ଜାଣି ପାରୁଥିବ ଯେ ଏହି ସଂଖ୍ୟା କେତେ ଅଧିକ। ଏହି ନିର୍ବାଚନୀ କାର୍ଯ୍ୟରେ ଶିକ୍ଷକ/ଶିକ୍ଷିକାମାନଙ୍କ ସମେତ ଅନେକ କର୍ମଚାରୀ ଓ ଜନତା ନିୟୋଜିତ ହୋଇଥାନ୍ତି।




### ଆସ ଅନୁସନ୍ଧାନ କରିବା

ତୁମ ବିଦ୍ୟାଳୟରେ କିମ୍ବା ଆଖପାଖ ଅଞ୍ଚଳରେ ଥିବା ସେହି ଶିକ୍ଷକମାନଙ୍କୁ ଠାବ କର ଯେଉଁମାନେ ନିର୍ବାଚନ ଦାୟିତ୍ୱରେ ନିୟୋଜିତ ଥିଲେ। ସେମାନଙ୍କୁ ତୁମ ଶ୍ରେଣୀକୁ ନିମନ୍ତ୍ରଣ କରି ତାଙ୍କ ଅନୁଭୂତି ସବୁ ଶୁଣିବା ସହିତ ନିଜ ଜ୍ଞାନ ପରିସର ବୃଦ୍ଧି କର।



https://withteachers.in/



## ମନେରଖ

ଲୋକସଭା ନିର୍ବାଚନ ମଣ୍ଡଳୀର ୮୪ଟି ମଣ୍ଡଳୀରେ ତଫସିଲଭୁକ୍ତ ଜାତି ଏବଂ ୪୭ଟି ମଣ୍ଡଳୀରେ ତଫସିଲଭୁକ୍ତ ଜନଜାତିଙ୍କ ନିମନ୍ତେ ସଂରକ୍ଷିତ ରହିଅଛି । ଅନ୍ୟ ସମସ୍ତ ନିର୍ବାଚନ ମଣ୍ଡଳୀ ସମସ୍ତଙ୍କ ନିମନ୍ତେ ମୁକ୍ତ ଅଟେ ।




### ଲୋକସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ ପଦ୍ଧତି




**ପ୍ରଥମ ପୋଲିଂ ଅଧିକାରୀ :** ମତଦାତା ସୂଚୀରେ ନାମ ତଦାରଖ କରି ତାହାକୁ ପରିଚୟ ପତ୍ର ସହ ମିଳାଇଥାନ୍ତି ।





**ଦ୍ୱିତୀୟ ପୋଲିଂ ଅଧିକାରୀ :** ପ୍ରଥମେ ବାମ ହାତ ବିଶି ଆଙ୍ଗୁଠିରେ କାଳି ଲଗାଇ ଥାନ୍ତି ଏବଂ ଦସ୍ତଖତ ରଖି ଚିରକୁଟି ପ୍ରଦାନ କରନ୍ତି ।

**ତୃତୀୟ ପୋଲିଂ ଅଧିକାରୀ :** ମତଦାତାଙ୍କଠାରୁ ଚିରକୁଟି ନେଇ ତାଙ୍କ ଆଙ୍ଗୁଠିରେ କାଳି ଲାଗିଛି କି ନାହିଁ ତଦାରଖ କରନ୍ତି ।





**ଚତୁର୍ଥ ପୋଲିଂ ଅଧିକାରୀ :** ଇଭିଏମ୍ ସୁଇଚ ଚିପି ତାହାକୁ କାର୍ଯ୍ୟକ୍ଷମ କରନ୍ତି ଯାହା ଫଳରେ ମତଦାତା ମତ ସାବ୍ୟସ୍ତ କରପାରିବେ । ଏଥିସହିତ ଭିଭିପାଟ୍‌କୁ ମଧ୍ୟ ନଜର ରଖିଥାନ୍ତି ।

ଚିତ୍ର : ୫.୧୩



ଚିତ୍ର : ୫.୧୪ : ନିର୍ବାଚନ ପରିଚାଳନା ବୈଷୟିକ ଜ୍ଞାନ କୌଶଳର ବ୍ୟାପକ ବ୍ୟବହାର




ଚିତ୍ର ୫.୧୫ : ଶ୍ୟାମ ଶରଣ ନେଗୀ, ହିମାଚଳ ପ୍ରଦେଶର ଜଣେ ଶିକ୍ଷକ ଯିଏ ୧୯୫୧ ମସିହାରେ ଭାରତର ପ୍ରଥମ ସାଧାରଣ ନିର୍ବାଚନରେ ପ୍ରଥମ ମତଦାତା ଥିଲେ । ସେ ଏଠାରେ ୨୦୧୭ ମସିହାରେ ୧୦୦ ବର୍ଷ ବୟସରେ ନିଜ ମତାଦାନ ସାବ୍ୟସ୍ତ କରୁଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶା ପରି ଯେଉଁ କେତେକ ରାଜ୍ୟରେ ଲୋକସଭା ସହିତ ରାଜ୍ୟ ବିଧାନ ସଭା ନିର୍ବାଚନ ଏକକାଳୀନ ହୋଇଥାଏ ସେଠାରେ ପାଞ୍ଚଜଣ ପୋଲିଂ ଅଧିକାରୀ ରହିଥାନ୍ତି ଓ ସେଠାରେ ସେମାନଙ୍କ କାର୍ଯ୍ୟ ଶୈଳୀ ସାମାନ୍ୟ ଭିନ୍ନ ଅଟେ ।



https://withteachers.in/



## ଆସ ଅନୁସନ୍ଧାନ କରିବା

→ ଭାରତର ଇଲେକ୍‌ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ଏବଂ ଭିଭିପାଟ୍ ପ୍ରଣୟନ ବ୍ୟବସ୍ଥା ନାମିବିୟା ଏବଂ ଭୁଟାନ ଆଦି ଦେଶରେ ଆମ ନିର୍ବାଚନ ଆୟୋଗଙ୍କ ସହଯୋଗରେ ବ୍ୟବହୃତ ହେଉଅଛି । ଅନ୍ୟ କେତେକ ଦେଶ ମଧ୍ୟ ଆମର ଏହି ବୈଷୟିକ ଜ୍ଞାନ କୌଶଳ ଅଧ୍ୟୟନ କରିବାକୁ ଭାରତ ଆସି ତାଲିମ୍ ନେବାପରେ ତାଙ୍କ ଦେଶରେ କାର୍ଯ୍ୟକାରୀ କରିବାକୁ ସ୍ଥିର କରିଛନ୍ତି ।




ଚିତ୍ର : ୫.୧୬ : ଇଲେକ୍‌ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍)

→ ଭିଭିପାଟ୍ (Voter verifiable paper audit trail) ହେଉଛି ଏକ କାଗଜ ଦସ୍ତାବିଜ ମୁଦ୍ରଣ କରୁଥିବା ମାଧ୍ୟମ ଯାହା ମତଦାତାଙ୍କ ସେ ଇଭିଏମ୍‌ରେ ପ୍ରଦାନ କରିଥିବା ମତ ସହିତ ମିଳାଇଥାଏ । ମତଦାତା ପ୍ରଦାନ କରିଥିବା ମତର ସଙ୍କେତ ସହିତ ଭିଭିପାଟ୍‌ରୁ ସଂଗୃହୀତ ମତ ମେଳ ଖାଇବା ନିତାନ୍ତ ଆବଶ୍ୟକ । ଏହା ମଧ୍ୟ ଆବଶ୍ୟ ସ୍ଥଳେ ପରବର୍ତ୍ତୀ ସମୟରେ ସତ୍ୟ ଉନ୍ମୋଚନ କିମ୍ବା ପୁନଃ ଗଣନା ସମୟରେ ସହାୟକ ହୋଇଥାଏ ।

## ନିର୍ବାଚନର ଆଦର୍ଶ ନିୟମାବଳୀ (ଆଚରଣ ବିଧି)

ଭାରତରେ ନିର୍ବାଚନକୁ ସ୍ୱାଧୀନ ଓ ସ୍ୱଚ୍ଛ ରଖିବା ନିମନ୍ତେ କେତେକ ଆଦର୍ଶ ନିୟମାବଳୀ ଅନୁସରଣ କରାଯାଏ । ଏହା ନେତା, ରାଜନୈତିକ ଦଳ ଏବଂ ପ୍ରାର୍ଥୀ କେତେକ କାର୍ଯ୍ୟରୁ ବାରଣ କରିବା ସହତ ଅନ୍ୟ କେତେକ ଗ୍ରହଣ ଯୋଗ୍ୟ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥାଏ ।

### ଆଚରଣବିଧିର କେତେକ ମୁଖ୍ୟାଂଶ

କ. ସରକାରରେ ଥିବା ରାଜନୈତିକ ଦଳ ଏହି ନିୟମ ପାଳନ କରିବା ଉଚିତ; ଏହା ସୁନିଶ୍ଚିତ କରିବା ଉଚିତ ଯେ ସରକାରୀ ସମ୍ପତ୍ତି ଯେପରି କୌଣସି ରାଜନୈତିକ ଦଳ ଦ୍ୱାରା ନିର୍ବାଚନ କାର୍ଯ୍ୟରେ ବ୍ୟବହୃତ ହେବ ନାହିଁ । ଉଦାହରଣ ସ୍ୱରୂପ, ନିର୍ବାଚନ ତାରଖ ଘୋଷଣା ପରେ ସରକାର ମତଦାତାଙ୍କୁ ପ୍ରଲୋଭିତ କରିବା ପାଇଁ କୌଣସି ନୂତନ ଯୋଜନା କିମ୍ବା ପ୍ରକଳ୍ପ ଘୋଷଣା କରିପାରିବେ ନାହିଁ ।

ଖ. ଶାନ୍ତିପୂର୍ଣ୍ଣ ନିର୍ବାଚନକୁ ସୁନିଶ୍ଚିତ କରିବା ନିମନ୍ତେ ପ୍ରତ୍ୟେକ ପ୍ରାର୍ଥୀ କେତେକ ସୁବିଧା ହାସଲ କରିବା ସହିତ କେତେକ କଟକଣାକୁ ମାନିନେବା ଆଶା କରାଯାଏ ।

ଗ. ଉପହାର ପ୍ରଦାନ ମାଧ୍ୟମରେ ମତଦାତାଙ୍କୁ ପ୍ରଭାବିତ କରିବାକୁ ଦଣ୍ଡନୀୟ ବିବେଚନା କରାଯାଏ ।



https://withteachers.in/

## ଆସ ଅନୁସନ୍ଧାନ କରିବା

→ ନିର୍ବାଚନ ଆୟୋଗ ବିବେଚନା କରିଥିବା କେତେକ ଅଭିଯୋଗ ଏଠାରେ ଦିଆଗଲା ।



ଚିତ୍ର : ୫.୧୭ : ମହିଳା ମତଦାତାଙ୍କୁ ଶାଢ଼ୀ ଓ ଘରୋଇ ଉପକରଣ ବାଣ୍ଟୁଥିବା ଜଣେ ପ୍ରାର୍ଥୀ



ଚିତ୍ର : ୫.୧୮ : ଅନ୍ୟ ଦଳ ପ୍ରାର୍ଥୀଙ୍କ ବିରୋଧରେ ଅଶାଳୀନ ଶବ୍ଦ ପ୍ରୟୋଗ କରୁଥିବା ଜଣେ ପ୍ରାର୍ଥୀ




ଚିତ୍ର : ୫.୧୯ : ଶାସକ ଦଳ ସପକ୍ଷରେ ନିର୍ବାଚନ ପ୍ରଚାର କରୁଥିବା ସରକାରୀ କର୍ମଚାରୀ



ଚିତ୍ର : ୫.୨୦ : ନିରୀକ୍ଷଣ ସମୟରେ ଜଣେ ପ୍ରାର୍ଥୀଙ୍କ କାରରୁ ଉଦ୍ଧାର କରାଯାଇଥିବା ୫୦୦ ଟଙ୍କା ବିଡ଼ା

→ ତୁମେ କାହିଁକି ଅନୁଭବ କରୁଛ ଯେ ଏସବୁ ଆଦର୍ଶ ନିୟମାବଳୀ ବା ଆଚରଣ ବିଧି ଉଲ୍ଲଙ୍ଘନ କରୁଛି ବୋଲି ?



## ମନେରଖ

୧୯୬୦ ମସିହାରେ କେରଳ ରାଜ୍ୟରେ ଗ୍ରହଣ କରାଯାଥିବା କେତେକ ଆଦର୍ଶ ନିର୍ବାଚନ ଆଚରଣ ବିଧି ସେ ସମୟର ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା । ଏହି ଆଚରଣ ବିଧି ସମୂହକୁ ଭାରତର ନିର୍ବାଚନ ଆୟୋଗ ୧୯୬୨ ମସିହା ନିର୍ବାଚନ ସମୟରେ ପ୍ରସାରିତ କରିଥିଲେ ଏବଂ ୧୯୯୧ ମସିହା ନିର୍ବାଚନ ସମୟରେ ଏବଂ ତାହା ପରଠାରୁ ଏହି ଆଚରଣବିଧି ପାଳନ ନିମନ୍ତେ ଅଧିକ ସକ୍ରିୟ ହୋଇ ଉଠିଲେ ।





https://withteachers.in/

## ମନେରଖ

୧୯୯୦ ମସିହାରେ ଶ୍ରୀଯୁକ୍ତ ଟି.ଏନ୍. ଶେଷାନ୍ ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ଭାବରେ ନିଯୁକ୍ତ ହୋଇଥିଲେ। ସେ ସ୍ୱଚ୍ଛ ଓ ଅବାଧ ନିର୍ବାଚନ ନିମନ୍ତେ କେତେକ ବ୍ୟବସ୍ଥାରେ ସୁଧାର ଆଣିବାକୁ ଚେଷ୍ଟା କରିଥିଲେ। କେତେକ ନିୟମାବଳୀ ମଧ୍ୟରେ ନିର୍ବାଚନ ପ୍ରଚାର, ସଠିକ୍ ମତଦାତାଙ୍କ ପରିଚୟ ନିମନ୍ତେ ନିର୍ବାଚକ ପରିଚୟପତ୍ର ଏବଂ ପ୍ରାର୍ଥୀ ବା ପ୍ରତ୍ୟାଶୀଙ୍କର ସମସ୍ତ ନିର୍ବାଚନ ଖର୍ଚ୍ଚ ଉପରେ ତୀକ୍ଷଣ ନଜର ରଖିବା ଆଦି ତାହା ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା। ଟି.ଏନ୍. ଶେଷାନ୍ ମତଦାତାଙ୍କ ଅଧିକାର ସୁରକ୍ଷା ନିମନ୍ତେ କଠିନ ପରିଶ୍ରମ କରିଥିଲେ। ସେ ଭାରତୀୟ ନିର୍ବାଚନକୁ ଅବାଧ, ଭୟଶୂନ୍ୟ ଓ ସ୍ୱଚ୍ଛ କରିବା ନିମନ୍ତେ ସବୁ ସମୟରେ ଉଦାହରଣ ହୋଇ ରହିବେ।



ଚିତ୍ର ୫.୨୧ ଟି.ଏନ୍. ଶେଷାନ୍

## ଆସ ଅନୁସନ୍ଧାନ କରିବା

ତୁମେ ବାସ କରୁଥିବା ଅଞ୍ଚଳରେ ପରବର୍ତ୍ତୀ ନିର୍ବାଚନ କେବେ ଅନୁଷ୍ଠିତ ହେବ ? ଏହା ରାଜ୍ୟ, ସହରାଞ୍ଚଳ ସ୍ଥାନୀୟ ଶାସନ କିମ୍ବା ପଞ୍ଚାୟତ ନିର୍ବାଚନ ମଧ୍ୟରୁ କେଉଁଟି ?

## ଭାରତର ନିର୍ବାଚନକୁ ବୁଝିବା – ଏକ ସମ୍ୟକ୍ ଧାରଣା

### ଲୋକସଭା ଏବଂ ରାଜ୍ୟ ବିଧାନସଭା ନିମନ୍ତେ ନିର୍ବାଚନ

ଭାରତର ନିର୍ବାଚନକୁ ଅନେକ ସମୟରେ 'ଗଣତନ୍ତ୍ର ମହାପର୍ବ' ବୋଲି କୁହାଯାଏ। ଏହି ସମୟରେ ମତଦାତାମାନେ ଅବାଧ, ସ୍ୱଚ୍ଛ ଓ ଦାୟିତ୍ୱପୂର୍ଣ୍ଣ ଭାବରେ ସେମାନଙ୍କ ପ୍ରତିନିଧି ଚୟନର ଅଧିକାର କାର୍ଯ୍ୟକାରୀ କରିଥାନ୍ତି।

ଆମେ ଜାଣୁ ଯେ ଭାରତରେ ସଂସଦୀୟ ଗଣତନ୍ତ୍ର ପ୍ରଚଳିତ ଅଛି ଏବଂ ବିଭିନ୍ନ ସ୍ତର ଯଥା ଲୋକସଭା (ଜାତୀୟ ସ୍ତରରେ), ବିଧାନସଭା (ରାଜ୍ୟ ସ୍ତରରେ) ଏବଂ ଆଞ୍ଚଳିକ (ସହର ଏବଂ ଗ୍ରାମାଞ୍ଚଳରେ) ନିର୍ବାଚନରେ ନାଗରିକମାନେ ଅଂଶଗ୍ରହଣ କରିଥାନ୍ତି। ସାରା ଦେଶ ୫୪୩ଟି ଲୋକସଭା ନିର୍ବାଚନ ମଣ୍ଡଳୀରେ ବିଭାଜିତ ହୋଇଥାଏ। ଆମ ରାଜ୍ୟ ଓଡ଼ିଶା ମଧ୍ୟ ୧୪୭ଟି ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ବିଭାଜିତ ହୋଇଥାଏ। ଲୋକସଭାକୁ ନିର୍ବାଚିତ ବ୍ୟକ୍ତିଙ୍କୁ ସଂସଦ ସଦସ୍ୟ ବା ସାଂସଦ ଏବଂ ବିଧାନ ସଭାକୁ ନିର୍ବାଚିତ ବ୍ୟକ୍ତିଙ୍କୁ ବିଧାନ ସଭା ସଦସ୍ୟ ବା ବିଧାୟକ କୁହାଯାଏ। ଭାରତର ନିର୍ବାଚନ ପଦ୍ଧତି 'ଫାଷ୍ଟ-ପାଷ୍ଟ-ଦି-ପୋଷ୍ଟ'କୁ ଆପଣେଇ ଅଛି। ଏହାର ଅର୍ଥ ନିର୍ବାଚନରେ ସର୍ବାଧିକ ମତ ପାଇଥିବା ପ୍ରାର୍ଥୀ ଜୟଯୁକ୍ତ ଘୋଷିତ ହେବା। ଅର୍ଥାତ୍ ଅର୍ଦ୍ଧାଧିକ ବା ୫୦ ପ୍ରତିଶତରୁ ଅଧିକ ସଂଖ୍ୟକ ମତଦାନ



https://withteachers.in/

ନ ପାଇଲେ ମଧ୍ୟ ଜଣେ ପ୍ରାର୍ଥୀ ଜୟଯୁକ୍ତ ହୋଇଥାନ୍ତି। (ଯେପରି ୩୩ ଖଣ୍ଡ ଭୋଟରୁ ମାତ୍ର ୧୩ ଖଣ୍ଡ ଭୋଟ ପାଇ ପୂଜା ଶ୍ରେଣୀ ପ୍ରତିନିଧି ରୂପେ ଜୟଯୁକ୍ତ ହେଲା)

**ମେଣ୍ଟ (Coalition) :** ଏକାଧିକ ରାଜନୈତିକ ଦଳ ଏକାଠି କର୍ଯ୍ୟ କରିବା ବ୍ୟବସ୍ଥା

## ମନେରଖ

ଆଞ୍ଚଳିକ ଭାଷାରେ ବ୍ୟବସ୍ଥାପିକା ସଭା ଅନେକ ନାମରେ ପରିଚିତ ହୋଇଥାଏ ଯେପରି ବିଧାନସଭା କିମ୍ବା ନିୟମ ପ୍ରଣୟନ ସଭା ଆଦି। ଆମ ରାଜ୍ୟରେ ଏହାକୁ କ'ଣ କୁହାଯାଏ ?

ନିର୍ବାଚନ ପ୍ରକ୍ରିୟା ପରେ ପରେ ସହକାର ଗଠନ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଏକାକୀ କିମ୍ବା ମେଣ୍ଟ ଭାବରେ ଜୟଯୁକ୍ତ ରାଜନୈତିକ ଦଳ ସରକାର ଗଠନ କରିଥାନ୍ତି। ସଂଖ୍ୟା ଗରିଷ୍ଠତା ହାସଲ କରିଥିବା ରାଜନୈତିକ ଦଳର ନେତା ପ୍ରଧାନ ମନ୍ତ୍ରୀ ହୋଇଥାନ୍ତି। ସେହିପରି ରାଜ୍ୟ ସ୍ତରରେ ସଂଖ୍ୟା ଗରିଷ୍ଠତା ହାସଲ କରିଥିବା ରାଜନୈତିକ ଦଳର ନେତା ରାଜ୍ୟରେ ମୁଖ୍ୟମନ୍ତ୍ରୀ ହୋଇଥାନ୍ତି।




ଚିତ୍ର ୫.୨୨

ଚିତ୍ର ୫.୧୧ରେ ଆମେ ଦେଖିଲେ ଯେ ରାଜ୍ୟ ନିର୍ବାଚନ ଆୟୋଗ ମଧ୍ୟ ନିର୍ବାଚନ ପ୍ରକ୍ରିୟାର ଏକ ଅଂଶବିଶେଷ। ଯିଏ ସ୍ଥାନୀୟ (ଗ୍ରାମାଞ୍ଚଳ ଓ ସହରାଞ୍ଚଳ) ସ୍ୱାୟତ୍ତ ଶାସନ ନିର୍ବାଚନ



https://withteachers.in/

ସଂକ୍ରାନ୍ତୀୟ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥାନ୍ତି। ଏହି ସମସ୍ତ ନିର୍ବାଚନ ବ୍ୟବସ୍ଥାରେ ମଧ୍ୟ ସାର୍ବଜନୀନ ସାବାଳକ ମତଦାନ ବ୍ୟବସ୍ଥା, ଏବଂ ଅନ୍ୟ ସମସ୍ତ ସାମ୍ବିଧାନିକ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥାଏ।



### ଆସ ଅନୁସନ୍ଧାନ କରିବା

→ ତୁମେ ବାସ କରୁଥିବା ଅଞ୍ଚଳର ସାଂସଦ ବା ବିଧାୟକ/ ବିଧାୟିକା କେଉଁମାନେ ଅଛନ୍ତି ? (ଏକ ଲୋକସଭା ନିର୍ବାଚନ ମଣ୍ଡଳୀ ମଧ୍ୟରେ ଅନେକ ବିଧାନ ସଭା ନିର୍ବାଚିତ ମଣ୍ଡଳୀ ରହିଥାଏ)

→ ସେମାନେ ସମସ୍ତେ କେଉଁ ଦଳର ସଦସ୍ୟ ଅଟନ୍ତି ?

→ ସାଂସଦ ଓ ବିଧାୟକଙ୍କ କାର୍ଯ୍ୟ ସବୁ କ'ଣ ?

## ରାଜ୍ୟସଭା ନିର୍ବାଚନ

ରାଜ୍ୟସଭାକୁ ନିର୍ବାଚିତ ହେଉଥିବା ପ୍ରାର୍ଥୀମାନେ ମଧ୍ୟ ସାଂସଦ ନାମରେ ପରିଚିତ ହୋଇଥାନ୍ତି କିନ୍ତୁ ସେମାନେ ଏକ ପରୋକ୍ଷ ନିର୍ବାଚନ ପଦ୍ଧତି ଦ୍ୱାରା ନିର୍ବାଚିତ ହୋଇଥାନ୍ତି।

**ଭଙ୍ଗ (Dissolution)** ସମୟ ସୀମା ସରିଗଲେ କିମ୍ବା ସାମ୍ବିଧାନିକ କାରଣରୁ ସ୍ଥିତିକୁ ନିଷ୍କ୍ରିୟ କରିବା ବ୍ୟବସ୍ଥା

ଚାଲ ଏଥର ପୁଣି ଥରେ ରେଭେନ୍ସା ବାଳିକା ବିଦ୍ୟାଳୟକୁ ଫେରିବା। ମନେକର ସେଠାରେ ସ୍କୁଲ ସ୍ତରରେ ଏକ ସ୍ୱତନ୍ତ୍ର ପରିଷଦ ଗଠନ କରିବାକୁ ପ୍ରସ୍ତାବ ଆସିଲା। ଯଦି ସେହି ପରିଷଦର ସଦସ୍ୟମାନେ ଶ୍ରେଣୀ ପ୍ରତିନିଧିଙ୍କ ମାଧ୍ୟମରେ ନିର୍ବାଚିତ ହେବେ ତେବେ ତାହା ପରୋକ୍ଷ ନିର୍ବାଚନ କୁହାଯିବ।

ରାଜ୍ୟ ସଭାରେ ସର୍ବାଧିକ ୨୫୦ ଜଣ ସାଂସଦ ରହିବାର ବ୍ୟବସ୍ଥା ଥିଲେ ମଧ୍ୟ ବାସ୍ତବରେ ୨୪୫ ଜଣ ସାଂସଦ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨୩୩ ଜଣ ରାଜ୍ୟ ବିଧାନସଭାର ବିଧାୟକମାନଙ୍କ ଦ୍ୱରା ନିର୍ବାଚିତ ହୋଇଥାନ୍ତି ଏବଂ ୧୨ ଜଣ ସାଂସଦ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ହୋଇଥାନ୍ତି। ଜନସଂଖ୍ୟା ଭିତ୍ତିରେ ପ୍ରତ୍ୟେକ ରାଜ୍ୟ ଭିନ୍ନ ଭିନ୍ନ ସଂଖ୍ୟକ ସାଂସଦ ରାଜ୍ୟସଭାକୁ ନିର୍ବାଚିତ କରିଥାନ୍ତି। ଉଦାହରଣ ସ୍ୱରୂପ ଉତ୍ତର ପ୍ରଦେଶ ସର୍ବାଧିକ ଓ ଅରୁଣାଚଳ ପ୍ରଦେଶ ସର୍ବନିମ୍ନ ସାଂସଦ ନିର୍ବାଚିତ କରିଥାନ୍ତି।

ରାଜ୍ୟସଭା ଏକ ସ୍ଥାୟୀ କକ୍ଷ ବା ସଦନ। ଏହା ଲୋକସଭା ଭଙ୍ଗ ପରି କୌଣସି ସମୟରେ ଭଙ୍ଗ କରାଯାଇ ନଥାଏ । ପ୍ରତି ଦୁଇ ବର୍ଷରେ ଥରେ ଏହାର ଏକ ତୃତୀୟାଂଶ ସଦସ୍ୟଙ୍କ ସଦସ୍ୟତା ସମାପ୍ତ ହୁଏ। ପ୍ରତି ସଦସ୍ୟ ୬ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିଥାନ୍ତି। ରାଜ୍ୟସଭା ନର୍ବାଚନରେ ବ୍ୟବହୃତ ପଦ୍ଧତି 'ଏକକ ହସ୍ତାନ୍ତରୀୟ ମତଦାନ' ପଦ୍ଧତି ଅଟେ। ଏହା କ୍ଷୁଦ୍ର ରାଜ୍ୟଗୁଡ଼ିକରେ ଉପଯୁକ୍ତ ପ୍ରତିନିଧିତ୍ୱ ସୁନିଶ୍ଚିତ କରେ। ଏହି ନିର୍ବାଚନ ସମ୍ବନ୍ଧରେ ତୁମେ ଉପର ଶ୍ରେଣୀଗୁଡ଼ିକରେ ଅଧିକ ଜାଣିବ।



https://withteachers.in/


# ରାଜ୍ୟସଭା : କାଉନସିଲ ଅଫ ଷ୍ଟେଟସ୍

ବିଧାୟକ ପରୋକ୍ଷ ନିର୍ବାଚନରେ ଭୋଟ ଦେଇଥାନ୍ତି

ଭାରତର ରାଷ୍ଟ୍ରପତି ୧୨ଜଣ ସାଂସଦଙ୍କୁ ମନୋନୀତ କରିଥାନ୍ତି

**୨୩୩ ଜଣ ସାଂସଦ ନିର୍ବାଚିତ ହୁଅନ୍ତି।**

ପରୋକ୍ଷ ନିର୍ବାଚନ ଦ୍ୱାରା ରାଜ୍ୟ ସଭା ସାଂସଦଗଣ, ରାଜ୍ୟ ବିଧାନସଭାର ବିଧାୟକଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି। ରାଷ୍ଟ୍ରପତି ୧୨ ଜଣ ସ୍ୱତନ୍ତ୍ର ବ୍ୟକ୍ତିଙ୍କୁ ମନୋନୀତ କରିଥାନ୍ତି।



ରାଜ୍ୟସଭାର ସଭ୍ୟ ସଂଖ୍ୟା ଏକ ରାଜ୍ୟର ଜନସଂଖ୍ୟା ଉପରେ ନିର୍ଭରଶୀଳ। ଉତ୍ତର ପ୍ରଦେଶ ପରି ଜନବହୁଳ ରାଜ୍ୟ ଅଧିକ ସଂଖ୍ୟକ ସଦସ୍ୟ ରାଜ୍ୟ ସଭାକୁ ପଠାଇଥାଏ। ଓଡ଼ିଶା ପରି ରାଜ୍ୟ ମାତ୍ର ୧୦ ଜଣଙ୍କୁ ରାଜ୍ୟ ସଭାକୁ ନିର୍ବାଚିତ କରିଥାଏ।



ରାଜ୍ୟସଭା ଏକ ସ୍ଥାୟୀ ସଂସ୍ଥା। ଏହାର ଏକ ତୃତୀୟାଂଶ ସଦସ୍ୟ ପ୍ରତ ଦୁଇ ବର୍ଷରେ ଥରେ ଅବସର ନିଅନ୍ତି ଯାହା ଏହାର ନିରନ୍ତର କାର୍ଯ୍ୟକାରିତା ବଜାୟ ରଖେ।



ବିଧାୟକମାନେ ଏକକ ହସ୍ତାନ୍ତରୀୟ ମତଦାନ ପଦ୍ଧତି ମାଧ୍ୟମରେ ନିଜ ପସନ୍ଦକୁ ଏକ, ଦୁଇ, ତିନି ଆଦି କ୍ରମରେ ମତଦାନ କରିଥାନ୍ତି।

ଚିତ୍ର ୫.୨୩

## ଭାରତ ରାଷ୍ଟ୍ରପତିଙ୍କ ନିର୍ବାଚନ

ଭାରତର ରାଷ୍ଟ୍ରପତି ଦେଶର ସାଧାରଣ ମତଦାତାଙ୍କ ଦ୍ୱାରା ନିର୍ବାଚିତ ହୋଇ ନଥାନ୍ତି । ବରଂ ରାଷ୍ଟ୍ରପତିଙ୍କୁ ନିର୍ବାଚନ କରିବାକୁ ଏକ ନିର୍ବାଚକ ମଣ୍ଡଳୀ (electoral college) ଗଠନ କରାଯାଇ ମତଦାନ ନିଆଯାଇଥାଏ । ଏହି ନିର୍ବାଚକ ମଣ୍ଡଳୀର ଗଠନ :

- ସଂସଦ ଉଭୟ (ରାଜ୍ୟ ସଭା ଓ ଲୋକସଭା) ଗୃହର ନିର୍ବାଚିତ ପ୍ରତିନିଧି ବା ସାଂସଦ ଗଣ
- ଭାରତର ସମସ୍ତ ରାଜ୍ୟ ବିଧାନ ସଭା ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀ ଓ ପଣ୍ଡିଚେରୀ ବିଧାନସଭାର ନିର୍ବାଚିତ ବିଧାୟକଗଣ

**ଦ୍ୱିସଦନୀୟ ବ୍ୟବସ୍ଥାପିକା (Bicameral Legislatures:** ଏହି ବ୍ୟବସ୍ଥାରେ ଏକ ବ୍ୟବସ୍ଥାପିକା ସଭା ଦୁଇଟି ସଦନ ବିଶିଷ୍ଟ ହୋଇଥାଏ ।

ଏହି ନିର୍ବାଚନରେ ଏକକ ହସ୍ତାନ୍ତରୀୟ ମତଦାନ ବ୍ୟବସ୍ଥା ଗ୍ରହଣ କରାଯାଇଥାଏ । ଯେହେତୁ ରାଷ୍ଟ୍ରପତି ସାରା ଭାରତକୁ ପ୍ରତିନିଧିତ୍ୱ କରିଥାନ୍ତି, ଏହି ପଦ୍ଧତି ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକର ସମର୍ଥନ ସୁନିଶ୍ଚିତ କରଥାଏ । ଏଠାରେ ମତଦାନ ଓ ଗଣନ ସମ୍ପର୍କିତ ନିୟମାବଳୀ ବିସ୍ତୃତ ଏବଂ ସୁସ୍ପଷ୍ଟ । ଅଧିକ ଜନବହୁଳ ରାଜ୍ୟର ଭୂମିକା ଏଠାରେ ଅଧିକ ଗୁରୁତ୍ୱପୂର୍ଣ୍ଣ । (ଉପର ଶ୍ରେଣୀରେ ଏ ବିଷୟରେ ଅଧିକ ଜାଣିବା) । ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ୫ ବର୍ଷ ଅଟେ । ନିମ୍ନ ବର୍ଣ୍ଣିତ ପ୍ରତିନିଧିମାନେ ରାଷ୍ଟ୍ରପତିଙ୍କ ନିର୍ବାଚନରେ ଭାଗ ନେଇପାରନ୍ତି ନାହିଁ :

- ରାଜ୍ୟ ସଭାର  ସମସ୍ତ ( ୧ ୨ ) ମନୋନୀତ ସଦସ୍ୟଗଣ
- ଲୋକସଭାର ସମସ୍ତ ( ୨ ) ମନୋନୀତ ସଦସ୍ୟଗଣ (ଯଦି ମନୋନୀତ ହୋଇଥାନ୍ତି)
- ରାଜ୍ୟ ବିଧାନସଭାର ମନୋନୀତ ସଦସ୍ୟ ଗଣ
- ରାଜ୍ୟ ବିଧାନ ପରିଷଦର ସମସ୍ତ ସଦସ୍ୟଗଣ (ନିର୍ବାଚିତ ଓ ମନୋନୀତ)
- ଦିଲ୍ଲୀ ଓ ପଣ୍ଡିଚେରୀ ବିଧାନ ସଭାର ମନୋନୀତ ସଦସ୍ୟଗଣ

### ଏହା ବିଷୟରେ ଚିନ୍ତା କର

ଉପର ବର୍ଣ୍ଣିତ ପ୍ରତିନିଧିଗଣ କେଉଁ କାରଣ ପାଇଁ ରାଷ୍ଟ୍ରପତିଙ୍କ ନିର୍ବାଚନରେ ଭାଗ ନିଅନ୍ତି ନାହିଁ ବୋଲି ତୁମେ ଭାବୁଛ ? ଭାରତର ସାଧାରଣ ନାଗରିକ କାହିଁକି ଏହି ନିର୍ବାଚନରେ ଭାଗ ନେଇ ନଥାନ୍ତି ?

କାରଣ, ଏହା ସୁନିଶ୍ଚିତ କରେ ଯେ, କେବଳ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ପ୍ରତିନିଧି ହିଁ ଭୋଟ ଦେବାକୁ ଯୋଗ୍ୟ । ଏହା ଗଣତାନ୍ତ୍ରିକ ଅଙ୍ଗୀକାରତା ବଜାୟ ରଖେ, ଯେହେତୁ ରାଷ୍ଟ୍ରପତି ଲୋକଙ୍କ ଇଚ୍ଛାର ପ୍ରତିନିଧିତ୍ୱ କରନ୍ତି ।



https://withteachers.in/

## ଭାରତର ଉପରାଷ୍ଟ୍ରପତିଙ୍କ ନିର୍ବାଚନ

ସଂସଦର ଉଭୟ (ରାଜ୍ୟସଭା ଓ ଲୋକସଭା) ସଦନର ସମସ୍ତ ସାଂସଦଙ୍କୁ ନେଇ ଗଠିତ ନିର୍ବାଚକ ମଣ୍ଡଳୀ ଦ୍ୱାରା ଭାରତର ଉପରାଷ୍ଟ୍ରପତି ଏକକ ହସ୍ତାନ୍ତରୀୟ ନିର୍ବାଚନ ପଦ୍ଧତି ମାଧ୍ୟମରେ ନିର୍ବାଚିତ ହୋଇଥାନ୍ତି । ତାଙ୍କ କାର୍ଯ୍ୟକାଳ ୬ ବର୍ଷ । ସେ ମଧ୍ୟ ସଂସଦର ଉଚ୍ଚ ସଦନ ରାଜ୍ୟସଭାର ଅଧ୍ୟକ୍ଷ ରୂପେ କାର୍ଯ୍ୟ କରିଥାନ୍ତି । ଯଦି କୌଣସି ସମୟରେ କିମ୍ବା କୌଣସି କାରଣରୁ ଭାରତର ରାଷ୍ଟ୍ରପତି ଆନୁଷ୍ଠାନିକ ଭାବେ ନିଜ କାର୍ଯ୍ୟ କରିବାରେ ଅସମର୍ଥ ହୋଇଥାନ୍ତି । ସେ ସମୟରେ ଉପରାଷ୍ଟ୍ରପତି, ରାଷ୍ଟ୍ରପତି ରୂପେ ଦାୟିତ୍ୱ ତୁଲାଇଥାନ୍ତି ।

## ଗଣତନ୍ତ୍ର ପ୍ରତି ଆହ୍ୱାନ ଏବଂ ଭବିଷ୍ୟତ କାର୍ଯ୍ୟ ପନ୍ଥା

ଭାରତର ନିର୍ବାଚନ ବ୍ୟବସ୍ଥା ପୃଥିବୀର ସର୍ବବୃହତ ଗଣତାନ୍ତ୍ରିତ ପ୍ରକ୍ରିୟା ଅଟେ । ତଥାପି, ଅନ୍ୟାନ୍ୟ ଅନେକ ବ୍ୟବସ୍ଥା ପରି ଏହା ମଧ୍ୟ କେତେକ ଆହ୍ୱାନର ସମ୍ମୁଖୀନ ହୋଇଥାଏ । ନିର୍ବାଚନରେ ଧର୍ମର ପ୍ରଭାବ, ପ୍ରାର୍ଥୀଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅପରାଧିକ କାର୍ଯ୍ୟରେ ସଂଶ୍ଳିଷ୍ଟ ଥିବା ରେକର୍ଡ଼ ଏବଂ ମତଦାତାଙ୍କ ବୀତସ୍ପୃହ ମନୋଭାବ (ବିଶେଷତଃ ସହରାଞ୍ଚଳରେ) ଆଦି ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର କାର୍ଯ୍ୟକାରିତା ଓ ଭବିଷ୍ୟତ ସନ୍ଦେହଜନକ କରେ ।

ଆଗକୁ ଆମକୁ ଦେଖିବାକୁ ପଡ଼ିବ, ଆମ ମତଦାତାମାନେ ସମସ୍ତ ସୂଚନା ସଂଗ୍ରହକରି କିପରି ଦାୟିତ୍ୱ ସମ୍ପନ୍ନ ମତଦାନ କରିପାରିବେ । ଗଣମାଧ୍ୟମ, ଶିକ୍ଷା ଏବଂ ସଚେତନତାର ପ୍ରଚ୍ଚର ଏକୀକୃତ ଭାବରେ କାର୍ଯ୍ୟକରି ମତଦାତା, ବିଶେଷତଃ ଯୁବକମାନଙ୍କ କ୍ଷେତ୍ରରେ ସହଯୋଗ କରିବ ଯେପରି ସେମାନେ ଉପଯୁକ୍ତ ମତଦାନର ଆବଶ୍ୟକତାକୁ ହୃଦୟଙ୍ଗମ କରିପାରିବେ । କେବଳ ଦାୟିତ୍ୱସମ୍ପନ୍ନ ଓ ସଚେତନ ମତଦାତା ହେଉଛନ୍ତି ଆମ ଗଣତନ୍ତ୍ର ରକ୍ଷାକବଚ । ଏହା ଉପଯୁକ୍ତ ପ୍ରଶ୍ନ ପଚ୍ଚରିବା ଠାରୁ ଆରମ୍ଭ ହୋଇ ଦାୟିତ୍ୱ ସମ୍ପନ୍ନ ମତଦାନରେ ସମାପ୍ତ ହୋଇଥାଏ ।

## ଆମେ କ'ଣ ଶିଖିଲେ...



- ସାର୍ବଜନୀନ ସାବାଳକ ମତଦାନ ବ୍ୟବସ୍ଥା ଭାରତୀୟ ଗଣତନ୍ତ୍ର ମୂଳତତ୍ତ୍ୱ ଅଟେ ।
- ମତଦାନ, ଅଧିକାର ସହିତ ଏକ ଦାୟିତ୍ୱବୋଧ ମଧ୍ୟ ଅଟେ । ଏହା ପ୍ରତ୍ୟେକ ମତଦାତା ଗୁରୁତର ସହିତ ଗ୍ରହଣ କରିବା ଉଚିତ । ମତଦାତା ସଚେତନତା ମତଦାନ ଅଧିକାରର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଅଟେ ।
- ସମସ୍ତ ଯୋଗ୍ୟ ମତଦାତାଙ୍କୁ ନିର୍ବାଚନରେ ଅଂଶଗ୍ରହଣ ନିମନ୍ତେ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା ନିତାନ୍ତ ଆବଶ୍ୟକ ।
- ଭାରତର ନିର୍ବାଚନ ଆୟୋଗ ଏକ ସାମ୍ବିଧାନିକ ଅନୁଷ୍ଠାନ ଯିଏ ସାରା ଭାରତରେ ନିର୍ବାଚନ ସମ୍ପାଦନ କରିଥାନ୍ତି ।



https://withteachers.in/

→ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତି ନିର୍ବାଚନ ସହିତ ସାରା ଭାରତ ନିର୍ବାଚନ ବ୍ୟବସ୍ଥା ଭାରତର ନିର୍ବାଚନ ଆୟୋଗଙ୍କ ତତ୍ତ୍ୱାବଧାନରେ ସମାପନ ହୁଏ ।

→ ଭାରତୀୟ ଗଣତନ୍ତ୍ର କେତେକ ଆହ୍ୱାନର ସମ୍ମୁଖୀନ ହୋଇଥାଏ ଏବଂ ଏହା ମତାଦାତାଙ୍କ ସଚେତନତା ଓ ସତର୍କତାକୁ ଆହ୍ୱାନ କରେ ।

## ପ୍ରଶ୍ନ ଓ ଅଭ୍ୟାସ କାର୍ଯ୍ୟ

୧. ଏକ ସୁସ୍ଥ ଗଣତନ୍ତ୍ର ନିମନ୍ତେ ସାର୍ବଜନୀନ ସାବାଳକ ମତଦାନ ବ୍ୟବସ୍ଥା କାହିଁକି ଗୁରୁତ୍ୱପୂର୍ଣ୍ଣ ?

୨. ଗୁପ୍ତ ମତଦାନର ଅର୍ଥ କ'ଣ ? ଏହା ଗଣତନ୍ତ୍ର ନିମନ୍ତେ କାହିଁକି ଆବଶ୍ୟକ ?

୩. ପ୍ରତ୍ୟକ୍ଷ ଓ ପରୋକ୍ଷ ମତଦାନର ଉଦାହରଣ ଦିଅ ।

୪. ଲୋକସଭା ସାଂସଦ ନିର୍ବାଚନ, ରାଜ୍ୟସଭା ସାଂସଦ ନିର୍ବାଚନଠାରୁ କିପରି ଭିନ୍ନ ?

୫. ତୁମ ମତରେ କାଗଜ ବାଲଟ୍ ଠାରୁ ଇଭିଏମ୍ କାହିଁକି ଅଧିକ ଗ୍ରହଣୀୟ ?

୬. ଭାରତର କେତେକ ସହରାଞ୍ଚଳରେ ମତଦାତାଙ୍କ ଉପସ୍ଥିତ କମିବାରେ ଲାଗିଛି । ଏହାର କାରଣ କ'ଣ ହୋଇପାରେ ? ଅଧିକ ମତଦାତାଙ୍କୁ ଉତ୍ସାହିତ କରିବାକୁ କେଉଁ ସବୁ ପଦକ୍ଷେପ ନେବାକୁ ପଡ଼ିବ ?

୭. ଲୋକସଭା ସଦସ୍ୟ ସଂଖ୍ୟାର ଏକ ନିର୍ଦ୍ଦିଷ୍ଟ ଅଂଶ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ନିମନ୍ତେ କାହିଁକି ସଂରକ୍ଷିତ ରହିବ ବୋଲି ତୁମେ ଭାବୁଛ ? ସଂକ୍ଷେପରେ ଲେଖ ।

୮. ଆମେ ଅନୁଭବ କରୁଥିବା ନିର୍ବାଚନକୁ ସାମାଜିକ ଗଣମାଧ୍ୟମ କେତେକାଂଶରେ ପରିବର୍ତ୍ତନ କରୁଛି । ହୃଦୟଗ୍ରାହୀ ନିର୍ବାଚନ ପ୍ରଚାର ରିଲ୍ ଏବଂ ଭାଷଣ ଠାରୁ ଇନଷ୍ଟାଗ୍ରାମ୍ ଓ ଟୁଇଟ୍‌ରର ରାଜନୈତିକ ତର୍କ ପର୍ଯ୍ୟନ୍ତ । ମାତ୍ର ଏହା କ'ଣ ଗଣତନ୍ତ୍ରକୁ ସମୃଦ୍ଧ କରୁଛି ନା ଅଧିକ ଗୋଳମାଳିଆ କରୁଛି ? ତୁମ ମଧ୍ୟରେ ଦୁଇଜଣିଆ ଦଳ ହୋଇ ଆଲୋଚନା କର । ଆଜିର ଡିଜିଟାଲ ଦୁନିଆରେ ନିର୍ବାଚନ ବ୍ୟବସ୍ଥାର ସୁଫଳ ସବୁ କ'ଣ ? ଏ ସବୁର କ'ଣ ପ୍ରତି ବନ୍ଧକ ରହିଛି ଏବଂ ଏହାର ଭବିଷ୍ୟତ କିପରି ରହିବ ?

୯. https//www.indiavotes.com ୱେବସାଇଟ୍ ଖୋଜି ତନ୍ମଧ୍ୟରେ ଏକ ସଂସଦୀୟ କ୍ଷେତ୍ର/ମଣ୍ଡଳୀର କୌଣସି ଏକ ନିର୍ବାଚନ ବାଛି, ତାହାକୁ ଅନୁସନ୍ଧାନ କର । ସେହିପରି ତୁମ ରାଜ୍ୟର ଏକ ବିଧାନସଭା କ୍ଷେତ୍ର ବା ମଣ୍ଡଳୀର ତଥ୍ୟ ସଂଗ୍ରହ କରି ଅନୁସନ୍ଧାନ କର ।




https://withteachers.in/

ଅଧ୍ୟାୟ ୬

# ଭାରତର ସଂସଦୀୟ ବ୍ୟବସ୍ଥା : ବ୍ୟବସ୍ଥାପିକା ଏବଂ କାର୍ଯ୍ୟପାଳିକା

"ସମ୍ବିଧାନ କେବଳ କେତେକ ଆଇନଜୀବିଙ୍କ ଦ୍ୱାରା ପ୍ରସ୍ତୁତ ଏକ ଦସ୍ତାବିଜ ନୁହେଁ; ଏହା ଜୀବନର ସ୍ରୋତ ଏବଂ ସମୟର ଆଭିମୁଖ୍ୟ ହିଁ ଏହାର ଆଭିମୁଖ୍ୟ।"

ଆଲ୍ଲାଦି କୃଷ୍ଣସ୍ୱାମୀ ଆୟାର
ନଭେମ୍ବର ୧୯୪୯, ସମ୍ବିଧାନ ପ୍ରଣୟନ ସଭା ବିତର୍କ



ଚିତ୍ର : ୬.୧ : ନୂତନ ସଂସଦ ଗୃହର ଦୃଶ୍ୟ



## ଆସ ଚିନ୍ତା କରିବା ?

୧. ଭାରତର ସଂସଦୀୟ ବ୍ୟବସ୍ଥା କ'ଣ ଏବଂ ଏହାର ଗଠନ ବିନ୍ୟାସ କିପରି ?

୨. ସଂସଦର ପ୍ରମୁଖ କାର୍ଯ୍ୟାବଳୀ କ'ଣ ଅଟେ ?

୩. ଭାରତୀୟ ସଂସଦୀୟ ଗଣତନ୍ତ୍ରରେ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାର ଭୂମିକା କ'ଣ ?

୪. କେନ୍ଦ୍ର ଓ ରାଜ୍ୟ ସ୍ତରରେ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା କିପରି ସଂଗଠିତ ହୋଇଥାଏ ?

https://withteachers.in/

ନାଳନ୍ଦା ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ଏକ ଶିକ୍ଷଣୀୟ ଯାତ୍ରାରେ ଭାରତର ରାଜଧାନୀ ନୂଆଦିଲ୍ଲୀକୁ ଯାଇଥିଲେ। ଉଷା, ଆଲୋକ, ଅଞ୍ଜଳୀ ଏବଂ ବିକାଶ ଆଦି ଭାରତର ନୂତନ ସଂସଦ ସୌଧ ଭ୍ରମଣ କରିବାକୁ ଉତ୍ସାହିତ ଥିଲେ।






https://withteachers.in/

## ଉପକ୍ରମ

ଉପନିବେଶବାଦ ଶାସନ ବିରୋଧରେ ଅସଂଖ୍ୟ ଲୋକଙ୍କର ଦୀର୍ଘ ବର୍ଷ ସଂଗ୍ରାମ ଓ ଅସୀମ ତ୍ୟାଗର ଫଳସ୍ୱରୂପ, ଭାରତ ସ୍ୱାଧୀନ ହେଲା । ଏହି ସ୍ୱାଧୀନ ଦେଶର ନାଗରିକମାନେ ନିଜ ଶାସନ ବ୍ୟବସ୍ଥାରେ ଏଣିକି ନିଜସ୍ୱ ନିଷ୍ପତ୍ତି ନେବାରେ ସକ୍ଷମ ହେଲେ। ନୂତନ ଯୁଗର ପ୍ରଥମ ପଦକ୍ଷେପ ସ୍ୱରୂପ ସ୍ୱାଧୀନ ଭାରତ ନିମନ୍ତେ ଏକ ନିଜସ୍ୱ ସମ୍ବିଧାନ ପ୍ରସ୍ତୁତି ଗୁରୁତ୍ୱପୂର୍ଣ୍ଣ ଥିଲା। ବିସ୍ତୃତଭାବେ ବର୍ଣ୍ଣିତ ଏହି ଦସ୍ତାବିଜ କେତେକ ମୌଳିକ ଏବଂ ଗୁରୁତ୍ୱପୂର୍ଣ୍ଣ ନୀତି ଓ ନିୟମର ସମାହାର ଅଟେ। ଏହାର ମୂଳାଧାର ସ୍ୱରୂପ, ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଏବଂ ସାମାଜିକ ଓ ଆଧ୍ୟାତ୍ମିକ ପୃଷ୍ଠଭୂମି ନିର୍ବିଶେଷରେ ସମସ୍ତ ନାଗରିକଙ୍କୁ ସାର୍ବଜନୀନ ସାବାଳକ ମତଦାନ ସୁନିଶ୍ଚିତ କରାଗଲା ।

ଭାରତର ନାଗରିକମାନେ ଲୋକସଭାକୁ ସେମାନଙ୍କର ପ୍ରତିନିଧି ପ୍ରତ୍ୟକ୍ଷ ଭାବେ ନିର୍ବାଚିତ କରିଥାନ୍ତି। ସେହି ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରୁ ସଂଖ୍ୟାଗରିଷ୍ଠ ଦଳ ସରକାର ଗଢ଼ିଥାନ୍ତି । ସଂସଦ ହେଉଛି ଆମ ଗଣତନ୍ତ୍ରର ସର୍ବୋଚ୍ଚ ଆଇନ ପ୍ରଣୟନକାରୀ ସଂସ୍ଥା (ଏହା ସମଗ୍ର ଦେଶ ପାଇଁ ଆଇନ ପ୍ରସ୍ତୁତ କରେ)। ଏହାର ନିର୍ବାଚିତ ଓ ମନୋନୀତ ସଭ୍ୟ ଗଣ ସରକାରଙ୍କ କାର୍ଯ୍ୟ ନିୟନ୍ତ୍ରଣ ଓ ମାର୍ଗଦର୍ଶନ କରିଥାନ୍ତି। ଏଣୁ ଲୋକମାନଙ୍କ ସହମତିରେ ସରକାର କାର୍ଯ୍ୟ କରନ୍ତି ବୋଲି ବିବେଚନା କରାଯାଏ। ୧୯୫୨ ମସିହାର ପ୍ରଥମ ଲୋକସଭାଠାରୁ ଆଜି ପର୍ଯ୍ୟନ୍ତ ମୋଟ ୧୮ ଥର ନିର୍ବାଚନ କରାଯାଇଅଛି। ୨୦୨୪ ମସିହା ନିର୍ବାଚନ ମାଧ୍ୟମରେ ୧୮ତମ ଲୋକସଭା ଗଠିତ ହୋଇଅଛି।



ଚିତ୍ର : ୬.୨ : ଆମ ପୁରାତନ ସଂସଦ ଗୃହ (ବର୍ତ୍ତମାନ ସମ୍ବିଧାନ ସଦନ ନାମେ ନାମିତ) ୧୯୨୦ ମସିହା ବେଳକୁ ନିର୍ମିତ ହୋଇଥିଲା। ସେଠାରେ ସମ୍ବିଧାନ ପ୍ରଣୟନ ସଭାର ବୈଠକମାନ ବସୁଥିଲା। ଏହା ସାତ ଦଶନ୍ଧିରୁ ଅଧିକ କାଳ ସଂସଦ ଗୃହ ରୂପେ କାର୍ଯ୍ୟ କରିଥିଲା।



ଚିତ୍ର : ୬.୩ : ନୂତନ ସଂସଦ ସୌଧ (ସଂସଦ ଭବନ) ନୂଆଦିଲ୍ଲୀଠାରେ ନିର୍ମାଣ କରାଗଲା। ଅଧିକ ସ୍ଥାନର ଆବଶ୍ୟକତା, ବୈଷୟିକ ଜ୍ଞାନକୌଶଳର ପ୍ରୟୋଜନୀୟତା, ସୁରକ୍ଷା ଓ ପୋଷଣୀୟତାର ଗୁରୁତ୍ୱ ଅନୁଭବ କରି ଏହା ନିର୍ମାଣ କରାଯାଇଛି।





https://withteachers.in/

## ଭାରତ ସଂସଦର ଗଠନ

ଭାରତର ସଂସଦ ରାଷ୍ଟ୍ରପତି ଏବଂ ଦୁଇଟି ସଦନ ଯଥା– ରାଜ୍ୟସଭା (ଉଚ୍ଚ ସଦନ/ରାଜ୍ୟମାନଙ୍କ ପରିଷଦ) ଏବଂ ଲୋକସଭା (ନିମ୍ନ ସଦନ / ଲୋକଙ୍କ ଗୃହ)କୁ ନେଇ ଗଠିତ । ଦୁଇଟି ସଦନର ଉପସ୍ଥିତି ରହିଥିବାରୁ ଆମ ସଂସଦକୁ ଦ୍ୱି-ସଦନୀୟ କୁହାଯାଏ ।



ଚିତ୍ର ୬.୪ : ନୂତନ ସଂସଦ ଗୃହରେ ଲୋକସଭାର ଦୃଶ୍ୟ



ଚିତ୍ର : ୬.୫ ପ୍ରେସ ଗ୍ୟାଲେରୀରୁ ଉତ୍ତୋଳିତ ରାଜ୍ୟସଭାର ଦୃଶ୍ୟ



### ଆସ ମନେରଖିବା


ପ୍ରତ୍ୟକ୍ଷ ନିର୍ବାଚନ (ସାର୍ବଜନୀନ ସାବାଳକ ମତଦାନ) ମାଧ୍ୟମରେ ଭାରତର ନାଗରିକମାନେ ଲୋକସଭାକୁ ସେମାନଙ୍କ ପ୍ରତିନିଧି ନିର୍ବାଚିତ କରିଥାନ୍ତି । ଏହାର ସମ୍ବିଧାନ ସ୍ଥିରିକୃତ ସର୍ବାଧିକ ସଭ୍ୟ ସଂଖ୍ୟା ୫୫୦ ଅଟେ । ରାଜ୍ୟ ସଭାର ସାଂସଦମାନେ ଏକ ନିର୍ବାଚନ ମଣ୍ଡଳୀ ମାଧ୍ୟମରେ ପରୋକ୍ଷ ଭାବେ ନିର୍ବାଚିତ ହୋଇଥାନ୍ତି, ଏ ସମ୍ବନ୍ଧରେ ତୁମେ ପୂର୍ବ ଅଧ୍ୟାୟରେ ପଢ଼ି ସାରିଛ । ଏହାର ସର୍ବାଧିକ ସଭ୍ୟ ସଂଖ୍ୟା ୨୫୦ ମଧ୍ୟରେ ସୀମିତ । ଉଭୟ ସଦନର ସଭ୍ୟ ସଂଖ୍ୟା ରାଜ୍ୟ ଗୁଡ଼ିକର ଜନସଂଖ୍ୟା ଭିତ୍ତିରେ ସ୍ଥିର କରାଯାଇଥାଏ ।



https://withteachers.in/

## ମନେରଖ

ଆମେ ଜାଣିଛେ ଯେ ଭାରତ ସମ୍ବିଧାନରେ ଗ୍ରହଣ କରାଯାଇଥିବା ଅନେକ ବ୍ୟବସ୍ଥା ପୃଥିବୀର ଅନ୍ୟ ଦେଶର ସମ୍ବିଧାନରୁ ଅଣାଯାଇଛି । ଆମ ଭାରତର ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ବ୍ରିଟେନ ଦେଶର ସମ୍ବିଧାନରୁ ଅନୁକରଣ ହୋଇଛି। ତଥାପି, ଏହା ସ୍ପଷ୍ଟ ଯେ ଆମ ସ୍ୱାଧୀନତା ସଂଗ୍ରାମୀଗଣ ଏବଂ ସମ୍ବିଧାନ ପ୍ରଣେତାମାନେ ପୂର୍ବରୁ କେତେକ ଅନୁଭବକୁ ହାସଲ କରିଥିଲେ। ସାମାନ୍ୟ ଅଂଶରେ ହେଲେ ମଧ୍ୟ ବ୍ରିଟିଶ ଶାସନ ପରିଚାଳନାଗତ କେତେକ ପ୍ରତ୍ୟକ୍ଷ ଅନୁଭୂତି ଆମକୁ ସଂସଦୀୟ ବ୍ୟବସ୍ଥା ସହିତ ପରିଚିତ କରାଇଥିଲା। ଆମେ ପୂର୍ବରୁ ପଢ଼ିଛେ ଯେ, ବୟସ୍କ ବ୍ୟକ୍ତିମାନେ ମିଳିତ ଭାବେ ନିଷ୍ପତ୍ତି ନେଉଥିବା ପ୍ରାଚୀନ ଭାରତର ସାଧାରଣତନ୍ତ୍ର (ମହାଜନପଦ) ଓ ଗ୍ରାମ ପଞ୍ଚାୟତ ଆମ ସଂସଦୀୟ ବ୍ୟବସ୍ଥାରେ ମଧ୍ୟ ପ୍ରତିଫଳିତ ହୋଇଅଛି।



ଚିତ୍ର ୬.୬ : ଭାରତର ସମ୍ବିଧାନ

ଭାରତରେ ଦ୍ୱି-ସଦନୀୟ ସଂସଦ ବ୍ୟବସ୍ଥା ରହିବ ବା ନାହିଁ ସେ ସମ୍ପର୍କୀୟ ବିସ୍ତୃତ ଆଲୋଚନା ସମ୍ବିଧାନ ପ୍ରଣୟନ ସଭା ବିତର୍କରେ ହୋଇଥିଲା। ଏହା ଅନୁଭୂତ ହେଲା ଯେ, ଗୋଟିଏ ମାତ୍ର ପ୍ରତ୍ୟକ୍ଷଭାବେ ନିର୍ବାଚିତ ସଦନଦ୍ୱାରା ସ୍ୱାଧୀନ ଭାରତ ସାମନା କରିବାକୁ ଥିବା ସମସ୍ୟାଗୁଡ଼ିକର ସମାଧାନ ସମ୍ଭବ ନୁହେଁ । ସଂଘୀୟ ବ୍ୟବସ୍ଥାର ମୌଳିକତା ଭିତ୍ତିରେ ଅନୁଭବ କରାଗଲା ଯେ ରାଜ୍ୟଗୁଡ଼ିକର ପରିଷଦ- ରାଜ୍ୟସଭାର ମଧ୍ୟ ଆବଶ୍ୟକତା ରହିଛି। ରାଜ୍ୟସଭାର ଗଠନ ଏବଂ ନିର୍ବାଚନ ପଦ୍ଧତି ମଧ୍ୟ ଭିନ୍ନ ଭାବରେ ସ୍ଥିର କରାଗଲା। ଫଳତଃ, କେନ୍ଦ୍ର ଓ ରାଜ୍ୟ ତଥା ସ୍ଥାନୀୟ ଅଞ୍ଚଳ ଭିତ୍ତିରେ କ୍ଷମତା ବଣ୍ଟନ ଭିତ୍ତିକ ସଂଘୀୟ ବ୍ୟବସ୍ଥା ଭାରତ ଗ୍ରହଣ କଲା । ଏହି ବ୍ୟବସ୍ଥା ଦ୍ୱାରା ଜାତୀୟ ଏକତା ଓ ସ୍ଥାନୀୟ ସ୍ୱାର୍ଥ ମଧ୍ୟରେ ଏକ ଉତ୍ତମ ବୁଝାମଣା ସମ୍ଭବ ହେଲା।

### କାର୍ଯ୍ୟକାରିତା


ବିତର୍କ ଓ ଆଲୋଚନାଗୁଡ଼ିକ ଏକ ନିର୍ଦ୍ଧାରିତ ପଦ୍ଧତିରେ ପରିଚାଳନା କରିବା ନିମନ୍ତେ ସଂସଦର ପ୍ରତ୍ୟେକ ସଦନରେ ଜଣେ ସଭାପତି ରହିବା ସୁନିଶ୍ଚିତ କରାଗଲା। ଲୋକସଭାର ସଭ୍ୟମାନେ ବାଚସ୍ପତିଙ୍କୁ ନିର୍ବାଚିତ କରିଥାନ୍ତି । ସେ ସଦନ ପରିଚାଳନା ସହ ଶୃଙ୍ଖଳା ରକ୍ଷା କରିବା ଓ ସଦସ୍ୟମାନଙ୍କୁ ସଦନରେ ଆଲୋଚନା କରିବାକୁ ସୁଯୋଗ ଦେବା ସୁନିଶ୍ଚିତ କରିଥାନ୍ତି। ରାଜ୍ୟସଭା ବୈଠକରେ ଭାରତର ଉପରାଷ୍ଟ୍ରପତି ଅଧ୍ୟକ୍ଷତା କରିଥାନ୍ତି ।



https://withteachers.in/

## ମନେରଖ

ଭାରତର ସ୍ୱାଧୀନତା ପରେ କ୍ଷମତା ହସ୍ତାନ୍ତରର ପ୍ରତୀକ ଭାବେ ଏକ ସ୍ୱର୍ଣ୍ଣାଚ୍ଛାଦିତ ରୂପାଦଣ୍ଡ-ସିଙ୍ଗୋଲ (ପାର୍ଶ୍ୱ ଚିତ୍ରରେ) ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କୁ ପ୍ରଦାନ କରାଯାଇଥିଲା ବର୍ତ୍ତମାନ ଏହା ଲୋକସଭାର ବାଚସ୍ପତିଙ୍କ ଆସ୍ଥାନ ନିକଟରେ ସ୍ଥାନିତ କରାଯାଇଅଛି । ଏହା ନ୍ୟାୟିକତା ଓ ଧାର୍ମିକତାକୁ ପ୍ରତିପାଦନ କରୁଅଛି । ଚୋଳ ବଂଶ ରାଜତ୍ୱ ସମୟରୁ ଶାସନରେ ନ୍ୟାୟିକତା ଓ ଧାର୍ମିକତାକୁ ନିଶ୍ଚିତରୂପେ ପାଳନ କରିବାର ପ୍ରତୀକ ରୂପେ ଏହା ଶାସକଙ୍କୁ ହସ୍ତାନ୍ତର କରାଯାଇଥାଏ । ଏହାର ଅଗ୍ରଭାଗରେ ନ୍ୟାୟର ପ୍ରତୀକ ରୂପେ ନନ୍ଦୀ (ବୃଷଭ)ଙ୍କ ପ୍ରତିଛବି ରହିଥାଏ ।



ଚିତ୍ର ୬.୭. ସିଙ୍ଗୋଲର ଚିତ୍ର

**ରାଜଦଣ୍ଡ (Sceptre) :** କ୍ଷମତା ଆଧାରରେ ବିଭିନ୍ନ ଉତ୍ସବରେ ରାଜା ବା ରାଣୀ ଧରୁଥିବା ଏକ ସୁସଜ୍ଜିତ ଲମ୍ବା ଦଣ୍ଡ/ବାଡ଼ି ।

ସଂସଦର ଆଲୋଚନା ଗୁଡ଼ିକ ସମସ୍ତଙ୍କ ବୋଧଗମ୍ୟ ହେବା ନିମନ୍ତେ ସେଗୁଡ଼ିକ ଅନେକ ଭାରତୀୟ ଭାଷାରେ ଉପଲବ୍ଧ କରାଯାଇଥାଏ । ପୂର୍ବରୁ ଏହି ଭାଷାନ୍ତର ହିନ୍ଦୀ, ଇଂରାଜୀ, ଆସାମୀ, ବଙ୍ଗାଳୀ, ଗୁଜରାଟୀ, କନ୍ନଡ଼, ମାଲାୟଲମ, ମରାଠୀ, ଓଡ଼ିଆ, ତାମିଲ, ପଞ୍ଜାବୀ ଏବଂ ତେଲୁଗୁ ଆଦି ୧୨ଟି ଭାଷାରେ ଉପଲବ୍ଧ ହେଉଥିଲା । ନିକଟ ଅତୀତରେ ଅନ୍ୟ ୬ଟି ଭାଷା ଯଥା– ବୋଡ଼ୋ, ଡୋଗରୀ, ମୈଥିଳୀ, ମଣିପୁରୀ, ଉର୍ଦ୍ଦୁ ଏବଂ ସଂସ୍କୃତ ଏହି କ୍ରମରେ ସ୍ଥାନ ପାଇଲା । ଅନ୍ୟ କେତେକ ଭାଷା ମଧ୍ୟ ଏଥିରେ ସାମିଲ କରାଯିବାର ପ୍ରସ୍ତାବ ରହିଛି ।

ବ୍ୟବସ୍ଥାପିକା (ଆଇନ ପ୍ରଣୟନ) କାର୍ଯ୍ୟ ପରି କାର୍ଯ୍ୟପାଳିକା (ପ୍ରଣୀତ ଆଇନର କାର୍ଯ୍ୟକାରିତା ସୁନିଶ୍ଚିତ କରିବା) କାର୍ଯ୍ୟ ମଧ୍ୟ ସଂସଦର ଅନ୍ୟ ଏକ ମୁଖ୍ୟ ଦାୟିତ୍ୱ ଅଟେ । କେନ୍ଦ୍ର କାର୍ଯ୍ୟପାଳିକା ସଂସଦର କ୍ଷମତା ଓ ବ୍ୟବସ୍ଥାପିକା କାର୍ଯ୍ୟାବଳୀକୁ ଜୀବନ୍ତ କରି ରଖେ । କେନ୍ଦ୍ର କାର୍ଯ୍ୟପାଳକାର ଶୀର୍ଷ ସ୍ତରରେ :

- ଭାରତର ରାଷ୍ଟ୍ରପତି
- ଭାରତର ଉପରାଷ୍ଟ୍ରପତି
- ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ମନ୍ତ୍ରୀପରିଷଦ ଆଦି ରହିଥାନ୍ତି ।

ମନ୍ତ୍ରୀ ପରିଷଦରେ ସ୍ଥାନ ପାଇଥିବା ମନ୍ତ୍ରୀଗଣ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସାଂସଦ ମାନଙ୍କ ମଧ୍ୟରୁ ଚୟନ କରାଯାଇଥାନ୍ତି । ଏହି ମନ୍ତ୍ରୀଗଣ ନିଜ କାର୍ଯ୍ୟ ନିମନ୍ତେ ବ୍ୟକ୍ତିଗତ ଓ ମିଳିତ ଭାବେ ଲୋକସଭା ନିକଟରେ ଉତ୍ତରଦାୟୀ ରହିଥାନ୍ତି ।



https://withteachers.in/

ଏବେ ଆସ ସଂସଦର ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିବା ।

## ସଂସଦର ବ୍ୟବସ୍ଥାପକ କାର୍ଯ୍ୟ

ସଂସଦ କରିବାକୁ ଥିବା ସମସ୍ତ ବ୍ୟବସ୍ଥାପକ କାର୍ଯ୍ୟ ସମ୍ବିଧାନ ଦ୍ୱାରା ସ୍ଥିରୀକୃତ । ନିମ୍ନରେ ଏହା ବର୍ଗୀକରଣ କରାଗଲା:

୧. ସାମ୍ବଧାନିକ କାର୍ଯ୍ୟ

୨. ଆଇନ ପ୍ରଣୟନ

୩. କାର୍ଯ୍ୟପାଳିକା ଉତ୍ତର ଦାୟିତ୍ୱ

୪. ଆର୍ଥିକ ଉତ୍ତର ଦାୟିତ୍ୱ

ଏସବୁ ଆସ ନିମ୍ନରେ ଆଲୋଚନା କରିବା

### (୧) ସାମ୍ବିଧାନିକ କାର୍ଯ୍ୟ



#### ଆସ ମନେରଖିବା

ତୁମେ ପଢ଼ିଥିବା ପୂର୍ବ ପାଠ୍ୟକ୍ରମରୁ ଗଣତନ୍ତ୍ର ଏବଂ ଶାସନ ବିଷୟକ କେତେକ ସାମ୍ବିଧାନିକ କାର୍ଯ୍ୟ ଉଲ୍ଲେଖ କର । ତୁମେ କ'ଣ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ନିର୍ବାଚନ ଏହି ତାଲିକାରେ ରଖିଛ କି ? ସମ୍ବିଧାନ ସଂଶୋଧନ ବିଷୟରେ ତୁମର ମତ କ'ଣ ? ବାସ୍ତବରେ ଏଗୁଡ଼ିକ ସଂସଦର କେତେକ ପ୍ରମୁଖ ସାମ୍ବିଧାନିକ କାର୍ଯ୍ୟ ଅଟେ । ଏହା ବ୍ୟତୀତ ଅନ୍ୟ କେତେକ କାର୍ଯ୍ୟ ସମ୍ବନ୍ଧରେ ଆମେ ପରବର୍ତ୍ତୀ ଶ୍ରେଣୀମାନଙ୍କରେ ଆଲୋଚନା କରିବା ।

ସମ୍ବିଧାନର ମୂଳତତ୍ତ୍ୱ ଏବଂ ମୂଲ୍ୟବୋଧ ରକ୍ଷା କରିବା ନିମନ୍ତେ ସଂସଦକୁ ପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଅଛି । ତନ୍ମଧ୍ୟରେ ଅନ୍ତର୍ଭୁକ୍ତ:

କ. ସାର୍ବଜନୀନ ସାବାଳକ ମତଦାନ ବ୍ୟବସ୍ଥା ମାଧ୍ୟମରେ ସଂସଦୀୟ ଗଣତନ୍ତ୍ର ସୁନିଶ୍ଚିତ କରିବା ।

ଖ. ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ମଧ୍ୟରେ କ୍ଷମତା ପୃଥକୀକରଣ ଅନୁସୃତ କରିବା ।

ଗ. ସଂଘୀୟ ବ୍ୟବସ୍ଥା ସୁନିଶ୍ଚିତ କରିବା ।

ଘ. ଆଇନ ଓ ନୀତି ପ୍ରଣୟନ ମାଧ୍ୟମରେ ମୌଳିକ ଅଧିକାର ଏବଂ ରାଷ୍ଟ୍ରନୀତି (ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି)ର ଆଦର୍ଶ ବଜାୟ ରଖିବା ।



https://withteachers.in/

## (୨) ଆଇନ ପ୍ରଣୟନ

**ବିଧେୟକ (Bills) :** ବିଧେୟକ (ବିଲ୍) ହେଉଛି କୌଣସି ପ୍ରସ୍ତାବିତ ଅଧିନିୟମର ଏକ ଚିଠା ପ୍ରସ୍ତାବ, ଯାହାକି ଅଧିନିୟମରେ ପରିଣତ ହେବା ପୂର୍ବରୁ ସଂସଦର ଅନୁମୋଦନ ଲାଭ କରିଥାଏ ।

ଆଇନ ପ୍ରଣୟନ ବ୍ୟବସ୍ଥାପିକ ସଭାର ଅନ୍ୟତମ ପ୍ରାଥମିକ କାର୍ଯ୍ୟ । ଆଇନ ପ୍ରଣୟନ ସମ୍ବନ୍ଧରେ ଆମ ସମ୍ବିଧାନ ଅତି ବିସ୍ତାର ଏବଂ ଦୃଢ଼ ଭାବରେ ବର୍ଣ୍ଣନା କରିଛି । ସାଧାରଣ ଭାବରେ ଅଧିନିୟମ (Act) ମାଧ୍ୟମରେ ଆଇନକୁ କାର୍ଯ୍ୟକାରୀ କରାଯାଇଥାଏ । ଅଧିନିୟମ ରୂପାନ୍ତର ପୂର୍ବରୁ ବିଧେୟକର (ବିଲ୍) ପ୍ରସ୍ତୁତ ଚିଠା ସଂସଦରେ ଉପସ୍ଥାପିତ ହୋଇଥାଏ । ଦୀର୍ଘ ଏବଂ ପ୍ରଭାବୀ ଆଲୋଚନାରେ ଗୃହୀତ ହେବାପରେ ଆଇନରେ ପରିଣତ ହୁଏ । ଉଦାହରଣ ସ୍ୱରୂପ "ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷାଦାନ ବ୍ୟବସ୍ଥା ଅଧିନିୟମ ୨୦୦୯ (RTE) କିପରି ଆଇନରେ ପରିଣତ ହେଲା ତାହା ଦର୍ଶାଯାଇଛି ।"

"ଲୋକମାନେ ପ୍ରାୟତଃ ମତେ ଆରଟିଇ କହିଥାନ୍ତି । ପ୍ରାୟ ଶହେ ବର୍ଷ ପୂର୍ବରୁ ଏହାର ଧାରଣା ଥିଲେ ମଧ୍ୟ ମୁଁ ୨୦୦୯ ମସିହା ଅଗଷ୍ଟରେ ମୋ ସତ୍ତା ପାଇଲି ।

ଭାରତ ସମ୍ବିଧାନର ରାଷ୍ଟ୍ରନୀତି ମଧ୍ୟରେ ମୋର ମୂଳଭିତ୍ତି ନିହିତ ରହିଛି । ସ୍ୱାଧୀନତାର ୧୦ ବର୍ଷ ମଧ୍ୟରେ ମୁଁ ଆସିଯାଏ ବୋଲି ସମ୍ବିଧାନ ପ୍ରଣେତାଙ୍କର ଆଗ୍ରହ ଥିଲେ ମଧ୍ୟ ଏହା ସମ୍ଭବ ହୋଇ ପାରି ନଥିଲା । ଫଳରେ ଅସଂଖ୍ୟ ଶିଶୁ ଶିକ୍ଷା ସୁଯୋଗରୁ ବଞ୍ଚିତ ହୋଇଥିଲେ ।

ବାସ୍ତବ ଜୀବନରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଦୃଷ୍ଟିରୁ କେହି ଜଣେ ୧୯୯୦ ମସିହାରେ ନ୍ୟାୟାଳୟରେ ବଳିଷ୍ଠ ଯୁକ୍ତି ବାଢ଼ିଥିଲେ ଯେ ଜୀବନର ଅଧିକାର ଭାବେ ମୁଁ ସମ୍ବିଧାନର ମୌଳିକ ଅଧିକାର ଅନ୍ତର୍ଭୁକ୍ତ । ଏହି ଆଧାରରେ ସଂସଦର କାର୍ଯ୍ୟ ଆରମ୍ଭ ହେଲା ଏବଂ ୨୦୦୨ ମସିହାରେ ସମ୍ବିଧାନର ୮୬ତମ ସଂଶୋଧନ ପ୍ରସ୍ତାବ ମାଧ୍ୟମରେ – ଧାରା ୨୧ (କ) ଯୋଗ କରାଯାଇ ୬ ରୁ ୧୪ ବର୍ଷ ବୟସର ସମସ୍ତ ବାଳକ ଓ ବାଳିକା ମାନଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ନିମନ୍ତେ ରାଷ୍ଟ୍ରକୁ ବାଧ୍ୟ କଲା ।

କିନ୍ତୁ ଏହାର ୬ ବର୍ଷ ପରେ ମୁଁ ରାଜ୍ୟସଭା ଆଲୋଚନକୁ ଆସିଲି । ଏକ ନୂତନ ସମିତି ଗଠନ କରାଯାଇ ମୋ ସମ୍ବନ୍ଧରେ ପୁନଃ ଆଲୋଚନା କରାଯାଇ କେତେକ ପରିବର୍ତ୍ତନ ମଧ୍ୟ କରାଗଲା ।

ମୋ ସମ୍ବନ୍ଧରେ ମୁଖ୍ୟ ବିତର୍କ ଥିଲା ଅର୍ଥ ସମ୍ବନ୍ଧୀୟ – ନୂତନ ବିଦ୍ୟାଳୟ, ଭିତ୍ତିଭୂମି ଏବଂ ନିଯୁତ ନିଯୁତ ପିଲାଙ୍କ ନିମନ୍ତେ ଆବଶ୍ୟକୀୟ ଶିକ୍ଷକଙ୍କ ପାଇଁ ଅର୍ଥର ଆବଶ୍ୟକତା ଅତିଶୟ ଥିଲା । ୨୦୦୮ ମସିହା ବେଳକୁ ସାଂସଦମାନେ ଅନୁଭବ କଲେ ଯେ ଏବେ ହିଁ ସମୟ ଉପନୀତ ।


୨୦୦୯ ମସିହା ଅଗଷ୍ଟ ମାସ ବେଳକୁ ନୂତନ ସରକାର ଏହାକୁ ଆଗେଇ ନେଲେ । ମୁଁ ଲୋକସଭାରେ ଗୃହୀତ ହୋଇ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କଲି ଏବଂ ଅଧିନିୟମରେ ପରିଣତ ହେଲି ।

ଆଜି ପିଲାମାନେ ବିଦ୍ୟାଳୟ ଯିବାପାଇଁ ମୁଁ ଆଇନଗତ ପଥ ସୃଷ୍ଟି କରିଛି, ନୂତନ ବିଦ୍ୟାଳୟ ଗୃହ ନିର୍ମାଣ କରିଛି ଓ ସମସ୍ତଙ୍କ ପାଇଁ ମାଗଣା ବହି ଓ ସମାନ ରଂଗର ପୋଷାକ ସୁନିଶ୍ଚିତ କରିଛି ।



https://withteachers.in/

## ବିଧେୟକ (ବିଲ୍)ରୁ ଅଧିନିୟମ (ଆକ୍ଟ) – ସଂସଦରେ ଆଇନ ପ୍ରଣୟନ ପଦ୍ଧତି




ବିଶେଷ ଦ୍ରଷ୍ଟବ୍ୟ : ସମସ୍ତ ବିଧେୟକ ସ୍ଥାୟୀସମିତିକୁ ପ୍ରେରଣ କରିବା ବାଧ୍ୟତାମୂଳକ ନୁହେଁ।

ଚିତ୍ର : ୬.୮. ଆଇନ ପ୍ରଣୟନ ପଦ୍ଧତି – ଏକ ସରଳିକୃତି ରେଖାଚିତ୍ର ମାଧ୍ୟମରେ କେତେକ ମୁଖ୍ୟ ଧାରଣା ବର୍ଣ୍ଣନା।

**ସ୍ଥାୟୀ ସମିତି (Standing Commttee)** ସାଂସଦମାନଙ୍କୁ ନେଇ ଗଠିତ ଏକ ସ୍ଥାୟୀ ସମିତି (ସାଂସଦ ପରିବର୍ତ୍ତନ ହୋଇପାରିବେ କିନ୍ତୁ ସମିତି ଏକ ଢାଞ୍ଚାଭାବେ ସ୍ଥିର ରହିବ) । ଏହା ସରକାରୀ କାର୍ଯ୍ୟକଳାପ ତଦାରଖ କରି ଆବଶ୍ୟକୀୟ ସୁପାରିଶ କରିଥାଏ ଓ କେଉଁ ପଦକ୍ଷେପ ନିଆଗଲା ସେ ସମ୍ପର୍କିତ ପ୍ରଶ୍ନ ମଧ୍ୟ ପଚାରିଥାଏ।

**ପଠନ (Reading) :** ବ୍ରିଟିଶ ସଂସଦରୁ ପଠନ ବ୍ୟବସ୍ଥାର ଆରମ୍ଭ ହୋଇଥିଲା। ଅନେକ ସାଂସଦ ନିରକ୍ଷର ଥିବା ଯୋଗୁଁ ନିଯୁକ୍ତ ହୋଇଥିବା କିରାଣୀମାନଙ୍କ ଦ୍ୱାରା ବିଧେୟକ ଓ ବିଷୟବସ୍ତୁ ପଢ଼ାଯାଉଥିଲା ଓ ସାଂସଦମାନେ ଏହା ଉପରେ ଆଲୋଚନା କରୁଥିଲେ । ଏବେ ଆଲୋଚନା ପୂର୍ବରୁ ସାଂସଦମାନେ ବିଧେୟକ ପଢୁଛନ୍ତି ।

**ଖଣ୍ଡବାକ୍ୟ (Clause) :** ବିଧେୟକରେ ବର୍ଣ୍ଣିତ କେତେକ ବାକ୍ୟାଂଶ ଯାହା ବିଧେୟକକୁ ଅଧିକ ସରଳ ରୂପେ ବ୍ୟାଖ୍ୟା କରିଥାଏ। ଆରଟିଇ ଯେପରି ବୟସ ସୀମା (୬ ରୁ ୧୪ ବର୍ଷ) ବର୍ଣ୍ଣନା କରିଥାଏ।

**ରାଜପତ୍ର (Gazette) :** ଏହା ଏକ ସରକାରୀ ପ୍ରକାଶନ ଯାହା ଆଇନଗତ ଦସ୍ତାବିଜ ଏବଂ ସରକାରୀ ସୂଚନା ସମ୍ପର୍କିତ ସମସ୍ତ ଦସ୍ତାବିଜ ଘୋଷଣା କରିଥାଏ।



https://withteachers.in/



## ଆସ ଅନୁସନ୍ଧାନ କରିବା

ଏକ କ୍ଷୁଦ୍ର ପ୍ରବାହ ଚିତ୍ର ଅଙ୍କନ କରି ଆରଟିଇ କିପରି ଅଧିନିୟମରେ ରୂପାନ୍ତରିତ ହୋଇଥିଲା ଦର୍ଶାଅ। ଯଦି ଏହା ଲୋକସଭାରେ ଆଲୋଚନା କରାଯାଇଥାନ୍ତା ତେବେ କେଉଁ ପଦ୍ଧତି ସବୁ ଅନୁସରଣ କରାଯାଇଥାନ୍ତା ?



## ମନେରଖ

କେତେକ ବିଧେୟକ କେବଳ ଲୋକ ସଭାରେ ହିଁ ଉପସ୍ଥାପନ କରାଯିବାର ବ୍ୟବସ୍ଥା ରହିଛି। ଅର୍ଥ ସମ୍ବନ୍ଧୀୟ (ଟିକସ ପ୍ରଣାଳୀ, ସରକାରୀ ଋଣ ଗ୍ରହଣ ଆଦି) ଅର୍ଥବିଧେୟକ ଏହାର ଏକ ଉଦାହରଣ ଅଟେ। ଏହା ଏକ ଚିଠା ପ୍ରସ୍ତାବ ଭାବେ କେବଳ ଲୋକସଭାରେ ଉପସ୍ଥାପିତ ହୋଇଥାଏ। ଅବଶ୍ୟ ଏହାର ଉପସ୍ଥାପନ ରାଷ୍ଟ୍ରପତିଙ୍କ ପୂର୍ବ ଅନୁମତି ବିନା ଅସମ୍ଭବ।

## (୩) କାର୍ଯ୍ୟପାଳିକା ଉତ୍ତର ଦାୟିତ୍ୱ

ପ୍ରଧାନମନ୍ତ୍ରୀ ଓ ମନ୍ତ୍ରୀ ପରିଷଦ ହେଉଛନ୍ତି କେନ୍ଦ୍ର କାର୍ଯ୍ୟପାଳିକାର ଅଂଶବିଶେଷ। ସେମାନେ :

- ପ୍ରଧାନତଃ ଆଇନର ପ୍ରବର୍ତ୍ତନ ଓ ବାସ୍ତବ କାର୍ଯ୍ୟକାରିତା ଏବଂ ସରକାରର ସଫଳ ପରିଚାଳନା ନିମନ୍ତେ ଦାୟୀ;
- ସମ୍ବିଧାନ ଓ ଏହାର ଆଇନଗତ ନୀତି ଆଧାରରେ ଦୈନନ୍ଦିନ ସରକାରୀ କାର୍ଯ୍ୟ ସମ୍ବନ୍ଧୀୟ ନିଷ୍ପତ୍ତି ଗ୍ରହଣ କରିଥାନ୍ତି;
- ପ୍ରଶ୍ନକାଳ ସମୟରେ ମନ୍ତ୍ରୀମାନେ ସେମାନଙ୍କ କାର୍ଯ୍ୟ ଓ ନିଷ୍ପତ୍ତିର ଯଥାର୍ଥତା ପ୍ରତିପାଦନ ନିମନ୍ତେ ଲୋକସଭାରେ ଉତ୍ତର ଦାୟୀ ରହନ୍ତି । ପ୍ରଶ୍ନକାଳ ହେଉଛି ଲୋକସଭାର ଏକ ନିର୍ଦ୍ଧାରିତ ସମୟସୀମା (ସଂସଦୀୟ କାର୍ଯ୍ୟକାଳର ପ୍ରଥମ କେତେକ ଘଣ୍ଟା) ଯେତେବେଳେ ସାଂସଦମାନେ ମନ୍ତ୍ରୀମାନଙ୍କୁ ସେମାନଙ୍କ ବିଭାଗ ସମ୍ପର୍କୀୟ ବିଭିନ୍ନ ନୀତି, ନିଷ୍ପତ୍ତି ଏବଂ କାର୍ଯ୍ୟକ୍ରମ ସଂକ୍ରାନ୍ତୀୟ ପ୍ରଶ୍ନ ପଚାରିବାକୁ କ୍ଷମତାପ୍ରାପ୍ତ ହୋଇଥାନ୍ତି। ଏହି ସଂସଦୀୟ ପଦ୍ଧତି କାର୍ଯ୍ୟପାଳିକାକୁ ପ୍ରତ୍ୟୁତ୍ତରଦାୟୀ କରିଥାଏ (ଅର୍ଥାତ୍ ତାଙ୍କ ନୀତି ତଥା କାର୍ଯ୍ୟର ଯଥାର୍ଥତା ପ୍ରତିପାଦନ ପାଇଁ ବାଧ୍ୟ କରିଥାଏ)। ଏତଦ୍‌ଭିନ୍ନ ସ୍ୱତନ୍ତ୍ର ସମିତି ଦ୍ୱାରା ଆହୂତ ଆଲୋଚନା ସଭାରେ ମନ୍ତ୍ରୀମାନେ ଗ୍ରହଣ କରିଥିବା ନୀତି ସମ୍ପର୍କୀୟ ପ୍ରଶ୍ନର ଉତ୍ତର ଦେବାକୁ ବାଧ୍ୟ ହୋଇଥାନ୍ତି। ଏହି ସମିତି ବିଭିନ୍ନ ଦଳର ସାଂସଦମାନଙ୍କୁ ନେଇ ଗଠନ କରାଯାଇପାରେ।



https://withteachers.in/

ସଂସଦ ସର୍ବଦା ଔପଚାରିକ କିମ୍ବା ଭାବ ଗମ୍ଭୀର ନଥାଏ। ବେଳେବେଳେ କବିତା ପାଠ କିମ୍ବା ଥଟ୍ଟାମଜା ମାଧ୍ୟମରେ ଗମ୍ଭୀର ପରିସ୍ଥିତିକୁ ସହଜ କରିଦିଆଯାଏ।

## ଉଦାହରଣ ୦୧ : ସଂସଦରେ ପଂକ୍ତି

ଫେବୃଆରୀ ୧ ତାରିଖ ୨୦୨୫ ମସିହାରେ ୨୦୨୫–୨୦୨୬ ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରୁଥିବା ସମୟରେ ଅର୍ଥମନ୍ତ୍ରୀ ଶ୍ରୀମତି ନିର୍ମଳା ସୀତାରମଣ ତିରୁକୁରାଳ (ପ୍ରାଚୀନ ଭାରତର ନୀତି ସମ୍ବଳିତ ତାମିଲଭାଷାରେ ଲିଖିତ ପ୍ରବନ୍ଧ)ରୁ ଉଦ୍ଧାର କରି ନିମ୍ନ ପଂକ୍ତି ଗାୟନ କରିଥିଲେ।:

ମୂଳ ତାମିଲ ଭାଷରେ – ଭାନୋକ୍କି ଭାଲମ୍ ଉଲାକେଲ୍ଲମ୍।
ମାନ୍ନବନ୍ କୋଲନୋକ୍କି ଭାଲୁଙ୍ଗ କୁଡି ॥

ଏହାର ଓଡ଼ିଆ ରୂପାନ୍ତର,

(ଯେପରି) ଜୀବଜଗତ ବଞ୍ଚେ ବରଷା ଆଶାରେ
(ସେପରି) ନାଗରିକ ରହେ ସୁଶାସନ ଭରଷାରେ ॥

ଏହା ଶୁଣିବା ମାତ୍ରକେ, ଶାସକ ଦଳର ସାଂସଦମାନେ ଖୁସିରେ ଟେବୁଲ ବାଡ଼େଇ ଏହାକୁ ସ୍ୱାଗତ କରିଥିଲେ।

## ଉଦାହରଣ ୦୨ : ସଂସଦରେ ହସକଥା

୨୦୧୧ ମସିହାରେ ସଂସଦରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସମୟରେ ତତ୍କାଳୀନ ସରକାରଙ୍କୁ ସମାଲୋଚନା କରି ସାଂସଦ ଶ୍ରୀମତୀ ସୁଷମା ସ୍ୱରାଜ ଏକ କବିତାର ପଂକ୍ତି ଶୁଣାଇଥିଲେ।

ମୂଳ ହିନ୍ଦୀରେ – "ତୁ ଇଧର ଉଧର କି ନା ବାତ୍ କର, ୟେ ବତା କି କାଫିଲା କ୍ୟୁଁ ଲୁଟା।
ହମେ ରହଯାନୋ ସେ ଗିଲାନେହିଁ, ତେରୀ ରହବାରୀ କା ସଓ୍ୱାଲ୍ ହେ।"

ଓଡ଼ିଆରେ : ଏଣୁ ତେଣୁ ନ ଗପି କୁହ, ଗାଡ଼ି କିମ୍ପାଇଁ ଲୁଟ୍ ହେଲା
ଆମେ ଚୋରଙ୍କୁ ଦୋଷ ଦେବୁନି, ତୁମ ନେତୃତ୍ୱ କିପରି କୁହ ଭଲା ?

ଏହାର ପ୍ରତ୍ୟୁତ୍ତରରେ ପ୍ରଧାନମନ୍ତ୍ରୀ ଡ: ମନମୋହନ ସିଂହ ସ୍ଥିର ଚିତ୍ତରେ ଅନ୍ୟ ଏକ ଗୀତର ପଂକ୍ତି ଗାଇଲେ:

ମୂଳ ହିନ୍ଦୀରେ : "ମାନା କି ତେରୀ ଦିଦ୍‌କେ କାବିଲ୍ ନେହିଁ ହୁଁ ମେ,
ତୁ ମେରା ସୌକ୍ ଦେଖ, ମେରା ଇନ୍ତେଜାର୍ ଦେଖ।"

ଓଡ଼ିଆରେ : ମୁଁ ମାନି ନେବି ଯେ ତୁମ ନଜରରେ ମୋହର ସାମର୍ଥ୍ୟ ନାହିଁ
(ହେଲେ) ମୋହର ଉତ୍ସାହ ଆଉ ମୋ ପ୍ରୟାସ ତୁମେ ନଦେଖିଲ କାହିଁ।



https://withteachers.in/



REPORT NO.
162

PARLIAMENT OF INDIA
RAJYA SABHA

DEPARTMENT-RELATED PARLIAMENTARY STANDING
COMMITTEE ON HEALTH & FAMILY WELFARE

ONE HUNDRED SIXTY SECOND REPORT

ON

ACTION TAKEN BY THE GOVERNMENT ON THE RECOMMENDATIONS/ OBSERVATIONS CONTAINED IN THE 156TH REPORT ON REVIEW OF NATIONAL AYUSH MISSION

(Presented to the Rajya Sabha on 20th December, 2024)
(Laid on the Table of Lok Sabha on 4th February, 2025)

Rajya Sabha Secretariat, New Delhi
December, 2024/Agrahayana, 1946 (Saka)

ଚିତ୍ର : ୬.୯: ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସମ୍ପର୍କିତ ସ୍ଥାୟୀ ସମିତିର ଏକ ବିବରଣୀର ଉଦ୍ଧୃତି ।

**୧.୨ : ଜିଲ୍ଲା ସଦର ମହକୁମା ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ଆୟୁଷ ଚିକିତ୍ସା ସୁବିଧା ସୁଯୋଗ ସହାବସ୍ଥାନସମ୍ପର୍କିତ**

**ସୁପାରିଶ :**

୧.୨୧. ଏହି ସନ୍ଧିକ୍ଷଣରେ, କେତେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଆୟୁଷ ବିଭାଗ ଖୋଲାଯାଇନାହିଁ ବୋଲି ସମିତିର ଦୃଷ୍ଟିକୁ ଆସିଛି । ଆୟୁଷ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ତଥା ଆୟୁଷ ଚିକିତ୍ସାରେ ଅଧିକ ସମନ୍ୱୟ ପାଇଁ ଆୟୁଷ ମନ୍ତ୍ରଣାଳୟ ନଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ବୁଝେଇମନେଇ ନୂତନ ଆୟୁଷ ମନ୍ତ୍ରଣାଳୟ ଖୋଲିବାକୁ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦିଆଯାଉଛି, ଯଦ୍ୱାରା ଆୟୁଷ ଚିକିତ୍ସାକ୍ଷେତ୍ର ଓ ଯୋଜନାଗୁଡ଼ିକର ତ୍ୱରିତ୍ ବିକାଶ ଓ କାର୍ଯ୍ୟାନ୍ୱୟନ ସମ୍ଭବ ହେବ ।

**(ବିବରଣୀର ୨.୧୩ ଅନୁଚ୍ଛେଦ)**

**କାର୍ଯ୍ୟାନ୍ୱୟନ :**

୧.୨୨: ଜନସ୍ୱାସ୍ଥ୍ୟ ଏକ ରାଜ୍ୟ ତାଲିକାଭୁକ୍ତ ବିଷୟ ହୋଇଥିବାରୁ ଆୟୁଷ ବିଭାଗର ସୃଷ୍ଟି ସଂପୃକ୍ତ ରାଜ୍ୟ ବା କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକର ସରକାର ଉପରେ ନିର୍ଭର କରେ । ତଥାପି ବିଭିନ୍ନ ସମାବେଶରେ କେନ୍ଦ୍ର ଆୟୁଷ ମନ୍ତ୍ରାଳୟ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ ସୃଷ୍ଟି କରିବା ସପକ୍ଷରେ ମତ ଦେଇଥିଲେ । ଏଥିସହିତ ଷ୍ଟେଟ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍ (SPMU) ଏବଂ ଡିଷ୍ଟ୍ରିକ୍ଟ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ୟୁନିଟ୍ (DPMU)ରେ ଅଧିକ କର୍ମଚାରୀ ନିୟୋଜନ କରି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ନାମ୍ ଯୋଜନାର କ୍ଷିପ୍ର ବିକାଶ ଓ କାର୍ଯ୍ୟାନ୍ୱୟନ ନିମନ୍ତେ ମତାମତ ଦେଇଥିଲେ । ଆଜି ପର୍ଯ୍ୟନ୍ତ ସର୍ବମୋଟ ୨୪ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ନିର୍ଦ୍ଦେଶାଳୟ କାର୍ଯ୍ୟ କରୁଛି ।

**(ବିବରଣୀର ୨.୨୩ ଅନୁଚ୍ଛେଦ)**



## ଆସ ଅନୁସନ୍ଧାନ କରିବା

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଂକ୍ରାନ୍ତୀୟ ସ୍ଥାୟୀ ସମିତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟର କେତେକ ଅଧିକାରୀଙ୍କ ମିଳିତ ବୈଠକର ବିବରଣୀର ଉଦ୍ଧୃତି ଏଠାରେ ପ୍ରକାଶ କରାଯାଇଛି । ଉପର ବର୍ଣ୍ଣିତ ସ୍କ୍ରିନ୍ ସଟ୍ ନିରୀକ୍ଷଣ କର ଓ ତୁମ ମଧ୍ୟରେ ଛୋଟଛୋଟ ଦଳ ଗଢ଼ି ଆଲୋଚନା କର । କିଏ କାହାକୁ ବିବରଣୀ ଦେଇଛନ୍ତି ? ସମୀକ୍ଷା ହୋଇଥିବା ବିଷୟଟି କ'ଣ ଅଟେ ? ସମିତି ସୁପାରିଶକୁ ଚିହ୍ନଟ କର । ସରକାରଙ୍କ ଉତ୍ତର କ'ଣ ଥିଲା ?




https://withteachers.in/

## (୪) ଆର୍ଥିକ ଉତ୍ତର ଦାୟିତ୍ୱ

ବାର୍ଷିକ ବଜେଟ୍ (ଆୟ ଓ ବ୍ୟୟ ପରିକଳ୍ପନା) ପ୍ରସ୍ତୁତି ଏବଂ ବିଭିନ୍ନ ମନ୍ତ୍ରାଳୟ ନିମନ୍ତେ ବଣ୍ଟନ କରାଯାଇଥିବା ପୁଞ୍ଜି ଅନୁଧ୍ୟାନ ମାଧ୍ୟମରେ ସଂସଦ ସରକାରୀ ଖର୍ଚ୍ଚ ଅନୁମୋଦନ ଏବଂ ନିୟନ୍ତ୍ରଣ କରେ।

### ଆସ ଅନୁସନ୍ଧାନ କରିବା




ତୁମେ କାହିଁକି ଭାବୁଛ ଯେ ସରକାରୀ ଖର୍ଚ୍ଚଗୁଡ଼ିକ ଉପରେ ସଂସଦ ତୀକ୍ଷ୍ଣ ନଜର ରଖିଛି ? (ସୂତ୍ର : ସରକାର କାହାର ଅର୍ଥ ଖର୍ଚ୍ଚ କରିଥାନ୍ତି ?)

ସରକାର ନିର୍ଦ୍ଦିଷ୍ଟ ସମୟ ଏବଂ ସମସ୍ତ ସଠିକ୍ ତଥ୍ୟ ଓ ସୂଚନା ସଂସଦକୁ ପ୍ରଦାନ କରିବା ଆଶା କରାଯାଏ।

## ସଂସଦର କାର୍ଯ୍ୟପାଳିକା କ୍ଷମତା

ପୂର୍ବ ଆଲୋଚନାରେ ଆମେ କାର୍ଯ୍ୟପାଳିକାର ଭୂମିକା ସଂକ୍ରାନ୍ତୀୟ କେତେକ ବିଷୟବସ୍ତୁ ଉନ୍ମୋଚନ କରି ସାରିଲେଣି। ଏଥର ଆମେ ଅନ୍ୟ କେତେକ ଦିଗ ଉପରେ ସବିଶେଷ ଆଲୋଚନା କରିବା।



### ମନେରଖ

ସମ୍ବିଧାନର ପଞ୍ଚମ ଭାଗର ପ୍ରଥମ ଅଧ୍ୟାୟ କାର୍ଯ୍ୟପାଳିକାରୁ ଆରମ୍ଭ ହୁଏ। ଅନ୍ୟାନ୍ୟ ବିଷୟ ସହିତ ଏହା ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ ମନ୍ତ୍ରୀ ପରିଷଦର ଭୂମିକା ଓ ଦାୟିତ୍ୱ ଆଲୋଚନା କରିଥାଏ। ଦ୍ୱିତୀୟ ଅଧ୍ୟାୟରେ ସଂସଦର ଭୂମିକା ଓ କାର୍ଯ୍ୟାବଳୀର ତାଲିକା ରହିଅଛି। ଏହା ଏପରି କାହିଁକି ହୋଇଥିବ ?

## (୧) ଭାରତର ରାଷ୍ଟ୍ରପତି

ରାଷ୍ଟ୍ରପତି ହେଉଛନ୍ତି ରାଷ୍ଟ୍ରର ମୁଖ୍ୟ ଏବଂ ସେ ନାମକୁ ମାତ୍ର କାର୍ଯ୍ୟପାଳିକାର ମୁଖ୍ୟ ଅଟନ୍ତି। ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦ ସରକାର ଚଳାଇବା ଦାୟିତ୍ୱରେ ରହିଥାନ୍ତି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତ କରିଥାନ୍ତି, ସଂସଦର ବୈଠକ ଆହ୍ୱାନ କରିଥାନ୍ତି ଏବଂ ବିଧେୟକକୁ ଅନୁମୋଦନ କରି ଆଇନ ପ୍ରଣୟନ କରିଥାନ୍ତି। ମନ୍ତ୍ରୀ ପରିଷଦ ରାଷ୍ଟ୍ରପତିଙ୍କୁ ସାହାଯ୍ୟ ଓ ପରାମର୍ଶ ପ୍ରଦାନ କରିଥାନ୍ତି। ଅବଶ୍ୟ କେତେକ କ୍ଷେତ୍ରରେ ରାଷ୍ଟ୍ରପତି ନିଜ ବିବେକାନୁମୋଦିତ କାର୍ଯ୍ୟ କରିବାକୁ ଅଧିକାର ପାଇଛନ୍ତି। ଏହା ସାଧାରଣତଃ ରାଜନୈତିକ ସଂକଟ ସମୟରେ ବ୍ୟବହୃତ ହୋଇଥାଏ ଉଦାହରଣ ସ୍ୱରୂପ ଲୋକସଭା ନିର୍ବାଚନରେ କୌଣସି ଦଳ ସଂଖ୍ୟାଗରିଷ୍ଠତା ହାସଲ ନକଲେ, ସରକାର ଗଠନ ନିମନ୍ତେ କୌଣସି ଦଳ ବା ମେଣ୍ଟଭୁକ୍ତ ଦଳକୁ ସରକାର ଗଠନ ସୁଯୋଗ ଦେବା ରାଷ୍ଟ୍ରପତିଙ୍କ ଇଚ୍ଛାଧୀନ ଅଟେ।



https://withteachers.in/

## (୨) ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦ

ଭାରତୀୟ ସଂସଦୀୟ ବ୍ୟବସ୍ଥାରେ ପ୍ରଧାନମନ୍ତ୍ରୀ ହେଉଛନ୍ତି ବାସ୍ତବ କାର୍ଯ୍ୟନିର୍ବାହିକା ଅଧିକାରୀ । ନିର୍ବାଚନରେ ସଂଖ୍ୟା ଗରିଷ୍ଠ ଦଳ କିମ୍ବା ମେଣ୍ଟର ନେତାଙ୍କୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ପ୍ରଦାନ କରିଥାନ୍ତି। ଲୋକସଭାରେ ସଂଖ୍ୟାଧିକ ସାଂସଦଙ୍କ ସମର୍ଥନରେ ପ୍ରଧାନମନ୍ତ୍ରୀ କାର୍ଯ୍ୟ କରିଥାନ୍ତି।

ପ୍ରଧାନମନ୍ତ୍ରୀଙ୍କର କେତେକ ମୁଖ୍ୟ କାର୍ଯ୍ୟାବଳୀ :

- ମନ୍ତ୍ରୀ ପରିଷଦର ନେତୃତ୍ୱ ନେବା
- ବିଭିନ୍ନ ମନ୍ତ୍ରାଳୟ ମଧ୍ୟରେ ସମନ୍ୱୟ ରଖିବା
- ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେବା
- ଜାତୀୟ ନୀତି ନିର୍ଦ୍ଧାରଣ କରିବା

ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦ ସମସ୍ତ ନିଷ୍ପତ୍ତି ଗ୍ରହଣ କରି ସରକାର ଚଳାଇଥାନ୍ତି। ସେମାନେ ମିଳିତ ଭାବରେ ଲୋକସଭା ନିକଟରେ ଉତ୍ତରଦାୟୀ ରହିଥାନ୍ତି। ସଂସଦରେ ଆଲୋଚନା ନିମନ୍ତେ ସମସ୍ତ ବିଧେୟକ ସରକାରଙ୍କ ଦ୍ୱାରା ଉପସ୍ଥାପିତ ହୋଇଥାଏ। ଆଇନ ଓ ନୀତିଗୁଡ଼ିକର କାର୍ଯ୍ୟକାରିତା ନିମନ୍ତେ ସରକାରୀ କର୍ମଚାରୀ ନାମକ ଏକ ସ୍ଥାୟୀ ଗୋଷ୍ଠୀ ସହାୟତା ପ୍ରଦାନ କରିଥାନ୍ତି । ସାଧାରଣ ଭାବେ ପ୍ରଶାସକ ବା ଅମଲା ନାମରେ ପରିଚିତ ସେହି ଅଧିକାରୀଗଣ ବିଭିନ୍ନ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରିଥାନ୍ତି ଏବଂ ସରକାରୀ ବିଭାଗ କାର୍ଯ୍ୟର ସୁରୁଖୁରୁ ସମ୍ପାଦନ ସୁନିଶ୍ଚିତ କରିଥାନ୍ତି।



### ଆସ ଅନୁସନ୍ଧାନ କରିବା

ଯଦି କାର୍ଯ୍ୟପାଳିକା, ବ୍ୟବସ୍ଥାପିକାର ଏକ ଅଂଶ, ତେବେ ଏଠାରେ କ୍ଷମତାର ବିଭାଜନ ହୋଇଛି ବୋଲି ଆମେ କିପରି କହିପାରିବା ? (ସୂତ୍ର : ବ୍ୟବସ୍ଥାପିକା ବିଭାଗ ପୁନଃ ଅବଲୋକନ କର)



### ମନେରଖ

୧୯୫୬ ମସିହାରେ ରେଳମନ୍ତ୍ରୀ ଥିବା ଲାଲ ବାହାଦୁର ଶାସ୍ତ୍ରୀ ଏକ ରେଳ ଦୁର୍ଘଟଣା ପରେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଦୁର୍ଘଟଣା ନିମନ୍ତେ ତାଙ୍କୁ କେହି ଦାୟୀ କରି ନଥିଲେ ମଧ୍ୟ ସେ ବିଶ୍ୱାସ କରୁଥିଲେ ଯେ ନିଜ ମନ୍ତ୍ରାଳୟର ସମସ୍ତ ତ୍ରୁଟି ବିଚ୍ୟୁତି ନିମନ୍ତେ ମନ୍ତ୍ରୀ ନିଜେ ନୈତିକ ଦାୟିତ୍ୱ ନେବା ଉଚିତ। ସେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କୁ ନିଜ ଇସ୍ତଫା ପତ୍ର ପଠାଇଥିଲେ। ପ୍ରଥମେ ନେହେରୁ ଅନିଚ୍ଛା ପ୍ରକାଶ କରିଥିଲେ, ମାତ୍ର ଶାସ୍ତ୍ରୀ ବାଧ୍ୟ କରିବାରୁ ଶେଷରେ ତାଙ୍କ ଇସ୍ତଫାପତ୍ର ଗୃହୀତ ହୋଇଥିଲା।



ଚିତ୍ର: ୬.୧୦ : ଲାଲବାହାଦୁର ଶାସ୍ତ୍ରୀ (ଭାରତର ପୂର୍ବତନ ରେଳମନ୍ତ୍ରୀ ଏବଂ ପରେ ପ୍ରଧାନମନ୍ତ୍ରୀ)



https://withteachers.in/

## ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ମଧ୍ୟରେ ପାର୍ଥକ୍ୟ

ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ମଧ୍ୟରେ ଥିବା କେତେକ ମୁଖ୍ୟ ପାର୍ଥକ୍ୟ ଗୁଡ଼ିକ ଆମେ ଜାଣିବା ଆବଶ୍ୟକ। ନିମ୍ନ ସାରଣୀରେ ଏହା ସାରାଂଶ ଭାବେ ଦର୍ଶାଯାଇଛି।

| ଦୃଷ୍ଟିକୋଣ | ବ୍ୟବସ୍ଥାପିକା | କାର୍ଯ୍ୟପାଳିକା |
|---|---|---|
| ଗଠନ | ଭାରତର ସଂସଦ ଦେଶର ସର୍ବୋଚ୍ଚ ଆଇନ ପ୍ରଣୟନକାରୀ ଅନୁଷ୍ଠାନ। ଏହା ରାଷ୍ଟ୍ରପତି, ରାଜ୍ୟସଭା ଓ ଲୋକସଭାକୁ ନେଇ ଗଠିତ ହୋଇଅଛି। | ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ମନ୍ତ୍ରୀପରିଷଦକୁ ନେଇ କାର୍ଯ୍ୟପାଳିକା ଗଠିତ। |
| ମୁଖ୍ୟ ଭୂମିକା | ଆଇନ ପ୍ରଣୟନ ଏବଂ କାର୍ଯ୍ୟପାଳିକାର କାର୍ଯ୍ୟ ତଦାରଖ | ବ୍ୟବସ୍ଥାପିକା ଦ୍ୱାରା ପ୍ରଣିତ ଆଇନ ପ୍ରବର୍ତ୍ତନ କରିବା |
| କାର୍ଯ୍ୟାବଳୀ | ସଂସଦରେ କେତେକ ବିଧେୟକ ଉପସ୍ଥାପନ | ଅଧିକାଂଶ ବିଧେୟକ ସଂସଦରେ କାର୍ଯ୍ୟପାଳିକା ଦ୍ୱାରା ଉପସ୍ଥାପନ |
| | ପ୍ରଶ୍ନୋତ୍ତର ମାଧ୍ୟମରେ କାର୍ଯ୍ୟପାଳିକାର ଗତିବିଧି ନିୟନ୍ତ୍ରଣ | ନିଜ କାର୍ଯ୍ୟ ସମ୍ବଳିତ ନିଷ୍ପତ୍ତି ବ୍ୟବସ୍ଥାପିକାକୁ ସୂଚାଇ ତତ୍ ସଂକ୍ରାନ୍ତୀୟ କାରଣ ଦର୍ଶାଇବା। ଗୁରୁତ୍ୱପୂର୍ଣ୍ଣ ବ୍ୟାପାରରେ ରାଷ୍ଟ୍ରପତିଙ୍କୁ ସାହାଯ୍ୟ ଓ ପରାମର୍ଶ ଦେବା ସହିତ ସଂସଦ ବୈଠକ ଆହ୍ୱାନ ଓ ସ୍ଥଗିତ ରଖିବା। |
| | ସମସ୍ତ ସରକାରୀ ଖର୍ଚ୍ଚ ମଞ୍ଜୁର କରିବା | ସଂସଦ ଦ୍ୱାରା ଗୃହୀତ ବଜେଟ୍ ପ୍ରସ୍ତୁତି ଓ କାର୍ଯ୍ୟକାରୀ କରିବା |
| | ବିଭିନ୍ନ ସଂସଦୀୟ ସମିତିର ପରାମର୍ଶ ନେବା | ଦୈନନ୍ଦିନ କାର୍ଯ୍ୟରେ ସ୍ୱାଧୀନ ଭାବେ କାର୍ଯ୍ୟ କରିବା ସହିତ ଆବଶ୍ୟକ ସ୍ଥଳେ ସମିତି ଗୁଡ଼ିକର ପରାମର୍ଶ ନେବା। |





https://withteachers.in/

## ନ୍ୟାୟପାଳିକା – ନିୟନ୍ତ୍ରଣ ଓ ସନ୍ତୁଳନର ଭୂମିକା

ସରକାରଙ୍କ ଏକ ଅଙ୍ଗ ଭାବେ ନ୍ୟାୟପାଳିକା ନିର୍ଦ୍ଦିଷ୍ଟ ବିବାଦିତ ମାମଲା ବ୍ୟତିରେକେ ଆଇନର ତର୍ଜମା ଓ ପ୍ରଣୟନରେ ସହାୟତା ପ୍ରଦାନ କରିଥାଏ । ନ୍ୟାୟାଳୟ ବ୍ୟବସ୍ଥା ମାଧ୍ୟମରେ କାର୍ଯ୍ୟ କରି ଏହା ଗଣତାନ୍ତ୍ରିକ ସମାଜ ଓ ଶାସନ ପ୍ରକ୍ରିୟାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ନ୍ୟାୟପାଳିକା ସମ୍ବିଧାନର ରକ୍ଷା କର୍ତ୍ତା ଭାବେ କାର୍ଯ୍ୟ କରିଥାଏ ଏବଂ ସରକାରଙ୍କ ସବୁ ବିଭାଗ ସମ୍ବିଧାନର ସିଦ୍ଧାନ୍ତ ଓ ମାପଦଣ୍ଡ ମଧ୍ୟରେ ରହି କାର୍ଯ୍ୟ କରିବା ସୁନିଶ୍ଚିତ କରେ। ଆଇନର ବ୍ୟାଖ୍ୟା, ବିଭିନ୍ନ ବିବାଦର ସମାଧାନ ଓ ମୌଳିକ ଅଧିକାରର ସୁରକ୍ଷା ମାଧ୍ୟମରେ ଏହା ସମାଜ ତଥା ସରକାରୀ ଅନୁଷ୍ଠାନଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନ ନିମନ୍ତେ ଆବଶ୍ୟକ ନିୟନ୍ତ୍ରଣ ଲାଗୁ କରିଥାଏ ।

ଦେଶ ଶାସନରେ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା କିଭଳି କ୍ଷମତା ପ୍ରାପ୍ତ ହୋଇଛନ୍ତି ତାହା ସମ୍ବିଧାନ ବର୍ଣ୍ଣନା କରି ନଥାଏ, ଅଧିକନ୍ତୁ ଏହା ସେହି ସଂସ୍ଥାଗୁଡ଼ିକର ନିର୍ଦ୍ଦିଷ୍ଟ ଦାୟିତ୍ୱ ସମ୍ପର୍କିତ ତାଲିକା ପ୍ରଦାନ କରିଥାଏ। ବିଧିବଦ୍ଧ ଓ ଦାୟିତ୍ୱସମ୍ପନ୍ନ ଭାବେ ବ୍ୟବସ୍ଥାପିକା କ୍ଷମତାର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ନିମନ୍ତେ ନ୍ୟାୟପାଳିକାକୁ ଏକ ଅଦ୍ୱିତୀୟ ଓ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯାଇଛି । ସଂସଦଦ୍ୱାରା ପାରିତ ଆଇନ ଯେପରି ସାମ୍ବିଧାନିକ ଢାଞ୍ଚା ଅତିକ୍ରମ କରେ, ନ୍ୟାୟପାଳିକା ତା'ର ଯାଞ୍ଚ କରିଥାଏ । ସେହିପରି ଆଇନ କାର୍ଯ୍ୟକାରିତା ସମୟରେ କାର୍ଯ୍ୟପାଳିକା ଯଦି କୌଣସି ସାମ୍ବିଧାନିକ ବ୍ୟବସ୍ଥା ଭଙ୍ଗ କରେ, ସେଠାରେ ନ୍ୟାୟପାଳିକା ହସ୍ତକ୍ଷେପ କରିବା ପାଇଁ କ୍ଷମତାପ୍ରାପ୍ତ ହୋଇଛି । ଯେପରି ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ମାଧ୍ୟମରେ ସଂସଦ ତାହାର କାର୍ଯ୍ୟ ସମ୍ପାଦନ କରିଥାଏ, ସେହିପରି ନ୍ୟାୟାଳୟ ମାଧ୍ୟମରେ ନ୍ୟାୟପାଳିକା କାର୍ଯ୍ୟ କରିଥାଏ।

ଏହି ଅଧ୍ୟାୟରେ, ସଂସଦ କିପରି ନିଜସ୍ୱ ସଂସ୍ଥା ମଧ୍ୟରେ ସମତୁଲତା ରକ୍ଷାକରି ଆଇନ ସୃଷ୍ଟି କରି ତାହାକୁ କାର୍ଯ୍ୟକାରୀ କରେ ଏବଂ ନ୍ୟାୟପାଳିକା କିପରି ଏହାକୁ ନିୟନ୍ତ୍ରଣ କରେ ଆମେ ଅନୁସନ୍ଧାନ କଲେ । ଏହା ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ମଧ୍ୟରେ କ୍ଷମତା ବିଭାଜନ ତଥା ନିୟନ୍ତ୍ରଣ ଓ ସନ୍ତୁଳନ ପ୍ରଣାଳୀର ଏକ ଉଦାହରଣ କୌଣସି ଏକ ସଂସ୍ଥା ଯେପରି ଅଧିକ କ୍ଷମତାଶାଳୀ ନହୁଏ, ଏହା ସୁନିଶ୍ଚିତ କରେ ।


### ଆସ ଅନୁସନ୍ଧାନ କରିବା

→ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ମଧ୍ୟରୁ କେବଳ ଗୋଟିଏକୁ ସମସ୍ତ କ୍ଷମତା ପ୍ରଦାନ କରାଗଲେ କ'ଣ ହେବ ? ଏହା ଲୋକମାନଙ୍କ ଅଧିକାରକୁ କିପରି ପ୍ରଭାବିତ କରିବ ? ତୁମ ସହପାଠୀଙ୍କ ସହିତ ଆଲୋଚନା କର।



https://withteachers.in/

ପ୍ରତ୍ୟେକ ସଂସ୍ଥା ଅନ୍ୟକୁ କିପରି ନିୟନ୍ତ୍ରଣ କରନ୍ତି ? ଉଦାହରଣ ସ୍ୱରୂପ : ବ୍ୟବସ୍ଥାପକା କିପରି କାର୍ଯ୍ୟପାଳିକାର କାର୍ଯ୍ୟକୁ ପ୍ରଶ୍ନ କରିପାରିବ ? ନ୍ୟାୟପାଳିକା କିପରି ସୁନିଶ୍ଚିତ ହେବେ ଯେ ଆଇନ ଓ ସରକାରୀ କାର୍ଯ୍ୟକଳାପ ସମ୍ବିଧାନ ଅନୁକୂଳ ହେଉଛି ? ନ୍ୟାୟପାଳିକା ନିଜ କାର୍ଯ୍ୟ ନିଜେ ହିଁ ସମୀକ୍ଷା କରିପାରିବେ ବୋଲି କିଛି ବିକଳ୍ପ ଅଛି ବୋଲି ଭାବୁଛ କି ?



→ ନ୍ୟାୟପାଳିକା ଆଇନ ପ୍ରଣେତାଙ୍କୁ ଆଇନର ସମୀକ୍ଷା କରିବାକୁ କହିବାର କି ଉଦାହରଣ ତୁମେ ଦେଇପାରିବକି ? ତୁମେ କେତେକ ଉଦାହରଣ ଦେଇ ପାରିବ କି ଯେଉଁଠି ଆଇନର କାର୍ଯ୍ୟକାରିତା ନେଇ ନ୍ୟାୟପାଳିକା ଉଠାଇଥିବା ପ୍ରଶ୍ନର କିଛି ଉଦାହରଣ ତୁମେ ଦେଇପାରିବକି ?


ଆମେ ନ୍ୟାୟପାଳିକା ସମ୍ବନ୍ଧରେ ପରବର୍ତ୍ତୀ ଅଧ୍ୟାୟରେ ବିସ୍ତୃତ ଭାବେ ଜାଣିବା ।

## ରାଜ୍ୟସ୍ତରରେ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାର କାର୍ଯ୍ୟଧାରା

ଆମେ ପଢ଼ିଲେ, ବ୍ୟବସ୍ଥାପିକା ଏବଂ କାର୍ଯ୍ୟପାଳିକା ନିମନ୍ତେ କେନ୍ଦ୍ରରେ ସଂସଦ ରହିଅଛି । ଠିକ୍ ସେହିପରି 'ରାଜ୍ୟ ବିଧାନସଭା' ନାମରେ ରାଜ୍ୟରେ ମଧ୍ୟ ନିଜସ୍ୱ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ରହିଅଛି । କେନ୍ଦ୍ରୀୟ ସଂସଦର ସାଂସଦଙ୍କ ଦ୍ୱାରା ଆଇନ ପ୍ରଣୟନ ପରି ବିଧାନସଭାରେ ବିଧାୟକମାନେ 'ରାଜ୍ୟ ତାଲିକା' ଏବଂ 'ଯୁଗ୍ମ ତାଲିକା' ଭୁକ୍ତ ବିଷୟ ମଧ୍ୟରୁ ଆଇନ ପ୍ରଣୟନ କରିଥାନ୍ତି ।

### କେନ୍ଦ୍ରତାଲିକା, ରାଜ୍ୟତାଲିକା ଏବଂ ଯୁଗ୍ମ ତାଲିକା

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଇନ ପ୍ରଣୟନ ସୀମା ସ୍ପଷ୍ଟ କରିବା ନିମନ୍ତେ ସମ୍ବିଧାନରେ 'କେନ୍ଦ୍ର ତାଲିକା' ଓ 'ରାଜ୍ୟ ତାଲିକା' ସୂଚୀ ରହିଛି । ଏଥିସହିତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଇନ ପ୍ରଣୟନ କରିବାକୁ କ୍ଷମତା ପ୍ରାପ୍ତ ହୋଇଥିବା ଏକ ଯୁଗ୍ମ ତାଲିକା ମଧ୍ୟ ରହିଛି । ଅବଶ୍ୟ, ଯୁଗ୍ମ ତାଲିକା ଭୁକ୍ତ ବିଷୟ ମଧ୍ୟରୁ ଯଦି କେନ୍ଦ୍ର ସରକାର ଆଇନ ପ୍ରଣୟନ କରିଥାନ୍ତି, ତେବେ ରାଜ୍ୟ ସରକାର ସେଗୁଡ଼ିକ କାର୍ଯ୍ୟକାରୀ କରିବାକୁ ବାଧ୍ୟ ଅଟନ୍ତି । ଉଦାହରଣ ସ୍ୱରୂପ ଶିକ୍ଷା ଯୁଗ୍ମ ତାଲିକାଭୁକ୍ତ ବିଷୟବସ୍ତୁ ହୋଇଥିଲେହେଁ ଆରଟିଇ (RTE) କ୍ଷେତ୍ରରେ ଗୃହୀତ ଅଧିନିୟମ (ACT) ସମଗ୍ର ଭାରତରେ କାର୍ଯ୍ୟକାରୀ କରାଗଲା ।




ଶିକ୍ଷା, ପରିବେଶ ଆଦି କେତେକ ବିଶେଷ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସହଯୋଗ ମାଧ୍ୟମରେ ନୀତି ଆପଣେଇ ଥାନ୍ତି ଯାହା ସଂଘୀୟ ପ୍ରକୃତିର ପାରସ୍ପରିକ ନିର୍ଭରଶୀଳତା ଦର୍ଶାଏ ।




https://withteachers.in/

## ଭାରତରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କେତେକ ସମାନ୍ତରାଳ ସଂରଚନା

ରାଜ୍ୟ ସ୍ତରର ଶାସନଢାଞ୍ଚା କେନ୍ଦ୍ର ସରକାରର ଏକ ନକଲ ଅଟେ । ନିମ୍ନ ସାରଣୀରେ ତୁମେ ଏହି ସଂରଚନା ବୁଝିପାରିବ :

| ବିଶେଷତ୍ୱ | କେନ୍ଦ୍ର ସରକାର | ରାଜ୍ୟ ସରକାର |
|---|---|---|
| ସାମ୍ବିଧାନିକ ମୁଖ୍ୟ | ରାଷ୍ଟ୍ରପତି – ଏକ ନିର୍ବାଚକ ମଣ୍ଡଳୀ ଦ୍ୱାରା ନିର୍ବାଚିତ | ରାଜ୍ୟପାଳ–ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ |
| କାର୍ଯ୍ୟକାଳ | ୫ ବର୍ଷ | ସାଧାରଣ ଭାବେ ୫ ବର୍ଷ କିନ୍ତୁ ପରିବର୍ତ୍ତନୀୟ |
| ମୁଖ୍ୟ କାର୍ଯ୍ୟପାଳିକା | ରାଷ୍ଟ୍ରପତି ନାମକୁ ମୁଖ୍ୟ ମାତ୍ର କିନ୍ତୁ ବାସ୍ତବରେ ପ୍ରଧାନମନ୍ତ୍ରୀ | ରାଜ୍ୟପାଳ ନାମକୁ ମାତ୍ର କିନ୍ତୁ ବାସ୍ତବରେ ମୁଖ୍ୟମନ୍ତ୍ରୀ |
| କାର୍ଯ୍ୟପାଳିକା ଚୟନ | ସଂଖ୍ୟାଗରିଷ୍ଠ ଦଳ/ମେଣ୍ଟର ଲୋକସଭା ନେତା | ବିଧାନସଭାରେ ସଂଖ୍ୟାଗରିଷ୍ଠ / ମେଣ୍ଟ ଦଳର ନେତା |
| ମନ୍ତ୍ରୀ ପରିଷଦ | ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଚୟନ | ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଚୟନ |
| ଦାୟିତ୍ୱବୋଧତା | ମିଳିତଭାବେ ଲୋକସଭା ନିକଟରେ | ମିଳିତଭାବେ ବିଧାନସଭା ନିକଟରେ |
| ବ୍ୟବସ୍ଥାପିକା ସଂରଚନା | ଦ୍ୱି-ସଦନୀୟ–ରାଜ୍ୟସଭା ଏବଂ ଲୋକସଭା | କେତେକ ରାଜ୍ୟରେ ଦ୍ୱି-ସଦନୀୟ (ବିଧାନ ପରିଷଦ ଓ ବିଧାନ ସଭା) କେତେକ ରାଜ୍ୟରେ ଏକ ସଦନୀୟ (ବିଧାନସଭା) – ଓଡ଼ିଶାର ଏକ ସଦନୀୟ । |
| ନିମ୍ନ ସଦନ | ଲୋକସଭା | ବିଧାନସଭା |
| ଉଚ୍ଚ ସଦନ | ରାଜ୍ୟସଭା | ବିଧାନ ପରିଷଦ – କେତେକ ରାଜ୍ୟରେ (ଓଡ଼ିଶାରେ ନାହିଁ) |
| ନିମ୍ନ ସଦନର କାର୍ଯ୍ୟକାଳ | ୫ ବର୍ଷ | ୫ ବର୍ଷ |
| ଅଧ୍ୟକ୍ଷ (ନିମ୍ନ ସଦନ) | ବାଚସ୍ପତି | ବାଚସ୍ପତି |
| ବ୍ୟବସ୍ଥାପିକା କ୍ଷମତା | କେନ୍ଦ୍ର ତାଲିକା ଓ ଯୁଗ୍ମ ତାଲିକାଭୁକ୍ତ ବିଷୟରୁ ଆଇନ ପ୍ରଣୟନ | ରାଜ୍ୟ ତାଲିକା ଭୁକ୍ତ ଓ ଯୁଗ୍ମ ତାଲିକା ଭୁକ୍ତ ବିଷୟରୁ ଆଇନ ପ୍ରଣୟନ |
| ଆର୍ଥିକ କ୍ଷମତା | ଅର୍ଥ ବିଧେୟକ କେବଳ ଲୋକସଭାରୁ ଆରମ୍ଭ ହୁଏ | ଅର୍ଥ ବିଧେୟକ ବିଧାନ ସଭାରୁ ଆରମ୍ଭ ହୁଏ । |



https://withteachers.in/

## ରାଜ୍ୟ ବ୍ୟବସ୍ଥାପିକାର ସଂରଚନା

କେନ୍ଦ୍ର ବ୍ୟବସ୍ଥାପିକା ପରି ନ ହୋଇ ରାଜ୍ୟ ବ୍ୟବସ୍ଥାପିକା ଏକ ସଦନୀୟ (କେବଳ ଗୋଟିଏ ମାତ୍ର ସଦନ) କିମ୍ବା ଦ୍ୱି-ସଦନୀୟ (ଦୁଇଟି ସଦନ ଯୁକ୍ତ) ହୋଇଥାଏ। ଏହାର ବ୍ୟବସ୍ଥାପିକା ସଦନ 'ବିଧାନସଭା' ନାମରେ ନାମିତ। ଦ୍ୱିସଦନ ବିଶିଷ୍ଟ ରାଜ୍ୟରେ ଦ୍ୱିତୀୟ ସଦନଟି 'ବିଧାନ ପରିଷଦ' ନାମରେ ନାମିତ। ଦୁଇଟି ସଦନ ଥିବା ବ୍ୟବସ୍ଥାପିକା ରାଜ୍ୟଗୁଡ଼ିକ ହେଲା ଆନ୍ଧ୍ର ପ୍ରଦେଶ, ବିହାର, କର୍ଣ୍ଣାଟକ, ମହାରାଷ୍ଟ୍ର, ତେଲେଙ୍ଗାନା ଏବଂ ଉତ୍ତର ପ୍ରଦେଶ। ଏତଦ୍‌ଭିନ୍ନ ଅନ୍ୟ ରାଜ୍ୟଗୁଡ଼ିକ ଏକ ସଦନୀୟ ଅଟେ। ଓଡ଼ିଶାର ରାଜ୍ୟ ବ୍ୟବସ୍ଥାପିକା ଏକ ସଦନୀୟ ଯାହା 'ବିଧାନସଭା' ନାମରେ ପରିଚିତ। ଏହା ଆମ ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ଅବସ୍ଥିତ।



ଚିତ୍ର : ୬.୧୨ : ବିଧାନ ସୌଧ – ଓଡ଼ିଶାର ବିଧାନ ସୌଧ ନିର୍ମାଣ ନିମନ୍ତେ ୧୯୫୮ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବ ଶୁଭ ପ୍ରଦାନ କରିଥିଲେ। ଏହାର ନିର୍ମାଣ କାର୍ଯ୍ୟ ସରିବା ପରେ ୧୯୬୧ ମସିହା ଫେବୃଆରୀ ୧୨ ତାରିଖ ଦିନ ଭାରତର ତତ୍କାଳୀନ ଉପରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକୃଷ୍ଣନ୍ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ସେହି ସମୟରେ ଏହା ୨୫ ଲକ୍ଷ ଟଙ୍କାରେ ୪୭ ହଜାର ବର୍ଗଫୁଟ ଅଞ୍ଚଳରେ ନିର୍ମାଣ କରାଯାଇଥିଲା।

### ଆସ ଅନୁସନ୍ଧାନ କରିବା

ଆମ ରାଜ୍ୟର ବ୍ୟବସ୍ଥାପିକା କିପରି ଅଟେ ?



## ବ୍ୟବସ୍ଥାପିକାର ସଫଳ କାର୍ଯ୍ୟାନ୍ୱୟନ ପ୍ରତି ଆହ୍ୱାନ

ଆମେ ଜାଣିଛେ, ଭାରତର ବ୍ୟବସ୍ଥାପିକା (କେନ୍ଦ୍ର ସଂସଦ ଓ ରାଜ୍ୟ ବିଧାନସଭା ସହିତ) ଆଇନ ପ୍ରଣୟନ, ପ୍ରଶାସନିକ କାର୍ଯ୍ୟ ତଦାରଖ ଏବଂ ବଜେଟ୍ ଅନୁମୋଦନ ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାନ୍ତି। ଏହା ମଧ୍ୟ ଜାତୀୟ ନୀତି, ବିକାଶମୂଳକ ଯୋଜନା ପ୍ରସ୍ତୁତି, ଆନ୍ତର୍ଜାତୀୟ ସମ୍ପର୍କ ଏବଂ ଜନ ଅଭିଯୋଗ ଶୁଣାଣି ଆଦିର ଆଲୋଚନା ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିଥାଏ। ଅବଶ୍ୟ ଏସବୁ କାର୍ଯ୍ୟ କରୁଥିବା ସମୟରେ ବ୍ୟବସ୍ଥାପିକ କେତେକ ଆହ୍ୱାନ ବା





https://withteachers.in/

ସମସ୍ୟାର ସାମନା କରିଥାଏ। ସଦସ୍ୟମାନଙ୍କର ଲଗାତର ଅନୁପସ୍ଥିତି, ଅସହଯୋଗ ମନୋବୃତ୍ତି ଓ ଯୋଗାଯୋଗ, ମୁଖ୍ୟ ବିତର୍କରେ ଗୁଣାତ୍ମକତା ହ୍ରାସ ଏବଂ ପ୍ରଶ୍ନ କାଳର ବାରମ୍ବାର ବ୍ୟାଘାତ ସୃଷ୍ଟି ଆଦି ଏହାର କେତେକ ଉଦାହରଣ ।

**ଉତ୍ପାଦିକତା (Productivity)** ଲୋକସଭା କିମ୍ବା ରାଜ୍ୟସଭାର ସ୍ଥିରୀକୃତ ସମୟ ନିର୍ଘଣ୍ଟ ମଧ୍ୟରୁ ବାସ୍ତବରେ କେତେ ଘଣ୍ଟା ଆଲୋଚନାରେ ଅତିବାହିତ ହୋଇଛି, ତାହାହିଁ ସଂସଦ ପ୍ରସଙ୍ଗରେ ଉତ୍ପାଦିକତାର ମାପକ ।

ସାଧାରଣତଃ ଭାରତର ସଂସଦର ବୈଠକ ବର୍ଷରେ ତିନିଥର ବସିଥାଏ। ଏହି ବୈଠକକୁ 'ଅଧିବେଶନ' କୁହାଯାଏ – ବଜେଟ ଅଧିବେଶନ, ମୌସୁମୀ ଅଧିବେଶନ ଏବଂ ଶୀତକାଳୀନ ଅଧିବେଶନ। ପ୍ରତ୍ୟେକ ଅଧିବେଶନରେ ପ୍ରସ୍ତାବିତ ଆଇନର ବିଚାର ବିମର୍ଶ, ମୁଖ୍ୟ ଶାସନ ବିଷୟକ ଆଲୋଚନା ଏବଂ କାର୍ଯ୍ୟପାଳିକା ଠାରୁ ତାଙ୍କର ନିଷ୍ପତ୍ତି ଓ କାର୍ଯ୍ୟଧାରା ଉପରେ ସଂସଦ ସ୍ପଷ୍ଟୀକରଣ ମାଗିଥାଏ । ସାଧାରଣତଃ ସଂସଦ ଦୈନିକ ପ୍ରାୟ ୬ ଘଣ୍ଟା କାର୍ଯ୍ୟ କରିଥାଏ। ଆବଶ୍ୟକସ୍ଥଳେ, କେତେକ ବିଶେଷ କ୍ଷେତ୍ରରେ କିମ୍ବା ଜରୁରୀ ଆଲୋଚନାର ପୂର୍ଣ୍ଣତା ନିମନ୍ତେ ଦୈନିକ କାର୍ଯ୍ୟ ସୀମା ବୃଦ୍ଧି କରାଯାଇପାରେ। ରାଜ୍ୟ ବିଧାନସଭା ଗୁଡ଼ିକ ମଧ୍ୟ ସମାନ ଧାରଣରେ କାର୍ଯ୍ୟ କରିଥାନ୍ତି।



## ଆସ ଅନୁସନ୍ଧାନ କରିବା

→ ନିମ୍ନ ସାରଣୀରେ ଦିଆଯାଇଥିବା ତଥ୍ୟ ଅନୁଶୀଳନ କର। ସଂସଦର ଅତିରିକ୍ତ ସମୟ କାର୍ଯ୍ୟ ନିର୍ଘଣ୍ଟ ସମ୍ବନ୍ଧରେ ତୁମେ କେଉଁ ନିଷ୍କର୍ଷରେ ପହଞ୍ଚିବ ? ନିକଟ ଅତୀତର କେତେକ ତଥ୍ୟ ସଂକଳନ କର।

| ଲୋକସଭାର ସମୟ ସୀମା | ଅଧିବେଶନ ସଂଖ୍ୟା | ବୈଠକ ସଂଖ୍ୟା |
|---|---|---|
| ପ୍ରଥମ ଲୋକସଭା (୧୯୫୨ – ୧୯୫୭) | ୧୪ | ୬୭୭ |
| ଦ୍ୱିତୀୟ ଲୋକସଭା (୧୯୫୭ – ୧୯୬୨) | ୧୬ | ୫୬୭ |
| ଦଶମ ଲୋକସଭା (୧୯୯୧–୧୯୯୬) | ୧୬ | ୪୨୩ |
| ତ୍ରୟୋଦଶ ଲୋକସଭା (୧୯୯୯ –୨୦୦୪) | ୧୪ | ୩୫୬ |

→ ରାଜ୍ୟସଭାର ପୂର୍ବତନ ଅଧ୍ୟକ୍ଷ ଏମ୍.ଭେଙ୍କୟା ନାଇଡୁ ୨୦୨୧ ମସିହାରେ ଦେଇଥିବା ନିମ୍ନ ବକ୍ତବ୍ୟଟି ପାଠ କର: "...୨୦୦୪ ମସିହା ଠାରୁ ୨୦୧୪ ମସିହା ମଧ୍ୟରେ ରାଜ୍ୟସଭାର ଉତ୍ପାଦିକତା ପାଖାପାଖି ୭୮ ପ୍ରତିଶତ ଥିଲା ଏବଂ ତାହା ପରଠାରୁ ହ୍ରାସ ପାଇ ଏହା ଏବେ ୬୫ ପ୍ରତିଶତରେ ପହଞ୍ଚିଲାଣି। (ସେ ସଭାପତିତ୍ୱ କରିଥିବା) ୧୧ଟି ଅଧିବେଶନ ମଧ୍ୟରୁ ୪ଟି ନିମ୍ନ ଉତ୍ପାଦିକତା ୬.୮୦ ପ୍ରତିଶତ, ୨୭.୩୦ ପ୍ରତିଶତ, ୨୮.୯୦ ପ୍ରତିଶତ ଏବଂ ୨୯.୫୫ ପ୍ରତିଶତ ବିଶିଷ୍ଟ ଥିଲା। ୨୦୧୮ ମସିହାରେ ରାଜ୍ୟସଭା ସର୍ବନିମ୍ନ ଉତ୍ପାଦିକତା – ୩୫.୭୫ ପ୍ରତିଶତ ରହିଥିଲା ଯାହା ବିଭିନ୍ନ ବ୍ୟାଘାତ ଦ୍ୱାରା ପ୍ରଭାବିତ।" ଏହି ବକ୍ତବ୍ୟରୁ ତୁମେ କେଉଁ ନିଷ୍ପତ୍ତିରେ ପହଞ୍ଚିଲ ? ଏହାଦ୍ୱାରା ରାଜ୍ୟସଭାର ସମ୍ଭାବ୍ୟ ଭୂମିକା ଉପରେ କି ପ୍ରଭାବ ପଡୁଛି ?)



https://withteachers.in/

ସଂସଦ ଏବଂ ରାଜ୍ୟ ବିଧାନସଭା ଗୁଡ଼ିକ ଜନସ୍ୱାର୍ଥରେ ପ୍ରଣିତ ଆଇନ ନିମନ୍ତେ ତର୍କ ଓ ଆଲୋଚନାର ଏକ ପ୍ରକୃଷ୍ଟ ସ୍ଥାନ ବୋଲି କଳ୍ପନା କରାଯାଇଥିଲା । ମାତ୍ର ଯେତେବେଳେ ତର୍କରେ ବ୍ୟାଘାତ ସୃଷ୍ଟି ହୁଏ, ଅଧିବେଶନକୁ ସଙ୍କୁଚିତ କରାଯାଏ ଏବଂ କେତେକ ବିଧେୟକ ଆଲୋଚିତ ଓ ଗୃହୀତ ହେବାପାଇଁ ବର୍ଷ ବର୍ଷ ଲାଗେ, ସେତେବେଳେ ଏହା ଏକ ଚିନ୍ତାଜନକ ବିଷୟ ହୋଇପଡ଼େ ।

## ଆସ ଅନୁସନ୍ଧାନ କରିବା



→ ମିଳିମିଶି ଏକ କ୍ଷୁଦ୍ର ପ୍ରକଳ୍ପ ନିଅ । ତୁମ ରାଜ୍ୟ ବ୍ୟବସ୍ଥାପିକାର କାର୍ଯ୍ୟକାରିତା ସମ୍ପର୍କିତ ତଥ୍ୟ ଏକାଠି କର ।

→ କୌଣସି ବିଧାୟକଙ୍କୁ ଦେଖାକର ଏବଂ ବିଧାନସଭାର ଆହ୍ୱାନ ସମ୍ପର୍କିତ ସୂଚନାଗୁଡ଼ିକ ତାଙ୍କଠାରୁ ସଂଗ୍ରହ କର ।

ସମାଜର କେତେକ ବର୍ଗର ଲୋକ ଚିନ୍ତା ପ୍ରକଟ କରୁଛନ୍ତି ଯେ, ସେମାନଙ୍କ ପ୍ରତିନିଧିମାନଙ୍କ ଏକ ପ୍ରମୁଖ ଭାଗ ବିଭିନ୍ନ ଅପରାଧିକ ମାମଲାରେ ଅଭିଯୁକ୍ତ । ଏହାଛଡ଼ା ଅନେକ ଅଧିବେଶନରେ ସାଂସଦଙ୍କ ଉଗ୍ର ଏବଂ ପକ୍ଷପାତୀ ବିତର୍କ ଯୋଗୁଁ ସାଧାରଣ ଜନତାଙ୍କୁ ପ୍ରଭାବିତ କରୁଥିବା ବିଷୟଗୁଡ଼ିକର ସମାଧାନ ହୋଇପାରୁ ନାହିଁ ।

ମତଦାତାଙ୍କ ଆବଶ୍ୟକତାଗୁଡ଼ିକୁ ପହଞ୍ଚାଇବାରେ ଗଣମାଧ୍ୟମ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସବୁ ସୁସ୍ଥ ଗଣତନ୍ତ୍ର ଗ୍ରହଣ କରୁଥିବା କେତେକ ସାଧାରଣ ରୀତିନୀତି ମଜାଳିଆ ଢଙ୍ଗରେ ନିମ୍ନ ବ୍ୟଙ୍ଗ ଚିତ୍ରଗୁଡ଼ିକ ପ୍ରତିପାଦନ କରୁଛି ।




ଚିତ୍ର : ୬.୧୩ (କ) ମୌସୁମୀ ଅଧିବେଶନ : ଘଡ଼ଘଡ଼ି, ବିଜୁଳି, ଝଡ଼ ଆଶା କର : ଏହା ମୌସୁମୀ ଅଧିବେଶନ




ଚିତ୍ର ୬.୧୩ (ଖ)
ପ୍ରାର୍ଥୀଙ୍କ ଅପରାଧିକ ତଥ୍ୟ




https://withteachers.in/

ତଥାପି, ଯେତେବେଳେ ନାଗରିକମାନେ ଅଧିକ ସୂଚନା ସହିତ ଯୋଡ଼ି ହୋଇ ରହନ୍ତି, ସେତେବେଳେ ଗଣତନ୍ତ୍ର ଶକ୍ତିଶାଳୀ ହୋଇଥାଏ । ବିଭିନ୍ନ ପ୍ରଶ୍ନ, ମତାମତର ଆଦାନ ପ୍ରଦାନ ଏବଂ ସାଧାରଣ ଆଲୋଚନାରେ ଭାଗ ନେଇ ଜନସାଧାରଣ ଭଲ ନୀତି ଗ୍ରହଣରେ ସହାୟତା କରିଥାନ୍ତି। ତେଣୁ ନାଗରିକମାନେ ଅଧିକ ମାତ୍ରାରେ ସାମାଜିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମ୍ବନ୍ଧୀୟ ସୂଚନା ରଖିବା, ନୀତି ନିର୍ଦ୍ଧାରଣ ସମୟରେ ବିଭିନ୍ନ ସରକାରୀ ବିଭାଗର 'ଡିଜିଟାଲ ସ୍ପେସ୍'ରେ କିମ୍ବା ସର୍ବସାଧାରଣ ବିତର୍କରେ ଅଂଶଗ୍ରହଣ କରିବା ଏବଂ ରାଜନୈତିକ ପ୍ରତିନିଧିଙ୍କ ସହିତ ନୀତି ସମ୍ବଳିତ କାର୍ଯ୍ୟରେ ଗଠନମୂଳକ ଯୋଗଦାନ କରିବା ହିଁ ଭାରତ ସାମନା କରୁଥିବା ବିଭିନ୍ନ ଆହ୍ୱାନ ସମାଧାନର ସର୍ବୋତ୍ତମ ଉପାୟ ।

ଅନେକ ଯୁବ ନେତା ତଥା ଭିନ୍ନ ଭିନ୍ନ ମତ ସାଧାରଣ ଜନଜୀବନରେ ପ୍ରବେଶ କରୁଅଛି ଏବଂ ବୈଷୟିକ ଜ୍ଞାନକୌଶଳ ଶାସନ ସହ ଶାସିତଙ୍କୁ ଯୋଡ଼ିବା ସହଜ କରି ଦେଉଛି। ଭବିଷ୍ୟତର ମତଦାତା ରୂପେ, ତୁମର ପସନ୍ଦ ଏବଂ ଅଂଶଗ୍ରହଣ ଆମ ସଂସଦ ଏବଂ ତୁମେ ବସବାସ କରୁଥିବା ରାଜ୍ୟ ବିଧାନସଭାର ଗୁରୁତ୍ୱ ବଢ଼ାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ ଏବଂ ସବୁଲୋକଙ୍କୁ ବାସ୍ତବ ସେବା ସୁନିଶ୍ଚିତ କରିବ।

## ମନେରଖ



ଚିତ୍ର : ୬.୧୪ ଅଟଳ ବିହାରୀ ବାଜପେୟୀ

- → ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଲୋକସଭାରେ ଏକ ବକ୍ତବ୍ୟ ସମୟରେ କହିଥିଲେ: "ସରକାର ଆସିବେ ଓ ଯିବେ, ରାଜନୈତିକ ଦଳ ଗଢ଼ା ହେବେ, ନଷ୍ଟ ମଧ୍ୟ ହେବେ। କିନ୍ତୁ ଆମ ଦେଶ ରହିବା ଉଚିତ, ଏ ଦେଶର ଲୋକତନ୍ତ୍ର ଅମର ରହିବା ଉଚିତ।"
- → ଗଣତନ୍ତ୍ରରେ ଆମ ସଂସଦ ଏବଂ ନେତାଙ୍କ ଭୂମିକା ସମ୍ବନ୍ଧରେ ଏହା କେଉଁ ବାର୍ତ୍ତା ଦେଉଛି ବୋଲି ତୁମେ ଭାବୁଛ ? ରାଜନୈତିକ କ୍ଷମତା ପରିବର୍ତ୍ତନ ସତ୍ତ୍ୱେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁରକ୍ଷିତ ରଖିବା କାହିଁକି ଗୁରୁତ୍ୱପୂର୍ଣ୍ଣ ?



https://withteachers.in/

## ଆମେ କ'ଣ ଶିଖିଲେ...



→ କ୍ଷମତାର ବଣ୍ଟନ, ତର୍କଭିତ୍ତିକ ନିଷ୍ପତ୍ତି ଓ ନେତାମାନେ ଉତ୍ତରଦାୟୀ ରହିବା ଭାରତୀୟ ସଂସଦୀୟ ବ୍ୟବସ୍ଥା ସୁନିଶ୍ଚିତ କରେ ।

→ ବ୍ୟବସ୍ଥାପିକା ଆଇନ ପ୍ରଣୟନ କରେ, କାର୍ଯ୍ୟପାଳିକା ସେଗୁଡ଼ିକୁ କାର୍ଯ୍ୟକାରୀ କରେ ଏବଂ ସେମାନେ ସମ୍ବିଧାନ ଅନୁପାଳନ କରୁଛନ୍ତି ବୋଲି ନ୍ୟାୟପାଳିକା ସୁନିଶ୍ଚିତ କରେ ।

→ ସଂସଦ ଲୋକଙ୍କ ମତକୁ ପ୍ରତିନିଧିତ୍ୱ କରେ ଏବଂ ଆମ ଗଣତନ୍ତ୍ର ସଂଘୀୟ ଭାବନା ପ୍ରତିଫଳନ କରେ ।

→ ପ୍ରତିନିଧିତ୍ୱ, ଦାୟିତ୍ୱ ଓ ସମନ୍ୱୟ ମଧ୍ୟରେ ସନ୍ତୁଳନ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ସଂସ୍ଥାମାନ ଗଢ଼ାଯାଇଛି ।

→ ସଂସ୍ଥାଗତ ନିୟନ୍ତ୍ରଣ ଓ ସନ୍ତୁଳନ, ନାଗରିକ ଅଧିକାର ସୁରକ୍ଷା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ରକ୍ଷା କରିବାରେ ସହାୟତା କରେ ।

→ ଦେଶର ଉନ୍ନତି ଅବ୍ୟାହତ ରଖିବାପାଇଁ ସଂସଦର କାର୍ଯ୍ୟାବଳୀ ଅଧିକ ଦକ୍ଷ ଓ ଫଳପ୍ରସୂ ହେବା ଆବଶ୍ୟକ ।

## ପ୍ରଶ୍ନ ଓ ଅଭ୍ୟାସ କାର୍ଯ୍ୟ

୧. ସଂସଦର ଉଭୟ ସଦନରେ ତୁମ ରାଜ୍ୟରୁ କେତେଜଣ ପ୍ରତିନିଧି ସ୍ଥାନ ପାଇଛନ୍ତି ?

୨. ଭାରତର ସଂସଦ "ଲୋକଙ୍କ ମତ"କୁ କିପରି ଦର୍ଶାଏ ? ଭିନ୍ନ ଭିନ୍ନ ମତ ଉପସ୍ଥାପନା ବୋଲି ଏହା କିପରି ସୁନିଶ୍ଚିତ କରେ ?

୩. ସମ୍ବିଧାନ କାର୍ଯ୍ୟପାଳିକାକୁ ବ୍ୟବସ୍ଥାପିକା ନିକଟରେ ଉତ୍ତରଦାୟୀ କରିଛି ବୋଲି ତୁମେ କାହିଁକି ଭାବୁଛ ?

୪. ଆମେ କେନ୍ଦ୍ର ସ୍ତରରେ ଦ୍ୱିସଦନୀୟ ବ୍ୟବସ୍ଥାପିକା କାହିଁକି ଗ୍ରହଣ କରିଛେ ?

୫. ସଂସଦରେ ନିକଟରେ ଗୃହୀତ ହୋଇଥିବା ଏକ ବିଧେୟକ କେଉଁ କେଉଁ ପଥ ଅତିକ୍ରମ କଲା ଅନୁଧ୍ୟାନ କର । ଏହା କେଉଁ ସଦନରେ ଉପସ୍ଥାପିତ ହେଲା ଚିହ୍ନଟ କର । ଏଥିରେ କିଛି ପ୍ରମୁଖ ବିତର୍କ କିମ୍ବା ମତ ପାର୍ଥକ୍ୟ ଲକ୍ଷ୍ୟ କଲ କି ? ବିଧେୟକଟି ଆଇନ ହେବା ପାଇଁ କେତେ ଦିନ ଲାଗିଲା ? ସମ୍ବାଦପତ୍ର, ଅଭିଲେଖାଗାର, ସରକାରୀ ୱେବସାଇଟ୍ ଏବଂ ଲୋକସଭା ବିତର୍କ ଉପଯୋଗ କର କିମ୍ବା ତୁମ ଶିକ୍ଷକଙ୍କ ସହାୟତା ନିଅ ।



https://withteachers.in/

୬. ନିକଟରେ ସଂସଦଦ୍ୱାରା ଗୃହୀତ ଏକ ଆଇନ ବାଛିନିଅ । ତୁମେମାନେ ଭିନ୍ନ ଭିନ୍ନ ଦଳ ଗଢ଼ି ଏହି ପ୍ରକ୍ରିୟାର ବିଭିନ୍ନ ଭାଗର ଅଭିନୟ କର – ବିତର୍କରତ ଲୋକସଭା ଏବଂ ରାଜ୍ୟସଭା ସାଂସଦ, ଉତ୍ତରଦେଉଥିବା ମନ୍ତ୍ରୀ ଏବଂ ସ୍ୱୀକୃତି ଦେଉଥିବା ରାଷ୍ଟ୍ରପତି । ବିଧେୟକ କିପରି ଆଇନରେ ପରିଣତ ହୁଏ ଦର୍ଶାଇବା ପାଇଁ ଏକ ଲଘୁ ନାଟକ ଉପସ୍ଥାପନ ମାଧ୍ୟମରେ ଏକ 'ଆଦର୍ଶ ସଂସଦ' ପରିବେଷଣ କର ।

୭. ପ୍ରବଳ ସମର୍ଥନରେ ମହିଳା ସଂରକ୍ଷଣ ବିଧେୟକ, ୨୦୨୩ ଗୃହୀତ ହେଲା । ଅନେକ ବର୍ଷ ଧରି ଆଲୋଚନା ହୋଇଥିଲେ ମଧ୍ୟ ଏହା ଗୃହୀତ ହେବାକୁ ୨୫ ବର୍ଷରୁ ଅଧିକ ସମୟ ନେବାର କାରଣ କ'ଣ ହୋଇପାରେ ?

୮. ବେଳେବେଳେ ସଂସଦୀୟ କାର୍ଯ୍ୟକଳାପରେ ବ୍ୟାଘାତ ଯୋଗୁଁ ଏହା ଧାର୍ଯ୍ୟ ଦିନ ପର୍ଯ୍ୟନ୍ତ କାର୍ଯ୍ୟ କରିପାରେ ନାହିଁ । ଆଇନର ଗୁଣବତ୍ତା ଏବଂ ଲୋକମାନେ ସେମାନଙ୍କ ପ୍ରତିନିଧିଙ୍କ ଉପରେ ରଖିଥିବା ଆସ୍ଥା ଏହାଦ୍ୱାରା କିପରି ପ୍ରଭାବିତ ହୋଇଥାଏ ବୋଲି ତୁମେ ଭାବୁଛ ?

୯. ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ ଗଠନ କରି ତୁମେ ତୁମ ସାଂସଦ କିମ୍ବା ବିଧାୟକଙ୍କୁ ପଚାରିବା ନିମନ୍ତେ କେତେକ ପ୍ରଶ୍ନର ତାଲିକା ପ୍ରସ୍ତୁତ କରିପାରିବ କି ? ଏହି ପ୍ରଶ୍ନ ସାଂସଦ କିମ୍ବା ବିଧାୟକଙ୍କ କ୍ଷେତ୍ରରେ କିପରି ଭିନ୍ନଭିନ୍ନ ହୋଇପାରିବ ?

୧୦. ଭାରତୀୟ ଗଣତନ୍ତ୍ରରେ ନ୍ୟାୟପାଳିକା କେଉଁ ଭୂମିକା ତୁଲାଇ ଥାଏ ? ଏକ ସ୍ୱାଧୀନ ନ୍ୟାୟପାଳିକା ନଥିଲେ ଆମ ପାଇଁ କ'ଣ ଅସୁବିଧା ହୋଇଥାନ୍ତା ?



https://withteachers.in/

ଅଧ୍ୟାୟ ୭

# ଉତ୍ପାଦନର କାରକ

ଭୂମି, ଶ୍ରମ ଓ ପୁଞ୍ଜିର ଅଧିକ କୁଶଳ ବ୍ୟବହାର ଦ୍ୱାରା ହିଁ ଭାରତ ପରି ଏକ ଦେଶରେ ଅଭିବୃଦ୍ଧି ଓ ଉତ୍ପାଦିକତାର ସର୍ବୋତ୍ତମ ଅବଦାନ ସମ୍ଭବ, ସୁତରାଂ ଏହି କାରକଗୁଡ଼ିକୁ ଅଧିକ କୁଶଳତାର ସହ ବ୍ୟବହାର କରାଯିବା ଉଚିତ୍ ।

**ବିବେକ ଦେବରାୟ,**
ଅଧ୍ୟକ୍ଷ, ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ
(୨୦୧୭-୨୦୨୪)



ଚିତ୍ର ୭.୧

## ଆସ ଚିନ୍ତା କରିବା ?

୧. ଉତ୍ପାଦନର କାରକ ଗୁଡ଼ିକ କ'ଣ ?
୨. ସେହି କାରକଗୁଡ଼ିକ କିପରି ପରସ୍ପର ସହ ସମ୍ପର୍କିତ ?
୩. ଉତ୍ପାଦନରେ ମାନବ ପୁଞ୍ଜିର ଭୂମିକା କ'ଣ ଏବଂ ଏହାର ପ୍ରବର୍ଦ୍ଧକ ଗୁଡ଼ିକ କ'ଣ ?

https://withteachers.in/



ଚିତ୍ର ୭.୨– କିଛି ସାମଗ୍ରୀ ଉତ୍ପାଦନ ଉପରେ ଏକ ଦୃଷ୍ଟିପାତ।

## ଉପକ୍ରମ

ତୁମେ ବ୍ୟବହାର କରୁଥିବା ପୋଷାକ, ଜୋତା, ସ୍କୁଲ୍ ବ୍ୟାଗ, ଘର ଆସବାବପତ୍ର, ଫୋନ, କମ୍ପ୍ୟୁଟର ଆଦି କିପରି ତିଆରି ହୁଏ, ଏ ବିଷୟରେ କେବେ ଚିନ୍ତା କରିଛ କି ? ତୁମ ଚାରିପାଖରେ ଥିବା ପ୍ରତ୍ୟେକ ଉତ୍ପାଦ ଏକ ଉତ୍ପାଦନ ପ୍ରକ୍ରିୟାରେ ଗତିକରି ଶେଷରେ ତୁମ ପାଖରେ ପହଞ୍ଚିଥାଏ। ଉତ୍ପାଦନ ପ୍ରକ୍ରିୟାରେ ଚୂଡ଼ାନ୍ତ ଉତ୍ପାଦ ପାଇଁ ଅନେକ ସମ୍ବଳ ବା ସାଧନ ଆବଶ୍ୟକ ପଡ଼ିଥାଏ। ଦ୍ରବ୍ୟ ଓ ସେବା ଉତ୍ପାଦନରେ ବ୍ୟବହୃତ ସମ୍ବଳ ବା ସାଧନଗୁଡ଼ିକୁ ଉତ୍ପାଦନର କାରକ (Factors of Production) ବୋଲି କୁହାଯାଏ।

**ବ୍ୟବସାୟ (Business) :** ଏକ ପ୍ରତିଷ୍ଠାନ, ଏକ ଦୋକାନ, ଏକ କାରଖାନା ଇତ୍ୟାଦି ଯାହା ସାମଗ୍ରୀ/ଦ୍ରବ୍ୟ ଉତ୍ପାଦନ କିମ୍ବା ବିକ୍ରୟ କରିବା ସହିତ ସେବା ପ୍ରଦାନ କରିଥାଏ।

ସହର ଉପକଣ୍ଠରେ 'ଆମ ରୋଷେଇଘର' ନାମକ ଏକ ଛୋଟ ଭୋଜନାଳୟ (restaurant) ଚଳାଉଥିବା ଶ୍ୟାମା ବିଷୟରେ ଆସ ଜାଣିବା। ସ୍ୱାଦିଷ୍ଟ ଓ ଉଚ୍ଚମାନର ଖାଦ୍ୟ ପାଇଁ ରାଜପଥ ଯାତ୍ରୀଙ୍କ ମଧ୍ୟରେ ଏହି ଭୋଜନାଳୟ ଅତ୍ୟନ୍ତ ଲୋକପ୍ରିୟ। 'ଆମ ରୋଷେଇଘର' ଭୋଜନାଳୟ ପରିଚାଳନାରେ ଶ୍ୟାମାକୁ ୭ ଜଣ କର୍ମଚାରୀ ସହାୟତା କରନ୍ତି। ଯେତେବେଳେ ସେ ପାଞ୍ଚ ବର୍ଷ ପୂର୍ବେ ଏହାକୁ ଆରମ୍ଭ କରିଥିଲେ, ସେତେବେଳେ ତାଙ୍କୁ ସ୍ଥାନ ବାଛିବା, ଭଡ଼ା ଏବଂ ଉପକରଣ ପାଇଁ ଅର୍ଥ ଯୋଗାଡ଼ କରିବା, କର୍ମଚାରୀ ନିଯୁକ୍ତି କରିବା, ଆବଶ୍ୟକ ସାମଗ୍ରୀ କିଣିବା ଓ ସର୍ବୋପରି ନିଜର ସ୍ୱପ୍ନକୁ ସାକାର କରିବାପାଇଁ ଯୋଜନା କରିବା ଜରୁରୀ ଥିଲା।

ବ୍ୟବସାୟ ଗୁଡ଼ିକ ଦ୍ରବ୍ୟ ଓ ସେବା ସୃଷ୍ଟି କରିବାପାଇଁ ବିଭିନ୍ନ ସାଧନ କିମ୍ବା ଉତ୍ପାଦନର କାରକଗୁଡ଼ିକୁ ଏକାଠି କରନ୍ତି। ଏହା ଲୋକଙ୍କୁ ଆର୍ଥିକ କାର୍ଯ୍ୟକଳାପରେ ନିୟୋଜିତ ହେବାର ସୁଯୋଗ ପ୍ରଦାନ କରିଥାଏ।



https://withteachers.in/

## ଆସ ଅନୁସନ୍ଧାନ କରିବା



→ ଗୋଟିଏ କ୍ଷୁଦ୍ର ଦଳ ଗଠନ କରି ତୁମ ଅଞ୍ଚଳର ଅର୍ଥନୈତିକ କାର୍ଯ୍ୟାବଳୀଗୁଡ଼ିକୁ ଅଧ୍ୟୟନ କର । କେଉଁ ପ୍ରକାର ଦ୍ରବ୍ୟ ଓ ସେବା ଏଠାରେ ପ୍ରସ୍ତୁତ ହେଉଛି ବା ଯୋଗାଇ ଦିଆଯାଉଛି ?

→ ଏଠାରେ ଲତା, ଆଶା, ମୋହନ ଓ ରୁଦ୍ର ମିଶି ଏକ କ୍ଷୁଦ୍ର ତାଲିକା ପ୍ରସ୍ତୁତ କରିଛନ୍ତି । ତୁମେ ଏହିପରି ଏକ ଦୋକାନ ପାଇଁ ନିଜ ପସନ୍ଦର ତାଲିକାଟିଏ ପ୍ରସ୍ତୁତ କର ।

| ଦୋକାନର ପ୍ରକାର | ଅଞ୍ଚଳରେ ସଂଖ୍ୟା | ଉପଲବ୍ଧ ଉତ୍ପାଦିତ ଦ୍ରବ୍ୟ କିମ୍ବା ସେବା ପ୍ରଦାନ | ଆବଶ୍ୟକ ବିଭିନ୍ନ ସାଧନ |
|---|---|---|---|
| କିରାଣୀ/ଡେଜରାତି ଦୋକାନ | ୧୩ | ଡାଲିଚାଉଳ, ତେଲ ଲୁଣ, ମସଲା ପାଉଁରୁଟି ଇତ୍ୟାଦି | ପ୍ୟାକେଟ ଦ୍ରବ୍ୟ (packaged goods), ଶିଘ୍ର ନଷ୍ଟ ହୋଇଯାଉଥିବା ଦ୍ରବ୍ୟ, ସଂରକ୍ଷଣ ସ୍ଥାନ ଇତ୍ୟାଦି |
| ଭୋଜନାଳୟ/ ଖାଦ୍ୟ ଷ୍ଟଲ୍ | ୮ | ରନ୍ଧନ ଖାଦ୍ୟ, ଜଳଖିଆ, ପାନୀୟ | ସାମଗ୍ରୀ (raw ingredients), ଯଥା– ଡାଲି, ଚାଉଳ, ତେଲ, କଞ୍ଚା ପନିପରିବା ଓ ଫଳ, ଗ୍ୟାସ (gas), ବାସନକୁସନ, ରୋଷେୟା/ସହାୟତାକାରୀ ଇତ୍ୟାଦି |
| ପରିବା ବେପାର | ୧୫ | ତାଜା ପନିପରିବା ଓ ଫଳ | ତାଜା ପନିପରିବା, ଟୋକେଇ, ନିକିତି ବା ତରାଜୁ, ଠେଲାଗାଡ଼ି ବା ଷ୍ଟଲ୍ ଇତ୍ୟାଦି |
| ମୋବାଇଲ୍ ମରାମତି ଦୋକାନ | ୪ | ମୋବାଇଲ ମରାମତି ପାଇଁ ଦରକାରୀ ଉପକରଣ | ଯନ୍ତ୍ରପାତି (Tools), ଯନ୍ତ୍ରାଂଶ (spareparts) ମୋବାଇଲର ଗଠନ ଓ କାର୍ଯ୍ୟ ସମ୍ପର୍କରେ ଜ୍ଞାନ ଓ ଦକ୍ଷତା ଇତ୍ୟାଦି |
| ସେଲୁନ୍ ଓ ପାରଲର୍ | ୩ | କେଶ କାଟିବା, ସଜବାଜ, ସୌନ୍ଦର୍ଯ୍ୟ ସେବା | କଇଁଚି, ମଲମ (creams) ସୌନ୍ଦର୍ଯ୍ୟ ଉତ୍ପାଦ, ଜଳ, ବିଦ୍ୟୁତ୍ ଇତ୍ୟାଦି |

ତୁମ ଦଳର ତଥ୍ୟ (Report)କୁ ଅନୁଧ୍ୟାନ କରି, ନିମ୍ନୋକ୍ତ ବିଷୟରେ ଚିନ୍ତା କର ।

→ ଲୋକମାନେ ସେମାନଙ୍କ ବ୍ୟବସାୟ ପାଇଁ ଆବଶ୍ୟକ ଅର୍ଥ କେଉଁଠାରୁ ପାଆନ୍ତି ?

→ କେଶ ସଜ୍ଜାକାରୀ କେଉଁଠାରୁ ତାଲିମ ପାଇଛନ୍ତି ?

→ ଖାଦ୍ୟ ବିକ୍ରେତାମାନଙ୍କୁ ରୋଷେଇ କରିବା କିଏ ଶିଖାଇଲା ?

→ ବ୍ୟବସାୟୀମାନେ ସେମାନଙ୍କର ବ୍ୟବସାୟ ଆରମ୍ଭ କରିବାକୁ କେଉଁଠୁ ପ୍ରେରଣା ପାଇଥିଲେ ?




https://withteachers.in/

ଅର୍ଥଶାସ୍ତ୍ରରେ, ଉତ୍ପାଦନ ପ୍ରକ୍ରିୟାରେ ବ୍ୟବହୃତ ସାଧନ କିମ୍ବା ଉତ୍ପାଦନର କାରକଗୁଡ଼ିକୁ ଚାରି ପ୍ରକାରରେ ବିଭକ୍ତ କରାଯାଉଛି– ଯଥା: ଭୂମି, ଶ୍ରମ, ପୁଞ୍ଜି ଏବଂ ଉଦ୍ୟୋଗିକୀ। ପ୍ରଯୁକ୍ତିବିଦ୍ୟା ଏକ ସହାୟକ ଏବଂ ଗୁରୁତ୍ୱପୂର୍ଣ୍ଣ କାରକ ଭାବେ ବ୍ୟବସାୟଗୁଡ଼ିକୁ ସମାନ କିମ୍ବା କମ୍ ସାଧନ ସହିତ ଅଧିକ ସାମଗ୍ରୀ ଉତ୍ପାଦନ କରିବାକୁ ସକ୍ଷମ କରିଥାଏ। ଆସ, ପରବର୍ତ୍ତୀ ପାଠରେ ଏହି ସାଧନଗୁଡ଼ିକ ବିଷୟରେ ଅଧିକ ଜାଣିବା।

## ଉତ୍ପାଦନର କାରକ

### ଭୂମି (ପ୍ରାକୃତିକ ସମ୍ବଳ)

ଅର୍ଥଶାସ୍ତ୍ରରେ 'ଭୂମି' ଶବ୍ଦଟି କେବଳ ପୃଥିବୀଗତ ଜମିକୁ ବୁଝାଏ ନାହିଁ, ବରଂ ଏହା ମୃତ୍ତିକା, ଜଙ୍ଗଲ, ଜଳ, ବାୟୁ, ସୂର୍ଯ୍ୟକିରଣ, ଖଣିଜ ପଦାର୍ଥ, ତୈଳ ଏବଂ ପ୍ରାକୃତିକ ଗ୍ୟାସ ଭଳି ପ୍ରାକୃତିକ ସମ୍ବଳକୁ ଅନ୍ତର୍ଭୁକ୍ତ କରିଥାଏ। ପ୍ରାକୃତିକ ସମ୍ବଳ ଏବଂ ଏହାର ବ୍ୟବହାର ଉପରେ ଆଧାରିତ ଅଧ୍ୟାୟଟିକୁ ମନେ ପକାଅ। ଏଥିରେ ପ୍ରକୃତି ଆମକୁ ଉପହାର ଦେଇଥିବା ବିଭିନ୍ନ ପ୍ରକାର ସମ୍ବଳ ଏବଂ ଆମେ ସେଗୁଡ଼ିକୁ କିପରି ବ୍ୟବହାର କରୁ ତାହା ଆଲୋଚନା କରାଯାଇଥିଲା। ସାଧାରଣତଃ ବ୍ୟବସାୟ ପାଇଁ ଆବଶ୍ୟକୀୟ ଜମି କ୍ରୟ କରାଯାଇଥାଏ ବା ଏହାକୁ ବ୍ୟବହାର ପାଇଁ ଭଡ଼ା ସୂତ୍ରରେ ଆଣି ସମୟାନୁସାରେ ଦେୟ ଦେବାକୁ ପଡ଼ିଥାଏ।



**ଆସ ଅନୁସନ୍ଧାନ କରିବା**

ତୁମେ ପ୍ରସ୍ତୁତ କରିଥିବା ତଥ୍ୟ (Report) ଭିତ୍ତିକ ସାରଣୀକୁ ଅନୁଧ୍ୟାନ କର। ସାରଣୀରେ ଥିବା କେଉଁ ଜିନିଷଗୁଡ଼ିକ 'ଭୂମି' ଭାବରେ ଗ୍ରହଣ କରାଯାଇପାରିବ ?

### ଶ୍ରମ (ମାନବ ସମ୍ବଳ)

ଉତ୍ପାଦନପାଇଁ ଶ୍ରମ ଅତ୍ୟାବଶ୍ୟକ। ଏଥିରେ ଶାରୀରିକ ଓ ମାନସିକ ପ୍ରୟାସ ଅନ୍ତର୍ଭୁକ୍ତ। ବଢ଼େଇ, କୃଷକ, ନିର୍ମାଣ ଶ୍ରମିକ, ଶିକ୍ଷକ ଏବଂ ଡାକ୍ତର ବିଭିନ୍ନ ସ୍ତରରେ ନିଜ ନିଜର ଶାରୀରିକ ଶକ୍ତି, ଜ୍ଞାନ ଓ ଦକ୍ଷତା ବ୍ୟବହାର କରିଥାନ୍ତି। ସମସ୍ତେ ସେମାନଙ୍କ ଅବଦାନ ମାଧ୍ୟମରେ ସମାଜର ଆବଶ୍ୟକତା ପାଇଁ ଦ୍ରବ୍ୟ ଏବଂ ସେବା ସୃଷ୍ଟି କରିବାରେ ସାହାଯ୍ୟ କରିଥା'ନ୍ତି।

**ଦକ୍ଷତା (Skill) :** ଅଭ୍ୟାସ ଓ ତାଲିମ ଦ୍ୱାରା କୌଣସି କାର୍ଯ୍ୟକଳାପ ଭଲଭାବରେ କରିବାର କ୍ଷମତା।

### ମାନବ ହିଁ ସମ୍ବଳ

ମନୁଷ୍ୟ ନିଜର ଜ୍ଞାନ, ଦକ୍ଷତା ଓ ନିଷ୍ପତ୍ତି ନେବାର କ୍ଷମତା ପ୍ରୟୋଗଦ୍ୱାରା ଅର୍ଥନୈତିକ କାର୍ଯ୍ୟକଳାପ ଏବଂ ଉତ୍ପାଦନ ପ୍ରକ୍ରିୟାରେ ଦ୍ରବ୍ୟ, ସେବା ସୃଷ୍ଟିରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଉଦାହରଣ ସ୍ୱରୂପ, ଜଣେ ପୋଲିସ ଅଧିକାରୀ ଆଇନ ଶୃଙ୍ଖଳା ବଜାୟ ରଖନ୍ତି, ବୈଜ୍ଞାନିକ ନୂତନ ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ କରନ୍ତି, ରୋଷେୟା ନୂତନ ଶୈଳୀରେ ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି ଇତ୍ୟାଦି। ଭଲ ପ୍ରଦର୍ଶନ କରିବାପାଇଁ ସମସ୍ତଙ୍କର ବିଶେଷ ଜ୍ଞାନ ଓ ଦକ୍ଷତା ଜରୁରୀ ଏବଂ ନିଶ୍ଚିତ ଭାବରେ, ପ୍ରତ୍ୟେକ ନିଜେ ନିଜର କାର୍ଯ୍ୟ ପ୍ରତି ଉତ୍ସର୍ଗୀକୃତ ହୋଇ ଉତ୍ତମ



https://withteachers.in/




ଚିତ୍ର ୭.୩ ଚା’ ବଗିଚା ଶ୍ରମିକ



ଚିତ୍ର ୭.୪ ରାସାୟନିକ ଯନ୍ତ୍ରୀ (Chemical Engineer)



ଚିତ୍ର ୭.୫ କାଠ ମିସ୍ତ୍ରୀ



ଚିତ୍ର ୭.୬ ସଫ୍ଟୱେୟାର ବିକାଶକର୍ତ୍ତା
(Software developer)

ପ୍ରଦର୍ଶନ କରିବା ଆବଶ୍ୟକ। ‘ଶ୍ରମ’ ଶବ୍ଦଟି ଉତ୍ପାଦନରେ ବ୍ୟବହୃତ ଶାରୀରିକ ଓ ମାନସିକ ପ୍ରୟାସକୁ ବୁଝାଏ। କିନ୍ତୁ ‘ମାନବ ପୁଞ୍ଜି’ କହିଲେ ଶ୍ରମ କରିବାପାଇଁ ଆବଶ୍ୟକୀୟ ବିଶେଷ ଦକ୍ଷତା, ଜ୍ଞାନ, କ୍ଷମତା ଏବଂ ପ୍ରବୀଣତାକୁ ବୁଝାଏ। ତେଣୁ, ମାନବ ପୁଞ୍ଜି କେବଳ ଶ୍ରମର ମୌଳିକ ପ୍ରୟାସ ନୁହେଁ, ବରଂ ଏହା ସେହି ଶ୍ରମର ଗୁଣବତ୍ତା ଓ ଦକ୍ଷତାକୁ ବୁଝାଇଥାଏ।

## ମାନବ ପୁଞ୍ଜିର ସହାୟକ

### ଶିକ୍ଷା ଏବଂ ତାଲିମ

ଶିକ୍ଷା ବ୍ୟକ୍ତିବିଶେଷଙ୍କୁ ଜ୍ଞାନ ହାସଲ କରିବାରେ ସାହାଯ୍ୟ କରେ ଓ ମୌଳିକ ସାକ୍ଷରତା ଠାରୁ ଆରମ୍ଭ କରି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ପର୍ଯ୍ୟନ୍ତ ଏହାର ଭୂମିକା ରହିଛି। ତୁମେ ବିଦ୍ୟାଳୟରେ ଯାହାସବୁ ଶିକ୍ଷା ଲାଭ କର, ତାହା ତୁମର ଜ୍ଞାନକୁ ସମୃଦ୍ଧ କରିବା ସହିତ ତୁମକୁ ବାସ୍ତବ ଦୁନିଆର ସମସ୍ୟା ସମାଧାନ ପାଇଁ ପ୍ରସ୍ତୁତ କରେ।



https://withteachers.in/





ଚିତ୍ର ୭.୭ ଶିକ୍ଷା ଏବଂ ତାଲିମ୍

**ପ୍ରଶିକ୍ଷଣ ବା ତାଲିମ (Training) :**

ନିର୍ଦ୍ଦିଷ୍ଟ କାମ କରିବା ପାଇଁ ଆବଶ୍ୟକୀୟ ଦକ୍ଷତା ହାସଲ କରିବାର ପ୍ରକ୍ରିୟା

**ଜ୍ଞାନାତ୍ମକ (Cognitive) :**

ଏହା ଶିଖିବା, ଜାଣିବା ଏବଂ ବୁଝିବାର ପ୍ରକ୍ରିୟାକୁ ବୁଝାଏ

ଉଦାହରଣ ସ୍ୱରୂପ, ସିଭିଲ ଇଞ୍ଜିନିୟରିଂ (Civil Engineering) ର ଛାତ୍ର ନିର୍ମାଣ କୌଶଳ (Principle of design) ଏବଂ ବିଭିନ୍ନ ସାମଗ୍ରୀ ସମ୍ପର୍କରେ ଶିକ୍ଷା ଲାଭ କରେ ଏବଂ ଏହି ଶିକ୍ଷାକୁ ସେ ରାସ୍ତା ଏବଂ ସେତୁଭଳି ଭିତ୍ତିଭୂମି ନିର୍ମାଣରେ ପ୍ରୟୋଗ କରେ। ସ୍ଥାୟୀ, ସୁଲଭ ଓ ପରିବେଶ ଅନୁକୂଳ ସମାଧାନ ହାସଲ କରିବା ଏକ ଆହ୍ୱାନ। ନିର୍ମାଣ ସ୍ଥଳଗୁଡ଼ିକର ପର୍ଯ୍ୟବେକ୍ଷଣ, ବିଭିନ୍ନ ସାମଗ୍ରୀର ପରୀକ୍ଷଣ, ନିରାପତ୍ତା ଜନିତ ପ୍ରକ୍ରିୟା ଓ ପ୍ରତ୍ୟକ୍ଷ ପ୍ରୟୋଗ ତଥା ଶିକ୍ଷଣ ଆଦିର ତାଲିମ ମାଧ୍ୟମରେ ଏହା ହାସଲ କରିବା ସମ୍ଭବ ହୁଏ। ଶିକ୍ଷା ଓ ତାଲିମ ମାଧ୍ୟମରେ ମନୁଷ୍ୟ ନିଜ ଜୀବନରେ ଉତ୍କର୍ଷତା ଲାଭ କରିଥାଏ।

## ସ୍ୱାସ୍ଥ୍ୟସେବା

ଉତ୍ତମ ସ୍ୱାସ୍ଥ୍ୟ ବୃଦ୍ଧି, ଜ୍ଞାନ ବିକାଶର ମୂଳଦୁଆ। ଏହା ପିଲାମାନଙ୍କୁ ନିୟମିତ ବିଦ୍ୟାଳୟକୁ ଯାଇ ଉନ୍ନତ ଶିକ୍ଷା ଲାଭ କରିବାରେ ସାହାଯ୍ୟ କରେ। ସେହିପରି, ଶ୍ରମିକମାନେ ସ୍ୱାସ୍ଥ୍ୟବାନ ହେଲେ ଶାରୀରିକ ଓ ମାନସିକ ଭାବରେ ସର୍ବୋତ୍ତମ ଅବଦାନ ଦେଇପାରିବେ। ସେମାନେ କମ୍ ସମୟ ମଧ୍ୟରେ ଅଧିକ କାମ କରିପାରିବେ ଓ ସୃଜନଶୀଳ ହୋଇପାରିବେ। ଅସୁସ୍ଥତା ଯୋଗୁଁ ସେମାନଙ୍କୁ କାମରୁ ଦୂରେଇ ରହିବାକୁ ପଡ଼ିବ ନାହିଁ।

### ଏହା ବିଷୟରେ ଚିନ୍ତା କର

ଡାକ୍ତରଖାନା, ପ୍ରାଥମିକ ସ୍ୱାସ୍ଥ୍ୟସେବା କେନ୍ଦ୍ର, ଡାକ୍ତର, ଔଷଧ ଦୋକାନ, ନିଦାନାଗାର (diagnostic labs) ଇତ୍ୟାଦି ଭିତ୍ତିଭୂମି ଓ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ମାନବ ପୁଞ୍ଜି ବିକାଶରେ କିପରି ସହାୟକ ହୋଇଥାଏ ?



https://withteachers.in/

## ସାମାଜିକ ଓ ସାଂସ୍କୃତିକ ପ୍ରଭାବ :

କଠିନ ପରିଶ୍ରମ, ନିରନ୍ତର ଉନ୍ନତି ପାଇଁ ପ୍ରୟାସ, ଭଲ ଭାବରେ କାମ କରିବାପାଇଁ ପ୍ରଚେଷ୍ଟା ଭଳି ସଂସ୍କୃତି ଦେଶମାନଙ୍କର ପ୍ରଗତିରେ ସାହାଯ୍ୟ କରିଛି । କାଇଜେନ (Kaizen) ନାମକ ଏକ ଜାପାନୀ ତତ୍ତ୍ୱ ରହିଛି, ଯାହାର ଅର୍ଥ 'ନିରନ୍ତର ଉନ୍ନତି' । ଏହି ତତ୍ତ୍ୱ ୧୯୪୦ ଦଶକର ମଧ୍ୟଭାଗରୁ ଜାପାନରେ ପ୍ରୟୋଗ ହୋଇଆସୁଛି ଓ ଏହା ଜାପାନୀମାନଙ୍କର ଉଚ୍ଚ ଜୀବନଧାରଣ ମାନ ହାସଲ କରିବାରେ ସାହାଯ୍ୟ କରିଛି । ଅନ୍ୟ ଏକ ଉଦାହରଣରେ, ଆମେ ଇତିହାସରେ ଗଭୀର ଛାପ ପକାଇଥିବା ଜର୍ମାନୀର ପେଶାଗତ ନୀତି (Work ethics) କୁ ନେଇ ପାରିବା । ଜର୍ମାନୀ ନିଜର ଉଚ୍ଚ-ଗୁଣବତ୍ତା ଶିଳ୍ପ ଉତ୍ପାଦ ପାଇଁ ପ୍ରସିଦ୍ଧ । ସେମାନେ ସମୟାନୁବର୍ତ୍ତିତା, ଗୁଣବତ୍ତା ଓ ଟିକିନିଖି ଅନୁଧ୍ୟାନ ଉପରେ ଗୁରୁତ୍ୱ ପ୍ରଦାନ କରିଥା'ନ୍ତି । ମାନବ ପୁଞ୍ଜିର ଏହି ଗୁଣଗୁଡ଼ିକ ପ୍ରଯୁକ୍ତିବିଦ୍ୟା ଓ ଉତ୍ପାଦନ କ୍ଷେତ୍ରରେ ସେମାନଙ୍କୁ ବିଶ୍ୱ ସ୍ତରରେ ନେତୃତ୍ୱ ନେବାରେ ସହାୟକ ହୋଇଛି ।

### ଆସ ଅନୁସନ୍ଧାନ କରିବା



- → ଆସ ଏକ ପରୀକ୍ଷଣ କରିବା । ତୁମ ପରିବାର ଏବଂ ପଡ଼ୋଶୀର ୧୦ ଜଣ ବୟସ୍କ କର୍ମଜୀବୀଙ୍କ ଏକ ତାଲିକା ପ୍ରସ୍ତୁତ କର । ସେମାନଙ୍କୁ ସେମାନଙ୍କ କର୍ମକ୍ଷେତ୍ରସ୍ଥ ସଂସ୍କୃତି ବର୍ଣ୍ଣନା କରିବାକୁ କୁହ । ସହପାଠୀଙ୍କ ସହ ତୁମ ଅଭିଜ୍ଞତା ଲିଖିତ ଭାବେ ଆଲୋଚନା କର । ତୁମେ ଏଥିରେ କ'ଣ ଅନୁଭବ କଲ ? ଏଥିରେ କେଉଁ ବିଶେଷଣାତ୍ମକ ଶବ୍ଦ ଅଧିକ ପ୍ରୟୋଗ ଘଟିଛି ?
- → ଅତୀତର ସ୍ମୃତି ଫର୍ଦ୍ଦ ଅଧ୍ୟାୟରେ, ତୁମେ ଦୀର୍ଘ ଶତାବ୍ଦୀ ଧରି ଭାରତରେ କଳା ଏବଂ ସ୍ଥାପତ୍ୟର ଉଦାହରଣ ଦେଖିଛ । ଏତେ ଉଚ୍ଚ ସ୍ତରର ଉତ୍କର୍ଷତା ହାସଲ କରିବାର କାରକ ଗୁଡ଼ିକ କ'ଣ ? ଦଳଗତ ଭାବେ ଆଲୋଚନା କରି ଶ୍ରେଣୀରେ ଉତ୍‌ଥାପନ କର ।

## ମାନବ ପୁଞ୍ଜି ପ୍ରତି ଆହ୍ୱାନ :

ବିଭିନ୍ନ ଦୃଷ୍ଟିକୋଣରୁ ସ୍ୱାଧୀନତା ପରଠାରୁ ମାନବ ପୁଞ୍ଜିର ବିକାଶ କ୍ଷେତ୍ରରେ ଆମ ଦେଶ ବହୁତ ଆଗକୁ ବଢ଼ିଛି । ସାକ୍ଷରତା, ଜନସଂଖ୍ୟାର ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ । ଏହା ମାନବ ପୁଞ୍ଜିର ଦକ୍ଷତା ଏବଂ ଉତ୍ପାଦକତା ବୃଦ୍ଧି କରିବାରେ ସାହାଯ୍ୟ କରେ । ବିଶ୍ୱ ବ୍ୟାଙ୍କ ଆକଳନ ଅନୁଯାୟୀ, ୨୦୨୩ ମସିହା ସୁଦ୍ଧା ଭାରତରେ ପ୍ରାପ୍ତବୟସ୍କ ସାକ୍ଷରତା ହାର ପୁରୁଷଙ୍କ କ୍ଷେତ୍ରରେ ୮୫ ପ୍ରତିଶତ ଏବଂ ମହିଳାଙ୍କ କ୍ଷେତ୍ରରେ ୭୦ ପ୍ରତିଶତ ରହିଛି । ବହୁ କ୍ଷେତ୍ରରେ ପ୍ରଗତି ହାସଲ ସତ୍ତ୍ୱେ ଭାରତ ମାନବ ପୁଞ୍ଜି ବିକାଶ କରିବାରେ ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି ।

**ଉତ୍ପାଦନଶୀଳତା (Productivity) :** ଏକ ନିର୍ଦ୍ଦିଷ୍ଟ ସମୟ ଅବଧିରେ ଅଧିକ କାର୍ଯ୍ୟ କରିବାର କ୍ଷମତା ।

**ପ୍ରୌଢ଼ଶିକ୍ଷା ହାର (Adult Literacy rate) :** ଦୈନନ୍ଦିନ ଜୀବନରେ ଆବଶ୍ୟକ ସରଳ ବିବୃତି ପଢ଼ି, ଲେଖି, ବୁଝିପାରୁଥିବା ୧୫ ବର୍ଷ ବା ତଦୁର୍ଦ୍ଧ ବୟସର ଲୋକଙ୍କ ଶତକଡ଼ା ସଂଖ୍ୟା ।



https://withteachers.in/

## ଏହା ବିଷୟରେ ଚିନ୍ତା କର

→ କୌଣସି ବିଦ୍ୟାଳୟର ୮ମ ଶ୍ରେଣୀର ଛାତ୍ର ଶୁଭାଶୀଷକୁ ଦୁଇ ବର୍ଷ ପୂର୍ବେ ପାଠପଢ଼ା ଛାଡ଼ିବାକୁ ପଡ଼ିଥିଲା, କାରଣ ତା'ର ବାପା ନିଜର ଚାକିରି ହରାଇଥିଲେ। ତୁମେ ଭାବୁଛକି ଏହି ପାଠପଢ଼ା ଛାଡ଼ିବା ଶୁଭାଶୀଷର ଭବିଷ୍ୟତ ଜୀବନକୁ ପ୍ରଭାବିତ କରିବ ?

→ ଆବଶ୍ୟକୀୟ ଦକ୍ଷତା ଥିବା କର୍ମଚାରୀ ନପାଇଲେ ବ୍ୟବସାୟଗୁଡ଼ିକ କେଉଁ ସମସ୍ୟାର ସମ୍ମୁଖୀନ ହେବାର ସମ୍ଭାବନା ଅଛି ?


ଚିତ୍ର ୭.୮ ପରୀକ୍ଷାରତ ଶିକ୍ଷାର୍ଥୀ

ଭାରତର ଅର୍ଥନୈତିକ ସର୍ଭେ ୨୦୨୪ ଅନୁଯାୟୀ, ଆମ ଦେଶରେ ୩୫ ବର୍ଷରୁ କମ୍ ବୟସର ଲୋକସଂଖ୍ୟା ୬୫ ଶତକଡ଼ା ଅଟେ। ଏହାର ଅର୍ଥ ଭାରତରେ ଏକ ଯୁବ, ଉତ୍ପାଦନକ୍ଷମ ଜନସଂଖ୍ୟା ରହିଛି, ଯାହା ଦେଶକୁ ଜନସାଂଖ୍ୟିକୀୟ ଲାଭାଂଶ (demographic dividend) ର ସୁଫଳ ପାଇବାରେ ସାହାଯ୍ୟ କରିବ। ବହୁ ସଂଖ୍ୟକ ଯୁବ ଓ କର୍ମଜୀବୀ ବଶିଷ୍ଟ ଜନସଂଖ୍ୟାର ଦେଶର ଉନ୍ନତିରେ ଯୋଗଦାନକୁ ଜନସାଂଖ୍ୟିକୀୟ ଲାଭାଂଶ କୁହାଯାଏ । ଗୋଟିଏ ଦେଶର ଅଧିକ ଲୋକ କାମ କରି ରୋଜଗାର କରିବା ଓ କମ୍ ଲୋକ ସେମାନଙ୍କ ଉପରେ ନିର୍ଭର କରିବା ଦ୍ୱାରା ଦେଶଟି ଅର୍ଥନୈତିକ କ୍ଷେତ୍ରରେ ପ୍ରଗତି ଲାଭ କରିବା ସହିତ ଜୀବନଧାରଣର ମାନରେ ଉନ୍ନତି ହୁଏ। ମାତ୍ର ଏହି ସମ୍ଭାବନାର ଲାଭ ଉଠାଇବାପାଇଁ ଏହି ବ୍ୟକ୍ତିବିଶେଷଙ୍କ ପାଖରେ ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟ, ତାଲିମ୍ ଓ ଦକ୍ଷତାର ସୁଯୋଗ ରହିବା ଆବଶ୍ୟକ। ପରବର୍ତ୍ତୀ ଶ୍ରେଣୀରେ ତୁମେମାନେ ଜନସଂଖ୍ୟା ସମ୍ବନ୍ଧୀୟ ଅଧ୍ୟାୟରେ ଏ ବିଷୟରେ ଅଧିକ ଜାଣିବାକୁ ପାଇବ ।

## ଏହା ବିଷୟରେ ଚିନ୍ତା କର

କିଛି ଜୀବିକା ବା ଚାକିରି ଅନ୍ୟ ତୁଳନାରେ ଅଧିକ ଗୁରୁତ୍ୱପୂର୍ଣ୍ଣ କି ? ଯଦି କେହି ରାସ୍ତା ସଫା ନ କରନ୍ତି, ଅଳିଆ ସଂଗ୍ରହ ନ କରନ୍ତି, ଚାଷୀମାନେ ଚାଷ କରିବା ବନ୍ଦ କରିଦିଅନ୍ତି, ରୋଗୀଙ୍କ ଚିକିତ୍ସା ପାଇଁ ନର୍ସ ଉପଲବ୍ଧ ନହୁଅନ୍ତି, ତେବେ କି ପରିସ୍ଥିତି ସୃଷ୍ଟି ହେବ ?

ଆଜିର ସମୟରେ ଅନେକ ପ୍ରକାର ଚାକିରି ବା କାମଧନ୍ଦା ପାଇଁ ବିଭିନ୍ନ ପ୍ରକାର ଦକ୍ଷତା ର ଆବଶ୍ୟକତା ରହିଛି। ଏଠାରେ ମନେ ରଖିବାକୁ ହେବ ଯେ, ଭାରତରେ ଦକ୍ଷତା-ଆଧାରିତ ଜ୍ଞାନ ପ୍ରଣାଳୀ ଏବଂ କାରିଗରିର ଏକ ସମୃଦ୍ଧ ଐତିହ୍ୟ ରହିଛି।



https://withteachers.in/

## ଭାରତର ପ୍ରାଚୀନ କୁଶଳତା ଐତିହ୍ୟ

ପ୍ରାଚୀନ ଭାରତୀୟମାନେ ସେମାନଙ୍କର କାର୍ଯ୍ୟରେ ସିଦ୍ଧିଲାଭ କରିବା ପାଇଁ ନିଜ ସ୍ୱଭାବର ପରିପ୍ରକାଶ ଓ ସମ୍ପୂର୍ଣ୍ଣତା ପାଇଁ ଯତ୍ନଶୀଳ ଥିଲେ । ସ୍ଥଳ ବିଶେଷରେ ଏହା ଦେବତା କିମ୍ବା ଗ୍ରହୀତାଙ୍କ ଏକ ସମର୍ପଣ ଥିଲା । କୌଣସି ଦ୍ରବ୍ୟ ନିର୍ମାଣ କାର୍ଯ୍ୟପ୍ରତି ସେମାନଙ୍କର ଶ୍ରଦ୍ଧା ଓ ଭକ୍ତି ଥିଲା । ଯେଉଁ ସାଧନ ସାମଗ୍ରୀ (tools) ବ୍ୟବହୃତ ହେଉଥିଲା, ତାହାକୁ ପୂଜା କରାଯାଉଥିଲା । ଏହି ପ୍ରଥା ଆଜି ପର୍ଯ୍ୟନ୍ତ ବିଶ୍ୱକର୍ମା ପୂଜା ବା ଆୟୁଧ ପୂଜା ଭାବରେ ପ୍ରଚଳିତ ହୋଇ ଆସୁଛି । ଏହିପରି, ଉତ୍ପାଦଗୁଡ଼ିକର ସୃଷ୍ଟି କଳା ଓ ବିଦ୍ୟାର ବିରଳ ସମ୍ମିଶ୍ରଣ ଥିଲା । ପିଢ଼ି ପରେ ପିଢ଼ି ଏହି ଜ୍ଞାନ ଗଡ଼ି ଆସୁଥିଲା ଏବଂ ଏହା ଉପରେ ନୂତନ ଜ୍ଞାନ ନିର୍ମାଣ ହେଉଥିଲା । ପୁରାତନ ଗ୍ରନ୍ଥ ଶିଳ୍ପଶାସ୍ତ୍ରରେ ମୂର୍ତ୍ତି ନିର୍ମାଣ, ଚିତ୍ରକଳା, ଗୃହ ନିର୍ମାଣ, କାଠ ସାମଗ୍ରୀ ଓ ଅଳଙ୍କାର ପ୍ରସ୍ତୁତି ଉପରେ ବିସ୍ତୃତ ବର୍ଣ୍ଣନା ରହିଛି । ଉଦାହରଣ ସ୍ୱରୂପ, ସ୍ଥାପତ୍ୟ ନିର୍ମାଣ ସମ୍ପର୍କିତ ଲେଖାଗୁଡ଼ିକରେ, ମୂର୍ତ୍ତିର ଶୈଳୀ, ରଙ୍ଗ, ମାପ ଓ ଅନୁପାତ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରାଯାଇଛି ।

### ମନେରଖ

ଅନେକ ଶତାବ୍ଦୀ ଧରି ସ୍ଥପତିମାନେ ପିଢ଼ି ପରେ ପିଢ଼ି ଭାରତରେ ମନ୍ଦିର ଗୁଡ଼ିକ ନିର୍ମାଣ କରି ଆସିଛନ୍ତି । ସେମାନେ ଅନ୍ତିମ କୃତି ଦେଖିବା ଆଶା ନକରି ନିଜସ୍ୱ ଦକ୍ଷତା ପ୍ରଦର୍ଶନ କରୁଥିଲେ । ସେମାନେ ନିୟମିତ ଅଭ୍ୟାସ ବଳରେ ନୂତନ କୌଶଳ ଶିଖି "କର୍ମ ହିଁ ପୂଜା" ବିଚାର ଦ୍ୱାରା ଉତ୍କୃଷ୍ଟତା ଲାଭ କରୁଥିଲେ ।

## ସିଲେଇ ବୋଇତ ନିର୍ମାଣ

ଭାରତୀୟମାନେ ଜାହାଜ ଏବଂ ଡଙ୍ଗା ତିଆରି କରିବା ପାଇଁ ୨୦୦୦ ବର୍ଷରୁ ଅଧିକ ପୁରୁଣା ଏକ ଅନନ୍ୟ ସିଲେଇ କୌଶଳର ବ୍ୟବହାର କରୁଥିଲେ । ସେମାନେ ଭାରତ ମହାସାଗରରେ ସାମୁଦ୍ରିକ ବାଣିଜ୍ୟ ଏବଂ ସାଂସ୍କୃତିକ ଆଦାନପ୍ରଦାନ ପାଇଁ ଏହି ବୋଇତ ବ୍ୟବହାର କରୁଥିଲେ । ଏହି ନିର୍ମାଣ କୌଶଳରେ ଲୁହାକଣ୍ଟା ବଦଳରେ ରଶି ବା ଦଉଡ଼ି ବ୍ୟବହାର କରି କାଠ ପଟାଗୁଡ଼ିକୁ ଏକାଠି ସିଲେଇ କରାଯାଉଥିଲା । ଫଳତଃ, ବୋଇତ ପଟାଗୁଡ଼ିକ ନମନୀୟ ହୋଇପାରୁଥିଲା ଏବଂ ଭାରତ ମହାସାଗରରେ ସହଜ ନୌଚାଳନାରେ ସହାୟକ ହେଉଥିଲା ।



ଚିତ୍ର : ୭.୯ : ପଞ୍ଚମ ଶତାବ୍ଦୀରେ ସିଲେଇ ହୋଇଥିବା ବୋଇତ ପୁନଃନିର୍ମାଣ



https://withteachers.in/



## ଆସ ଅନୁସନ୍ଧାନ କରିବା

→ ଉତ୍ପାଦନର ଅନେକ ପାରମ୍ପରିକ କୌଶଳ ହଜିଗଲାଣି ବା ଲିଭିବାକୁ ବସିଲାଣି। ଉଦାହରଣ ସ୍ୱରୂପ, ଷୋଡ଼ଶ ଶତାବ୍ଦୀରେ ଭାରତରେ ୟୁରୋପୀୟମାନଙ୍କ ଆଗମନ ପରେ ସିଲେଇ ବୋଇତ ନିର୍ମାଣ କୌଶଳର ଦ୍ରୁତ ଅବକ୍ଷୟ ହେଲା। ଏହି କୌଶଳ ଏବେ ଛୋଟ ମାଛଧରା ଡଙ୍ଗା ପାଇଁ ବ୍ୟବହୃତ ହେଉଛି।

→ ସ୍ୱଦେଶୀ ଜ୍ଞାନ କୌଶଳର ବ୍ୟବହାର ହ୍ରାସ ପାଉଛି ବୋଲି ତୁମେ କାହିଁକି ଭାବୁଛ ? ନିଜ ଶ୍ରେଣୀରେ ଏହାକୁ ଆଲୋଚନା କର।

→ ମନୁଷ୍ୟର ପ୍ରୟାସ ଓ ଦକ୍ଷତାକୁ ପ୍ରଦର୍ଶିତ କରୁଥିବା ନିଜ ଅଞ୍ଚଳର କିଛି ପାରମ୍ପରିକ କୌଶଳ ଓ ଉତ୍ପାଦନ ବିଷୟରେ ତଥ୍ୟ ବାହାର କର। ଚିତ୍ର ତଥା ଲେଖା ମାଧ୍ୟମରେ ଏହାକୁ ଶ୍ରେଣୀଗୃହରେ ବୁଝାଅ।

**ପୁଞ୍ଜି (Capital) :** ଅର୍ଥନୀତିରେ ଦ୍ରବ୍ୟ ଓ ସେବା ଉତ୍ପାଦନ ପାଇଁ ବ୍ୟବହୃତ ଯେକୌଣସି ଭୌତିକ କିମ୍ବା ଆର୍ଥିକ ସମ୍ପତ୍ତି।

### ପୁଞ୍ଜି

ବ୍ୟବସାୟ ପାଇଁ ପୁଞ୍ଜିର ଆବଶ୍ୟକତା ରହିଛି। ବ୍ୟବସାୟର ଦୈନନ୍ଦିନ ପରିଚାଳନା ନିମନ୍ତେ ଆର୍ଥିକ ସମ୍ବଳ ଏବଂ ସ୍ଥାୟୀ ସମ୍ପତ୍ତି, ଯଥା– ଯନ୍ତ୍ରପାତି, ଉପକରଣ, ସାଧନ, ଯାନବାହାନ, ଠେଲାଗାଡ଼ି, କମ୍ପ୍ୟୁଟର, ଦୋକାନ, କାରଖାନା, କାର୍ଯ୍ୟାଳୟ ଇତ୍ୟାଦି ଆବଶ୍ୟକ। ଶ୍ୟାମାର 'ଆମ ରୋଷେଇ ଘର' ପ୍ରସଙ୍ଗରୁ ଆମେ ଜାଣିଛେ ଯେ ଜମି ଲିଜ୍ ନେବା, ଆସବାବପତ୍ର ଓ ରୋଷେଇ ଉପକରଣ କିଣିବାପାଇଁ ଅର୍ଥ ଆବଶ୍ୟକ। ଉପରୋକ୍ତ ଏସବୁକୁ ପୁଞ୍ଜି କୁହାଯାଏ। ଦ୍ରବ୍ୟ ଓ ସେବା ଉତ୍ପାଦନ ପାଇଁ ବ୍ୟବହୃତ ଅର୍ଥ ଓ ମାନବକୃତ ସମ୍ବଳ ହିଁ ପୁଞ୍ଜି ଅଟେ। ଉତ୍ପାଦନ ବା ସେବା କ୍ଷେତ୍ର ପାଇଁ ପୁଞ୍ଜି ଅତ୍ୟାବଶ୍ୟକ। କିନ୍ତୁ ବ୍ୟବସାୟ ସଂସ୍ଥାଗୁଡ଼ିକ ପୁଞ୍ଜି କେଉଁଠାରୁ ପାରିବେ ?



ଚିତ୍ର : ୭.୧୦ ମେସିନ୍




ଚିତ୍ର : ୭.୧୧ ଋଣ



https://withteachers.in/

ସାଧାରଣତଃ ବ୍ୟବସାୟ ଆରମ୍ଭ କରିବା ସମୟରେ ବ୍ୟକ୍ତିଗତ ସଞ୍ଚୟ, ପରିବାର ଏବଂ ବନ୍ଧୁବାନ୍ଧବ ହିଁ ପାଣ୍ଠି ଏବଂ ସମର୍ଥନର ପ୍ରଥମ ଉତ୍ସ । ଶ୍ୟାମା ତାଙ୍କ ବ୍ୟବସାୟ ଆରମ୍ଭ କରିବା ସମୟରେ ଏହିପରି ପୁଞ୍ଜି ଯୋଗାଡ଼ କରିଥିଲେ । ତଥାପି, ବ୍ୟବସାୟ ଆରମ୍ଭ କରିବା ପାଇଁ ଶ୍ୟାମାଙ୍କ ପାଖରେ ପର୍ଯ୍ୟାପ୍ତ ପାଣ୍ଠି ନ ଥିଲା । ତେଣୁ ସେ ଅଭାବ ପୂରଣ କରିବା ପାଇଁ ବ୍ୟାଙ୍କରୁ ଋଣ ନେଇଥିଲେ । ସେ କିଛି ବର୍ଷ ଧରି କିସ୍ତି ଆକାରରେ ଋଣ ଓ ସୁଧ ସହ ବ୍ୟାଙ୍କ ଟଙ୍କା ପରିଶୋଧ କରିଥିଲେ । ସେହିପରି ବଡ଼ ବଡ଼ କମ୍ପାନୀଗୁଡ଼ିକ ସେମାନଙ୍କର ବ୍ୟବସାୟ ବିସ୍ତାର କରିବା ପାଇଁ ପ୍ରଚୁର ଅର୍ଥ ଆବଶ୍ୟକ କରିଥା'ନ୍ତି । ସେହି ଅର୍ଥ ସେମାନେ **ପୁଞ୍ଜି ବଜାର** (Stock Market) ମାଧ୍ୟମରେ ସାଧାରଣ ଲୋକଙ୍କଠାରୁ ସଂଗ୍ରହ କରିଥା'ନ୍ତି । ଯେଉଁ ବିଶେଷ ପ୍ରକାରର ବଜାରରେ ଅଂଶଧନ କିଣାବିକା ହୋଇଥାଏ, ତାକୁ ପୁଞ୍ଜି ବଜାର କୁହାଯାଏ । ବଡ଼ ବଡ଼ କମ୍ପାନୀଗୁଡ଼ିକ ଜନସାଧାରଣଙ୍କଠାରୁ ଅର୍ଥ ସଂଗ୍ରହ କରିଥାନ୍ତି ଓ ସେମାନଙ୍କୁ **ଲାଭାଂଶର** (Dividend) ଭାଗ ପ୍ରଦାନ କରିଥାନ୍ତି । ଅନ୍ୟ ଅର୍ଥରେ କହିଲେ ବଡ଼ ବଡ଼ ବ୍ୟବସାୟ ସଂସ୍ଥାଗୁଡ଼ିକ ପୁଞ୍ଜି ବଜାର ମାଧ୍ୟମରେ ଅର୍ଥ ସଂଗ୍ରହ କରିଥାନ୍ତି ଏବଂ ସେମାନଙ୍କ ବ୍ୟବସାୟର **ଅଂଶଧନ** (Share) ବିକ୍ରି କରିଥାନ୍ତି ।। ପରବର୍ତ୍ତୀ ଶ୍ରେଣୀରେ ଏହି ପୁଞ୍ଜିବଜାର ପରିଚାଳନା ବିଷୟରେ ତୁମେ ଅଧିକରୁ ଅଧିକ ଜାଣିପାରିବ ।

**ସୁଧ (Interest) :** ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଋଣଦାତାଙ୍କଠାରୁ ଆଣିଥିବା ଟଙ୍କାର ବିନିଯୋଗ ଦୃଷ୍ଟିରୁ ଋଣଦାତା ପରିଶୋଧ କରୁଥିବା ଅଧିକ ଅର୍ଥର ପରିମାଣ ।

**ଲାଭାଂଶ (dividend) :** କମ୍ପାନୀଦ୍ୱାରା ଅଂଶଧନକାରୀ (Share holder) ମାନଙ୍କୁ ପ୍ରଦତ୍ତ ନିଜ ଲାଭାଂଶର ଅର୍ଥ ବା ଟଙ୍କା ।

### ଆସ ଅନୁସନ୍ଧାନ କରିବା

ତୁମ ଅଞ୍ଚଳରେ ଥିବା ଗୋଟିଏ କାରଖାନା ଚିହ୍ନଟ କର । କାରଖାନା ନିର୍ମାଣରେ କେତେ ପୁଞ୍ଜି ନିବେଶ ହୋଇଥିବ ବୋଲି ତୁମେ ଭାବୁଛ, ତାହା ହିସାବ କରି ନିର୍ଣ୍ଣୟ କର (ତୁମେ ଏହାର ଏକ ଆକଳନ ଦେଇ ପାରିବ) । କାରଖାନା ତା'ର ଉତ୍ପାଦ ପ୍ରସ୍ତୁତ ପାଇଁ କେଉଁ ପ୍ରକାର ସରଞ୍ଜାମ ବା ଉପକରଣ ବ୍ୟବହାର କରୁଛି, ତାହା ଉଲ୍ଲେଖ କର ।



## ଔଦ୍ୟୋଗିକୀ

ନିଜର ବ୍ୟବସାୟ ଆରମ୍ଭ କରିବା କିମ୍ବା କୌଣସି ସମସ୍ୟାର ସମାଧାନ ପାଇଁ ନୂଆ ସର୍ଜନା କରିବାକୁ ଔଦ୍ୟୋଗିକୀ କୁହାଯାଏ ।



ଚିତ୍ର : ୭.୧୨ : ଅରୁଣାଚଳ ପ୍ରଦେଶ ବାଉଁଶ ଓ ଆଖୁ ଉତ୍ପାଦ



ଚିତ୍ର : ୭.୧୩ : ଖାଦ୍ୟ ପ୍ରକ୍ରିୟାକରଣ



https://withteachers.in/



ଚିତ୍ର : ୭.୧୪: ମୃଣ୍ମୟ ପାତ୍ର, ନୂଆଦିଲ୍ଲୀ



ଚିତ୍ର : ୭.୧୫: ପେଟ୍ରୋକେମିକାଲ କାରଖାନା (Petrochemical Plant)

**ଶୁଭାରମ୍ଭ (Start up) :** ଏହା ସୀମିତ ସମ୍ବଳ ଓ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ଦ୍ରୁତ ଅଭିବୃଦ୍ଧି ଓ ବିସ୍ତାର ପାଇଁ ଉଦ୍ୟୋଗପତିଙ୍କ ଦ୍ୱାରା ଆରମ୍ଭ ହୋଇଥିବା ବ୍ୟବସାୟ।

ଜଣେ ଉଦ୍ୟୋଗପତି ନୂତନ ଧାରଣାକୁ ଆପଣେଇଥା'ନ୍ତି ଓ ବିଭିନ୍ନ ଆହ୍ୱାନ ବା ଆଶଙ୍କାର ସମ୍ମୁଖୀନ ହେବାପାଇଁ ସଦା ପ୍ରସ୍ତୁତ ଥାଆନ୍ତି। ସେ ଉତ୍ପାଦନର ବିଭିନ୍ନ କାରକଗୁଡ଼ିକୁ ସଂଗ୍ରହ କରନ୍ତି ଓ କଠିନ ପରିଶ୍ରମ କରି ନୂଆ ବ୍ୟବସାୟର ଶୁଭାରମ୍ଭ ସଫଳତାର ସହ କରିଥାନ୍ତି।

ଜଣେ ଉଦ୍ୟୋଗପତିଙ୍କ ଦୂରଦୃଷ୍ଟି ବଜାରକୁ ଅଭିନବ ଉତ୍ପାଦ ଓ ସେବା ଆଣିବାରେ ସାହାଯ୍ୟ କରିଥାଏ ଓ ଏହା ସମାଜ ତଥା ଦେଶପାଇଁ ଲାଭଦାୟକ ହୋଇଥାଏ। ସେମାନେ ନିଯୁକ୍ତି ସୁଯୋଗ ସୃଷ୍ଟି କରନ୍ତି ଓ ଜୀବନ ଜୀବିକାକୁ ସହାୟତା କରିଥାନ୍ତି। ପ୍ରତିବଦଳରେ ଉଦ୍ୟୋଗପତିମାନେ ନିଜର ସ୍ୱପ୍ନ ସାକାର ହେବା ଓ ଲୋକଙ୍କୁ ସେବା ଯୋଗାଇ ଦେବା ଯୋଗୁ ଆତ୍ମ ସନ୍ତୋଷ ଲାଭ କରିଥାନ୍ତି।




ଚିତ୍ର : ୭.୧୬ : ଜଣେ ଉଦ୍ୟୋଗୀ ଦ୍ୱାରା ସମ୍ପାଦିତ କାର୍ଯ୍ୟଗୁଡ଼ିକ




https://withteachers.in/

## ଭାରତ ପାଇଁ ବୃହତ୍ ସ୍ୱପ୍ନ ଦେଖିଥିବା ବ୍ୟକ୍ତି


ଚିତ୍ର ୭.୧୭ ଜେ.ଆର୍.ଡି.ଟାଟା

ଜେ.ଆର୍.ଡି.ଟାଟା – ଉଦ୍ୟୋଗପତି, ଶିଳ୍ପପତି ଓ ସମାଜସେବୀ।

ଜେହାଙ୍ଗୀର ରତନ୍‌ଜୀ ଦାଦାଭୋୟ (ଜେ.ଆର୍.ଡ଼ି) ଟାଟା ଭାରତର ଜଣେ ମହାନ୍ ଉଦ୍ୟୋଗପତି ଥିଲେ ଏବଂ ଆଧୁନିକ ଭାରତ ନିର୍ମାଣରେ ଏକ ବଡ଼ ଭୂମିକା ଗ୍ରହଣ କରିଥିଲେ। ୧୯୦୪ ମସିହାରେ ଜନ୍ମିତ ଜେ. ଆର.ଡ଼ି. ଟାଟା ଦେଶର ବୃହତ୍ ବ୍ୟବସାୟିକ ଗୋଷ୍ଠୀ ମଧ୍ୟରୁ ଅନ୍ୟତମ ଟାଟା ଗ୍ରୁପ୍‌ର ମୁଖ୍ୟ ଥିଲେ। ବ୍ୟବସାୟ ସଂସ୍ଥାଗୁଡ଼ିକ ଅର୍ଥ ସର୍ବସ୍ୱ ନ ହୋଇ ସମାଜ କଲ୍ୟାଣରେ ବ୍ରତୀ ହେବା ଉଚିତ ବୋଲି ସେ ବିଶ୍ୱାସ କରୁଥିଲେ। ସେ ୧୯୩୨ ମସିହାରେ ଭାରତର ପ୍ରଥମ ବିମାନ କମ୍ପାନୀ, ‘‘ଟାଟା ଏୟାରଲାଇନ୍ସ’’ ଆରମ୍ଭ କରିଥିଲେ। ଏହା ପରେ ‘ଏୟାର ଇଣ୍ଡିଆ’ ନାମରେ ନାମିତ ହେଲା। ତାଙ୍କ ନେତୃତ୍ୱରେ, ଇସ୍ପାତ, କାର, ବିଦ୍ୟୁତ୍ ଏବଂ ରାସାୟନିକ ଆଦି କ୍ଷେତ୍ରରେ ଟାଟା ଗ୍ରୁପ ବିସ୍ତାର ଲାଭ କରିଥିଲା। ସେ ତାଙ୍କ କର୍ମଚାରୀମାନଙ୍କ ପ୍ରତି ଯତ୍ନବାନ ହେବା ସହ, କର୍ମକ୍ଷେତ୍ରରେ ସେମାନଙ୍କୁ ଉପଯୁକ୍ତ ବାତାବରଣ ପ୍ରଦାନ କରିବାରେ ବିଶ୍ୱାସ କରୁଥିଲେ। ସେ ଜଣେ ସଚ୍ଚୋଟ, ପରିଶ୍ରମୀ ଓ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ଥିଲେ। ତାଙ୍କୁ ୧୯୯୨ ମସିହାରେ, ଦେଶ ପ୍ରତି ମହାନ ସେବା ପାଇଁ ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର, ‘ଭାରତ ରତ୍ନ’ ପ୍ରଦାନ କରାଯାଇଥିଲା।

### ଏହା ବିଷୟରେ ଚିନ୍ତା କର

- → ଉପରୋକ୍ତ ଘଟଣାରୁ ଯୁବ ଉଦ୍ୟୋଗୀମାନଙ୍କ ପାଇଁ ଏଥିରୁ କି’ ଶିକ୍ଷା ମିଳିବ ବୋଲି ତୁମେ ଭାବୁଛ ?
- → ଉଦ୍ୟୋଗୀମାନେ ଉପଲବ୍ଧ ନିଜସ୍ୱ ଜ୍ଞାନ ଦ୍ୱାରା ସେମାନଙ୍କ ସମସ୍ୟାର ଆସନ୍ନ ସମାଧାନ କରିପାରିବେ କି ? କିମ୍ବା ସେମାନେ ଏହାର ସମାଧାନ ପାଇଁ ଅନ୍ୟ ଉତ୍ସର ସାହାଯ୍ୟ ନେବେ ?
- → ଜଣେ ଉଦ୍ୟୋଗୀଙ୍କ ପାଇଁ ‘ଲାଭ’ ହିଁ ଏକମାତ୍ର ପ୍ରେରଣା କି ? ଯଦି ‘ହଁ’ କାହିଁକି ? ଯଦି ‘ନା’ କାହିଁକି ନୁହେଁ ?
- → ଜଣେ ସଫଳ ଉଦ୍ୟୋଗୀ ହେବା ପାଇଁ ଅନ୍ୟାନ୍ୟ ବ୍ୟକ୍ତିତ୍ୱ ଲକ୍ଷଣଗୁଡ଼ିକ କ’ଣ ହେବା ଆବଶ୍ୟକ ?



https://withteachers.in/

## ପ୍ରଯୁକ୍ତିବିଦ୍ୟା : ଉତ୍ପାଦନର ଏକ ସାହାଯ୍ୟକାରୀ ଉପାଦାନ

ପ୍ରଯୁକ୍ତିବିଦ୍ୟା ହେଉଛି ବୈଜ୍ଞାନିକ ଜ୍ଞାନର ପ୍ରୟୋଗ। ଉଦାହରଣ ସ୍ୱରୂପ, ଏକ କ୍ୟାମେରା ଡିଜିଟାଲ ପ୍ରତିଛବି ସୃଷ୍ଟି କରିବା ପାଇଁ ଆଲୋକକୁ ବୈଦ୍ୟୁତିକ ସଙ୍କେତରେ ରୂପାନ୍ତରିତ କରେ। ଯେକୌଣସି ଉତ୍ପାଦନ ସମ୍ପର୍କିତ କାର୍ଯ୍ୟକଳାପରେ କିଛି ନା କିଛି ପ୍ରଯୁକ୍ତିବିଦ୍ୟାର ବ୍ୟବହାର ହୋଇଥାଏ। ପ୍ରାଚୀନ କାଳରେ ପ୍ରଚଳିତ କିଛି ପ୍ରାରମ୍ଭିକ ପ୍ରଯୁକ୍ତିବିଦ୍ୟା ଆଜି ମଧ୍ୟ ବ୍ୟବହୃତ ହେଉଛି।

ଆଜି ବିଭିନ୍ନ କ୍ଷେତ୍ରରେ ନୂତନ ତଥା ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବିକାଶ ଓ ପ୍ରୟୋଗ ଦ୍ୱାରା ଆମର ଜୀବନ ସହଜ ହେଉଛି। ଉଦାହରଣ ସ୍ୱରୂପ, ୟୁ.ପି.ଆଇ (UPI – Unified Payment Interface) ମାଧ୍ୟମରେ ଏକ ଅଙ୍ଗୁଠି ସ୍ପର୍ଶ (Touch Screen) କରି ଦେୟ ପୈଠ କରାଯାଇ ପାରୁଛି; ଚାଷୀମାନେ ମଧ୍ୟ ଆଗୁଆ ପାଣିପାଗର ସଦ୍ୟତମ ସୂଚନା ପାଇ ପାରୁଛନ୍ତି; ବିଶ୍ୱ ସ୍ଥାନ ନିର୍ଦ୍ଧାରଣ ପଦ୍ଧତି (GPS – Global Positioning System) ଦ୍ୱାରା ସାମଗ୍ରୀ ପରିବହନର ନ୍ୟୁନତମ ଦୂରତା ନିର୍ଣ୍ଣୟ କରାଯାଇ ପାରୁଛି।



ଚିତ୍ର : ୭.୧୮: ଡ୍ରୋନ (Drone) ଦ୍ୱାରା ଫସଲ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସାର ସିଞ୍ଚନ କରୁଥିବା ଡ୍ରୋନ୍ (Drone)



ଚତ୍ର ୭.୧୯: ଶଲ୍ୟଚିକିତ୍ସା ପ୍ରକ୍ରିୟାରେ ସହାୟତା କରୁଥିବା ରୋବୋଟ୍।

ତୁମ ଅଞ୍ଚଳରେ ପୁରାତନ ପ୍ରଯୁକ୍ତି ବିଦ୍ୟା ବଦଳରେ ନୂତନ ଓ ଉନ୍ନତ ପ୍ରଯୁକ୍ତି ବିଦ୍ୟା କିପରି ବ୍ୟବହୃତ ହେଉଛି, ତୁମେ ଲକ୍ଷ୍ୟ କରିଛ କି ?

ପ୍ରଯୁକ୍ତି ପ୍ରକ୍ରିୟା ଜନସାଧାରଣ ଓ ବ୍ୟବସାୟ ପାଇଁ କାର୍ଯ୍ୟ କରେ ଏବଂ ସେମାନଙ୍କର କାର୍ଯ୍ୟଶୈଳୀକୁ ଉନ୍ନତ କରିବାରେ ସାହାଯ୍ୟ କରିଥାଏ। ଉଦାହରଣ ସ୍ୱରୂପ, ଡାକ ଦ୍ୱାରା ଚିଠି ପଠାଇବା ପରିବର୍ତ୍ତେ, ଲୋକମାନଙ୍କ ସହିତ ଶୀଘ୍ର ଓ କମ୍ ଖର୍ଚ୍ଚରେ ଯୋଗାଯୋଗ କରିବା ପାଇଁ ଆମେ ଇମେଲ୍ (email) ବ୍ୟବହାର କରୁଛୁ। ତେବେ, ମନେରଖିବାକୁ ହେବ ଯେ ଆଧୁନିକ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ବେଳେ ଆମେ ପୁରାତନ ପ୍ରଯୁକ୍ତିବିଦ୍ୟାଠାରୁ ଦୂରେଇ ଯିବା ନାହିଁ– କାହିଁକିନା ଏବେ ମଧ୍ୟ ପୁଲି (Pulleys) ଏବଂ ଠେଲାଗାଡ଼ି (Wheel barrows) ବ୍ୟବହାରରେ ଲାଗୁଛି।



https://withteachers.in/



ଚିତ୍ର : ୭.୨୦: ନିର୍ମାଣ ସ୍ଥାନରେ ଏକ ଠେଲାଗାଡ଼ି (Wheel barrow)




ଚିତ୍ର : ୭.୨୧: ଡଙ୍ଗା ବା ଜାହାଜରେ ବ୍ୟବହୃତ ପୁଲି (Pulley)

ଏବେ ଆସ ଜାଣିବା ପ୍ରଯୁକ୍ତି ବିଦ୍ୟା କିପରି ଶିକ୍ଷାର୍ଥୀମାନଙ୍କୁ ଜ୍ଞାନ ଆହରଣ କରିବା, ନୂତନ ଦକ୍ଷତା ନିର୍ମାଣ କରିବା ଓ ନିଯୁକ୍ତି କ୍ଷେତ୍ରରେ ସାହାଯ୍ୟ କରୁଛି ।

## ଜ୍ଞାନ, ଦକ୍ଷତା ଓ ନିଯୁକ୍ତି ସୁଯୋଗ ପାଇଁ ପଥ ପ୍ରସ୍ତୁତ କରୁଥିବା ପ୍ରଯୁକ୍ତିବିଦ୍ୟା

ସ୍ୱୟମ୍ (SWAYAM – Study webs of Active Learning for Young Aspiring Minds) ଭଳି ଅନେକ ସରକାରୀ ମଞ୍ଚ (Platfrom) ଆଭାସୀ ପାଠ୍ୟକ୍ରମ (Online Course) ମାଧ୍ୟମରେ ଶିକ୍ଷାର୍ଥୀମାନଙ୍କ ପାଇଁ ପଢ଼ିବାର ସୁଯୋଗ ସୃଷ୍ଟି କରିଛି। ଏହି ସ୍ୱୟମ୍ ମଞ୍ଚ (Platform) ନବମ ଶ୍ରେଣୀ ଶିକ୍ଷାର୍ଥୀମାନଙ୍କ ଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ପାଠ୍ୟକ୍ରମ ପ୍ରସ୍ତୁତ କରିଛି। ଏହି ବ୍ୟାପକ ମୁକ୍ତ ଆଭାସୀ ପାଠ୍ୟକ୍ରମ (MOOC – Massive Open Online Course) ମାଧ୍ୟମରେ ଶିକ୍ଷାର୍ଥୀମାନେ ରୋବୋଟିକ୍ସ (Robotics), ଜଳୀୟ କୃଷି (Aquaculture), ବୟନ ଛାପ (Textile Printing) ଆଦି ବିଷୟଗୁଡ଼ିକୁ ଅଧ୍ୟୟନ କରିପାରୁଛନ୍ତି। ଶିକ୍ଷାର୍ଥୀମାନେ ନିଯୁକ୍ତି ଓ ଅନ୍ୟାନ୍ୟ ପାଠ୍ୟକ୍ରମ ଅଧ୍ୟୟନ କରିବା ସହିତ, ନିଜ ସମୟ ସୁବିଧା ଅନୁସାରେ ଯେକୌଣସି ସ୍ଥାନରୁ ଏହି ଆଭାସୀ କ୍ଷେତ୍ରଦ୍ୱାରା ଉପକୃତ ହୋଇ ପାରୁଛନ୍ତି । ସରକାରଙ୍କ ଜାତୀୟ ବୃତ୍ତି ସେବା (National Career Service) ପରି ଆଭାସୀ କ୍ଷେତ୍ରଗୁଡ଼ିକ ବିଭିନ୍ନ କ୍ଷେତ୍ରରେ ଚାକିରି ସୁଯୋଗ ଖୋଜିବାରେ ଲୋକଙ୍କୁ ସାହାଯ୍ୟ କରୁଛି। ପାଇପ୍ ମିସ୍ତ୍ରୀ କାମ (Plumbing) ଠାରୁ ଆରମ୍ଭ କରି ହିସାବ ପତ୍ର କରିବା କାମ (Accounting) ଏହାର ଅନ୍ତର୍ଭୁକ୍ତ । ଏହିପରି ଭାବରେ ପ୍ରଯୁକ୍ତିବିଦ୍ୟା ଭୌଗୋଳିକ ପ୍ରତିବନ୍ଧକକୁ ଦୂର କରି ଲୋକମାନଙ୍କର ଜ୍ଞାନ ଓ ଦକ୍ଷତାର ବିକାଶ ତଥା ଭାରତ ତଥା ବିଦେଶରେ ନିଯୁକ୍ତି ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଏହି ଆଭାସୀ ପୋର୍ଟାଲ (Online Portal) ସେବା ଗୁଡ଼ିକର ଉପଲବ୍ଧତା ନିମ୍ନଲିଖିତ ଆଭାସୀ ସଂଯୋଗରେ (Online link) ରେ ମିଳିପାରିବ ।



ଚିତ୍ର ୭.୨୨ – ଆଭାସୀ ଅଧ୍ୟୟନ

http://swayam.gov.in/
http://www.ncs.gov.in/



https://withteachers.in/



## ଆସ ଅନୁସନ୍ଧାନ କରିବା

- → ତୁମ ଆଖପାଖର ଲୋକ ତଥା ଗୋଷ୍ଠୀଗତ ଜୀବନକୁ ପ୍ରଭାବିତ କରୁଥିବା ବିକଶିତ ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ଚିନ୍ତା କରିପାରିବ କି ? ଏ ବିଷୟରେ ଘରେ ତଥା ପଡ଼ୋଶରେ ଥିବା ବୟସ୍କ ବ୍ୟକ୍ତିଙ୍କ ସହ ଆଲୋଚନା କର ।
- → କୌଣସି ଏକ ସମସ୍ୟା ସମାଧାନ ପାଇଁ ତୁମେ ଚିନ୍ତା କର । ଏହା ସମ୍ପର୍କିତ ସୂଚନା ଗୋଟିଏ କାଗଜରେ ଲେଖ । ଯଥା: ଏହାର ନାମ, ଏହାର କାର୍ଯ୍ୟପ୍ରଣାଳୀ ଦର୍ଶାଇବା ପାଇଁ ଏକ ନକ୍ସା ପ୍ରସ୍ତୁତ କର । ଏ ବିଷୟରେ ତୁମେ ତୁମ ସହପାଠୀମାନଙ୍କ ସହ ଆଲୋଚନା କର ।

## ଉତ୍ପାଦନର କାରକଗୁଡ଼ିକ କିପରି ପରସ୍ପର ସହ ସଂଯୁକ୍ତ ?

ଦ୍ରବ୍ୟ ଓ ସେବା ଉତ୍ପାଦନ ପାଇଁ ଭୂମି, ଶ୍ରମ, ପୁଞ୍ଜି, ଉଦ୍ୟୋଗ ଏବଂ ପ୍ରଯୁକ୍ତିବିଦ୍ୟା କାରକ ଗୁଡ଼ିକର ମିଳିତ ଆବଶ୍ୟକତା ରହିଛି । ଉତ୍ପାଦର ପ୍ରକାର ଉପରେ ବ୍ୟବହୃତ ପ୍ରତ୍ୟେକ କାରକର ଅନୁପାତ ନିର୍ଭର କରେ । ଉଦାହରଣ ସ୍ୱରୂପ, କୃଷି, ନିର୍ମାଣ ଏବଂ ହସ୍ତଶିଳ୍ପ କ୍ଷେତ୍ରରୁ ଉତ୍ପାଦନ ଶ୍ରମ ଉପରେ ଅଧିକ ନିର୍ଭରଶୀଳ । ତେଣୁ ସେଗୁଡ଼ିକୁ ଶ୍ରମ-ପ୍ରଧାନ (Labour intensive) ଉତ୍ପାଦନ କ୍ଷେତ୍ର କୁହାଯାଏ । ତେବେ ଅର୍ଦ୍ଧ ପରିବାହୀ ଚିପ୍ସ (Semi Conductor Chips) ବା ଉପଗ୍ରହ ଆଦିର ଉତ୍ପାଦନ ପାଇଁ ଅଧିକ ପୁଞ୍ଜି ଓ ସ୍ୱତନ୍ତ୍ର ଯନ୍ତ୍ରପାତି ଆବଶ୍ୟକ ହେଉଥିବାରୁ, ଏହାକୁ ପୁଞ୍ଜି-ପ୍ରଧାନ (Capital intensive) କ୍ଷେତ୍ର ବୋଲି କୁହାଯାଇଥାଏ ।

ଆଲୋଚ୍ୟ କାରକଗୁଡ଼ିକ ପରସ୍ପର ପରିପୂରକ ଏବଂ ପରସ୍ପର ସହ ସମ୍ପର୍କିତ । କିଛି କାରକର ଅନୁପସ୍ଥିତି ବା ଅନୁପଯୁକ୍ତ ବ୍ୟବହାର ଦ୍ୱାରା ଉତ୍ପାଦନ ବନ୍ଦ ବା ନିରୁତ୍ସାହଜନକ ହୋଇପାରେ । କିନ୍ତୁ କିଛି କ୍ଷେତ୍ରରେ ନୂତନ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଦ୍ୱାରା ଏହି କାରକଗୁଡ଼ିକର ଆନୁପାତିକ ଉପଯୋଗ ତଥା ଉତ୍ପାଦନ ଉପରେ ପ୍ରଭାବ ପଡ଼ିପାରେ । ଉଦାହରଣ ସ୍ୱରୂପ, କୃଷିରେ ଯନ୍ତ୍ର (Machine) ର ବ୍ୟବହାର ବୃଦ୍ଧି ଶ୍ରମ ଉପରେ ନିର୍ଭରଶୀଳତା ହ୍ରାସ କରିପାରେ । ସେହିଭଳି ତ୍ରିମାତ୍ରିକ (3–D) ଛପାପଦ୍ଧତି, ହସ୍ତତନ୍ତ କ୍ଷେତ୍ରରେ ବହୁଳ ଉତ୍ପାଦନ ସହ ବୟନ ଶିଳ୍ପ ଜଗତରେ ରଙ୍ଗଦେବା କଳାକୁ ପୁନର୍ଜୀବିତ କରିବାରେ ସାହାଯ୍ୟ କରୁଛି । ଉତ୍ପାଦନର ଏହି କାରକଗୁଡ଼ିକ ବିଭିନ୍ନ ଭୌଗୋଳିକ ସ୍ଥାନରେ ଉପଲବ୍ଧ । ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ବିଭିନ୍ନ ସ୍ଥାନରୁ ସେଗୁଡ଼ିକୁ ସଂଗ୍ରହ ଓ ସଂଯୁକ୍ତ କରି ଦ୍ରବ୍ୟ ଓ ସେବା ଉତ୍ପାଦନରେ ବ୍ୟବହାର କରିଥାନ୍ତି । ଏଣୁ ଭୌଗୋଳିକ ଆନ୍ତଃସଂଯୁକ୍ତତା ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ବିଭିନ୍ନ କାରକ ଉପଲବ୍ଧ କରାଇଥାଏ । ତଥାପି, ଉତ୍ପାଦନ କାର୍ଯ୍ୟକଳାପ କେତେକ ସମୟରେ ଗୁରୁତର ଯୋଗାଣ ଶୃଙ୍ଖଳ (SupplyChain) ସମସ୍ୟାର ସମ୍ମୁଖୀନ ହୋଇଥାଏ । ଯୋଗାଣ ଶୃଙ୍ଖଳ ସାମଗ୍ରୀର ଉତ୍ପାଦନ ଓ ବିକ୍ରୟ ସହ ଜଡ଼ିତ । ଏହା ବ୍ୟକ୍ତି, ସଂଗଠନ, ସମ୍ବଳ, କାର୍ଯ୍ୟକଳାପ ଓ ପ୍ରଯୁକ୍ତି ବିଦ୍ୟାର ଏକ ସାମୁହିକ ଜାଲକ ।



https://withteachers.in/

ସ୍ଥାନୀୟ ଉତ୍ସ ପରିବର୍ତ୍ତେ ଦୂର ସ୍ଥାନର ଉତ୍ସ ଉପରେ ନିର୍ଭର କରିବା ଯୋଗୁଁ ଯୋଗାଣ-ଶୃଙ୍ଖଳରେ ବାଧା ସୃଷ୍ଟି ହୁଏ ଓ ଉତ୍ପାଦନ ପ୍ରକ୍ରିୟା ବନ୍ଦ ହୋଇଯାଏ। ଏହିଭଳି ପରିସ୍ଥିତି କୋଭିଡ୍-୧୯ (COVID–19) ମହାମାରୀ ସମୟରେ ଦେଖା ଦେଇଥିଲା।

## ମନେରଖ

୨୦୨୫ ମସିହାରେ ଚୀନ୍ ପରେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ମୋବାଇଲ ଫୋନ୍ ନିର୍ମାତା ! ଆସ ଏହି ମୋବାଇଲ୍ ଫୋନ୍ ନିର୍ମାଣର ପ୍ରକ୍ରିୟାକୁ ଏକ ଧାରା ସାରଣୀ (ଫ୍ଲୋ-ଚର୍ଟ) ମାଧ୍ୟମରେ ବୁଝିବାକୁ ଚେଷ୍ଟା କରିବା।

**ବିଭିନ୍ନ ସ୍ତରରେ ମୋବାଇଲ ଫୋନ୍‌ର ସରଞ୍ଜନା ଓ ନିର୍ମାଣ ପ୍ରକ୍ରିୟା**




ଚିତ୍ର ୭.୨୩ ଧାରା ସାରଣୀ

ଉତ୍ପାଦନ ପ୍ରକ୍ରିୟାଗୁଡ଼ିକୁ ସଠିକ୍ ରୂପରେଖ ଦେବା (design), ତଦାରଖ କରିବା ଏବଂ ଉନ୍ନତ କରିବା ପାଇଁ ଉତ୍ପାଦନର ପ୍ରତ୍ୟେକ ପର୍ଯ୍ୟାୟରେ ମାନବ ପ୍ରୟାସ ଜଡ଼ିତ। ଉଦାହରଣ ସ୍ୱରୂପ, ପ୍ରକଳ୍ପ ପରିଚାଳକ (Project Manager) ମାନଙ୍କ ସହିତ ସଫ୍ଟୱେର୍, ବୈଦ୍ୟୁତିକ ଏବଂ ଯାନ୍ତ୍ରିକ ଇଞ୍ଜିନିୟରମାନେ ମିଳିତ ହୋଇ ଉତ୍ପାଦନ ପାଇଁ ସେମାନଙ୍କର ଦକ୍ଷତାକୁ ବ୍ୟବହାର କରିଥା'ନ୍ତି। ସମ୍ବଳଗୁଡ଼ିକୁ କିପରି ବ୍ୟବହାର କରାଯିବ ସେ ସମ୍ବନ୍ଧରେ ଉଦ୍ୟୋଗପତିମାନେ ମାର୍ଗଦର୍ଶନ କରାଇଥାନ୍ତି। ଏହାପରେ ଜମି, କାରଖାନା ସ୍ଥାନ, ଯନ୍ତ୍ରପାତି ଏବଂ ଦକ୍ଷ ଶ୍ରମିକ ଭଳି ସଂସାଧନ ଗୁଡ଼ିକୁ ଏକାଠି କରିବା ପାଇଁ ଆର୍ଥିକ ସମ୍ବଳର ଆବଶ୍ୟକ ହୁଏ। ସମ୍ମିଳିତ ଭାବେ, ଉପରୋକ୍ତ ସମସ୍ତ ସାଧନ ଉତ୍ପାଦନ ପ୍ରକ୍ରିୟା ପାଇଁ ଅତ୍ୟାବଶ୍ୟକ। ଆମେ ନିର୍ଭର କରୁଥିବା ଦ୍ରବ୍ୟ ଓ ସେବା ସୃଷ୍ଟି କରିବା ପାଇଁ ଏହା ଏକ ଗୋଲକ ଧନ୍ଦା (Puzzle Piece) ଭଳି କାର୍ଯ୍ୟ କରିଥାଏ।



https://withteachers.in/

## ଉତ୍ପାଦନର କାରକ ପ୍ରତି ଦାୟିତ୍ୱ

ଦ୍ରବ୍ୟ ଉତ୍ପାଦନ କଲାବେଳେ ଆମେ ଭୂମି, ଜଳ ଏବଂ ଖଣିଜ ପଦାର୍ଥ ଭଳି ପ୍ରାକୃତିକ ସମ୍ବଳଗୁଡ଼ିକୁ ବ୍ୟବହାର କରୁ। ଏହି ସମ୍ବଳଗୁଡ଼ିକ ସୀମିତ ଏବଂ ଆମେ ସତର୍କ ନରହିଲେ ଏଗୁଡ଼ିକ କ୍ଷତିଗ୍ରସ୍ତ ହୋଇପାରେ। ଉଦାହରଣ ସ୍ୱରୂପ, ତାମିଲନାଡୁରେ ଅନେକ ଲୋକ ଚମଡ଼ା କାରଖାନାରେ କାମ କରି ଅର୍ଥ ଉପାର୍ଜନ କରନ୍ତି ଓ ଏହା ସ୍ଥାନୀୟ ଅର୍ଥନୀତିର ବିକାଶରେ ସାହାଯ୍ୟ କରିଥାଏ। କିନ୍ତୁ ଏହି କାରଖାନାରୁ ବାହାରୁଥିବା ଆବର୍ଜନା ନଦୀ ଓ ମୃତ୍ତିକାକୁ ପ୍ରଦୂଷିତ କରନ୍ତି। ସେହିପରି, ଯଦି ପୁରୁଣା ସ୍ମାର୍ଟଫୋନ୍ (Smart Phone) ଗୁଡ଼ିକୁ ସଠିକ୍ ଭବରେ ପୁନଃଚକ୍ରଣ କରାନଯାଏ, ସେଥିରେ ଥିବା ସୀସା ଓ ପାରଦ ଭଳି କ୍ଷତିକାରକ ପଦାର୍ଥ ଭୂମି ଓ ଜଳରେ ମିଶିଯାଏ। ଏହି ପ୍ରଦୂଷଣ ମନୁଷ୍ୟ, ପଶୁପକ୍ଷୀ ଓ ଉଦ୍ଭିଦ ଜଗତ ପାଇଁ ଅତ୍ୟନ୍ତ ବିପଜ୍ଜନକ। ଏଥିପାଇଁ ଉତ୍ପାଦନକାରୀମାନଙ୍କ ପାଇଁ ପ୍ରାକୃତିକ ସମ୍ବଳର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ଆମେ ଭବିଷ୍ୟତ ପିଢ଼ିର ଆବଶ୍ୟକତା ପୂରଣକୁ ସୁଗମ କରିବା ସହିତ ଆଜିର ଆବଶ୍ୟକତାକୁ ମଧ୍ୟ ପୂରଣ କରିପାରିବା। ଉତ୍ପାଦନକାରୀମାନେ ଉତ୍ପାଦନ ପ୍ରକ୍ରିୟାରେ ବର୍ଜ୍ୟବସ୍ତୁ କମେଇବା, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ପରିବେଶ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ।

### ଏହା ବିଷୟରେ ଚିନ୍ତା କର

ମାନବିକ କାର୍ଯ୍ୟକଳାପ ଦ୍ୱାରା ସ୍ଥାନୀୟ ସମ୍ପ୍ରଦାୟ ଏବଂ ଜୈବ ବିବିଧତା କିପରି ପ୍ରଭାବିତ ହୁଏ ? ତୁମ ଚତୁଃପାର୍ଶ୍ୱସ୍ଥ କୌଣସି ସ୍ଥାନରେ ସମୟାନୁସାରେ ଜଳ ଓ ଭୂମି ଅବକ୍ଷୟ ହେଉଥିବାର ଜାଣିଛ କି ? ଶ୍ରେଣୀ ଗୃହରେ ଆଲୋଚନା କର।

ତେଣୁ ଉତ୍ପାଦନକାରୀମାନେ ଭବିଷ୍ୟତ ବ୍ୟବହାର ପାଇଁ ପ୍ରାକୃତିକ ସମ୍ବଳଗୁଡ଼ିକର ପୁନଃଭରଣ ନିମନ୍ତେ ଧାରଣୀୟ ଅଭ୍ୟାସ (Sustainable Practice) ନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ।



ଚିତ୍ର : ୭.୨୪: ଶିଳ୍ପ ବର୍ଜ୍ୟବସ୍ତୁକୁ ଜଳାଶୟରେ ଛାଡ଼ିବା ପୂର୍ବରୁ ପୁନଃଚକ୍ରଣ



ଚିତ୍ର : ୭.୨୫: ପୁନଃଚକ୍ରଣ ଉତ୍ପାଦଗୁଡ଼ିକର ସାଧନ ଭାବେ ବ୍ୟବହାର




https://withteachers.in/

ଭୂମି ଏବଂ ପ୍ରାକୃତିକ ସମ୍ବଳକୁ ଛାଡ଼ି, ବ୍ୟବସାୟ ସଂସ୍ଥାଗୁଡ଼ିକର ସେମାନଙ୍କ କାର୍ଯ୍ୟରତ କର୍ମଚାରୀଙ୍କ ପ୍ରତି ମଧ୍ୟ ଦାୟିତ୍ୱ ଅଛି। ଏ ବିଷୟରେ ନିମ୍ନରେ ସଂକ୍ଷେପରେ ଆଲୋଚନା କରାଯାଇଛି।

- **ନ୍ୟାୟୋଚିତ କ୍ଷତିପୂରଣ ଏବଂ କାର୍ଯ୍ୟ ପରିବେଶ :** ନିଯୁକ୍ତିଦାତାମାନଙ୍କୁ ନିଶ୍ଚିତ କରିବାକୁ ପଡ଼ିବ ଯେ ଶ୍ରମିକମାନଙ୍କୁ ସେମାନଙ୍କ ଶ୍ରମ ପାଇଁ ଯଥୋଚିତ ଦରମା ଦିଆଯାଇଛି ଓ ସେମାନେ ସୁରକ୍ଷିତ ପରିବେଶରେ କାମ କରୁଛନ୍ତି।
- **ଦକ୍ଷତା ବିକାଶ ଓ ତାଲିମ :** ପ୍ରତିଯୋଗିତାପୂର୍ଣ୍ଣ ଶ୍ରମ ବଜାରରେ ତିଷ୍ଠି ରହିବା ପାଇଁ ଶ୍ରମିକମାନଙ୍କୁ ଦକ୍ଷତା ବିକାଶ ସହିତ ଉଚିତ ତାଲିମ ସୁନିଶ୍ଚିତ କରିବା ଉଦ୍ୟୋଗ ସଂସ୍ଥାଗୁଡ଼ିକର ଦାୟିତ୍ୱ।
- **କର୍ମକ୍ଷେତ୍ର ଅଧିକାର ଏବଂ ସୁରକ୍ଷା :** ନ୍ୟାୟପୂର୍ଣ୍ଣ ତଥା ଭେଦଭାବ ଶୂନ୍ୟ ବ୍ୟବହାର, ସ୍ୱାସ୍ଥ୍ୟ ସେବା ପ୍ରଦାନ, ସବେତନ ଛୁଟି ପ୍ରଦାନ ସହ ଶ୍ରମିକଙ୍କ ଅଧିକାର ପାଇଁ ଆଇନ ଏବଂ ନିୟମ ପାଳନ କରାଯିବା ଉଚିତ।

ସଂଗଠିତ ସାମାଜିକ ଦାୟିତ୍ୱବୋଧ (Corporate Social Responsiblility) ମାଧ୍ୟମରେ ସମାଜ ଓ ଜୈବ ବିବିଧତାର କଲ୍ୟାଣ ନିମନ୍ତେ ବିଭିନ୍ନ ସାମାଜିକ ତଥା ପରିବେଶଗତ କାର୍ଯ୍ୟକ୍ରମ ପ୍ରତି ସମ୍ବେଦନଶୀଳ ହେବାପାଇଁ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକ ପ୍ରେରଣା ଦିଆଯାଉଛି। ଏଥିରେ ପ୍ରଦୂଷଣକାରୀ କାର୍ଯ୍ୟକଳାପ ହ୍ରାସ, ସ୍ଥାନୀୟ ବାସିନ୍ଦାଙ୍କ କଲ୍ୟାଣକୁ ଗୁରୁତ୍ୱ, କର୍ମଚାରୀଙ୍କ ପ୍ରତି ଉତ୍ତମ ବ୍ୟବହାର ଆଦି ଅନ୍ତର୍ଭୁକ୍ତ।



### ମନେରଖ

ଭାରତ ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ୨୦୧୪ ମସିହାରେ ସଂଗଠିତ ସାମାଜିକ ଦାୟିତ୍ୱ (CSR – Corporate Social Responsibility) ଆଇନ ପ୍ରଣୟନ କରିଥିଲା। ଏଥିରେ କମ୍ପାନୀଗୁଡ଼ିକ ତିନିବର୍ଷ ଧରି ସେମାନଙ୍କର ହାରାହାରି ଲାଭର ଶତକଡ଼ା ୨ ଭାଗ ଅର୍ଥ ବିଭିନ୍ନ ସାମାଜିକ କାର୍ଯ୍ୟକଳାପରେ ଖର୍ଚ୍ଚ କରିବାକୁ ବାଧ୍ୟ ବୋଲି ଉଲ୍ଲେଖ କରାଯାଇଛି।

## ଆମେ କ'ଣ ଶିଖିଲେ...



→ ଭୂମି, ଶ୍ରମ, ପୁଞ୍ଜି ଓ ଉଦ୍ୟୋଗ ହେଉଛି ଉତ୍ପାଦନର କାରକ। ଏଗୁଡ଼ିକ ଦ୍ରବ୍ୟ ଓ ସେବା ଉତ୍ପାଦନ ପାଇଁ ଭିନ୍ନ ଭିନ୍ନ ଅନୁପାତରେ ବ୍ୟବହୃତ ହୁଏ। ଏହି କାରକଗୁଡ଼ିକ ପରସ୍ପରର ପରିପୂରକ ଓ ସମ୍ପର୍କିତ।

→ ବ୍ୟକ୍ତିବିଶେଷଙ୍କ ଜ୍ଞାନ, ଦକ୍ଷତା, ଅଭିଜ୍ଞତାକୁ ମାନବ ପୁଞ୍ଜି କୁହାଯାଏ। ମାନବ ପୁଞ୍ଜି ଦ୍ୱାରା ବିଭିନ୍ନ କାର୍ଯ୍ୟ ସମ୍ପାଦନ ଏବଂ ଆର୍ଥିକ ମୂଲ୍ୟ ସୃଷ୍ଟି ହୋଇଥାଏ। ଏହା ଶିକ୍ଷା,



https://withteachers.in/

ତାଲିମ, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଓ ସାମାଜିକ ପରିସ୍ଥିତି ଦ୍ୱାରା ପ୍ରଭାବିତ ହୋଇଥାଏ, ଯଦ୍ୱାରା କର୍ମ କ୍ଷେତ୍ରରେ ଉତ୍ପାଦନଶୀଳତା ବୃଦ୍ଧି ପାଏ ।

→ ସମ୍ବଳଗୁଡ଼ିକ ଦ୍ରବ୍ୟ ଓ ସେବା ଉତ୍ପାଦନରେ ସାହାଯ୍ୟ କରେ ଏବଂ ସମାଜର ସେବାରେ ଲାଗେ । ତେଣୁ ଏହାର ଯଥୋଚିତ ବ୍ୟବହାରର ଆବଶ୍ୟକତା ରହିଛି ।

## ପ୍ରଶ୍ନ ଓ ଅଭ୍ୟାସ କାର୍ଯ୍ୟ

୧. ଉତ୍ପାଦନର କାରକଗୁଡ଼ିକ ପରସ୍ପରଠାରୁ କିପରି ଭିନ୍ନ ଅଟନ୍ତି ? ତୁମ ବହି ଅନ୍ତର୍ଗତ ପ୍ରଦତ୍ତ ପ୍ରଶ୍ନରେ ଉତ୍ପାଦନର କାରକଗୁଡ଼ିକୁ ବର୍ଗୀକରଣ କରିବାରେ ତୁମେ କେଉଁ ଅସୁବିଧାର ସମ୍ମୁଖୀନ ହୋଇଛ ?

୨. ମାନବ ପୁଞ୍ଜି ଭୌତିକ ପୁଞ୍ଜିଠାରୁ କିପରି ଭିନ୍ନ ?

୩. ପ୍ରଯୁକ୍ତିବିଦ୍ୟା ଦ୍ୱାରା ଲୋକଙ୍କର ଦକ୍ଷତା ଏବଂ ଜ୍ଞାନ ବିକାଶ କରିବାର ପଦ୍ଧତି କିପରି ପରିବର୍ତ୍ତିତ ହେଉଛି ବୋଲି ତୁମେ ଭାବୁଛ ?

୪. ଶିକ୍ଷା ତଥା ଅଭ୍ୟାସ ଦ୍ୱାରା ନିଜକୁ ଉନ୍ନତ କରିବା ହିଁ ଦକ୍ଷତା । ଦକ୍ଷତା ତୁମକୁ ଭଲ ଭାବରେ କାମ କରିବାରେ ସାହାଯ୍ୟ କରେ । କ୍ରୀଡ଼ା, ସୃଜନଶୀଳ ଲିଖନ, ଗାଣିତିକ ସମସ୍ୟାର ସମାଧାନ, ରୋଷେଇ କାମ, କିମ୍ବା ଲୋକଙ୍କ ସହିତ ସୁସମ୍ପର୍କ ରଖିବା ଆଦି ଏହାର ଉଦାହରଣ । ତୁମେ ଆଜି ଗୋଟିଏ ଦକ୍ଷତା ଶିଖିପାରିବ ବୋଲି ଭାବୁଛ କି ? ତାହା କ'ଣ ଓ କାହିଁକି ?

୫. ଔଦ୍ୟୋଗିକୀକୁ ଉତ୍ପାଦନର 'ଚାଳକ ଶକ୍ତି' ବୋଲି ତୁମେ ଭାବୁଛ କି ? କାହିଁକି ବା କାହିଁକି ନୁହେଁ ?

୬. ଉତ୍ପାଦନ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟା, ଶ୍ରମ ପରି ଅନ୍ୟ କାରକଗୁଡ଼ିକୁ ବଦଳାଇ ପାରିବ କି ? ଏହା ଭଲ ନା ଖରାପ ? ଏକ ଉଦାହରଣ ସାହାଯ୍ୟରେ ତୁମର ଉତ୍ତରକୁ ଯଥାର୍ଥ ବୋଲି ପ୍ରତିପାଦନ କର ।

୭. ମାନବ ପୁଞ୍ଜିକୁ ଶିକ୍ଷା ଓ ଦକ୍ଷତା ତାଲିମ କିପରି ପ୍ରଭାବିତ କରେ ? ସେମାନେ ପରସ୍ପରର ବିକଳ୍ପ ବା ପରିପୂରକ ହୋଇ ପାରିବେ କି ?

୮. ଧାତବ ପାଣି ବୋତଲ ଉତ୍ପାଦନ ଭଳି ଏକ ବ୍ୟବସାୟ ତୁମେ ଆରମ୍ଭ କରିବାକୁ ଚାହୁଁଛ' ବୋଲି ଭାବ । ସେଥିପାଇଁ କି ପ୍ରକାର ସାଧନ ଆବଶ୍ୟକ ? ସେଗୁଡ଼ିକୁ ତୁମେ କିପରି



https://withteachers.in/

ପାଇବ ? ମନେକର ଗୋଟିଏ ସାଧନ ତୁମେ ପାଇଲ ନାହିଁ, ତାହା ତୁମ ବ୍ୟବସାୟକୁ କିପରି ପ୍ରଭାବିତ କରିବ ?

୯. ବ୍ୟବସାୟ ପାଇଁ ପ୍ରେରଣା, ସୁଯୋଗ ଓ ଆହ୍ୱାନଗୁଡ଼ିକୁ ବୁଝିବା ପାଇଁ ଜଣେ ଉଦ୍ୟୋଗୀ କିମ୍ୱା ବ୍ୟବସାୟୀଙ୍କ ସାକ୍ଷାତକାର ନିଅ । ତୁମେ ଦୁଇ ଦୁଇଜଣ ହୋଇ ସୂଚନା ସଂଗ୍ରହ ନିମିତ୍ତ ପ୍ରଶ୍ନାବଳୀ ତିଆରି କର ଏବଂ ମିଳିଥିବା ସୂଚନାରୁ ଯାହା ଶିକ୍ଷା ଲାଭ କଲ ତାହାକୁ ଅନ୍ୟମାନଙ୍କ ସହ ଆଲୋଚନା କର ।

୧୦. ନିଜକୁ ଜଣେ ଅର୍ଥନୀତିଜ୍ଞ ବୋଲି ଚିନ୍ତା କର । ପରିସ୍ଥିତିରେ ପରିବର୍ତ୍ତନ ହେଲେ, 'ଆମ ରୋଷେଇଘର' ବ୍ୟବସାୟରେ କ'ଣ ଘଟିପାରେ ବୋଲି ଭାବୁଛ, ଅନୁସନ୍ଧାନ କର । ଯଦି ତୁମେ ଶ୍ୟାମା ହୋଇଥାନ୍ତ, ନିମ୍ନଲିଖିତ ପରିସ୍ଥିତିରେ କ'ଣ କରିଥାନ୍ତ ? ନିଜ ସହପାଠୀଙ୍କ ସହ ଆଲୋଚନା କର ।

(କ) ମନେକର ତୁମ ଭୋଜନାଳୟ ଘରର ଭଡ଼ା ହଠାତ୍ ଦ୍ୱିଗୁଣିତ ହୋଇଗଲା—

- ତୁମେ ଏହି ଖର୍ଚ୍ଚ ପୂରଣ କରିବା ପାଇଁ ପରିବେଷିତ ଖାଦ୍ୟର ମୂଲ୍ୟ ବୃଦ୍ଧି କରିବ କି ?
- ତୁମେ ଆଉ ଗୋଟିଏ ଶସ୍ତା ସ୍ଥାନ ଖୋଜିବ କି ?
- ଏହା ତୁମ ବ୍ୟବସାୟକୁ କିପରି ପ୍ରଭାବ ପକାଇବ ?

(ଖ) କଳ୍ପନା କରଯେ ତୁମର ଜଣେ ସହାୟକ ହଠାତ୍ ଚାକିରି ଛାଡ଼ିଦେଲା ।

- ଅବଶିଷ୍ଟ କର୍ମଚାରୀମାନେ କ'ଣ ସେହି କାମକୁ ସମାନ ଭାବରେ ପରିଚାଳନା କରିପାରିବେ ?
- ତୁମେ କ'ଣ ଅଧିକ ଦରମା ଦେଇ ନୂଆ କର୍ମଚାରୀଙ୍କୁ ନିଯୁକ୍ତି ଦେବ ?

(ଗ) ତୁମ ଭୋଜନାଳୟରେ ନୂତନ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ପାଇଁତୁମେ ଏକ କ୍ଷୁଦ୍ର ଋଣ ନେଲ ।

- ଏହାଦ୍ୱାରା ଉତ୍ପାଦନ ବୃଦ୍ଧି ସହିତ ଗୁଣବତ୍ତାରେ ଉନ୍ନତି ହେବ କି ?
- ଏହା ତୁମକୁ ଅଧିକ ଗ୍ରାହକଙ୍କ ପାଖରେ ପହଞ୍ଚେଇବାରେ ସାହାଯ୍ୟକାରୀ ହେବ କି ?

(ଘ) ମନେକର ତୁମ ପଡ଼ୋଶୀରେ ଅନ୍ୟ ଏକ ଭୋଜନାଳୟ ଖୋଲିଲା—

- ତୁମେ କିପରି ଗ୍ରାହକମାନଙ୍କୁ ଆକର୍ଷିତ କରିବ ଏବଂ ତୁମର ପୁରୁଣା ଗ୍ରାହକମାନଙ୍କୁ ନିଜ ପାଖରେ ରଖିପାରିବ ?
- ତୁମେ କ'ଣ ଉନ୍ନତ ସେବା ଦେଇ ମୂଲ୍ୟ ହ୍ରାସ କରିପାରିବ ବା ନୂତନ କିଛି ପ୍ରଦାନ କରିପାରିବ ?

(ଙ) ବ୍ୟବସାୟକୁ ସହଜ ଓ ସୁଗମ କରିବା ସହିତ ଏହାର ଉନ୍ନତି ପାଇଁ କେଉଁ ସରକାରୀ ଆଇନ କିମ୍ୱା ନିୟମ ପରିବର୍ତ୍ତନ କରାଯିବା ଉଚିତ ବୋଲି ତୁମେ ଭାବୁଛ ?




https://withteachers.in/




*https://pminewyork.gov.in/pdf/menu/Political_Map_of_India.pdf*

ରାଜନୈତିକ ମାନଚିତ୍ର

https://withteachers.in/




*Physical Map of India*

ପ୍ରାକୃତିକ ମାନଚିତ୍ର

https://withteachers.in/

# ଆମ ଲେଖା ଆମ ଚିତ୍ର





https://withteachers.in/